# ଧରିତ୍ରୀ DHARITRI

ବାଲେଶ୍ୱର, ଶୁକ୍ରବାର, ଅଗଷ୍ଟ ୯/୨୦୧୯ (୨୦ ପୃଷ୍ଠା) | Balasore, Friday, August 9/2019 | ★★★★

୪୫ଶ ଭାଗ ୨୫୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**ପୁମା ସହ ଚୁକ୍ତି କଲେ ଦୂତୀ**

ଓଡ଼ିଶା ମହିଳା ସ୍ପ୍ରିଣ୍ଟର ଦୂତୀ ଚାନ୍ଦ ଜଣାଶୁଣା ସ୍ପୋର୍ଟ୍ସ କମ୍ପାନୀ ପୁମା ସହ ଚୁକ୍ତି ସ୍ୱାକ୍ଷର କରିଛନ୍ତି।

୧୯

୧୨

**'ସୁମର ସିଂ ଡାଏରିଜ୍'ରେ କରିସ୍ମା**

ଅଭିନେତ୍ରୀ କରିସ୍ମା ଶର୍ମା ଡ୍ରାମା ସିରିଜ୍ 'ସୁମର ସିଂ ଡାଏରିଜ୍'ରେ ଅଭିନୟ କରିବାକୁ ଯାଉଛନ୍ତି।



# ଟାଟା: ଖଣି ହାତେଇବାକୁ ବ୍ୟାକୁଳ

ଲାଲା ସୁନୀଲ କୁମାର ରଥ/କୁମାରଶ୍ରୀ ସାହୁ
କଟକ ଅଫିସ,୮।୮

- ଅହେତୁକ ଅନୁକମ୍ପା ପ୍ରଦର୍ଶନ
- ରାଜ୍ୟ ସୁପାରିସ ପରେ କେନ୍ଦ୍ର କରୁଛି ବିଚାର
- ହାଇକୋର୍ଟରେ ଜନସ୍ୱାର୍ଥ ମାମଲା

ଟାଟା ସାମ୍ରାଜ୍ୟର ଜନ୍ମ ଓଡ଼ିଶାର ପ୍ରାକୃତିକ ସମ୍ପଦରୁ ହୋଇଛି। ଆମ ମଧ୍ୟରେ କ୍ୱଚିତ୍ ଥିବେ ଯେଉଁମାନେ ଟାଟା ଶିଳ୍ପ ଇତିହାସ ଜାଣିଥିବେ। ସେହି ସାମ୍ରାଜ୍ୟର ପ୍ରଥମ ବୃହତ୍ ଶିଳ୍ପ ଥିଲା ଜାମ୍‌ସେଦପୁରସ୍ଥିତ ଟାଟା ଇସ୍ପାତ କାରଖାନା। ଜାଣିବାର କଥା ଯେ, ଏହି ଇସ୍ପାତ କାରଖାନାକୁ କଞ୍ଚାମାଲ୍ ଅର୍ଥାତ୍ ଲୁହାପଥର ଓଡ଼ିଶାରୁ ଯାଉଥିଲା। ଏବେ ମଧ୍ୟ ଯାଉଛି। କାରଖାନା ଓଡ଼ିଶାର ସୀମାନ୍ତ ପଡ଼ୋଶୀ ରାଜ୍ୟରେ ସ୍ଥାପନ କରାଯାଇଥିଲା। ଆଜି ପର୍ଯ୍ୟନ୍ତ ଟାଟା ଇସ୍ପାତର ଅଧାରୁ ଅଧିକ କଞ୍ଚାମାଲ୍ ଓଡ଼ିଶାରେ ଥିବା ତାହାର କ୍ୟାପ୍ଟିଭ ଖଣିରୁ ଯାଉଛି। ଖବର ମିଳିଛି ଯେ, ଓଡ଼ିଶାର ଯେତିକି ପ୍ରାକୃତିକ ସମ୍ପଦ ସେହି କମ୍ପାନୀ ଦଖଲ କରି ବସିଥିଲା, ଏବେ ଏହାର ଲୋଭ ପ୍ରବଳ ମାତ୍ରାରେ ବୃଦ୍ଧି ପାଇଛି। ମାଇନ୍‌ସ ଆଣ୍ଡ ମିନେରାଲ୍ ଡେଭଲପ୍‌ମେଣ୍ଟ ଆଣ୍ଡ ରେଗୁଲେଶନ (ଏମ୍‌ଏମ୍‌ଡିଆର) ଆଇନ ଅନୁଯାୟୀ ସବୁ ଖଣି ମାଲିକଙ୍କୁ ୧୦ବର୍ଗ କି.ମି. ମଧ୍ୟରେ କାର୍ଯ୍ୟ କରିବାକୁ ସରକାରୀ ଅନୁମତି ମିଳିଥାଏ। ହେଲେ ସେତିକିରେ ସନ୍ତୁଷ୍ଟ ହେବା ପରିବର୍ତ୍ତେ ଟାଟା ଇସ୍ପାତ ସମୟର ସୁବିଧା ଉଠାଇ ଓଡ଼ିଶାର ୪୯.୬୧ବର୍ଗ କି.ମି ଖଣି ଅଞ୍ଚଳକୁ ହାତେଇଛି। ଏହାପରେ ବି ସନ୍ତୁଷ୍ଟ ହୋଇପାରିନି କମ୍ପାନୀ। ଓଡ଼ିଶାର ଖଣିଜ ସମ୍ପଦକୁ ବ୍ୟବହାର କରି A ନେବାରେ ଅଧିକ ଇଚ୍ଛା ପ୍ରକାଶ କରି ୨୦୧୭ ଅକ୍ଟୋବର ୧୩ତାରିଖରେ ପତ୍ର ସଂଖ୍ୟା. ୦୪୯୧ରେ ଟାଟା ଷ୍ଟିଲ ଲିମିଟେଡ ରାଜ୍ୟ



TATA

Chief Secretary,
Government of Odisha,
Bhubaneswar

17th October, 2017

Dear Sir

1. Background

Table 1

| Section | MMDR Act 1957 | MMDR Amendment Act, 2015 |
| --- | --- | --- |
| 6(1)(b) | (1) No person shall acquire in respect of any mineral or prescribed group of associated minerals [in a State] – | (1) No person shall acquire in respect of any mineral or prescribed group of associated minerals [in a State] – |

TATA STEEL LIMITED

True Copy

ଟାଟା କମ୍ପାନୀ ରାଜ୍ୟ ସରକାରଙ୍କ ନିକଟରେ କରିଥିବା ଆବେଦନ ପତ୍ରର ନକଲ।

ସରକାରଙ୍କୁ ଖଣି ଅଞ୍ଚଳର ପରିସୀମାକୁ ୧୨୫ବର୍ଗ କି.ମି.କୁ ବୃଦ୍ଧି କରିବାକୁ ଆବେଦନ କରିଥିଲା। ଆଉ ଟାଟାର ଏଭଳି ଆବେଦନରେ ରାଜ୍ୟ ସରକାର ମଧ୍ୟ ତତ୍ପରତା ପ୍ରକାଶ ପୂର୍ବକ ପଦକ୍ଷେପ ନେଇଥିଲେ। ଖଣି ବିଭାଗ ୨୦୧୭ ନଭେମ୍ବର ୨୦ରେ ପତ୍ର ସଂଖ୍ୟା ୯୫୩୧ରେ ଖଣି ନିର୍ଦ୍ଦେଶକଙ୍କ ଅଧ୍ୟକ୍ଷତାରେ ଏକ ୭ଜଣିଆ ଟିମ୍ ଗଠନ କରିଥିଲା। ଏହି ଟିମ୍ ଗଠନ ଟାଟା ଆବେଦନର ମାତ୍ର ୫ସପ୍ତାହ ମଧ୍ୟରେ କରାଯାଇଥିଲା। ଟାଟା ଷ୍ଟିଲ୍‌ର ଖଣି ଅଞ୍ଚଳ ସମ୍ପ୍ରସାରଣ ଅନୁମତି ସମ୍ପର୍କିତ ଆବେଦନକୁ ବିଚାର କରି ୨୦୧୮ମାର୍ଚ୍ଚ ୧୩ତାରିଖରେ ରାଜ୍ୟ ସରକାରଙ୍କ ପକ୍ଷରୁ କେନ୍ଦ୍ର ସରକାରଙ୍କ ନିକଟକୁ ଏକ ସୁପାରିସ ପତ୍ର ପଠାଯାଇଥିଲା, ଯେଉଁଥିରେ ଖଣି କମ୍ପାନୀଗୁଡ଼ିକୁ ୧୦ବର୍ଗ କି.ମି. ପରିବର୍ତ୍ତେ ୭୫ବର୍ଗ କି.ମି. ଜମି ପ୍ରଦାନ କରିବାକୁ ସୁପାରିସ ହୋଇଥିଲା। ରାଜ୍ୟ ସରକାରଙ୍କ ଦ୍ୱାରା ପଠାଯାଇଥିବା ଏହି ସୁପାରିସ ପତ୍ରରୁ ଜଣାପଡୁଛି ଯେ, କମ୍ପାନୀ ଓ ରାଜ୍ୟ ସରକାରଙ୍କ ମଧ୍ୟରେ ଉତ୍ତମ ବୁଝାମଣା ହୋଇପାରିଛି। ଏବେ ଟାଟାର ଆବେଦନ ସହିତ ରାଜ୍ୟର ସୁପାରିସ କେନ୍ଦ୍ର କୋଳରେ ପଡ଼ିଛି। ଦିଲ୍ଲୀରେ ଯଦି ଭୁବନେଶ୍ୱର ଭଳି ଉଚ୍ଚକୋଟିର ବୁଝାମଣା ହୋଇଯିବ ତେବେ ଓଡ଼ିଶା ରାଜ୍ୟର ଖଣିଜ ସମ୍ପଦ ଟାଟା କମ୍ପାନୀ ମାଡ଼ି ବସିବା ସହଜ ହୋଇଯିବ। ଅପରପକ୍ଷରେ ଟାଟା କମ୍ପାନୀ ପ୍ରତି ରାଜ୍ୟ ସରକାରଙ୍କ ଏଭଳି ଅନୁକମ୍ପାମୂଳକ ସୁପାରିସକୁ ଯୁକ୍ତିହୀନ ଏବଂ ଅବିଧେୟ ବୋଲି ଦର୍ଶାଇ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା (ରିଟ୍ ପିଟିଶନ (ପିଆଇଏଲ୍)୨୫୦୨/୨୦୧୯) ରୁଜୁ ☞ପୃଷ୍ଠା-୪

ଜାତି ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀଙ୍କ ବାର୍ତ୍ତା: ଉପତ୍ୟକା ଓ ଲଦାଖର ବିକାଶରେ ସହାୟକ ହୁଅନ୍ତୁ

# କଶ୍ମୀରରେ ଖୁବ୍‌ଶୀଘ୍ର ବିଧାନସଭା ନିର୍ବାଚନ

ନୂଆଦିଲ୍ଲୀ,୮।୮(ପି.ଟି./ଆଇଏଏନ୍‌ଏସ୍)

**୪୦ ମିନିଟ ଭାଷଣର ମୁଖ୍ୟାଂଶ**

- ମୁଖାର୍ଜୀ, ବାଜପେୟୀ ଓ ପଟେଲଙ୍କ ସ୍ୱପ୍ନ ସାକାର ହୋଇଛି
- ଅନୁଚ୍ଛେଦ ୩୭୦କୁ ଅସ୍ତ୍ର ଭାବେ ବ୍ୟବହାର କରୁଥିଲା ପାକିସ୍ତାନ
- ଇସ୍‌ଲାମାବାଦର ଷଡ଼ଯନ୍ତ୍ରକୁ ଜବାବ ଦେଇଛନ୍ତି ଉପତ୍ୟକାବାସୀ
- କିଛି କାଳ ପାଇଁ କେନ୍ଦ୍ର ଅଧୀନରେ ରହିବ ଜମ୍ମୁ-କଶ୍ମୀର
- ପର୍ଯ୍ୟଟନ ଓ ଭିତ୍ତିଭୂମି ବିକାଶ ଉପରେ ଗୁରୁତ୍ୱ ଦିଆଯିବ



ଜମ୍ମୁ-କଶ୍ମୀରରେ ଖୁବ୍‌ଶୀଘ୍ର ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ। ଉପତ୍ୟକାବାସୀ ସେମାନଙ୍କ ମତାଧିକାର ସାବ୍ୟସ୍ତ କରି ନିଜ ନିଜ ପ୍ରତିନିଧି ବାଛିବାର ସୁଯୋଗ ପାଇବେ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ସ୍ପଷ୍ଟ କରିବା ସହ ଏହାକୁ ନେଇ ରହିଥିବା ଅନିଶ୍ଚିତତା ଦୂର କରିଛନ୍ତି। ସମ୍ବିଧାନ ଅନୁଚ୍ଛେଦ ୩୭୦କୁ ଉଚ୍ଛେଦ କରି ଜମ୍ମୁ-କଶ୍ମୀର ଓ ଲଦାଖକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ପରିଣତ କରାଯିବା ପରେ ପ୍ରଧାନମନ୍ତ୍ରୀ ପ୍ରଥମଥର ପାଇଁ ୪୦ ମିନିଟ ଧରି ଏକ ଟେଲିଭିଜନ କାର୍ଯ୍ୟକ୍ରମରେ ଜାତି ଉଦ୍ଦେଶ୍ୟରେ ସମ୍ବୋଧିତ କରିଛନ୍ତି। ପ୍ରଧାନମନ୍ତ୍ରୀ ମୋଦି ଗୁରୁବାର ରାତି ୮ଟାରେ ଦେଶବାସୀଙ୍କୁ ଉଦ୍‌ବୋଧନ ଦେଇ ଅନୁଚ୍ଛେଦ ୩୭୦ ଉଚ୍ଛେଦକୁ ଏକ ଐତିହାସିକ ପଦକ୍ଷେପ ଭାବେ ଅଭିହିତ କରିଛନ୍ତି। ସେ କହିଛନ୍ତି, ଏହାଦ୍ୱାରା ଶ୍ୟାମା ପ୍ରସାଦ ମୁଖାର୍ଜୀ, ଅଟଳବିହାରୀ ବାଜପେୟୀ ଓ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ସମେତ କୋଟି କୋଟି ଭାରତୀୟଙ୍କ ସ୍ୱପ୍ନ ପୂରଣ ହୋଇଛି। ଅନୁଚ୍ଛେଦ ୩୭୦ ହଟିବା ପରେ କଶ୍ମୀରବାସୀଙ୍କ କ'ଣ ଲାଭ ହେବ ତାହା କେହି କହିପାରୁ ନ ଥିଲେ। ଅନୁଚ୍ଛେଦ ୩୭୦ ଏବଂ ୩୫ଏ ଯୋଗୁ ଆତଙ୍କବାଦ, ପରିବାରବାଦ ଓ ଭ୍ରଷ୍ଟାଚାର ବୃଦ୍ଧି ପାଉଥିଲା। ପାକିସ୍ତାନ ଦ୍ୱାରା ଏହା କେବଳ ଏକ ଅସ୍ତ୍ର ଭାବେ ବ୍ୟବହୃତ ହେଉଥିଲା। ୩ ଦଶକରେ ୪୨,୦୦୦ ନିର୍ଦ୍ଦୋଷ ଅକଥନୀୟ ଯନ୍ତ୍ରଣା ଭୋଗି ପ୍ରାଣ ହରାଇଛନ୍ତି। ଜମ୍ମୁ-କଶ୍ମୀରର ବିକାଶ ହୋଇପାରିଲା ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ସୁଧ କମାଅ**


NATIONAL EGG CO-ORDINATION COMMITTEE | 08.08.2019 | Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
| --- | --- | --- | --- |
| BBSR | 57 | 102 | 112 |
| CTC | 57 | 102 | 112 |
| DKL | 55 | 100 | 110 |
| BDK | 57 | 102 | 112 |
| BLS | 58 | 103 | 113 |
| ANG | 56 | 101 | 111 |
| BHM | 54 | 98 | 108 |

*Conditions Apply

Eggs Retail Price- 43/-Dozen
Issued in the Interest of Consumers



INEET Concept, Creativity, Care, Confidence & Technology : The Undisputed Leader for NEET (UG) in Odisha

* Highest Success Rate * Best Care * Effective Examination System * Scientific Coaching * Scholarship for Poor Students

# INEET

Concept, Creativity, Care, Confidence & Technology

Presents

# SCHOLARSHIP TEST

## 1 YEAR REGULAR COURSE FOR NEET-UG : 2020

**Eligibility : Student Scores Above 480 Marks in NEET-UG : 2019**

**SCHEDULE FOR SUBMISSION OF SCHOLARSHIP FORM, FEE DETAILS AND IMPORTANT DATES:**

| EVENTS | | DATES |
|---|---|---|
| Submission of Scholarship Test Form | | 07.08.2019 to 21.08.2019 |
| Examination Fee | Unreserved | Rs. 500/- |
| | For BPL Category | Rs. 300/- |
| Collection of Admit Card from Office | | 23.08.2019 & 24.08.2019 |
| Date of Examination | | 26.08.2019 |
| Timing of Examination | | 02:00 p.m. to 5:00 p.m. |
| Examination Centre | | Bhubaneswar |
| Declaration of Result on Office Notice Board or by Message | | 30.08.2019 |
| Admission Starts | | 03.09.2019 |
| Orientation Programme | | 04.09.2019 |
| Class Communicate from | | 05.09.2019 |

***Scholarship to Successful Students will Avail :**

| | | |
|---|---|---|
| Transport Fee | : | NIL (100% Scholarship) |
| Study Material Fee | : | NIL (100% Scholarship) |
| Examination Fee | : | NIL (100% Scholarship) |
| Admission Fee | : | Rs. 5000/- |
| Tution Fee | : | NIL (100% Scholarship) |

# REGISTRATION STARTS

## From 07 August To 21 August 2019

* T & C Apply

INEET Concept, Creativity, Care, Confidence & Technology

Exclusive Institute for NEET & AIIMS

E-mail: info@ineet.org.in | Website : www.ineet.org.in

**Corporate Office :**
Cave Road, Above SBI
Khandagiri, Bhubaneswar - 30
Odisha
Tel : 0674-2384899/9337108835

**Branch Office :**
Gate No -2, Near Kalinga Stadium
Jayadev Vihar, BBSR - 13
Odisha
Tel : 0674-2420811/9337108833

**Founder P1 Sir**

## ସଂକ୍ଷେପରେ

### ବର୍ଷକୁ ୪ ଥର ବସିବ ଅଭିଭାବକ-ଶିକ୍ଷକ ବୈଠକ

#### ବ୍ୟତିକ୍ରମ ହେଲେ କାର୍ଯ୍ୟାନୁଷ୍ଠାନ

**ଭୁବନେଶ୍ୱର,୮।୮(ବ୍ୟୁରୋ):** ପିଲାମାନଙ୍କ ପାଠପଢ଼ା ଠିକ୍ ଚାଲିଛି ନା ନାହିଁ ସେଦିଗରେ ଗୁରୁତ୍ୱ ଦେବା ପାଇଁ ରାଜ୍ୟ ସରକାର ଚିନ୍ତା କରିଛନ୍ତି। ବିଶେଷତଃ ଅଭିଭାବକ ଏବଂ ଶିକ୍ଷକ ବୈଠକ ଉପରେ ସରକାର ଅଧିକ ଗୁରୁତ୍ୱ ଦେଇଛନ୍ତି। ସ୍କୁଲରେ ପିଲାଙ୍କୁ କ'ଣ ଅସୁବିଧା ହେଉଛି, ଅଭିଭାବକମାନେ କିଛି ଭଲ ପରାମର୍ଶ ଦେବାକୁ ଚହୁଁଥିଲେ ଏହି ବୈଠକରେ ଆଲୋଚନା କରାଯିବ। ପୂର୍ବରୁ ବର୍ଷକୁ ଦୁଇଥର ଏହି ବୈଠକ ବସିବାକୁ ସରକାରୀ ନିୟମ ରହିଥିଲା। ହେଲେ ଅଧିକାଂଶ ସ୍କୁଲରେ ଏହି ବୈଠକ କରାଯାଉ ନ ଥିବା ଜଣାପଡ଼ିଛି। ଏନେଇ ବହୁ ଅଭିଭାବକ ଅଭିଯୋଗ କରିଛନ୍ତି। କିନ୍ତୁ ଏ ଦିଗରେ ସରକାର ଅଧିକ ଗୁରୁତ୍ୱ ଦେଇ ବର୍ଷକୁ ୪ଥର ଅଭିଭାବକ ଏବଂ ଶିକ୍ଷକମାନଙ୍କ ବୈଠକ କରିବାକୁ ନିୟମ କରାଯାଇଛି। ଏଥିସହିତ ବର୍ଷକୁ କେଉଁ ତାରିଖରେ ଏହି ବୈଠକ ହେବ ସେନେଇ ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ପ୍ରଥମ ବୈଠକ ଏପ୍ରିଲ ମାସର ଦ୍ୱିତୀୟ ସପ୍ତାହରେ, ଦ୍ୱିତୀୟ ବୈଠକ ଜୁଲାଇ ପ୍ରଥମ ସପ୍ତାହ, ତୃତୀୟ ବୈଠକ ନଭେମ୍ବର ପ୍ରଥମ ସପ୍ତାହ ଏବଂ ୪ର୍ଥ ବୈଠକ ଜାନୁୟାରୀ ଶେଷ ସପ୍ତାହରେ ହେବ ବୋଲି ଜଣାପଡ଼ିଛି। ଯଦି ଏହି ସମୟ ବ୍ୟବଧାନରେ ଅଭିଭାବକ ଏବଂ ଶିକ୍ଷକ ବୈଠକ ନ ବସେ ତେବେ ଅଭିଭାବକ ସଭାପତି ଏବଂ ଯେଉଁ ଶିକ୍ଷକଙ୍କ ଦାୟିତ୍ୱ ରହିଛି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି।

### ସାପ କାମୁଡ଼ାରେ ପୁଅ ମୃତ, ବାପା ଗୁରୁତର

**ଅନୁଗୋଳ ଅଫିସ, ୮।୮:** ଅନୁଗୋଳ ଜିଲା ତଳଗଡ଼ ପଞ୍ଚାୟତ କନ୍ତମେଘ ଗ୍ରାମରେ ସାପ କାମୁଡ଼ାରେ ପୁଅ ଟୁକୁନା ଗଡନାୟକ(୧୨)ଙ୍କ ମୃତ୍ୟୁ ହୋଇଥିବାବେଳେ ବାପା ସୁକାନ୍ତ ଗଡ଼ନାୟକ ଗୁରୁତର ହୋଇଛନ୍ତି। ତାଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ବୁଧବାର ରାତି ପ୍ରାୟ ୨ଟାରେ ଉଭୟେ ଶୋଇଥିବା ବେଳେ ଏକ ଚିତି ସାପ କାମୁଡ଼ି ଦେଇଥିଲା। ପରିବାର ଲୋକେ ଦୁଇଜଣଙ୍କୁ ମେଡିକାଲ ନେବା ପରିବର୍ତ୍ତେ ଗୁଣିଆ ପାଖରେ ଝଡ଼ାଫୁଙ୍କା କରିଥିଲେ। ଅବସ୍ଥା ଗୁରୁତର ହେବାରୁ ପରେ ବାପ ଓ ପୁଅଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ସେଠାରେ ପୁଅ ଟୁକୁନାକୁ ଡାକ୍ତର ମୃତ ଘୋଷଣା କରିଥିଲେ। ବାପା ସୁକାନ୍ତଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ରେଫର କରାଯାଇଥିବା ସୂଚନା ମିଳିଛି।




#### ସୁଧୁରୁଛି ବନ୍ୟା ପରିସ୍ଥିତି

## ଆଜି କେତେକ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା

**ଭୁବନେଶ୍ୱର,୮।୮(ବ୍ୟୁରୋ)**

ଧୀରେ ଧୀରେ ରାଜ୍ୟରେ ସୁଧୁରୁଛି ବନ୍ୟା ପରିସ୍ଥିତି। ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ଲଘୁଚାପ ଦୁର୍ବଳ ହୋଇ ଛତିଶଗଡ଼ ଆଡ଼କୁ ମୁହାଁଇଛି। ଏହାର ପ୍ରଭାବରେ ଗୁରୁବାର ଆଭ୍ୟନ୍ତରୀଣ ଓଡ଼ିଶାର ୬ଟି ଜିଲ୍ଲାରେ ପ୍ରବଳ ବର୍ଷା ହୋଇଛି। ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ବର୍ଷା ହୋଇଥିଲେ ମଧ୍ୟ ବନ୍ୟା ସ୍ଥିତିରେ ସାମାନ୍ୟ ସୁଧାର ଆସିଛି। ତେବେ ମାଲକାନଗିରି, ଗଜପତି, ରାୟଗଡା, କୋରାପୁଟ, କନ୍ଧମାଳ, କଳାହାଣ୍ଡି ଓ ନବରଙ୍ଗପୁର ଜିଲାରେ ବନ୍ୟା ପାଇଁ ବ୍ୟାପକ କ୍ଷୟକ୍ଷତି ହୋଇଥିବା ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଛି। ବହୁ ଅଞ୍ଚଳ ଏବେ ବି ପାଣି ଘେରରେ ରହିଥିବା ବେଳେ ବିଭିନ୍ନ ସ୍ଥାନରେ ରାସ୍ତା ଓ ପୋଲ ଭାସିଯିବା ଯୋଗୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି।

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁଦାମ ମାର୍ଣ୍ଡି ଗୁରୁବାର ବନ୍ୟା ପରିସ୍ଥିତି ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ଦକ୍ଷିଣ ଓଡ଼ିଶାରେ ବନ୍ୟା ହେବାନେଇ ଯେଉଁ ଆଶଙ୍କା ରହିଥିଲା ତାହା ଟଳିଯାଇଛି। ବର୍ଷାର ପରିମାଣ କମିବା ସହ ଯେଉଁ ଅଞ୍ଚଳ ପାଣିଘେରରେ ରହିଥିଲା ସେଠାରେ ପାଣିର ସ୍ତର ହ୍ରାସ ପାଇଛି। ମାଲାକାନାଗିରି ଓ ରାୟଗଡ଼ା ଭଳି ଜିଲାରେ ଲଗାଣ ବର୍ଷା ଯୋଗୁ ବନ୍ୟା ସ୍ଥିତି ସୁଧୁରୁଛି ବୋଲି ମାର୍ଣ୍ଡି କହିଛନ୍ତି। ରାଜ୍ୟ ସରକାର ବନ୍ୟା ଅଞ୍ଚଳରେ ପୂରା ନଜର ରଖିଛନ୍ତି। ଏହି ଅଞ୍ଚଳକୁ ସମସ୍ତ ସୁବିଧା ଯୋଗାଇ ଦିଆଯାଉଛି। କୋରାପୁଟର ୨ଟି ପଞ୍ଚାୟତ ବାହ୍ୟ ଜଗତରୁ ବିଚ୍ଛିନ୍ନ ରହିଥିଲା, କିନ୍ତୁ ଏବେ ସ୍ଥିତି ସୁଧୁରିଛି ବୋଲି ସେ ସୂଚନା ଦେଇଛନ୍ତି। ରାୟଗଡାରେ ୩୧୨୮ ଜଣଙ୍କୁ ପ୍ରଶାସନ ସ୍ଥାନାନ୍ତର କରିଥିବା ବେଳେ ମାଲକାନଗିରିର ୬ଟି ବ୍ଲକର ୨୦୭୨ ଜଣ, କଳାହାଣ୍ଡିରେ ୧୬୪ ଜଣଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ବନ୍ୟା ଅଞ୍ଚଳକୁ ଓଡ୍ରାଫ, ଅଗ୍ନିଶମ ବାହିନୀ, ଡାକ୍ତରୀ ଦଳ ଆଦି ପଠାଯାଇଛି। ବନ୍ୟାରେ ଭାସି ଯାଇ ଡୁମୁଡିବନ୍ଧ ଓ କୋଟଗଡ ବ୍ଲକର ୨ ଜଣ ଲୋକ ନିଖୋଜ ଅଛନ୍ତି। ବନ୍ୟା ପ୍ରଭାବିତ ଅଞ୍ଚଳରେ ବିପନ୍ନ ଲୋକଙ୍କ ନିକଟରେ ରିଲିଫ୍ ଓ ଅନ୍ୟାନ୍ୟ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ପହଞ୍ଚାଇବା ପାଇଁ ସ୍ୱତନ୍ତ୍ର ରିଲିଫ୍ କମିଶନର ବିଷ୍ଣୁପଦ ସେଠୀ କ୍ଷତିଗ୍ରସ୍ତ ଜିଲାର ଜିଲା ପ୍ରଶାସନ ସହ ନିୟମିତ ଯୋଗାଯୋଗରେ ଅଛନ୍ତି। ବନ୍ୟା ଛାଡ଼ିବା ପରେ ପରେ ତୁରନ୍ତ କ୍ଷୟକ୍ଷତିର ଆକଳନ କରି ରିପୋର୍ଟ ପଠାଇବା ଓ କ୍ଷତିଗ୍ରସ୍ତ ଅଞ୍ଚଳରେ ମରାମତି କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ସେଠୀ ଜିଲ୍ଲା ପ୍ରଶାସନଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି।

ଅନ୍ୟପକ୍ଷରେ ଶୁକ୍ରବାର ଓଡ଼ିଶାର ବିଭିନ୍ନ ଜିଲାରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବ ବୋଲି ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଉତ୍ତର ଛତିଶଗଡ଼ ଆଡ଼କୁ ଏହି ଲଘୁଚାପ ମୁହାଁଇଥିବା ବେଳେ ଏହାର ପ୍ରଭାବରେ ଓଡ଼ିଶା ଉପକୂଳରେ ସମୁଦ୍ର ଅଶାନ୍ତ ରହିବା ସହ ୩୦ରୁ ୪୦କିମି ବେଗରେ ପବନ ବହିବାର ସମ୍ଭାବନା ରହିଛି।

## ପ୍ରଣବ, ନାନାଜୀ, ଭୂପେନଙ୍କୁ ଭାରତ ରତ୍ନ

**ନୂଆଦିଲ୍ଲୀ,୮।୮(ପି.ଟି.)**

ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ, ସ୍ୱର୍ଗତ ଭାରତୀୟ ଜନସଂଘ ନେତା ନାନାଜୀ ଦେଶମୁଖ ଏବଂ ସ୍ୱର୍ଗତ ଗାୟକ ଭୂପେନ ହଜାରିକାଙ୍କୁ ଗୁରୁବାର ଦେଶର ସର୍ବୋଚ୍ଚ ବେସାମରିକ ସମ୍ମାନ ଭାରତ ରତ୍ନ ପ୍ରଦାନ କରାଯାଇଛି। ରାଷ୍ଟ୍ରପତି ରାମନାଥ କୋବିନ୍ଦ ରାଷ୍ଟ୍ରପତି ଭବନରେ ଆୟୋଜିତ ଏକ ବର୍ଣ୍ଣାଢ଼୍ୟ ଉତ୍ସବରେ ମୁଖାର୍ଜୀ, ହଜାରିକାଙ୍କ ପୁତ୍ର ତେଜ୍ ଏବଂ ଦେଶମୁଖଙ୍କ ଘନିଷ୍ଠ ସମ୍ପର୍କୀୟ ବିକ୍ରମଜିତ୍ ସିଂଙ୍କୁ ପୁରସ୍କାର ପ୍ରଦାନ କରିଛନ୍ତି। ହଜାରିକା ଓ ଦେଶମୁଖଙ୍କୁ ମରଣୋତ୍ତର ଭାବେ ଭାରତ ରତ୍ନ ପ୍ରଦାନ କରାଯାଇଛି।

ରାଷ୍ଟ୍ରପତି ଭବନର ଦରବାର ହଲ୍‌ରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉପରାଷ୍ଟ୍ରପତି ଏମ୍. ଭେଙ୍କାୟା ନାଇଡୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, ବହୁ କେନ୍ଦ୍ରମନ୍ତ୍ରୀ, ଆସାମ ମୁଖ୍ୟମନ୍ତ୍ରୀ ସର୍ବାନନ୍ଦ ସୋନୋଓ୍ୱାଲଙ୍କ ସମେତ ଅନେକ ଅତିଥି ଉପସ୍ଥିତ ଥିଲେ। ୪ବର୍ଷର ବ୍ୟବଧାନ ପରେ ଚଳିତବର୍ଷ ଭାରତ ରତ୍ନ ଉପାଧି ପ୍ରଦାନ କରାଯାଇଛି। ୨୦୧୫ରେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ, ବନାରସ ହିନ୍ଦୁ ୟୁନିଭର୍ସିଟି ପ୍ରତିଷ୍ଠାତା ମଦନ ମୋହନ ମାଲବ୍ୟାଙ୍କୁ ନରେନ୍ଦ୍ର ମୋଦି ସରକାରଙ୍କ ଦ୍ୱାରା ଭାରତ ରତ୍ନ ପ୍ରଦାନ କରାଯାଇଥିଲା।



ଭାରତ ରତ୍ନ ପାଇବାରେ ପ୍ରଣବ ମୁଖାର୍ଜୀ ହେଉଛନ୍ତି ପଞ୍ଚମ ରାଷ୍ଟ୍ରପତି। ସେ ୨୦୧୨ରୁ ୨୦୧୭ ପର୍ଯ୍ୟନ୍ତ ଭାରତର ରାଷ୍ଟ୍ରପତି ଥିଲେ। ଦେଶର ସର୍ବୋଚ୍ଚ ବେସାମରିକ ସମ୍ମାନପ୍ରାପ୍ତ ପୂର୍ବତନ ରାଷ୍ଟ୍ରପତି ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍, ରାଜେନ୍ଦ୍ର ପ୍ରସାଦ, ଜାକିର ହୁସେନ ଏବଂ ଭିଭି ଗିରିଙ୍କ ଏଲିଟ୍ କ୍ଲବରେ ପ୍ରଣବ ସାମିଲ ହୋଇଛନ୍ତି। ଦେଶମୁଖ ୧୯୨୮ରୁ ମୃତ୍ୟୁ ପର୍ଯ୍ୟନ୍ତ ଆରଏସ୍ଏସ୍ ସହ ଜଡିତ ରହିଥିଲେ। ୨୦୧୦ରେ ମଧ୍ୟପ୍ରଦେଶର ସତ୍‌ନାଠାରେ ୯୪ବର୍ଷରେ ତାଙ୍କର ପରଲୋକ ଘଟିଥିଲା। ସେ ଭାରତୀୟ ଜନସଂଘର ପ୍ରତିଷ୍ଠାତା ଥିଲେ। ପରେ ଉକ୍ତ ସଂଗଠନ ଭାରତୀୟ ଜନତା ପାର୍ଟିରେ ପରିଣତ ହୋଇଥିଲା। ୧୯୨୬ରେ ଜନ୍ମିତ ହଜାରିକା ଜଣେ ପ୍ରଚ୍ଛଦପଟ ଗାୟକ, ଗୀତିକାର, ସଂଗୀତଜ୍ଞ, କବି ଏବଂ ଅହମିୟା ଫିଲ୍ମ ନିର୍ମାତା। କେନ୍ଦ୍ର ସରକାର ମୁଖାର୍ଜୀ, ଦେଶମୁଖ ଏବଂ ହଜାରିକାଙ୍କୁ ଭାରତ ରତ୍ନ ପ୍ରଦାନ କରିବାକୁ ଜାନୁୟାରୀରେ ନିଷ୍ପତ୍ତି ନେଇଥିଲେ। ଚଳିତ ବର୍ଷ ଏହି ୩ଜଣଙ୍କୁ ମିଶାଇ ବର୍ତ୍ତମାନ ସୁଦ୍ଧା ୪୮ ବିଶିଷ୍ଟ ବ୍ୟକ୍ତିଙ୍କୁ ଭାରତ ରତ୍ନ ପ୍ରଦାନ କରାଗଲାଣି।

#### ବନ୍ୟା ପ୍ରଭାବ: ଶକ୍ତି ଉତ୍ପାଦନ ପ୍ରଭାବିତ

### ଦୈନିକ ୧୬ କୋଟି ବ୍ୟୟରେ କିଣାଯାଉଛି ୯୦୦ ମେଗାୱାଟ୍ ବିଜୁଳି

**ଭୁବନେଶ୍ୱର,୮।୮(ବ୍ୟୁରୋ)**

ରାଜ୍ୟରେ ବିଭିନ୍ନ ପ୍ରାନ୍ତରେ ଲଗାଣ ବର୍ଷା ଯୋଗୁ କେତେକ ସ୍ଥାନରେ ବନ୍ୟା ପରିସ୍ଥିତି ଉପୁଜିଛି। ତେଣୁ ଜଳ ବିଦ୍ୟୁତ ଶକ୍ତି ଉତ୍ପାଦନ ପ୍ରଭାବିତ ହୋଇଥିବା ଶକ୍ତିମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଗୁରୁବାର ସୂଚନା ଦେଇଛନ୍ତି। ବିଶେଷ କରି ଇନ୍ଦ୍ରାବତୀ କ୍ୟାଚମେଣ୍ଟ ଅଞ୍ଚଳରେ ବନ୍ୟା ପାଣିର ପ୍ରକୋପ ଦେଖିବାକୁ ମିଳିଛି। ସେହିପରି ଏନ୍‌ଟିପିସି ୟୁନିଟ୍‌କୁ କୋଲ ଲିଙ୍କେଜ୍ ଦ୍ୱାରା କୋଇଲା ପଠାଇବାରେ ବିଳମ୍ବ ହୋଇଥିବା ମନ୍ତ୍ରୀ ସ୍ୱୀକାର କରିଛନ୍ତି। ଏହା ଦ୍ୱାରା ଏନ୍‌ଟିପିସିର ୩ଟି ୟୁନିଟ୍‌ରେ ବିଦ୍ୟୁତ ଉତ୍ପାଦନ ବାଧାପ୍ରାପ୍ତ ହୋଇଛି। ତେଣୁ ଆବଶ୍ୟକ ଶକ୍ତି ଚାହିଦା ମେଣ୍ଟାଇବା ପାଇଁ ରାଜ୍ୟ ସରକାର ଦୈନିକ ପ୍ରାୟ ୧୬ କୋଟି ଟଙ୍କା ବ୍ୟୟ କରି ୯୦୦ ମେଗାୱାଟ୍ ଶକ୍ତି କ୍ରୟ କରୁଥିବା ଶକ୍ତିମନ୍ତ୍ରୀ କହିଛନ୍ତି। ଅପରପକ୍ଷରେ ୭୨ ଘଣ୍ଟା ମଧ୍ୟରେ ଏନ୍‌ଟିପିସି ୟୁନିଟ୍‌ଗୁଡ଼ିକ କୋଇଲା ପଠାଇବାରେ କୌଣସି ଅସୁବିଧା ହେବ ନାହିଁ ବୋଲି ସେ କହିଛନ୍ତି।

### ଫସଲ ଜଗିଥିବା ବୃଦ୍ଧଙ୍କୁ ହାତୀ ଦଳିଦେଲା



ମୃତକଙ୍କ ପରିବାର ଲୋକଙ୍କୁ ବନ ବିଭାଗ ପକ୍ଷରୁ ସହାୟତା ପ୍ରଦାନ।

**ବାଙ୍ଗିରିପୋଷି,୮।୮(ଡି.ଏନ୍.ଏ.)**

ମୟୂରଭଞ୍ଜ ଜିଲାରେ ହାତୀ ଆତଙ୍କ ଥମୁନି। ବନ ବିଭାଗ କର୍ମଚାରୀ ହାତୀ ଘଉଡାଇବାରେ ସଫଳ ହେଉ ନ ଥିବାରୁ ଧନଜୀବନ ହାନି ଘଟି ଚାଲିଛି। ଗୁରୁବାର ସକାଳେ ବାଙ୍ଗିରିପୋଷି ବନାଞ୍ଚଳ ଅଧୀନ ଭୁଲୁବଣୀ ଗ୍ରାମର ଦାଗଦୁ ମାଝି ନାମକ ଜଣେ ବୃଦ୍ଧଙ୍କୁ ହାତୀ ପାଦରେ ଦଳି ଦେବାରୁ ତାଙ୍କର ମୃତ୍ୟୁ ଘଟିଛି। ହାତୀଙ୍କୁ ଘଉଡାଇବାକୁ ଯାଇ ସେ ପ୍ରାଣ ହରାଇଛନ୍ତି। ଏନେଇ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବରପାଇ ବାଙ୍ଗିରିପୋଷି ରେଞ୍ଜ ଅଧିକାରୀ ତପନ କୁମାର ଦାସ ଓ ଝାଡପୋଖରିଆ ଥାନା ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ବନ ବିଭାଗ ପକ୍ଷରୁ ମୃତକଙ୍କ ପରିବାରକୁ ପ୍ରାଥମିକ ପର୍ଯ୍ୟାୟରେ ୪୦ ହଜାର ଟଙ୍କା ସରକାରୀ ସହାୟତା ରାଶିର ଏକ ଚେକ ପ୍ରଦାନ କରାଯାଇଥିଲା। ଅବଶିଷ୍ଟ ୩ ଲକ୍ଷ ୬୦ ହଜାର ଟଙ୍କା ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ସେହିପରି ପଞ୍ଚାୟତ ତରଫରୁ ହରିଶ୍ଚନ୍ଦ୍ର ଯୋଜନାରେ ୨୦୦୦ ଟଙ୍କା ଏବଂ ରେଡକ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ପ୍ରଦାନ କରାଯିବ ବୋଲି ସ୍ଥାନୀୟ ତହସିଲଦାର କହିଛନ୍ତି। ଏନେଇ ଥାନାରେ ଏକ ମାମଲା (ନଂ.୩୩/୧୯) ରୁଜୁ ହୋଇଛି। ଶିମିଳିପାଳରୁ ଆସିଥିବା ୩ଟି ହାତୀ ଅଞ୍ଚଳ ଛାଡି ଯାଉ ନାହାନ୍ତି। ଗାଁ ଗଣ୍ଡାରେ ପଶି ବ୍ୟାପକ ଧାନ ଓ ପରିବା ଫସଲ ଉଜାଡି ଦେଉଛନ୍ତି। ହାତୀ ଉପଦ୍ରବ ଯୋଗୁ ଲୋକେ ଆତଙ୍କିତ ଅବସ୍ଥାରେ ରହୁଛନ୍ତି। ବନ ବିଭାଗ ତୁରନ୍ତ ଏହି ହାତୀଙ୍କୁ ଘଉଡାଇଦେବା ପାଇଁ ଲୋକେ ଦାବି କରିଛନ୍ତି।

## ସୁରଟରେ ଖୋଲିବ ୧୨ ଓଡ଼ିଆ ଶିକ୍ଷାନୁଷ୍ଠାନ

**ଭୁବନେଶ୍ୱର,୮।୮(ବ୍ୟୁରୋ)**

- ୬ ଉଚ୍ଚ ପ୍ରାଥମିକ, ୪ ଉଚ୍ଚବିଦ୍ୟାଳୟ ପ୍ରତିଷ୍ଠା
- ଖୁବ୍‌ଶୀଘ୍ର ଗୁଜରାଟ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିବେ ନବୀନ
- ଦୁଇ ରାଜ୍ୟ ସରକାରୀ ଅଧିକାରୀଙ୍କ ମଧ୍ୟରେ ସରିଛି ଆଲୋଚନା

ଗୁଜରାଟରେ ମୋଟ ୧୦ ଲକ୍ଷ ଓଡ଼ିଆ ବସବାସ କରୁଛନ୍ତି। ସେଥିରୁ ପ୍ରାୟ ୭ରୁ ୮ଲକ୍ଷ ଓଡିଆ ସୁରଟରେ ବାସକରନ୍ତି। ସେହି ଓଡିଆ ପରିବାରର ପିଲାମାନଙ୍କ ପାଇଁ ରାଜ୍ୟ ସରକାର ନୂଆ ପଦକ୍ଷେପ ଗ୍ରହଣ କରିବାକୁ ଯାଉଛନ୍ତି। ସେଠାକାର ପିଲାମାନେ ପାଠ ପଢ଼ିବା ଲାଗି ରାଜ୍ୟ ସରକାର ସେଠାରେ ସ୍କୁଲ ଓ କଲେଜ ପ୍ରତିଷ୍ଠା କରିବେ। ଏଥିପାଇଁ ଦୁଇ ରାଜ୍ୟ ମଧ୍ୟରେ ସମସ୍ତ ପ୍ରକାର ଆଲୋଚନା ସରିଥିବା ବେଳେ ଖୁବ୍‌ଶୀଘ୍ର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏନେଇ ଗୁଜରାଟ ମୁଖ୍ୟମନ୍ତ୍ରୀ ବିଜୟ ରୂପାନୀଙ୍କୁ ଚିଠି ଲେଖି ଅବଗତ କରାଇବେ ବୋଲି ସ୍କୁଲ ଓ ଗଣ ଶିକ୍ଷା ବିଭାଗର ଜଣେ ଅଧିକାରୀଙ୍କଠାରୁ ଜଣାପଡ଼ିଛି। ଗତ ଡିସେମ୍ବର ୧୮ରେ ମୁଖ୍ୟମନ୍ତ୍ରୀ ଗୁଜରାଟ ଗସ୍ତ କରି ଓଡ଼ିଶା ମହୋତ୍ସବରେ ଯୋଗଦେଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସେଠାକାର ଓଡ଼ିଆଙ୍କ ଅନୁରୋଧ ରକ୍ଷା କରି ସେଠାରେ ଗୋଟିଏ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଗଠନ କରିବା ଲାଗି ପ୍ରତିଶ୍ରୁତି ଦେଇଥିଲେ। ସୁରଟରେ ଖୁବ୍‌ଶୀଘ୍ର ୬ଟି ପ୍ରାଥମିକ ବିଦ୍ୟାଳୟ, ୪ଟି ଉଚ୍ଚ ବିଦ୍ୟାଳୟ ଏବଂ ଦୁଇଟି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଗଠନ ହେବ। ଏଥିପାଇଁ ସ୍ଥାନ ମଧ୍ୟ ଚୟନ ସରିଛି। ସୁରଟର ପାଣ୍ଡେସରା, ସଚିନ, ଭରଛ୍ଛା/କଟାଗ୍ରାମ, ଆମରୋଲି, ଉଧ୍‌ନା ଏବଂ ସୟନ ଠାରେ ପ୍ରାଥମିକ ବିଦ୍ୟାଳୟ ଖୋଲିବ। ଏହି ସ୍କୁଲଗୁଡ଼ିକରେ ସେଠାର ପ୍ରଥମରୁ ୭ମ ପର୍ଯ୍ୟନ୍ତ ପିଲାମାନେ ପାଠ ପଢ଼ିପାରିବେ। ସେହିପରି ପାଣ୍ଡେସରାରେ ୧ଟି, ଭରଛ୍ଛା/କତାଗ୍ରାମରେ ୨ଟି ଏବଂ ବେଶତନରେ ୧ଟି ଏହିପରି ମୋଟ ୪ଟି ଉଚ୍ଚ ବିଦ୍ୟାଳୟ ପ୍ରତିଷ୍ଠା କରାଯିବ। ସେହିଭଳି ପାଣ୍ଡେସରା ଏବଂ ଭରଛ୍ଛା/କତାଗ୍ରାମରେ ମୋଟ ୨ଟି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଗଠନ କରାଯିବ ବୋଲି ଜଣାପଡ଼ିଛି। ଏହି ବିଦ୍ୟାଳୟଗୁଡ଼ିକରେ ପାଠ ପଢିବାକୁ ଥିବା ଛାତ୍ରୀଛାତ୍ରଙ୍କୁ ରାଜ୍ୟ ସରକାର ଆବଶ୍ୟକତା ଅନୁଯାୟୀ ମାଗଣାରେ ବହି ପ୍ରଦାନ କରିବେ। ଏହାସହ ଉପରୋକ୍ତ ସ୍କୁଲରେ ୨୦୨୦-୨୧ ଶିକ୍ଷା ବର୍ଷ ସୁଦ୍ଧା ଏହି ସ୍ଥାନରେ ଶିକ୍ଷକ ନିଯୁକ୍ତି କରିବାକୁ ରାଜ୍ୟ ସରକାରଙ୍କୁ ଗୁଜରାଟ ସରକାର ଅନୁରୋଧ କରିଥିବା ମଧ୍ୟ ଜଣାପଡ଼ିଛି। ବର୍ତ୍ତମାନ ଗୁଜରାଟରେ ୧୯ଟି ଓଡ଼ିଆ ପ୍ରାଥମିକ ବିଦ୍ୟାଳୟ, ୩ଟି ଉଚ୍ଚ ବିଦ୍ୟାଳୟ ଥିବାବେଳେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ନ ଥିଲା। ଏଥିଲାଗି ମୁଖ୍ୟମନ୍ତ୍ରୀ ସୁରଟ ଗସ୍ତ କାଳରେ ଗୋଟିଏ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପ୍ରତିଷ୍ଠା ପାଇଁ କହିଥିଲେ। ମାତ୍ର ଚଳିତ ମାସର ଗତ ୨ତାରିଖରେ ଗୁଜରାଟ ଏବଂ ଓଡ଼ିଶା ସରକାର ବରିଷ୍ଠ ଅଧିକାରୀଙ୍କ ମଧ୍ୟରେ ଏନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ଗୁଜରାଟ ଗାନ୍ଧୀନଗରଠାରେ ଅନୁଷ୍ଠିତ ଏହି ବୈଠକରେ ରାଜ୍ୟ ସରକାର ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ ମହାପାତ୍ର ଏବଂ ସ୍କୁଲ ଓ ଗଣଶିକ୍ଷା ବିଭାଗ ନିର୍ଦ୍ଦେଶକ ଏବଂ ଗୁଜରାଟର ବିଭାଗୀୟ ସଚିବ ବିନୋଦ ଆର୍ ରାଓଙ୍କ ସହ ତାଙ୍କ ଗଣଶିକ୍ଷା ବିଭାଗ ନିର୍ଦ୍ଦେଶକ ଜେ.ଡି ଦେଶାଇ ଉପସ୍ଥିତ ଥିଲେ। ବୈଠକରେ ସର୍ବମୋଟ ୧୨ଟି ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ଲାଗି ନିଷ୍ପତ୍ତି ହୋଇଛି। ବୈଠକ ପରେ ପ୍ରଦୀପ୍ତ ମହାପାତ୍ର ଗୁଜରାଟର ବିଭାଗୀୟ ମନ୍ତ୍ରୀଙ୍କ ସହ ଭେଟି ଏ ସମ୍ପର୍କରେ ଆଲୋଚନା ମଧ୍ୟ କରିଛନ୍ତି। ଖୁବ୍‌ଶୀଘ୍ର ଏନେଇ ମୁଖ୍ୟମନ୍ତ୍ରୀ ଚିଠି ଲେଖିବା ପରେ କାର୍ଯ୍ୟ ଆରମ୍ଭ ହେବ ବୋଲି ଜଣାପଡ଼ିଛି। ୨୦୧୯ ନିର୍ବାଚନ ଇସ୍ତାହାରରେ ବିଜେଡି ପକ୍ଷରୁ ଏ ନେଇ ପ୍ରତିଶ୍ରୁତି ଦିଆଯାଇଥିଲା।

### ଆଜିର ମନ୍ତବ୍ୟ

"ମୋଦି ସରକାର ୩୭୦ ଧାରା ଉଚ୍ଛେଦ କରି ଜମ୍ମୁ-କଶ୍ମୀରରେ ଶାନ୍ତି ସ୍ଥାପନ କରିବା ସହ ଆତଙ୍କବାଦ ଦୂର ଲାଗି ଯେଉଁ ଉଦ୍ୟମ କରିଛନ୍ତି, ତାହା କେତେ ସଫଳ ହେବ ସମୟ କହିବ।

– କମଳନାଥ, ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ

### କିଛି ତଥ୍ୟ

ଚଳିତ ବର୍ଷ ଜୁନ୍‌ରେ ଦେଶ ମଧ୍ୟରେ ଯାତ୍ରା କରୁଥିବା ବିମାନ ଯାତ୍ରୀଙ୍କ ଟ୍ରାଫିକ୍‌ରେ ୭.୯% ବୃଦ୍ଧି ଘଟିଛି।

– ଇଣ୍ଟରନ୍ୟାଶନାଲ ଏୟାର ଟ୍ରାଫିକ ଆସୋସିଏଶନ



## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ମାମା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


ପ୍ରଥମ ପୃଷ୍ଠାରୁ...

## ଟାଟା: ଖଣି...

କରାଯାଇଛି। ଆବେଦନକାରୀ ବିଜୟ ମିଶ୍ର ଏଥିରେ କେନ୍ଦ୍ର ସରକାର, ରାଜ୍ୟ ସରକାର, ଝାଡ଼ଖଣ୍ଡ ସରକାର ଏବଂ ଟାଟା ଷ୍ଟିଲ୍‌କୁ ପକ୍ଷଭୁକ୍ତ କରିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣିକୁ ଆସନ୍ତା ସେପ୍ଟେମ୍ବର ୧୩କୁ ଧାର୍ଯ୍ୟ ହୋଇଛି। ଆବେଦନକାରୀଙ୍କ ପକ୍ଷରୁ ମାମଲାକୁ ଆଇନଜୀବୀ ମାତୃଗୁପ୍ତ ମିଶ୍ର ପରିଚାଳନା କରୁଛନ୍ତି। ଅପରପକ୍ଷରେ ଏହି ମାମଲାରେ ପକ୍ଷଭୁକ୍ତ ହେବାପାଇଁ ପଶ୍ଚିମବଙ୍ଗ ଏବଂ ଝାଡ଼ଖଣ୍ଡର ସ୍ପଞ୍ଜ ଆଇରନ, ପେଲେଟ ମାନୁଫ୍ୟାକ୍ଚର ଆସୋସିଏଶନ ପକ୍ଷରୁ ବରିଷ୍ଠ ଆଇନଜୀବୀ ରାଣା ମୁଖାର୍ଜୀ ଓ ଯଶୋବନ୍ତ ଦାଶ ପକ୍ଷ ରଖିବାକୁ ହାଇକୋର୍ଟରେ ଆବେଦନ କରିଥିବା ଜଣାପଡ଼ିଛି। ଟାଟା ପକ୍ଷରୁ ଏଇଚ୍. ରାଓ୍ବଲ ଏହି ମାମଲା ପରିଚାଳନା କରୁଛନ୍ତି। ତେବେ ଏନେଇ ଟାଟା କମ୍ପାନୀ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରାଯାଇଥିଲେ ସୁଦ୍ଧା କେହି ମତାମତ ଦେବାକୁ ପ୍ରସ୍ତୁତ ହେଲେ ନାହିଁ।



URGENT
By E-mail/FAX

Government of Odisha
Steel & Mines Department

No 17921 /SM, Bhubaneswar, Dated the 13-3-2018
IV(AB)SM-47/2017

From
Sri B. K. Dehury
Additional Secretary to Government

To
The Secretary,
Ministry of Mines, Government of India,
Shastri Bhawan, New Delhi

Sub- Relaxation of area limit for iron/ manganese mining lease for the mining blocks earmarked for captive use to 75 SqKms in exercise of powers under section 6(1)(b) of the MMDR Act, 1957

X-Sub: **Proposal for relaxation of area limit u/s 6(1)(b) for mining leases of iron ore and its prescribed group of associated minerals in the State of Odisha from present 10 sqkms to 75 sqkms**

Sir,

I am directed to say that the State of Odisha has, as of now, steel plants with installed capacity of about 33 MTPA with commitment for another over 56 MTPA in next few years. The major project proponents like SAIL, TATA and JSPL who have already installed the integrated steel plants (ISPs) in the State, have plans for expansion of their installed capacities. Further, JSW's plan to establish a 12 MTPA ISP has already been cleared by the State Government. And, to achieve these projected targets, there is a requirement of assured supply of iron ore, the major raw material for steel making.

2. One of the steel industries in the State M/s Tata Steel Ltd, has requested the State Government vide letter dated 13.10.2017(Annexure-I) to increase the area limit for iron ore and manganese ore in the State of Odisha to support growth of steel capacity. The State Government has constituted a Committee comprising Director of

True Copy

ରାଜ୍ୟ ସରକାର କେନ୍ଦ୍ର ନିକଟରେ କରିଥିବା ସୁପାରିସ ପତ୍ରର ନକଲ।

# ଜ୍ୟୋତିର୍ମୟୀଙ୍କୁ ଶିଶୁ ବିଜ୍ଞାନ ସମ୍ମାନ

**କଟକ ଅଫିସ, ୮।୮**

ଲୋକପ୍ରିୟ ବିଜ୍ଞାନ ଲେଖିକା ତଥା ଶିଶୁ ସାହିତ୍ୟିକା ଡ. ଜ୍ୟୋତିର୍ମୟୀ ମହାନ୍ତିଙ୍କୁ ଶିଶୁ ବିଜ୍ଞାନ ସାହିତ୍ୟ ସମ୍ମାନରେ ସମ୍ମାନିତ କରାଯାଇଛି। ତାଙ୍କୁ ବିଜ୍ଞାନ ପ୍ରଚାର ସମିତିର ୭୧ତମ ପ୍ରତିଷ୍ଠା ଦିବସ ଅବସରରେ ରେଭେନ୍ସା ବିଶ୍ୱବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ବକ୍ତୃତା କକ୍ଷରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଫେସର ଡା. ବାସୁଦେବ କର ଏହି ସମ୍ମାନ ପ୍ରଦାନ କରିଥିଲେ। ବିଜ୍ଞାନ ଓ ବୈଷୟିକ ଜ୍ଞାନ କୌଶଳକୁ ପିଲାମାନଙ୍କ ମଧ୍ୟରେ ଆଦୃତ କରାଇବା ଲକ୍ଷ୍ୟରେ ଡ. ମହାନ୍ତି ଇତିମଧ୍ୟରେ ୪୦ରୁ ଊର୍ଦ୍ଧ୍ୱ ବିଜ୍ଞାନ ଭିତ୍ତିକ ପୁସ୍ତକ ରଚନା କରିସାରିଛନ୍ତି। ପୂର୍ବରୁ ସେ କେନ୍ଦ୍ର ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ପକ୍ଷରୁ ଜାତୀୟ ବିଜ୍ଞାନ ପୁରସ୍କାର, ଓଡ଼ିଶା ସାହିତ୍ୟ ଏକାଡେମୀ, ନାଇଜର, ଜଗତ୍‌ସିଂହପୁର ସାହିତ୍ୟ ପରିଷଦ ଆଦି ଅନେକ ଅନୁଷ୍ଠାନ ପକ୍ଷରୁ ପୁରସ୍କୃତ ହୋଇସାରିଛନ୍ତି।

ପ୍ରଥମ ପୃଷ୍ଠାରୁ...

## କଶ୍ମୀରରେ ଖୁବ୍‌ଶୀଘ୍ର...

ନାହିଁ, ଯାହାର ସେମାନେ ହକ୍‌ଦାର। ଏବେ ଅବସ୍ଥା ସୁଧୁରିବ। ସବୁ ସରକାର ଲୋକଙ୍କ ମଙ୍ଗଳ ପାଇଁ ଆଇନ ପ୍ରଣୟନ କରନ୍ତି। ଉଭୟ ପାର୍ଲାମେଣ୍ଟ ବାହାରେ ଓ ଭିତରେ ବିତର୍କ ହୁଏ। ଏହି ପ୍ରକ୍ରିୟା ଦେଇ ଗତି କରୁଥିବା ଆଇନ ଦେଶବାସୀଙ୍କ ହିତସାଧନ କରେ। କିନ୍ତୁ ତାହା ଦେଶର ଏକ ଭାଗରେ ଲାଗୁ ନ ହେବା ସମସ୍ତଙ୍କ ପରିକଳ୍ପନାର ବାହାରେ। ସେମାନଙ୍କ ଶିଶୁ ଶିକ୍ଷା, ସ୍ୱାସ୍ଥ୍ୟ ଓ ଅନ୍ୟ ମୌଳିକ ଅଧିକାରଗୁଡ଼ିକରୁ ବଞ୍ଚିତ। ସେମାନଙ୍କ ଦୋଷ କ'ଣ। ଝିଅମାନେ ଅନେକ ଅଧିକାରରୁ ବଞ୍ଚିତ ହେଉଛନ୍ତି। ସଫେଇ କର୍ମଚାରୀ, ଦଳିତ, ସଂଖ୍ୟାଲଘୁମାନେ ଅନେକ ସୁବିଧା ପାଉନାହାନ୍ତି। ସର୍ବନିମ୍ନ ମଜୁରି ଆଇନ କେବଳ କାଗଜକଲମରେ ସୀମିତ। ନିର୍ବାଚନ ବେଳେ ଏସ୍‌ସି, ଏସ୍‌ଟି ସଂରକ୍ଷଣ ସୁବିଧା ଜମ୍ମୁ-କଶ୍ମୀରବାସୀଙ୍କୁ ମିଳୁନାହିଁ।

ଅନୁଚ୍ଛେଦ ୩୭୦ ଏବଂ ୩୫ଏ ଇତିହାସ ପାଲଟିବା ପରେ ନକାରାତ୍ମକ ପ୍ରଭାବରୁ ଉପତ୍ୟକା ଖୁବ୍‌ଶୀଘ୍ର ମୁକ୍ତ ହେବ ବୋଲି ବିଶ୍ୱାସ। ଅନ୍ୟ କେନ୍ଦ୍ରଶାସିତ ଅଞ୍ଚଳର କର୍ମଚାରୀ ଓ ପୋଲିସ କର୍ମୀଙ୍କ ଭଳି ସୁବିଧା ମିଳିବ। ଶିକ୍ଷା, ସ୍ୱାସ୍ଥ୍ୟ ଆଦି ଭତ୍ତା ମିଳିବ। ଶୀଘ୍ର ଜମ୍ମୁ-କଶ୍ମୀର ଏବଂ ଲଦାଖରେ ସବୁ କେନ୍ଦ୍ରୀୟ ଓ ରାଜ୍ୟ ପଦବୀ ପୂରଣ କରାଯିବ। ନିଯୁକ୍ତି ସୁଯୋଗ ମିଳିବ। କର୍ମସଂସ୍ଥାନ ସୃଷ୍ଟି କରାଯିବ। ସେନା ଓ ଅର୍ଦ୍ଧସାମରିକ ବଳରେ ନିଯୁକ୍ତି ପାଇଁ ରାଲି କରାଯିବ। ପ୍ରଧାନମନ୍ତ୍ରୀ ବିସ୍ତାର ଯୋଜନା କାର୍ଯ୍ୟକାରୀ କରାଯିବ। ରାଜସ୍ୱ ନିଅଣ୍ଟର ପ୍ରଭାବକୁ ହ୍ରାସ କରାଯିବ। ୩୭୦ ଉଚ୍ଛେଦ ପରେ କିଛି କାଳ ପାଇଁ ଜମ୍ମୁ-କଶ୍ମୀରକୁ କେନ୍ଦ୍ର ସରକାରଙ୍କ ଅଧୀନରେ ରଖାଯିବା ନିଷ୍ପତ୍ତି ଭାବିଚିନ୍ତି ନିଆଯାଇଛି। ରାଷ୍ଟ୍ରପତି ଶାସନ ଅମଳରେ ସୁଶାସନ, ଆର୍ଥିକ ବିକାଶ ହୋଇଛି। ଦଶନ୍ଧି ଧରି ଅଟକି ରହିଥିବା ବିକାଶମୂଳକ ପ୍ରକଳ୍ପ କାର୍ଯ୍ୟକାରୀ ହୋଇଛି। ଆଇଆଇଟି, ଏମ୍ସ ଭଳି ପ୍ରୋଜେକ୍ଟ ଏବଂ ଦୁର୍ନୀତି ନିରୋଧୀ ବ୍ୟୁରୋ କାମ ତ୍ୱରାନ୍ୱିତ ହୋଇଛି। ରେଲୱେ, ବିମାନବନ୍ଦର କାମ ମଧ୍ୟ ଜୋରସୋରରେ ଚାଲିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ମୋଦି ଆହୁରି କହିଛନ୍ତି, ଦେଶର ଗଣତନ୍ତ୍ର ମଜଭୁତ। ଉପତ୍ୟକାରେ ବହୁ ଲୋକ ଲୋକ ସଭା ପାଇଁ ଭୋଟ ଦେଉଥିଲେ। ହେଲେ ବିଧାନସଭା ଓ ସ୍ଥାନୀୟ ନିର୍ବାଚନରେ ସାମିଲ ହୋଇପାରୁ ନ ଥିଲେ କି ଭୋଟ ଦେଇପାରୁ ନ ଥିଲେ। ସେମାନଙ୍କ ଉପରେ କ'ଣ ଏମିତି ଅନ୍ୟାୟ ଚାଲିଥାଆନ୍ତା। ଏବେ ସେଠାକାର ଭୋଟର ନିଜର ଜନ ପ୍ରତିନିଧି ବାଛିବେ। ନୂଆ ବ୍ୟବସ୍ଥାରେ ଆତଙ୍କବାଦ ଓ ବିଚ୍ଛିନ୍ନତାବାଦରୁ ମୁକ୍ତି ମିଳିବ। ଜମ୍ମୁ-କଶ୍ମୀରର ବିକାଶ ଧାରା ସଫଳତାର ନୂଆ ଉଚ୍ଚତାକୁ ସ୍ପର୍ଶ କରିବ। ନାଗରିକଙ୍କୁ ସେମାନଙ୍କ ଅଧିକାର ମିଳିବ। ଫଳରେ କେନ୍ଦ୍ରଶାସିତ ଅଞ୍ଚଳ ବଜାୟ ରହିବାର ଆବଶ୍ୟକତା ରହିବନାହିଁ। କିନ୍ତୁ ଲଦାଖ କେନ୍ଦ୍ରଶାସିତ ଅଞ୍ଚଳ ହୋଇ ରହିବ। ସଚ୍ଚୋଟତା ସହ ପ୍ରତିନିଧି ବାଛିବାର ସୁଯୋଗ ଖୁବ୍‌ଶୀଘ୍ର ମିଳିବ ବୋଲି ମୋଦି ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି ବ୍ଲକ୍ ଡେଭେଲପ୍‌ମେଣ୍ଟ କାଉନ୍‌ସିଲ୍ ଶୀଘ୍ର ଗଠନ ପାଇଁ ରାଜ୍ୟପାଳଙ୍କୁ ଅନୁରୋଧ କରିଛନ୍ତି। ୪-୫ ମାସ ପୂର୍ବରୁ ଜମ୍ମୁ-କଶ୍ମୀର ଏବଂ ଲଦାଖ ପଞ୍ଚାୟତ ନିର୍ବାଚନରେ ବିଜୟୀ ହୋଇଥିବା ପ୍ରତିନିଧିମାନେ ଭଲ କାମ କରୁଛନ୍ତି। ସେମାନେ ଅଭିନନ୍ଦନର ଅଧିକାରୀ। ପଞ୍ଚାୟତ ପ୍ରତିନିଧି ଓ ପ୍ରଧାନଙ୍କ ଯୋଗୁ ଗ୍ରାମୀଣ ସ୍ତରରେ ବିକାଶ ସାଧିତ ହୋଇପାରିଛି। ଏବେ ପଞ୍ଚାୟତ ସଦସ୍ୟମାନେ ନୂଆ ବ୍ୟବସ୍ଥାରେ ଉତ୍ତମ କାର୍ଯ୍ୟକରି ଉଦାହରଣ ସୃଷ୍ଟି କରିବେ। ଜନତା ବିଚ୍ଛିନ୍ନତାବାଦୀଙ୍କୁ ପ୍ରତ୍ୟାଖ୍ୟାନ କରି ନୂଆ ଆଶା ଓ ବିକାଶ ଦିଗରେ ଉତ୍ସାହର ସହ ଲକ୍ଷ୍ୟ ପୂରଣ କରିବେ।

ଲଦାଖ ଓ ଜମ୍ମୁ-କଶ୍ମୀରର ଯୁବପିଢ଼ି ନିଜ ନିଜ କ୍ଷେତ୍ରରେ ବିକାଶ ଦିଗରେ ଅଗ୍ରସର ହେବେ। ପର୍ଯ୍ୟଟନ କେନ୍ଦ୍ର ପାଇଁ ଆବଶ୍ୟକ ପରିବର୍ତ୍ତନ ଅଣାଯାଉଛି। ଏଥିପାଇଁ ଦେଶବାସୀଙ୍କ ସମର୍ଥନ ଲୋଡ଼ା। ପ୍ରାୟ ସବୁ ଫିଲ୍ମ ଶୁଟିଂ ପାଇଁ ସାରା ବିଶ୍ୱର ପ୍ରଯୋଜକ ଏଠାକୁ ଆସିବେ। ହିନ୍ଦୀ ଓ ତେଲୁଗୁ ସିନେମା ଶୁଟିଂ ପାଇଁ ଏହି କ୍ଷେତ୍ରକୁ ବାଛିବେ। ସେମାନେ ନିଜ ନୀତି ନିଷ୍ପତ୍ତିରେ ପ୍ରାଥମିକତା ଦିଅନ୍ତୁ। ସ୍ଥାନୀୟ ଅଧିବାସୀ କାରିଗରି ବିଜ୍ଞାନ ସହ ଯୋଡ଼ିହୋଇ ନିଜ ଜୀବନକୁ ସହଜ କରନ୍ତୁ। କ୍ରୀଡ଼ା କ୍ଷେତ୍ରରେ ବିକାଶ ପାଇଁ ନୂଆ ସ୍ପୋର୍ଟସ ଏକାଡେମୀ, ଷ୍ଟାଡିୟମ୍ ନିର୍ମାଣ କରାଯିବ। କଶ୍ମୀରର ପିଲା ଦୁନିଆଁରେ ନାମ ରଖିବ। ଲଦାଖ ଯୁବପିଢ଼ିଙ୍କୁ ସବୁ ପ୍ରକାର ସୁଯୋଗ ମିଳିବ। ଭିତ୍ତିଭୂମିର ଆଧୁନିକୀକରଣ କରାଯିବ।

ଗଣତନ୍ତ୍ରରେ କେତେଜଣ ସମର୍ଥନ ଓ କେତେଜଣ ସମାଲୋଚନା କରନ୍ତି। ସେମାନଙ୍କୁ ଅନୁରୋଧ ଦେଶହିତରେ ବ୍ୟବହାର କରନ୍ତୁ ଓ ଏହି ଦୁଇ ନୂଆ କେନ୍ଦ୍ରଶାସିତ ଅଞ୍ଚଳର ଲୋକଙ୍କ ବିକାଶରେ ସହାୟକ ହୁଅନ୍ତୁ। ବିଲ୍ ସପକ୍ଷରେ କିଏ ଭୋଟ ଦେଲା କିଏ ନ ଦେଲା ତହିଁରୁ ଊର୍ଦ୍ଧ୍ୱକୁ ଯାଇ କାମ କରନ୍ତୁ। ୩୭୦ରୁ ମୁକ୍ତି ଏକ ସତ୍ୟତା। ହାତଗଣତି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତିଙ୍କୁ ସ୍ଥାନୀୟ ଲୋକେ ଜବାବ ଦେଇଛନ୍ତି। ପାକିସ୍ତାନକୁ ମଧ୍ୟ ଉଚିତ ଜବାବ ମିଳିଛି। ସ୍ୱପ୍ନ ସାକାର କରିବାର ସୁଯୋଗ ସେମାନଙ୍କ ଅଧିକାର। ଧୀରେ ଧୀରେ ସ୍ଥିତି ସୁଧୁରିବ ଓ ସବୁକିଛି ସ୍ୱାଭାବିକ ହେବ ବୋଲି ମୋଦି ଆଶାବ୍ୟକ୍ତ କରିଛନ୍ତି। ଏହି ଅବସରରେ ସେ ଇଦ୍ ପାଇଁ ଅଭିନନ୍ଦନ ଜଣାଇଛନ୍ତି। ସେ କହିଛନ୍ତି, ଇଦ୍ ପାଳନ ବେଳେ ଯେପରି କାହାରି କିଛି ଅସୁବିଧା ହେବନାହିଁ ସେଦିଗରେ ସରକାର ଧ୍ୟାନ ଦେଉଛନ୍ତି। ସୁରକ୍ଷା ବଳ, ପୋଲିସ ପ୍ରଶାସନର କାର୍ଯ୍ୟ ପ୍ରଶଂସନୀୟ। ପରିବର୍ତ୍ତନ ଲୋକହିତରେ ସମ୍ଭବ। ଜମ୍ମୁ-କଶ୍ମୀର ଦେଶର ମୁକୁଟ। ଏହାର ସୁରକ୍ଷା ପାଇଁ ଜମ୍ମୁ-କଶ୍ମୀରବାସୀ ତ୍ୟାଗ କରିଛନ୍ତି। ମିଳିମିଶି ସେମାନଙ୍କ ସ୍ୱପ୍ନକୁ ସାକାର କରିବା। ଏହା ସାରାଦେଶର ପ୍ରଗତିରେ ଓ ସ୍ୱାଭାବିକ ଭାବେ ବିଶ୍ୱଶାନ୍ତିରେ ମଧ୍ୟ ସହାୟକ ହେବ। ଆସନ୍ତୁ ନୂଆ ଭାରତ ସହ ନୂଆ ଜମ୍ମୁ-କଶ୍ମୀର ଓ ନୂଆ ଲଦାଖର ନିର୍ମାଣ କରିବା ବୋଲି ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ଆହ୍ୱାନ ଦେଇଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ଶୁଭଗ୍ରହ ଯୁକ୍ତ ଚନ୍ଦ୍ର ଯୋଗୁ ପାରିବାରିକ ସମସ୍ୟାକୁ ସୁଧାରି ନେବାର ପ୍ରଯତ୍ନ କରିବେ। ଅବଶ୍ୟ ଆବଶ୍ୟକତା ପୂରଣ କରିବା ସକାଶେ ଧାର କରଜ କରିବାକୁ ବନ୍ଧୁଙ୍କୁ ଅନୁରୋଧ କରିପାରନ୍ତି। ବିଶେଷ ଭ୍ରମଣଜନିତ ଶାରୀରିକ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ। ଆଗାମୀ ଆନୁଷ୍ଠାନିକ କାର୍ଯ୍ୟ ପାଇଁ ବ୍ୟସ୍ତ ରହିପାରନ୍ତି।

**ବୃଷ** ସପ୍ତମସ୍ଥ ଚନ୍ଦ୍ର ପ୍ରଭାବରେ ଆଜିର ପ୍ରତ୍ୟୁଷ ଯାତ୍ରା ପ୍ରୀତିପ୍ରଦ ରହିବ। ଆସନ୍ତାକାଲିର ଆନୁଷ୍ଠାନିକ କାମ ସକାଶେ ବିଶେଷ ଭାବେ ଧାଁ ଧଉଡ଼ କରିବାକୁ ପଡ଼ିବ। ଶିଳ୍ପ, ବାଣିଜ୍ୟ ଏବଂ ପରିବହନ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ। ନିକଟ ସମ୍ପର୍କୀୟଙ୍କ ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ।

**ମିଥୁନ** ତୃତୀୟସ୍ଥ ମଙ୍ଗଳଜନିତ ସହକର୍ମୀ କିମ୍ବା ବନ୍ଧୁ, ଆତ୍ମୀୟସ୍ୱଜନ କିମ୍ବା ସହକର୍ମୀଙ୍କ ସହ ସମ୍ପର୍କରେ ହ୍ରାସ ଘଟିବ। କର୍ମକ୍ଷେତ୍ରର ସମସ୍ୟାକୁ କେନ୍ଦ୍ରକରି ମାନସିକ ସ୍ଥିରତା ରହି ନ ପାରେ। ବାଣିଜ୍ୟ, ବ୍ୟବସାୟ ଓ ପରିବହନ ସାମୟିକ ବାଧାପ୍ରାପ୍ତ ହୋଇପାରେ। ମାଲିମକଦ୍ଦମାରେ ବିଚାର ବିଳମ୍ବିତ ହେବାରୁ ବ୍ୟସ୍ତତା ପ୍ରକାଶ କରିବେ।

**କର୍କଟ** ଗୁରୁଯୁକ୍ତ ଚନ୍ଦ୍ର ହେତୁ ସ୍ୱାସ୍ଥ୍ୟ ପରିସ୍ଥିତିରେ କୌଣସି ଉନ୍ନତି ଦେଖାଯାଇ ନ ପାରେ। କୌଣସି ଅତୀତ ଘଟଣା ପ୍ରତି ସିଂହାବଲୋକନ କରି ଅନୁତାପ କରିପାରନ୍ତି। ପ୍ରିୟଜନଙ୍କ ସହାୟତାରେ ଅର୍ଥ ସମ୍ପର୍କିତ କୌଣସି ଅନୁଚିନ୍ତା ସାୟାହ୍ନେ ଦୂର ହେବ। ଦୀର୍ଘ ଦିନରୁ ଅଟକି ରହିଥିବା କର୍ମକ୍ଷେତ୍ରର ସ୍ଥିତି ଅନୁକୂଳ ହୋଇପାରେ।

**ସିଂହ** ବ୍ୟୟଭାବସ୍ଥ ବୁଧ ପ୍ରଭାବରେ ଆଜିର ଆବଶ୍ୟକତା ପୂରଣ ସକାଶେ ଟଙ୍କା ପଇସା ଯୋଗାଡ଼ କରିବା ସକାଶେ ବିଭିନ୍ନ ପ୍ରକାରର ଯୋଜନା କରିବେ। ଆକସ୍ମିକ ଭାବରେ କୌଣସି ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରିପାରନ୍ତି। ଶିଳ୍ପ, ବାଣିଜ୍ୟ ଓ ପରିବହନ, ଏଜେନ୍ସି, ସାମ୍ବାଦିକତାରେ ପ୍ରଶଂସିତ ହେବେ।

**କନ୍ୟା** ଏକାଦଶସ୍ଥ ଗ୍ରହ ଯୋଗୁ ଆଜି ଯେଉଁ କାମରେ ହାତ ଦେବେ ସେଥିରେ ସଫଳତା ନିଶ୍ଚିତ। କିନ୍ତୁ ଗତକାଲିର ଘରୋଇ ବ୍ୟାପାରକୁ ନେଇ ମାନସିକ ସ୍ଥିତି ସେତେଟା ଭଲ ରହି ନ ପାରେ। ତରବର ନ ହୋଇ କାମକଲେ ସମସ୍ୟାର ସରଳ ସମାଧାନ ହେବାରେ କୌଣସି ଅସୁବିଧା ରହିବ ନାହିଁ।

**ତୁଳା** ଧନସ୍ଥାନରେ ଗୁରୁଚାନ୍ଦ୍ରୀ ଯୋଗ ହେତୁ ଅର୍ଥଲାଭ, ସାମାଜିକ ସମ୍ମାନ ଓ ନୂତନ କାର୍ଯ୍ୟାରମ୍ଭରେ ସଫଳତା ପାଇପାରିବେ। ପାରିବାରିକ ସ୍ତରରେ ବିଭିନ୍ନ ପ୍ରକାରର ଅସୁବିଧା ଭିତରେ ଗତି କରୁଥିବାରୁ ଧୀରେ ଧୀରେ ମାନସିକ ଅବସ୍ଥା ଖରାପ ଦିଗକୁ ଗତି କରିପାରେ। କୌଣସି ଜିନିଷ କ୍ରୟ କରିବା ସକାଶେ ସ୍ଥିର କରିପାରନ୍ତି।

**ବିଛା** ରାଶ୍ୟାଧିପତିଙ୍କ ଦୁର୍ବଳତା କାରଣରୁ ସ୍ୱାସ୍ଥ୍ୟ ବିଶେଷ ଭଲ ନ ରହିବା କାରଣରୁ ମନଟା କାହିଁକି କେମିତି କେମିତି ଲାଗିପାରେ। କାର୍ଯ୍ୟକୁ ତ୍ୱରାନ୍ୱିତ କରିବାରେ ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିବାର ଆଶଙ୍କା ରହିଛି। ଏମିତି କିଛି ପରିସ୍ଥିତିରେ ଚଳିବାକୁ ବାଧ୍ୟ ହେବେ ଯଦ୍ୱାରାକି ଜାଣିଶୁଣି ସବୁ କଥାରେ ନୀରବ ରହିବାକୁ ପଡ଼ିବ।

**ଧନୁ** ଅଷ୍ଟମସ୍ଥ କର୍ମାଧିପତି ଯୋଗୁ ପ୍ରତିବନ୍ଧକ ଲାଗି ରହିଥିଲେ ମଧ୍ୟ କାମଟି ଆଜି ଯଥା ସମୟରେ ହୋଇଯିବ। ଯେ କୌଣସି ପ୍ରତିଯୋଗିତାରେ ଯୋଗଦେଲେ ଅବଶ୍ୟ ସଫଳତା ପାଇବା ଯୋଗୁ ମନ ଖୁସି ରହିବ। ପରିବାରର ଆବଶ୍ୟକତାକୁ ଉପଲବ୍ଧ କରି ଅଳଙ୍କାର, ଔଷଧ ପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି।

**ମକର** ସପ୍ତମସ୍ଥ କର୍ମାଧିପତି ଯୋଗୁ ସ୍ଥଗିତ ରହିଥିବା କାମଗୁଡ଼ିକ ସୁବିଧାରେ ସମ୍ପନ୍ନ ହୋଇଯିବ। ବନ୍ଧୁଙ୍କ ସହ ବ୍ୟବହାରରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପାରନ୍ତି। କଳା, ସାହିତ୍ୟ, ସଂସ୍କୃତି, ଆନୁଷ୍ଠାନିକ କାମ ଓ କ୍ରୀଡ଼ା, ଚଳଚ୍ଚିତ୍ରରେ ଉନ୍ନତି କରିବେ। ତିକିଏ କଥାରେ ରାଗିଯାଇ ଯାହା ପଡ଼ିଲା ତାହା କହି ପକାଇବେ।

**କୁମ୍ଭ** ମଙ୍ଗଳଜନିତ ନିଜର ଲୋକମାନେ ଯେତେ ପ୍ରକାରର ସମସ୍ୟା ସୃଷ୍ଟି କଲେ ମଧ୍ୟ କୌଣସି ଅସୁବିଧା ହେବ ନାହିଁ। ତଥାପି ବ୍ୟବସାୟ ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ସୁଫଳ ପ୍ରାପ୍ତି ହୋଇପାରେ। ଦୀର୍ଘ ଦିନରୁ ଭାଙ୍ଗିପଡିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବ। ପରିବାରରେ ପିଲାଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିବ।

**ମୀନ** ରାହୁ ଚତୁର୍ଥଭାବସ୍ଥ ଯୋଗୁ ପାରିବାରିକ କ୍ଷେତ୍ରରେ କିଛିଟା ଅଭାବ ଓ ଅସୁବିଧା ମନକୁ ଭାରାକ୍ରାନ୍ତ କରିବ। କର୍ମକ୍ଷେତ୍ରରେ ସତର୍କରେ ନ ଚଳିଲେ ବିବାଦ ଭିତରକୁ ଟାଣି ହୋଇଯିବେ। ବନ୍ଧୁମାନଙ୍କ ହସ୍ତକ୍ଷେପ ଫଳରେ ପରିସ୍ଥିତିକୁ ସୁଧାରି ନେଇପାରନ୍ତି। ଏକାଧିକ କାମରେ ହାତ ଦିଅନ୍ତୁ ନାହିଁ, ଯାହାକି ବ୍ୟସ୍ତତାର କାରଣ ହୋଇପାରେ।

ଆଜି ଶ୍ରାବଣ ଶୁକ୍ଳ ନବମୀ ଯୁକ୍ତ ଦଶମୀ ଶୁକ୍ରବାର, ଶ୍ରୀମନ୍ଦିରରେ ବାଡ଼ି ନୃସିଂହ ବିଜେ, ଶ୍ରୀକ୍ଷେତ୍ରେ ଝୁଲଣ ଅଧିବାସ ଯାତ୍ରା, ଅଗଷ୍ଟ ୯ ତାରିଖ, ଭାରତଛାଡ଼ ଦିବସ, ଅଗଷ୍ଟକ୍ରାନ୍ତି ଦିବସ,ବିଶ୍ୱ ଜନଜାତି ଦିବସ, ନାଗାସାକି ଦିବସ, ରାଶି ନକ୍ଷତ୍ର-ଅନୁରାଧା/ବିଛା, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୬।୪୯ମି. ମଧ୍ୟେ, ଘ୪।୩୩ମି. ଗତେ ଘ୬।୧୯ମି. ମଧ୍ୟେ ଅମୃତବେଳା। ଦିବା ଘ୬।୪୯ମି. ଗତେ ଘ୮।୨୧ମି. ମଧ୍ୟେ, ଘ୧୧।୪୨ମି. ଗତେ ଘ୧।୧୯ମି. ମଧ୍ୟେ ମାହେନ୍ଦ୍ରବେଳା।


# classifieds Everyday
0674-2580101, 2549302




**SALE**

SUM Hospital ନିକଟରେ ଏବଂ ତମାଣ୍ଡୋ ବଜାର ପଛପଟେ ଘରବାରି plot ମିଳୁଅଛି। 9439864322. D-66752

ଭୁବନେଶ୍ୱର ବାଲକାଟି ବଜାରରୁ **2km. boundary** ଘରବାରି **plot** ଇଲେକ୍ଟ୍ରିସିଟି ସୁବିଧାଥାଇ **sqft.-550/- (Spot possession then registration). 9348020724, 7978939440.** D-66744

ଭୁବନେଶ୍ୱର **AIIMS Medical** ଠାରୁ **500 mtr** ଦୂରତାରେ **yellowzone** ଘରବାରି **boundary 30'** ରାସ୍ତାଥାଇ **sqft- 1850/-** ରେ **plot** ବିକ୍ରିହେବ। **6370292040.** D-66746

Ready for construction BDA Plot 30' road, electric pole, boundary sft. 600/-ରେ ଭୁବନେଶ୍ୱର Pitapalli, NH sideରେ ମିଳୁଅଛି। Contact: 6371719107, 6371574344. D-13815

ଭୁବନେଶ୍ୱର **Infocity-2 boundary**କୁ ଲାଗି **mega plotting project sqft. 350/-** ରେ **(Sidhavihar Colony)**ରେ **plot** କିଣନ୍ତୁ। **9114955347, 8658962508.** D-66753

Investment plot for sale near AIIMS Hospital, Bhubaneswar. 7749092225, 7327097208. D-67344

Plot for sale at Khandagiri, Hanspal, Trisulia, Nakhara, 9937816565, 9937568585. D-13835

**Ready to construction BDA yellowzone boundary, Electricity plot near VSS Nagar, Chakeisihani. 7978666923, 7326065426.** D-66751

ଭୁବନେଶ୍ୱର ଜଟଣୀ ଗେଟ୍ **NH5** ରୁ ଅଳ୍ପଦୂରତାରେ **1200sqft, 2,16,000/, IIT Argul** ରେଲୱେ ଷ୍ଟେସନଠାରେ **1200sqft 2,00,000/-** ରେ **outright** ରେ ମିଳୁଅଛି । **9776974912, 8144706560.** D-66750

ନଖରା ତ୍ରିନାଥବଜାରଠାରେ **SC plot** ଘରବାରି ପାଚେରି ସହ **1500**କୁ **5,25,000/, general plot sqft- 400/- outright**ରେ ମିଳୁଅଛି। **9348847649, 8249243709.** D-66749

**Ready to move 4BHK flat near Hotel Mayfair, Jaydev Vihar, price Rs. 5500/- per sqft & triplex and duplex at Rangabazar near BJEM English Medium School-II. Price start Rs. 45lakhs. Call: 9040046767, 9040007267.** D-67340

**ORERA registered 1BHK studio flats @ Narendrakona, Puri, construction in full-swing. Mobile: 9238356740, 9437030740.** D-67339

**Residential plot at Bramhan Jharilo gharabari with compound wall 6k.m from Nakhara, Cuttack. 7809525452/ 8249851363.** D-66937

**3500 sqft gharabari plot sale at Jagamara (Khandagiri) 30 feet road, Bhubaneswar. Contact Deepak: 9937329999.** D-66278

ଭୁବନେଶ୍ୱର ନିକଟସ୍ଥ ନଖରା, **DPS** ଅନନ୍ତପୁର, ଦଧିଚିକଲେଜ ପାଖ ବାଲିଅନ୍ତା, ପାହାଳ, ରଙ୍ଗବଜାର (ସତ୍ୟଭାମାପୁର), ଗୁଡ଼ିଆପୋଖରି (ବିଲିପଡା) ଓ ଝାରପଡାରେ ଗୃହୋପଯୋଗୀ ପ୍ଲଟ ବିକ୍ରିହେଉଛି। ଯୋଗାଯୋଗ: **8249870448.** D-13744

ପିଚୁରୋଡକୁ ଲାଗି 400 decimal plot patta boundary, electricity ଥାଇ IIT ଅରଗୁଳରେ ବିକ୍ରିହେବ। owner 9437580925. D-66171

ଫୁଲନଖରାର **Synergy Engineering College** ସମ୍ମୁଖରୁ **walkable distance** ରେ ପିଚୁରାସ୍ତାକୁ ଲାଗି ଘରବାରି **boundary plots** ଶସ୍ତାରେ ମିଳୁଛି। **9078699286.** D-66755

**New duplex for sale near Patia, Housingboard colony, land area of 1600 sqft. & construction area of 2830sqft.. Price 95lakhs (Negotiable). Contact: 9439585947 /9938788797.** D-67033




**Contact for interior design of ceiling, TV unit, wardrobe and modular kitchen from the experts. Call: 7008550473.** D-13806




Single furnished room near BDA, Keshari Talkies, Plot-5, Bhubaneswar. Contact: 9238579309. D-66172




Fully refreshed / relaxed body massage by expert therapist, Shastri Nagar. 7377984773. D-67333

Rejuvenate and ayurvedic full body massage by smart therapist. 9114402304. D-67334

Full body herbal massage with refreshment expert therapist. 7381239385, 06742540855. D-67337

Experience full body massage with us (expert). Call: 7377048581, 06742597822. D-67338

Herbal full body massage by smart / expert therapist. Contact: 8338067247. D-67335

Summer special mesmerizing offer expert therapeutic refreshing massage appointment. 9668374480. D-67336

Newly opening Ayurvedic body massage smart therapist, Shree herbal, 775 0020754. D-67343

All Health care services home available here in most income save 20000 only for Girls. 9583808247. D-13781

Welcome Seva Care enjoy sensual service by smart Therapist: 6371291612. D-67034

Kajal ayurvedic massage club fully relaxed by smart lady, home service available. 9937637219. D-66939




Medical Courses ପାଇଁ registration କରନ୍ତୁ। BDS, BAMS, BHMS, BUMS, D.Pharma, ANM, GNM (only for practioners). Whatsapp / call: 9893869473, (Agent excuse). D-67345




ଆଚାର୍ଯ୍ୟଜୀ ଗୋଲ୍ଡ ମେଡ଼ାଲିଷ୍ଟ। ସମସ୍ୟାର ତୁରନ୍ତ ସମାଧାନ। ବଶୀକରଣ, ପ୍ରେମବିବାହ, ପ୍ରେମରେ ପ୍ରତାରଣା, ସଉତୁଣୀ ଶତ୍ରୁମୁକ୍ତି, ପ୍ରେମିକ, ସ୍ୱାମୀ, ସନ୍ତାନ, ମନୋମାଳିନ୍ୟ। ସମସ୍ୟା ଯାହା ବି ହେଉ- 8054019023, 9779158760. D-13793

ଫିସ୍ ନୁହେଁ, ପୁରସ୍କାର ନେବି, ସମସ୍ୟା ନୁହେଁ ସମାଧାନ ଦେବି। Gold Medalist, ପ୍ରେମବିବାହ, ସଉତୁଣୀ-ଶତ୍ରୁମୁକ୍ତି, ସମାଧାନ ଗୋଟିଏ ଫୋନ୍‌ରେ। 09521603776 096106-09485. D-13802

**AFFIDAVIT**

By virtue of an affidavit sworn before the Notary Public, Koksara, Dt. 16.07.2019, I Laxman Pal, S/o- Late Gobind Pal of Village - Moter, P.S.- Koksara, Dist- Kalahandi (Odisha) has changed the name of my son from " Indu Sekhar Pal" to " Alok Pal". Henceforth he shall be known as " Alok Pal" for all purposes. D-13825

**LEGAL NOTICE**

Notice under Order XLI, Rule-11 of C.P.C.
ମାନନୀୟ କାମାକ୍ଷାନଗର ଅତିରିକ୍ତ ଜିଲ୍ଲା ଜଜ୍ ଙ୍କ ଅଦାଲତ। R.F.A. 7/2019
ରଞ୍ଜନ ପଣ୍ଡା... ଅପିଲାଣ୍ଟ
ବନାମ
ସୁନିତୀ ପଣ୍ଡା... ରେସ୍ପୋଣ୍ଡେଣ୍ଟ
ପ୍ରାପ୍ତେଷୁ,
ସୁନିତୀ ପଣ୍ଡା, ସ୍ୱାମୀ-ରଞ୍ଜନ ପଣ୍ଡା, ସା/ପୋ.ଅ-ମୁଣ୍ଡେଇଲୋ, ଥାନା-ପରଜଙ୍ଗ, ଜିଲ୍ଲା-ଢେଙ୍କାନାଳ। ତୁମ୍ଭଙ୍କୁ ଜଣାଇ ଦିଆଯାଉ ଅଛି କି କାମାକ୍ଷାନଗର ସିନିୟର ସିଭିଲ୍ ଜଜ୍‌ଙ୍କ ଅଦାଲତଙ୍କର ଗତ ତା. ୨୦.୦୨.୨୦୧୯ ରିଖ ସିଭିଲ୍ ସୁଟ୍ ନଂ-୨୬୦/୨୦୧୫ ର ଜଜ୍‌ମେଣ୍ଟ ବିରୁଦ୍ଧରେ ରଞ୍ଜନ ପଣ୍ଡା ଅପିଲ ଦାଖଲ କରିଅଛନ୍ତି। ଅଦାଲତ ତା. ୩୦.୦୮.୨୦୧୯ ରିଖ ଶୁଣାଣି ନିମନ୍ତେ ଧାର୍ଯ୍ୟ କରିଅଛନ୍ତି। ଯଦି ଧାର୍ଯ୍ୟ ତାରିଖରେ ତୁମ୍ଭେ ନିଜେ କିମ୍ବା କ୍ଷମତା ପ୍ରାପ୍ତ ବ୍ୟକ୍ତି ବା ଓକିଲ ଜରିଆରେ ହାଜର ନ ହୁଅ ତୁମ ଅନୁପସ୍ଥିତିରେ ଅପିଲ ଶୁଣାଣି କରାଯିବ।
ସ୍ୱ ୨୦୧୯ ମସିହା ଜୁଲାଇ ମାସ ୩୧ ତାରିଖ ଅଦାଲତଙ୍କ ସହି ଓ ମୋହର ଯୁକ୍ତରେ ଦିଆଗଲା।
S.d/-
ଅତିରିକ୍ତ ଜିଲ୍ଲା ଜଜ୍
କାମାକ୍ଷାନଗର
ଧ-୬୭୮୧୪

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଓ ବିବାହ ଶୁଭେଚ୍ଛା ଜଣାନ୍ତୁ ଟ୨୧୦/-, ରଙ୍ଗୀନ ଟ୪୨୦/-(ଫଟୋ ସହ)। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

ପାଠକଙ୍କ ପାଇଁ ସୂଚନା:
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଲୋକାୟୁକ୍ତ ସଦସ୍ୟ ଆର୍.ପି. ଶର୍ମା କାର୍ଯ୍ୟରେ ଯୋଗଦେଲେ

## ଶୀଘ୍ର ଅନ୍‌ଲାଇନରେ ଆରମ୍ଭ ହେବ ଅଭିଯୋଗ



ଭୁବନେଶ୍ୱର,୮।୮(ବ୍ୟୁରୋ)

ଲୋକାୟୁକ୍ତ ସଦସ୍ୟ ଭାବେ ମନୋନୀତ ହୋଇଥିବା ପୂର୍ବତନ ପୋଲିସ ଡିଜି ଡା.ରାଜେନ୍ଦ୍ର ପ୍ରସାଦ ଶର୍ମା ଗୁରୁବାର ବିଧିବଦ୍ଧ ଭାବେ କାର୍ଯ୍ୟରେ ଯୋଗଦେଇଛନ୍ତି। ଭୁବନେଶ୍ୱର ସତ୍ୟନଗରସ୍ଥିତ ତୋଷାଳି ପ୍ଲାଜାର ତୃତୀୟ ମହଲାରେ ଥିବା କାର୍ଯ୍ୟାଳୟରେ ଲୋକାୟୁକ୍ତ ସମ୍ପାଦକ ମାନସ ରଞ୍ଜନ ତ୍ରିପାଠୀଙ୍କ ସମେତ ଅନ୍ୟ ଅଧିକାରୀମାନେ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଏହାପରେ ସେ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀଙ୍କ ସହ କିଛି ସମୟ ଆଲୋଚନା କରି କୋର୍ଟ ରୁମ୍ ସମେତ ଅନ୍ୟ ବିଭାଗଗୁଡ଼ିକ ବୁଲି ଦେଖିଥିଲେ। ଲୋକାୟୁକ୍ତ କାର୍ଯ୍ୟାଳୟରେ କେତେଜଣ କର୍ମଚାରୀ କାର୍ଯ୍ୟ କରୁଛନ୍ତି, କେଉଁ କର୍ମଚାରୀ କେଉଁ ଦାୟିତ୍ୱରେ ରହିଛନ୍ତି, ସୁରକ୍ଷା ଓ ଅନ୍ୟ ଜରୁରୀ ବ୍ୟବସ୍ଥା ସମ୍ପର୍କରେ ଡା. ଶର୍ମା ପଚାରି ବୁଝିଥିଲେ। ଦୁଇଦିନ ତଳେ ଲୋକାୟୁକ୍ତ ସଦସ୍ୟଭାବେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଡା. ଶର୍ମାଙ୍କ ନାମରେ ମୋହର ମାରିଥିଲେ। ଏହାପରେ ସେ ପୋଲିସ ଡିଜି ପଦରୁ ସ୍ୱେଚ୍ଛାକୃତ ଅବସର ପାଇଁ କେନ୍ଦ୍ରର ଅନୁମତି ଲୋଡ଼ିଥିଲେ। ଅନୁମତି ମିଳିବା ପରେ ଗୁରୁବାର ଡା. ଶର୍ମା ନୂତନ ପୋଲିସ ଡିଜି ବିଜୟ କୁମାର ଶର୍ମାଙ୍କୁ ଦାୟିତ୍ୱ ହସ୍ତାନ୍ତର କରିବା ସହ ଅପରାହ୍ଣରେ ଲୋକାୟୁକ୍ତ ସଦସ୍ୟ ଭାବେ ନୂଆ ଦାୟିତ୍ୱ ଗ୍ରହଣ କରିଛନ୍ତି।

ଗତ ୨୦ ତାରିଖରେ ପ୍ରଥମ ଲୋକାୟୁକ୍ତ ଅଧ୍ୟକ୍ଷ ଭାବେ ଜଷ୍ଟିସ ଅଜିତ ସିଂହ ଦାୟିତ୍ୱ ଗ୍ରହଣ କରିଥିଲେ। ଏହାପୂର୍ବରୁ ଏପ୍ରିଲ ୪ରେ ପ୍ରଥମ ସଦସ୍ୟ (ନ୍ୟାୟିକ) ଭାବେ ଓଡ଼ିଶା ହାଇକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ ବିଜୟ କୁମାର ନାୟକ ଓ ଦ୍ୱିତୀୟ ସଦସ୍ୟ ଭାବେ ପୂର୍ବତନ ଭାରତୀୟ ବନସେବା ଅଧିକାରୀ ଦେବବ୍ରତ ସ୍ୱାଇଁ କାର୍ଯ୍ୟରେ ଯୋଗଦେଇଥିଲେ। ଏବେ ତୃତୀୟ ସଦସ୍ୟଭାବେ ଡା. ଶର୍ମା କାର୍ଯ୍ୟଭାର ଗ୍ରହଣ କରିଛନ୍ତି।

ଲୋକାୟୁକ୍ତ ଆଇନ ମୁତାବକ ଅଧ୍ୟକ୍ଷଙ୍କ ବ୍ୟତୀତ ୫ଜଣ ସଦସ୍ୟ ରହିପାରିବେ। ଦୁର୍ନୀତି ବିରୋଧରେ ଅଭିଯୋଗ ଗ୍ରହଣ କରିବା ସହ ଶୁଣାଣି କରି ଆଇନ ଅନୁଯାୟୀ ଦଣ୍ଡବିଧାନ କରିବା ପାଇଁ ଲୋକାୟୁକ୍ତ କାମ କରିବ। ଅଭିଯୋଗ ପାଇବାର ୬୦ ଦିନ ମଧ୍ୟରେ ସ୍ୱତନ୍ତ୍ର ଏଜେନ୍ସି ଦ୍ୱାରା ଅଭିଯୋଗର ତଦନ୍ତ କରି ରିପୋର୍ଟ ସଂଗ୍ରହ କରିବା ସହ ମାମଲାର ଶୁଣାଣି କରିବ। ୨୦୧୮ ଫେବୃୟାରୀରେ ଲୋକାୟୁକ୍ତ ଗଠନ ହେବାପରଠାରୁ ଅଦ୍ୟାବଧି ୧୯୪ ମାମଲା ପଞ୍ଜୀକରଣ ହୋଇଥିଲା। ଏବେଠାରୁ ଏହାର ଶୁଣାଣି ପ୍ରକ୍ରିୟା ଆରମ୍ଭ ହେବ ବୋଲି ଜଣାପଡ଼ିଛି। ଅଭିଯୋଗଗୁଡ଼ିକର ପଞ୍ଜୀକରଣ ମାନୁଆଲ ଭାବେ ହେଉଥିବାବେଳେ ଖୁବ୍‌ଶୀଘ୍ର ଏହା ଅନ୍‌ଲାଇନ୍‌ରେ କରାଯିବାକୁ ସ୍ୱତନ୍ତ୍ର ପୋର୍ଟାଲ ଖୋଲିବାର ବ୍ୟବସ୍ଥା ହେଉଥିବା ସୂଚନା ମିଳିଛି।

## କେନ୍ଦ୍ରାପଡ଼ା ଜିଲାରେ ଜଳଶକ୍ତି ଅଭିଯାନ ଶୁଭାରମ୍ଭ

# 'ଆଗାମୀ ପିଢ଼ି ପାଇଁ ଏବେଠୁ ସଂରକ୍ଷଣ ଆବଶ୍ୟକ'

କେନ୍ଦ୍ରାପଡ଼ା ଅଫିସ, ୮।୮

ଆଗାମୀ ପିଢ଼ି ପାଇଁ ଏବେଠାରୁ ଜଳ ସଂରକ୍ଷଣ ଆବଶ୍ୟକ। କେନ୍ଦ୍ର ସରକାରଙ୍କ ଜଳଶକ୍ତି ଅଭିଯାନରେ ପ୍ରଥମ ପର୍ଯ୍ୟାୟରେ ଓଡ଼ିଶାର ଏକମାତ୍ର ଜିଲା ଭାବେ କେନ୍ଦ୍ରାପଡ଼ା ସ୍ଥାନ ପାଇଥିବାରୁ ଗୁରୁବାର ସହରର ଟାଉନହଲଠାରେ ଏହାର ଶୁଭାରମ୍ଭ ଅବସରରେ ଏହି ମତ ପ୍ରକାଶ ପାଇଛି। ରାଜ୍ୟ ସରକାରଙ୍କ ଜଳସମ୍ପଦ ମନ୍ତ୍ରୀ ରଘୁନନ୍ଦନ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଛନ୍ତି। ଏ ନେଇ ଜିଲାପାଳ ସମର୍ଥ ବର୍ମାଙ୍କ ଅଧ୍ୟକ୍ଷତାରେ ଉଦ୍‌ଘାଟନୀ ସଭା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ମନ୍ତ୍ରୀ ଦାସ କହିଥିଲେ, ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ଏହି ଅଭିଯାନ ଦ୍ୱାରା ଆଗାମୀ ଦିନରେ ଜଳସଙ୍କଟ ଦୂର ହୋଇପାରିବ। ଜଳ ସଂରକ୍ଷଣ ଓ ବର୍ଷାଜଳ ଅମଳ, ପାରମ୍ପରିକ ଜଳ ଉତ୍ସର ପୁନରୁଦ୍ଧାର, ଜଳ ଛାୟା ବିକାଶ, ବ୍ୟାପକ ବନୀକରଣ ଦ୍ୱାରା ପାନୀୟ ଜଳ ସମସ୍ୟା ଦୂର ହେବା ସହିତ




ଉଦ୍‌ଘାଟନୀ ଉତ୍ସବରେ ଜଳସମ୍ପଦ ମନ୍ତ୍ରୀ ରଘୁନନ୍ଦନ ଦାସ ଓ ଅନ୍ୟମାନେ।

କେନ୍ଦ୍ରାପଡ଼ା ଜିଲା ଭୂତଳ ଜଳସ୍ତରକୁ ବୃଦ୍ଧି କରିହେବ। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଏହାର ପ୍ରମୁଖ ଦାୟିତ୍ୱ ତୁଲାଇବେ ବୋଲି ମନ୍ତ୍ରୀ ଦାସ କହିଥିଲେ। ଏଥିସହ ପ୍ରତି ପଞ୍ଚାୟତରେ ଓଡ଼ିଶା ଜୀବିକା ମିଶନରେ ସାମିଲ ମହିଳାମାନେ ଜଳ ସଂରକ୍ଷଣ ଓ ବନୀକରଣ ପ୍ରତି ସଚେତନତା ସୃଷ୍ଟି କରିବେ। ଏହି ଅଭିଯାନରେ ଛାତ ଉପରେ ବର୍ଷା ଜଳକୁ ସଂରକ୍ଷଣ କରି ଭୂପୃଷ୍ଠକୁ ଛାଡ଼ିବା ପାଇଁ ଜନ ସଚେତନତା ସୃଷ୍ଟି କରାଯାଉଛି। ଏଥିପାଇଁ ୨୦୦୦ରୁ କମ୍ ବର୍ଗଫୁଟ ବିଶିଷ୍ଟ ଛାତକୁ ଚିହ୍ନଟ କରାଯାଉଛି। ଜଳ ଯୋଗାଣ ପ୍ରକଳ୍ପର ପରିଚାଳନା, ରକ୍ଷଣାବେକ୍ଷଣ, ପାନୀୟ ଜଳ ଗୁଣାତ୍ମକ ମାନ ନିୟମିତ ଯାଞ୍ଚ ଏବଂ ରାସାୟନିକ ପରୀକ୍ଷା ଆଦି ଦ୍ୱାରା ଶୁଦ୍ଧ ପାନୀୟ ଜଳ ସମସ୍ତଙ୍କ ନିକଟରେ ପହଞ୍ଚାଇବା ପାଇଁ ଜିଲାବାସୀଙ୍କ ସହଯୋଗ ଆବଶ୍ୟକ ଥିବା ମନ୍ତ୍ରୀ ଦାସ ପ୍ରକାଶ କରିଥିଲେ।

ଉଦ୍‌ଘାଟନୀ ସଭାରେ କେନ୍ଦ୍ରାପଡ଼ା ବିଧାୟକ ଶଶୀଭୂଷଣ ବେହେରା, ଆଳି ବିଧାୟକ ପ୍ରତାପ କେଶରୀ ଦେବ, ମହାକାଳପଡ଼ା ବିଧାୟକ ଅତନୁ ସବ୍ୟସାଚୀ ନାୟକ, ରାଜନଗର ବିଧାୟକ ଧ୍ରୁବ ସାହୁ, ପାଟକୁରା ବିଧାୟକ ସାବିତ୍ରୀ ଅଗ୍ରୱାଲ, ଜିଲା ପରିଷଦ ଅଧ୍ୟକ୍ଷ ମାନସ କୁମାର ପରିଡ଼ା, ୟୁନିସେଫ୍‌ର ଜଳ ପରିମଳ ବିଭାଗୀୟ ଅଧିକାରୀ ନରେନ୍ଦ୍ର ସିଂହ ଚୌହାନ, ଜଳସମ୍ପଦ ବିଭାଗ ପ୍ରମୁଖ ସଚିବ ପ୍ରଦୀପ ଜେନା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ଜିଲାର ସାମୁଦ୍ରିକ ତଟବର୍ତ୍ତୀ ଅଞ୍ଚଳର ଭୂପୃଷ୍ଠରେ ଲୁଣା ଅଂଶ ରହିବା, ପ୍ରବାହିତ ନଦୀଗୁଡ଼ିକ ପ୍ରଦୂଷିତ ହେବା ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିସହିତ ଭିତରକନିକାର ଜୈବ ବିବିଧତା ବଜାୟ ରଖିବା, ଜିଲାରେ ଆଗାମୀ ପିଢ଼ି ପାଇଁ ପାନୀୟ ଜଳ ସମସ୍ୟା ଦୂର କରିବା ନିମନ୍ତେ ଜଳ ସଂରକ୍ଷଣ ଓ ବନୀକରଣକୁ ଅତିଥିମାନେ ଗୁରୁତ୍ୱ ଦେଇଥିଲେ। ସଭା ପ୍ରାରମ୍ଭରେ ଜନସଚେତନତା ପାଇଁ ଜଳଶକ୍ତି ରଥ ଶୁଭାରମ୍ଭ କରାଯାଇଛି। ଏଥିସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବାର୍ତ୍ତା ପଠନ ସହ ଜଳ ଶକ୍ତି ସମ୍ବନ୍ଧୀୟ ବୃତ୍ତଚିତ୍ର ଉନ୍ମୋଚିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ପିଡି ଦିଲ୍ଲୀପ କୁମାର ପରିଡ଼ା ପରିଚାଳନା କରିଥିଲେ।

## ଡିଜିପି ଭାବେ ଦାୟିତ୍ୱ ନେଲେ ବି.କେ.ଶର୍ମା

# 'ଟେକ୍ନୋଲୋଜିକୁ ଅଧିକ ଗୁରୁତ୍ୱ ଦିଆଯିବ'



- ପୋଲିସର ମାନସିକତା ଓ ଚାରିତ୍ରିକ ସଂଶୋଧନ ପାଇଁ ପରାମର୍ଶ
- ୫-ଟି ମନ୍ତ୍ରକୁ ପୋଲିସ ବିଭାଗରେ ପ୍ରୟୋଗ କରାଯିବ

**କଟକ ଅଫିସ/ ଭୁବନେଶ୍ୱର, ୮।୮(ବ୍ୟୁରୋ):** ଓଡ଼ିଶା ପୋଲିସର ନୂତନ ଆରକ୍ଷୀ ମହାନିର୍ଦ୍ଦେଶକ (ଡିଜି) ଭାବେ ନିଯୁକ୍ତି ପାଇଥିବା ରାଜ୍ୟ ଅଗ୍ନିଶମ ବିଭାଗ ଡିଜି ବିଜୟ କୁମାର ଶର୍ମା ଗୁରୁବାର କାର୍ଯ୍ୟରେ ଯୋଗଦେଇଛନ୍ତି। ପୂର୍ବାହ୍ଣରେ କଟକସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସେ ପହଞ୍ଚିବା ପରେ ପ୍ରଥମେ ତାଙ୍କୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଥିଲା। ବରିଷ୍ଠ ପୋଲିସ ଅଫିସରମାନେ ତାଙ୍କୁ ସ୍ୱାଗତ କରିବା ପରେ ଡିଜିପିଙ୍କ ଚାମ୍ବରକୁ ନିଆଯାଇଥିଲା। ଏହାପରେ ସେ ପୂର୍ବତନ ଡିଜିପି ଡା. ଆର୍.ପି. ଶର୍ମାଙ୍କଠାରୁ ବିଧିବଦ୍ଧ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ।

ନୂଆ ଦାୟିତ୍ୱ ଗ୍ରହଣ କରିବା ପରେ ଡିଜିପି ଶର୍ମା ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଦେବା ସହ ଓଡ଼ିଶା ପୋଲିସର ଆଗାମୀ କାର୍ଯ୍ୟ ପନ୍ଥା ଓ ତାଙ୍କ କର୍ତ୍ତବ୍ୟ ବିଷୟରେ କହିଥିଲେ। ସେ କହିଲେ, ପୋଲିସ ବ୍ୟବସ୍ଥାରେ ଟେକ୍ନୋଲୋଜିକୁ ଆହୁରି ଅଧିକ ଗୁରୁତ୍ୱ ଦିଆଯିବ। ନାରୀ ସୁରକ୍ଷା, ମାଓବାଦୀ ଦମନ, ସାଇବର ଅପରାଧ ନିୟନ୍ତ୍ରଣ, ପୋଲିସ କାର୍ଯ୍ୟଧାରାରେ ସ୍ୱଚ୍ଛତା ତଥା ଗୋଇନ୍ଦା ବିଭାଗକୁ ଅଧିକ ଗୁରୁତ୍ୱ ଦିଆଯିବ ବୋଲି ଡିଜିପି କହିଛନ୍ତି।

ଏହାପରେ ଅପରାହ୍ଣ ୫ଟାରେ ଡିଜିପି ଶର୍ମା ଭୁବନେଶ୍ୱରସ୍ଥିତ କ୍ୟାମ୍ପ ଅଫିସରେ ପହଞ୍ଚିବା ପରେ ପୋଲିସ କମିଶନର ସତ୍ୟଜିତ ମହାନ୍ତି ତାଙ୍କୁ ପୁଷ୍ପଗୁଚ୍ଛଦେଇ ସ୍ୱାଗତ କରିଥିଲେ। ଡିସିପି ଅନୁପ ସାହୁ ଓ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତରେ ତାଙ୍କୁ ଗାର୍ଡ ଅଫ୍ ଅର୍ନର ପ୍ରଦାନ କରାଯାଇଥିଲା। ଏ ଅବସରରେ ସେ କହିଲେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୫-ଟି ମନ୍ତ୍ରକୁ ପୋଲିସ ବିଭାଗରେ ପ୍ରୟୋଗ କରିବେ। ଥାନାରେ କାର୍ଯ୍ୟରତ ପୋଲିସର ମାନସିକତା ଓ ଚାରିତ୍ରିକ ସଂଶୋଧନ ହେବା ଦରକାର। ଲୋକଙ୍କୁ ଉଚିତ ନ୍ୟାୟ ମିଳିବ ବୋଲି ସେ କହିଛନ୍ତି।।

JDCA
JD Centre of Art

**Notice Inviting Tender of Brick Wall Work for Block A, JD Centre of Art, Bhubaneswar, Odisha**

An International Art Museum

Applicants are invited for percentage rate bids from the eligible contractors with valid license from CPWD/PWD/MES etc. for the civil work of JD Centre of Art with a built-up area of abt. 27,000 sqft. at A5 Jagamara, Bhubaneswar. Sealed applications are to be submitted at the address mentioned below & by email. Refer to the website for details and changes etc.

| Estimated Cost of Works (Rs.) | Earnest Money Deposit (Rs.) | Cost of Tender Document pay by DD/Cheque (Rs.) | Completion Period |
|---|---|---|---|
| 70,75,550/- | 1,41,500/- | 2,000/- | 5 months |

| Publication of Tender | Last Date of Submission | Date of Tender Opening |
|---|---|---|
| 09.08.2019 | 28.08.2019 1700 hrs | 29.08.2019 1600 hrs |

For queries & tender documents: spaces@jdcentreofart.org
A20 VIP Colony, Nayapalli, Bhubaneswar 751015
T: 0674 254195, 2555077, +91 9310322133

**ସ୍ୟାଟ୍ ଉଚ୍ଛେଦ ପ୍ରସଙ୍ଗ**

# ଆଜି ଆଇନଜୀବୀଙ୍କ ଆନ୍ଦୋଳନ

**କଟକ ଅଫିସ, ୮।୮:** ଓଡ଼ିଶା ପ୍ରଶାସନିକ ନ୍ୟାୟାଧିକରଣ (ସ୍ୟାଟ୍) ଉଚ୍ଛେଦ ନେଇ ଶୁକ୍ରବାର ଆଇନଜୀବୀମାନେ ଆନ୍ଦୋଳନ କରିବେ। ଏହି ଆନ୍ଦୋଳନ ଗୋଟିଏ ଦିନ ହେବାକୁ ଥିବାବେଳେ ପରବର୍ତ୍ତୀ ସମୟରେ ଆନ୍ଦୋଳନର ସମୟକୁ ନେଇ ନିଷ୍ପତ୍ତି ନିଆଯିବ ବୋଲି ସ୍ୟାଟ୍ ବାର ଆସୋସିଏଶନ ପକ୍ଷରୁ ସୂଚନା ଦିଆଯାଇଛି। ଉକ୍ତ ଆନ୍ଦୋଳନକୁ ହାଇକୋର୍ଟ ବାର୍ ଆସୋସିଏଶନ, ହାଇକୋର୍ଟ କ୍ରିମିନାଲ ବାର୍, କେନ୍ଦ୍ର ପ୍ରଶାସନିକ ଟ୍ରିବ୍ୟୁନାଲ ବାର୍, ଡେବ୍ଟ ରିକଭରି ଟ୍ରିବ୍ୟୁନାଲ ବାର୍, କଞ୍ଜୁମର ବାର୍, କ୍ଲେମ୍ ବାର୍, ରେଲ୍ ବାର୍, ଭୁବନେଶ୍ୱର ବାର୍ ଆସୋସିଏଶନ ପ୍ରମୁଖ ସମର୍ଥନ ଜଣାଇଛି।

ସ୍ୟାଟ୍ ଉଚ୍ଛେଦ ଯୋଗୁ ରାଜ୍ୟ ସରକାରଙ୍କ ଅଧୀନରେ କାର୍ଯ୍ୟରତ ଅନେକ କର୍ମଚାରୀ ନ୍ୟାୟ ପାଇବାକୁ ବଞ୍ଚିତ ହେବେ। ସ୍ୟାଟ୍ ଯୋଗୁ ରାଜ୍ୟ ସରକାରୀ କର୍ମଚାରୀଙ୍କ ୯୦ ପ୍ରତିଶତ ମାମଲା ସମାଧାନ ହୋଇପାରୁଥିଲା। ଏହି କୋର୍ଟରେ ମାମଲା ସମାଧାନ ହୋଇ ନ ପାରିଲେ ତାହା ହାଇକୋର୍ଟକୁ ଯାଉଥିଲା। ହାଇକୋର୍ଟରେ ୨୭ଜଣ ବିଚାରପତିଙ୍କ ସ୍ଥାନରେ ମାତ୍ର ୧୪ଜଣ ରହିଥିବାରୁ ରାଜ୍ୟ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ଏଠାରେ ସମାଧାନ ହେବା କଷ୍ଟକର ହେବ। ନ୍ୟାୟ ପାଇବା ପାଇଁ ସେମାନଙ୍କୁ ବର୍ଷବର୍ଷ ଲାଗିଯିବ ବୋଲି କଟକ ଟ୍ୟାକ୍ସବାର୍ ଆସୋସିଏଶନର ସଭାପତି ନଟବର ପଣ୍ଡା, ଉପଦେଷ୍ଟା ପ୍ରଦୀପ ପଟ୍ଟନାୟକ, ହାଇକୋର୍ଟ ବାର୍ ଆସୋସିଏଶନ ସଭାପତି ଗୋପାଳକୃଷ୍ଣ ମହାନ୍ତି, ସମ୍ପାଦକ ସଞ୍ଜୟ କୁମାର ଦାସ, ହାଇକୋର୍ଟ କ୍ରିମିନାଲ ବାର୍ ଆସୋସିଏଶନ ସଭାପତି କାମଦେବ କାନୁନ୍‌ଗୋ, ସ୍ୟାଟ୍ ବାର୍ ଆସୋସିଏଶନ ସମ୍ପାଦକ ଶଶିଭୂଷଣ ଜେନା କହିଛନ୍ତି।

ସୂଚନାଯୋଗ୍ୟ, ୧୯୮୬ ଜୁଲାଇ ୧୪ରେ ସ୍ୟାଟ୍ ପ୍ରତିଷ୍ଠା ହୋଇଥିଲା। ୨୦୧୪ ଫେବୃୟାରୀ ୧୮ରେ ସ୍ୟାଟ୍‌ରେ ୮ଜଣ ସଦସ୍ୟ ରହିବା ନେଇ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଭୁବନେଶ୍ୱର ଏହାର ପ୍ରମୁଖ ବେଞ୍ଚ ହୋଇଥିଲା। ତେବେ କଟକ ବେଞ୍ଚ ସହିତ ସମ୍ବଲପୁର ଓ ବ୍ରହ୍ମପୁର ସର୍କିଟ୍ ବେଞ୍ଚ ପ୍ରତିଷ୍ଠା କରାଯାଇଥିଲା। ମାତ୍ର ରାଜ୍ୟ ସରକାରଙ୍କ କ୍ୟାବିନେଟ୍ ୨୦୧୫ ସେପ୍ଟେମ୍ବର ୯ରେ ସ୍ୟାଟ୍ ଉଚ୍ଛେଦ ଲାଗି ନିଷ୍ପତ୍ତି ନେଇ ହାଇକୋର୍ଟଙ୍କ ଅନୁମୋଦନ କ୍ରମେ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରାଯାଇଥିଲା। ଏ ନେଇ ସୋମବାର କେନ୍ଦ୍ର ସରକାର ସ୍ୟାଟ୍‌ଉଚ୍ଛେଦ ନେଇ ଗେଜେଟ୍‌ନୋଟିଫିକେସନ ପ୍ରକାଶ କରିଥିଲେ।

७७ -
୭୭ତମ ଅଗଷ୍ଟ କ୍ରାନ୍ତି ଦିବସ
ଏବଂ
ଗାନ୍ଧିଜୀଙ୍କ ୧୫୦ତମ ଜୟନ୍ତୀ ପାଳନ ଉତ୍ସବ
150 YEARS OF CELEBRATING THE MAHATMA
୯ ଅଗଷ୍ଟ ୨୦୧୯, ସମୟ- ପୂର୍ବାହ୍ଣ ୧୧ ଘଟିକା
ଓଡ଼ିଶା ରାଜ୍ୟ ଅଭିଲେଖାଗାର, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାର

କାର୍ଯ୍ୟକ୍ରମ
ରାଜ୍ୟ ଅଭିଲେଖାଗାର ଓ ପୂର୍ବାଞ୍ଚଳ ଜାତୀୟ ଅଭିଲେଖାଗାର ଶାଖା, ଭୁବନେଶ୍ୱର ମିଳିତ ସହଯୋଗରେ ଭାରତ ଛାଡ଼ ଆନ୍ଦୋଳନ ସମ୍ବନ୍ଧିତ ତଥ୍ୟ ଭିତ୍ତିକ ପ୍ରଦର୍ଶନୀ
ଭାରତୀୟ ଡାକ ବିଭାଗ ପକ୍ଷରୁ ଗାନ୍ଧିଜୀଙ୍କ ସମ୍ବନ୍ଧିତ ଡାକଟିକଟ ପ୍ରଦର୍ଶନୀ
ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ସମ୍ବର୍ଦ୍ଧନା
ଶ୍ରୀଯୁକ୍ତ ରାମହରି ଗୋସ୍ୱାମୀ, ଭଦ୍ରକ
ଶ୍ରୀଯୁକ୍ତ ଦେବେନ୍ଦ୍ର ଗୁପ୍ତା, ସମ୍ବଲପୁର
ଶ୍ରୀଯୁକ୍ତ ଶ୍ୟାମସୁନ୍ଦର ବେହେରା, ଭଦ୍ରକ
ରାଜ୍ୟ ଅଭିଲେଖାଗାର ୱେବ୍ ପୋର୍ଟାଲ୍ ଲୋକାର୍ପଣ
ଗାନ୍ଧିଜୀଙ୍କ ୧୫୦ତମ ଜୟନ୍ତୀ ପାଳନ ଅବସରରେ ରାଜ୍ୟ ଅଭିଲେଖାଗାର ପକ୍ଷରୁ ଡାକ ବିଭାଗ ଦ୍ୱାରା ପ୍ରସ୍ତୁତ ବିଶେଷ ଲଫାପା ଆବରଣ ଉନ୍ମୋଚନ
ପ୍ରାଚୀତାରାଙ୍କ ଅଗଷ୍ଟ କ୍ରାନ୍ତି ଭିତ୍ତିକ ଗଳ୍ପ କଥନ ଓ ଅଭିନୟ ପରିବେଷଣ
'ଅଗଷ୍ଟ କ୍ରାନ୍ତି ଓ ଗାନ୍ଧିଜୀ' ଶୀର୍ଷକ ଆଲୋଚନା ଚକ୍ର
ବକ୍ତା
ଶ୍ରୀ ଅଭିରାମ ବିଶ୍ୱାଳ
ପ୍ରଫେସର ପ୍ରୀତିଶ ଆଚାର୍ଯ୍ୟ
ଶ୍ରୀ ପ୍ରହଲାଦ କୁମାର ସିଂହ
ଅଧ୍ୟକ୍ଷତା
ଡ. ଯତୀନ୍ଦ୍ର କୁମାର ନାୟକ

ମୁଖ୍ୟ ଅତିଥି
ପ୍ରଫେସର ଗଣେଶୀ ଲାଲ୍
ଓଡିଶାର ମହାମହିମ ରାଜ୍ୟପାଳ
ସମ୍ମାନନୀୟ ଅତିଥି
ଶ୍ରୀଯୁକ୍ତ ଜ୍ୟୋତିପ୍ରକାଶ ପାଣିଗ୍ରାହୀ
ମାନ୍ୟବର ମନ୍ତ୍ରୀ
ପର୍ଯ୍ୟଟନ; ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
ଶ୍ରୀଯୁକ୍ତ ମନୋରଞ୍ଜନ ପାଣିଗ୍ରାହୀ
ପ୍ରମୁଖ ଶାସନ ସଚିବ
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
ଡ. ସନ୍ତୋଷ କୁମାର କମିଳା
ମୁଖ୍ୟ ମହାଡାକପାଳ
ଓଡ଼ିଶା ପରିମଣ୍ଡଳ
ଶ୍ରୀଯୁକ୍ତ ବିଜୟ କୁମାର ନାୟକ
ବିଭାଗୀୟ ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ

ଉତ୍ସବରେ ଯୋଗ ଦେବାପାଇଁ ଆପଣଙ୍କୁ ବିନମ୍ର ଅନୁରୋଧ
ଶୁଚିସ୍ମିତା ମନ୍ତ୍ରୀ
ଅଧୀକ୍ଷକ, ଓଡ଼ିଶା ରାଜ୍ୟ ଅଭିଲେଖାଗାର
DSPL-65
03001/13/0014/1920



CLASSIFIED DISPLAY

ଶ୍ରବଣ ସମସ୍ୟା?
Free Hearing Check-up Camp (Going on at all Audizone Centres)
Exchange Offer ▪ EMI Facility ▪ Attractive Discount
ଶ୍ରବଣ ଯନ୍ତ୍ର
DIGITAL HEARING AID
signia Life sounds brilliant. SIEMENS
Signia GmbH is a Trademark Licensee of Siemens AG
Audizone Speech & Hearing Clinic
BHUBANESWAR: Baramunda 9777806331 | Saheed Nagar 6371045707 | Jaydev Vihar 6372287878
CUTTACK: Link Road 7381770531
KORAPUT: In front of S.L.N Medical 6372307123

Life Care Emporium
Upto 50% OFF
AN EXCLUSIVE SHOWROOM OF HOSPITAL ITEMS & BODY FITNESS MATERIALS



Plot No.48, Ground Floor, Narayani Complex, Ashok Nagar, Bhubaneswar-751009, E-mail: lifecareemporium@gmail.com, www.lifecareemporium.com
9861067341, 0674-2597841

MORE SPACE • SAME PRICE
CLASSIFIED DISPLAY
(On Tuesday & Friday All Orissa Edition)

| | SIZE | COLOR | B/W |
|---|---|---|---|
| For 15 insertions | 6 × 8 | 40,000 | 35,000 |
| 8 insertions in a month | 6 × 8 | 20,000 | 18,000 |
| 4 insertions in a month | 6 × 8 | 11,000 | 10,000 |
| Single day | 6 × 8 | 2,800 | 2,500 |

For Booking Contact:
Pusparaj-7894447148, Santosh-7894447131
Ajaya- 7894447165, Tapan- 7894447166
5% GST Applicable

LEARN CCTV ପ୍ରଶିକ୍ଷଣ କେନ୍ଦ୍ର
Become a CCTV Engineer
Start your own Business in Low Investment
INSTALLATION & NETWORKING
CCTV Training Centre. Become a CCTV Engineer in Just 25 days
- CCTV, Biometric & EPABX Marketing, Installation & Technical Training.
- Onsite Practice
- Internship
- 100% Job Placement
- Class Detailing
- 100% Practical Training
- Hostel Facility available
ଅଳ୍ପ ପାଠୁଆ ବି ଯୋଗ୍ୟ ଇଞ୍ଜିନିୟର ହୋଇପାରିବେ ।
SECURE TECHNICAL INSTITUTE Patia Square Bhubaneswar
7064320000, 9583171111

ହେ ଈଶ୍ୱରଙ୍କର ବୀରସୈନିକ ! ତୁମ ପାଇଁ ଦୁଃଖ, ଲଜ୍ଜା ବା ଯନ୍ତ୍ରଣା କାହିଁ ? କାରଣ ତୁମ ଜୀବନ ହିଁ ଏକ ମହାନ୍ ବିଜୟ- ତୁମର କର୍ମ ଏକ ଉତ୍ସର୍ଗ-ବିଜୟ ହିଁ ତୁମର ଭଗବାନ ଏବଂ ପରାଜୟ ମଧ୍ୟ ତୁମର ବିଜୟ। -ଶ୍ରୀଅରବିନ୍ଦ



# ସୁଧ କମାଅ

ଭାରତୀୟ ରିଜର୍ଭ ବ୍ୟାଙ୍କ ବୁଧବାର ରେପୋ ରେଟ୍ (ଦରକାର ବେଳେ ଯେଉଁ ସୁଧହାରରେ ବାଣିଜ୍ୟିକ ବ୍ୟାଙ୍କଗୁଡ଼ିକ ରିଜର୍ଭ ବ୍ୟାଙ୍କଠାରୁ ଋଣ ନିଅନ୍ତି) ୩୫ ବେସିସ୍ ପଏଣ୍ଟ ହ୍ରାସ କରିଛି। ଏହି ହ୍ରାସ ପରେ ରେପୋ ହାର ୫.୭୫ରୁ କମି ୫.୪୦ ପ୍ରତିଶତ ହୋଇଛି। ଚଳିତ ବର୍ଷ ଚତୁର୍ଥ ଥର ପାଇଁ ରିଜର୍ଭ ବ୍ୟାଙ୍କ ସିଧାସଳଖ ଏହି ହ୍ରାସ ଘଟାଇଛି। ଶେଷଥର ପାଇଁ ରେପୋ ହାର ଏହିପରି ତଳ ସ୍ତରରେ ରହିଥିଲା ୨୦୧୦ ଜାନୁୟାରୀରେ ଏବଂ ସେତେବେଳେ ଏହା ଥିଲା ୫.୫୦ ପ୍ରତିଶତ। ଗତ ଫେବୃୟାରୀ, ଏପ୍ରିଲ ଓ ଜୁନ୍‌ରେ ସର୍ବୋଚ୍ଚ ବ୍ୟାଙ୍କ ରେପୋ ହାର ୨୫ ବେସିସ୍ ପଏଣ୍ଟ ଲେଖାଏ ହ୍ରାସ କରିଥିଲେ ଏବଂ ବର୍ତ୍ତମାନର ହ୍ରାସକୁ ମିଶାଇଲେ ଚଳିତ ବର୍ଷ ମୋଟ ୧୧୦ ବେସିସ୍ ପଏଣ୍ଟ ହ୍ରାସ ଘଟିଛି। ତେବେ ସବୁଠାରୁ ବଡ଼କଥା ହେଉଛି ଏହି ରେପୋ ହାର ହ୍ରାସ କରିବା ସହିତ ରିଜର୍ଭ ବ୍ୟାଙ୍କ ଭବିଷ୍ୟତ ପାଇଁ ମଧ୍ୟ ତା'ର ଉଦାର ଆଭିମୁଖ୍ୟ ପ୍ରକାଶ କରିଛି। ଅର୍ଥାତ୍ କେନ୍ଦ୍ରୀୟ ବ୍ୟାଙ୍କ ସୂଚନା ଦେଇଛି ଯେ, ନିକଟ ଭବିଷ୍ୟତରେ ଏହି ସୁଧହାର ଆଉ ବଢ଼ିବ ନାହିଁ। ଏହା ଗତ ଜୁନ୍ ମାସରୁ ତା'ର ଉଦାର ଆଭିମୁଖ୍ୟ ପ୍ରଦର୍ଶନ କରିଆସୁଛି। ବାରମ୍ବାର ସୁଧହାର ହ୍ରାସର ଲକ୍ଷ୍ୟ ହେଉଛି ମାନ୍ଦା ଧରିଆସିଥିବା ଅର୍ଥନୀତିକୁ ଅଧିକ ଗତିଶୀଳ କରିବା। ୨୦୧୯-୨୦ ପାଇଁ ଜିଡିପି ଅଭିବୃଦ୍ଧି ଜୁନ୍ ପଲିସି ଘୋଷଣା ସମୟରେ ବ୍ୟାଙ୍କ ୭ ପ୍ରତିଶତରୁ ୬.୯ ପ୍ରତିଶତକୁ ହ୍ରାସ ପାଇବ ବୋଲି ପୂର୍ବାନୁମାନ କରିଥିବା ବେଳେ ଏଥିରୁ ଅର୍ଥନୀତି ବିତ୍ତୀୟ ବର୍ଷର ପ୍ରଥମାର୍ଦ୍ଧରେ ୫.୮ରୁ ୬.୬ ପ୍ରତିଶତ ଏବଂ ବର୍ଷର ଦ୍ୱିତୀୟାର୍ଦ୍ଧରେ ୭.୩ରୁ ୭.୫ ପ୍ରତିଶତ ସଂକୁଚିତ ହେଉଥିବା ଜଣାପଡୁଛି। ୨୦୨୦-୨୧ ଆର୍ଥିକ ବର୍ଷରେ ପ୍ରଥମ ତ୍ରିମାସୀରେ ଜିଡିପି ଅଭିବୃଦ୍ଧି ହାର ୭.୪ ପ୍ରତିଶତ ରହିବ ବୋଲି ପୂର୍ବାନୁମାନ କରାଯାଇଛି।

ଅର୍ଥନୈତିକ ଅଭିବୃଦ୍ଧିକୁ ନେଇ ଅନେକ ବାଜିମରା ଚାଲିଛି। ଅଟୋମୋବାଇଲ କ୍ଷେତ୍ରରେ ବ୍ୟାପକ କର୍ମନିଯୁକ୍ତି ହ୍ରାସ ଘଟିବା ସହ ଅନେକ କମ୍ପାନୀ ଦିନ ଦିନ ଧରି ବନ୍ଦ ରହୁଛି ଏବଂ କାମ କରିବାର ଶିଫ୍ଟ (ଅନେକ ଶିଳ୍ପକାରଖାନାରେ ୨୪ ଘଣ୍ଟାକୁ ୩ ଭାଗ କରି ତିନୋଟି ଶିଫ୍ଟରେ ୮ ଘଣ୍ଟା ଲେଖାଏ କାମ କରାଯାଏ) ସଂଖ୍ୟା କମାଇଦିଆଯାଉଛି। ଏଥିରୁ ଜଣାପଡୁଛି ଯେ ଏହି ଶିଳ୍ପରେ ପ୍ରବଳ ମାନ୍ଦାବସ୍ଥା ଦେଖାଯାଇଛି। ଏକ ରଏଟର୍ସ ରିପୋର୍ଟରେ ପ୍ରକାଶ ପାଇଛି ଯେ, କେବଳ ଗତ ଚାରିମାସ ଭିତରେ ଅଟୋ ନିର୍ମାତା, ପାର୍ଟ ନିର୍ମାତା ଓ ଡିଲରମାନେ ପ୍ରାୟ ୩,୫୦,୦୦୦ କର୍ମଚାରୀଙ୍କୁ ଛଟେଇ କରିଛନ୍ତି। କାର୍ ଓ ମୋଟରସାଇକେଲ ନିର୍ମାତାମାନେ ୧୫,୦୦୦ କର୍ମଚାରୀଙ୍କୁ ଛଟେଇ କରିଥିବା ବେଳେ ପାର୍ଟସ ନିର୍ମାତାମାନେ ପ୍ରାୟ ଏକଲକ୍ଷ କର୍ମଚାରୀଙ୍କୁ ବିଦା କରିଦେଇଛନ୍ତି। ଡିଲର ପଏଣ୍ଟରେ ଅନେକ ନିଯୁକ୍ତି ହ୍ରାସ ଘଟିଥିବା ବେଳେ ଅନେକେ ଦୋକାନ ବନ୍ଦ କରିଦେଇଛନ୍ତି। ଚାହିଦା ହ୍ରାସ ପାଇବାରୁ ଉତ୍ପାଦନ କମ୍ କରିବାକୁ ପଡ଼ିଲା, ତେଣୁ ଅଧିକ କର୍ମଚାରୀଙ୍କର ଆବଶ୍ୟକତା ପଡ଼ିଲା ନାହିଁ। ଏହା ହେଉଛି ଛଟେଇର କାରଣ। ଯେଉଁ କ୍ଷେତ୍ର ଦେଶର ଜିଡିପିକୁ ୭ ପ୍ରତିଶତରୁ ଅଧିକ ଅବଦାନ ରଖୁଥିଲା, ତାହା ଏବେ ଘୋର ସଂକଟ ଦେଇ ଗତି କରୁଛି। ବୃହତ୍ତମ କାର୍ ନିର୍ମାତା ମାରୁତି ସୁଜୁକି ଗତ ଛଅମାସ ଭିତରେ ତା'ର ୬ ପ୍ରତିଶତ ଅସ୍ଥାୟୀ କର୍ମଚାରୀଙ୍କୁ ଛଟେଇ କରିଛି। ଗତ ଦୁଇ ସପ୍ତାହ ଭିତରେ ଟାଟା ମୋଟର୍ସ ସପ୍ତାହବ୍ୟାପୀ ତା'ର ଚାରୋଟି କାରଖାନା ବନ୍ଦ କରିଥିବା ବେଳେ ମହୀନ୍ଦ୍ରା ଗତ ଏପ୍ରିଲରୁ ଜୁନ୍ ଭିତରେ ବିଭିନ୍ନ ସ୍ଥାନରେ ଥିବା ତା'ର କାରଖାନାଗୁଡ଼ିରୁ ୫ରୁ ୧୩ ଦିନ ଯାଏ ଉତ୍ପାଦନ ବନ୍ଦ ରଖିଥିଲା। ହୋଣ୍ଡା ଗତ ଜୁଲାଇ ୧୬ ତାରିଖରୁ ରାଜସ୍ଥାନରେ ଥିବା ତା' କାରଖାନାରେ କେତେକ କାର୍ ମଡେଲର ଉତ୍ପାଦନ ବନ୍ଦ କରିଦେଇଛି ଏବଂ ଜୁଲାଇ ୨୭ ତାରିଖରୁ ଗ୍ରେଟର ନୋଏଡାରେ ଥିବା ତା'ର ଦ୍ୱିତୀୟ କାରଖାନାରୁ ଉତ୍ପାଦନ ପୂରା ବନ୍ଦ କରିଦେଇଛି। ଏଥିରୁ ଜଣାପଡୁଛି ଯେ, ଆମ ଦେଶରେ ଗାଡ଼ିର ଚାହିଦା ହ୍ରାସ ପାଇଛି ଏବଂ ଅର୍ଥନୀତିରେ ସାମଗ୍ରିକ ଉତ୍ଥାନ ନ ଘଟିଲେ ଏଥିରେ ତୁରନ୍ତ କୌଣସି ସୁଧାର ଆସିପାରିବ ନାହିଁ।

## ଆଜିର ଅର୍ଥନୀତି

ଖାଉଟିମାନଙ୍କର ଉପଭୋଗ, ଚାହିଦା ବୃଦ୍ଧି ଏବଂ ଅର୍ଥନୈତିକ ଅଭିବୃଦ୍ଧିରେ ସୁଧହାର ହ୍ରାସ ନିଶ୍ଚୟ ସହାୟକ ହେବ। ଆର୍‌ବିଆଇ ରେପୋ ହାର ହ୍ରାସ କରିବା ପରେ ବାଣିଜ୍ୟିକ ବ୍ୟାଙ୍କଗୁଡ଼ିକ ମଧ୍ୟ ଯଥାଶୀଘ୍ର ଉପଭୋକ୍ତାମାନଙ୍କ ଋଣ ଉପରେ ସୁଧହାର ହ୍ରାସ କରିବା ଉଚିତ। ତେବେ ଅତୀତରେ ବ୍ୟାଙ୍କଗୁଡ଼ିକ ଏ କ୍ଷେତ୍ରରେ ଯାହା କରିଛନ୍ତି, ତାହା ଉତ୍ସାହଜନକ ନୁହେଁ। ଏସ୍‌ବିଆଇ ପରି ବଡ଼ ବ୍ୟାଙ୍କ ଏ କ୍ଷେତ୍ରରେ ଅତ୍ୟନ୍ତ କଞ୍ଜୁସି ପ୍ରଦର୍ଶନ କରିଛନ୍ତି। କେତେକ ବ୍ୟାଙ୍କ ଖାଉଟିଙ୍କୁ ଲାଭ ନ ଦେଇ ଚୁପ୍‌ଚାପ୍ ବସିଯାଇଥିବା ବେଳେ ଆଉ କେତେକ ବ୍ୟାଙ୍କ ରେପୋ ହାର ହ୍ରାସରୁ ନିଜେ ପାଉଥିବା ଲାଭର ଏକଚତୁର୍ଥାଂଶ ପରି ସାମାନ୍ୟ ଲାଭ ଗ୍ରାହକଙ୍କୁ ଦେଉଛନ୍ତି। ଆର୍‌ବିଆଇର ରେଟ୍ ହ୍ରାସ ଘୋଷଣା ପରେ ଏସ୍‌ବିଆଇ ଋଣ ସୁଧହାର ମାତ୍ର ୧୫ ବେସିସ୍ ପଏଣ୍ଟ ହ୍ରାସ କରିଛି। ଗାଡ଼ି ବିକ୍ରିରେ ହ୍ରାସ, ପୁଞ୍ଜିନିବେଶରେ ହ୍ରାସ ଏବଂ ରପ୍ତାନି ହ୍ରାସ ଆଦି ଯୋଗୁ ଭାରତୀୟ ଅର୍ଥନୀତି ମାନ୍ଦାବସ୍ଥାରେ ସନ୍ତୁଳି ହେଉଛି। ଏ ପରିପ୍ରେକ୍ଷୀରେ ଅର୍ଥନୀତିକୁ ଚଳଚଞ୍ଚଳ କରିବାକୁ ହେଲେ ଏକ ପ୍ରୋତ୍ସାହନର ଆବଶ୍ୟକତା ରହିଛି। ଗତ ବଜେଟରେ ବିତ୍ତୀୟ ସଶକ୍ତୀକରଣ ଉପରେ ଗୁରୁତ୍ୱ ଦିଆଯାଇଥିବା ବେଳେ ଅର୍ଥନୀତିକୁ ସୁଧାରିବାର ଦାୟିତ୍ୱ ରହିଛି ଆର୍‌ବିଆଇ ଉପରେ। ମୁଦ୍ରାସ୍ଫୀତି ନିରବଚ୍ଛିନ୍ନ ଭାବେ ଦୁର୍ବଳ ହେବା ଯୋଗୁ ଆର୍‌ବିଆଇର କାମ ସହଜ ହେଲା। ତେବେ ରିଜର୍ଭ ବ୍ୟାଙ୍କର ପଦକ୍ଷେପ ପରେ ବ୍ୟାଙ୍କଗୁଡ଼ିକ ମଧ୍ୟ ଅନୁରୂପ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ। ଆସନ୍ତା ସେପ୍ଟେମ୍ବର ମାସରୁ ପାର୍ବଣ ଋତୁ ଆରମ୍ଭ ହେବାକୁ ଯାଉଥିବାବେଳେ ସୁଧହାର ହ୍ରାସ କରି ବାଣିଜ୍ୟିକ ବ୍ୟାଙ୍କଗୁଡ଼ିକ କମ୍ପାନୀଗୁଡ଼ିକର ବିକ୍ରି ବଢ଼ାଇବା ଓ ଅର୍ଥନୀତିରେ ସୁଧାର ଆଣିବାରେ ସାହାଯ୍ୟ କରିପାରିବେ। ତେବେ ବ୍ୟାଙ୍କଗୁଡ଼ିକ ଯେତେ ଶୀଘ୍ର ଏହା କରିବେ ସେତେ ଭଲ।

# ଭାରତଛାଡ଼ ଆନ୍ଦୋଳନ ଓ ରକ୍ତତୀର୍ଥ ଇରମ୍



ଡ. ପ୍ରଫୁଲ୍ଲ କୁମାର ସାହୁ

ଅଗଷ୍ଟ ବିପ୍ଳବ ଆମ ସ୍ୱାଧୀନତା ସଂଗ୍ରାମ ଇତିହାସରେ ଏକ ଯୁଗାନ୍ତକାରୀ ଅଧ୍ୟାୟ। ୧୯୪୨ ଅଗଷ୍ଟ ୮ ତାରିଖ ବମ୍ବେର ଗ୍ୱାଲିୟର ଟ୍ୟାଙ୍କ୍ (ଅଗଷ୍ଟ କ୍ରାନ୍ତି) ମଇଦାନରେ ଅନୁଷ୍ଠିତ କଂଗ୍ରେସର ଖୋଲା ଅଧିବେଶନରେ ଭାରତଛାଡ଼ ଆନ୍ଦୋଳନ ଡାକରା ଦେଲେ ଗାନ୍ଧିଜୀ। ସ୍ୱାଧୀନତା ସଂଗ୍ରାମର ଅନ୍ତିମ ଲଢ଼େଇ ଲଢ଼ିବା ପାଇଁ ସତ୍ୟାଗ୍ରହୀମାନଙ୍କୁ ଶୁଣାଇଲେ 'କର ବା ମର' ମନ୍ତ୍ର। ସେ ମନ୍ତ୍ର ପ୍ରତିଧ୍ୱନିତ ହେଲା ଆକୁମାରୀ ହିମାଚଳ। ଚାରିଆଡ଼େ ଖେଳିଗଲା ଦେଶପ୍ରେମର ଏକ ଅଦ୍ଭୁତ ଆଲୋଡ଼ନ। ତା'ର ସମ୍ଭାବ୍ୟ ପରିଣତିକୁ ଆକଳନ କରି ଚିହିଁକି ଉଠିଲା ବ୍ରିଟିଶ୍ ସରକାର। ପ୍ରତିଶୋଧମୂଳକ ପଦକ୍ଷେପ ସ୍ୱରୂପ ବ୍ରିଟିଶ ସରକାରଙ୍କ ପକ୍ଷରୁ ତତ୍କାଳ ଆରମ୍ଭ ହେଲା ବ୍ୟାପକ ଗିରଫଦାରି। ଅଗଷ୍ଟ ୯ ତାରିଖ ସକାଳ ହେବା ଆଗରୁ ବନ୍ଦୀ ହୋଇ ସାରିଥିଲେ ଗାନ୍ଧିଜୀ ଏବଂ କଂଗ୍ରେସ କାର୍ଯ୍ୟକାରୀ କମିଟିର ଅନ୍ୟ ସଦସ୍ୟମାନେ। କଂଗ୍ରେସକୁ ବେଆଇନ ଘୋଷଣା କରିବା ସହ ସବୁ କଂଗ୍ରେସ ଅଫିସରେ ଝୁଲାଇ ଦିଆଗଲା ତାଲା। ତଡିତ୍ ବେଗରେ ବ୍ୟାପିଗଲା ଗାନ୍ଧିଜୀ ଏବଂ କଂଗ୍ରେସର ଅନ୍ୟ ତୁଙ୍ଗ ନେତାମାନଙ୍କ ଗିରଫ ହେବା ଖବର। ସବୁଆଡ଼େ ସୃଷ୍ଟି ହେଲା ଉତ୍ତେଜନାମୟ ବାତାବରଣ। ସମସ୍ତଙ୍କୁ ଉଦ୍‌ବେଳିତ କଲା ଗାନ୍ଧିଜୀଙ୍କର ସେହି ଆହ୍ୱାନ -'କର ବା ମର'। ଅଥଚ କି ଅଦ୍ଭୁତ ଶକ୍ତି ଥିଲା ଏ ପଞ୍ଚାକ୍ଷରୀ ମନ୍ତ୍ରର ?

ପୋଲିସ ଗୁଳିଗୋଳାକୁ ଖାତିର ନ କରି ରାଜରାସ୍ତାକୁ ଓହ୍ଲାଇ ଆସିଲେ ଲକ୍ଷଲକ୍ଷ ଲୋକ। ବିଭିନ୍ନ ସ୍ଥାନରେ ପୋଲିସ ଓ ଆନ୍ଦୋଳନକାରୀ ଜନତାଙ୍କ ଭିତରେ ଉପୁଜିଲା ମୁହାଁମୁହିଁ ପରିସ୍ଥିତି। ତେବେ କ'ଣ ଥିଲା ଗାନ୍ଧିଜୀଙ୍କ 'କର ବା ମର' ଆହ୍ୱାନର ପରିଣାମ ? କେଉଁ ଅସ୍ତ୍ର ସାହାଯ୍ୟରେ ମୁକ୍ତି ସଂଗ୍ରାମର ଶେଷ ଲଢ଼େଇ ଲଢ଼ିବା ପାଇଁ ସେ ଆହ୍ୱାନ ଦେଇଥିଲେ ଦେଶବାସୀଙ୍କୁ। ହିଂସାରେ ନା ଅହିଂସା ଉପାୟରେ ? ଗାନ୍ଧିଜୀ କେବଳ ଏତିକି କହିଥିଲେ ଶାନ୍ତିପୂର୍ଣ୍ଣ ଉପାୟରେ ସଂଗ୍ରାମକରି ସ୍ୱାଧୀନତା ହାସଲ କର, ନ ହେଲେ ଆତ୍ମବଳି ଦିଅ ଦେଶ ପାଇଁ। ମାତ୍ର ଗାନ୍ଧିଜୀଙ୍କ ଏ ପ୍ରସ୍ତାବିତ ଖସଡ଼ାକୁ ବଦଳେଇ ଦେଲା ବ୍ରିଟିଶ ସରକାରଙ୍କ ଦମନମୂଳକ ନୀତି। ଜନ ଆନ୍ଦୋଳନକୁ ଦବାଇ ଦେବା ପାଇଁ ସରକାରଙ୍କ ପଦକ୍ଷେପ ଥିଲା ସତ୍ୟାଗ୍ରହୀଙ୍କ ଉପରେ ନିର୍ମମ ଲାଠି ପ୍ରହାର ଓ ଗୁଳିବର୍ଷଣ। ମହିଳାମାନଙ୍କ ପ୍ରତି ସେମାନଙ୍କ ଭାଷା ଓ ବ୍ୟବହାର ଥିଲା ଅତ୍ୟନ୍ତ ଅଶାଳୀନ ଓ ଅଭଦ୍ରୋଚିତ। ଇତିହାସ କହେ- ୧୯୪୨ ମସିହା ଅଗଷ୍ଟ ୧୭ ତାରିଖ ଦିନ ଭଦ୍ରକଠାରୁ ୧୬ କି.ମି. ଦୂରରେ ଅବସ୍ଥିତ ଭଣ୍ଡାରିପୋଖରୀ ଥାନା ପୋଡ଼ି ଘଟଣା ଥିଲା ବ୍ରିଟିଶ କୁଶାସନ ବିରୋଧରେ ଓଡ଼ିଶାର ସର୍ବପ୍ରଥମ ହିଂସାତ୍ମକ ଆନ୍ଦୋଳନ।

ଘଟଣା ଦିନ ଯୁବ ସଂଗ୍ରାମୀ ବୈଷ୍ଣବ ଚରଣ ନାୟକଙ୍କ ନେତୃତ୍ୱରେ ପାଖାପାଖି ପାଞ୍ଚ ହଜାର ସତ୍ୟାଗ୍ରହୀ ମଶାଲ ଶୋଭାଯାତ୍ରାରେ ଆସି ନିଆଁ ଲଗେଇ ଦେଇଥିଲେ ଭଣ୍ଡାରିପୋଖରୀ ଥାନାରେ। ଆନ୍ଦୋଳନକୁ ଭଣ୍ଡୁର କରିବା ପାଇଁ ବୈଷ୍ଣବ ଚରଣ ନାୟକ, କୁଶଧ୍ୱଜ ପଣ୍ଡା ଓ କୃପାସିନ୍ଧୁ ସାହୁ ପ୍ରମୁଖ କେତେଜଣ ସତ୍ୟାଗ୍ରହୀ ନେତାଙ୍କୁ ଗିରଫ କରିନେଇଥିଲା ପୋଲିସ। ପିଟୁଣି ଟିକସ (ଜରିମାନା) ବାବଦକୁ ପାର୍ଶ୍ୱବର୍ତ୍ତୀ ୧୨ଟି ଗ୍ରାମର ଲୋକଙ୍କଠାରୁ ଆଦାୟ କରାଯାଇଥିଲା ୬ ହଜାର ଟଙ୍କା। ବ୍ରିଟିଶ ପ୍ରଶାସନର ଏଭଳି ଦମନମୂଳକ କାର୍ଯ୍ୟାନୁଷ୍ଠାନ ସତ୍ତ୍ୱେ ଭଦ୍ରକ ଅଞ୍ଚଳର ବିଭିନ୍ନ ସ୍ଥାନରେ ତେଜି ଉଠିଥିଲା ଆନ୍ଦୋଳନ। ସେପ୍ଟେମ୍ବର ୫ ତାରିଖରେ ଭଦ୍ରକଠାରୁ ୨୦ କି.ମି. ଦୂର ଧାମନଗର ଥାନା ଅନ୍ତର୍ଗତ ଧୁଷୁରୀଠାରେ ସତ୍ୟାଗ୍ରହୀମାନେ ସଂଗଠିତ ହୋଇ ଚୌକିଦାର ଓ ଦଫାଦାରଙ୍କ ପୋଷାକ ପୋଡ଼ିଦେଲେ ଏବଂ ଧାମନଗର ଅଞ୍ଚଳକୁ ସ୍ୱାଧୀନ ଘୋଷଣା କଲେ ସର୍ଦ୍ଦାର ମୁରଲୀଧର ପଣ୍ଡା ଓ ମୁରଲୀଧର ଜେନା ପ୍ରମୁଖ ନେତାଙ୍କ ଉପସ୍ଥିତିରେ। ଏଥିରେ ଉତ୍କ୍ଷିପ୍ତ ହୋଇ ପୋଲିସ ପ୍ରସ୍ତୁତ କଲା ସତ୍ୟାଗ୍ରହୀ ନେତାମାନଙ୍କୁ ଗିରଫ କରି ଆନ୍ଦୋଳନକୁ ଭଣ୍ଡୁର କରିବା ଯୋଜନା। ପ୍ରାରମ୍ଭିକ ଅଭିଯାନ ସ୍ୱରୂପ ସେପ୍ଟେମ୍ବର ୨୨ ତାରିଖ ସକାଳ ହେବା ପୂର୍ବରୁ ଲୁଣିଆ କଟସାହି ଗାଁରେ ପହଞ୍ଚି ଘେରାଉ କରିନେଲା ସର୍ଦ୍ଦାର ମୁରଲୀଧର ପଣ୍ଡାଙ୍କ ଘର। ସକାଳ ହେବା ମାତ୍ରେ ଗାଁ ଲୋକ ଏ କଥା ଜାଣିଗଲେ ଏବଂ ଶଙ୍ଖଘଣ୍ଟା ଧ୍ୱନିରେ ଉଛୁଳି ଉଠିଲା ଗାଁ। ସାରା ଅଞ୍ଚଳରେ ଖେଳିଗଲା ଖବର। ହାତରେ ଠେଙ୍ଗାବାଡ଼ି ଧରି ମାଡ଼ିଆସିଲେ ହଜାର ହଜାର ଲୋକ। ମୁହାଁମୁହିଁ ହେଲେ ରକ୍ତମୁଖା ପୋଲିସ ଓ ଉତ୍ତେଜିତ ଜନତା। ପୋଲିସର ଆଖିବୁଜା ଗୁଳି ଚାଳନା ଯୋଗୁ ଶହୀଦ ହେଲେ ୯ ଜଣ ସତ୍ୟାଗ୍ରହୀ। ନିରୀହ ମଣିଷ ରକ୍ତରେ ଲାଲ୍ ହେଲା ଚାନ୍ଦିଆପୋଷି ପଡ଼ିଆ। ଏ ବଳିଦାନର ମାଟି ଏବେ ଶହୀଦନଗର ନାମରେ ଖ୍ୟାତ।

ଲୁଣିଆ ଗୁଳିକାଣ୍ଡର ଠିକ୍ ୬ ଦିନ ପରେ ଜାତୀୟକବି ବାଞ୍ଛାନିଧି ମହାନ୍ତିଙ୍କ ଜନ୍ମମାଟି ଇରମ୍ ଲେଖିଲା ସ୍ୱାଧୀନତା ସଂଗ୍ରାମର ରକ୍ତାକ୍ତ କବିତା। ଭଦ୍ରକ ଜିଲାର ବାସୁଦେବପୁରଠାରୁ ୧୬ କି.ମି. ଦୂରରେ ଅବସ୍ଥିତ ରକ୍ତତୀର୍ଥ ଇରମ୍ ଥିଲା ମୁକ୍ତି ଆନ୍ଦୋଳନର ଏକ ପ୍ରୟୋଗଶାଳା। ଗାଁର ଗୋଟିଏ ପାର୍ଶ୍ୱରେ ବଙ୍ଗୋପସାଗରର ସୁନୀଳ ଜଳରାଶି ଓ ଅନ୍ୟ ତିନି ପାର୍ଶ୍ୱକୁ ବେଢ଼ି ବହିଯାଇଛି ଗମେଇ ଓ କାଂଶବାଂଶ ନଦୀର ଜଳଧାରା। ସେଥିପାଇଁ ଇରମ୍ ଗାଁକୁ ସହସା ପ୍ରବେଶ କରିପାରେନି ପୋଲିସ। ପ୍ରାକୃତିକ ଅବସ୍ଥିତି ଦୃଷ୍ଟିରୁ ଇରମ୍ ଥିଲା ସ୍ୱାଧୀନତା ସଂଗ୍ରାମୀଙ୍କ ପାଇଁ ଏକ ସୁରକ୍ଷିତ ସ୍ଥାନ। ସଭାସମିତି ପାଇଁ ଗାଁରେ ବି ଥିଲା ଏକ ବିରାଟ ମେଳଣପଡ଼ିଆ। ଭାରତଛାଡ଼ ଆନ୍ଦୋଳନ ବେଳକୁ କବି ବାଞ୍ଛାନିଧି ନ ଥିଲେ ସତ କିନ୍ତୁ ତା'ର ବହୁ ଆଗରୁ ସେ ଇରମ୍ ମାଟିରେ ବୁଣି ସାରିଥିଲେ ଦେଶପ୍ରେମର ମଞ୍ଜି। ତାଙ୍କ ଦେଶାତ୍ମବୋଧକ ସଙ୍ଗୀତ ଓ ସାଂଗଠନିକ ଦକ୍ଷତା ଯୋଗୁ ଏକ ସଂଗ୍ରାମୀ ତିଆରି କାରଖାନାରେ ପରିଣତ ହୋଇ ସାରିଥିଲା ଇରମ୍ ମାଟି। ଭାରତଛାଡ଼ ଆନ୍ଦୋଳନର ୨୧ ବର୍ଷ ପୂର୍ବରୁ ଉତ୍କଳମଣି ଗୋପବନ୍ଧୁଙ୍କୁ ମୁଗ୍ଧ କରିଥିଲା ଇରମ୍‌ବାସୀଙ୍କ ଦେଶପ୍ରେମ। ସେଥିପାଇଁ ସେ ଇରମ୍ ସଭାରେ ଗାଇଥିଲେ- ''ଦେଶାତ୍ମବୋଧର ଚାରୁ ଗନ୍ତାଘର, ଇରମ ସୁରମ୍ୟ ଜାତୀୟ ନଗର।'' ଭାରତଛାଡ଼ ଅନ୍ଦୋଳନ ବେଳେ ସେହି ଜାତୀୟନଗର ଇରମ୍ ରଚିଲା ବଳିଦାନର ଏକ ବିରଳ ଇତିହାସ।

ସେଦିନ ଥିଲା ୧୯୪୨ ମସିହା ସେପ୍ଟେମ୍ବର ୨୮ ତାରିଖ। ଅସ୍ତଗାମୀ ସୂର୍ଯ୍ୟଙ୍କ ସ୍ୱର୍ଣ୍ଣିମ ଆଭାରେ ରକ୍ତାକ୍ତ ହୋଇଉଠିଥିଲା ଇରମ୍ ମେଳଣପଡ଼ିଆ। ସେଠାରେ ଅନୁଷ୍ଠିତ ସଭାରେ ସମ୍ମିଳିତ ହୋଇଥିଲେ ପ୍ରାୟ ୬ ହଜାର ସତ୍ୟାଗ୍ରହୀ। ସଭାକାର୍ଯ୍ୟ ଖୁବ୍ ଗମ୍ଭୀର ହୋଇ ଉଠିଥିବାବେଳେ ହଠାତ୍ ଜମିଦାର ଉଆସ ଆଡୁ ମାଡ଼ିଆସିଲା ପୋଲିସବାହିନୀ। ସଭାସ୍ଥଳ ଛାଡ଼ି ଚାଲିଯିବା ପାଇଁ ଲୋକଙ୍କୁ ନିର୍ଦ୍ଦେଶ ଦେଲେ ଡିଏସ୍‌ପି କୁଞ୍ଜବିହାରୀ ମହାନ୍ତି। ମାତ୍ର ସତ୍ୟାଗ୍ରହୀମାନେ ସ୍ଥାନ ଛାଡ଼ିବା ପରିବର୍ତ୍ତେ ଆରମ୍ଭ କରିଦେଲେ ନାରାବାଜି। କରେଙ୍ଗେ ୟା ମରେଙ୍ଗେ, ଗୁଳିଗୋଳା ସେ ନେହିଁ ଡରେଙ୍ଗେ, ଲାଠି ମାଡ଼ସେ ନେହିଁ ଡରେଙ୍ଗେ, ଭାରତମାତାକୀ ଜୟ, ମହାତ୍ମା ଗାନ୍ଧୀକୀ ଜୟ ଆଦି ଧ୍ୱନିରେ ପ୍ରକମ୍ପିତ ହେଲା ମେଳଣପଡ଼ିଆ। ଲୋକଙ୍କୁ ଘଉଡ଼େଇବା ପାଇଁ ଡିଏସ୍‌ପିଙ୍କ ନିର୍ଦ୍ଦେଶରେ ଗର୍ଜିଉଠିଲା ପୋଲିସର ରକ୍ତମୁଖା ବନ୍ଧୁକ। ଘଟଣାସ୍ଥଳରେ ୨୮ ଜଣ ଟଳି ପଡ଼ିବା ସହିତ ଗୁରୁତର ଭାବେ ଆହତ ହୋଇ ଯନ୍ତ୍ରଣାରେ ଛଟପଟ ହେଲେ ପ୍ରାୟ ୫୬ରୁ ଅଧିକ ନିରସ୍ତ୍ର ମଣିଷ। ନିହତମାନଙ୍କ ମଧ୍ୟରେ ଥିଲେ ବିଜୁଳି ଦାସ ନାମକ ଜଣେ ୧୫ ବର୍ଷର ନାବାଳକ ଏବଂ ସ୍ୱାଧୀନତା ସଂଗ୍ରାମ ଇତିହାସରେ ଓଡ଼ିଶାର ଏକମାତ୍ର ମହିଳା ଶହୀଦ ପରୀ ବେୱା। ପଞ୍ଜାବର ଜାଲିଆନାୱାଲାବାଗ୍ ପରେ ଏ ହେଉଛି ବଳିଦାନର ଦ୍ୱିତୀୟ ସ୍ଥଳ, ଯେଉଁଠି ପରାଧୀନତାର ଶୃଙ୍ଖଳରୁ ଦେଶକୁ ମୁକ୍ତ କରିବା ପାଇଁ ଗୋଟିଏ ଦିନରେ ପୋଲିସ ଗୁଳିରେ ଆତ୍ମବଳି ଦେଇଛନ୍ତି ୨୯ ଜଣ ଦେଶପ୍ରେମୀ। ୭୨ ବର୍ଷ ହେଲା ଅବସାନ ହେଲାଣି ଫିରିଙ୍ଗି ଶାସନର କଳଙ୍କିତ ଅଧ୍ୟାୟ। ହେଲେ ଏବେବି ଲୋକେ ଭୁଲି ନାହାନ୍ତି ସେ ଗଣହତ୍ୟାର ମର୍ମାନ୍ତିକ ଦୃଶ୍ୟ। ସେଦିନର ସେ ଘଟଣା ମନେପକାଇ ଏବେବି ଗୁମୁରି କାନ୍ଦୁଛି ରକ୍ତତୀର୍ଥ ଇରମ୍। ଶହୀଦମାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ନିର୍ମିତ କଳାସ୍ତମ୍ଭ ବଖାଣୁଛି ଦେଶପ୍ରେମର ସେ ବିରଳ ଗାଥା। ଆଜି ବି ସେ ସ୍ମୃତିପୀଠରେ ପାଦ ଦେଲେ ହୃଦୟର ନିଭୃତତମ ପ୍ରଦେଶରୁ ବାହାରି ଆସେ ନୀରବ ଶ୍ରଦ୍ଧାଞ୍ଜଳିର ଶବ୍ଦ।

ବିଜୁ ପଟ୍ଟନାୟକ ନଗର, ଭଦ୍ରକ,
ମୋ-୯୪୩୮୮୫୫୦୮୮

# ବିଡ଼ମ୍ବିତ ଆଦିବାସୀଙ୍କ ଅଧିକାର



ଭାଲଚନ୍ଦ୍ର ଷଡ଼ଙ୍ଗୀ

ଆଦିବାସୀ ଆମ ସଭ୍ୟତାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ବର୍ତ୍ତମାନ ବିଶ୍ୱର ୭୦ଟି ଦେଶରେ ୩୭ କୋଟିରୁ ଅଧିକ ଆଦିବାସୀ ବସବାସ କରୁଛନ୍ତି। ଆମ ଦେଶରେ ମଧ୍ୟ ୫୫୦ଟି ସମ୍ପ୍ରଦାୟର ୧୦.୪୨ କୋଟି ଆଦିବାସୀ ବସବାସ କରନ୍ତି, ଯାହାକି ଦେଶର ମୋଟ ଜନସଂଖ୍ୟାର ପ୍ରାୟ ଆଠ ଭାଗ। ଦେଶରେ ପ୍ରତି ବାର ଜଣରେ ଜଣେ ଆଦିବାସୀ ଥିବାବେଳେ ଆମ ରାଜ୍ୟରେ ପ୍ରତି ଚାରି ଜଣରେ ଜଣେ ଅର୍ଥାତ୍ ଜନସଂଖ୍ୟାର ପ୍ରାୟ ଏକ ଚତୁର୍ଥାଂଶ ଆଦିବାସୀ। ଯଦିଓ ରାଜ୍ୟରେ ସରକାରୀ ଭାବେ ୧୩ଟି ଆଦିମ ଜନଜାତି ସମେତ ୬୨ଟି ଆଦିବାସୀ ସମ୍ପ୍ରଦାୟଙ୍କୁ ଅନୁସୂଚିତ ଜନଜାତି ବୋଲି ସ୍ୱୀକୃତି ଦିଆଯାଇଛି ତଥାପି କୋଣ୍ଡାଦୋରା, ଶୁଦ୍ଧ ଶବର, ଝୋଡ଼ିଆ, କାନ୍ଧିଆ ପରି ଆହୁରି ଅନେକ ଗୋଷ୍ଠୀ ଆଦିବାସୀ ହେଲେ ବି ଏଯାଏ ସରକାରୀ ମାନ୍ୟତା ପାଇପାରି ନାହାନ୍ତି।

ସ୍ୱାଧୀନତା ଆନ୍ଦୋଳନରେ ଆଦିବାସୀମାନଙ୍କ ବହୁ ତ୍ୟାଗ ଓ ବଳିଦାନ ସତ୍ତ୍ୱେ ୧୯୪୭ରେ ବ୍ରିଟିଶ ଯିବା ପରେ ସେମାନଙ୍କ ସ୍ଥିତିରେ କୌଣସି ଆଖିଦୃଶିଆ ପରିବର୍ତ୍ତନ ଘଟିନି। ବ୍ରିଟିଶମାନଙ୍କ ଦ୍ୱାରା ଅପହୃତ ସେମାନଙ୍କ ଜଙ୍ଗଲ ଅଧିକାର ତ ଫେରିଲାନି ବରଂ ତାକୁ ଆହୁରି କଡ଼ାକଡ଼ି କରି ସେମାନଙ୍କ ଉପରେ ଜଙ୍ଗଲ ବିଭାଗର ଅତ୍ୟାଚାର ବଢ଼ିଲା। କେନ୍ଦ୍ର ସରକାରଙ୍କ ଜଙ୍ଗଲ ସଂରକ୍ଷଣ ଆଇନ- ୧୯୮୦ ଆଦିବାସୀ ବିରୋଧୀ ତଥା ଉପନିବେଶବାଦୀ ମାନସିକତାକୁ ହିଁ ପ୍ରତିଫଳନ କରୁଥିଲା। ତେବେ ଆଦିବାସୀଙ୍କ ଦୀର୍ଘ ଲଢ଼େଇର ଫଳସ୍ୱରୂପ ତତ୍କାଳୀନ ଉପା ସରକାର ଜଙ୍ଗଲ ଅଧିକାର ଆଇନ – ୨୦୦୬ ପ୍ରଣୟନ କରିଥିଲେ। ଏହା ପ୍ରଥମ ଥର ପାଇଁ ଜଙ୍ଗଲ ଉପରେ ଆଦିବାସୀଙ୍କ ଅଧିକାରକୁ ସ୍ୱୀକୃତି ଦେଲା, କିନ୍ତୁ ତାହା ସ୍ୱୟଂସମ୍ପୂର୍ଣ୍ଣ ନ ଥିଲା। ଆଇନରେ ଜଙ୍ଗଲ ଜମିରେ ଚାଷବାସ କରି ରହୁଥିବା ଆଦିବାସୀଙ୍କୁ ବ୍ୟକ୍ତିଗତ, ଗୋଷ୍ଠୀଗତ, ପ୍ରାକୃତିକ ବାସସ୍ଥାନ, ସାଂସ୍କୃତିକ, ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହ ଆଦି ଅନେକ ଅଧିକାର ଦେବା କଥା କୁହାଯାଇଥିବା ବେଳେ ରାଜନୈତିକ ଇଚ୍ଛାଶକ୍ତିର ଅଭାବରୁ ବହୁ କମ୍ କ୍ଷେତ୍ରରେ ହିଁ ସେମାନେ ଆଇନ ପ୍ରଦତ୍ତ ଏସବୁ ଅଧିକାର ପାଇବାରେ ସକ୍ଷମ ହେଲେ। ଜଙ୍ଗଲ ଅଧିକାର ପାଇଁ କରାଯାଇଥିବା ଦାବି ଦରଖାସ୍ତକୁ ସରକାରୀ ଅଧିକାରୀମାନେ ମନଇଚ୍ଛା ଖାରଜ କରିଦେବା ଫଳରେ ଆଜି ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶରେ ଦେଶର ଲକ୍ଷ ଲକ୍ଷ ଆଦିବାସୀ ଓ ପାରମ୍ପରିକ ବନଜୀବୀ ନିଜର ଭିଟାମାଟିରୁ ଉଚ୍ଛେଦ ହେବାକୁ ଯାଉଛନ୍ତି। କେନ୍ଦ୍ର ସରକାର କର୍ପୋରେଟ୍‌ମାନଙ୍କ ସ୍ୱାର୍ଥରେ ଗୋଟିଏ ପଟେ ଜଙ୍ଗଲ ଅଧିକାର ଆଇନକୁ ଦୁର୍ବଳ କରିବାକୁ ଚେଷ୍ଟା କରୁଥିବା ବେଳେ ଅନ୍ୟପଟେ ଭାରତୀୟ ଜଙ୍ଗଲ ଆଇନ- ୧୯୨୭କୁ ସଂଶୋଧନ କରି ତାକୁ ଅଧିକ କଡ଼ାକଡ଼ି କରିବା ସହିତ ଆଦିବାସୀଙ୍କ ଶୋଷଣ ଏବଂ ନିର୍ଯ୍ୟାତନା ପାଇଁ ଜଙ୍ଗଲ କର୍ମଚାରୀଙ୍କୁ ଏବେ ଆଗ୍ନେୟାସ୍ତ୍ର ଦେବା, ସନ୍ଦେହରେ କାହାରିକୁ ବି ଗୁଳି ଚଳାଇବା ଏବଂ ଆବଶ୍ୟକସ୍ଥଳେ ଜଙ୍ଗଲ ଅଧିକାରକୁ ଛଡ଼େଇ ନେବା ପରି ଅନେକ କ୍ଷମତା ଦେବାକୁ ଯାଉଛନ୍ତି।

## ଅନ୍ତର୍ଜାତୀୟ ଆଦିବାସୀ ଦିବସ ଉପଲକ୍ଷେ

ବିକାଶ ନାଁରେ ଦେଶର ଆଦିବାସୀ ଅଞ୍ଚଳରେ ଯେଉଁସବୁ ନଦୀବନ୍ଧ, ଖଣି, ଶିଳ୍ପ କାରଖାନା ଆଦି ନିର୍ମାଣ ହୋଇଛି ତା'ର ଲାଭ ସହର ଓ ମହାନଗରରେ ଥିବା ଠିକାଦାର, ଅଫିସର, ନେତା ଓ କମ୍ପାନୀମାନେ ମାରି ନେଇଥିବା ବେଳେ ଆଦିବାସୀଙ୍କ ଭାଗ୍ୟରେ କେବଳ ବିସ୍ଥାପନ ଓ ତଜ୍ଜନିତ ଦୁଃଖ ହିଁ ପଡ଼ିଛି। ଉପଯୁକ୍ତ, ପର୍ଯ୍ୟାପ୍ତ ଏବଂ ଆଗୁଆ କ୍ଷତି ପୂରଣ ବିନା ସେମାନଙ୍କୁ ଭିଟାମାଟିରୁ ବଳପୂର୍ବକ ବିସ୍ଥାପିତ କରାଯାଇଛି। ବିକାଶ ନାଁରେ ସେମାନଙ୍କୁ ଏକ ଉନ୍ନତ ଜୀବନ ଦେବା ବଦଳରେ ସେମାନଙ୍କଠାରୁ ସେମାନଙ୍କ ଜମି, ଜଙ୍ଗଲ ପରି ସମ୍ବଳକୁ ଛଡ଼େଇ ନେଇ ଦୁର୍ଦ୍ଦଶା ଏବଂ ଦୁର୍ଦ୍ଦିନ ଭିତରକୁ ଠେଲି ଦିଆଯାଇଛି।

ଓଡ଼ିଶା ସମେତ ଦେଶର ଅଧିକାଂଶ ଆଦିବାସୀ ଆଜି ବି ଉତ୍କଟ ଦାରିଦ୍ର୍ୟ, ଅନାହାର, ପୁଷ୍ଟିହୀନତାର ଶିକାର। ରାଜ୍ୟର ୯୦% ଆଦିବାସୀ ମହିଳା ଓ ୬୫% ଆଦିବାସୀ ଶିଶୁ ରକ୍ତହୀନତା ଓ ଅପପୁଷ୍ଟିର ଶିକାର। ଶିକ୍ଷା, ସ୍ୱାସ୍ଥ୍ୟସେବା, ପିଇବା ପାଣି, ବିଦ୍ୟୁତ୍ ଆଦି ସର୍ବନିମ୍ନ ମୌଳିକ ସୁବିଧା ଆଜି ବି ସେମାନଙ୍କ ପାଇଁ ଏକ ରକମ ସ୍ୱପ୍ନ ହୋଇ ରହିଛି। ନିରକ୍ଷରତା, ଅଧାରୁ ପାଠଛାଡ଼, ଶିଶୁ ଓ ମାତୃମୃତ୍ୟୁ ଆଦିର ହାରରେ ସେମାନେ ଅନ୍ୟମାନଙ୍କଠାରୁ ଅନେକ ଆଗରେ ରହିଛନ୍ତି।

ଆଦିବାସୀଙ୍କ ଜୀବନ, ଜୀବିକା, ଭାଷା ଓ ସଂସ୍କୃତି ଭୟଙ୍କର ସଙ୍କଟର ସମ୍ମୁଖୀନ ହୋଇଛି। ଆମର ଶାସକ ଶ୍ରେଣୀ ସେମାନଙ୍କ ଭାଷା ଓ ସଂସ୍କୃତିର ସ୍ୱାଧୀନ ବିକାଶ ପାଇଁ ସୁଯୋଗ ଦେବା ପରିବର୍ତ୍ତେ ତାକୁ ଦବେଇ ଦେଇ ଅନ୍ୟ ବହୁସଂଖ୍ୟକ ଭାଷାଭାଷୀଙ୍କ ଭିତରେ ବଳପୂର୍ବକ ସମ୍ମିଳିତ କରିବାର ନୀତିକୁ ଆପଣେଇ ଆସିଛନ୍ତି। ଦେଶରେ ରହିଥିବା ବିଭିନ୍ନ ଆଦିବାସୀ ସମ୍ପ୍ରଦାୟର ଭାଷାକୁ ସ୍ୱତନ୍ତ୍ର ଭାଷାର ମାନ୍ୟତା ଦେବା ପରିବର୍ତ୍ତେ ସେମାନଙ୍କୁ ଓଡ଼ିଆ, ତେଲୁଗୁ, ହିନ୍ଦୀ ପରି ଭାଷାଗୁଡ଼ିକ ଅଧୀନରେ ରହିବାକୁ ବାଧ କରାଯାଉଛି। ଆଦିବାସୀ ପିଲାଙ୍କୁ ନା ନିଜ ମାତୃଭାଷାରେ ଶିକ୍ଷା ଦିଆଯାଉଛି ନା ସେମାନଙ୍କ ଭାଷାରେ କୌଣସି ବହି କିମ୍ବା ପତ୍ରପତ୍ରିକା ପ୍ରକାଶ ପାଇଁ ସୁଯୋଗ ଦିଆଯାଉଛି। ଏପରିକି ଅନେକ ଆଦିବାସୀ ଭାଷାର ଲିପିକୁ ବି ବିକଶିତ କରିବାରେ ତଥା ସେସବୁ ଭାଷାର ସାହିତ୍ୟ ସୃଷ୍ଟି କରିବାରେ ଏବଂ ସେଥିପାଇଁ ଆର୍ଥିକ ଅନୁଦାନ ଯୋଗାଇବାରେ ସରକାର ବିଫଳ ହୋଇଛନ୍ତି।

ବିଶ୍ୱରେ ଆଦିବାସୀମାନଙ୍କ ଏହି ସଙ୍କଟମୟ ସ୍ଥିତିକୁ ଦେଖି ମିଳିତ ଜାତିସଂଘ ୧୯୯୪ ମସିହାରୁ ପ୍ରତିବର୍ଷ ଅଗଷ୍ଟ ୯ ତାରିଖକୁ ବିଶ୍ୱ ଆଦିବାସୀ ଦିବସ ରୂପେ ପାଳନ କରି ଆସୁଛି। ତେବେ ଜମି, ଜଙ୍ଗଲ ତଥା ପ୍ରାକୃତିକ ସମ୍ପଦ ଉପରେ ଆଦିବାସୀମାନଙ୍କ ଅଧିକାରକୁ ପୂର୍ଣ୍ଣ ସ୍ୱୀକୃତି ପ୍ରଦାନ ସହିତ ଶିକ୍ଷା, ସ୍ୱାସ୍ଥ୍ୟସେବା ପରି ସମସ୍ତ ମୌଳିକ ସୁବିଧାର ଉପଲବ୍ଧତା ତଥା ସେମାନଙ୍କ ଭାଷା, ସଂସ୍କୃତିର ବିକାଶ ଏବଂ ସ୍ୱୟଂଶାସନର ଅଧିକାର ପ୍ରଦାନ ବ୍ୟତୀତ ଆଦିବାସୀମାନଙ୍କ ପ୍ରକୃତ ବିକାଶ ଆଦୌ ସମ୍ଭବ ନୁହେଁ।

ମୋ- ୯୪୩୭୧୬୬୩୯୧,
bhalachandra.odisha@gmail.com

## ଏଇ ଭାରତରେ

ଅଚିହ୍ନା ମୃତଦେହ ସଂଗ୍ରହ କରି ସେଗୁଡ଼ିକର ଅନ୍ତିମ ସଂସ୍କାର କରିବା ହେଉଛି ବିହାର ପାଟନାର ଜଣେ ବ୍ୟକ୍ତିଙ୍କ ନିଶା। ସେ ହେଉଛନ୍ତି ନବୀନ ଶ୍ରୀବାସ୍ତବ। ଗତ ୧୮ବର୍ଷ ମଧ୍ୟରେ ସେ ୨ଶହରୁ ଅଧିକ ଅଚିହ୍ନା ମୃତଦେହ ସଂସ୍କାର କରିଛନ୍ତି। ସ୍ଥାନୀୟ ଗୋପାଳଗଞ୍ଜରେ ବାସକରୁଥିବା ନବୀନ ୨୦୦୧ରେ ଭାରତୀୟ ପ୍ରଶାସନିକ ସେବା ପରୀକ୍ଷା ପ୍ରସ୍ତୁତି ପାଇଁ ପ୍ରୟାଗରାଜ ଯାଇଥିଲେ। ଜାନୁୟାରୀ ୧୪ରେ କୁମ୍ଭମେଳା ସମୟରେ ସେ ତାଙ୍କ ଭାଇଙ୍କ ସହିତ ଗଙ୍ଗାରେ ସ୍ନାନ କରୁଥିଲେ। ହଠାତ୍ ତାଙ୍କ ଭାଇ ଭାସିଯାଇଥିଲେ। ନବୀନ ୩୨ଦିନ ପର୍ଯ୍ୟନ୍ତ ଭାଇଙ୍କୁ ଖୋଜିଥିଲେ। ତେବେ ତାଙ୍କ ଭାଇ ମିଳି ନ ଥିଲେ। ସେ ନଦୀରେ ପ୍ରତି ମୃତଦେହକୁ ଓଲଟାଇ ଦେଖୁଥିଲେ। ପରେ ସେଗୁଡ଼ିକୁ ପୁଣି ଭସାଇ ଦେଉଥିଲେ। ଦିନେ ଜଣେ ନାବିକ ନବୀନଙ୍କୁ ପଚାରିଥିଲେ ଯେ, ଯଦି ମୃତଦେହ ତାଙ୍କ ଭାଇଙ୍କର ହୋଇଥାନ୍ତା ସେ କ'ଣ କରିଥାନ୍ତେ। ଏହା ନବୀନଙ୍କ ମନରେ ଗଭୀର ରେଖାପାତ କରିଥିଲା। ସେବେଠାରୁ ସେ ଅଚିହ୍ନା ମୃତଦେହ ସଂସ୍କାର କରିବା ଆରମ୍ଭ କରିଥିଲେ। ତାଙ୍କର ଏଭଳି କାର୍ଯ୍ୟ ପାଇଁ ପରିବାର ସଦସ୍ୟ ଦୂରେଇ ଯାଇଥିଲେ। ସମାଜରେ ସଭିଏଁ ତାଙ୍କୁ ଅଛୁଆଁ ମନେକରିଥିଲେ। ମାତ୍ର ଏଥିରେ ନବୀନ ଧୈର୍ଯ୍ୟ ନ ହରାଇ ନିଜର କାର୍ଯ୍ୟ ଜାରି ରଖିଥିଲେ। ୨୦୦୫ରୁ ସେ ଗୋପାଳଗଞ୍ଜରେ ଥିବା ବିଭିନ୍ନ ହସ୍ପିଟାଲରୁ ଅଚିହ୍ନା ମୃତଦେହ ସଂଗ୍ରହ କରି ସେଗୁଡ଼ିକର ସଂସ୍କାର କରୁଛନ୍ତି।

## ଚିରନ୍ତନୀ

ଜୀବନପରେ କି ଅଛି ଆଉ
ଆସିଛି କେହୁ ଦେଖି,
ସରଗ-ସେ ତ ମନର ଗଢ଼ା କଥା,
ଜୀବନେ ଯାହା ହଜଇ ଥରେ
ମିଳଇ ଆଉ ସେ କି
ବ୍ୟର୍ଥ ସିନା ପିଟିବା ଖାଲି ମଥା ! (ଅମର ଆଶା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୯ ଅଗଷ୍ଟ ୧୯୯୪

- ଏରନେଷ୍ଟୋ ସାମ୍ପେର କଲମ୍ବିଆର ନୂତନ ରାଷ୍ଟ୍ରପତି ରୂପେ ଶପଥ ଗ୍ରହଣ କଲେ।
- ଓଡ଼ିଶାରେ ବର୍ଷା ଓ ବନ୍ୟା ଫଳରେ ବିଭିନ୍ନ ଜିଲାରେ ମୋଟ ୨୯ ଜଣଙ୍କ ମୃତ୍ୟୁ ହୋଇଥିବା ସୂଚନା।

## ସୁ-ଡୋ-କୁ

sudoku

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | E | | 8 | 0 | 1 | | | | | | |
| 0 | B | 6 | 9 | | | | | 3 | D | | | | | |
| | E | | | | | | | | 1 | | | | | |
| | | | B | | C | 5 | | | | | | | | |
| 2 | D | | | | 1 | B | | | | A | 6 | | 9 | 4 |
| | | 5 | | | A | | | 8 | | 2 | | D | B | |
| | | | | | | 4 | | | | 6 | | | | A |
| | | 9 | | 4 | | | 6 | B | | | 5 | | 0 | |
| 8 | 6 | | | 5 | 2 | D | 7 | 9 | | | E | | | |
| | 4 | A | 7 | 9 | | | E | 5 | | | | | 6 | |
| 6 | | D | C | | 0 | | 8 | | | 4 | | | 3 | 7 |
| | 0 | 4 | 8 | | 9 | | | E | | | | | A | |
| E | | | A | | | 0 | | | | D | | B | 8 | |
| | | | 3 | | | | | 4 | | | 9 | | | 5 |
| C | 1 | | | | | | 2 | | 8 | | | | E | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| B | 1 | 8 | 6 | 9 | 7 | A | C | 0 | 5 | 2 | 4 | E | 3 | D |
| 4 | A | 6 | E | 2 | C | D | 8 | 9 | 0 | 3 | 7 | 1 | 5 | B |
| 5 | E | D | 4 | 3 | 8 | 7 | B | 1 | 9 | 6 | A | C | 0 | 2 |
| 7 | C | 2 | 5 | A | 0 | E | 3 | 4 | B | D | 1 | 8 | 6 | 9 |
| 3 | 9 | 0 | D | 1 | B | 2 | 5 | 6 | 8 | E | C | A | 7 | 4 |
| 1 | 3 | 5 | 0 | D | 4 | 6 | 9 | E | 2 | C | 8 | 7 | B | A |
| 8 | 0 | C | 7 | E | 1 | 5 | 2 | B | 3 | A | D | 9 | 4 | 6 |
| D | B | 9 | A | 6 | 3 | C | 0 | 7 | 4 | 1 | E | 5 | 2 | 8 |
| A | 6 | 4 | C | 5 | 2 | 8 | 1 | D | 7 | B | 9 | 0 | E | 3 |
| E | 2 | 7 | 8 | B | 9 | 3 | 4 | A | 6 | 5 | 0 | D | C | 1 |
| 2 | 4 | A | B | 8 | E | 0 | 7 | 5 | D | 9 | 6 | 3 | 1 | C |
| 9 | 8 | B | 1 | C | 6 | 4 | E | 3 | A | 7 | 5 | 2 | D | 0 |
| 0 | D | 3 | 9 | 7 | 5 | 1 | 6 | 2 | C | 8 | B | 4 | A | E |
| C | 7 | 1 | 2 | 4 | A | B | D | 8 | E | 0 | 3 | 6 | 9 | 5 |
| 6 | 5 | E | 3 | 0 | D | 9 | A | C | 1 | 4 | 2 | B | 8 | 7 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଜମି ହଡ଼ପ ଉଦ୍ୟମ

ମହାଶୟ,

ମୋ ପିତାଙ୍କ ମୃତ୍ୟୁ ପରେ ନିକଟସ୍ଥ କମାରସାହି ଓ ମଦୁରାଇ ଗ୍ରାମର ଦୁଇଜଣ ବ୍ୟକ୍ତି ମୋ ମା'ଙ୍କ ସହିତ ସମ୍ପର୍କ ରଖି ଆମ ଘରର ସମସ୍ତ ଆସବାବପତ୍ର ନେଇଯାଇଛନ୍ତି। ମୁଁ ଦିଲ୍ଲୀରେ ରହି କାମ କରୁଥିଲି। ଘରକୁ ଆସିବା ପରେ ମୋ ମା' ସହିତ ମିଶି ସେମାନେ ଜବରଦସ୍ତ ଜମି ରେଜେଷ୍ଟ୍ରି କରିବା ପାଇଁ କହିବାରୁ ମୁଁ ମନାକଲି। ମୋତେ ଗାଳିଗୁଲଜ କରି ଜୀବନରୁ ମାରିଦେବାକୁ ଧମକ ଦେଲେ। ମା' କହିଲେ ଯେ ସେ ସେମାନଙ୍କଠାରୁ ଟଙ୍କା ଆଣିଛନ୍ତି। ତେଣୁ ମୁଁ ବାଧ ହୋଇ ଦସ୍ତଖତ କରିଦେଲି। ବର୍ତ୍ତମାନ ପୁଣି ସେମାନେ ମୋର ଏକ ଏକରରୁ ଅଧିକ ଜମି ହଡ଼ପ କରିବାକୁ ଚେଷ୍ଟା କରୁଛନ୍ତି। ମୁଁ ଜମି ଦେବାକୁ ମନା କରିବାରୁ ମୋତେ ରାସ୍ତାରୁ ହଟାଇଦେବା ପାଇଁ ଧମକ ଦେଇଛନ୍ତି। ମୁଁ ଡରି ଘର ଛାଡି ଭୁବନେଶ୍ୱରରେ ରହି ଦିନମଜୁରିଆ କାମ କରୁଛି। ମୁଁ ସ୍ଥାନୀୟ ପ୍ରଶାସନଠାରୁ ସୁରକ୍ଷା ଆଶା କରୁଛି। ମୋର କିଛି କ୍ଷତି ହେଲେ ସେମାନେ ଦାୟୀ ରହିବେ।

ସୁନୀଲ କୁମାର ବେହେରା, ସାଇଲୋ ଝାରପଡ଼ା, ଗୋବିନ୍ଦପୁର, କଟକ

### ଗୁହାଳ ପାଲଟିଛି ରାଜ୍ୟ ରାଜପଥ

ଧରିତ୍ରୀରେ ପ୍ରକାଶିତ 'ଗୁହାଳ ପାଲଟିଛି ରାଜ୍ୟ ରାଜପଥ' ନିଛକ ସତକଥା। ମୋ ଘର ଦକ୍ଷିଣ ଦିଗକୁ ରାସ୍ତା ଲାଗିଛି। ପଡ଼ିଶା ଘର ରାସ୍ତାକଡ଼କୁ ଲଗେଇ ଦୁଇଟା ଗୋବରଖାତ ଖୋଳିଛନ୍ତି। ସେଥିରେ ଗୋବର ପକାଉଛନ୍ତି। କେତେବେଳେ କିଏ ଖାତରେ ପଡ଼ିବ କହି ହେବନାହିଁ। ମୁଁ ପଞ୍ଚାୟତରେ ଲେଖିକରି ଦେବା ପରେ ସରପଞ୍ଚ ସେମାନଙ୍କୁ ଡକାଇଲେ ଏବଂ ରାସ୍ତାକଡ଼ରେ ଗୋବର ପକାଇବାକୁ ବାରଣ କଲେ। ତଥାପି ସେଠି ଗୋବର ପକାଉଛନ୍ତି। ଏହା ହେଉଛି ଆମର ମାନସିକତା। ପ୍ରଶାସନ କ'ଣ କରିବ ?

ଅଦ୍ୱୈତ ପ୍ରସାଦ ବେହେରା, ଅରଣା, ଗଡମା, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଯୁବକଙ୍କ ଆତ୍ମହତ୍ୟା

ରୂପ୍‌ସା, ୮।୮(ଡି.ଏନ୍‌.ଏ.): ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ତାଳବରେଇ ଗ୍ରାମର ଜଣେ ଯୁବକ ଫାଶୀ ଦେଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତକ ହେଲେ ହରିପଦ ମଣ୍ଡଳଙ୍କ ପୁଅ ସଞ୍ଜୟ କୁମାର ମଣ୍ଡଳ (୩୦)। ବୁଧବାର ରାତିରେ କୌଣସି କାରଣରୁ ସେ ଘର ପାଖ ଏକ ଗଛରେ ବେକରେ ପିନ୍ଧା ଗାମୁଛାରେ ଫାଶୀ ଦେଇ ଆତ୍ମହତ୍ୟା କରିଥିଲେ। ପରିବାର ଲୋକେ ଏ ସମ୍ପର୍କରେ ପୋଲିସକୁ ଖବର ଦେଇଥିଲେ। ଗୁରୁବାର ପୋଲିସ ପହଞ୍ଚି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ କରାଇଛି। ଏ ସଂକ୍ରାନ୍ତରେ ସଦର ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୪୪/୧୯) ରୁଜୁ ହୋଇଛି।

### ବେଆଇନ ପଥର ଚାଲାଣ, ଟ୍ରକ୍ ଜବତ

ସୋର, ୮।୮(ଡି.ଏନ୍‌.ଏ.)-ସୋର ତହସିଲଦାର ଦେବୀ ପ୍ରସାଦ ଦାଶ ଗୁରୁବାର ବାଗୁଡି ଖାଦାନ ରାସ୍ତାରେ ବେଆଇନ ପଥର ଚାଲାଣ ବେଳେ ଚଢ଼ାଉ କରି ଦୁଇଟି ପଥର ବୋଝେଇ ଡମ୍ପର ଜବତ କରିଛନ୍ତି। ମାଣିପୁର ସର୍କଲର ରାଜସ୍ୱ ନିରୀକ୍ଷକ ମଦନମୋହନ ବେହେରା ଓ ସୋର ଥାନା ଏଏସ୍‌ଆଇ ଜଗନ୍ନାଥ ମାରାଣ୍ଡିଙ୍କ ସହ ଫୋର୍ସ ଏହି ଚଢ଼ାଉରେ ସାମିଲ ଥିଲେ। ଏହି ଦୁଇ ଗାଡିରୁ ୬୬ ହଜାର ୫୬୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ଏହି ଦୁଇଟି ଗାଡ଼ି ବିନା ପରମିଟ୍‌ରେ ଖାଦାନରୁ ପଥର ଚାଲାଣ କରୁ ଥିବାବେଳେ ଧରାପଡ଼ିଥିଲେ।

### ମଧ୍ୟାହ୍ନଭୋଜନ ଚାଉଳ ଚୋରି ଅଭିଯୋଗ



ରେମୁଣା, ୮।୮(ଡି.ଏନ୍‌.ଏ.): ବିଦ୍ୟାଳୟରେ ଦିଆଯାଉଥିବା ମଧ୍ୟାହ୍ନଭୋଜନ ପାଇଁ ଯୋଗାଇ ଦିଆଯାଉଥିବା ୫୦ କିଲୋ ଚାଉଳ ବ୍ୟାଗ୍‌ରୁ ୫ରୁ ୧୦ କିଲୋ ପର୍ଯ୍ୟନ୍ତ ଯୋଗାଣକାରୀ ସଂସ୍ଥା ଦ୍ୱାରା ହେରଫେର ହେଉଥିବା ବିଭିନ୍ନ ସମୟରେ ଅଭିଯୋଗ ହୋଇଆସୁଥିଲା। ଗୁରୁବାର ବାଲେଶ୍ୱର ଜିଲା ରେମୁଣା ଥାନା ମନ୍ଦାରପୁର ସେବାଶ୍ରମର ମଧ୍ୟାହ୍ନଭୋଜନ ଚୋରି ହେଉଥିବା ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସୋଫିଆ ଗାନ୍ଧୀ ରେମୁଣା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସେବାଶ୍ରମକୁ ମଧ୍ୟାହ୍ନଭୋଜନ ପାଇଁ ଆସୁଥିବା ପ୍ରତ୍ୟେକ ଚାଉଳ ବ୍ୟାଗ୍‌ରେ ୬ରୁ ୭ କେଜି କମ୍ ଥିବାର ଦେଖି ବିଦ୍ୟାଳୟର ଶିକ୍ଷକମାନେ ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀଙ୍କୁ ଜଣାଇଥିଲେ। ଉକ୍ତ ସମ୍ପର୍କରେ ଚାଉଳ ନେଇ ଆସିଥିବା ଯୁବକଙ୍କୁ ପଚାରିବାରୁ ସେ ସନ୍ତୋଷଜନକ ଉତ୍ତର ଦେଇ ନ ଥିଲେ। ଏନେଇ ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଆଇନର ଆଶ୍ରୟ ନେଇଥିବା ଜଣାପଡ଼ିଛି। ଘଟଣା ସମ୍ପର୍କରେ ଜଣାପଡ଼ିବା ପରେ ସ୍ଥାନୀୟ ଅଭିଭାବକମାନେ ସେବାଶ୍ରମରେ ପହଞ୍ଚି ପ୍ରଧାନଶିକ୍ଷୟିତ୍ରୀଙ୍କୁ ସହଯୋଗ କରିଥିଲେ। ଏନେଇ ବାରମ୍ବାର ଅଭିଯୋଗ ପରେ ମଧ ଜିଲା ଯୋଗାଣ ଓ ଶିକ୍ଷା ବିଭାଗ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାରୁ ବିଦ୍ୟାଳୟର ଶିକ୍ଷୟିତ୍ରୀ ଓ ଶିକ୍ଷକ ନାହିଁ ନ ଥିବା ହଇରାଣ ହେଉଛନ୍ତି।

## ■ 'ମିଶନ ବିୟୁଟି ସିଟି' ତ୍ୱରାନ୍ୱିତ

# ଓଟି ରୋଡ୍‌ରୁ ହଟିଲା ଜବରଦଖଲ

ବାଲେଶ୍ୱର ଅଫିସ, ୮।୮

ବାଲେଶ୍ୱର ସହରରେ ବିଭିନ୍ନ ସ୍ଥାନରେ ଜବରଦଖଲ ଓ ହୋର୍ଡ଼ିଂ ଉଚ୍ଛେଦ ଗତ ଜୁଲାଇ ୨୨ତାରିଖରୁ ଆରମ୍ଭ ହୋଇଥିବା ବେଳେ ଗୁରୁବାର ପୂର୍ବାହ୍ନ ୧୧ଟାରେ ରେମୁଣା ତହସିଲଦାର ସଞ୍ଜୟ କୁମାର ରାଉତଙ୍କ ତତ୍ତ୍ୱାବଧାନରେ ଓଟି ରୋଡ୍‌ର ତାମୁଲିଆ ଫାଟକଠାରୁ ଲକ୍ଷ୍ମୀନାରାୟଣ ମନ୍ଦିର ପର୍ଯ୍ୟନ୍ତ ଜବରଦଖଲ ଉଚ୍ଛେଦ କରାଯାଇଛି। ୨ଟି ପକ୍କା ଘର, ୭ଟି ଝୁମ୍ପୁଡ଼ି ଘର ସମେତ ଘରୋଇ ହୋଟେଲ ପରିସରରେ ଥିବା ଜବରଦଖଲ ଉଚ୍ଛେଦ କରାଯାଇଛି। ଏପରିକି ଲକ୍ଷ୍ମୀନାରାୟଣ ମନ୍ଦିର ପାଚେରି ମଧ ଭଙ୍ଗାଯିବାର ଜଣାପଡ଼ିଛି।



ଓଟି ରୋଡ୍‌ରେ ଜବରଦଖଲ ଉଚ୍ଛେଦ କରାଯାଉଛି।

ମିଶନ 'ବିୟୁଟି ସିଟି'କୁ ତ୍ୱରାନ୍ୱିତ କରି ସହରକୁ ସରସ ସୁନ୍ଦର ଏବଂ ଟ୍ରାଫିକ୍ ଜାମ୍‌ରୁ ମୁକ୍ତ କରିବା ଉଦ୍ଦେଶ୍ୟରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ନିର୍ଦ୍ଦେଶକ୍ରମେ ଏଭଳି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଓଟି ରୋଡ୍‌ରେ ତାମୁଲିଆ ଗେଟ୍‌ଠାରୁ ଆରମ୍ଭ କରି ଆଇଟିଆଇ ଛକ, ପୋଲିସ ଲାଇନ୍ ଛକ, ଷ୍ଟେସନ ଛକ, ଫକୀରମୋହନ ଗୋଲେଇ, ସହଦେବଖୁଣ୍ଟା ଏବଂ ରେମୁଣା ଗୋଲେଇ ପର୍ଯ୍ୟନ୍ତ ଜବରଦଖଲ ଉଚ୍ଛେଦ କରାଯିବାର ଯୋଜନା ରହିଥିବାର ବିଭାଗୀୟ ସୂତ୍ରରୁ ଜଣାପଡ଼ିଛି। ପ୍ରଶସ୍ତ ରାସ୍ତା ପାଇଁ ୪୫ଟି ଗଛକୁ କଟାଯିବାର ମଧ ଚିହ୍ନଟ କରାଯାଇଛି। ଏହା ଯଥାଶୀଘ୍ର ଆରମ୍ଭ କରାଯିବ। ଜବରଦଖଲ ଉଚ୍ଛେଦ ବେଳେ ସଦର ଥାନା ଆଇଆଇସି ମମତା ସାହୁ, ଟ୍ରାଫିକ୍ ଇନ୍ସପେକ୍ଟର ପ୍ରଶାନ୍ତ କୁମାର ରଣସିଂଙ୍କ ସମେତ ୧ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହୋଇଥିଲେ।

## ■ ଗୋରୁଙ୍କୁ ବ୍ୟାପୁଛି ଅଜଣା ଚର୍ମରୋଗ

# ବିଶେଷଜ୍ଞ ଦଳ ଦ୍ୱାରା ରକ୍ତ ନମୁନା ସଂଗ୍ରହ

ବାଲେଶ୍ୱର ଅଫିସ, ୮।୮

ବାଲେଶ୍ୱର ଜିଲାର ରେମୁଣା ଓ ଖଇରା ବ୍ଲକରେ ଗୋରୁମାନଙ୍କୁ ଅଜଣା ଚର୍ମ ରୋଗ ବ୍ୟାପିଥିବା ଖବର ପାଇ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡା. ନିତ୍ୟାନନ୍ଦ ଦାସ ଭୁବନେଶ୍ୱରସ୍ଥିତ ରାଜ୍ୟ ପ୍ରାଣୀ ରୋଗ ଗବେଷଣା କେନ୍ଦ୍ରକୁ ଜଣାଇଥିଲେ। ଗୁରୁବାର ଏକ ବିଶେଷଜ୍ଞ ଡାକ୍ତର ଦଳ ବାଲେଶ୍ୱରରେ ପହଞ୍ଚି ଉକ୍ତ ଦୁଇ ବ୍ଲକର ବିଭିନ୍ନ ଗ୍ରାମକୁ ଯାଇ ଗୋରୁଗାଈଙ୍କଠାରୁ ରକ୍ତ ଓ ଚର୍ମ ନମୁନା ସଂଗ୍ରହ କରି ଫେରିଯାଇଛନ୍ତି।

ଜିଲା ପ୍ରାଣୀ ଚିକିତ୍ସାଧିକାରୀ କାର୍ଯ୍ୟାଳୟର ଅତିରିକ୍ତ ଜିଲା ପ୍ରାଣୀ ଚିକିତ୍ସାଧିକାରୀ (ରୋଗ ନିୟନ୍ତ୍ରଣ) ଡା. ଜୀବନକୃଷ୍ଣ ସାହୁ, ଖଇରା ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ ଡା. ରଘୁନାଥ ସିଂ ଓ



ଡାକ୍ତରୀ ଟିମ୍ ଗୋରୁକୁ ଚିକିତ୍ସା କରୁଛନ୍ତି।

ରେମୁଣା ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ ଡା. ଅଜିତ୍ ସାମଲ ସହଯୋଗ କରିଥିଲେ। ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡା. ଦାସଙ୍କ ସୂଚନାନୁସାରେ ଏହି ରୋଗରେ ଜିଲାରେ ବର୍ତ୍ତମାନ ସୁଦ୍ଧା କୌଣସି ଗୋରୁ ମୃତ୍ୟୁମୁଖରେ ପଡ଼ିନାହାନ୍ତି। ରାଜ୍ୟର ଅନ୍ୟ ଜିଲାଗୁଡ଼ିକରେ ଏହି ରୋଗ ଦେଖାଯାଉଥିବା ସୂଚନା ମିଳିଛି। ତେଣୁ ଗୋପାଳକମାନେ ଆତଙ୍କିତ ନ ହେବାକୁ ଅନୁରୋଧ କରିଛନ୍ତି।

## ସୋର ଷ୍ଟେଶନରେ ଅଧିକ ଟ୍ରେନ୍ ରହଣି ଦାବି

ସୋର, ୮।୮(ଡି.ଏନ୍‌.ଏ.)

ଭାଜପାର ବରିଷ୍ଠ ନେତା ରାକେଶ କୁମାର ମଲ୍ଲିକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଗତ ମାସ ୨୫ ତାରିଖରେ ଦିଲ୍ଲୀରେ କେନ୍ଦ୍ର ପେଟ୍ରୋଲିୟମ୍ ଓ ଇସ୍ପାତ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଭେଟି ସୋର ଷ୍ଟେଶନରେ ଅଧିକ ଦ୍ରୁତଗାମୀ ଟ୍ରେନ୍ ରହଣି ପାଇଁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ମନ୍ତ୍ରୀ ଏହି ଦାବିପତ୍ର ଗ୍ରହଣ କରି ଆଲୋଚନା ପରେ ରେଳମନ୍ତ୍ରୀ ପୀୟୁଷ ଗୋଏଲଙ୍କୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଚିଠି ଲେଖିଥିବା ନେଇ ଲିଖିତ ଭାବେ ଜଣାଇଛନ୍ତି। ସୋରରେ ଟ୍ରେନ୍ ନଂ. ୧୨୮୧୫/୧୨୮୧୬ ନନ୍ଦନକାନନ ଏକ୍ସପ୍ରେସ୍, ୨୨୮୯୦ ପୁରୀ ଦୀଘା ଓ ୨୨୮୨୫ ସାଲିମାର ଏକ୍ସପ୍ରେସ୍ ସହ ବାହାନଗା ଷ୍ଟେଶନରେ ଭୁବନେଶ୍ୱର - ବାରିପଦା ସୁପରଫାଷ୍ଟ ଏକ୍ସପ୍ରେସ୍ ରହଣି ଦାବି କରାଯାଇଥିଲା।

## ଶିକ୍ଷକଙ୍କୁ ଆକ୍ରମଣ ଗୁରୁତର ଅବସ୍ଥାରେ ଗ୍ରାମବାସୀଙ୍କ ଦ୍ୱାରା ଉଦ୍ଧାର

ରେମୁଣା, ୮।୮(ଡି.ଏନ୍‌.ଏ.)

ବାଲେଶ୍ୱର ଜିଲା ରେମୁଣା ଥାନା ଅଧୀନ ଖୁସାଲିଗଞ୍ଜ ସ୍କୁଲର ଉର୍ଦ୍ଦୁ ଶିକ୍ଷକ ସେକ୍ ଗୁଲାମଙ୍କ ଉପରେ ଗୁରୁବାର ପୂର୍ବାହ୍ନରେ ୨ ଦୁର୍ବୃତ୍ତ ଭୁଜାଲିରେ ଆକ୍ରମଣ କରିବାରୁ ସେ ଗୁରୁତର ହୋଇପଡିଥିଲେ। ସ୍ଥାନୀୟ ଲୋକେ ଏବଂ ବିଦ୍ୟାଳୟର ଶିକ୍ଷକ ଗୁଲାମଙ୍କୁ ପ୍ରଥମେ ରେମୁଣା ହସ୍‌ପିଟାଲ ଓ ପରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ସେଠାରେ ତାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। ରେମୁଣା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

ଗୁଲାମ ଖୁସାଲିଗଞ୍ଜ ପ୍ରାଥମିକ ବିଦ୍ୟାଳୟର ଉର୍ଦ୍ଦୁ ଶିକ୍ଷକ ଭାବେ କାର୍ଯ୍ୟ କରନ୍ତି। ସେ ସକାଳେ ବିଦ୍ୟାଳୟକୁ ଯାଉଥିବାବେଳେ ରେମୁଣା ବଜାରରୁ ୨ ଜଣ ଦୁର୍ବୃତ୍ତ ବାଇକ୍‌ରେ ତାଙ୍କ ପିଛା କରିଥିଲେ। ସେମାନେ ବିଦ୍ୟାଳୟ ନିକଟସ୍ଥ ଏକ ଗଳି ରାସ୍ତାରେ ତାଙ୍କୁ ଅଟକାଇ ଖଣ୍ଡାରେ ଆକ୍ରମଣ କରିଥିଲେ। ଆକ୍ରମଣରେ ଶିକ୍ଷକଙ୍କ ବାମହାତ ପାପୁଲିରେ ଗଭୀର ଆଘାତ ଲାଗିଛି। ଆକ୍ରମଣ କାରଣ ସ୍ପଷ୍ଟ ହୋଇନାହିଁ।

# ଉନ୍ନୟନ କାର୍ଯ୍ୟ ଅନୁଧ୍ୟାନ କଲେ ଜିଲାପାଳ

ଖଇରା, ୮।୮(ଡି.ଏନ୍‌.ଏ.)

ବାଲେଶ୍ୱର ଜିଲାରେ ନୂତନ ଜିଲାପାଳ ଭାବେ ଯୋଗ ଦେଇଥିବା କେ. ସୁଦର୍ଶନ ଚକ୍ରବର୍ତ୍ତୀ ଗୁରୁବାର ଖଇରା ବ୍ଲକ ଓ ତହସିଲର ବିଭିନ୍ନ ଉନ୍ନୟନ କାର୍ଯ୍ୟ ଅନୁଧ୍ୟାନ କରି ଫେରିଛନ୍ତି। ପ୍ରଥମେ ବ୍ଲକକୁ ଯାଇ ପ୍ରଧାନମନ୍ତ୍ରୀ ଆବାସ, ଜାତୀୟ ନିଶ୍ଚିତ କର୍ମନିଯୁକ୍ତ ଯୋଜନା ତଥା ଅନ୍ୟାନ୍ୟ ବହୁ ଯୋଜନାର ଅଗ୍ରଗତି ସମ୍ପର୍କରେ ବିଡିଓ ମହେଶ ଚୌଧୁରୀ, ଏପିଓ ସ୍ୱାଗତିକା ଧଳ ତଥା ଅନ୍ୟାନ୍ୟ ଯନ୍ତ୍ରୀଙ୍କ ନିକଟରୁ ପଚାରି ବୁଝିଥିଲେ। ପରେ ବିଡିଓଙ୍କ ସହ ନହଙ୍ଗ ଗ୍ରାମରେ ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ନିର୍ମାଣାଧୀନ ରାସ୍ତା ବୁଲି ଦେଖିଥିଲେ। ପରେ ନୟାଖଣ୍ଡି ପଞ୍ଚାୟତ କୋଚିଆକୋଇଲିଠାରେ ଅସମ୍ପୂର୍ଣ୍ଣ ହୋଇ ରହିଥିବା କଲ୍ୟାଣ ମଣ୍ଡପ, ଅମରିଆ-ଅଗ୍ନିପୁର ପଞ୍ଚାୟତରେ ୩୫ଲକ୍ଷ ଟଙ୍କା ବ୍ୟୟରେ ହେଉଥିବା ନୂତନ ପଞ୍ଚାୟତ କାର୍ଯ୍ୟାଳୟ ଗୃହ ବୁଲି ଦେଖିଥିଲେ। ତୁରନ୍ତ ଶେଷ କରିବାକୁ ଅଧିକାରୀମାନଙ୍କୁ ତାଗିଦ୍ କରିଥିଲେ। ପରେ ଖଇରା ତହସିଲର ଅତିରିକ୍ତ ତହସିଲଦାର ବିଭାସ ରଞ୍ଜନ ପାଣିଗ୍ରାହୀ ଓ ଭାନୁମତୀ ମାଝିଙ୍କ ସହ ଖଣି ନିଲାମ ତଥା ଅନ୍ୟାନ୍ୟ ପ୍ରସଙ୍ଗରେ ପଚାରି ବୁଝିଥିଲେ। ଏହାଛଡା ରେକର୍ଡ ରୁମ ଓ କମ୍ପ୍ୟୁଟର ରୁମ ପରିଦର୍ଶନ କରିଥିଲେ। ଏହି ଅବସରରେ ବିଷ୍ଣୁପୁର ଗ୍ରାମର ବାସିନ୍ଦା କୈଳାସ ପଣ୍ଡା ଶୋଚନୀୟ ହୋଇ ପଡିଥିବା ଗ୍ରାମରାସ୍ତାକୁ ନିର୍ମାଣ କରିବାକୁ ଦାବି କରିଥିଲେ। ଏଭଳି ପରିଦର୍ଶନ ସମ୍ପର୍କରେ ଜିଲାପାଳଙ୍କ ମତାମତ ନେବାରେ ଏହା ଏକ ରୁଟିନ ପରିଦର୍ଶନ ଥିଲା ବୋଲି ପ୍ରକାଶ କରିଥିଲେ।

# ୮୦ ହିତାଧିକାରୀଙ୍କୁ ମିଳିଲା କାର୍ଯ୍ୟାଦେଶ ପତ୍ର

ସିମୁଳିଆ, ୮।୮(ଡି.ଏନ୍‌.ଏ.)

ସିମୁଳିଆ ବ୍ଲକ ସମ୍ମିଳନୀ ପ୍ରକୋଷ୍ଠରେ ଗୁରୁବାର ମଧ୍ୟାହ୍ନରେ ଗ୍ରାମୀଣ ଆବାସ ଯୋଜନାରେ ୮୦ଜଣ ହିତାଧିକାରୀଙ୍କୁ ୧ଲକ୍ଷ ୨୦ହଜାର ଟଙ୍କା ବ୍ୟୟ ଅଟକଳରେ ପକ୍କା ଗୃହ ନିର୍ମାଣ ପାଇଁ କାର୍ଯ୍ୟାଦେଶ ପତ୍ର ପ୍ରଦାନ କରାଯାଇଛି। ମୁଖ୍ୟଅତିଥି ରୂପେ ପର୍ଯ୍ୟଟନ ମନ୍ତ୍ରୀ ତଥା ସିମୁଳିଆ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ବିଭିନ୍ନ ହିତାଧିକାରୀଙ୍କୁ ଏହି କାର୍ଯ୍ୟାଦେଶପତ୍ର ବଣ୍ଟନ କରିଥିଲେ। ବିଡିଓ ଡ. ନରହରି ବେହେରା ଉତ୍ସବର ଆଭିମୁଖ୍ୟ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଉପାଧ୍ୟକ୍ଷ ଗୌରାଙ୍ଗ ଚନ୍ଦ୍ର ପତ୍ରୀ, ପୂର୍ବତନ ଜିଲାପରିଷଦ କ୍ଷୀତିଶ କୁମାର ମହାନ୍ତି ପ୍ରମୁଖ ଯୋଗଦେଇଥିଲେ।



ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଜଣେ ମହିଳାଙ୍କୁ କାର୍ଯ୍ୟାଦେଶ ପତ୍ର ପ୍ରଦାନ କରୁଛନ୍ତି।

# ଥାନାରେ ଶାନ୍ତି କମିଟି ବୈଠକ

ଖଇରା, ୮।୮(ଡି.ଏନ୍‌.ଏ.)

ବାଲେଶ୍ୱର ଜିଲା ଅଧୀନ ଖଇରା ଥାନା ପରିସରରେ ମୁସଲିମ ସମ୍ପ୍ରଦାୟର ନେତୃବୃନ୍ଦ ଓ ଲୋକପ୍ରତିନିଧିଙ୍କୁ ନେଇ ଏକ ଶାନ୍ତି କମିଟି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଖଇରା ଥାନା ଆଇଆଇସି ଲୋପାମୁଦ୍ରା ନାୟକ ଏଥିରେ ପୌରୋହିତ୍ୟ କରିଥିଲେ। ସୋମବାର ପାଳିତ ହେବାକୁ ଥିବା ଇଦ୍-ଉଲ-ଜୁହା କିଭଳି ଶାନ୍ତିପୂର୍ଣ୍ଣ ଓ ସୌହାର୍ଦ୍ଦ୍ୟ ବାତାବରଣ ମଧ୍ୟରେ ଅନୁଷ୍ଠିତ ହେବ ସେଥିପାଇଁ ଥାନା ଅଧିକାରିଣୀ ସମସ୍ତ ବସ୍ତି ମୁଖିଆମାନଙ୍କର ସହଯୋଗ ଲୋଡିଥିଲେ। ମାନସିକ ପୂରଣ ପାଇଁ ଯଦି କେଉଁଠି କେମିତି ପଶୁବଳି ଦିଆଯାଉଥାଏ ତେବେ ଅନ୍ୟର ଭାବନାକୁ କ୍ଷତି ନ ପହଞ୍ଚାଇ ଯେଭଳି ଭାବେ କରିହେବ ସେଥିପ୍ରତି ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ମୁସ୍ତଫାବାଦର ରମଜାନ ଖାଁ, କ୍ଷିରିପଦାର ନୁରଦ୍ଦିନ ସାହା, ତେନ୍ତୁଳିଆପଡାର ସାବିର ଖାଁ, ଡଗରପଡାର ସିରାଜୌଦ୍ଦିନ ଖାଁ, କ୍ଷିରପଦା-୨ର ଶେଖ ସଲିମ ପ୍ରମୁଖ ନିଜ ବକ୍ତବ୍ୟରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ଭାବେ ପର୍ବ ପାଳନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ମାଖନପୁର ସରପଞ୍ଚ ସୁଦର୍ଶନ ସିଂ, ଡଗରପଡାରୁ ଆସିଥିବା ରତ୍ନାକର ଦଳେଇ ପ୍ରମୁଖ ହିନ୍ଦୁ ମୁସଲିମ ମଧ୍ୟରେ ଭାଇଚାରା ଯେଭଳି ପର୍ବ ପାଳନ ହୋଇପାରିବ ସେଥିପାଇଁ ପ୍ରତିଶ୍ରୁତି ଦେଇଥିଲେ। ପୋଲିସ ଏସ୍‌ଆଇ ସୁଜାତା ମଲ୍ଲିକ ଓ ଏଏସ୍‌ଆଇ ପ୍ରଦୀପ ମହାନ୍ତି ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।



ଖଇରା ଥାନା ଅଧିକାରୀଙ୍କ ସହ ବୈଠକରେ ବସ୍ତି ସର୍ଦ୍ଦାର।



ଏବିଭିପି ପକ୍ଷରୁ ଯବାନଙ୍କ ଲାଗି ରାଖୀ ସଂଗ୍ରହ କରାଯାଉଛି।

# ଯବାନଙ୍କ ଲାଗି ରାଖୀ ସଂଗ୍ରହ

ଜଳେଶ୍ୱର, ୮।୮

ବିଦ୍ୟାର୍ଥୀ ପରିଷଦ ତରଫରୁ ଗୁରୁବାର ଦୀନକୃଷ୍ଣ ମହାବିଦ୍ୟାଳୟ ପରିସରରେ ରାଖୀ ଫର୍ ଯବାନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି ଉପଲକ୍ଷେ ମହାବିଦ୍ୟାଳୟ ଛାତ୍ରୀଛାତ୍ରମାନଙ୍କଠାରୁ ଦେଶର ସୀମାରେ ଜାଗ୍ରତ ପ୍ରହରୀ ଯବାନମାନଙ୍କ ପାଇଁ ରାଖୀ ସଂଗ୍ରହ କରାଯାଇଥିଲା। ଏହି ରାଖୀଗୁଡ଼ିକୁ ସଂଗ୍ରହ କରାଯାଇ ଜିଲା କାର୍ଯ୍ୟାଳୟକୁ ପଠାଯିବ। ସେଠାରୁ ଏହା ଯବାନମାନଙ୍କ ପାଇଁ ଦେଶର ସୀମାକୁ ପଠାଯିବ ବୋଲି ବିଦ୍ୟାର୍ଥୀ ପରିଷଦ ତରଫରୁ କୁହାଯାଇଛି।



ରାଜ୍ୟସ୍ତରୀୟ ଉତ୍କଳ ଜ୍ୟୋତି ଚୟନ ପରୀକ୍ଷାରେ ଭାଗ ନେଇଥିବା ଛାତ୍ରୀଛାତ୍ର।

# ପ୍ରାଦେଶିକ ଉତ୍କଳ ଜ୍ୟୋତି ଚୟନ ପରୀକ୍ଷା

ବାଲେଶ୍ୱର ଅଫିସ, ୮।୮

ବାଲେଶ୍ୱର ମାନସିଂବଜାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଦିବସବ୍ୟାପୀ ପ୍ରଦେଶିକ ଉତ୍କଳ ଜ୍ୟୋତି ଚୟନ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଏହି ପରୀକ୍ଷା ଭିନ୍ନ ଭିନ୍ନ ଜିଲାରେ ହେଉଥିବା ବେଳେ ବାଲେଶ୍ୱର ଜିଲାରେ ଅନୁଷ୍ଠିତ ହୋଇଥିଲା। ଜିଲାର ବିଭିନ୍ନ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରୁ ନିର୍ବାଚିତ ୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଉକ୍ତ ପରୀକ୍ଷାରେ ଅଂଶଗ୍ରହଣ କରିଥିଲେ। ପରୀକ୍ଷା ନିରୀକ୍ଷକ ଭାବେ ପ୍ରାଦେଶିକ ସଂଯୋଜକ ଗୌରାଙ୍ଗ କୁମାର ବିଶ୍ୱାଳ ଓ ଯାଜପୁର ଜିଲା ପ୍ରମୁଖ ଜଗନ୍ନାଥ ରାଉତ ଯୋଗଦେଇ ଥିବାବେଳେ ସ୍ଥାନୀୟ ସରସ୍ୱତୀ ଶିଶୁ ମନ୍ଦିରର ସମସ୍ତ ଗୁରୁମାଗୁରୁଜୀ ପରିଚାଳନାରେ ସହଯୋଗ କରିଥିଲେ। ଏହି ପରୀକ୍ଷା ୨ଟି ପର୍ଯ୍ୟାୟରେ ମୌଖିକ ଓ ଲିଖିତ ଭାବେ କରାଯାଇଥିଲା। ଏଥିରେ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ।

ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.
ODISHA POWER TRANSMISSION CORPORATION LIMITED
(A Government of Odisha Undertaking)
OFFICE OF THE DEPUTY GENERAL MANAGER (ELECTRICAL), EHT (CONSTRUCTION) DIVISION, BALASORE, At: 220/132/33 KV Grid Substation, Januganj, Balasore-756019, Ph. No. 06782-244099 (Off.), Email: ehtc.div.bls@optcl.co.in, CIN: U40102OR2004SGC007553

TENDER CALL NOTICE NO. 10/2019-20

Sealed tenders are invited from the registered Travel Agencies / Vehicle Owners having valid PAN Card, GST Registration Certificate for engagement of One No. Diesel run commercially registered hired vehicle (9 seated Non-A/C Bolero) on monthly basis with daily hiring rate for EHT (Construction) Sub-Division, Balasore. Cost of tender paper (Non-refundable): Rs. 2,000/- + 12% GST= Rs. 2,240/- and EMD: Rs. 5,000/-. Sale of tender documents is from dated 09.08.2019 to dated 26.08.2019 (during office hours). Last date of submission of tender is date 27.08.2019 upto 1.00 PM. Date of opening of tender is date 27.08.2019 at 3.00 PM. For details visit our website www.optcl.co.in.

Corrigendum if any will be published in the website only.

Sd./- Deputy General Manager (Elect.), EHT (Constn.) Division, Balasore

ପୂର୍ବ ତଟ ରେଳପଥ
ଅଲ୍ ଇଣ୍ଡିଆ ପେନ୍‌ସନ୍ ଅଦାଲତ-2019

ପୂର୍ବ ତଟ ରେଳପଥ ଏକକାଳୀନ ଭାବେ ଖୋର୍ଦ୍ଧାରୋଡ୍, ୱାଲ୍ଟିୟର, ସମ୍ବଲପୁର, ମଞ୍ଚେଶ୍ୱର କାରଖାନା, ନିର୍ମାଣ ସଂଗଠନ ଏବଂ ଭୁବନେଶ୍ୱର ସ୍ଥିତ ପୂର୍ବ ତଟ ରେଳପଥର ଜୋନାଲ ମୁଖ୍ୟାଳୟ ଠାରେ ଏକ ପେନ୍‌ସନ୍ ଅଦାଲତ-2019 ପରିଚାଳନା କରିବ।

ଅବସରପ୍ରାପ୍ତ ରେଳ କର୍ମଚାରୀ/ପ୍ରତିପାଳ୍ୟ, ଅବସରପ୍ରାପ୍ତ/ମୃତ୍ୟୁବରଣ କରିଥିବା ରେଳ କର୍ମଚାରୀଙ୍କ ଉପରେ ନିର୍ଭରଶୀଳ ବ୍ୟକ୍ତିବିଶେଷ, ଯେଉଁମାନଙ୍କର ପେନ୍‌ସନ/ସେଟଲମେଣ୍ଟ ପାଉଣା (settlement dues)/ଚିକିତ୍ସା ଭତ୍ତା ଇତ୍ୟାଦି ସମ୍ପର୍କିତ ଅଭିଯୋଗମାନ ରହିଛି, ସେମାନେ ନିମ୍ନଲିଖିତ ନିର୍ଦ୍ଧାରିତ ପ୍ରୋଫର୍ମା ଅନୁଯାୟୀ ବିସ୍ତୃତ ବିବରଣୀ ସହିତ ସଂପୃକ୍ତ ରେଳ ପ୍ରାଧିକାରୀମାନଙ୍କୁ ସମ୍ବୋଧନ କରି ଅଭିଯୋଗ ସମ୍ବଳିତ ଲଫାପାର ଶୀର୍ଷରେ ବିଧିବଦ୍ଧ ରୂପେ "ଅଲ୍ ଇଣ୍ଡିଆ ପେନ୍‌ସନ୍ ଅଦାଲତ -2019" ଉଲ୍ଲେଖ କରି 16 ଅଗଷ୍ଟ 2019 ସୁଦ୍ଧା କିମ୍ବା ତା' ପୂର୍ବରୁ ଆବେଦନ କରିବା ଉଚିତ୍।

| କ୍ରମ ସଂ. | ମଣ୍ଡଳ / କାର୍ଯ୍ୟାଳୟ | କାହା ନିକଟରେ ଆବେଦନ କରାଯିବ |
|---|---|---|
| 1. | ଖୋର୍ଦ୍ଧା ରୋଡ୍ | ବରିଷ୍ଠ ମଣ୍ଡଳ କାର୍ମିକ ଅଧିକାରୀ, ପୂର୍ବ ତଟ ରେଳପଥ, ସା/ପୋଷ୍ଟ : ଜଟଣୀ, ଜିଲ୍ଲା : ଖୋର୍ଦ୍ଧା, ଓଡ଼ିଶା-752050 ଇମେଲ୍ ଠିକଣା : srdpo@kur.railnet.gov.in, dpoofficekur@gmail.com, ଫ୍ୟାକ୍ସ ନଂ : 0674-2491198 |
| 2. | ୱାଲ୍ଟିୟର | ବରିଷ୍ଠ ମଣ୍ଡଳ କାର୍ମିକ ଅଧିକାରୀ, ପୂର୍ବ ତଟ ରେଳପଥ, ଦୋଣ୍ଡାପାରଥୀ, ବିଶାଖାପାଟଣା, ଅନ୍ଧ୍ରପ୍ରଦେଶ-530016 ଇମେଲ୍ ଠିକଣା : srdpowat@rediffmail.com, ଫ୍ୟାକ୍ସ ନଂ : 0891-2549992 |
| 3. | ସମ୍ବଲପୁର | ବରିଷ୍ଠ ମଣ୍ଡଳ କାର୍ମିକ ଅଧିକାରୀ, ପୂର୍ବ ତଟ ରେଳପଥ, ପୋଷ୍ଟ : ମୋଦିପଡ଼ା, ସମ୍ବଲପୁର, ଓଡ଼ିଶା-768002 ଇମେଲ୍ ଠିକଣା : dpo_sbp@sbp.railnet.gov.in, dposbp06@gmail.com, ଫ୍ୟାକ୍ସ ନଂ : 0663-2402501 |
| 4. | ରେଳ ଡ଼ବା ମରାମତି କାରଖାନା/ମଞ୍ଚେଶ୍ୱର | କାରଖାନା କାର୍ମିକ ଅଧିକାରୀ, ପୂର୍ବ ତଟ ରେଳପଥ, ରେଳ ଡ଼ବା ମରାମତି କାରଖାନା, ମଞ୍ଚେଶ୍ୱର, ଭୁବନେଶ୍ୱର-751017 ଇମେଲ୍ ଠିକଣା : cwmmcsw@gmail.com, wpomcs@gmail.com, ଫ୍ୟାକ୍ସ ନଂ : 0674-2748702 |
| 5. | ନିର୍ମାଣ ସଂଗଠନ | ଉପ ମୁଖ୍ୟ କାର୍ମିକ ଅଧିକାରୀ (ନିର୍ମାଣ), ପୂର୍ବ ତଟ ରେଳପଥ, ତୃତୀୟ ମହଲା, ଉତ୍ତର ବ୍ଲକ୍, ରେଳ ସଦନ, ଭୁବନେଶ୍ୱର-751017 ଇମେଲ୍ ଠିକଣା : dcpoconbbs@gmail.com, ଫ୍ୟାକ୍ସ ନଂ : 0674-2300437 |
| 6. | ମୁଖ୍ୟାଳୟ / ଭୁବନେଶ୍ୱର | ଉପ ମୁଖ୍ୟ କାର୍ମିକ ଅଧିକାରୀ (IR&W), ପୂର୍ବ ତଟ ରେଳପଥ, ଦ୍ୱିତୀୟ ମହଲା, ଦକ୍ଷିଣ ବ୍ଲକ୍, ରେଳ ସଦନ, ଭୁବନେଶ୍ୱର-751017 ଇମେଲ୍ ଠିକଣା : dycpoirecor@gmail.com, ଫ୍ୟାକ୍ସ ନଂ : 0674-2300031 |

ସେହିମାନଙ୍କୁ ଅନୁରୋଧ କରାଯାଉଅଛି, ଯେଉଁମାନଙ୍କର କୌଣସି ବହୁ ଦିନ ଧରି ପଡ଼ି ରହିଥିବା ପେନ୍‌ସନ୍ /ସେଟଲମେଣ୍ଟ ପାଉଣା (settlement dues)/ ଚିକିତ୍ସା ଭତ୍ତା ଇତ୍ୟାଦି ସମ୍ପର୍କିତ କୌଣସି ଦେୟ ବାକି ଅଛି, ସେ କ୍ଷେତ୍ରରେ ସେମାନେ ସେହି ସଂପୃକ୍ତ କାର୍ମିକ ଅଧିକାରୀମାନଙ୍କ ନିକଟକୁ ସେମାନଙ୍କ ଅଭିଯୋଗଗୁଡିକୁ ପଠାନ୍ତୁ, ଯାହାଙ୍କ ଅଧିନରେ ସେମାନେ ଅନ୍ତିମ ପର୍ଯ୍ୟାୟରେ କାର୍ଯ୍ୟ ସମ୍ପାଦନ କରିଥିଲେ।

ଅଲ୍ ଇଣ୍ଡିଆ ପେନ୍‌ସନ୍ ଅଦାଲତ - ୨୦୧୯ ନିମନ୍ତେ ଆବେଦନ ପ୍ରୋଫର୍ମା

1. ଅବସରପ୍ରାପ୍ତ/ମୃତ୍ୟୁବରଣ କରିଥିବା ରେଳ କର୍ମଚାରୀଙ୍କ ନାମ :
2. ପିତା / ସ୍ୱାମୀଙ୍କ ନାମ :
3. ଅନ୍ତିମ ପର୍ଯ୍ୟାୟରେ କାର୍ଯ୍ୟ କରିଥିବା ଷ୍ଟେସନ ଏବଂ କାର୍ଯ୍ୟାଳୟ :
4. ଅନ୍ତିମ ପର୍ଯ୍ୟାୟରେ ଅବସ୍ଥାପିତ ପଦବୀର ନାମ ଏବଂ ଗ୍ରେଡ୍ ପେ :
5. ଅବସର / ମୃତ୍ୟୁ / ସ୍ୱଚ୍ଛିକ ସେବାନିବୃତ୍ତି/ ପ୍ରାୟୋଗିକ ତ୍ୟାଗପତ୍ର ତାରିଖ :
6. ପି.ପି.ଓ. (P.P.O.) ସଂଖ୍ୟା କିମ୍ବା ପେନ୍‌ସନ୍ ମଞ୍ଜୁରୀ ନ ହେବା ସ୍ଥଳେ ପି.ଏଫ୍. (P.F.) ଆକାଉଣ୍ଟ ନମ୍ବର, ଷ୍ଟାଫ/ ଟିକେଟ ନମ୍ବର :
7. ଅଭିଯୋଗ (ସଂପୂର୍ଣ୍ଣ ବିବରଣୀ ପ୍ରଦାନ କରାଯିବା ଆବଶ୍ୟକ)। ଯଦି ଏ ସମ୍ବନ୍ଧରେ ରେଳବାଇ ତରଫରୁ କୌଣସି ପୂର୍ବ ପ୍ରସଙ୍ଗ ଥାଏ, ତେବେ ତାହା ଉଲ୍ଲେଖ କରନ୍ତୁ :
8. ଆବେଦନକାରୀଙ୍କ ନାମ, ଠିକଣା ଏବଂ ଟେଲିଫୋନ୍ ନମ୍ବର :
9. ଆବେଦନକାରୀଙ୍କ ସ୍ୱାକ୍ଷର :

ଦ୍ରଷ୍ଟବ୍ୟ : ଅନୁକମ୍ପାମୂଳକ ନିଯୁକ୍ତି, ରେଲୱେ କ୍ୱାର୍ଟର ଧାରଣ, ଦଣ୍ଡନୀୟ / କ୍ଷତିପୂର୍ତ୍ତି ଭଡ଼ା ଆଦାୟ, ଓଟି (OT), ଟିଏ (TA) ଇତ୍ୟାଦି ଭଳି ମାମଲାଗୁଡ଼ିକ ପେନ୍‌ସନ୍ ଅଦାଲତ ପରିସରଭୁକ୍ତ ହେବ ନାହିଁ।

PR-284/K/19-20 ପ୍ରମୁଖ ମୁଖ୍ୟ କାର୍ମିକ ଅଧିକାରୀ, ଭୁବନେଶ୍ୱର

THE ODISHA MINING CORPORATION LIMITED
OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES

WALK-IN-INTERVIEW CAD-282

The Odisha Mining Corporation Ltd., a Gold Category State PSU having annual turnover of Rs.4052 Crore during FY 2018-19 intends to fill up the following posts through direct recruitment by the **Walk-in-Interview** mode/process.

| Sl. No | Name of the post | No. of vacant posts | Scale of Pay | Qualification | Age as on 31.07.2019 |
|---|---|---|---|---|---|
| 1 | Foreman (Min.) | 25 | Pay Level- 9 (Rs.35400-112400/-) | Diploma in Mining with Foreman Competency Certificate issued by DGMS. | Not below 18 years and above 32 years. |
| 2 | Mining Mate-III | 42 | Pay Level- 5 (Rs.21700-69100/-) (one extra increment at the time of entry) | HSC with Mining Mate Certificate of Competency issued by DGMS as per MMR, 1961 | Not below 18 years and above 32 years |
| 3 | Surveyor | 11 | Pay Level- 9 (Rs.35400-112400/-) | Diploma in Mines Survey from a AICTE recognized Institute with Survey Certificate of Competency in Mining Survey from DGMS. | Not below 18 years and above 32 years |

DATE & PLACE OF WALK-IN-INTERVIEW

| POST | DATE & TIME | VENUE OF INTERVIEW |
|---|---|---|
| Foreman(Min.) | 20.08.2019 at 8:00 AM<br>21.08.2019 at 8:00 AM | OMC Colony of Regional Office, OMC Ltd. At/Po-Barbil, Dist- Keonjhar |
| Surveyor | 21.08.2019 at 8:00 AM | |
| Mining Mate- III | 22.08.2019 at 8:00 AM | |

- Interested candidates fulfilling the eligibility criteria for respective posts may attend the walk-in-interview as per the above schedule.
- For details please visit OMC website: www.omcltd.in.

30005/11/0039/1920 GENERAL MANAGER (P&A)

## ସଂକ୍ଷେପରେ

### ବିଦ୍ୟାଳୟରେ ଚାରାରୋପଣ

ବାଲିଆପାଳ, ୮।୮(ସ୍ୱ.ପ୍ର.): ମେଧାବୀ ଛାତ୍ରୀ ସ୍ୱର୍ଗତ ଅନିଷା ଦେଙ୍କ ସ୍ମୃତିରେ ଅନିଷା ସ୍ମୃତି ସେବାସଂସ୍ଥା ପକ୍ଷରୁ ଶ୍ରୀରାମପୁରସ୍ଥ କାଳିଚରଣ ହାଇସ୍କୁଲରେ ଗୁରୁବାର ଏକ ଆଲୋଚନାଚକ୍ର ଓ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ଅନୁଷ୍ଠାନ ସଭାପତି ଡ. ସଞ୍ଜୟ କୁମାର ଦେ ଅଧ୍ୟକ୍ଷତା କରିଥିଲେ। ଆଲୋଚକ ଭାବେ ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟ ପ୍ରାକ୍ତନ ଅଧ୍ୟକ୍ଷ ଡ. ବିଜୟ କୁମାର ଦେ, କାଳିଚରଣ ହାଇସ୍କୁଲ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କୃଷ୍ଣଚନ୍ଦ୍ର ପାତ୍ର ଯୋଗଦେଇ ଆଜିର ସମାଜରେ ମୋବାଇଲ ଫୋନର ବହୁଳ ବ୍ୟବହାର, ସକାରାତ୍ମକ ଏବଂ କୁପ୍ରଭାବ ଯୁବଛାତ୍ର ସମାଜ ଉପରେ ପଡୁଛି ତାର ବ୍ୟାଖ୍ୟା କରିଥିଲେ। ସେବା ସଂସ୍ଥାର ସମ୍ପାଦିକା ତଥା ଅନିଷାଙ୍କ ମା' ଡ. ଅମିତାରାଣୀ ପାତ୍ର କହିଥିଲେ ଯେ, ମେଧାବୀ ଛାତ୍ରୀ ଅନିଷା ଦ୍ୱାଦଶରେ ପଢୁଥିବା ବେଳେ କିପରି ବ୍ରେନଟ୍ୟୁମରରେ ଆରପାରି କି ଚାଲିଯାଇଥିଲେ। ଅନୁଷ୍ଠାନର ବିଭିନ୍ନ ସେବାମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ତର୍କ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀ ତନୁଶ୍ରୀ ମହାପାତ୍ର, ରୋଜାଲିନ ଦେ, ରୀନା ପ୍ରିୟଦର୍ଶିନୀ ସେଠୀ ଓ ରଞ୍ଜିତା ଗିରିଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ଜୟନ୍ତୀ ପ୍ରଧାନ ଧନ୍ୟବାଦ ଦେଇଥିଲେ। ପରେ ସେବା ସଂସ୍ଥା ପକ୍ଷରୁ ଫଳଚାରା ରୋପଣ କରାଯାଇଥିଲା।

# 'ମରୁଡ଼ି ମୁକାବିଲା ଲାଗି ପଦକ୍ଷେପ ନିଅ'

## ସିପିଆଇ ପକ୍ଷରୁ ଗଣଧାରଣା, ୯ ଦଫା ଦାବିପତ୍ର ପ୍ରଦାନ

ସଜନାଗଡ଼, ୮।୮(ଡି.ଏନ.ଏ.)

ବୃଷ୍ଟିପାତରେ ଅସମତା କାରଣରୁ ବାଲେଶ୍ୱର ଜିଲା ନୀଳଗିରି ଅଞ୍ଚଳରେ ମରୁଡି ସ୍ଥିତି ସୃଷ୍ଟି ହୋଇଛି। ଚାଷ ଉପଯୋଗୀ ବର୍ଷା ଅଭାବରୁ ଖରିଫ ଚାଷ କାର୍ଯ୍ୟ ପଛରେ ପଡ଼ିଛି। ବର୍ତ୍ତମାନ ସ୍ଥିତିରେ ବର୍ଷା ହେଲେ ମଧ୍ୟ ଏହା କାମକୁ ଆସିବ ନାହିଁ । ଏଣୁ ମରୁଡି ମୁକାବିଲା ଲାଗି ତୁରନ୍ତ ପଦକ୍ଷେପ ନେବା ସାଙ୍ଗକୁ ନୀଳଗିରିକୁ ମରୁଡି ଅଞ୍ଚଳ ଘୋଷଣା କରିବା ଲାଗି କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ୯ଦଫା ଦାବି ନେଇ ନୀଳଗିରି ଉପଜିଲାପାଳଙ୍କ ଅଫିସ୍ ଫାଟକ ସମ୍ମୁଖରେ ଗଣଧାରଣା ଦିଆଯାଇଥିଲା। ରାଜ୍ୟ ସରକାର ନୀଳଗିରି ଉପଖଣ୍ଡରେ ଜଳସେଚନର କୌଣସି ସୁବିଧା କରି ନ ଥିବାରୁ ଚାଷୀମାନେ ଅଧିକାଂଶ ବର୍ଷ ମରୁଡି ପରିସ୍ଥିତି ସାମ୍ନା କରୁଛନ୍ତି। ଏଥର ସମ୍ଭାବ୍ୟ ମରୁଡ଼ି ମୁକାବିଲା ଲାଗି କୌଣସି ପଦକ୍ଷେପ ଏଯାଏ ନିଆଯାଇ ନ ଥିବା ଦଳର ଜିଲା ସମ୍ପାଦକ ନିରଞ୍ଜନ ବାରିକ ଅଭିଯୋଗ କରିଥିଲେ। ମରୁଡି ମୁକାବିଲା ଲାଗି କୃଷି ବିଭାଗ ଜରିଆରେ ଗଭୀର ନଳକୂପ ଖନନ, ମରାମତି ଓ ଚାଷୀଙ୍କୁ ରିହାତି ଦରରେ ପାଣିପମ୍ପ ଯୋଗାଣ, ଚାଷ କାମ ହୋଇପାରି ନ ଥିବା ଜମିରେ ରବି ଫସଲ, ପନିପରିବା ଚାଷ ପାଇଁ ମାଗଣା ବିହନ ଓ ସାର ଯୋଗାଣ, କାଳିଆ ଯୋଜନାରୁ ବାଦ ପଡ଼ିଥିବା ସମସ୍ତ ଚାଷୀଙ୍କୁ ତାଲିକାରେ ଅନ୍ତର୍ଭୁକ୍ତ କରିବା, ମୂଲିଆ ଓ ଶ୍ରମିକଙ୍କୁ ରୋଜଗାର ଯୋଗାଇ ଦେବା ଲାଗି ଦାବି କରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ଉପଜିଲାପାଳ ହରିଶ୍ଚନ୍ଦ୍ର ଜେନାଙ୍କୁ ପ୍ରଦାନ କରାଯାଇଥିଲା। ବରିଷ୍ଠ ନେତା କୈଳାସ ଚନ୍ଦ୍ର ପଣ୍ଡା, ଜୋନ୍ ସମ୍ପାଦକ ବିଜୟ ସ', ମହିଳା କମିଟି ଜିଲା ସମ୍ପାଦିକା ଅରୁଣା ବାରିକ, ପ୍ରତାପ ମହାନ୍ତି, ଅନିରୁଦ୍ଧ ନାୟକ, ନିହାର ଜେନା, କମଳାରାଣୀ ବେହେରା, ମଞ୍ଜୁଲତା ବେହେରା ପ୍ରମୁଖ ଗଣଧାରଣାରେ ସାମିଲ ହୋଇଥିଲେ।




(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦଶମୀ ଦିନ ଦଶ କରାଣ୍ଡି**
**ଏକାଦଶୀ ଦିନ ଇଲିଶି**
**ଦୁଆଦଶୀ ଦିନ ଗଙ୍ଗା ଶୁଖୁଆ**
**ଯମ ନ ପାରିବ ଭରସି ।**

କିଛି ବ୍ୟକ୍ତି ଆମିଷପ୍ରିୟ ହୋଇଥାନ୍ତି। ଆମିଷ ପ୍ରତି ତାଙ୍କର ଏତେ ଲୋଭ ବା ରୁଚି ରହିଥାଏ ଯେ ବାର ବ୍ରତ ଓଷାରେ ମଧ୍ୟ ଆମିଷ ଖାଇବା ପାଇଁ ବିକଳ ହୋଇପଡ଼ିଥାନ୍ତି। ସତେ ଯେମିତି ଆମିଷ ଟିକେ ନ ହେଲେ ନ ଚଳେ। ନିରାଟ ଆମିଷାଶୀ ବ୍ୟକ୍ତି ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଦହିର ମଜା ଚୁଡ଼ାରେ**
**ଫୁଲର ମଜା ଜୁଡ଼ାରେ ।**

ଚୁଡ଼ା ସାଙ୍ଗରେ ଦହିର ମିଶ୍ରଣ ପାଟିକୁ ଖୁବ୍ ସ୍ୱାଦିଷ୍ଟ ଲାଗିଥାଏ। ସେହିପରି ରମଣୀଙ୍କ ଜୁଡ଼ାରେ ଖୋସାଯାଉଥିବା ଫୁଲ ଆଖିକୁ ଖୁବ୍ ସୁନ୍ଦର ଲାଗୁଥିବା ଅର୍ଥରେଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
- ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

# 'ସ୍ତନ୍ୟପାନ ସୁସ୍ଥ ଜୀବନ ପାଇଁ ସଞ୍ଜୀବନୀ ସୁଧା'

ବାଲେଶ୍ୱର ଅଫିସ, ୮।୮

ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳନ ଅବସରରେ ବାଲେଶ୍ୱର ରୋଟାରୀ ଭବନ ପରିସରରେ ରାଜ୍ୟ ଶିଶୁ ବିଶେଷଜ୍ଞ ସଂଘ ବାଲେଶ୍ୱର ଶାଖା ଏବଂ ରୋଟାରୀ କ୍ଲବ ପକ୍ଷରୁ 'ସ୍ତନ୍ୟପାନ ସୁସ୍ଥ ଜୀବନ ପାଇଁ ସଞ୍ଜୀବନୀ ସୁଧା' ସମ୍ପର୍କରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବକ୍ତା ଭାବେ ବରିଷ୍ଠ ଡା. ମିନାକ୍ଷୀ ରାୟ, ଡା. ଚିନ୍ତାମଣି ପଣ୍ଡା, ଡା. ସୁଜୟ ଗିରି, ଡା. ହରେକୃଷ୍ଣ ପତି, ଡା. କଳ୍ପନା କର ତଥା ରୋଟାରୀ କ୍ଲବ ପକ୍ଷରୁ ସଭାପତି ରୋଟାରିୟାନ୍ ଡ. ମାତୃଦତ୍ତ ଦାସ, ସମ୍ପାଦକ ଉମାକାନ୍ତ ମିଶ୍ର ପ୍ରମୁଖ ଯୋଗଦେଇ ଶିଶୁଙ୍କ ଉତ୍ତମ ସ୍ୱାସ୍ଥ୍ୟ ଗଠନ ପାଇଁ ମାତୃ ସ୍ତନ୍ୟପାନ କେତେ ଜରୁରୀ ତାହାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ପୂର୍ବତନ ବୈଦେଶିକ ମନ୍ତ୍ରୀ ସୁଷମା ସ୍ୱରାଜଙ୍କ ପାଇଁ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଆଲୋଚନା ସଭାରେ ଜିଲାର ବିଭିନ୍ନ ସ୍ଥାନରୁ ବହୁ ସ୍ୱେଚ୍ଛାସେବୀ, ସାହିତ୍ୟିକ, ଗର୍ଭବତୀ ମହିଳା ଓ ମା'ମାନେ ଯୋଗଦେଇ ପରାମର୍ଶ ନେଇଥିଲେ। ରୋଟାରିଆନ ଡା. ନବକିଶୋର ପ୍ରଧାନ ଯୋଗଦେଇ ଶିଶୁ ସୁରକ୍ଷା, ଶିଶୁ କଲ୍ୟାଣ, ଶିଶୁ ଅଧିକାର ଓ ଥଇଥାନ ସମ୍ପର୍କିତ ବିଷୟବସ୍ତୁକୁ ପ୍ରୋଜେକ୍ଟର ମାଧ୍ୟମରେ ପ୍ରଦର୍ଶିତ କରିଥିଲେ। କାର୍ଯ୍ୟକ୍ରମରେ ସହରର ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ସମେତ କ୍ଲବର ସମସ୍ତ ସଭ୍ୟାସଭ୍ୟ, ମହିଳା ଶାଖା ଓ ଯୁବ ଶାଖାର ସମସ୍ତେ ଉପସ୍ଥିତ ଥିଲେ।



ସ୍ତନ୍ୟପାନ ଦିବସ ପାଳନ ଅବସରରେ ଉପସ୍ଥିତ ଅତିଥି।

## ସୁଷମା ସ୍ୱରାଜଙ୍କ ଉଦ୍ଦେଶ୍ୟରେ ସ୍ମୃତିସଭା

ସଜନାଗଡ଼, ୮।୮(ଡି.ଏନ.ଏ.)

ନୀଳଗିରି ଭାଜପା କାର୍ଯ୍ୟାଳୟରେ ଗୁରୁବାର ସୁଷମା ସ୍ୱରାଜଙ୍କ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ଯୋଗଦେଇ ସୁଷମା ଏକାଧାରରେ ଜଣେ ସୁଦକ୍ଷ ନେତ୍ରୀ, ଭାରତୀୟ ନାରୀ, ଉପଯୁକ୍ତ ଉଦାହରଣ ଏବଂ ଗରିବଙ୍କ ସାଥୀ, ବିରୋଧୀଙ୍କୁ ନିଜ ଭାଇ, ଭଉଣୀ ପରି ବିବେଚନା କରୁଥିବା ଦରଦୀ ମା'ଙ୍କର ଅକାଳ ବିୟୋଗରେ କେବଳ ଭାଜପା ନୁହେଁ ବରଂ ସାରା ଭାରତର ଏକ ଅପୂରଣୀୟ କ୍ଷତି ଘଟିଥିବା କହିଛନ୍ତି। ସ୍ମୃତିସଭାରେ ଭାଜପା ଯୁବମୋର୍ଚ୍ଚାର ରାଜ୍ୟ ଉପସଭାପତି ଚନ୍ଦ୍ରଶେଖର ନନ୍ଦ ସଭା ପରିଚାଳନା କରିଥିବାବେଳେ ବରିଷ୍ଠ ନେତା ଗଙ୍ଗାଧର ମିଶ୍ର, ନୀଳଗିରି ପୂର୍ବତନ ନଗରପାଳ ରାଧାଗୋବିନ୍ଦ ଖଟୁଆ, ଭୂଦାରଚଣ୍ଡୀ ମଣ୍ଡଳ ସଭାପତି କରୁଣାକର ପଣ୍ଡା, ନୀଳଗିରି ନଗର ସଭାପତି ମନୋରଞ୍ଜନ ବେହେରା, ନୀଳଗିରି ଭାଜପା ଦଳର ବହୁ କର୍ମକର୍ତ୍ତା ଓ ବୁଦ୍ଧିଜୀବୀ ପ୍ରମୁଖ ଉପସ୍ଥିତ ରହି ସୁଷମାଙ୍କ ସ୍ମୃତିଚାରଣ କରିଥିଲେ। ସଭାରେ ନୀଳଗିରି ଭାଜପାର ଶତାଧିକ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ସୁଷମାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ତାଙ୍କ ଅମରଆତ୍ମାର ସଦ୍‌ଗତି କାମନା କରିଥିଲେ।

# ପୋଲିସ୍ ପକ୍ଷରୁ ଶାନ୍ତି କମିଟି ଗଠିତ

ବାହାନଗା, ୮।୮(ଡି.ଏନ.ଏ.)

ଗୋପାଳପୁର ଫାଣ୍ଡି ପରିସରରେ ଇଦ୍-ଉଲ୍-ଜୁହା ନିମନ୍ତେ ଏକ ଶାନ୍ତି କମିଟି ଗୁରୁବାର ଗଠିତ ହୋଇଛି। ବାହାନଗା ବ୍ଲକ ସାହାସପୁର ଗ୍ରାମର ମୁସଲମାନ ଭାଇମାନଙ୍କ ପର୍ବ ଇଦ୍-ଉଲ୍-ଜୁହା ଆସନ୍ତା ୧୨ତାରିଖରେ ଅନୁଷ୍ଠିତ ହେବ। ସାହାସପୁରା ଗ୍ରାମର ୩ଟି ବସ୍ତିରେ କିପରି ଶାନ୍ତିଶୃଙ୍ଖଳାରେ ପାଳନ କରାଯିବ ସେନେଇ ଆଲୋଚନା କରାଯାଇଥିଲା। ସେହି ଦିନ ସମୂହ ନମାଜ ପାଠ ସହିତ କୁରବାନୀ ସମେତ ରାତିରେ ବାଡିଖେଳ ଅନୁଷ୍ଠିତ ହେବ । ସେ ବାବଦରେ ବିଶଦ ଆଲୋଚନା କରିବା ସହିତ ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ୩ଟି ସାହିର ମୁରବିମାନଙ୍କୁ ନେଇ ଶାନ୍ତିକମିଟି ଗଠନ କରାଯାଇଛି। ଏହି ଉପଲକ୍ଷେ ଫାଣ୍ଡିରେ ଖନ୍ତାପଡା ଥାନା ଅଧିକାରୀ ଶ୍ରୀବଲ୍ଲଭ ସାହୁଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ଗୋପାଳପୁର ଫାଣ୍ଡି ଅଧିକାରୀ ବଂଶୀଧର ପ୍ରଧାନଙ୍କ ସମେତ ସାହାସପୁରା ସରପଞ୍ଚଙ୍କ ପ୍ରତିନିଧି ଚିତ୍ତରଞ୍ଜନ ସାହୁ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମଲ୍ଲିକ୍ ନସିମ୍ ଉଦ୍ଦିନ ଅହମ୍ମଦ, ଅନନ୍ତ ପ୍ରସାଦ କର, ପୂର୍ବତନ ସରପଞ୍ଚ ସୁଶାନ୍ତ କୁମାର ପଣ୍ଡା, ଏସ୍.କେ ରାଜନ, କୈଶର ଖାନ୍, ହକବୁଲ୍ ସାହା, କରିମ୍ ସାହା, ମଲ୍ଲିକ ବସିରୁଦ୍ଦିନ୍, ପଦ୍ମଲୋଚନ ଦାଶ ପ୍ରମୁଖ ସାହାସପୁର ଗ୍ରାମର ବ୍ୟକ୍ତିମାନେ ଯୋଗଦେଇ ଶାନ୍ତି କମିଟିରେ ସାମିଲ ହୋଇଥିଲେ ।


ଶାନ୍ତି କମିଟି ବୈଠକରେ ଉପସ୍ଥିତ ସାହିର ମୁରବି ଓ ଅନ୍ୟମାନେ ।

# ଜୀବିକା ମିଶନ ଖୋଲିଲା ମହାସଂଘ କାର୍ଯ୍ୟାଳୟ


ମହାସଂଘ କାର୍ଯ୍ୟାଳୟକୁ ବିଧାୟକ ଅଶ୍ୱିନୀ କୁମାର ପାତ୍ର ଉଦ୍‌ଘାଟନ କରୁଛନ୍ତି।

ଜଳେଶ୍ୱର, ୮।୮

ଓଡ଼ିଶା ଜୀବିକା ମିଶନ ପକ୍ଷରୁ ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଶିଖରପୁର ପଞ୍ଚାୟତରେ ସୁବର୍ଣ୍ଣରେଖା ପଞ୍ଚାୟତସ୍ତରୀୟ ମହାସଂଘ କାର୍ଯ୍ୟାଳୟକୁ ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର ଗୁରୁବାର ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ମୁଖ୍ୟଅତିଥି ଭାବେ ବାଲେଶ୍ୱର ଡିଆରଡିଏର ପ୍ରକଳ୍ପ ଅଧିକାରୀ ରାମଚନ୍ଦ୍ର ଜେନା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ନିତ୍ୟାନନ୍ଦ ସାହୁ, ବ୍ଲକ ଅଧ୍ୟକ୍ଷା ସବିତା ଦଲେଇ, ଜିଲାପରିଷଦ ସଭ୍ୟା ରଙ୍ଗଲତା ଆଚାର୍ଯ୍ୟ, ସରପଞ୍ଚ ହରେକୃଷ୍ଣ ଗିରି ଓ ସମିତିସଭ୍ୟ ଝାଡ଼େଶ୍ୱର ଦାସଙ୍କ ସମେତ ଗ୍ରାମବାସୀମାନେ ଯୋଗଦେଇଥିଲେ।


# CLASSIFIED DISPLAY

ALL EDITION - B/W (Everyday)

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact:
0674-2580385, 7894447148,
7894447131, 9337021532,
7894447167, 7894447165

HEALTH CARE
HEALTH CARE

AT PURI AT PURI AT PURI
ପୁରାତନ ରୋଗର ସର୍ବୋତ୍ତମ ଆୟୁର୍ବେଦ ଚିକିତ୍ସା
Advise & Treatment by Specialized Ayurvedic Doctors only
ର୍ୟୁମାଟଏଡ୍ ଆର୍ଥ୍ରାଇଟିସ୍,ଓଷ୍ଟିଓ ଆର୍ଥ୍ରାଇଟିସ୍,ପାରାଲିସିସ୍,ସିଆଟିକା, ଅଣ୍ଟାବ୍ୟଥା,ଆଣ୍ଠୁବ୍ୟଥା,ଫ୍ରୋଜନ୍ ସୋଲ୍ଡର,ସ୍ପଣ୍ଡିଲୋସିସ୍,ମାଇଗ୍ରେନ୍, ସୋରିଆସିସ୍,ମୁଖ ବ୍ରଣ, ଆଦି ରୋଗର ପରାମର୍ଶ ଓ ଉତ୍ତମ ଚିକିତ୍ସା ଉପଲବ୍ଧ ।
SAMBHAV AYURVED
Bus Stand Outgate, Puri
Phone & Whats App - 7735921512 / 9439349129 ,Timing - 9 am to 8 pm

FINANCE
FINANCE

BANA DURGA FINANCE
BANA DURGA FINANCE
ସମସ୍ତ ପ୍ରକାର LOAN ଠିକ୍ ସୁଧରେ ଘରେ ବସି ପାଆନ୍ତୁ। ପର୍ସନାଲ, ବିଜନେସ୍, ମାର୍କସିଟ୍, ଗୃହ, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗାଈ LOAN ଆଦି ସମସ୍ତ ପ୍ରକାର LOAN ପାଇପାରିବେ। ସୁଧ-1% ।
Help LINE
7683949359
7381163847
C-47/8, A-Block, Vijay Enclave Burrari, New Delhi-75, Maipada, Chhindeikela, Paikmal, Bargarh-768050

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
25 ବର୍ଷ ଧରି ଆପଣଙ୍କ ସେବାରେ
JEEVANJYOTI FINANCE PVT. LTD.
ମାର୍କଶିଟ୍, ପ୍ରପର୍ଟି ଆଧାରକାର୍ଡ, ପର୍ସନାଲ
ସବୁ ଋଣ ମାତ୍ର 24 ଘଣ୍ଟାରେ
2% ସୁଧ, 50% ରିହାତି
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
କାମ ଆମର, ବିଶ୍ୱାସ ଆପଣଙ୍କର
ମହିଳା, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
8765256101
B-36/7 A-Block Vijay Enclave Burari, New Delhi-74

ଲୋନ! ଲୋନ! ଲୋନ
୧ ରୁ ୫୦ ଲକ୍ଷ୍ୟ ଲୋନ
LAXMI NARAYAN FINANCE
ଗୃହଋଣ୍, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
88102-23468
laxminarayanfinancemp@gmail.com
82871-99144
Pandey bhawan hinoo ranchi

FINANCE
ବାଲାଜୀ ଋଣ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ମାତ୍ର ୨୪ ଘଣ୍ଟାରେ ଘରେବସି ପାଆନ୍ତୁ
3% ସୁଧ 25% ଛାଡ ୧୦ ବର୍ଷର ଏଗ୍ରୀମେଣ୍ଟ ସହିତ
କେବଳ ଆସାମ୍, ଓଡିଶା, ବିହାର, ଝାରଖଣ୍ଡ, ଗୁଜୁରାଟ ହାଇଦ୍ରାବାଦ, ହିମାଚଳ, ବେଙ୍ଗଲୁରୁ, ମଧ୍ୟପ୍ରଦେଶ ରେ
balajifinancegroupchd@yahoo.com
Plot No 4542, Shahnajaf Rd, Chandigarh 226001
09454715754
09455705969

ଋଣ
ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ ୫0,00,000 ପର୍ଯ୍ୟନ୍ତ ଋଣ
ସତ୍ୟମ୍ ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ, ରାଶନ କାର୍ଡ, ଆଧାର କାର୍ଡ, ଚାଷ, ଏଗ୍ରିକଲ୍ଚର
ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
7291060977
7291046520
B-36/7, A-Block, Vijay Enclave, Burari, New Delhi-74

ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ
1988ଠାରୁ ଆପଣଙ୍କ ସେବାରେ
DHANLAXMI FINANCE PVT. LTD. ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
9499135756
H.No. 10, Mandi Road, Bathinda, Punjab

ଇଣ୍ଡସ୍ ଫାଇନାନ୍ସ ଲିଃ
କମ୍ପାନୀ ଋଣ ଉପଲବ୍ଧ କରାଉଛି
ଏଥିରେ ଆପଣଙ୍କୁ ପର୍ସନାଲ ଋଣ, ବ୍ୟବସାୟ ଋଣ, ସାଲାରୀ ସ୍ଲିପ୍ ଋଣ ମାତ୍ର 2% ସୁଧରେ ମିଳିପାରିବ।
ମହିଳାଙ୍କ ପାଇଁ 50% ରିହାତି
9911417764
9911417461
BISWANATHPUR, BALARAMAPUR, BALESWAR, ODISHA - 756024

ଋଣ ଧମାକା
ଆଧାର କାର୍ଡ ଋଣ ପାଆନ୍ତୁ
1 ଲକ୍ଷରୁ 25 ଲକ୍ଷ ପର୍ଯ୍ୟନ୍ତ
ସୁଧ 1% ପର୍ଯ୍ୟନ୍ତ, 50% ପର୍ଯ୍ୟନ୍ତ ଛାଡ଼
ସମୂହ ଋଣ, ପର୍ସନାଲ, କୁକୁଡ଼ା ପାଳନ ଋଣ
Contact No.
7491845997
7079574972
New Ashok Nagar, East Delhi, Delhi
www.toofanfinance.in

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail : - ridhifinanceonlinem.p@gmail.com
7052572586
Add : - 41/14, Sec-1 Pushp Vihar, Delhi

ASTROLOGY
ASTROLOGY

ଫ୍ରି ସେବା କୌଣସି ଫିସ୍ ନାହିଁ
ଭଲ କାମର ପରିଣତି ଭଲ ହୋଇଥାଏ
MY PROMISE
ଅଘୋରୀ ତାନ୍ତ୍ରିକ
ବାବା ଓମପ୍ରକାଶ ଶାସ୍ତ୍ରୀ
ବଶୀକରଣ, ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ମନ ଚାହୁଁଥିବା ପ୍ରେମ, ଗୃହକ୍ଲେଶ, ଚାକିରି, ବ୍ୟବସାୟ, ବିବାହରେ ବାଧା, ସ୍ୱାମୀ, ସ୍ତ୍ରୀ ମନୋମାଳିନ୍ୟ, ସଉତୁଣୀ, ଶତ୍ରୁ ମୁକ୍ତି, 3 ଘଣ୍ଟାରେ ଘରେ ବସି ସମାଧାନ।
Khamarisahi, Mahipur, Nayagarh
81 26 92 24 05

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ବାବା ଅଘୋରୀ ତାନ୍ତ୍ରିକ
(ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଲେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠାକରଣୀ ଖୋଲା ଚ୍ୟାଲେଞ୍ଜ, ପ୍ରେମରେ ଧୋକା ୩ ଘଣ୍ଟାରେ ୧୦୦% A To Z ସମସ୍ୟାର ସମାଧାନ
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକକୁ ମନମୁତାବକ ପୁରସ୍କାର
ସଚ୍ଚାପ୍ରେମୀ ନିରାଶ କାହିଁକି ?
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
9899587663
8743922900

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

BUSINESS
BUSINESS

BUSINESS
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂପର୍କ କରନ୍ତୁ
242/4, Bannerghatta Main Rd, Mulimavu, Bengaluru, Karnataka 560076
Call / SMS Now
9479667248

GTL Telecom Network Company
ଖାଲିଥିବା ଜମି ଓ ଛାତ ସବୁ ସ୍ଥାନରେ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/-, ଭଡା 50,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ମାତ୍ର ୭୨ ଘଣ୍ଟାରେ ଜମି ଯାଞ୍ଚ ଓ ଉପକରଣ ସ୍ଥାପନ + ମୋବାଇଲ ଫ୍ରୀ + ବାଇକ୍+ 30,000ର ଅନ୍ୟାନ ସୁବିଧା ମହିଳା ମାନଙ୍କ ପାଇଁ ବିଶେଷ ରିହାତି ।
Plot No 124, MG Road, DLF City Centre Mall, MG Road, Gurgaon, Haryana, 122003.
9348274623
8227843135

See Color Display Classified on every Tuesday & Friday

# ୩୭୦ ମୃତ୍ୟୁରେ କଶ୍ମୀରୀଙ୍କ ଆଶାର ଜନ୍ମ

ନୂଆଦିଲ୍ଲୀ,୮।୮(ଆଇଏଏନ୍ଏସ୍)



ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ପରେ ଉପତ୍ୟକାରେ ଶ୍ମଶାନ ନୀରବତା ଛାଇଯାଇଥିବାବେଳେ ଏକ ଚାପା ଉତ୍ତେଜନା ଲାଗିରହିଛି। ଏହାସତ୍ତ୍ୱେ କେନ୍ଦ୍ର ସରକାରଙ୍କ ଏହି ପଦକ୍ଷେପ ବହୁ କଶ୍ମୀରୀଙ୍କ ପାଇଁ ନୂଆ ଆଶାକୁ ଜନ୍ମ ଦେଇଛି। କାରଣ ଏବେ କଶ୍ମୀରବାସୀଙ୍କୁ ନିଜକୁ କଶ୍ମୀରୀ ବୋଲି ପ୍ରମାଣିତ କରିବା ପାଇଁ କୌଣସି ପ୍ରମାଣପତ୍ର ଆବଶ୍ୟକ ହେବନାହିଁ। ସମ୍ବିଧାନର ଏହି ବିବାଦୀୟ ଅନୁଚ୍ଛେଦର ମୃତ୍ୟୁ ସେମାନଙ୍କୁ ବନ୍ଧନରୁ ମୁକ୍ତ କରିଛି, ଏକ ମୋହରକୁ ନେଇ ବଞ୍ଚିବା ବୋଝରୁ ମୁକ୍ତ କରିଛି ଏବଂ ସର୍ବୋପରି ନିଜ ପସନ୍ଦକୁ ନେଇ ଅଧିକାରର ସ୍ୱାଧୀନତା ପ୍ରଦାନ କରିଛି।
ଅନୁଚ୍ଛେଦ ୩୭୦ର ସର୍ତ୍ତ ଅନୁସାରେ ଏହି ବନ୍ଧନ କଶ୍ମୀରୀ ମହିଳାଙ୍କ ପାଇଁ ଏତେ କ୍ରୂର ଥିଲା ଯେ ସେମାନଙ୍କ ଜୀବନ ନିଷ୍ପତ୍ତି ସେମାନଙ୍କ ବାପା କିମ୍ବା ସ୍ୱାମୀଙ୍କ ସହ ଯୋଡ଼ିହୋଇ ରହିଥିଲା। କଶ୍ମୀରୀ ମହିଳାଙ୍କ ପାଇଁ ସ୍ୱାଧୀନତା ବୋଲି କିଛି ନ ଥିଲା। ଯଦି ବି ସେମାନେ ସ୍ୱାଧୀନତା ଉପଭୋଗ କରିବାକୁ କିଛି ପଦକ୍ଷେପ ନେଉଥିଲେ, ସେମାନଙ୍କୁ ଅବିଶ୍ୱସନୀୟ ଭାବେ ତ୍ୟାଗ କରିବାକୁ ପଡୁଥିଲା।
ନିଜ ଜନ୍ମସ୍ଥାନର ଅଧିକାର ହରାଇବା ଏପରି ଏକ କ୍ଷତି ଯାହାର ଭରଣା କରାଯାଇ ପାରିବ ନାହିଁ। ଏହାର ଯନ୍ତ୍ରଣା ଏପରି ଯେ ଯାହାକୁ ଭାଷାରେ ବ୍ୟକ୍ତ କରିବା ଅସମ୍ଭବ। ୨୦୧୯ ଅଗଷ୍ଟ ୫ ପର୍ଯ୍ୟନ୍ତ କଶ୍ମୀରରେ ଏଭଳି ସ୍ଥିତି ରହିଥିଲା, ଯାହାକି ସମ୍ବିଧାନରୁ ଅନୁଚ୍ଛେଦ ୩୭୦ ହଟାଇବା ପରେ ସ୍ୱତଃ ହଟିଯାଇଛି। ଜଣେ କଶ୍ମୀରୀ ମହିଳାଙ୍କ ରାଜ୍ୟ ସମ୍ପର୍କିତ ପ୍ରମାଣପତ୍ର ନିଜ ବ୍ୟକ୍ତିଗତ ଆଧାରରେ ନୁହେଁ, ବରଂ ପିତା କିମ୍ବା ସ୍ୱାମୀଙ୍କୁ ନେଇ ପ୍ରସ୍ତୁତ କରାଯାଉଥିଲା। ବିବାହ ପରେ ତାଙ୍କ ପ୍ରମାଣପତ୍ରକୁ ନବୀକରଣ କରିବାକୁ ପଡୁଥିଲା। ଏହାସହ ସ୍ୱାମୀଙ୍କ ଅଧାରରେ ତାଙ୍କୁ ନୂଆ ପ୍ରମାଣପତ୍ର ପ୍ରଦାନ କରାଯାଉଥିଲା। ସମ୍ପୃକ୍ତ ମହିଳା ଜଣେ ଅଣକଶ୍ମୀରୀଙ୍କୁ ବିବାହ କଲେ କଶ୍ମୀରର ନାଗରିକ ଭାବେ ତାଙ୍କୁ ମାନ୍ୟତା ହରାଇବାକୁ ପଡୁଥିଲା। ଏପରି କି ତାଙ୍କ ସନ୍ତାନସନ୍ତତିଙ୍କୁ ମଧ୍ୟ କଶ୍ମୀରୀ ବୋଲି ବିବେଚନା କରାଯାଉ ନ ଥିଲା କି ସେମାନେ ରାଜ୍ୟରେ କୌଣସି ଅଧିକାରର ହକ୍‌ଦାର ହୋଇପାରୁ ନ ଥିଲେ।
ବାରାମୁଲାର ସଫ୍ଟୱେର ଇଞ୍ଜିନିୟର ନାହିଦାଙ୍କ କଥା ବିଚାର କରାଯାଉ। ସେ ଜଣେ କଶ୍ମୀରୀ ମୁସ୍‌ଲିମ୍ ମହିଳା, ଯିଏ ନିଜ ହୃଦୟର କଥା ଶୁଣି ଜଣେ ଅଣକଶ୍ମୀରୀ ମୁସଲମାନ ଯୁବକଙ୍କୁ ବିବାହ କରିଥିଲେ। ବିବାହ ସମୟରେ ସେ ଜାଣିଥିଲେ ଯେ, ଅନୁଚ୍ଛେଦ ୩୭୦ର ସର୍ତ୍ତ ଅନୁସାରେ ତାଙ୍କୁ ଅନେକ କିଛି ହରାଇବାକୁ ପଡ଼ିବ। କଶ୍ମୀରରେ ତାଙ୍କ ବାପା ବିପୁଳ ସମ୍ପତ୍ତିର ଅଧିକାରୀ, ଯାହା ଉପରେ ତାଙ୍କ ସମ୍ପର୍କୀୟମାନଙ୍କ ନଜର ରହିଥିଲା। କିନ୍ତୁ ଏବେ ୩୭୦ ଯିବା ପରେ ତାଙ୍କ ପାଇଁ ନୂଆ ଆଶାର କିରଣ ସଞ୍ଚାରିତ ହୋଇଛି। ବର୍ତ୍ତମାନ ଉପତ୍ୟକାରେ ନିଜ ପରିବାର ସହ ଭବିଷ୍ୟତକୁ ନେଇ ସେ ବେଶ୍ ଆଶାବାଦୀ। ତାଙ୍କ ଦୁଇ ପିଲା ମଧ୍ୟ ଏବେ କଶ୍ମୀରୀ ବୋଲି ପରିଗଣିତ ହେବେ। ଯଦି ଅନୁଚ୍ଛେଦ ୩୭୦ କେବଳ କଶ୍ମୀରୀ ମହିଳାଙ୍କ ପାଇଁ ନୁହେଁ, ବରଂ କଶ୍ମୀରୀ ପଣ୍ଡିତଙ୍କ ଲାଗି ମଧ୍ୟ ପ୍ରମାଣପତ୍ର ହାସଲ ନିମନ୍ତେ ଅଡୁଆ ସୃଷ୍ଟି କରୁଥିଲା। ୧୯୯୦ ଦଶକର ପ୍ରାରମ୍ଭରେ ବହୁସଂଖ୍ୟକ କଶ୍ମୀରୀ ପଣ୍ଡିତ ସେମାନଙ୍କ ମୂଲ୍ୟବାନ ସମ୍ପତ୍ତିରୁ ବେଦଖଲ ହୋଇ ଦସ୍ତାବିଜ ହରାଇଥିଲେ। କାରଣ ସେମାନେ ଗଣପଳାୟନ କରିବାକୁ ବାଧ ହୋଇଥିଲେ। ସେମାନଙ୍କ ମୁଣ୍ଡ ଉପରେ ମଧ୍ୟ ନିଜକୁ କଶ୍ମୀରୀ ବୋଲି ପ୍ରମାଣିତ କରିବାର ବୋଝ ରହିଥିଲା। ସାର୍ଟିଫିକେଟ ନ ଥିବା ପଣ୍ଡିତମାନେ କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ଅନେକ ଯୋଜନାର ସୁବିଧାରୁ ବଞ୍ଚିତ ହେଉଥିଲେ। ପ୍ରମାଣପତ୍ର ହାସଲ କରିବାର ପ୍ରକ୍ରିୟାକୁ ଉଦ୍ଦେଶ୍ୟମୂଳକ ଭାବେ ଅଧିକ ଜଟିଳ କରିଦିଆଯାଇଥିଲା ବୋଲି କଶ୍ମୀରୀ ପଣ୍ଡିତ କର୍ମୀ ସତୀଶ ମହଲଦାର ଅଭିଯୋଗ କରନ୍ତି। ସେହିପରି ଦିଲ୍ଲୀରେ ବ୍ୟବସାୟ କରୁଥିବା ସୁନୀତା ରୈନାଙ୍କୁ ମଧ୍ୟ ତାଙ୍କ ୧୮ ବର୍ଷୀୟ ପୁଅଙ୍କ ପାଇଁ ରାଜ୍ୟ ପ୍ରମାଣପତ୍ର ଲାଗି ଜମ୍ମୁରେ ମାସେ ରହିବାକୁ ପଡ଼ିଥିଲା। ତେବେ ସେ ଓ ତାଙ୍କ ସ୍ୱାମୀ ନିଜକୁ କଶ୍ମୀରୀ ବୋଲି ଏଯାଏ ପ୍ରମାଣିତ କରିପାରିନାହାନ୍ତି। ଏହି ଜଟିଳ ସମସ୍ୟା ପାଇଁ ବହୁ କଶ୍ମୀରୀ ପଣ୍ଡିତ ପ୍ରଶାସନର ବୈମାତୃକ ମନୋଭାବକୁ ଦାୟୀ କରିଛନ୍ତି। ନିକଟରେ ମହଲଦାରଙ୍କ ନେତୃତ୍ୱରେ ଏହି ସମ୍ପ୍ରଦାୟର ଏକ ପ୍ରତିନିଧି ଦଳ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହଙ୍କୁ ଭେଟି ଫେରାଦ ହୋଇ ସେମାନଙ୍କ ପରିଚୟ ସଙ୍କଟର ସମାଧାନ ପାଇଁ ଗୁହାରି କରିଥିଲେ। ୩୭୦ ହଟିବା ପରେ କେବଳ କଶ୍ମୀରୀ ପଣ୍ଡିତ ନୁହନ୍ତି, ମୁସଲମାନ ସମ୍ପ୍ରଦାୟର ମହିଳାମାନେ ମଧ୍ୟ ଖୁସି ମନାଉଛନ୍ତି। ଏକ ୭୨ ବର୍ଷ ପୁରୁଣା ଅଭିଶପ୍ତ ଆଇନର ମୃତ୍ୟୁ ସେମାନଙ୍କୁ ସରହଦ ଓ ବନ୍ଧନରୁ ମୁକ୍ତ କରିଛି। ଏଣିକି କୌଣସି କଶ୍ମୀରୀଙ୍କୁ ନିଜ ପରିଚୟ ପାଇଁ ପ୍ରମାଣପତ୍ର ଖୋଜିବାକୁ ପଡ଼ିବ ନାହିଁ। ଏହା ଏପରି ଏକ ମୃତ୍ୟୁ, ଯାହା ପାଇଁ ସାରା ଦେଶ ଉତ୍ସବ ପାଳନ କରୁଛି।

## 'ଆମେ ଶାନ୍ତିରେ ବଞ୍ଚିପାରିବା'



ମଲାଲା ୟୁସୁଫଜାଇ

ଲଣ୍ଡନ,୮।୮

କଶ୍ମୀର ସମସ୍ୟାର ଶାନ୍ତିପୂର୍ଣ୍ଣ ସମାଧାନ ସମ୍ଭବ। ଆମେ ଶାନ୍ତିରେ ବଞ୍ଚିପାରିବା। କେହି କାହାକୁ ଆଘାତ ଦେବା ବା କ୍ଷତି ପହଞ୍ଚାଇବା ଅନାବଶ୍ୟକ ବୋଲି ନୋବେଲ ଶାନ୍ତି ପୁରସ୍କାର ବିଜୟିନୀ ତଥା ପାକିସ୍ତାନର ଶିକ୍ଷା ଅଧିକାର କର୍ମୀ ମଲାଲା ୟୁସୁଫଜାଇ ଗୁରୁବାର ଆଶାବ୍ୟକ୍ତ କରିଛନ୍ତି। କଶ୍ମୀର ସମସ୍ୟାର ଶାନ୍ତିପୂର୍ଣ୍ଣ ସମାଧାନ ପାଇଁ ସେ ଅନୁରୋଧ କରିଛନ୍ତି। ଜମ୍ମୁ-କଶ୍ମୀରରୁ ଅନୁଚ୍ଛେଦ ୩୭୦ ଉଚ୍ଛେଦ ପରେ ପାକିସ୍ତାନ ଭାରତ ସହ କୂଟନୈତିକ ସମ୍ପର୍କ ଛିନ୍ନ କରିଛି।
ମଲାଲା(୨୨) କହିଛନ୍ତି, ପିଲାବେଳୁ ସେ ଦେଖିଆସୁଛନ୍ତି କଶ୍ମୀରବାସୀ ଦ୍ୱନ୍ଦ୍ୱ ଭିତରେ ବଞ୍ଚିଛନ୍ତି। ଏପରିକି ତାଙ୍କ ବାପାମାଆ ପିଲା ଥିବାବେଳଠାରୁ ଏହି ସ୍ଥିତି ଲାଗିରହିଛି। ଦକ୍ଷିଣ ଏସିଆ ତାଙ୍କ ଘର ହୋଇଥିବାରୁ ସେ କଶ୍ମୀର ପ୍ରସଙ୍ଗରେ ଚିନ୍ତିତ। ବିଭିନ୍ନ ସଂସ୍କୃତି, ଧର୍ମ, ଭାଷା, ପ୍ରଥା ଓ ପରମ୍ପରା ପ୍ରଚଳିତ ଏହି ଅଞ୍ଚଳର ଜନସାଧାରଣ ଶାନ୍ତିରେ ବସବାସ କରିପାରିବେ ବୋଲି ମଲାଲା ଆଶାବ୍ୟକ୍ତ କରିଛନ୍ତି। ବିଶେଷ କରି କଶ୍ମୀରର ମହିଳା ଓ ପିଲାମାନେ ହିଂସାର ସର୍ବାଧିକ ଶିକାର ହେଉଥିବାରୁ ମଲାଲା ଏଥିପାଇଁ ଚିନ୍ତାବ୍ୟକ୍ତ କରିଛନ୍ତି। ସମଗ୍ର ଦକ୍ଷିଣ ଏସିଆ, ଅନ୍ତର୍ଜାତୀୟ ସମୁଦାୟ ଏବଂ କର୍ତ୍ତୃପକ୍ଷ ଏଦିଗରେ ପଦକ୍ଷେପ ନେବା ଆବଶ୍ୟକ ବୋଲି ସେ କହିଛନ୍ତି।

# ୧୯୪୭ ସ୍ମୃତି ଉଜ୍ଜୀବିତ

ଶ୍ରୀନଗର,୮।୮

ସମ୍ବିଧାନ ଅନୁଚ୍ଛେଦ ୩୭୦କୁ ବିଦାୟ ଦେଇ ଜମ୍ମୁ-କଶ୍ମୀର ଓ ଲଦାଖ ନାମରେ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳ ଗଠନର ବାଟ ଫିଟାଇଛି ଗଣତନ୍ତ୍ରର ମନ୍ଦିର ପାର୍ଲାମେଣ୍ଟ। ଏହାକୁ ନେଇ ଦଙ୍ଗା ଘଟି ବ୍ୟାପକ ଜଳାପୋଡ଼ା, ଭଙ୍ଗାରୁଜା ଘଟିବାର ଆଶଙ୍କା ଥିବାରୁ ହଜାର ହଜାର ସୁରକ୍ଷା ଯବାନଙ୍କୁ ମୁତୟନ କରାଯାଇଛି ଉପତ୍ୟକାରେ। ୫ ତାରିଖରୁ ସବୁଠି ଲାଗିରହିଛି ଅଘୋଷିତ କର୍ଫ୍ୟୁ। ଅନ୍ୟାଦେଶ ପର୍ଯ୍ୟନ୍ତ ସିଆର୍‌ପିସି ଧାରା ୧୪୪ ଜାରି କରିଛି ରାଜ୍ୟପାଳ ସତ୍ୟପାଲ ମଲିକଙ୍କ ନେତୃତ୍ୱାଧୀନ ଜମ୍ମୁ-କଶ୍ମୀର ପ୍ରଶାସନ। ରାସ୍ତାଘାଟ ଶୂନଶାନ, ମୋବାଇଲ୍ ଇଣ୍ଟରନେଟ୍ ସେବା ବାତିଲ, ଶିକ୍ଷାନୁଷ୍ଠାନ ବନ୍ଦ ଓ ବ୍ୟବସାୟିକ ପ୍ରତିଷ୍ଠାନରେ ଝୁଲୁଛି ତାଲା। ଉପତ୍ୟକାବାସୀଙ୍କ ପଥ ଅବରୋଧ କରିଛି ସେନାର ବ୍ୟାରିକେଡ୍। ଏହି ଦୃଶ୍ୟ ୧୯୪୭ ସ୍ୱାଧୀନତା ପର ବିଭାଜନର ସ୍ମୃତି ଉଜ୍ଜୀବିତ କରିଛି ଅନେକ ବୟୋବୃଦ୍ଧଙ୍କ ମନରେ। ଅଚଳାବସ୍ଥା କେବେ ଦୂରହେବ ଓ ସ୍ୱାଭାବିକ ସ୍ଥିତି ଫେରିଆସିବ ତାକୁ ଅପେକ୍ଷାରତ ଜମ୍ମୁ-କଶ୍ମୀରର ଜନତା।



ଜମ୍ମୁରେ କଟକଣା ଜାରି ହୋଇଥିବାବେଳେ ରାଜ୍ୟ ପୋଲିସ ଓ ଦ୍ରୁତ କାର୍ଯ୍ୟାନୁଷ୍ଠାନ ବାହିନୀ ( ଆରଏଏଫ୍) ଯବାନଙ୍କ ପାଟ୍ରୋଲିଂ ।

## ଆଗ୍ରା ଜେଲ୍‌କୁ ଗଲେ ୩୦ ଆତଙ୍କବାଦୀ

ଆଗ୍ରା,୮।୮(ଆଇଏଏନ୍ଏସ୍)

୩୦ କଶ୍ମୀରୀ ଆତଙ୍କବାଦୀଙ୍କୁ ଗୁରୁବାର ଅପରାହ୍ନରେ ଆଗ୍ରା ଜେଲ୍‌କୁ ନିଆଯାଇଛି। କଡ଼ା ସୁରକ୍ଷା ବଳୟ ମଧ୍ୟରେ ସେମାନଙ୍କୁ ଏକ ସ୍ୱତନ୍ତ୍ର ବିମାନରେ ଆଗ୍ରାସ୍ଥିତ ଖେରିଆ ବିମାନବନ୍ଦରକୁ ନିଆଯାଇଛି। ସେଠାରୁ ଆଗ୍ରା କେନ୍ଦ୍ରୀୟ ଜେଲ୍‌କୁ ନିଆଯାଇଥିବା ଜଣାପଡ଼ିଛି। କାରାଗାର ବାହାରେ ଅତିରିକ୍ତ ବଳ, ପ୍ରୋଭିନ୍ସିଆଲ୍ ଆର୍ମଡ୍ କନଷ୍ଟେବୁଲାରି (ପିଏସି) ଏବଂ ଏସ୍‌ଡବ୍ଲ୍ୟୁଓଟି ଟିମ୍ ମୁତୟନ ଅଛନ୍ତି। ତେବେ ଏହି ଜେଲ୍‌କୁ କେଉଁ ଆତଙ୍କବାଦୀ ଏକଦୀଙ୍କୁ ଅଣାଯାଇଛି ସେନେଇ ବରିଷ୍ଠ ପୋଲିସ ଅଧିକାରୀମାନେ ମୁହଁ ଖୋଲିବାକୁ ମନାକରିଦେଇଛନ୍ତି।

## ଶ୍ରୀନଗର ବିମାନବନ୍ଦରରୁ ଆଜାଦଙ୍କୁ ଫେରାଇଦିଆଗଲା

ନୂଆଦିଲ୍ଲୀ,୮।୮

ଜମ୍ମୁ-କଶ୍ମୀରରୁ ଅନୁଚ୍ଛେଦ ୩୭୦ ଉଚ୍ଛେଦ ଏବଂ ଉକ୍ତ ରାଜ୍ୟକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ବିଭକ୍ତ କରାଯିବା ପରେ ସେଠାକୁ ଗସ୍ତରେ ଯାଇଥିବା ରାଜ୍ୟ ସଭାର ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଗୁଲାମ ନବୀ ଆଜାଦଙ୍କୁ ଶ୍ରୀନଗର ବିମାନବନ୍ଦରରେ ଅଟକ ରଖାଯାଇଥିଲା। ପରେ ତାଙ୍କୁ ଅପରାହ୍ନ ବିମାନରେ ଦିଲ୍ଲୀ ଫେରାଇ ଦିଆଯାଇଥିବା ଆଜାଦଙ୍କ ଜଣେ ସମ୍ପର୍କୀୟ କହିଛନ୍ତି।
ବରିଷ୍ଠ କଂଗ୍ରେସ ନେତା ଆଜାଦ ଦଳୀୟ କର୍ମୀମାନଙ୍କ ସହ ଆଲୋଚନା କରିବା ଏବଂ ଉପତ୍ୟକାର ସ୍ଥିତି ସମ୍ପର୍କରେ ଜାଣିବା ପାଇଁ ଶ୍ରୀନଗର ଯାଇଥିଲେ। ରାଜ୍ୟ ପ୍ରଶାସନ ତାଙ୍କୁ ଶ୍ରୀନଗର ବିମାନବନ୍ଦରରେ ଅଟକାଇବା ସହ ସହର ମଧ୍ୟକୁ ଯିବାକୁ ଦେଇ ନ ଥିଲା। ପରେ ତାଙ୍କୁ ଦିଲ୍ଲୀ ଫେରାଇ ଦିଆଯାଇଛି। ଆଜାଦଙ୍କ ସହ ରାଜ୍ୟ କଂଗ୍ରେସ ସଭାପତି ଗୁଲାମ ଅହମ୍ମଦ ମୀର୍ ମଧ୍ୟ ଥିଲେ।



**କଂଗ୍ରେସ ନେତାଙ୍କ ବିବାଦୀୟ ମନ୍ତବ୍ୟ**

**ପଇସା ଦେଇ ଯାହାକୁ ବି ସାଙ୍ଗରେ ନେଇପାରନ୍ତି ଡୋଭାଲ**

ତେବେ ଶ୍ରୀନଗର ଯିବା ପୂର୍ବରୁ ଆଜାଦ ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ୍ ଡୋଭାଲଙ୍କ ସମ୍ପର୍କରେ ବିବାଦୀୟ ମନ୍ତବ୍ୟ ଦେଇଥିଲେ। ଶୋପିଆନ୍‌ରେ ଡୋଭାଲ ସ୍ଥାନୀୟ ଲୋକମାନଙ୍କ ସହ ଫୁଟ୍‌ପାଥ୍‌ରେ ଏକାଠି ଖାଇବା ସହ ଗପସପ ହେଉଥିବାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ୍ ହୋଇଥିଲା। ପଇସା ଦେଇ ସେ ଯାହାକୁ ବି ସାଙ୍ଗରେ ନେଇପାରନ୍ତି ବୋଲି ଡୋଭାଲଙ୍କ ଉଦ୍ଦେଶ୍ୟରେ ଆଜାଦ ଖବରଦାତାମାନଙ୍କୁ କହିଥିଲେ। ସେଠିକାର ଲୋକେ ଦୁଃଖରେ ଅଛନ୍ତି। ସେମାନଙ୍କ ଦୁଃଖରେ ଭାଗୀଦାରି ହେବାକୁ ଯାଉଥିବା ଆଜାଦ କହିଥିଲେ। ଏହାକୁ ଭାଜପା ପକ୍ଷରୁ ସମାଲୋଚନା କରାଯାଇଛି। ଏଭଳି ବିବାଦୀୟ ମନ୍ତବ୍ୟ ପାଇଁ ଆଜାଦ କ୍ଷମା ମାଗନ୍ତୁ ବୋଲି ଭାଜପା ଦାବି କରିଛି।

### ଅନୁଚ୍ଛେଦ ୩୭୦ ଉଚ୍ଛେଦକୁ ଚ୍ୟାଲେଞ୍ଜ

## ଦ୍ରୁତ ଶୁଣାଣିକୁ ସୁପ୍ରିମକୋର୍ଟଙ୍କ ନା

ନୂଆଦିଲ୍ଲୀ,୮।୮(ପି.ଟି.)

ଅନୁଚ୍ଛେଦ ୩୭୦ ଉଚ୍ଛେଦ ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି ଦାଏର ପିଟିଶନ୍‌ର ଦ୍ରୁତ ଶୁଣାଣି କରିବାକୁ ସୁପ୍ରିମକୋର୍ଟ ଗୁରୁବାର ମନା କରିଦେଇଛନ୍ତି। ଉପଯୁକ୍ତ ସମୟରେ ଏହାର ଶୁଣାଣି ହେବ ବୋଲି ଅଦାଲତ କହିଛନ୍ତି। ପିଟିଶନ୍ ଦାଏର କରିଥିବା ଆଇନଜୀବୀ ଏମ୍.ଏଲ୍. ଶର୍ମା ଆସନ୍ତା ୧୨ କିମ୍ବା ୧୩ରେ ଶୁଣାଣି କରିବା ପାଇଁ ଖଣ୍ଡପୀଠଙ୍କୁ ଅନୁରୋଧ କରିଥିଲେ।

## 'କଶ୍ମୀର ନିଷ୍ପତ୍ତିର ସକାରାତ୍ମକ ଦିଗ ରହିଛି'

ନୂଆଦିଲ୍ଲୀ,୮।୮(ପି.ଟି.)

କେନ୍ଦ୍ର ସରକାରଙ୍କ କଶ୍ମୀର ନିଷ୍ପତ୍ତିର ଅନେକ ସକାରାତ୍ମକ ଦିଗ ରହିଛି ବୋଲି ବରିଷ୍ଠ କଂଗ୍ରେସ ନେତା କରଣ ସିଂ ଗୁରୁବାର କହିଛନ୍ତି। କଂଗ୍ରେସ ଦଳ ସରକାରଙ୍କ ଜମ୍ମୁ-କଶ୍ମୀର ନିଷ୍ପତ୍ତିର ନିନ୍ଦା କରୁଥିବାବେଳେ କରଣ ସିଂ ଏଥିରେ ସହମତ ହୋଇନାହାନ୍ତି। ଲଦାଖକୁ କେନ୍ଦ୍ର ଶାସିତ ଅଞ୍ଚଳ ମାନ୍ୟତା ମିଳିବା, ଅନୁଚ୍ଛେଦ ୩୫ଏ ଉଚ୍ଛେଦ, ରାଜ୍ୟ ବିଭାଜନ ଫଳରେ ଜମ୍ମୁ-କଶ୍ମୀର ଭବିଷ୍ୟତ ସୀମା ନିର୍ଦ୍ଧାରଣ ସକାରାତ୍ମକ ବୋଲି କରଣ ସିଂ କହିଛନ୍ତି। ବନ୍ଦୀ ଥିବା ରାଜନେତାମାନଙ୍କୁ ମୁକ୍ତ କରିଦେବାକୁ ସେ ଆହ୍ୱାନ ଦେଇଛନ୍ତି। ବରିଷ୍ଠ କଂଗ୍ରେସ ନେତା ଜନାର୍ଦ୍ଦନ ଦ୍ୱିବେଦୀ, ଯୁବନେତା ଜ୍ୟୋତିରାଦିତ୍ୟ ସିନ୍ଧିଆ ଏବଂ ଦୀପେନ୍ଦର ହୁଡ୍ଡା ମଧ୍ୟ କଶ୍ମୀର ପ୍ରସଙ୍ଗରେ କଂଗ୍ରେସର ଆଭିମୁଖ୍ୟଠାରୁ ଦୂରେଇ ଯାଇ ସରକାରଙ୍କ ନିଷ୍ପତ୍ତିକୁ ସମର୍ଥନ କରିଛନ୍ତି। ସେହିପରି ଅନ୍ୟତମ କଂଗ୍ରେସ ନେତା ଅନିଲ ଶାସ୍ତ୍ରୀ ମଧ୍ୟ ସରକାରଙ୍କ ନିଷ୍ପତ୍ତିକୁ ସମର୍ଥନ ଜଣାଇଛନ୍ତି। କଂଗ୍ରେସ ଜନସାଧାରଣଙ୍କ ମନୋଭାବକୁ ବୁଝିବା ଆବଶ୍ୟକ ବୋଲି ଶାସ୍ତ୍ରୀ କହିଛନ୍ତି।



କରଣ ସିଂ

## ଭାରତ କଶ୍ମୀର ନିଷ୍ପତ୍ତି ବଦଳାଇଲେ ପାକିସ୍ତାନ ପୁନର୍ବିଚାର କରିବ

ଇସ୍‌ଲାମାବାଦ, ୮।୮

ଭାରତ ଯଦି କଶ୍ମୀର ପ୍ରସଙ୍ଗରେ ନିଜର ନିଷ୍ପତ୍ତିରେ ପରିବର୍ତ୍ତନ କରେ ତେବେ ପାକିସ୍ତାନ ନେଇଥିବା ନିଷ୍ପତ୍ତିର ସମୀକ୍ଷା କରିବାକୁ ପ୍ରସ୍ତୁତ ବୋଲି ଏହାର ବହିର୍ବ୍ୟାପାର ମନ୍ତ୍ରୀ ଶାହ ମେହମୁଦ୍ କୁରେଶୀ ଗୁରୁବାର କହିଛନ୍ତି। ବୁଧବାର ପାକିସ୍ତାନ ଭାରତୀୟ ଉଚ୍ଚାୟୁକ୍ତଙ୍କୁ ବରଖାସ୍ତ କରିବା ସହ ନୂଆଦିଲ୍ଲୀ ସହ କୂଟନୈତିକ ଓ ବାଣିଜ୍ୟିକ ସମ୍ପର୍କ ଛିନ୍ନ କରିଥିଲା। ପାକିସ୍ତାନ କୂଟନୈତିକ ସମ୍ପର୍କ ଛିନ୍ନ କରି ବିଶ୍ୱ ସମ୍ମୁଖରେ ଦ୍ୱିପାକ୍ଷିକ ସମ୍ପର୍କର ଏକ ଭୟାନକ ଚିତ୍ର ଉପସ୍ଥାପନ କରିବାକୁ ଉଦ୍ୟମ କରୁଥିବା ଭାରତ ଅଭିଯୋଗ କରିଥିଲା। ଇସ୍‌ଲାମାବାଦ ଏହାର ନିଷ୍ପତ୍ତିର ସମୀକ୍ଷା କରୁ ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଥିଲା। ତେବେ ଜମ୍ମୁ-କଶ୍ମୀରରୁ ଭାରତ ସ୍ୱତନ୍ତ୍ର ମାନ୍ୟତା ରଦ୍ଦ କରିବା ଏହାର ଏକପାଖିଆ ଏବଂ ବେଆଇନ ନିଷ୍ପତ୍ତି ବୋଲି ପାକ୍ କହିଛି।

## ଲଦାଖ ଏମ୍‌ପି ସୋସିଆଲ ମିଡିଆ ଷ୍ଟାର

ନୂଆଦିଲ୍ଲୀ, ୮।୮

ଲୋକ ସଭାର ଶେଷ ବେଞ୍ଚରେ ବସୁଥିବା ଲଦାଖର ଯୁବ ଏମ୍‌ପି ଜାମ୍‌ୟାଙ୍ଗ ସେରିଙ୍ଗ ନମ୍‌ୟାଲ୍ ରାତାରାତି ସୋସିଆଲ ମିଡିଆର ଷ୍ଟାର୍ ପାଲଟି ଯାଇଛନ୍ତି। ଏବେ ଟୁଇଟରରେ ତାଙ୍କ ଅନୁଗାମୀଙ୍କ ସଂଖ୍ୟା ଦ୍ରୁତଗତିରେ ବଢ଼ିଚାଲିଛି। ମଙ୍ଗଳବାର ସୁଦ୍ଧା ଏହା ୪ ହଜାର ପାର୍ କରିଥିବା ଜଣାପଡ଼ିଛି। ସେହିଭଳି ଫେସ୍‌ବୁକରେ ମଧ୍ୟ ତାଙ୍କ ବନ୍ଧୁ ସଂଖ୍ୟା ବଢ଼ି ୫ ହଜାର ପାର୍ ହୋଇଛି। ଗତ ମଙ୍ଗଳବାର ଲୋକ ସଭାରେ ତାଙ୍କ ଅଲିଖିତ ଅଭିଭାଷଣ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହ ଓ ଅନ୍ୟ ସଦସ୍ୟଙ୍କୁ ପ୍ରଭାବିତ କରିଥିଲା। ଭାଜପାର ନିର୍ବାଚନୀ ଇସ୍ତାହାରରେ ଲଦାଖକୁ କେନ୍ଦ୍ରଶାସିତ ଅଞ୍ଚଳରେ ପରିଣତ କରିବା କଥା ଉଲ୍ଲେଖ ଥିଲା। ଏଥିପ୍ରତି ଲୋକଙ୍କ ସମର୍ଥନ ମଧ୍ୟ ରହିଥିଲା। ମୁସଲମାନ ଓ ବୌଦ୍ଧ ଧର୍ମାବଲମ୍ବୀ ମୋତେ ଏଥିଲାଗି ବିଜୟୀ କରାଇଥିଲେ ବୋଲି ଲୋକ ସଭାରେ ଲଦାଖ ଏମ୍‌ପି କହିବା ସହ କେନ୍ଦ୍ର ସରକାରଙ୍କ ପଦକ୍ଷେପକୁ ପ୍ରଶଂସା କରିଥିଲେ। ୩୭୦ ଧାରା ଜମ୍ମୁ-କଶ୍ମୀରରୁ ଉଚ୍ଛେଦ କରାଯିବା ଓ ଲଦାଖର ବିକାଶ ଲାଗି ଏହାକୁ କେନ୍ଦ୍ର ଶାସିତ ଅଞ୍ଚଳ କରାଯିବାକୁ ସେ ଦୃଢ଼ ସମର୍ଥନ କରିଥିଲେ।



ଜାମ୍‌ୟାଙ୍ଗ ସେରିଙ୍ଗ ନମ୍‌ୟାଲ

**ଲୋକ ସଭାରେ ପ୍ରଭାବୀ ମତ ରଖି ପ୍ରଶଂସିତ**

# ସମଝୌତା ଏକ୍ସପ୍ରେସ୍‌କୁ ସୀମାରେ ଅଟକାଇଲା ପାକ୍

ଇସ୍‌ଲାମାବାଦ/ନୂଆଦିଲ୍ଲୀ,୮।୮

ଭାରତ ଓ ପାକିସ୍ତାନ ମଧ୍ୟରେ ଚଳାଚଳ କରୁଥିବା ସମଝୌତା ଏକ୍ସପ୍ରେସ୍ ଟ୍ରେନ୍ ସେବାକୁ ଇସ୍‌ଲାମାବାଦ ବାତିଲ କରିଦେଇଥିବା ଏହାର ରେଳମନ୍ତ୍ରୀ ଶେଖ୍ ରଶିଦ୍ ଗୁରୁବାର ଘୋଷଣା କରିଥିବାବେଳେ ଭାରତ ଏହାକୁ ଖଣ୍ଡନ କରିଛି। ଏନେଇ ଇସ୍‌ଲାମାବାଦ ପକ୍ଷରୁ କୌଣସି ଆନୁଷ୍ଠାନିକ ବିଜ୍ଞପ୍ତି ପ୍ରକାଶ ପାଇ ନ ଥିବା ଭାରତୀୟ କର୍ତ୍ତୃପକ୍ଷ କହିଛନ୍ତି। ୱାଘା ସୀମାରେ ଅଟକିଥିବା ସମଝୌତା ଏକ୍ସପ୍ରେସ୍‌କୁ ଭାରତୀୟ ଡ୍ରାଇଭର ଓ କର୍ମଚାରୀ ଅଟାରି ଆଣିଛନ୍ତି।
ସମଝୌତା ଏକ୍ସପ୍ରେସ୍ ଚଳାଚଳ ବନ୍ଦ କରିବାକୁ ନିଷ୍ପତ୍ତି ନିଆଯାଇଥିବା ପାକ୍ ମନ୍ତ୍ରୀ କହିବା ସହ ଏତେଶୀଘ୍ର ଏହା ଚଳାଚଳ କରିବ ନାହିଁ ବୋଲି ସୂଚନା ଦେଇଥିଲେ। ସେ ରେଳମନ୍ତ୍ରୀ ଥିବା ପର୍ଯ୍ୟନ୍ତ ଉକ୍ତ ଟ୍ରେନ ଚଳାଚଳ କରିପାରିବନି ବୋଲି ରଶିଦ୍ ଖବରଦାତାମାନଙ୍କୁ କହିଥିବା ଏକ ଗଣମାଧ୍ୟମ ରିପୋର୍ଟରେ ପ୍ରକାଶ ପାଇଥିଲା। ଅନ୍ୟପକ୍ଷରେ ପାକିସ୍ତାନ ତା'ର ଟ୍ରେନ୍ କର୍ମଚାରୀ ଓ ଗାର୍ଡ଼ମାନଙ୍କ ସୁରକ୍ଷା ପ୍ରଶ୍ନ ଉଠାଇଛି। ସମଝୌତା ଏକ୍ସପ୍ରେସ୍‌ର କର୍ମଚାରୀ ଓ ଗାର୍ଡ ଭାରତ ଆସିବାକୁ ଚାହୁଁ ନ ଥିବା ପାକ୍ ରେଲୱେ ପକ୍ଷରୁ ଜଣାଇ ଦିଆଯାଇଛି ବୋଲି ଅଟାରି ଷ୍ଟେଶନମାଷ୍ଟର ଅରବିନ୍ଦ ଗୁପ୍ତା କହିଥିଲେ। ତେଣୁ ଅମୃତସରରୁ ଏକ ଟ୍ରେନ୍ ଇଞ୍ଜିନ, ଡ୍ରାଇଭର ଓ କର୍ମଚାରୀଙ୍କୁ ସେଠାକୁ ପଠାଯାଇଥିଲା।



- ବାତିଲ୍ ଖବରକୁ ଭାରତର ଖଣ୍ଡନ
- ଟ୍ରେନ୍‌କୁ ଅଟାରି ଆଣିଲେ ଭାରତୀୟ କର୍ମଚାରୀ

ସୂଚନା ଅନୁଯାୟୀ ସକାଳ ୯ଟା ୩୦ରୁ ସମଝୌତା ଏକ୍ସପ୍ରେସ ୱାଘା ରେଳଷ୍ଟେଶନରେ ଅଟକି ରହିଥିଲା। ସେଥିରେ ୧୧୦ ଜଣ ଯାତ୍ରୀ ଥିବାବେଳେ ପାକିସ୍ତାନ ଯିବା ଲାଗି ଷ୍ଟେଶନରେ ୭୦ ଯାତ୍ରୀ ଅପେକ୍ଷା କରିରହିଛନ୍ତି। ଜମ୍ମୁ-କଶ୍ମୀରରୁ ଅନୁଚ୍ଛେଦ ୩୭୦ ହଟିବା ଏବଂ ଏହାକୁ ଦୁଇଟି କେନ୍ଦ୍ର ଶାସିତ ଅଞ୍ଚଳରେ ବିଭକ୍ତ କରାଯିବା ପରେ ଏହାକୁ ନେଇ ଦୁଇଦେଶ ମଧ୍ୟରେ ଉତ୍ତେଜନା ବୃଦ୍ଧିପାଇଛି। ପାକିସ୍ତାନ ଭାରତ ସହ କୂଟନୈତିକ ଓ ବାଣିଜ୍ୟିକ ସମ୍ପର୍କ ଛିନ୍ନ କରିଛି। ତେବେ କରତାରପୁର କରିଡର କାର୍ଯ୍ୟ ଜାରି ରହିବ ବୋଲି ପାକିସ୍ତାନ କହିଛି।

# ୧୦ରେ ଓଡ଼ିଶା ଆସିବେ ଶିବରାଜ ସିଂହ ଚୌହାନ

**ଭୁବନେଶ୍ୱର,୮।୮(ବ୍ୟୁରୋ):** ଭାଜପାର ସଦସ୍ୟତା ଅଭିଯାନ ଗତ ଜୁଲାଇ ୬ରୁ ଦେଶ ସମେତ ସାରା ରାଜ୍ୟରେ ଆରମ୍ଭ ହୋଇଯାଇଛି। ଏହି ସଦସ୍ୟତା ଅଭିଯାନର ସମୀକ୍ଷା କରିବା ସହ ଓଡ଼ିଶାରୁ ସକ୍ରିୟ ସଦସ୍ୟତା ଗ୍ରହଣ କରିବା ପାଇଁ ଅଗଷ୍ଟ ୧୦ରେ ରାଷ୍ଟ୍ରୀୟ ସଦସ୍ୟତା ପ୍ରମୁଖ ଓ ଭାଜପା ରାଷ୍ଟ୍ରୀୟ ଉପସଭାପତି ଶିବରାଜ ସିଂହ ଚୌହାନ ୨ ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ୧୦ ତାରିଖ ସକାଳେ ସେ ଭୁବନେଶ୍ୱରଠାରେ ପହଞ୍ଚି ରାଜ୍ୟ କାର୍ଯ୍ୟାଳୟରେ ସଦସ୍ୟତା ଅଭିଯାନର ସମୀକ୍ଷା କରିବେ। ଏହାପରେ ଖୋର୍ଦ୍ଧା ଗୀତା ଭବନ ପଡିଆରେ ଏକ ବିଶାଳ ସଦସ୍ୟତା ଅଭିଯାନ କାର୍ଯ୍ୟକ୍ରମରେ ଯୋଗଦେବେ। ସେଠାରେ ସେ ସମସ୍ତଙ୍କୁ ସଦସ୍ୟତା କରାଇବା ସହ ଓଡ଼ିଶା ପ୍ରଦେଶରୁ ସକ୍ରିୟ ସଦସ୍ୟତା ଗ୍ରହଣ କରିବେ। ସେହିଦିନ ସନ୍ଧ୍ୟାରେ ବୁଦ୍ଧିଜୀବୀଙ୍କ ସମେତ ବିଭିନ୍ନ ବର୍ଗର ଲୋକଙ୍କ ସହ ଆଲୋଚନା କରି ସମସ୍ତଙ୍କୁ ସଦସ୍ୟତା କରାଇବେ ବୋଲି ଜଣାପଡିଛି। ଅଗଷ୍ଟ ୧୧ ତାରିଖ ସକାଳେ ସେ ଏକ ଖବରଦାତା ସମ୍ମିଳନୀ କରିବେ ବୋଲି ଭାଜପା ନେତା ପୃଥ୍ୱିରାଜ ହରିଚନ୍ଦନ କହିଛନ୍ତି। ଓଡ଼ିଶାରେ ୫୦ ଲକ୍ଷ ନୂତନ ସଦସ୍ୟତା ସଂଗ୍ରହ କରିବାର ଲକ୍ଷ୍ୟ ରଖି ଭାଜପା ରାଜ୍ୟ ଶାଖା ଅଭିଯାନ ବ୍ୟାପକ କରିଛି। ତୃଣମୂଳସ୍ତରରେ ସଙ୍ଗଠନକୁ ସୁଦୃଢ଼ କରିବା ଏବଂ ନୂତନ ସଦସ୍ୟ ସଂଗ୍ରହ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ବୋଲି ହରିଚନ୍ଦନ କହିଛନ୍ତି।

# ସିଆଇଏସ୍ଏଫ୍‌କୁ ଦାୟିତ୍ୱ ନେଇ ବୈଠକ

## ସୂର୍ଯ୍ୟମନ୍ଦିରର ସୁରକ୍ଷା ଚିନ୍ତା



**କୋଣାର୍କ, ୮।୮(ଡି.ଏନ୍.ଏ.)**

ବିଶ୍ୱ ଐତିହ୍ୟ କୋଣାର୍କ ସୂର୍ଯ୍ୟମନ୍ଦିରର ସୁରକ୍ଷା ପାଇଁ ତତ୍ପର ହୋଇଉଠିଛି ଏଏସ୍ଆଇ। ଜମ୍ମୁ-କଶ୍ମୀରରୁ ଅନୁଚ୍ଛେଦ ୩୭୦ ଉଚ୍ଛେଦ ପରେ ଦେଶବ୍ୟାପୀ ହାଇ ଆଲର୍ଟ ଜାରି ହୋଇଛି। ବିଶେଷକରି ଐତିହ୍ୟସ୍ଥଳ ଗୁଡ଼ିକ ଆତଙ୍କବାଦୀଙ୍କ ଟାର୍ଗେଟରେ ଥିବାରୁ ସେଗୁଡ଼ିକର ସୁରକ୍ଷା କଡ଼ାକଡ଼ି କରାଯାଇଛି। ଏହି କ୍ରମରେ ଦୀର୍ଘଦିନ ଧରି ମନ୍ଦିରର ଦାୟିତ୍ୱ ବୁଝୁଥିବା ଏଏସ୍ଆଇ ଏବେ ମନ୍ଦିରକୁ ଆତଙ୍କବାଦୀ ଆକ୍ରମଣରୁ ରକ୍ଷା କରିବା ପାଇଁ ସେଣ୍ଟ୍ରାଲ ଇଣ୍ଡଷ୍ଟ୍ରିଆଲ୍ ସିକ୍ୟୁରିଟି ଫୋର୍ସ(ସିଆଇଏସ୍ଏଫ୍)କୁ ଦାୟିତ୍ୱ ହସ୍ତାନ୍ତର କରିବା ପାଇଁ ଚିନ୍ତା କରୁଛି। ଏନେଇ ଗୁରୁବାର ସୂର୍ଯ୍ୟମନ୍ଦିର ସମ୍ମୁଖ ବ୍ୟାଖ୍ୟାନ କେନ୍ଦ୍ର ସମ୍ମିଳନୀ କକ୍ଷରେ ଏକ ଉଚ୍ଚସ୍ତରୀୟ ବୈଠକ ବସିଥିଲା। ଏଥିରେ ଏଏସ୍ଆଇ ଏଡିଜି ରାକେଶ ସିଂହ ଲାଲା ଓ ସିଆଇଏସ୍ଏଫ୍ ଆଇଜି ଅଜିତ ମହାପାତ୍ର ଏବଂ ଦୁଇ ବିଭାଗରୁ ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ। ବୈଠକ ପରେ ଅଧିକାରୀମାନେ ଗଣମାଧ୍ୟମକୁ କୌଣସି ସୂଚନା ଦେଇ ନ ଥିଲେ।

ଗତ ଜୁଲାଇ ୨୨ରେ କୋଣାର୍କମନ୍ଦିର ସୁରକ୍ଷା ନେଇ ଏକ ଜନସ୍ୱାର୍ଥ ମାମଲାର ବିଚାର କରି ଓଡ଼ିଶା ଉଚ୍ଚନ୍ୟାୟାଳୟ ବରିଷ୍ଠ ଆଇନଜୀବୀ ଏନ୍.କେ. ମହାନ୍ତିଙ୍କୁ ଆମିକସ୍ କ୍ୟୁରୀ ନିଯୁକ୍ତ କରିଥିଲେ। ନିଯୁକ୍ତି ପରେ ଆମିକସ୍ କ୍ୟୁରୀ ମହାନ୍ତି କୋଣାର୍କ ଗସ୍ତ କରି ନ ଥିଲେ ବି ଗତ ଏକ ସପ୍ତାହ ଧରି ଏଏସ୍ଆଇର ବରିଷ୍ଠ ଅଧିକାରୀମାନେ ସୂର୍ଯ୍ୟମନ୍ଦିରକୁ ଘନ ଘନ ଗସ୍ତ କରୁଛନ୍ତି। ଗୁରୁବାର ମଧ୍ୟ ଏଏସ୍ଆଇ ଓ ସିଆଇଏସ୍ଏଫ୍ ଅଧିକାରୀମାନେ ସୂର୍ଯ୍ୟମନ୍ଦିରର ସ୍ଥିତି ଅନୁଧ୍ୟାନ କରିଥିଲେ। ଗଣମାଧ୍ୟମ ପ୍ରତିନିଧିମାନେ ସେଠାରେ ପହଞ୍ଚି ବୈଠକ ସମ୍ପର୍କରେ ପଚାରିବାରୁ ଏଏସ୍ଆଇର ଭୁବନେଶ୍ୱର ସର୍କଲ ସୁପରିଣ୍ଟେଣ୍ଡେଣ୍ଟ ଅରୁଣ ମଲ୍ଲିକ ରୋକଠୋକ୍ ମନା କରିଦେଇଥିଲେ। ବୈଠକ ସମ୍ପର୍କରେ ଏଏସ୍ଆଇ ଅଧିକାରୀମାନେ ଗଣମାଧ୍ୟମକୁ ତଥ୍ୟ ଲୁଚାଇବା ଘଟଣାକୁ କୋଣାର୍କ ପ୍ରେସ୍ କ୍ଲବ, କୋଣାର୍କ ସାମ୍ବାଦିକ ସଂଘ, କୋଣାର୍କ ସୁରକ୍ଷା ସମିତି ଓ ହସ୍ତଶିଳ୍ପ ବ୍ୟବସାୟୀ ମହାସଂଘ ନାପସନ୍ଦ କରିଛି।

# କୃମି ଔଷଧ ଖାଇ ୨୬ ଛାତ୍ରୀଛାତ୍ର ଅସୁସ୍ଥ

**ଛେଣ୍ଡିପଦା, ୮।୮(ସ୍ୱ.ପ୍ର.):** ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ବାଲିପଟା ରଥସାହି ପ୍ରାଥମିକ ବିଦ୍ୟାଳୟରେ କୃମି ଔଷଧ ଖାଇ ଗୁରୁବାର ୨୬ ଛାତ୍ରୀଛାତ୍ର ଅସୁସ୍ଥ ହୋଇଥିବା ଜଣାପଡିଛି। ଜାତୀୟ କୃମି ଦିବସ ଅବସରରେ ପ୍ରତ୍ୟେକ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ କୃମିନାଶକ ଔଷଧ ଦିଆଯାଇଥିଲା। ରଥସାହି ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଅରୁଣ ପ୍ରଧାନଙ୍କ ନେତୃତ୍ୱରେ ବିଦ୍ୟାଳୟର ୧୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଏହି ଔଷଧ ସେବନ କରିଥିଲେ। ସେମାନଙ୍କ ମଧ୍ୟରୁ ୧୭ ଜଣ ଛାତ୍ର ଓ ୯ ଛାତ୍ରୀ ଅସୁସ୍ଥ ହୋଇପଡିଥିଲେ। ସେମାନଙ୍କୁ ବାଲିପଟା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଖବରପାଇ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରତାପ କୁମାର ବେହେରା, କୋଶଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଧୀରେନ କୁମାର ପ୍ରଧାନ ପ୍ରମୁଖ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସି ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ତେବେ ଛାତ୍ରୀଛାତ୍ରଙ୍କୁ ଅପରାହ୍ନ ୩ଟାରେ ଘରକୁ ପଠାଯାଇଥିବା ସ୍ୱାସ୍ଥ୍ୟକେନ୍ଦ୍ର ସୂତ୍ରରୁ ଜଣାପଡିଛି।



ଅସୁସ୍ଥ ଛାତ୍ରୀ।

# ଆୟୋଗ ବିରୋଧରେ ଅପପ୍ରଚାରକୁ ଓପିଏସ୍‌ସିର ଖଣ୍ଡନ

**ଅପପ୍ରଚାର କଲେ ପରବର୍ତ୍ତୀ ପରୀକ୍ଷାରୁ ବଞ୍ଚିତ ହେବେ**

**ଭୁବନେଶ୍ୱର, ୮।୮(ବ୍ୟୁରୋ)**

ଓଡ଼ିଶା ସିଭିଲ୍ ସର୍ଭିସ୍ - ୨୦୧୫ ଏବଂ ସହକାରୀ ଉପବିଭାଗ ଅଧିକାରୀ-୨୦୧୮ (ଏଏସ୍ଓ) ପରୀକ୍ଷାରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଥିଲା। ହେଲେ ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ପକ୍ଷରୁ ଗୁରୁବାର ଏହାକୁ ଖଣ୍ଡନ କରାଯାଇଛି। ଆୟୋଗ ପକ୍ଷରୁ କୁହାଯାଇଛି ଯେ, କେତେକ ପ୍ରାର୍ଥୀ ଗଣମାଧ୍ୟମ ଆଗରେ ସେମାନଙ୍କ ପ୍ରତି ଅନ୍ୟାୟ ହୋଇଥିବା ଦର୍ଶାଇ ମିଥ୍ୟା ଗୁଜବ ପ୍ରଚାର କରିବା ଲକ୍ଷ୍ୟ କରାଯାଉଛି। ଏହି ଅଭିଯୋଗଗୁଡ଼ିକୁ ଲୋକସେବା ଆୟୁକ୍ତ ଯାଞ୍ଚ କରିଛନ୍ତି। ସେଥିରୁ ଜଣାପଡିଛି ଯେ, ସେସବୁ ଅଭିଯୋଗ ଭିତ୍ତିହୀନ ଓ ସେଥିରେ ପୁନଃ ମୂଲ୍ୟାଙ୍କନ ପାଇଁ ଦାବିରେ ମନ୍ଦ ଉଦ୍ଦେଶ୍ୟ ରହିଛି। ଜଣେ ପ୍ରାର୍ଥୀ ମଧ୍ୟ ପରୀକ୍ଷକ ଏବଂ ମୁଖ୍ୟପରୀକ୍ଷକଙ୍କ ଦ୍ୱାରା କରାଯାଇଥିବା ମୂଲ୍ୟାଙ୍କନ ପ୍ରତି ସନ୍ଦେହ ପ୍ରକଟ କରିଛନ୍ତି। ତଦନ୍ତରୁ ଜଣାଯାଇଛି ଯେ, ଯଦିଓ ସେହି ପ୍ରାର୍ଥୀଙ୍କୁ ପରୀକ୍ଷକ ବା ମୁଖ୍ୟ ପରୀକ୍ଷକଙ୍କ ଦ୍ୱାରା ମୂଲ୍ୟାୟନ ପରେ ଅଧିକ ନମ୍ବର ମିଳିଛି। ହେଲେ ସଂପୃକ୍ତ ବର୍ଗରେ ଧାର୍ଯ୍ୟ କଟ୍ ଅଫ୍ ନମ୍ବରଠାରୁ ସେହି ପରୀକ୍ଷାର୍ଥୀ ବହୁପଛରେ ଅଛନ୍ତି। ଏ ବିଷୟରେ ସେହି ପ୍ରାର୍ଥୀଙ୍କୁ ମଧ୍ୟ ବ୍ୟକ୍ତିଗତ ଭାବେ ଜଣାଯାଇଛି।

ପରୀକ୍ଷା ପରିଚାଳନା କ୍ଷେତ୍ରରେ କମିଶନ ପକ୍ଷରୁ ସର୍ବାଧିକ ସାଧୁତା ଓ ସ୍ୱଚ୍ଛତା ଅବଲମ୍ବନ କରାଯାଇଛି। ସେହିପରି ବଳିଷ୍ଠ ଅଭିଯୋଗ ଶୁଣାଣି ପ୍ରକ୍ରିୟା ବ୍ୟବସ୍ଥା କାର୍ଯ୍ୟକାରୀ ହେଉଛି। ଦକ୍ଷତାର ସହ ପରୀକ୍ଷା ପରିଚାଳନା ଯୋଗୁ କମିଶନଙ୍କ ଦ୍ୱାରା ଅତୀତରେ ସର୍ବାଧିକ ପ୍ରାର୍ଥୀ ମନୋନୀତ ହୋଇଥିବା ବେଳେ ଅଳ୍ପସଂଖ୍ୟକ ଆଇନ୍‌ଗତ ମାମଲା ଆସିଥିବା କୁହାଯାଇଛି।

ଆୟୋଗ ପକ୍ଷରୁ ସମସ୍ତ ପ୍ରାର୍ଥୀମାନଙ୍କୁ ଅନୁରୋଧ କରାଯାଉଛି ଯେ, ସେମାନେ ସେମାନଙ୍କର ଅଭିଯୋଗଗୁଡ଼ିକୁ ସିଧାସଳଖ କମିଶନଙ୍କ ଦୃଷ୍ଟିକୁ ଆଣନ୍ତୁ। ଏ ସଂକ୍ରାନ୍ତରେ ଗଣମାଧ୍ୟମକୁ ବିଭ୍ରାନ୍ତିକର ତଥ୍ୟ ଦିଅନ୍ତୁ ନାହିଁ। ଗଣତାନ୍ତ୍ରିକ ଅଧିକାର ସାବ୍ୟସ୍ତ କରିବା ପାଇଁ ଜଣେ ନିଜର ଦାବି ପୂରଣ ପାଇଁ ସହାୟତା ନେଇପାରେ। ମାତ୍ର ମନ୍ଦ ଉଦ୍ଦେଶ୍ୟ ରଖି ଏଭଳି ମିଥ୍ୟା ଅପପ୍ରଚାର କରିବା ଉଚିତ ନୁହେଁ ବୋଲି ଆୟୋଗ ପକ୍ଷରୁ କୁହାଯାଇଛି। ସେହିଭଳି ଅପପ୍ରଚାର କଲେ, ଓପିଏସ୍‌ସି କେନ୍ଦ୍ରୀୟ ଲୋକସେବା ଆୟୋଗ ଦ୍ୱାରା ଆଗାମୀ ଦିନରେ ଅନୁଷ୍ଠିତ ହେବାକୁ ଥିବା ପରୀକ୍ଷାରେ ଅଂଶଗ୍ରହଣ ପାଇଁ ଅଯୋଗ୍ୟ ବିବେଚିତ ହେବେ ବୋଲି ଆୟୋଗର ସଚିବ ଜଣାଇଛନ୍ତି।

...ପୂର୍ବ ପୃଷ୍ଠାର ଅବଶିଷ୍ଟାଂଶ

| କ୍ର. ନଂ. | ଖାତା ନଂ. | ଜମି ମାଲିକଙ୍କ ନାମ, ଜାତି, ବାସସ୍ଥାନ | ପ୍ଲଟ ନଂ. | କିସମ | ମୋଟ ରକବା | ଅଧିଗ୍ରହଣ ରକବା |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୭୧ | ୧୬୮ | ମଧୁସୂଦନ ସାହୁ, ପି- ପ୍ରାଣକୃଷ୍ଣ ସାହୁ, ଜା- ତେଲି, ବା- ସରେଇଁ। | ୧୬୩୬ | ଶାରଦ-୨ | ୦.୦୪ | ୦.୦୪ |
| ୭୨ | ୧୭୦ | ମୁକ୍ତା ସାହୁ, ସ୍ୱା- ନକୁଳ ସାହୁ, ମାଲ ସାହୁ, ପି- ନକୁଳ ସାହୁ, ସହଦେବ ସାହୁ, ପି- ସନେଇଁ ସାହୁ, ଜା- ତେଲି, ବା- ନିଜଗାଁ। | ୨୩୧୨ | ଶାରଦ-୨ | ୦.୦୪ | ୦.୦୨ |
| ୭୩ | ୧୭୨ | ରଙ୍କନାଥ ସାହୁ, ପି- ଶାଇବ ସାହୁ, ନୀଳମଣି ସାହୁ, ପି- ଜଗେଇ ସାହୁ, ଜା- ତେଲି, ବା- ନିଜଗାଁ | ୧୬୯୨ | ଶାରଦ-୨ | ୦.୦୭ | ୦.୦୩ |
| | | | ୧୬୯୩ | ଶାରଦ-୨ | ୦.୦୭ | ୦.୦୩ |
| ୭୪ | ୧୭୪ | ରଘୁ ସାହୁ, ପି- ଶିବେଇ ସାହୁ, ଜା- ତେଲି, ବା- ନିଜଗାଁ। | ୧୫୦୪ | ଶାରଦ-୨ | ୦.୧୨ | ୦.୧୨ |
| | | | ୧୫୭୩ | ଶାରଦ-୨ | ୦.୦୯ | ୦.୦୯ |
| | | | ୧୭୪୪ | ଶାରଦ-୨ | ୦.୦୪ | ୦.୦୨ |
| | | | ୨୩୯୩ | ଶାରଦ-୨ | ୦.୦୯ | ୦.୦୧ |
| ୭୫ | ୧୭୯ | ରଘୁ ସାହୁ, ଦଧି ସାହୁ, ପି- କାଳି ସାହୁ, ସୁନ୍ଦରା ସାହୁ, ସ୍ୱା- କାଳି ସାହୁ, ଜା- ତେଲି, ବା- ନିଜଗାଁ। | ୧୪୫୦ | ଶାରଦ-୨ | ୦.୦୫ | ୦.୦୫ |
| | | | ୧୪୫୧ | ଶାରଦ-୨ | ୦.୦୫ | ୦.୦୫ |
| | | | ୧୭୬୫ | ଶାରଦ-୨ | ୦.୦୩ | ୦.୦୩ |
| | | | ୧୭୬୬ | ଶାରଦ-୨ | ୦.୦୭ | ୦.୦୭ |
| | | | ୧୭୬୮ | ଶାରଦ-୨ | ୦.୧୨ | ୦.୧୨ |
| | | | ୨୩୭୫/୩୧୮୪ | ଶାରଦ-୨ | ୦.୦୩ | ୦.୦୨ |
| ୭୬ | ୧୮୦ | ରଘୁ ସାହୁ, ଫଗୁ ସାହୁ, ପି- ସାଗର ସାହୁ, ଜା- ତେଲି, ବା - ନିଜଗାଁ। | ୧୫୩୫ | ଶାରଦ-୨ | ୦.୨୩ | ୦.୧୦ |
| ୭୭ | ୧୮୧ | ରଘୁନାଥ ନାହାକ, ଧ୍ରୁବଚରଣ ନାହାକ, ଗଣେଶ୍ୱର ନାହାକ, ରମେଶଚନ୍ଦ୍ର ନାହାକ, ପି- ପୂର୍ଣ୍ଣଚନ୍ଦ୍ର ନାହାକ, ଜା- ତେଲି, ବା- ସଟତୀରା। | ୨୭୬୨ | ଶାରଦ-୧ | ୦.୦୯ | ୦.୦୨ |
| | | | ୨୮୩୨ | ଶାରଦ-୧ | ୦.୧୦ | ୦.୧୦ |
| ୭୮ | ୧୮୩ | ରାମଚନ୍ଦ୍ର ସାହୁ, ପି- ରଘୁ ସାହୁ, ଜା- ତେଲି, ବା- ନିଜଗାଁ। | ୨୮୪୦ | ଶାରଦ-୧ | ୦.୧୫ | ୦.୦୧ |
| | | | ୨୮୩୯/୩୨୩୭ | ଶାରଦ-୧ | ୦.୧୬ | ୦.୧୬ |
| ୭୯ | ୧୮୪ | ରାମଚନ୍ଦ୍ର ସାହୁ, ପି- ବାଇ ସାହୁ, ଜା- ତେଲି, ବା- ନିଜଗାଁ। | ୧୫୦୦ | ଶାରଦ-୨ | ୦.୨୨ | ୦.୧୦ |
| | | | ୧୫୦୧ | ଶାରଦ-୨ | ୦.୦୭ | ୦.୦୭ |
| | | | ୧୭୬୯ | ଶାରଦ-୨ | ୦.୦୪ | ୦.୦୪ |
| | | | ୨୩୬୭ | ଶାରଦ-୨ | ୦.୦୩ | ୦.୦୩ |
| ୮୦ | ୧୮୭ | ରାମ ସାହୁ, ଦାମ ସାହୁ, ନବ ସାହୁ, ରୂପେଇ ସାହୁ, ଝୁମ୍ପେଇ ସାହୁ, ଗେହ୍ଲେଇ ସାହୁ, ପି- ନଣ୍ଡେଇ ସାହୁ, ଜହ୍ନ ସାହୁ, ସ୍ୱା- ନଣ୍ଡେଇ ସାହୁ, ଜା- ତେଲି, ବା- ନିଜଗାଁ। | ୧୫୭୨ | ଶାରଦ-୨ | ୦.୦୬ | ୦.୦୬ |
| ୮୧ | ୧୮୮ | ରାମ ସାହୁ, ଦାମ ସାହୁ, ନବ ସାହୁ, ପି- ନଣ୍ଡେଇ ସାହୁ, ଜା- ତେଲି, ବା- ନିଜଗାଁ। | ୧୪୪୮ | ଶାରଦ-୨ | ୦.୧୨ | ୦.୧୨ |
| | | | ୧୭୦୮ | ଶାରଦ-୨ | ୦.୦୪ | ୦.୦୪ |
| ୮୨ | ୧୯୦ | ରାମ ସାହୁ, ଲକ୍ଷ୍ମୀଧର ସାହୁ, ପି- ଦଧି ସାହୁ, ଜା- ତେଲି, ବା- ନିଜଗାଁ। | ୧୫୭୦ | ଶାରଦ-୨ | ୦.୦୪୫ | ୦.୦୧ |
| | | | ୨୩୧୭ | ଶାରଦ-୨ | ୦.୧୦ | ୦.୦୨ |
| ୮୩ | ୧୯୧ | ରାମ ସାହୁ, ପି- ରଘୁ ସାହୁ, ଫଗୁ ସାହୁ, ପି- ବାସୁ ସାହୁ, ଜା- ତେଲି, ବା- ନିଜଗାଁ। | ୧୬୮୫ | ଶାରଦ-୨ | ୦.୦୩ | ୦.୦୧ |
| | | | ୧୬୮୬ | ଶାରଦ-୨ | ୦.୦୩ | ୦.୦୧ |
| ୮୪ | ୧୯୬ | ଲକ୍ଷ୍ମୀଧର ସାହୁ, ପି- ଗୋବିନ୍ଦ ସାହୁ, ଜା- ତେଲି, ବା- ସରେଇ। | ୨୩୦୬/୩୨୬୧ | ଶାରଦ-୨ | ୦.୨୧ | ୦.୨୧ |
| ୮୫ | ୧୯୮ | ଶଇତ ସାହୁ, ସ୍ୱା- ଶ୍ୟାମ ସୁନ୍ଦର ସାହୁ, ଜା- ତେଲି, ବା- ନିଜଗାଁ। | ୨୨୭୦/୩୨୭୨ | ଶାରଦ-୨ | ୦.୦୪ | ୦.୦୨ |
| ୮୬ | ୧୯୯ | ସଙ୍ଗାଲି ସାହୁ, ରଘୁ ସାହୁ, ପି- ନିଧି ସାହୁ, କୁଞ୍ଜ ସାହୁ, କାଳିନ୍ଦ ସାହୁ, ଶ୍ରୀରାମ ସାହୁ, ପି- କାଙ୍ଗାଳି ସାହୁ, ସତୀ ସାହୁ, ସ୍ୱା- କାଙ୍ଗାଳି ସାହୁ, ଅର୍ଜୁନ ସାହୁ, ନକୁଳ ସାହୁ, ପି- ଏକାଦଶୀ ସାହୁ, ଜା- ତେଲି, ବା -ସରେଇ। | ୧୬୭୨ | ଶାରଦ-୨ | ୦.୦୫ | ୦.୦୧ |
| | | | ୧୬୮୧ | ଶାରଦ-୨ | ୦.୦୬ | ୦.୦୬ |
| ୮୭ | ୨୦୧ | ସଙ୍ଗାଲି ସାହୁ, ରଘୁ ସାହୁ, ପି- ନିଧି ସାହୁ, କୁଞ୍ଜ ସାହୁ, କାଳନ୍ଦି ସାହୁ, ଶ୍ରୀରାମ ସାହୁ, ପି- କାଙ୍ଗାଳି ସାହୁ, ସତୀ ସାହୁ, ସ୍ୱା- କାଙ୍ଗାଳି ସାହୁ, ସାରଦ ସାହୁ, ସ୍ୱା- ଗଇ ସାହୁ, ଜା- ତେଲି, ବା- ନିଜଗାଁ। | ୨୨୪୭ | ଶାରଦ-୧ | ୦.୧୪ | ୦.୧୪ |
| | | | ୨୨୪୮ | ଶାରଦ-୧ | ୦.୦୭ | ୦.୦୭ |
| | | | ୨୨୪୯ | ଶାରଦ-୧ | ୦.୨୧ | ୦.୧୦ |
| ୮୮ | ୨୦୬ | ସଖି ବେହେରା, ସ୍ୱା- ମହେଶ୍ୱର ବେହେରା, ଜା- ନିଆରୀ, ବା- ନିଜଗାଁ। | ୨୨୪୩ | ଶାରଦ-୧ | ୦.୦୨ | ୦.୦୨ |
| | | | ୨୨୪୪ | ଶାରଦ-୧ | ୦.୦୨ | ୦.୦୨ |
| | | | ୨୨୪୫ | ଶାରଦ-୧ | ୦.୦୨ | ୦.୦୨ |
| | | | ୨୨୪୬ | ଶାରଦ-୧ | ୦.୩୦ | ୦.୩୦ |
| | | | ୨୬୮୩/୩୧୩୫ | ଶାରଦ-୩ | ୦.୦୩ | ୦.୦୩ |
| | | | ୨୨୮୬ | ଶାରଦ-୨ | ୦.୦୧ | ୦.୦୧ |
| ୮୯ | ୨୦୯ | ସନେଇ ସାହୁ, ପି- ଦିନେଇ ସାହୁ, ଜା- ତେଲି, ବା- ନିଜଗାଁ। | ୧୬୩୮ | ଶାରଦ-୨ | ୦.୦୧ | ୦.୦୧ |
| | | | ୧୬୪୩ | ଶାରଦ-୨ | ୦.୦୧ | ୦.୦୧ |
| | | | ୧୬୭୯ | ଶାରଦ-୨ | ୦.୦୩ | ୦.୦୩ |
| | | | ୧୬୮୦ | ଶାରଦ-୨ | ୦.୦୩ | ୦.୦୩ |
| | | | ୧୬୮୨ | ଶାରଦ-୩ | ୦.୦୩ | ୦.୦୧ |
| | | | ୧୭୫୯ | ଶାରଦ-୨ | ୦.୦୧ | ୦.୦୧ |
| | | | ୨୩୨୬ | ଶାରଦ-୨ | ୦.୦୫ | ୦.୦୫ |
| ୯୦ | ୨୧୩ | ସାଗର ସାହୁ, ପି- ଭଗି ସାହୁ, ଜା- ତେଲି, ମଲ୍ଲି ସାହୁ, ସ୍ୱା- ସୁଦୁରୀ ସାହୁ, ଜା-ତେଲି, ବା- ନିଜଗାଁ। | ୪୭୦ | ଶାରଦ-୨ | ୦.୩୦ | ୦.୦୧ |
| | | | ୨୨୩୧ | ଶାରଦ-୧ | ୦.୧୦ | ୦.୧୦ |
| | | | ୨୬୮୩/୩୧୩୬ | ଶାରଦ-୩ | ୦.୦୨ | ୦.୦୨ |
| ୯୧ | ୨୧୮ | ଶୁକଦେବ ସାହୁ, ଯୋଗେନ୍ଦ୍ର ସାହୁ, ଚମ୍ପା ସାହୁ, ବିଷ ପୃଷ୍ଟି, ପି- ଚଇତି ସାହୁ, ଜା- ତେଲି, ବା- ନିଜଗାଁ। | ୧୬୨୯ | ଶାରଦ-୩ | ୦.୦୩ | ୦.୦୩ |
| | | | ୧୬୪୮ | ଶାରଦ-୨ | ୦.୨୪ | ୦.୧୦ |
| ୯୨ | ୨୨୦ | ଶୁକଦେବ ସାହୁ, ପି- ବୁଲେଇ ସାହୁ, ବାଂଛା ନିଧି ସାହୁ, ପି- ଭଗବାନ ସାହୁ, ବରଜୁ ସାହୁ, ପି- ରାମ ସାହୁ, ଜା- ତେଲି, ବା- ନିଜଗାଁ। | ୧୬୧୦ | ଶାରଦ-୨ | ୦.୦୨ | ୦.୦୨ |
| | | | ୧୬୨୪ | ଶାରଦ-୩ | ୦.୦୩ | ୦.୦୩ |
| | | | ୧୬୨୨ | ଶାରଦ-୨ | ୦.୦୨ | ୦.୦୨ |
| | | | ୨୬୬୮ | ଶାରଦ-୨ | ୦.୦୮ | ୦.୦୭ |
| | | | ୨୬୭୯ | ଶାରଦ-୨ | ୦.୦୯ | ୦.୦୯ |
| ୯୩ | ୨୨୧ | ଶୁକଦେବ ସାହୁ, ବାଂଛାନିଧି ସାହୁ, ପି- ଖଲୁ ସାହୁ, ଜା- ତେଲି, ବା- ନିଜଗାଁ। | ୪୬୫ | ଶାରଦ-୧ | ୦.୨୫ | ୦.୨୪ |
| ୯୪ | ୨୨୪ | ହଗର ସାହୁ, ପି- କହ୍ନେଇ ସାହୁ, ଜା- ତେଲି, ବା- ନିଜଗାଁ। | ୧୪୮୯ | ଶାରଦ-୨ | ୦.୦୫ | ୦.୦୧ |
| | | | ୧୪୯୪ | ଶାରଦ-୨ | ୦.୦୬ | ୦.୦୬ |
| | | | ୧୬୯୯ | ଶାରଦ-୨ | ୦.୦୩ | ୦.୦୩ |
| | | | ୧୭୧୧ | ଶାରଦ-୨ | ୦.୦୧ | ୦.୦୧ |
| | | | ୧୭୧୨ | ଶାରଦ-୨ | ୦.୦୧ | ୦.୦୧ |
| | | | ୧୭୧୪ | ଶାରଦ-୨ | ୦.୦୪ | ୦.୦୪ |
| | | | ୨୨୦୭ | ଶାରଦ-୨ | ୦.୧୨ | ୦.୦୧ |
| | | | ୨୨୨୦ | ଶାରଦ-୧ | ୦.୦୨ | ୦.୦୧ |
| | | | ୨୭୧୧ | ଶାରଦ-୧ | ୦.୧୫ | ୦.୧୫ |
| | | | ୨୭୧୪ | ଶାରଦ-୧ | ୦.୦୪ | ୦.୦୨ |
| ୯୫ | ୨୨୫ | ହନୁ ସାହୁ, ପି- ହରି ସାହୁ, ଜା- ତେଲି, ବା-ନିଜଗାଁ। | ୨୩୬୮ | ଶାରଦ-୨ | ୦.୦୯ | ୦.୦୯ |
| | | | ୨୩୭୨ | ଶାରଦ-୨ | ୦.୦୪ | ୦.୦୪ |
| | | | ୨୩୭୩ | ଶାରଦ-୨ | ୦.୦୨ | ୦.୦୨ |
| | | | ୨୩୬୭/୩୧୮୩ | ଶାରଦ-୨ | ୦.୦୫ | ୦.୦୫ |
| ୯୬ | ୨୨୬ | ହାର ସାହୁ, ପାର ସାହୁ, ପି- ମୁଳି ସାହୁ, ଜା-ତେଲି, ବା- ନିଜଗାଁ, ଦୈତାରୀ ସାହୁ, ପି- ଗରି ସାହୁ, ମାତାଜୀ ସାହୁ, ପି- ଦୈତାରୀ ସାହୁ, ଜା- ତେଲି, ବା- ବାରିଗାଁ। | ୧୫୭୭ | ଶାରଦ-୨ | ୦.୧୨ | ୦.୦୨ |
| | | | ୧୬୭୫ | ଶାରଦ-୨ | ୦.୦୩ | ୦.୦୩ |
| ୯୭ | ୨୨୬/୬ | ଶ୍ରୀ ଚିନ୍ତାମଣି ସାହୁ, ପି- ଭୋଳାନାଥ ସାହୁ, ଜା- ତେଲି, ବା-ସରେଇଁ। | ୨୮୩୪ | ଶାରଦ-୨ | ୦.୦୯ | ୦.୦୫ |
| ୯୮ | ୨୨୬/୧୧ | ନାରାୟଣ ସାହୁ, କରୁଣାକର ସାହୁ, ମହେଶ୍ୱର ସାହୁ, ଦୈତାରୀ ସାହୁ, ସୁବାସ ଚନ୍ଦ୍ର ସାହୁ, ପି- ବାବାଜୀ ସାହୁ, ଜା- ତେଲି, ବା- ଭଗାନଈ। | ୪୬୬/୩୩୧୨ | ଶାରଦ-୨ | ୦.୦୨ | ୦.୦୨ |
| | | | ୧୫୭୬/୩୩୧୭ | ଶାରଦ-୨ | ୦.୦୨ | ୦.୦୨ |
| | | | ୧୫୭୬/୩୩୪୮ | ଶାରଦ-୨ | ୦.୦୫ | ୦.୦୫ |
| | | | ୧୬୧୯/୩୩୪୯ | ଶାରଦ-୨ | ୦.୦୧ | ୦.୦୧ |
| | | | ୧୬୨୫/୩୩୫୦ | ଶାରଦ-୨ | ୦.୦୧ | ୦.୦୧ |
| | | | ୧୬୩୭/୩୩୫୧ | ଶାରଦ-୨ | ୦.୦୨ | ୦.୦୨ |
| ୯୯ | ୨୨୬/୨୩ | ବାବାଜୀ ସାହୁ, ପି- ବୁରୁକୁ ସାହୁ, ଜା- ତେଲି, ବା- ଭଗାନଈ। | ୨୬୬୬ | ଶାରଦ-୧ | ୦.୦୭ | ୦.୦୧ |
| ୧୦୦ | ୨୨୬/୨୭ | ଜୟନ୍ତୀ ପଣ୍ଡା, ପି- ନାରାୟଣ ପଣ୍ଡା, ଜା- ବ୍ରାହ୍ମଣ, ବା- ନିଜଗାଁ। | ୨୩୦୩/୩୨୫୯ | ଶାରଦ-୨ | ୦.୦୮ | ୦.୦୮ |
| ୧୦୧ | ୨୨୬/୩୦ | ଚିନ୍ତାମଣି ସାହୁ, ନୀଳମଣି ସାହୁ, ପିତାମ୍ବର ସାହୁ, ଯୁଜେଇ ସାହୁ, ଜା- ତେଲି, ବା- ନିଜଗାଁ। | ୧୪୩୯ | ଶାରଦ-୨ | ୦.୧୫ | ୦.୦୯ |
| ୧୦୨ | ୨୨୬/୩୫ | ବାଇଧର ସାହୁ, ରାଇଚରଣ ସାହୁ, ବଳରାମ ସାହୁ, ପି- ବୀରବର ସାହୁ, ଜା- ତେଲି, ବା- ଭଗାନଈ। | ୨୩୦୪ | ଶାରଦ-୨ | ୦.୩୨ | ୦.୧୭ |
| ୧୦୩ | ୨୨୬/୫୬ | ମହେଶ୍ୱର ବେହେରା, ଗୟାଧର ବେହେରା, ପି: ନିଶାକର ବେହେରା, ଜା: କୁମ୍ଭାର, ବା: ଭଗାନଈ। | ୧୬୭୮ | ଶାରଦ-୨ | ୦.୦୪ | ୦.୦୪ |
| | | | ୧୭୪୦ | ଶାରଦ-୨ | ୦.୦୧ | ୦.୦୧ |
| | | | ୧୭୪୬ | ଶାରଦ-୨ | ୦.୦୩ | ୦.୦୩ |
| | | | ୧୭୫୭ | ଶାରଦ-୨ | ୦.୦୩ | ୦.୦୩ |
| | | | ୨୩୦୮ | ଶାରଦ-୨ | ୦.୧୦ | ୦.୦୮ |
| ୧୦୪ | ୨୨୬/୫୮ | ଖଗେଶ୍ୱର ସାହୁ, ପି- ସାଗର ସାହୁ, ଜା- କୁମ୍ଭାର, ବା- ମୁଗୁପୁର। | ୧୫୭୧ | ଶାରଦ-୨ | ୦.୧୦ | ୦.୦୨ |
| ୧୦୫ | ୨୨୬/୭୦ | କାଳନ୍ଦି ଚରଣ ସାହୁ, ପି- କାଙ୍ଗାଳି ସାହୁ, ଜା- ତେଲି, ବା- ଭଗାନଈ। | ୨୭୦୩ | ଶାରଦ-୨ | ୦.୦୮ | ୦.୦୮ |
| | | | ୨୭୦୫ | ଶାରଦ-୨ | ୦.୦୨ | ୦.୦୨ |
| | | | ୨୭୦୭ | ଶାରଦ-୨ | ୦.୦୨ | ୦.୦୨ |
| ୧୦୬ | ୨୨୬/୭୩ | ଶରତ କୁମାର ନାହାକ, ସୁଦାମ ଚରଣ ନାହାକ, ହିମାଂଶୁ ଶେଖର ନାହାକ, ପି- ପିତାମ୍ବର ନାହାକ, ଜା- ତେଲି, ବା- ସଟତୀରା। | ୨୩୫୦ | ଶାରଦ-୨ | ୦.୦୭ | ୦.୦୭ |
| | | | ୨୨୫୪/୩୪୦୮ | ଶାରଦ-୧ | ୦.୦୩ | ୦.୦୩ |
| ୧୦୭ | ୨୨୬/୮୨ | ଗୁରୁଚରଣ ପରିଡା, ପି- ନବଘନ ପରିଡା, ଜା- ଗୋପାଳ, ବା- ନିଜଗାଁ | ୨୭୫୬/୩୪୫୦ | ଘରବାରି | ୦.୧୨ | ୦.୧୧ |
| ୧୦୮ | ୨୨୬/୮୩ | ମୀନା କୁମାରୀ ସାହୁ, ସ୍ୱା- ଉତ୍ତମ ଚରଣ ସାହୁ, ଜା- ତେଲି, ବା: ନିଜଗାଁ। | ୨୭୫୮/୩୩୭୮ | ଘରବାରି | ୦.୧୫ | ୦.୧୫ |
| ୧୦୯ | ୨୨୬/୮୪ | କୁଳମଣି ସାହୁ, କୃଷ୍ଣଚନ୍ଦ୍ର ସାହୁ, ଜା: ତେଲି, ବା: ଭଗାନଈ। | ୨୩୨୫ | ଶାରଦ-୨ | ୦.୦୩ | ୦.୦୩ |
| | | | ୨୩୨୮ | ଶାରଦ-୨ | ୦.୦୨ | ୦.୦୨ |
| ୧୧୦ | ୨୨୬/୮୬ | ସରଦା ସାହୁ, ସ୍ୱା: ଦାଶରଥି ସାହୁ, ଜା: ତେଲି, ବା: ଭଗାନଈ। | ୨୩୫୨ | ଶାରଦ-୨ | ୦.୦୪ | ୦.୦୪ |
| ୧୧୧ | ୨୨୬/୮୭ | ଚିନ୍ତାମଣି ସାହୁ, ନୀଳମଣି ସାହୁ, ପିତାମ୍ବର ସାହୁ, ପି- ଜୁଲେଇ ସାହୁ, ଜା- ତେଲି, ବା- ନିଜଗାଁ। | ୧୫୧୨ | ଶାରଦ-୨ | ୦.୧୨ | ୦.୦୧ |
| ୧୧୨ | ୨୨୬/୮୮ | ଡମଣୀ ବେଓ୍ୱା, ସ୍ୱା- କସ୍ତୁରୀ ଗିରି, ଜା- ତନ୍ତି, ବା- ମୁଗୁପୁର। | ୧୭୩୨ | ଶାରଦ-୨ | ୦.୦୫ | ୦.୦୨ |
| | | | ୧୭୩୩ | ଶାରଦ-୨ | ୦.୦୮ | ୦.୦୮ |
| | | | ୧୭୩୭ | ଶାରଦ-୨ | ୦.୦୩ | ୦.୦୩ |
| ୧୧୩ | ୨୨୬/୮୯ | ମୁରଲୀଧର ସାହୁ, ପି- ଚକରା ସାହୁ, ଜା- ତେଲି, ବା- ନିଜଗାଁ। | ୨୭୫୬/୩୪୨୯ | ଶାରଦ-୧ | ୦.୦୭ | ୦.୦୨ |
| ୧୧୪ | ୨୨୬/୯୫ | ଭାସ୍କର ସାହୁ, ପି- ରାମ ସାହୁ, ଜା- ତେଲି, ବା- ନିଜଗାଁ | ୧୭୯୨ | ଶାରଦ-୨ | ୦.୦୫ | ୦.୦୫ |
| ୧୧୫ | ୨୨୬/୯୭ | ରତ୍ନାକର ସାହୁ, କଳାକର ସାହୁ, ଗୟାଧର ସାହୁ, ପି- ରାମଚନ୍ଦ୍ର ସାହୁ, ଜା- ତେଲି, ବା- ନିଜଗାଁ। | ୨୮୩୯/୩୪୫୩ | ଶାରଦ-୧ | ୦.୧୦ | ୦.୧୦ |
| ୧୧୬ | ୨୨୬/୧୦୪ | କୁଳମଣି ସାହୁ, ପି- କୃଷ୍ଣଚନ୍ଦ୍ର ସାହୁ, ଜା- ତେଲି, ବା- ନିଜଗାଁ | ୧୭୮୯ | ଶାରଦ-୨ | ୦.୦୫ | ୦.୦୫ |
| | | | ୧୭୯୪ | ଶାରଦ-୨ | ୦.୦୨ | ୦.୦୨ |
| | | | ୨୩୧୩ | ଶାରଦ-୨ | ୦.୧୦ | ୦.୧୦ |
| | | | ୨୩୧୪ | ଶାରଦ-୨ | ୦.୧୩ | ୦.୧୩ |
| ୧୧୭ | ୨୨୬/୧୦୫ | କୃଷ୍ଣଚନ୍ଦ୍ର ସାହୁ, ମନମୋହନ ସାହୁ, ପି- କପିଳ ସାହୁ, ଜା-ତେଲି, ବା- ନିଜଗାଁ। | ୪୬୩ | ଶାରଦ-୧ | ୦.୧୧ | ୦.୦୨ |
| | | | ୨୩୦୦ | ଶାରଦ-୨ | ୦.୦୩ | ୦.୦୩ |
| | | | ୧୫୦୦/୩୪୬୨ | ଶାରଦ-୨ | ୦.୧୪ | ୦.୧୪ |
| ୧୧୮ | ୨୨୬/୧୦୬ | କଳ୍ପନା ମଣ୍ଡଳ, ସ୍ୱା- ବିଦ୍ୟାଧର ମଣ୍ଡଳ, ଜା- ଗୋଲାତନ୍ତି, ବା- ବେଳବାହାଲୀ। | ୪୬୨/୩୪୬୭ | ଶାରଦ-୧ | ୦.୧୦ | ୦.୧୦ |
| | | | ୧୭୨୪/୩୪୬୯ | ଶାରଦ-୨ | ୦.୦୪୫ | ୦.୦୧ |
| | | | ୧୭୨୫/୩୪୭୦ | ଶାରଦ-୨ | ୦.୦୩ | ୦.୦୧ |
| | | | ୧୭୨୬/୩୪୭୧ | ଶାରଦ-୨ | ୦.୦୩୫ | ୦.୦୧ |
| ୧୧୯ | ୨୨୬/୧୦୭ | ଅର୍ଜୁନ ସାହୁ, ପି- ଅଇଁଠୁ ସାହୁ, ଜା- ତେଲି, ବା- ଷଟତୀରା। | ୨୮୩୮/୩୪୬୪ | ଶାରଦ-୧ | ୦.୧୩ | ୦.୧୩ |
| ୧୨୦ | ୨୨୬/୧୧୦ | ଗୁରୁ ସାହୁ, ସ୍ୱା- ଡାହାଳ ସାହୁ, ଶୁକଦେବ ସାହୁ, ପାଂଚଲି ସାହୁ, ପି- ଡାହାଳ ସାହୁ, ଜା- ତେଲି, ବା- ନିଜଗାଁ। | ୧୭୯୩ | ଶାରଦ-୨ | ୦.୦୨ | ୦.୦୨ |
| ୧୨୧ | ୨୨୬/୧୧୨ | ପ୍ରଫୁଲ୍ଲ କୁମାର ସାହୁ, ଛବିନ୍ଦ୍ର କୁମାର ସାହୁ, କବିନ୍ଦ୍ର କୁମାର ସାହୁ, ପି- ଅର୍ଜୁନ ସାହୁ, ଜା- ତେଲି, ବା- ସଟତୀରା। | ୧୪୯୬/୩୪୭୩ | ଶାରଦ-୩ | ୦.୧୨ | ୦.୦୨ |
| ୧୨୨ | ୨୪୧ | ଅନନ୍ତ ଚରଣ ସାମଲ, ପି- ଅଭିନ ସାମଲ, ଜା- ଖଣ୍ଡାୟତ, ବା- ସଟତୀରା। | ୨୮୩୮ | ଶାରଦ-୧ | ୦.୦୫ | ୦.୦୫ |
| ୧୨୩ | ୨୪୩ | ଚଇତନ ସାମଲ, ପି- ବନା ସାମଲ, ଜା- ଖଣ୍ଡାୟତ, ବା- ସଟତୀରା। | ୨୮୩୬ | ଶାରଦ-୧ | ୦.୧୩ | ୦.୧୩ |
| ୧୨୪ | ୨୪୪ | ଚିନ୍ତାମଣି ସାହୁ, ପି- ଚେମେଇ ସାହୁ, ମୂଷି ସାହୁ, ସ୍ୱା- ଚେମେଇ ସାହୁ, ଜା- ତେଲି, ବା- ନିଜଗାଁ। | ୨୮୫୪ | ଶାରଦ-୧ | ୦.୦୭ | ୦.୦୫ |
| ୧୨୫ | ୨୪୮ | ଧରଣୀ ସାହୁ, ପି- ମୁଷେଇ ସାହୁ, ଜା- ତେଲି, ବା- ନିଜଗାଁ। | ୨୮୩୫ | ଶାରଦ-୧ | ୦.୦୬ | ୦.୦୬ |
| ୧୨୬ | ୨୫୧ | ବଂଶୀଧର ସାମଲ, ପି- ଶିବ ସାମଲ, ଜା- ଖଣ୍ଡାୟତ, ବା- ସଟତୀରା। | ୨୮୫୫ | ଶାରଦ-୧ | ୦.୦୭ | ୦.୦୫ |
| ୧୨୭ | ୨୫୬ | ରାମ ସାହୁ, ପି- ରଘୁ ସାହୁ, ଫଗୁ ସାହୁ, ପି- ବାସୁ ସାହୁ, ଜା-ତେଲି, ବା- ନିଜଗାଁ। | ୨୮୫୨ | ଶାରଦ-୧ | ୦.୦୨ | ୦.୦୨ |
| | | | ୨୮୫୩ | ଶାରଦ-୧ | ୦.୦୨ | ୦.୦୨ |
| | | | | | **୧୩୧.୮୭** | **୨୪.୪୫୫** |
| **ଗୋଚର ପ୍ରତିବଦଳ** | | | | | | |
| ୧୨୮ | ୨୪ | କାଙ୍ଗାଳି ବେହେରା, ପି: ରତନ ବେହେରା, ଜା: ରାଢ଼ୀ, ଅନୁ ସାହୁ, ପି: ନିଶେଇ ସାହୁ, ଜଗବନ୍ଧୁ ସାହୁ, ରଘୁ ସାହୁ, ପି: ବୁରୁନ୍ଦୁ ସାହୁ, ଶ୍ୟାମ ସାହୁ, ଚିନ୍ତା ସାହୁ, ବକଟି ସାହୁ, ପି: ଚନ୍ଦୁ ସାହୁ, ହାର ସାହୁ, ପାର ସାହୁ, ପି: ମୂଳିଆ ସାହୁ, ଜା: ତେଲି, ଶିବେଇ ସା, କ୍ଷେତ୍ର ସା, ଶଙ୍କର ସା, ମକର ସା, ପି: ସନେଇ ସା, ଜା: କୁମ୍ଭାର, ବା: ନିଜଗାଁ। | ୧୫୪୦ | ଶାରଦ-୨ | ୦.୦୫ | ୦.୦୪ |
| | | | ୧୫୪୩ | ଶାରଦ-୨ | ୦.୧୩ | ୦.୦୯ |
| | | | ୧୫୪୪ | ଶାରଦ-୨ | ୦.୧୩ | ୦.୧୨ |
| | | | ୧୫୪୬ | ଶାରଦ-୨ | ୦.୧୨ | ୦.୧୨ |
| | | | ୧୫୪୯ | ଶାରଦ-୨ | ୦.୦୭ | ୦.୦୭ |
| ୧୨୯ | ୬୮ | ଚେମା ସାହୁ, ଅପର୍ତି ସାହୁ, ସୁମତୀ ସାହୁ, ପି: ମକର ସାହୁ, ଜା: ତେଲି, ବା: ନିଜଗାଁ। | ୧୫୪୭ | ଶାରଦ-୨ | ୦.୧୨ | ୦.୧୨ |
| ୧୩୦ | ୧୨୮ | ପୁରନ୍ଦର ସାହୁ, ପି: ମୁଷେଇ ସାହୁ, ଚମ୍ପା ସାହୁ, ସ୍ୱା: ମୁଷେଇ ସାହୁ, ଜା: ତେଲି, ବା: ନିଜଗାଁ। | ୪୬୯ | ଶାରଦ-୨ | ୦.୦୮ | ୦.୦୭ |
| ୧୩୧ | ୧୩୭ | ବାବାଜୀ ସାହୁ, ପି: ଉଦ୍ଧବ ସାହୁ, ଜା: ତେଲି, ବା: ନିଜଗାଁ | ୧୫୪୧ | ଶାରଦ-୨ | ୦.୧୩ | ୦.୦୫ |
| | | | ୧୫୪୮ | ଶାରଦ-୨ | ୦.୦୬ | ୦.୦୬ |
| ୧୩୨ | ୨୧୩ | ସାଗର ସାହୁ, ପି: ଭଗି ସାହୁ, ଜା: ତେଲି, ମଲ୍ଲି ସାହୁ, ସ୍ୱା: ସୁଦୁରୀ ସାହୁ, ଜା: ତେଲି, ବା: ନିଜଗାଁ | ୪୭୦ | ଶାରଦ-୨ | ୦.୩୦ | ୦.୨୯ |
| ୧୩୩ | ୨୨୦ | ଶୁକଦେବ ସାହୁ, ବାଞ୍ଛାନିଧି ସାହୁ, ପି: ଭଗବାନ ସାହୁ, ବରଜୁ ସାହୁ, ପି: ରାମ ସାହୁ, ଜା: ତେଲି, ବା: ନିଜଗାଁ। | ୧୫୪୨ | ଶାରଦ-୩ | ୦.୦୮ | ୦.୦୮ |
| | | | ୧୫୪୫ | ଶାରଦ-୨ | ୦.୦୮ | ୦.୦୮ |
| ୧୩୪ | ୨୨୫ | ହନୁ ସାହୁ, ପି: ହରି ସାହୁ, ଜା: ତେଲି, ବା: ନିଜଗାଁ। | ୪୭୧ | ଶାରଦ-୨ | ୦.୧୦ | ୦.୧୦ |
| | | | | | | **୧.୨୯** |
| **ମୋଟ ଅଧିଗ୍ରହଣ ରକବା ଏ** | | | | | | **୨୫.୭୪୫** |

24001/14/0111/1920

## ସଂକ୍ଷେପରେ

### ହାଲ୍ ସୁଖୋଇ ପ୍ଲାଣ୍ଟରେ ବିସ୍ଫୋରଣ
## କମ୍ପ୍ରେସର ଫାଟି ଠିକା କର୍ମଚାରୀ ମୃତ

**କୋରାପୁଟ,୮।୮(ସ୍ୱ.ପ୍ର.):** କୋରାପୁଟ ଜିଲା ସୁନାବେଡ଼ାସ୍ଥିତ ହିନ୍ଦୁସ୍ତାନ ଏରୋନଟିକ୍ସ ଲିମିଟେଡ୍ (ହାଲ୍)ର ସୁଖୋଇ ପ୍ଲାଣ୍ଟରେ ଗୁରୁବାର ଅପରାହ୍ନରେ ବିସ୍ଫୋରଣ ଘଟିଛି। ଏଥିରେ ଜଣେ ଠିକା ଶ୍ରମିକଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଛି। ମୃତକ ହେଲେ ସୁନାବେଡ଼ାର ସୁଦାମ ମହାନ୍ତି। ଅପରାହ୍ନ ୩ଟା ବେଳେ ସୁଖୋଇ ପ୍ଲାଣ୍ଟରେ କମ୍ପ୍ରେସର ନିକଟରେ ସେ କାମ କରୁଥିବା ବେଳେ ହଠାତ୍ ତାହା ଫାଟିଯାଇଥିଲା। ଏଥିରେ ସୁଦାମଙ୍କ ଶରୀରର ପ୍ରାୟ ୯୦ ଭାଗ ପୋଡ଼ିଯାଇଥିଲା। ତାଙ୍କୁ ତୁରନ୍ତ ଚିକିତ୍ସା ପାଇଁ ସୁନାବେଡ଼ା ହାଲ୍ ମେଡିକାଲ ନିଆଯାଇଥିଲେ ମଧ ସେଠାରେ ତାଙ୍କୁ ମୃତ ଘୋଷଣା କରାଯାଇଥିଲା। ହାଲ୍ ମେଡିକାଲରେ ବ୍ୟବଚ୍ଛେଦ ପାଇଁ ମୃତଦେହ ରଖାଯାଇଛି। ମୃତକଙ୍କ ପରିବାର ଲୋକଙ୍କୁ ଆବଶ୍ୟକ କ୍ଷତିପୂରଣ ରାଶି ଦେବା ପାଇଁ ସ୍ଥାନୀୟ କର୍ମଚାରୀ ଦାବି କରିଛନ୍ତି। ଉଲ୍ଲେଖଯୋଗ୍ୟ, ଅଳ୍ପ ଦିନ ତଳେ କାମ କରୁଥିବା ବେଳେ ଅନ୍ୟ ଜଣେ ଠିକା କର୍ମଚାରୀ ମଧ ପୋଡ଼ିଯାଇ ଗୁରୁତର ହୋଇଥିଲେ।

## ମାଟିକାନ୍ଥ ତଳେ ଚାପିହୋଇ ବୃଦ୍ଧା ମୃତ

**ଜୟପୁର,୮।୮(ଡି.ଏନ୍.ଏ.):** ଜୟପୁର ସହର ଓ ଗ୍ରାମାଞ୍ଚଳରେ ଗତ ଦୁଇଦିନ ହେଲା ଲଗାଣ ବର୍ଷା ଯୋଗୁ ନିତିଦିନିଆ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଗତ ବୁଧବାର ବିଳମ୍ବିତ ରାତିରେ ଜୟପୁର ବ୍ଲକ ବାଲିଆ ପଞ୍ଚାୟତର ସୁନାନଗରଠାରେ ମାଟିକାନ୍ଥ ଭୁଶୁଡ଼ି ପଡ଼ିବାରୁ ତାହା ତଳେ ଚାପିହୋଇ ଜଣେ ବିଧବା ବୃଦ୍ଧାଙ୍କ ମୃତ୍ୟୁ ହୋଇଛି। ମୃତ ରଇଲା ପରଜା (୬୨) ଘରେ ଶୋଇଥିବା ବେଳେ ରାତି ଦୁଇଟାରେ କାନ୍ଥ ଭାଙ୍ଗିଯାଇ ତାଙ୍କ ଉପରେ ପଡ଼ିଥିଲା। ପଡ଼ୋଶୀ ଲୋକେ ତାଙ୍କୁ ଉଦ୍ଧାର କରିବା ବେଳେ ହାତ ଭାଙ୍ଗିଯାଇ ସେ ଗୁରୁତର ଥିଲେ। ଦୀର୍ଘ ସମୟ ଧରି ଆମ୍ବୁଲାନ୍ସ ନ ଆସିବାରୁ ଅଟୋରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟ ନିଆଯାଇଥିଲା। କୋରାପୁଟ ସ୍ଥାନାନ୍ତର କରିବା ପାଇଁ ଡାକ୍ତର ପରାମର୍ଶ ଦେବାର କିଛି ସମୟ ପରେ ରଇଲାଙ୍କ ମୃତ୍ୟୁ ହୋଇଥିଲା। ଆବାସ ଯୋଜନାରେ ତାଙ୍କ ପକ୍କାଘର ଦେବା ପାଇଁ ପଞ୍ଚାୟତ ଅଧିକାରୀ ଓ ଲୋକ ପ୍ରତିନିଧିଙ୍କୁ ବାରମ୍ବାର ଅନୁରୋଧ କରାଯାଇଥିଲା। ପଞ୍ଚାୟତ ତାଙ୍କୁ ଯୋଜନାରେ ସାମିଲ କରିଥିଲେ ଏପରି ଅଘଟଣ ଘଟି ନଥାନ୍ତା ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି।

## କାନ୍ଥ ଭୁଶୁଡ଼ି ଶିଶୁ ପୁତ୍ର ମୃତ
### ମା’, ଶିଶୁକନ୍ୟା ଗୁରୁତର

**ଆଠମଲ୍ଲିକ/ମାଧପୁର, ୮।୮:** ଅନୁଗୋଳ ଜିଲା କିଆକଟା ଥାନା ଅନ୍ତର୍ଗତ ହେଲେଇ ଗ୍ରାମରେ ବୁଧବାର ରାତିରେ ମାଟି କାନ୍ଥ ଭୁସୁଡ଼ି ଜଣେ ୨ ମାସର ଶିଶୁ ପୁତ୍ରର ମୃତ୍ୟୁ ଘଟିଛି। ଏଥିସହ ମା’ ଓ ୪ ବର୍ଷର ଶିଶୁ କନ୍ୟା ଗୁରୁତର ହୋଇଛନ୍ତି। ଘଟଣାରୁ ଜଣାପଡିଛି, ବୁଧବାର ରାତିରେ ପ୍ରବଳ ବର୍ଷା ହେଉଥିବାବେଳେ ସୁଶୀଲ ହାତୀଙ୍କ ସ୍ତ୍ରୀ ପୁଷ୍ପାଞ୍ଜଳି ପୁଅ ସିପୁନ ଓ ଝିଅ ପ୍ରିୟଙ୍କା ସହ ବାରଣ୍ଡାକୁ ଲାଗି ରହିଥିବା ଏକ ମାଟି ଘରେ ଦଉଡିଆ ଖଟରେ ଶୋଇଥିଲେ। ଏହି ସମୟରେ ହଠାତ୍ ମାଟି କାନ୍ଥ ଭାଙ୍ଗି ଉପରେ ପଡିଯିବାରୁ ଶିଶୁ ସିପୁନଙ୍କ ମୃତ୍ୟୁ ଘଟିଥିଲା। ଗୁରୁତର ଅବସ୍ଥାରେ ମା’ ଝିଅଙ୍କୁ ପ୍ରଥମେ ବୌଦ୍ଧ ଓ ପରେ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଆଠମଲ୍ଲିକ ବିଡିଓ ସଞ୍ଜୟ କୁମାର ଆଚାର୍ଯ୍ୟ, କିଆକଟା ଆର୍ଆଇ ବିପିନ କୁମାର ହୋତା, ସହକାରୀ ନିରୀକ୍ଷକ ପରେଶ ଚନ୍ଦ୍ର ପ୍ରଧାନ, କିଆକଟା ଥାନା ଅଧିକାରୀ ଅନାମ ଲାକ୍ରା ଘଟଣାସ୍ଥଳରେ ପହଞ୍ଚି ଘଟଣାର ଅନୁଧାନ କରିଥିଲେ। ଏ ନେଇ କିଆକଟା ଥାନାରେ ନଂ. ୩/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

# ବନ୍ୟାରେ ୯ ଜିଲାର ୧ଲକ୍ଷ ୩୦ ହଜାର ପ୍ରଭାବିତ

- ୩ ମୃତ, ୨ ନିଖୋଜ
- ୧୪,୩୨୨ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର
- କଳାହାଣ୍ଡିର ସର୍ବାଧିକ ୧୨ ବ୍ଲକ୍ ବନ୍ୟା କ୍ଷତିଗ୍ରସ୍ତ

**ଭୁବନେଶ୍ୱର,୮।୮(ବ୍ୟୁରୋ)**

ବନ୍ୟା ପରିସ୍ଥିତିକୁ ନେଇ ରାଜ୍ୟ ସରକାରଙ୍କ ତଥ୍ୟ ମୁତାବକ ୯ଟି ଜିଲା ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି। ରାୟଗଡ଼ା, କୋରାପୁଟ, ନବରଙ୍ଗପୁର, କନ୍ଧମାଳ, ଗଜପତି, ମାଲକାନାଗିରି, କଳାହାଣ୍ଡି, ବଲାଙ୍ଗୀର, ସମ୍ବଲପୁର ଜିଲା ବନ୍ୟାରେ ପ୍ରଭାବିତ ହୋଇଛି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, କଳାହାଣ୍ଡିର ସର୍ବାଧିକ ୧୨ଟି ବ୍ଲକ୍, ରାୟଗଡ଼ାର ୧୧, ମାଲକାନାଗିରିର ୬, କନ୍ଧମାଳର ୫, କୋରାପୁଟ ଓ ନବରଙ୍ଗପୁରର ୩ଟି ଲେଖାଁଏ ବ୍ଲକ୍, ଗଜପତି, ବଲାଙ୍ଗୀର ଓ ସମ୍ବଲପୁର ଜିଲାର ଗୋଟିଏ ଲେଖାଁଏ ବ୍ଲକ୍ ବନ୍ୟାରେ କ୍ଷତିଗ୍ରସ୍ତ ହୋଇଛି। ସେହିଭଳି କଳାହାଣ୍ଡିର ସର୍ବାଧିକ ୯୦,୧୬୨ ଲୋକ ବନ୍ୟାରେ ପ୍ରଭାବିତ ହୋଇଥିବା ବେଳେ ରାୟଗଡ଼ାର ୧୪,୬୪୫, ନବରଙ୍ଗପୁରର ୯,୧୨୦, ମାଲକାନାଗିରିର ୯,୨୫୫ ଓ ସର୍ବମୋଟ ରାଜ୍ୟର ୪୩ଟି ବ୍ଲକ୍‌ର ୧,୩୦,୦୭୨ ଲୋକ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛନ୍ତି। ମୋଟ ୨୦୮୧ଟି ଘର ଭାଙ୍ଗିଥିବା ବେଳେ ୧୪,୩୨୨ ଜଣ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ୯୫ଟି ରିଲିଫ୍ କ୍ୟାମ୍ପରେ ଲୋକଙ୍କୁ ରଖାଯାଇ ମାଗଣା ଖାଦ୍ୟ ଯୋଗାଇ ଦିଆଯାଉଛି। ଏପର୍ଯ୍ୟନ୍ତ ସୁଦ୍ଧା ୩ଜଣ ଲୋକଙ୍କର ମୃତ୍ୟୁ ଘଟିଥିବା ୨ଜଣ ନିଖୋଜ ଅଛନ୍ତି।

ରାୟଗଡ଼ା ଜିଲାର ୬୯ଟି ଗ୍ରାମ ପଞ୍ଚାୟତର ୧୪୫ଟି ଗ୍ରାମ ବନ୍ୟା ପ୍ରଭାବିତ ହୋଇଥିବା ବେଳେ ଏଠାରେ ଓଡ୍ରାଫ୍‌ର ଗୋଟିଏ ଟିମ୍ ଏବଂ ଅଗ୍ନିଶମର ୫ଟି ଟିମ୍ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଅଛନ୍ତି। କୋରାପୁଟର ୯ଟି ଗ୍ରାମ ପଞ୍ଚାୟତର ୧୬ଟି ଗ୍ରାମ ବନ୍ୟାଘେରରେ ଥିବାବେଳେ ୨୨୭୫ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି ଓ ବନ୍ୟାରେ ଜଣଙ୍କର ମୃତ୍ୟୁ ଘଟିଛି। ନବରଙ୍ଗପୁରର ୭ଟି ଗ୍ରାମପଞ୍ଚାୟତର ୧୮ଟି ଗ୍ରାମ ପ୍ରଭାବିତ ହୋଇଛି ଏବଂ ଏଠାରେ ଓଡ୍ରାଫ୍ ଓ ଅଗ୍ନିଶମର ଗୋଟିଏ ଗୋଟିଏ ଟିମ୍ ମୁତୟନ ହୋଇଛନ୍ତି। ପ୍ରାୟ ୫ ହଜାର ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। କନ୍ଧମାଳ ଜିଲାରେ ୮ଟି ଗ୍ରାମ ପଞ୍ଚାୟତର ୨୦ଟି ଗାଁ ପ୍ରଭାବିତ ହୋଇଥିବା ବେଳେ ଦିନା ମାଝି ନାମକ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ଜିଲାର ଆଉଜଣେ ବ୍ୟକ୍ତି ଏବେ ବି ନିଖୋଜ ଅଛନ୍ତି। ସେହିଭଳି ଗଜପତି ଜିଲାର ୪ଟି ଗାଁ, ମାଲକାନାଗିରିର ୨୦ଟି ଗ୍ରାମପଞ୍ଚାୟତର ୩୬ଟି ଗାଁ ବନ୍ୟାଘେରରେ ରହିଛି। ଯୋଗାଯୋଗ ବିଚ୍ଛିନ୍ନ ହୋଇଥିବା ଜୟପୁର, କାଲିମେଳା ଓ ସୁକମାକୁ ରାସ୍ତା ଖୋଲାଯିବା ସହ ବର୍ଷା କମିବା ଯୋଗୁ ଜଳସ୍ତର କମିଛି। କଳାହାଣ୍ଡି ଜିଲାର ୯୯ଟି ଗ୍ରାମପଞ୍ଚାୟତର ସର୍ବାଧିକ ୭୬୩ଟି ଗ୍ରାମ ବନ୍ୟା ପ୍ରଭାବିତ ହୋଇଛି। ବନ୍ୟା ଯୋଗୁ ଜିଲାରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଜଣେ ନିଖୋଜ ଅଛନ୍ତି। ୨ଟି ଓଡ୍ରାଫ୍ ଟିମ୍ ସହ ୨ଟି ଡାକ୍ତରୀ ଦଳ ଏଠାକୁ ପଠାଯାଇଛି। ୧୪ଟି ସ୍ଥାନରେ ରାସ୍ତା ପାଣିରେ ଧୋଇଯିବା ଯୋଗୁ ବିଭିନ୍ନ ଅଞ୍ଚଳକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ସେହିଭଳି ସମ୍ବଲପୁର ଜିଲାରେ ୯ଟି ଗ୍ରାମ ପାଣିଘେରରେ ରହିଥିବା ବେଳେ ବଲାଙ୍ଗୀର ଗୋଟିଏ ଗ୍ରାମ ବନ୍ୟା ପ୍ରଭାବିତ ହୋଇଛି।

### ମିଳିତ ସିଭିଲ-ମିଲିଟାରି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗଦେଲେ ଧର୍ମେନ୍ଦ୍ର
# ‘ମୋଦି ସରକାର ଉର୍ଜା କ୍ଷେତ୍ରରେ ବ୍ୟାପକ ସୁଧାର ଆଣିଛନ୍ତି’

**ଭୁବନେଶ୍ୱର,୮।୮(ବ୍ୟୁରୋ)**


ଲାଲ୍ ବାହାଦୁର ଶାସ୍ତ୍ରୀ ରାଷ୍ଟ୍ରୀୟ ପ୍ରଶାସନ ଏକାଡେମୀଠାରେ ମିଳିତ ସିଭିଲ-ମିଲିଟାରି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅଧିକାରୀଙ୍କ ସହ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ଭାରତର ସାଧାରଣ ନାଗରିକଙ୍କ ଇଜ୍ ଅଫ୍ ଲିଭିଙ୍ଗକୁ ସୁବିଧା କରିବା ପାଇଁ ମୋଦି ସରକାର ଉର୍ଜା କ୍ଷେତ୍ରରେ ଥିବା ସଂସ୍କାରରେ ବ୍ୟାପକ ସୁଧାର ଆଣିଛନ୍ତି ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଗୁରୁବାର ମସୌରୀର ଲାଲ୍ ବାହାଦୁର ଶାସ୍ତ୍ରୀ ରାଷ୍ଟ୍ରୀୟ ପ୍ରଶାସନ ଏକାଡେମୀଠାରେ ଆୟୋଜିତ ମିଳିତ ସିଭିଲ-ମିଲିଟାରି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗଦେଇ ଧର୍ମେନ୍ଦ୍ର କହିଛନ୍ତି, ବିଶ୍ୱ ଉର୍ଜା କ୍ଷେତ୍ରରେ ଭାରତକୁ ଏକ ପ୍ରେରକ ଶକ୍ତି ଭାବେ ଗଢିବା ପାଇଁ ଗୁରୁତ୍ୱ ଦିଆଯାଉଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଷ୍ଟିକୋଣରେ ଥିବା ଉର୍ଜା ନ୍ୟାୟ ଚାରୋଟି ସ୍ତମ୍ଭରେ ତିଆରି କରାଯାଇଛି। ସେଗୁଡିକ ହେଲା ଉର୍ଜାର ପହଞ୍ଚ, ଉର୍ଜା ଦକ୍ଷତା, ଉର୍ଜା ସ୍ଥିରତା ଏବଂ ଉର୍ଜାର ସୁରକ୍ଷା । ଆମ ନୀତିର ଯେଉଁ ଦିଗ ଅଛି, ସାମାଜିକ ପରିବର୍ତ୍ତନ ପାଇଁ ଉର୍ଜାକୁ ଏକ ଉପକରଣଭାବେ ବ୍ୟବହାର କରାଯାଇପାରିବ। ସେହିପରି ପ୍ରଧାନମନ୍ତ୍ରୀ ଉଜ୍ଜଳା ଯୋଜନା ବହୁପକ୍ଷ ଏଜେନ୍ସି ଦ୍ୱାରା ସଫଳତା ହାସଲ କରିଛି । ବିଶେଷଭାବେ ସୁରକ୍ଷିତ, ଶସ୍ତା ଏବଂ ସୁଲଭ ଉର୍ଜା ଉତ୍ପନ୍ନ କରିବାରେ ଭାରତୀୟ ମଡେଲ ଅନେକ ବିକାଶଶୀଳ ଦେଶ ଦ୍ୱାରା ଅନୁକରଣ କରାଯାଇପାରିବ ବୋଲି ଧର୍ମେନ୍ଦ୍ର କହିଛନ୍ତି ।



## ଜିଲା ଚିଠି
## ନୂଆପଡ଼ା

# ସୋସିଆଲ ଅଡିଟ୍ ଦିଗହରା

ସରକାରୀ ଯୋଜନା କେତେ ସଫଳ ହୋଇଛି ତାହା ସୋସିଆଲ ଅଡିଟ୍ କାର୍ଯ୍ୟକ୍ରମରୁ ଜଣାପଡେ। ଏହି ଅଡିଟ ଠିକ ଭାବେ ହେଲେ ଫଳାଫଳ ସାମ୍ନାକୁ ଆସେ। ହେଲେ ଯେଉଁଠି ପ୍ରଶାସନିକ ଅଧିକାରୀ ଏବଂ କାର୍ଯ୍ୟରେ ନିୟୋଜିତ କର୍ମଚାରୀ ମିଶି ଏହାକୁ ଭଣ୍ଡୁର କରିବାକୁ ଚକ୍ରାନ୍ତ କରନ୍ତି, ସେଠାରେ ଅଡିଟ୍ ଭିନ୍ନ ଦିଗକୁ ଯାଏ। ସରକାର ଦୀର୍ଘ ବର୍ଷ ଧରି ସାମାଜିକ ସୁରକ୍ଷା ଯୋଜନା ଏବଂ ଏମ୍‌ଜିଏନ୍‌ଆରଇଜିଏସ୍ ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିଆସୁଛନ୍ତି। ତା’ର ସଫଳତା ଜାଣିବାକୁ ବର୍ତ୍ତମାନ ସରକାରଙ୍କ ଚେତା ପଶିଛି। ହେଲେ ସୋସିଆଲ ଅଡିଟ କରି ତା’ର ସଫଳତା ମାପିଲାବେଳକୁ ନେଡିଗୁଡ କହୁଣିକୁ ବହିଯାଇଛି। ଏଥିରେ କୁଆଡେ ଆମୂଳଚୂଳ ସମ୍ପୃକ୍ତ ରହିଥିବା ଆଶଙ୍କା କରି ପ୍ରଶାସନିକ ଅଧିକାରୀମାନେ ନାକ ଟେକୁଛନ୍ତି। ଏଥିପାଇଁ ରାଜ୍ୟ ସରକାର ସ୍ୱତନ୍ତ୍ର ସୋସିଆଲ ଅଡିଟ ବିଭାଗ ସଂସ୍ଥାପନ କରି ବିଭିନ୍ନ ପର୍ଯ୍ୟାୟରେ ଅଡିଟ ଚଳାଇଛନ୍ତି। ହେଲେ ଅଡିଟ କାର୍ଯ୍ୟକ୍ରମ ଆରମ୍ଭ ହେଲାବେଳକୁ ଅନିୟମିତତାର ଗନ୍ଧ ବାରି ହୋଇଯାଉଛି। ପ୍ରଥମତଃ ଅଡିଟ କାର୍ଯ୍ୟକ୍ରମକୁ ଲୋକାଭିମୁଖୀ କରିବାକୁ ଗାଁରେ ଡେଙ୍ଗୁରା ପିଟିବା, ଗାଁ ମଝିରେ ନୋଟିସ ଟାଙ୍ଗିବା ସହ ବହୁଳ ପ୍ରସାରିତ ଖବର କାଗଜରେ ବିଜ୍ଞାପନ ଦେବାର ନିୟମ ରହିଛି। ହେଲେ ଅଧିକାରୀମାନେ ଚକ୍ରାନ୍ତ କରି ସବୁଠାରୁ କମ ପ୍ରସାରିତ ହେଉଥିବା ହାତ ଗଣତି କେତୋଟି ଖବରକାଗଜରେ ବିଜ୍ଞାପନ ଦେଇ ଦାୟିତ୍ୱ ଖସାଇ ଦେଉଛନ୍ତି। କୌଣସି ଗାଁରେ ଡେଙ୍ଗୁରା ନ ପିଟି ନାଁକୁ ମାତ୍ର ପଞ୍ଚାୟତ ବୋର୍ଡରେ ନୋଟିସ ଝୁଲାଇ ପରବର୍ତ୍ତୀ ସମୟରେ ତାକୁ କାଢ଼ି ଫୋପାଡି ଦିଆଯାଉଛି। ଏହି କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟରେ ସୋସିଆଲ ଅଡିଟ ବିଭାଗର ସ୍ୱେଚ୍ଛାସେବୀମାନେ ଅଧିକାରୀମାନଙ୍କଠାରୁ ତାଲିକା ଧରି ଗାଁକୁ ଗାଁ ବୁଲି ସର୍ଭେ କରିଥିବାବେଳେ ସେଥିରେ ବହୁ ନକଲି କାରବାର ପଦାକୁ ଆସିଥିବା ଚର୍ଚ୍ଚା ହେଲା। ହେଲେ ପରବର୍ତ୍ତୀ ସମୟରେ ଏହାକୁ ନେଇ ଜିଲାବ୍ୟାପୀ ଏକକାଳୀନ ଗ୍ରାମସଭା ହୋଇଥିଲା। ଗତ ମାସ ୨୯ ତାରିଖରେ ଜିଲାର ୩୩ଟି ଗ୍ରାମପଞ୍ଚାୟତରେ ଗ୍ରାମସଭାରେ ଅଡିଟ ହୋଇଥିଲା। ହେଲେ ବିନା ପାଟିତୁଣ୍ଡରେ ତାହା ଶେଷ ହେଲା। ଏଥିରେ କାଁ ଭାଁ ଗାଁର କେତେଜଣ ଶିକ୍ଷିତ ଗ୍ରାମବାସୀ ଯୋଗଦେଇଥିଲେ। ଏଥିରୁ ଅଡିଟ କାର୍ଯ୍ୟକ୍ରମ କେମିତି ହୋଇଥିବ ତାହା ସହଜେ ଅନୁମାନ କରିହେବ। ଲିକ୍ ହୋଇଥିବା ଏକ ତଥ୍ୟରୁ ଜଣାପଡିଛି, ଜିଲାରେ ମୃତକଙ୍କ ନାଁରେ ଟଙ୍କା ଉଠାଣ ହୋଇଛି। ଜିଲାବ୍ୟାପୀ ୫ଟି ବ୍ଲକରେ ୨୮ ହଜାର ୧୦୦ ଟଙ୍କା ଉଠାଣ କରି ଆତ୍ମସାତ କରାଯାଇଥିବା ସର୍ଭେରୁ ଜଣାପଡିଛି। ଏହା କେବଳ ଗୋଟିଏ ବର୍ଷର ତଥ୍ୟ। ଏହା ସାମାଜିକ ସୁରକ୍ଷା କାର୍ଯ୍ୟକ୍ରମର ରୂପାୟନର ଏକ ନମୁନା ମାତ୍ର। ଏହିଭଳି ସର୍ଭେ ରିପୋର୍ଟରେ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ମଧ୍ୟ ସବୁ ନୀତିନିୟମକୁ ଉଲ୍ଲଂଘନ କରାଯାଇଥିବା ସ୍ପଷ୍ଟ ହୋଇଛି। ଗ୍ରାମସଭାରେ ଏହା ଉପରେ କାର୍ଯ୍ୟାନୁଷ୍ଠାନ ନେଇ ପ୍ରସ୍ତାବ ଆସିବା କଥା। ହେଲେ ଗ୍ରାମସଭାରେ ଏହା ଉପରେ କୌଣସି ପ୍ରସ୍ତାବ ଆସିନାହିଁ। ସରକାର ସୋସିଆଲ ଅଡିଟ ନାଁରେ ବିଶେଷ ପ୍ରସ୍ତୁତି ହେଉଥିବା କୁହାଯାଉଛି। ହେଲେ ଏହାକୁ କାର୍ଯ୍ୟକାରୀ କରୁଥିବା ବ୍ଲକ ତଥା ଜିଲାସ୍ତରୀୟ ଅଧିକାରୀମାନଙ୍କ ଏଥିପାଇଁ ମାନସିକତା ରହିବା ଦରକାର। ସମ୍ପୃକ୍ତ ବିଭାଗ ଜିଲାବ୍ୟାପୀ ବେସରକାରୀ ସ୍ୱେଚ୍ଛାସେବୀଙ୍କୁ ଲଗାଇ କାମ କରୁଛି। ଏଥିରେ ପ୍ରଶାସନିକ ଅଧିକାରୀମାନଙ୍କ ସମ୍ପୃକ୍ତି ଖାପଛଡା ଲାଗୁଥିବାରୁ ଏହା ଦିଗହରା ହେଲା ଭଳି ଲାଗୁଛି।

– ଘନଶ୍ୟାମ ଭୋଇ

# କାର୍ଯ୍ୟକ୍ଷମ ହେବ ଜୟପୁର ‘ସେବା ପେପର ମିଲ୍’

**ମିଳିବ ସରକାରୀ ସହାୟତା**

**ଭୁବନେଶ୍ୱର,୮।୮(ବ୍ୟୁରୋ)**

କୋରାପୁଟ ଜିଲାର ଜୟପୁର ନିକଟସ୍ଥ ସେବା ପେପର ମିଲ୍‌କୁ କାର୍ଯ୍ୟକ୍ଷମ କରାଯିବ। ଏ ନେଇ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଗୁରୁବାର ସଚିବାଳୟରେ ଅନୁଷ୍ଠିତ ହୋଇଯାଇଛି। ଶିଳ୍ପ ଓ ଏମ୍ଏସ୍ଏମ୍ଇ ଏବଂ ଗୃହ ବିଭାଗୀୟ ମନ୍ତ୍ରୀ କ୍ୟାପ୍ଟେନ ଦିବ୍ୟଶଙ୍କର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ଏହି ବୈଠକରେ ମିଲ୍ ସହ ଜଡିତଥିବା ପଦାଧିକାରୀ ଯୋଗ ଦେଇଥିଲେ। ବୈଠକରେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ନିଜ ବକ୍ତବ୍ୟରେ ବିଭିନ୍ନ ସମସ୍ୟା ସମ୍ପର୍କରେ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତାରା କହିଥିଲେ ଯେ, ପ୍ରାୟ ୧୦,୦୦୦ ଶ୍ରମିକ ଓ କର୍ମଜୀବୀ ଏହି ‘ସେବା ପେପର ମିଲ୍’ ଉପରେ ନିର୍ଭର କରି ସେମାନଙ୍କ ପରିବାରର ଭରଣପୋଷଣ କରୁଥିଲେ । ୧୯୮୪ ମସିହାରୁ ଚାଲୁ ରହିଥିବା ମିଲ୍‌ଟି ବନ୍ଦ ହେବା ଫଳରେ ଅନେକ ସମସ୍ୟା ଦେଖାଯାଉଛି । ତେଣୁ ଏହାକୁ କାର୍ଯ୍ୟକ୍ଷମ କରିବା ଜରୁରୀ ହୋଇପଡିଥିବା ତାରା କହିଥିଲେ। ସେହିପରି ସେବା ପେପର ମିଲ୍‌ର ଉଚ୍ଚ କର୍ତ୍ତୃପକ୍ଷଙ୍କ ପକ୍ଷରୁ ମଧ ସମସ୍ୟା ସମ୍ପର୍କରେ ଉପସ୍ଥାପନ କରାଯାଇଥିଲା। ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ସଂପୃକ୍ତ ବିଭାଗୀୟ ସମସ୍ତ ସଚିବମାନଙ୍କ ସହ ଆଲୋଚନା କରି ଆବଶ୍ୟକ ପଦକ୍ଷେପ ନେବାକୁ କହିଥିଲେ। ସେହିପରି କଞ୍ଚାମାଲ ଯୋଗାଇବା ଦିଗରେ ଜଙ୍ଗଲ ଓ ପରିବେଶ ବିଭାଗ, ଜଳଯୋଗାଣ ଦିଗରେ ଜଳସମ୍ପଦ ବିଭାଗ, ବିଦ୍ୟୁତ ଯୋଗାଇବା ଦିଗରେ ଶକ୍ତି ବିଭାଗ ଏବଂ ସହଯୋଗ ପାଇଁ ଅନ୍ୟାନ୍ୟ ସମସ୍ତ ବିଭାଗ ସଜାଗ ରହିଥିବା ବିଭାଗୀୟ ସଚିବମାନେ ମତ ରଖିଥିଲେ। ମିଲ୍ କର୍ତ୍ତୃପକ୍ଷଙ୍କୁ ଏକ ‘ପ୍ରକଳ୍ପ ପ୍ରସ୍ତାବ’ ସରକାରଙ୍କଠାରେ ଉପସ୍ଥାପନ କରିବାକୁ କୁହାଯାଇଛି। ସରକାର ଖୁବ୍‌ଶୀଘ୍ର ଏକ କମିଟି ଗଠନ କରି ପ୍ରକଳ୍ପ ପ୍ରସ୍ତାବକୁ ତର୍ଜମା କରି ପଦକ୍ଷେପ ଗ୍ରହଣ କରିବେ ବୋଲି କୁହାଯାଇଛି।

ସେହିପରି କୋରାପୁଟ ଜିଲା ୧୫ ମେଗାୱାଟ ଡୁମାଝରୀ ପରିବେଶ ଅନୁକୂଳ ନବୀକରଣ ଯୋଗ୍ୟ ପ୍ରକଳ୍ପଟି କାର୍ଯ୍ୟକ୍ଷମ ଯେପରି ହୋଇପାରିବ ସେଥିପାଇଁ ସରକାର ପଦକ୍ଷେପ ନେବେ ବୋଲି ଜଣାପଡ଼ିଛି। ଅନ୍ୟମାନଙ୍କ ମଧ୍ୟରେ ବୈଠକରେ ଜଳସମ୍ପଦ ପ୍ରମୁଖ ଶାସନ ସଚିବ ପ୍ରଦୀପ ଜେନା, ଜଙ୍ଗଲ ଓ ପରିବେଶ ବିଭାଗର ସ୍ୱତନ୍ତ୍ର ସଚିବ ଡ. ଏସ୍. ପଣ୍ଡା, ଶିଳ୍ପ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୀବ ଚୋପ୍ରା, ଶକ୍ତି ବିଭାଗ ଶାସନ ସଚିବ ହେମନ୍ତ କୁମାର ଶର୍ମା, ଗୃହ ବିଭାଗ ସ୍ୱତନ୍ତ୍ର ସଚିବ ଡ. ସନ୍ତୋଷ ବାଲା ଏବଂ ସଂପୃକ୍ତ ବିଭାଗର ସମସ୍ତ ଉଚ୍ଚପଦସ୍ଥ ଅଧିକାରୀ ଉପସ୍ଥିତ ଥିଲେ ।

# ଇନ୍ଦ୍ରାବତୀ ଜଳଭଣ୍ଡାରର ୨ ଗେଟ୍ ଖୋଲିଲା

**ତେନ୍ତୁଲିଖୁଣ୍ଟି,୮।୮(ଡି.ଏନ.ଏ)**


ଇନ୍ଦ୍ରାବତୀ ଜଳଭଣ୍ଡାରରୁ ବର୍ଷା ଜଳ ନିଷ୍କାସିତ ହେଉଛି।

ନବରଙ୍ଗପୁର ଜିଲା ଇନ୍ଦ୍ରାବତୀ ଜଳଭଣ୍ଡାରର ଦେଓପାଲି ବନ୍ଧର ୨ଟି ଗେଟ୍ ଗୁରୁବାର ଖୋଲାଯାଇଛି। ଦେଓପାଲି ବନ୍ଧର ୨ ନଂ ଓ ୬ ନଂ ଗେଟ୍ ଖୋଲାଯାଇଛି। ୨ ନଂ ଗେଟରେ ୧୮୦ ଘନମିଟର ଓ ୬ ନଂ ଗେଟ୍‌ରେ ୨୪୦ ଘନମିଟର ଜଳ ନିଷ୍କାସିତ ହେଉଛି। ଜଳଭଣ୍ଡାର ମଧ୍ୟକୁ ୨୫୪.୯୫ ଘନମିଟର ଜଳ ପ୍ରବେଶ କରୁଛି। ଗେଟ୍ ଖୋଲା ଯିବା ପୂର୍ବରୁ ଜଳଭଣ୍ଡାରର ଜଳପତ୍ତନ ୬୩୯.୮୦ ମିଟର ରହିଥିଲା। ନିର୍ବାହୀ ଯନ୍ତ୍ରୀ ଲମ୍ବୋଦର ପ୍ରଧାନଙ୍କ ଉପସ୍ଥିତିରେ ଗେଟ୍ ଖୋଲା ଯାଇଥିଲା। ଗେଟ୍ ଖୋଲା ଯିବା ପୂର୍ବରୁ ଛତିଶଗଡ ରାଜ୍ୟର ବସ୍ତର ଜିଲାପାଳ, ନବରଙ୍ଗପୁର ଜିଲାପାଳ, କୋରାପୁଟ ଜିଲାପାଳଙ୍କୁ ଅବଗତ କରାଯାଇଥିଲା। ଗେଟ୍ ଖୋଲା ଯିବା ପରେ ସ୍ଥିତିର ସମୀକ୍ଷା ପାଇଁ ନବରଙ୍ଗପୁର ଜିଲାପାଳ ଅଜିତ କୁମାର ମିଶ୍ର, ବିଡିଓ ଅକ୍ଷମିତା କାର୍ତ୍ତିକ, ତେନ୍ତୁଲିଖୁଣ୍ଟି ତହସିଲଦାର ପ୍ରଦୀପ କରଙ୍କ ସହ ଆଲୋଚନା କରାଯାଇଥିଲା।


କୋରାପୁଟ ଜିଲା ଅନକାଡେଲି ସ୍ଥିତ ମାଛକୁଣ୍ଡ ଡ୍ୟାମ୍‌ରୁ ଗୁରୁବାର ୨୫ କେଜି ଓଜନର ମାଛ ଧରାଯାଇଛି।

# ଓଡ଼ିଶା ସ୍ୱଳ୍ପ ସଞ୍ଚୟ ପ୍ରୋତ୍ସାହନ ଯୋଜନା ‘ଏକ୍ୟୁ’ର ଶୁଭାରମ୍ଭ

**ଭୁବନେଶ୍ୱର,୮।୮(ବ୍ୟୁରୋ)**

ଓଡ଼ିଶା ସ୍ୱଳ୍ପ ସଞ୍ଚୟ ପ୍ରୋତ୍ସାହନ ଯୋଜନା ‘ଏକ୍ୟୁ’ ସିରିଜର ଶୁଭାରମ୍ଭ ହୋଇଛି। ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କ ଅନୁମୋଦନ କ୍ରମେ ରାଜ୍ୟ ସରକାରଙ୍କ ୨୦୧୯ ବର୍ଷ ପାଇଁ ଓଡ଼ିଶା ସଞ୍ଚୟ ପ୍ରୋତ୍ସାହନ ଯୋଜନା ‘ଏକ୍ୟୁ’ (ଅଖ) ସିରିଜ୍‌ର ପ୍ରଚଳନ କରିଛନ୍ତି । ଏହି ଯୋଜନା ଅନ୍ତର୍ଗତ ସ୍ୱଳ୍ପ ସଞ୍ଚୟ ଜମାକାରୀମାନଙ୍କୁ ୱେବ୍ ଉତ୍ପନ୍ନ ମାଗଣା ପ୍ରୋତ୍ସାହନ କୁପନର ବିତରଣ ପ୍ରକ୍ରିୟା ଚଳିତ ମାସ ୫ ତାରିଖରୁ ଆରମ୍ଭ ହୋଇଛି। ଏହା ୨୦୨୦ ଫେବୃୟାରୀ ୨୯ ପର୍ଯ୍ୟନ୍ତ ବଳବତ୍ତର ରହିବ ବୋଲି କୁହାଯାଇଛି।

ସେହିପରି ଜମାକାରୀମାନେ ଓଡ଼ିଶାସ୍ଥିତ ଯେକୌଣସି ଡାକଘର ବା ବ୍ୟାଙ୍କଗୁଡ଼ିକରେ ସ୍ୱଳ୍ପ ସଞ୍ଚୟ ଯୋଜନା ଅନ୍ତର୍ଗତ କିଷାନ ବିକାଶ ପତ୍ର, ସୁକନ୍ୟା ସମୃଦ୍ଧି ଯୋଜନା, ବରିଷ୍ଠ ନାଗରିକ ସଞ୍ଚୟ ଯୋଜନା, ଜାତୀୟ ସଞ୍ଚୟ ସାର୍ଟିଫିକେଟ୍‌ର ଅଷ୍ଟମ ଇସ୍ୟୁ, ପବ୍ଲିକ୍ ପ୍ରୋଭିଡେଣ୍ଟ ଫଣ୍ଡ, ଡାକଘର ମାସିକ ଆୟ ଯୋଜନା, ଜାତୀୟ ସଞ୍ଚୟ ମାସିକ ଆୟ ଯୋଜନା, ଡାକଘର ପୌନଃପୁନିକ ଜମା/ଜାତୀୟ ସଞ୍ଚୟ ପୌନଃପୁନିକ ଜମା ଏବଂ ପାଞ୍ଚ ବର୍ଷିଆ ଡାକଘର ଅବଧି ଜମା/ପାଞ୍ଚ ବର୍ଷିଆ ଜାତୀୟ ସଞ୍ଚୟ ଅବଧି ଜମା ରଖିଛନ୍ତି। ଉପରୋକ୍ତ ଯୋଜନାଗୁଡ଼ିକରେ ଅନ୍ୟୂନ ୨୦୦୦ ଟଙ୍କା ଚଳିତ ବର୍ଷରେ (ଜାନୁୟାରୀ ୧ରୁ ଡିସେମ୍ବର ୩୧ ତାରିଖ ମଧ୍ୟରେ) ନିବେଶ କରିବେ, ସେମାନେ ଚାହିଁଲେ ଏହି ଯୋଜନାରେ ଅଂଶଗ୍ରହଣ କରିପାରିବେ। ଏଥିରେ ପ୍ରତ୍ୟେକ ୨୦୦୦ ଟଙ୍କା ଜମାରାଶି ପିଛା ଗୋଟିଏ ମାଗଣା କୁପନ ଆବଣ୍ଟନ କରାଯିବାର ବ୍ୟବସ୍ଥା ରହିଛି। ଏହି କୁପନ ସମସ୍ତ ଜିଲାପାଳ, ଉପଜିଲାପାଳ ଏବଂ ବିଡିଓଙ୍କ କାର୍ଯ୍ୟାଳୟରେ ଉପଲବ୍ଧ। ଏହି ଯୋଜନାରେ ରାଜ୍ୟସ୍ତରୀୟ ଉଠାଣ ୨୦୨୦ ଫେବୃୟାରୀ ୨୯ରେ ଭୁବନେଶ୍ୱରଠାରେ ଅନୁଷ୍ଠିତ ହେବ। ଏଥିରେ ସମୁଦାୟ ୭ଟି ବର୍ଗରେ ୭୪ ଲକ୍ଷ ଟଙ୍କା ମୂଲ୍ୟର ୨୪୨୮ ଗୋଟି ପୁରସ୍କାର କରାଯିବ। ଏହି ଯୋଜନାର ପ୍ରଥମ ପୁରସ୍କାରର ମୂଲ୍ୟ ୫ ଲକ୍ଷ ଟଙ୍କା ହୋଇଥିବାବେଳେ ସପ୍ତମ ପୁରସ୍କାରର ମୂଲ୍ୟ ୨୦୦୦ ଟଙ୍କା ରଖାଯାଇଛି। ୨୦୧୭ରେ ୭୬,୪୫,୦୩୨ ସଂଖ୍ୟକ କୁପନ ବିତରଣ ହୋଇଥିବାବେଳେ ୨୦୧୮ରେ ୮୮,୬୬,୭୧୭ ସଂଖ୍ୟକ କୁପନ ସ୍ୱଳ୍ପସଞ୍ଚୟ ଜମାକାରୀମାନଙ୍କ ଦ୍ୱାରା ସଂଗୃହୀତ ହୋଇଛି।



# ‘ସୁମର ସିଂ ଡାଏରିଜ୍’ରେ ଅଭିନୟ କରିବେ କରିସ୍ମା ଶର୍ମା

ମୁମ୍ବାଇ: ଅଭିନେତ୍ରୀ କରିସ୍ମା ଶର୍ମା ଡ୍ରାମା ସିରିଜ୍ ‘ସୁମର ସିଂ ଡାଏରିଜ୍’ରେ ଅଭିନୟ କରିବାକୁ ଯାଉଛନ୍ତି। ସେ ପୂର୍ବରୁ ‘ପବିତ୍ର ରିସ୍ତା’ ଏବଂ ’ୟେ ହୈ ମୋହବତେଁ’ ସିରିୟଲରେ ଅଭିନୟ ପାଇଁ ବେଶ୍ ପରିଚିତ। ତେବେ ଆଗାମୀ ସିରିୟଲ୍‌ର ଶୁଟିଂ ପାଇଁ ସେ ବେଶ୍ ଖୁସି ଥିବା ପ୍ରକାଶ କରିଛନ୍ତି। ଏଥିରେ କରିସ୍ମାଙ୍କ ସହ ମୁଖ୍ୟ ଚରିତ୍ରରେ ଅଭିନୟ କରିବେ ରଣବିଜୟ ସିଂ। ‘ସୁମର ସିଂ ଡାଏରିଜ୍’ରେ ଅଂଶଗ୍ରହଣ କରିଥିବାରୁ କରିସ୍ମା ଅତ୍ୟନ୍ତ ଉତ୍ସାହିତ ଥିବା କହିଛନ୍ତି। ଉକ୍ତ ସିରିୟଲ୍‌ର କାହାଣୀ ଖୁବ୍ ମନୋମୁଗ୍ଧକର। ଉକ୍ତ ସିରିୟଲ୍‌ରେ ଦର୍ଶକମାନେ କରିଶ୍ମାଙ୍କର ସମ୍ପୂର୍ଣ୍ଣ ନୂଆ ଶୈଳୀର ଅଭିନୟ ଦେଖିବାକୁ ପାଇବେ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ରଣବିଜୟ ସିଂଙ୍କ ସହ ଅଭିନୟ କରିବାକୁ ଯାଉଥିବାରୁ କରିସ୍ମା ବେଶ୍ ଖୁସି ଥିବା ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ୨୧ରେ ବ୍ଲକ ଅଧ୍ୟକ୍ଷ ଉପନିର୍ବାଚନ

**କୁଆମରା,୮।୮(ଡି.ଏନ୍.ଏ.):** ଗୋପବନ୍ଧୁ ନଗର ବ୍ଲକ ଅଧ୍ୟକ୍ଷ ଉପ ନିର୍ବାଚନ ଆସନ୍ତା ୨୧ ତାରିଖରେ ଅନୁଷ୍ଠିତ ହେବ। ରାଜ୍ୟ ନିର୍ବାଚନ କମିଶନଙ୍କ ଚିଠିନଂ.୨୦୩୪ ଅନୁସାରେ ଏଥିନେଇ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ବ୍ଲକ ରାଜନୀତି ସରଗରମ ହୋଇ ଉଠିଛି। ୨୧ ତାରିଖ ପୂର୍ବାହ୍ନ ୧୦ଟାରୁ ୧୧ଟା ମଧ୍ୟରେ ପ୍ରାର୍ଥିପତ୍ର ଦାଖଲ, ୧୧ଟାରୁ ୧୧ଟା ୩୦ ମଧ୍ୟରେ ପ୍ରାର୍ଥିପତ୍ର ଯାଞ୍ଚ ଏବଂ ୧୨ଟା ୩୦ରେ ଭୋଟ ଗ୍ରହଣ ହେବ। କପ୍ତିପଦା ବିଡିଓ ନିର୍ବାଚନ ଅଧିକାରୀ ଭାବେ ଦାୟିତ୍ୱରେ ରହିବେ। ବ୍ଲକର ମୋଟ ୧୩ଟି ପଞ୍ଚାୟତ ମଧ୍ୟରୁ ଏବେ ୧୨ଟି ପଞ୍ଚାୟତର ସମିତି ସଭ୍ୟାସଭ୍ୟଙ୍କୁ ନେଇ ଏହି ନିର୍ବାଚନ ଅନୁଷ୍ଠିତ ହେବ। ଆରପଟା, ଜୟପୁର, ଶିଳଘାଟୀ, କୁଶଳଦା, ଚିଟିଆ,ସାନଖୁଣ୍ଟା, ପଶୁଦା ଆଦି ୭ଟି ପଞ୍ଚାୟତରେ ସମିତି ସଭ୍ୟା ଥିବା ବେଳେ କୁଆମରା, ସାଇଁକୁଳା, ପୁରୁଣା ବାରିପଦା, ଭଣ୍ଡାଗାଁ ଓ ରାଣୀବନ୍ଧ ପଞ୍ଚାୟତରେ ସମିତି ସଭ୍ୟ ଅଛନ୍ତି। ଅଧ୍ୟକ୍ଷ ଆସନଟି ଏସଟି ବର୍ଗଙ୍କ ପାଇଁ ସଂରକ୍ଷିତ ରହିଛି। ଉଲ୍ଲେଖ ଯୋଗ୍ୟ ଯେ, ୨୦୧୭ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ବରଡିହି ପଞ୍ଚାୟତର ସମିତି ସଭ୍ୟା ଭାବେ ବିଜୟୀ ହୋଇଥିବା ଅଞ୍ଜୁ ଖଣ୍ଡେଇ ବ୍ଲକ ଅଧ୍ୟକ୍ଷା ନିର୍ବାଚିତ ହୋଇଥିଲେ। ତେବେ ୨୦୧୯ ଜାନୁଆରୀ ୧୨ ତାରିଖରେ ତାଙ୍କର ମୃତ୍ୟୁ ଘଟିବା ପରେ ୮ ମାସ ହେଲା ଅଧ୍ୟକ୍ଷ ପଦବୀ ଖାଲି ପଡ଼ିଥିଲା।

### ୨ ଶହ ହିତାଧିକାରୀଙ୍କୁ ଆବାସ କାର୍ଯ୍ୟାଦେଶ

**ରାସଗୋବିନ୍ଦପୁର,୮।୮(ଡି.ଏନ.ଏ):** ରାସଗୋବିନ୍ଦପୁର ବ୍ଲକ ପରିସରସ୍ଥିତ ରାଜୀବ ଗାନ୍ଧି ସେବାକେନ୍ଦ୍ରଠାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) କାର୍ଯ୍ୟାଦେଶ ବଣ୍ଟନ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଡିଓ ଲଳିତକୁମାର ସୋରେଙ୍ଗଙ୍କ ଆବାହକତ୍ୱରେ ଆୟୋଜିତ ଶିବିରରେ ମୋରଡା ବିଧାୟକ ରାଜକିଶୋର ଦାସ, ବ୍ଲକ ଅଧ୍ୟକ୍ଷ କୁନା ହାଁସଦା, ଉପାଧ୍ୟକ୍ଷା କ୍ଷଣପ୍ରଭା ମହାନ୍ତି, ୪୭ନଂ ଜୋନ ଜିଲାପରିଷଦ ସଦସ୍ୟ ମିନତୀ ପାତ୍ର, ବ୍ଲକସଭାପତି ବିଜୟ କୁମାର ପରିଡ଼ା, ଦେବଶୋଳ ସମିତି ସଦସ୍ୟ ହେମନ୍ତକୁମାର ରାଉଳ ପ୍ରମୁଖ ଯୋଗ ଦେଇଥିଲେ। ଏହି ଶିବିରରେ ବ୍ଲକ ଅନ୍ତର୍ଗତ ୧୬ଟି ପଞ୍ଚାୟତର ୨ଶହରୁ ଅଧିକ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଜେଡି ଜିଲା ସାଧାରଣ ସମ୍ପାଦକ ଉତ୍ତମକୁମାର ମହାନ୍ତି, ସାରୁମଲା ସରପଞ୍ଚ ଲକ୍ଷ୍ମଣ ସିଂ, ହରେକୃଷ୍ଣ ନାୟକ, ବଳରାମ ଧଳ, ମୀନକେତନ ମହାନ୍ତି, ଅରୁଣକୁମାର ମହାନ୍ତି, ବିନୋଦବିହାରୀ ଦାସ, ଲିଙ୍ଗରାଜ ପରିଡା, ଅଭିରାମ ପଟ୍ଟନାୟକ, ଜୟନ୍ତ ବେହେରା, ଜଗନ୍ନାଥ ଦାସ ପ୍ରମୁଖ ନେତୃସ୍ଥାନୀୟ ବ୍ୟକ୍ତି ଉପସ୍ଥିତ ଥିଲେ।

### ପିଇଓ, ଜିଆରଏସ୍ଙ୍କ କଲମଛାଡ଼ ଆନ୍ଦୋଳନ

ରାଇରଙ୍ଗପୁର,୮।୮(ଡି.ଏନ୍.ଏ.)- ମୟୂରଭଞ୍ଜ ଜିଲା କୁସୁମୀ ବ୍ଲକ ଅନ୍ତର୍ଗତ ମୟୁରଦର ପଞ୍ଚାୟତ କାର୍ଯ୍ୟାଳୟରେ ପଞ୍ଚାୟତ ନିର୍ବାହୀ ଅଧିକାରୀ(ପିଇଓ) ଏବଂ ଗ୍ରାମ ରୋଜଗାର ସେବକ( ଜିଆରଏସ୍)ଙ୍କୁ କେତେକ ଗ୍ରାମବାସୀ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଏହି ଘଟଣାର ପ୍ରତିବାଦ ଜଣାଇ ଦୋଷୀଙ୍କୁ ଗିରଫ ଦାବିରେ ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତର ପିଇଓ ଏବଂ ଜିଆରଏସଙ୍କ ପକ୍ଷରୁ ଗୁରୁବାର କଲମଛାଡ ଆନ୍ଦୋଳନ ଆନ୍ଦୋଳନ ସହ ବ୍ଲକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ବିଡିଓ ଜୟକୃଷ୍ଣ ପାତ୍ର ସେମାନଙ୍କୁ ବୁଝାସୁଝା କରିବା ପରେ ଅନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

### ଉଦ୍ଧାର ହେଲା ବୃଦ୍ଧାଙ୍କ ମୃତଦେହ

**ରାଇରଙ୍ଗପୁର,୮।୮(ଡି.ଏନ୍.ଏ.):** ବାଦାମପାହାଡ ଥାନା ଯୋରଦା ପଞ୍ଚାୟତ ଅନ୍ତର୍ଗତ ରାଇପଡା ଗ୍ରାମ୍ୟ ରାସ୍ତା ପାର୍ଶ୍ୱ ଏକ ଗଛରୁ ଝୁଲନ୍ତା ଅବସ୍ଥାରେ ଜଣେ ବୃଦ୍ଧାଙ୍କ ମୃତଦେହ ଗୁରୁବାର ପୋଲିସ ଉଦ୍ଧାର କରିଛି। ମୃତା ବୃଦ୍ଧା ଜଣକ ହେଲେ ଏହି ଥାନା ଅନ୍ତର୍ଗତ ବଣକାଣ୍ଡ ଗ୍ରାମର ଧାନ ଟୁଡୁ (୬୨)। ଏଥିନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୧୫/୧୯) ରୁଜୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ପୋଲିସ ତଦନ୍ତ ଜାରି ରଖିଛି। ବୃଦ୍ଧାଙ୍କ ମୃତ୍ୟୁର କାରଣ ଜଣାପଡି ନାହିଁ।

■ ଉଦଳା-ବାରିପଦା ବସ୍ ଚଳାଚଳ ନେଇ ବିବାଦ ୫ମ ଦିନରେ

# ଜିଲାପାଳଙ୍କୁ ଭେଟିଲା ଉଦଳା ବସ୍ ମାଲିକ ସଂଘ

■ ଖୁବ ଶୀଘ୍ର ବିବାଦର ସମାଧାନ ହେବ କହିଲେ ଜିଲାପାଳ
■ ଯାତ୍ରୀ ଭୋଗୁଛନ୍ତି ହୀନସ୍ତା

ଉଦଳା,୮।୮(ଡି.ଏନ୍.ଏ.)

ଉଦଳା ଏବଂ ବାରିପଦା ବସ୍ ମାଲିକ ସଂଘ ମଧ୍ୟରେ ବସଷ୍ଟାଣ୍ଡରେ ରୟାଲଟି ଆଦାୟକୁ ନେଇ ସୃଷ୍ଟି ହୋଇଥିବା ବିବାଦ ପଞ୍ଚମ ଦିନରେ ପହଞ୍ଚିଛି। ଫଳରେ ବସ୍ ଚଳାଚଳ ବନ୍ଦ ରହିଥିବାରୁ ବର୍ଷାଋତୁରେ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଗୁରୁବାର ଉଦଳା ବସ୍ ମାଲିକ ସଂଘର କର୍ମକର୍ତ୍ତାମାନେ ଜିଲାପାଳଙ୍କୁ ଭେଟି ଲିଖିତ ଅଭିଯୋଗ ଦେବା ସହିତ ଏହାର ସମାଧାନ ପାଇଁ ଦାବି କରିଛନ୍ତି । ଜିଲାପାଳ ବିନୀତ ଭରଦ୍ୱାଜ ଏ ସମ୍ପର୍କରେ ଖୁବ୍ ଶୀଘ୍ର ସମାଧାନ କରାଯିବ ବୋଲି କହିଛନ୍ତି। ଉଲ୍ଲେଖ ଯୋଗ୍ୟ ଯେ, ଗତ ୩ ସପ୍ତାହ ପୂର୍ବରୁ ଉଦଳା ଏବଂ ବାରିପଦା ବସ୍ ମାଲିକ ସଂଘ ମଧ୍ୟରେ ବସଷ୍ଟାଣ୍ଡରେ ରୟାଲଟି ଆଦାୟକୁ ନେଇ ବସ୍ ଚଳାଚଳରେ ବିବାଦ ସୃଷ୍ଟି ହୋଇଥିଲା। ସେତେବେଳେ ବିବାଦର ସମାଧାନ ପାଇଁ ଜିଲାପାଳ ହସ୍ତକ୍ଷେପ କରିଥିଲେ ଏବଂ ଖୁବଶୀଘ୍ର ଘଟଣାର ସ୍ଥାୟୀ ସମାଧାନ ହେବ ବୋଲି ପ୍ରତିଶ୍ରୁତି ଦେବା ପରେ ଉଦଳା-ବାରିପଦା ବସ୍ ଚଳାଚଳ ସ୍ୱାଭାବିକ ହୋଇଥିଲା। ଏବେ ପୁଣି ବିବାଦ ଦେଖାଦେଇଛି । ବାରମ୍ବାର ବସ୍ ଚଳାଚଳ ନେଇ ବିବାଦ ସୃଷ୍ଟି ହେଉଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ଖୁବଶୀଘ୍ର ଜିଲା ପ୍ରଶାସନ ଏବଂ ଉପଖଣ୍ଡ ପ୍ରଶାସନର ମିଳିତ ଉଦ୍ୟମରେ ଏହାର ସ୍ଥାୟୀ ସମାଧାନ କରିବା ନିମନ୍ତେ ସାଧାରଣରେ ଦାବି ହୋଇଛି ।

## ଦ୍ୱାରଶୁଣି ଘାଟିରେ ୫୦ ଫୁଟ ତଳକୁ ଖସିଲା ଟ୍ରକ



ଘାଟିରୁ ତଳକୁ ଖସି ପଡିଥିବା ଟ୍ରକ।

**ବାଙ୍ଗିରିପୋଷି,୮।୮(ଡି.ଏନ୍.ଏ.)**

ବାଙ୍ଗିରିପୋଷି ଥାନା ଅନ୍ତର୍ଗତ ଦ୍ୱାରଶୁଣି ଘାଟିର ପ୍ରଥମ ବାଙ୍କରେ କଲିକତା ଅଭିମୁଖେ ଯାଉଥିବା ଏକ ସ୍ପଞ୍ଜ ରୋଲ ବୋଝେଇ ଟ୍ରକ ଭାରସାମ୍ୟ ହରାଇ ରାସ୍ତାରୁ ୫୦ ଫୁଟ ତଳକୁ ଖସି ପଡିଛି। ଏହି ଦୁର୍ଘଟଣାରେ ଟ୍ରକ ଚାଳକ ଗୁରୁତର ଆହତ ହୋଇଛନ୍ତି। ବାଙ୍ଗିରିପୋଷି ପୋଲିସ ଓ ଦମକଳ ବାହିନୀର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଆହତ ଟ୍ରକ ଚାଳକଙ୍କୁ ଉଦ୍ଧାର କରି ବାଙ୍ଗିରିପୋଷି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ । ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବାରିପଦାସ୍ଥିତ ପିଆରଏମ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

## ବାରିପଦା ମହାବିଦ୍ୟାଳୟରେ ସ୍ୱଚ୍ଛତା ପକ୍ଷ ପାଳନ

ବାରିପଦା ଅଫିସ,୮।୮




କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅଧ୍ୟାପକ ଓ ଛାତ୍ରୀମାନେ।

ମୟୂରଭଞ୍ଜ ଜିଲା ଭଞ୍ଜପୁର ସ୍ଥିତ ବାରିପଦା ମହାବିଦ୍ୟାଳୟର ଯୁକ୍ତ ୨ ଓ ଯୁକ୍ତ ୩ ବିଭାଗର ଜାତୀୟ ସେବା ଯୋଜନା ତରଫରୁ ସ୍ୱଚ୍ଛତା ପକ୍ଷ ପାଳନ ହୋଇଯାଇଛି। କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପିକା ନିରୂପମା ନାୟକ, ଅଧ୍ୟାପିକା ଅଳି ପଣ୍ଡା, ଅଧ୍ୟାପକ ସରୋଜ ବେହେରା, ଅଧ୍ୟାପକ ପ୍ରଶାନ୍ତ କୁମାର ମହାନ୍ତି ଓ ଧନଞ୍ଜୟ ସାହୁଙ୍କ ଉପସ୍ଥିତିରେ ମହାବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ରଙ୍କୁ ନେଇ ଏକ ସାମୂହିକ ଶପଥ ପାଠ କରାଯାଇଥିଲା। ଏହା ସହିତ ମହାବିଦ୍ୟାଳୟ ପରିସରକୁ ପଲିଥିନ ମୁକ୍ତ କରିବା ପାଇଁ ଅଧ୍ୟକ୍ଷ ଡ.ତରୁଣ କୁମାର ଓଝା ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ପରେ ମହାବିଦ୍ୟାଳୟର ପାଠାଗାରକୁ ସଫାସୁତୁରା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଡ.ଅଶୋକ ପ୍ରିୟଦର୍ଶୀ, ଅଧ୍ୟାପକ ସଞ୍ଜୟ କୁମାର ଖୁଣ୍ଟିଆ, ଅଧ୍ୟାପକ ରାଜେଶ କୁମାର ଷଡଙ୍ଗୀ, ଅଧ୍ୟାପକ ଅଟଳ କୁମାର ମହାନ୍ତ ଓ ତାପସ କୁମାର ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

## ପୋଖରୀରୁ ଯୁବକଙ୍କ ମୃତଦେହ ଉଦ୍ଧାର

ବଡ଼ସାହି,୮।୮(ସ୍ୱ.ପ୍ର.)

ମୟୂରଭଞ୍ଜ ଜିଲା ବଡ଼ସାହି ଥାନା ଅନ୍ତର୍ଗତ ଛେଳିଆ(କ) ପଞ୍ଚାୟତ ବିଦ୍ୟାଧରପୁର ଗ୍ରାମ ପୋଖରୀରୁ ଗୁରୁବାର ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତ ଯୁବକ ଜଣକ ହେଲେ ସେହି ଗ୍ରାମର ଜଳଧର ବାଘ(୪୦)। ପରିବାର ଲୋକଙ୍କ କହିବା ଅନୁଯାୟୀ, ୩ ଦିନ ପୂର୍ବେ ଜଳଧର ଗ୍ରାମ ଜଙ୍ଗଲକୁ ଛେଳି ଚରାଇବାକୁ ଯାଇ ଘରକୁ ଫେରି ନ ଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରି ମଧ୍ୟ ତାଙ୍କୁ ପାଇ ନ ଥିଲେ। ତେବେ ଗୁରୁବାର ସକାଳେ ଜଳଧରଙ୍କ ମୃତଦେହ ଗାଁ ପୋଖରୀରେ ଭାସୁଥିବା ଦେଖିବାକୁ ମିଳିଥିଲା। ଗ୍ରାମବାସୀଙ୍କଠାରୁ ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଜଳଧରଙ୍କ ମୃତ୍ୟୁକୁ ନେଇ ସାଧାରଣରେ ସନ୍ଦେହ ଉପୁଜି ଥିବାବେଳେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ତଦନ୍ତକାରୀ ଅଧିକାରୀ କହିଛନ୍ତି।

## ଓଷ୍ଟାର ବ୍ଲକ୍‌ସ୍ତରୀୟ ସାଧାରଣ ବୈଠକ

**କପ୍ତିପଦା,୮।୮(ଡି.ଏନ୍.ଏ.)**

କପ୍ତିପଦା ବ୍ଲକ୍ ଓଷ୍ଟା ସଂଗଠନର ଏକ ସାଧାରଣ ବୈଠକ କପ୍ତିପଦା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ତଥା ଓଷ୍ଟାର ପୂର୍ବତନ ସଭାପତି ଅମୀୟ ରଞ୍ଜନ ଦାସ ଏଥିରେ ସଭାପତିତ୍ୱ କରଥିଲେ। ବୈଠକରେ ଓଷ୍ଟାର ଜିଲା ସମ୍ପାଦକ ଭରତ ଚନ୍ଦ୍ର ବରାଳ ନୂତନ ସରକାରୀ ବିଦ୍ୟାଳୟରେ ଥିବା କର୍ମଚାରୀମାନଙ୍କର ଚାକିରି ୧:୧ ଅନୁପାତ ତଥା ପଦନ୍ନୋତି, ପୂର୍ଣ୍ଣ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡ଼ିକୁ ସରକାରୀକରଣ ଏବଂ ନୂତନ ସରକାରୀ ବିଦ୍ୟାଳୟଗୁଡ଼ିକରେ ଥିବା ନୂତନ ଦରମା, ଏଚ୍ଆର୍ଏମଏସ୍ ପଞ୍ଜୀକରଣ, ଇପିଏଫ୍ ଜମାରାଶି, ସପ୍ତମ ବେତନ ସୁପାରିଶ ତଥା ଚାକିରି ସର୍ତ୍ତାବଳୀ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଆସନ୍ତା ଅଗଷ୍ଟ ୧୬ ତାରିଖରେ ଅନ୍ୟ ଏକ ବୈଠକରେ ବ୍ଲକ୍‌ର ସମସ୍ତ ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟର କର୍ମଚାରୀ ଯୋଗଦେବା ପାଇଁ ଆହ୍ୱାନ ଜଣାଇଥିଲେ। ବ୍ଲକ୍ ସମ୍ପାଦକ ନାରାୟଣ ବେହେରା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂଗଠନର ଉପସଭାପତି ମନୋରଞ୍ଜନ ଦାଶ, ଶାନ୍ତନୁ କୁମାର ବିନ୍ଧାଣୀ, ଜ୍ୟୋତ୍ସ୍ନାରାଣୀ ମହାପାତ୍ର, ରମେଶ ଚନ୍ଦ୍ର ରାଉଳ, ଅଞ୍ଜନ କୁମାର ନାୟକ, ଦେବେନ୍ଦ୍ର ପାତ୍ର, ବିଜୟ କୁମାର ନାୟକ, ସୁନୀଲକାନ୍ତ ପାଢ଼ୀ ପ୍ରମୁଖ ଯୋଗଦେଇ ନିଜ ନିଜର ମତ ରଖିଥିଲେ। ଶେଷରେ ସଂଗଠନର ଅନ୍ୟତମ ସଦସ୍ୟ ସୁଦର୍ଶନ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

## ଧାନତଳି ରୁଆ ଯନ୍ତ୍ରର କ୍ଷେତ୍ର ପ୍ରଦର୍ଶନ

ବାରିପଦା ଅଫିସ,୮।୮




କାର୍ଯ୍ୟକ୍ରମରେ ଉପସ୍ଥିତ ବିଭାଗୀୟ ଅଧିକାରୀ ବୃନ୍ଦ।

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଅଧୀନସ୍ଥ ଅତ୍ୟାଧୁନିକ କୃଷି ଯନ୍ତ୍ରପାତିର ତାଲିମ ଓ କ୍ଷେତ୍ର ପ୍ରଦର୍ଶନ ନେଇ ଭିତ୍ତିଭୂମୀର ବିକାଶ ଓ ଶସକ୍ତୀକରଣ ଶୀର୍ଷକ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା ପ୍ରକଳ୍ପ ତରଫରୁ ଶାମାଖୁଣ୍ଟାସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର-୧ ଠାରେ ବିଭିନ୍ନ ପ୍ରକାରର ସ୍ୱୟଂ ଶକ୍ତି ଚାଳିତ ଧାନ ତଳି ରୁଆଯନ୍ତ୍ରର କ୍ଷେତ୍ର ପ୍ରଦର୍ଶନ କରାଯାଇଛି। ଏଥିରେ ୪ ଧାଡିଆ, ୬ ଧାଡିଆ, ୮ ଧାଡିଆ ସ୍ୱୟଂ ଶକ୍ତି ଚାଳିତ ଧାନ ତଳି ରୁଆ ଯନ୍ତ୍ରର କ୍ଷେତ୍ରପ୍ରଦର୍ଶନ ହୋଇଥିଲା। ପ୍ରକଳ୍ପର ଉପମୁଖ୍ୟ ନିରୀକ୍ଷକ ପ୍ରଫେସର ସଂଗ୍ରାମ କେଶରୀ ସ୍ୱାଇଁ ଉପସ୍ଥିତ ରହି ଚାଷୀମାନଙ୍କୁ ଏହି ସବୁ ଅତ୍ୟାଧୁନିକ ଯନ୍ତ୍ରଗୁଡିକର ବ୍ୟବହାର, ରକ୍ଷଣାବେକ୍ଷଣ ଓ ଉପଯୋଗିତା ସମ୍ବନ୍ଧରେ ସବିଶେଷ ବିବରଣୀ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ କୃଷି ବିଜ୍ଞାନ କେନ୍ଦ୍ର-୧ ଓ ୨ ର ମୁଖ୍ୟ ବୈଜ୍ଞାନିକ ଡ.ସଂଘମିତ୍ରା ପଟ୍ଟନାୟକ ଓ ଡ.ଦୀପକ କୁମାର ମହାନ୍ତି ପରିଚାଳନା କରିଥିଲେ। ଇଂ. ପ୍ରଦୀପ କୁମାର ବେହେରା ଓ ତରୁଣକାନ୍ତ ନାୟକ ଏଥିରେ ସହଯୋଗ କରିଥିଲେ।

## ଅବକାରୀ ଚଢ଼ାଉ, ୨ ମହିଳାଙ୍କ ସମେତ ୪ ଗିରଫ

**ଖୁଣ୍ଟା,୮।୮(ଡି.ଏନ୍.ଏ.)**

ଖୁଣ୍ଟା ଅବକାରୀ ବିଭାଗ ପକ୍ଷରୁ ଗୁରୁବାର ଭୋର ସମୟରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ମହୁଲି ମଦ ଓ ପୋଚ ଜବତ କରାଯାଇଛି। ଏହି ବେଆଇନ ମହୁଲି ମଦ ପ୍ରସ୍ତୁତି ଓ କାରବାରରେ ଲିପ୍ତ ଥିବା ୨ ମହିଳାଙ୍କ ସମେତ ୪ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ରଙ୍ଗାମାଟିଆ ଗ୍ରାମର ରାମ ସୋରେନ ଓ ବୁଧୁରାମ ସୋରେନ, ବାନ୍ଧଗଡ଼ା ଗ୍ରାମର ଚାପି ମୁର୍ମୁ ଓ ନହରା ଗ୍ରାମର ସମବାରୀ ସିଂ। ଅଭିଯୁକ୍ତମାନଙ୍କଠାରୁ ମୋଟ ୨୩ ଲିଟର ମହୁଲି ମଦ ଓ ୯୦ କିଲୋ ପୋଚ ଜବତ କରାଯାଇଛି। ଖୁଣ୍ଟା ଅବକାରୀ ଅଧିକାରୀ ସଚିନ ବେହେରାଙ୍କ ନେତୃତ୍ୱରେ ଅନ୍ୟ କର୍ମଚାରୀମାନେ ଏହି ଚଢ଼ାଉରେ ସାମିଲ ଥିଲେ ।

## ୨୯ ୟୁନିଟ ରକ୍ତ ସଂଗ୍ରହ




ରକ୍ତଦାତା ଓ ଅତିଥିବୃନ୍ଦ।

ବାରିପଦା ଅଫିସ,୮।୮

ରେଡ୍‌କ୍ରସ୍ ସହଯୋଗରେ ଗୋଦ୍ରେଜ ଆଣ୍ଡ ବୋୟେଶ ତରଫରୁ ସୁନଗଡ଼ିଆସ୍ଥିତ କାର୍ଯ୍ୟାଳୟରେ ଗୁରୁବାର ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ପାୱାର ଗ୍ରୀଡର ମୁଖ୍ୟ ଅଧିକାରୀ ଶାନ୍ତନୁ କୁମାର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଶିବିରରେ ମୋଟ ୨୯ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ପ୍ରୋଜେକ୍ଟ ମ୍ୟାନେଜର ଶ୍ରୀନିବାସ ବିଶୋୟୀ, ଦିନେଶ ମାଝି, ଭେଙ୍କଟ ରମଣ, ଅଶ୍ୱିନୀ ମିଶ୍ର ଓ ସୁରକ୍ଷା ଅଧିକାରୀ ପ୍ରଶାନ୍ତ କୁମାର ସାହୁଙ୍କ ମିଳିତ ତତ୍ତ୍ୱାବଧାନରେ ଶିବିର ପରିଚାଳିତ ହୋଇଥିଲା।

## ଉତ୍ତମ ଚରିତ୍ର ଗଠନ ଲାଗି ଛାତ୍ରୀଛାତ୍ରଙ୍କୁ ପରାମର୍ଶ

ବାରିପଦା ଅଫିସ,୮।୮

ବାରିପଦା ସହର ଉପକଣ୍ଠ ବାହାଦୁରପୁରସ୍ଥିତ ଡିଭାଇନ ଇଞ୍ଜିନିୟରିଂ କଲେଜରେ ଏକ ଲାଇଫ ସ୍କିଲ୍ ସେମିନାର ଅନୁଷ୍ଠିତ ହୋଇଯାଇଛି। ଡିଭାଇନର ନିର୍ଦ୍ଦେଶକ ଇଂ. ବିପ୍ଳବ ଭଞ୍ଜନ ବୁଗୁଡେଇଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ସେମିନାରରେ ଆସୟୋର ହେଲ୍‌ଥ ଗ୍ରୁପର ଚିଫ ମ୍ୟାନେଜିଂ ଡାଇରେକ୍ଟର ଅନୀଶ କୋଠା, ଡାଇରେକ୍ଟର ରାଜେଶ କୁମାର, ଉତ୍ତର ମଣ୍ଡଳ ମୁଖ୍ୟ ଗୌତମ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ। ପ୍ରତିଯୋଗିତାତ୍ମକ ଚିନ୍ତାଧାରାର ସଫଳ ରୂପାୟନ ଓ ନିଜକୁ ଠିକ ପରିଚାଳନା ସମ୍ପର୍କରେ ଅତିଥିମାନେ ଗୁରୁତ୍ୱାରୋପ କରି ଛାତ୍ରୀଛାତ୍ରମାନଙ୍କୁ ନିଜ ବ୍ୟକ୍ତିତ୍ୱର ବଶବର୍ତ୍ତୀ ନ ହୋଇ ନିଜସ୍ୱ ଚରିତ୍ରର ନିର୍ମାଣ ଦିଗକୁ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ଡିଭାଇନର ଅଧ୍ୟକ୍ଷ ଇଂ. ଅଭିନ୍ନ କୁମାର ଦାସଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାବେଳେ କଲେଜର ସିଷ୍ଟମ ଆଡମିନିଷ୍ଟ୍ରେଟର ସନ୍ଦୀପ କୁମାର ନନ୍ଦ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ।

## 'ଲୋକ ସାହିତ୍ୟରେ ଜଗନ୍ନାଥ' ଆଲୋଚନାଚକ୍ର



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ବାରିପଦା ଅଫିସ,୮।୮

ସାହିତ୍ୟ ସଂସ୍କୃତିବିକାଶ ମଞ୍ଚ ପକ୍ଷରୁ 'ଲୋକ ସାହିତ୍ୟରେ ଜଗନ୍ନାଥ' ସମ୍ପର୍କିତ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମଞ୍ଚର ସଭାପତି ଡ.ସରୋଜ କୁମାର ନାୟକ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ସାହିତ୍ୟିକ ବୃନ୍ଦାବନ ଚନ୍ଦ୍ର ଦାସ, ମୁଖ୍ୟବକ୍ତା ଭାବେ ଜଗନ୍ନାଥ ସାହିତ୍ୟ ଗବେଷକ ଡ.ସଞ୍ଜୀବ କୁମାର ପାଣିଗ୍ରାହୀ ଏବଂ ସମ୍ମାନିତ ଅତିଥି ଭାବେ ବାରିପଦା ଗୋପବନ୍ଧୁ ସାହିତ୍ୟ ସଂସଦର ସମ୍ପାଦକ ଭାରତ ଶିକ୍ଷାରତ୍ନ ଅମିତାଭ ମିଶ୍ର ଓ ସାହିତ୍ୟିକା ରାଜଲକ୍ଷ୍ମୀ ତ୍ରିପାଠୀ ଯୋଗଦେଇ ଲୋକ ସାହିତ୍ୟରେ ମହାପ୍ରଭୁ ଶ୍ରୀ ଜଗନ୍ନାଥ ଯୁଗେ ଯୁଗେ ଧରି କିପରି ଗୁରୁତ୍ୱ ବହନ କରି ଆସିଛନ୍ତି ସେ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ବିଶିଷ୍ଟ ଅତିଥି ଭାବେ ବାରିପଦା ମହାବିଦ୍ୟାଳୟର ଭାଷା ସାହିତ୍ୟ ବିଭାଗର ମୁଖ୍ୟ ନିରୁପମା ନାୟକ ଯୋଗଦେଇ ବିଷୟବସ୍ତୁର ସମୀକ୍ଷା କରିଥିଲେ। ପ୍ରାରମ୍ଭରେ କବୟିତ୍ରୀ ସୁନିତା ରାଣୀ ଅତିଥି ପରିଚୟ ପ୍ରଦାନ କରିବା ସହିତ ସ୍ୱାଗତ ଭାଷଣ ଦେଇଥିଲେ। ଅନୁଷ୍ଠାନର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଏହି ଅବସରରେ ମଞ୍ଚ ତରଫରୁ ଡ.ପାଣିଗ୍ରାହୀଙ୍କୁ ସମ୍ମାନୀତ କରାଯାଇଥିଲା। ଏସପି ଜ୍ୟୋତି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବା ବେଳେ ମିସନ ସାଇନ୍ସ ଏକାଡେମୀର ନିର୍ଦ୍ଦେଶକ ଅଧ୍ୟାପକ ଅଶୋକ କୁମାର ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ।

■ ଗ୍ରାମୀଣ ଗୃହ ନିର୍ମାଣ ଯୋଜନା ଦିଗହରା

# ଭଙ୍ଗା ଘରେ ଅସହାୟ ମହିଳା

କପ୍ତିପଦା,୮।୮(ଡ଼ି.ଏନ୍.ଏ.)



ଭଙ୍ଗା ଘର ସମ୍ମୁଖରେ ଅସହାୟ ଦଶମା ବେୱା।

ସରକାର ଦାରିଦ୍ର୍ୟ ସୀମାରେଖା ତଳେ ଥିବା ହିତାଧିକାରୀମାନଙ୍କୁ ଗ୍ରାମୀଣ ଗୃହ ନିର୍ମାଣ ଯୋଜନାରେ ପକ୍କା ଘର ଯୋଗାଇ ଦେବାକୁ ନିୟମ କରିଛନ୍ତି। ପ୍ରକୃତ ହିତାଧିକାରୀ କିପରି ଏହି ଯୋଜନାରେ ସାମିଲ ହେବେ ସେଥିନେଇ ପ୍ରତି ପଞ୍ଚାୟତରେ ଗ୍ରାମସଭା ଓ ପଲ୍ଲିସଭା ମାଧ୍ୟମରେ ତାଲିକା ପ୍ରସ୍ତୁତ କରାଯାଉଛି। ମାତ୍ର ଏହି ଯୋଜନା କପ୍ତିପଦା ବ୍ଲକ୍‌ରେ ସମ୍ପୂର୍ଣ୍ଣ ଦିଗହରା ହୋଇଛି। ଏହି ବ୍ଲକର ଅଧିକାଂଶ ପଞ୍ଚାୟତରେ ହିତାଧିକାରୀଙ୍କ ନାମ ଗ୍ରାମସଭା ସଭା ତାଲିକାରେ ଥିଲେ ମଧ୍ୟ ଘର କରିଦେବୁ କହି ସେମାନଙ୍କଠାରୁ ୧୦ରୁ ୨୦ ହଜାର ଟଙ୍କା ପର୍ଯ୍ୟନ୍ତ ଆଦାୟ କରାଯାଉଥିବା ଜଣେ ହିତାଧିକାରୀ ନାମ ଗୋପନ ରଖି କହିଛନ୍ତି। ପ୍ରକୃତ ହିତାଧିକାରୀ ଏହି ଯୋଜନାରୁ ବାଦ ପଡୁଥିବା ବେଳେ ଥିଲାବାଲା ଏହି ଯୋଜନାର ଫାଇଦା ନେଉଛନ୍ତି। ଏଥିରେ କେତେକ ସରକାରୀ ଅଧିକାରୀଙ୍କ ପ୍ରଚ୍ଛନ୍ନ ହାତଥିବା ଅଭିଯୋଗ ହେଉଛି। ଏପରି ଏକ ଘଟଣା ଦେଖିବାକୁ ମିଳିଛି କପ୍ତିପଦା ବ୍ଲକ୍ ଅଧୀନ ଲାବଣ୍ୟଦେଇପୁର ପଞ୍ଚାୟତ ଡିପାସାହି ଗ୍ରାମରେ । ଏହି ଗ୍ରାମର ବିଧବା ମହିଳା ଦଶମା ବେୱା (୭୦) ଅସହାୟ ଭାବେ ଜୀବନ ବିତାଉଛନ୍ତି। ତାଙ୍କ ପୁଅ ଥିଲେ ମଧ୍ୟ ସେ ପରିବାର ନେଇ ଅନ୍ୟତ୍ର ରହୁଛନ୍ତି। ମାସକୁ ରାଶନକାର୍ଡରେ ୫ କିଲୋ ଚାଉଳ ଓ ୫୦୦ଟଙ୍କା ଭତ୍ତା ହିଁ ତାଙ୍କର ସାହାରା । ଏହା ସରିଗଲେ ପରିଣତ ବୟସରେ ପର ଘରେ ମୂଲ ନ ଲାଗିଲେ ଦଶମାଙ୍କ ଚୁଲି ଜଳେ ନାହିଁ। ଭଙ୍ଗା କାନ୍ଥ ଓ ନଡା ଛପର ଘରେ ସେ ବିପଦସଙ୍କୁଳ ଅବସ୍ଥାରେ ବସବାସ କରୁଛନ୍ତି। ଭଙ୍ଗା ଘର ସମ୍ପର୍କରେ ତାଙ୍କୁ ପଚାରିବାରୁ ସେ କୁହନ୍ତି, ପ୍ରତିବର୍ଷ ପଞ୍ଚାୟତରେ ହେଉଥିବା ଗ୍ରାମସଭା ଓ ପଲ୍ଲିସଭାରେ ଘର ପାଇଁ ତାଙ୍କ ନାମ ଦିଅନ୍ତି । ମାତ୍ର ଆଜି ପର୍ଯ୍ୟନ୍ତ ତାଙ୍କୁ କାହିଁକି ଘର ମିଳୁ ନାହିଁ ତାହା ସେ ଜାଣିପାରୁ ନାହାନ୍ତି। ଘର ବାବଦରେ ଯାହାକୁ ଯେତେ କାକୁତିମିନତି ହେଲେ ମଧ୍ୟ କେହି ତାଙ୍କ କଥା ଶୁଣୁ ନ ଥିବା ସେ ପ୍ରକାଶ କରିଛନ୍ତି । ଏ ସଂକ୍ରାନ୍ତରେ ସେ ଜିଲାପାଳ, ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ଆବଶ୍ୟକ ପଡ଼ିଲେ ବ୍ଲକ ସମ୍ମୁଖରେ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି। ଏଥିନେଇ କପ୍ତିପଦା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ପଚାରିବାରୁ ଘଟଣା ସମ୍ପର୍କରେ ମୁଁ ଜାଣିନି ଓ ସରପଞ୍ଚଙ୍କ ସହିତ ଆଲୋଚନା କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବି ବୋଲି କହିଛନ୍ତି।

ଧରିତ୍ରୀ
DHARITRI
ବାଲେଶ୍ୱର, ଶୁକ୍ରବାର, ୯ ଅଗଷ୍ଟ, ୨୦୧୯



## ସଂକ୍ଷେପରେ

### ବଦଳିଲେ ୫ ଥାନାଧିକାରୀ

ଭଦ୍ରକ ଅଫିସ, ୮।୮: ଭଦ୍ରକ ଜିଲା ଆରକ୍ଷୀ ଅଧୀକ୍ଷକ ରାଜେଶ ପଣ୍ଡିତଙ୍କ ନିର୍ଦ୍ଦେଶକ୍ରମେ ଜିଲାର ୫ ଥାନାଧିକାରୀଙ୍କ ଅଦଳବଦଳ ହୋଇଥିବା ସୂଚନା ମିଳିଛି। ସୂଚନା ଅନୁସାରେ, ଭଦ୍ରକ ଗ୍ରାମାଞ୍ଚଳ ଥାନାଧିକାରୀ ଦୟାନିଧି ଦାସଙ୍କୁ ଜିଲା ମୁଖ୍ୟାଳୟକୁ ବଦଳି କରାଯାଇଥିବାବେଳେ ତାଙ୍କ ସ୍ଥାନରେ ତିହିଡିର ଭାରପ୍ରାପ୍ତ ଥାନାଧିକାରୀ ପ୍ରଭାଂସୁ ମିଶ୍ରଙ୍କୁ ଦାୟିତ୍ୱ ଭାର ଦିଆଯାଇଛି। ସେହିଭଳି ବନ୍ତ ଥାନାଧିକାରୀ ଗଣେଶ୍ୱର ପ୍ରଧାନଙ୍କୁ ଆଗରପଡ଼ା ଥାନାକୁ ବଦଳି କରାଯାଇଛି। ଆଗରପଡ଼ା ଥାନାଧିକାରୀ ରମେଶ ସିଂଙ୍କୁ ତିହିଡ଼ି ଥାନା ଦାୟିତ୍ୱ ଦିଆଯାଇଛି। ଟାଉନ ଥାନାର ଅତିରିକ୍ତ ଥାନାଧିକାରୀ ମୀନା ବିନ୍ଧାଣୀଙ୍କୁ ବନ୍ତ ଥାନାରେ ଅବସ୍ଥାପିତ କରାଯାଇଛି।

### ପାଣିରେ ପଡ଼ି ମହିଳାଙ୍କ ମୃତ୍ୟୁ

ବାସୁଦେବପୁର, ୮।୮ (ଡି.ଏନ.ଏ.): ଭଦ୍ରକ ଜିଲା ବାସୁଦେବପୁର ଅଞ୍ଚଳକୁ ଚାଷ କାମ ପାଇଁ ମଜୁରିଆ ଭାବେ ଆସିଥିବା ବେଳେ ବିଲରେ ଥିବା ପାଣିରେ ପଡ଼ି ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତ ମହିଳା ଜଣଙ୍କ ମୟୂରଭଞ୍ଜ ଜିଲା ବେତନଟୀ ଥାନା ଅଧୀନ ଭୁରୁକୁଣ୍ଡି ଗ୍ରାମର ସୁକାନ୍ତି କାଳନ୍ଦୀ(୪୫) ବୋଲି ଜଣାପଡ଼ିଛି। ସେ ପାଣିରେ ପଡ଼ିଯିବା ପରେ ନିକଟରେ ଥିବା ତାଙ୍କ ସ୍ୱାମୀ ତାଙ୍କୁ ଉଦ୍ଧାର କରି ସ୍ଥାନୀୟ ଡାକ୍ତରଖାନାକୁ ନେଇଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ନାୟକାଣିଡିହୀ ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଇଛି।

### ବିଷ ପିଇ ବ୍ୟବସାୟୀଙ୍କ ଆତ୍ମହତ୍ୟା

ବାସୁଦେବପୁର, ୮।୮ (ଡି.ଏନ.ଏ.): ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ବେତଡା, ହାଟପଡା ଅଞ୍ଚଳର ସୁଦାମ ସାହୁ ନାମକ ଜଣେ ବ୍ୟବସାୟୀ ବିଷ ପିଇ ବୁଧବାର ଆତ୍ମହତ୍ୟା କରଛନ୍ତି। ବାସୁଦେବପୁର ଥାନା ପୋଲିସ ମୃତଦେହ ଜବତ କରି ଗୁରୁବାର ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଇଛି। ଏ ନେଇ ବାସୁଦେବପୁର ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୩୧/୧୯) ରୁଜୁ ହୋଇଛି। ସୂଚନା ଅନୁଯାୟୀ, ସୁଦାମ କଲିକତାରେ ଏକ ତେଲଭାଜି ଦୋକାନ କରି ଜୀବିକା ନିର୍ବାହ କରୁଥିଲେ। ଦୁଇଦିନ ତଳେ ସେ ଘରକୁ ଆସିଥିଲେ। କୌଣସି କାରଣକୁ ନେଇ ସେ ମାନସିକ ଭାରସାମ୍ୟ ହରାଇ ବିଷ ପିଇ ଦେଇଥିଲେ ବୋଲି ତାଙ୍କ ସମ୍ପର୍କୀୟ କହିଛନ୍ତି। ପରିବାର ଲୋକ ତାଙ୍କୁ ବାସୁଦେବପୁର ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ମ.ଇ., ହାଇସ୍କୁଲ ସହ ୧୨ ବିଦ୍ୟାଳୟ ମିଶ୍ରଣ

ବନ୍ତ, ୮।୮ (ଡି.ଏନ.ଏ.): ଚଳିତ ଶିକ୍ଷାବର୍ଷରେ ଭଦ୍ରକ ଜିଲା ବନ୍ତ ବ୍ଲକର ୧୨ଟି ପ୍ରକଳ୍ପ ପ୍ରାଥମିକ, ପ୍ରାଥମିକ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ମଧଇଂରାଜୀ ଓ ଉଚ୍ଚ ବିଦ୍ୟାଳୟ ସହ ମିଶ୍ରଣ ହୋଇଥିବାର ଜଣାଯାଇଛି। ଗୋଟିଏ ପରିସର ମଧରେ ଏବଂ ୫୦ରୁ ୧୦୦ ମିଟର ଦୂରତାରେ ଥିବା ଏହି ବିଦ୍ୟାଳୟଗୁଡ଼ିକୁ ମିଶ୍ରଣ କରାଯାଇଛି। ସେଥିମଧରେ ଦୁର୍ଗାପୁର ପ୍ରକଳ୍ପ ପ୍ରାଥମିକ, ଖେଣ୍ଡତୀରା ଏନ୍‌ୟୁପିଏସ୍, ଟିଲୋ ପ୍ରାଥମିକ, କାଦବରାଙ୍ଗ ବାଳିକା ହାଇସ୍କୁଲ, ଚାଇଁପୁର-ଶ୍ରୀବନ୍ତପୁର ପ୍ରାଥମିକ, ଆପଣ୍ଡା ପ୍ରାଥମିକ, ଛୟାଳସିଂହ ପ୍ରକଳ୍ପ ପ୍ରାଥମିକ, ଭରସିଂପୁର ପ୍ରାଥମିକ, ମଙ୍ଗୁଲି ପ୍ରାଥମିକ, ଏରେଣ୍ଡେଇ ଜେବିଏସ୍, ମାଧବାନନ୍ଦ ପ୍ରାଥମିକ ଓ ଅଣିଜୋ ପ୍ରାଥମିକ ବିଦ୍ୟାଳୟ ରହିଛି।

### ସୁଷମା ସ୍ୱରାଜଙ୍କ ଉଦ୍ଦେଶ୍ୟରେ ଶୋକସଭା

ଭଣ୍ଡାରିପୋଖରୀ, ୮।୮ (ଡି.ଏନ.ଏ.): ଭଣ୍ଡାରିପୋଖରୀ ବ୍ଲକ ପ୍ରାଣକୃଷ୍ଣ ଧଳ ପାଠାଗାର ଓ ଉତ୍କଳମଣି ସାହିତ୍ୟ ସଂସଦ ଆନୁକୂଲ୍ୟରେ ଗୁରୁବାର ଅପରାହ୍ନରେ ପ୍ରଖ୍ୟାତ ରାଜନୀତିଜ୍ଞ ଓ ପୂର୍ବତନ ବୈଦେଶିକ ମନ୍ତ୍ରୀ ସୁଷମା ସ୍ୱରାଜଙ୍କ ଆତ୍ମାର ସଦ୍‌ଗତି ଉଦ୍ଦେଶ୍ୟରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ପୁରୁଷୋତ୍ତମ ଧଳ ଏଥିରେ ସଭାପତିତ୍ୱ କରିଥିଲେ। ଶିକ୍ଷାବିତ୍ ପ୍ରଫୁଲ୍ଲ କୁମାର ସାହୁ, ଡ. ନିରଞ୍ଜନ ଓଝା, ଗଦାଧର ପଣ୍ଡା, ଦେବେନ୍ଦ୍ର ନାୟକ, ଉଦ୍ଧବ ଚରଣ ସ୍ୱାଇଁ ଓ ଅନାମ ଚରଣ ସ୍ୱାଇଁ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ପ୍ରାରମ୍ଭରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା।

# ଫଳକରେ ଶହୀଦ ପୀଠ ଭାଗ୍ୟ

ବାସୁଦେବପୁର, ୮।୮ (ଡି.ଏନ.ଏ.)


ଶହୀଦ ସମାଧି ପୀଠ।

■ଖର୍ଚ୍ଚ ହୋଇପାରୁନି ଅନୁଦାନ ଅର୍ଥ
■ସ୍ମୃତିସ୍ତମ୍ଭକୁ ଲାଗି ରହିଛି ଅସ୍ଥାୟୀ ପରିବା ଦୋକାନ
■ସମାଧି ପୀଠ ପାଖରେ ବିକ୍ରି ହେଉଛି ମାଛ

ଭଦ୍ରକ ଜିଲା ବାସୁଦେବପୁର ବ୍ଲକର ରକ୍ତତୀର୍ଥ ଇରମ ଶହୀଦ ପୀଠର ଉନ୍ନତୀକରଣ କେବଳ ରାଜ୍ୟ ସଂସ୍କୃତି ପର୍ଯ୍ୟଟନ ବିଭାଗର ଫଳକରେ ଅଟକି ରହିଛି। ବିଭିନ୍ନ ସମୟରେ ବିବାଦରେ ଛନ୍ଦି ହୋଇଥିବାରୁ ଶହୀଦ ପୀଠ ଉନ୍ନତୀକରଣ ଦିଗରେ ବିବାଦ ହିଁ ବାଧକ ସାଜୁଛି। ବିଳମ୍ବରେ ହେଲେ ମଧ ଗତ ୩ ବର୍ଷ ତଳେ ରାଜ୍ୟ ସଂସ୍କୃତି ଓ ପର୍ଯ୍ୟଟନ ବିଭାଗର ତତ୍କାଳୀନ ମନ୍ତ୍ରୀ ଅଶୋକ ପଣ୍ଡା ଏହି ଐତିହାସିକ ଶହୀଦ ପୀଠକୁ ପର୍ଯ୍ୟଟନସ୍ଥଳର ମାନ୍ୟତା ଦେଇଥିଲେ। ବିଭାଗ ପକ୍ଷରୁ ପୀଠର ବିକାଶ ପାଇଁ ପ୍ରଦତ୍ତ ଅର୍ଥ ଠିକ୍ ଭାବେ ଖର୍ଚ୍ଚ ହୋଇପାରୁ ନାହିଁ। ଏହାଛଡ଼ା ୨ ବର୍ଷ ପୂର୍ବେ କେନ୍ଦ୍ର ପ୍ରାକୃତିକ ଗ୍ୟାସ୍ ଓ ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି ପୀଠର ଉନ୍ନତୀକରଣ ସକାଶେ ୧ କୋଟି ଟଙ୍କାର ଅନୁଦାନ ରାଶି ଘୋଷଣା କରିଥିବା ବେଳେ ପ୍ରଦତ୍ତ ଅର୍ଥରାଶିରୁ ଟଙ୍କାଟିଏ ମଧ ଏଯାଏ ଖର୍ଚ୍ଚ ହୋଇପାରି ନ ଥିବା ଜଣାପଡ଼ିଛି। ଫଳରେ ଏହି ପୀଠର ଭାଗ୍ୟ କେବଳ ଫଳକରେ ସୀମିତ ରହିଛି।

୧୯୪୨ ମସିହାରେ ଏହି ଐତିହାସିକ ପୀଠରେ ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇ ୨୯ ଜଣ ସଂଗ୍ରାମୀ ଶହୀଦ ହୋଇଥିବା ବେଳେ ଏହା ଦ୍ୱିତୀୟ ଜାଲିଆନାୱାଲାବାଗ ଭାବେ ପରିଚିତ। ପୀଠର ଅବସ୍ଥା ଏବେ ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। କେତେକ ବ୍ୟକ୍ତି ଶହୀଦ ସ୍ମୃତିସ୍ତମ୍ଭକୁ ଲାଗି ପରିବା ଦୋକାନ କରିଛନ୍ତି। ପଚା ପନିପରିବାର ଦୁର୍ଗନ୍ଧରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ସେହିପରି ସମାଧି ପୀଠକୁ ଲାଗି ୧୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଅସ୍ଥାୟୀ ଭାବେ ମାଛ ବିକ୍ରି କରୁଥିବା ଦେଖିବାକୁ ମିଳିଛି, ଯାହାକି ଅତ୍ୟନ୍ତ ଲଜ୍ୟାକର ବିଷୟ। ଏଠାରେ ମାଛ ଦୁର୍ଗନ୍ଧରେ ନାକ ଫାଟି ପଡୁଛି। ଶହୀଦ ପୀଠରେ ଅସାମାଜିକ ବ୍ୟକ୍ତିମାନେ ମଦ୍ୟପାନ କରୁଛନ୍ତି ଏବଂ ଆଡ୍ଡା ଜମାଉଛନ୍ତି। ଦୀର୍ଘଦିନରୁ ଲାଗିରହିଥିବା ସମସ୍ୟା ଜମି ବିବାଦକୁ ସମାଧାନ କରିବା ଓ ଏହି ପୀଠର ଉନ୍ନତି ପାଇଁ ବାଟ ଫିଟାଇବା ଲାଗି ଓଟିଡିସି ବିଭାଗ, ଜିଲା, ବ୍ଲକ ପ୍ରଶାସନ ଓ ପଞ୍ଚାୟତ ପ୍ରତ୍ୟକ୍ଷ ଭାବେ ହସ୍ତକ୍ଷେପ କରି ୬୯ ଡିସିମିଲି ଜମିକୁ ଚିହ୍ନଟ କରିଛନ୍ତି। ଏଥିସହ ସୀମାରେ ନାଳ ଖୋଳି ଓ ଖୁଣ୍ଟି ବାଡ଼ ବସାଇ ଅକ୍ତିଆରକୁ ନିଆଯାଇଛି ବୋଲି ସରପଞ୍ଚ ପ୍ରଫୁଲ୍ଲ ବିଶ୍ୱାଳ କହିଛନ୍ତି। ଆଉ ମାତ୍ର ଦେଢ଼ମାସ ପରେ ସେପ୍ଟେମ୍ବର ୨୮ ତାରିଖରେ ଶହୀଦ ଦିବସ। ଏହି ଦିବସ ପାଳନ ନିମନ୍ତେ ପ୍ରାକ୍ ପ୍ରସ୍ତୁତି ଆରମ୍ଭ ହୋଇଗଲାଣି। ତେବେ ଚଳିତବର୍ଷର ଶହୀଦ ଦିବସ ପୂର୍ବ ବର୍ଷଗୁଡ଼ିକଠାରୁ ନିଆରା ଢଙ୍ଗରେ ପାଳନ କରାଯିବା ସହ ପୀଠର ଉନ୍ନତୀକରଣ ଦିଗରେ ଧ୍ୟାନ ଦିଆଯିବା ଲାଗି ସେ ପ୍ରଶାସନର ସହଯୋଗ ଲୋଡ଼ିଛନ୍ତି। ଏ ସମ୍ପର୍କରେ ବିଡିଓ ବୀରକିଶୋର ପାଣିଗ୍ରାହୀଙ୍କୁ ପଚାରିବାରୁ ସଂସ୍କୃତି ଓ ପର୍ଯ୍ୟଟନ ବିଭାଗ ପକ୍ଷରୁ ପ୍ରଦତ୍ତ ଅର୍ଥରେ ଶହୀଦ ପୀଠର ଉନ୍ନତୀକରଣ ନିମନ୍ତେ ପ୍ରାଥମିକ କାର୍ଯ୍ୟ ଆରମ୍ଭ ହୋଇଛି ବୋଲି କହିଛନ୍ତି।


ଦିବ୍ୟାଙ୍ଗଙ୍କୁ ଟ୍ରାଇସାଇକେଲ ପ୍ରଦାନ ବେଳେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

## ହିତାଧିକାରୀଙ୍କୁ ଭତ୍ତା, ଦିବ୍ୟାଙ୍ଗଙ୍କୁ ଟ୍ରାଇସାଇକେଲ

ବାସୁଦେବପୁର, ୮।୮ (ଡି.ଏନ.ଏ.)

ବାସୁଦେବପୁର ବ୍ଲକ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ଗୁରୁବାର ବ୍ଲକ ଅଧୀନ ବିଭିନ୍ନ ପଞ୍ଚାୟତର ୨୭୩ ହିତାଧିକାରୀଙ୍କୁ ଭତ୍ତା ଓ ୪ ଦିବ୍ୟାଙ୍ଗଙ୍କୁ ଟ୍ରାଇସାଇକେଲ ବଣ୍ଟନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଟାଉନ ହଲ୍‌ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଯୋଗଦେଇ ଭତ୍ତା ଓ ଟ୍ରାଇସାଇକେଲ ବଣ୍ଟନ କରିଥିଲେ। ବୃଦ୍ଧାବୃଦ୍ଧ ଓ ଶାରୀରିକ ଭିନ୍ନକ୍ଷମଙ୍କ ପାଇଁ ରାଜ୍ୟ ସରକାର ସବୁ କ୍ଷେତ୍ରରେ ଗୁରୁତ୍ୱ ପ୍ରଦାନ କରୁଛନ୍ତି ବୋଲି ସେ ବକ୍ତବ୍ୟରେ କହିଥିଲେ। ଅନ୍ୟତମ ଅତିଥି ଭାବେ ବିଡିଓ ବୀରକିଶୋର ପାଣିଗ୍ରାହୀ, ବ୍ଲକ ଅଧ୍ୟକ୍ଷା ପୂର୍ଣ୍ଣିମା ମଲ୍ଲିକ, ଉପାଧ୍ୟକ୍ଷ ସୁଶାନ୍ତ ରାଉତ ପ୍ରମୁଖ ଯୋଗଦେଇ ସରକାରଙ୍କ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସୁବାସ ଚନ୍ଦ୍ର ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ବାସୁଦେବପୁର ପୌରପାଳିକା ପକ୍ଷରୁ ଅପରାହ୍ନରେ ଟାଉନ ହଲ୍‌ରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟକ ରାଉତରାୟ ୧୨୩ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରିଛନ୍ତି। ପୌରନିର୍ବାହୀ ଅଧିକାରୀ ତାପସ ରଞ୍ଜନ ଜେନା ଏଥିରେ ପୌରୋହିତ୍ୟ କରିଥିଲେ। ଲଲାଟେନ୍ଦୁ ଶେଖର ନାୟକ ପରିଚାଳନା କରିଥିଲେ। ସାମାଜିକ ସୁରକ୍ଷା ଅଧିକାରୀ ଉମେଶ ଚନ୍ଦ୍ର ନାୟକ ଧନ୍ୟବାଦ ଦେଇଥିଲେ।

## ‘ସ୍ମୃତି କାହାଣୀ’ ପୁସ୍ତକ ଲୋକାର୍ପଣ, ବନ୍ଧୁମିଳନ ଉତ୍ସବ


ଅତିଥିଙ୍କ ଦ୍ୱାରା ପୁସ୍ତକ ଲୋକାର୍ପଣ କରାଯାଉଛି।

ଭଦ୍ରକ ଅଫିସ, ୮।୮

ଯେକୌଣସି ଲେଖକଙ୍କ ସୃଷ୍ଟିଗୁଡ଼ିକ ପତ୍ରପତ୍ରିକାରେ ପ୍ରକାଶିତ ସତ୍ତ୍ୱେ ସଂକଳିତ ନ ହେଲେ ତାହାର ଉଦ୍ଦେଶ୍ୟ ସାଧିତ ହୋଇପାରେ ନାହିଁ। ସାହିତ୍ୟର ବିଭିନ୍ନ ବିଭାଗ ମଧ୍ୟରୁ ଗଳ୍ପ ଓ କାହାଣୀର ବିଶେଷ ଗୁରୁତ୍ୱ ରହିଛି। ପୁଣି କଥାସାହିତ୍ୟରେ ଆତ୍ମଜୀବନଧର୍ମୀ କାହାଣୀର ଏକ ସ୍ୱତନ୍ତ୍ର ଭୂମିକା ରହିଛି। ଏ କ୍ଷେତ୍ରରେ ଫକୀରମୋହନ ସେନାପତି, ମନୋଜ ଦାସ, ହରେକୃଷ୍ଣ ମହତାବ, ଶତ୍ରୁଘ୍ନ ନାଥଙ୍କଠାରୁ ଗୌରଗୋପାଳ ଜେନାଙ୍କ ପର୍ଯ୍ୟନ୍ତ ବହୁ ସ୍ରଷ୍ଟା ସ୍ୱଷ୍ଟପଦାଙ୍କ ଛାଡ଼ିଯାଇଛନ୍ତି। ସ୍ୱର୍ଗତ ଜେନା କେବଳ ଜଣେ ବିଶିଷ୍ଟ ଶିକ୍ଷାବିତ୍, କବି, ଅନୁବାଦକ ଓ ପ୍ରାବନ୍ଧିକ ନ ଥିଲେ ବରଂ ତାଙ୍କ ଆତ୍ମଜୀବନୀମୂଳକ କାହାଣୀଗୁଡ଼ିକ ସ୍ୱଚ୍ଛ, ସାବଲୀଳ ଓ ହୃଦୟସ୍ପର୍ଶୀ ବୋଲି ବୁଧବାର ସନ୍ଧ୍ୟାରେ ଅନୁଷ୍ଠିତ ଗୌରଗୋପାଳଙ୍କ ୯୫ତମ ଜୟନ୍ତୀ ପାଳନ ଅବସରରେ ଅଶୋକ କୁମାର ଜେନାଙ୍କ ସଂଯୋଜିତ ସ୍ମୃତିକାହାଣୀ ପୁସ୍ତକ ଲୋକାର୍ପଣ ଓ ବନ୍ଧୁମିଳନ ଉତ୍ସବରେ ଅତିଥି ଓ ବକ୍ତା ମତବ୍ୟକ୍ତ କରିଥିଲେ।

ଗାଳ୍ପିକ ଶୈଳେନ୍ଦ୍ର ମହାପାତ୍ରଙ୍କ ପୌରୋହିତ୍ୟ ଓ ପ୍ରାଧ୍ୟାପକ ପବିତ୍ର ପାଣିଗ୍ରାହୀଙ୍କ ସଞ୍ଚାଳନାରେ ସ୍ୱର୍ଗତ ଲେଖକଙ୍କ ବାସଭବନରେ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା। ସଂସ୍କୃତି ବିଭାଗର ନିର୍ଦ୍ଦେଶକ କଥାକାର ବିଜୟ ନାୟକ ମୁଖ୍ୟଅତିଥି ଓ କଥାଶିଳ୍ପୀ ଡ. ରାଧାବିନୋଦ ନାୟକ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଅଶୋକ କୁମାର ଜେନା ଅତିଥି ପରିଚୟ ଏବଂ ଅଭିଜିତ୍ ନାୟକ ଉନ୍ମୋଚିତ ପୁସ୍ତକ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ. ରାମଚନ୍ଦ୍ର ନାୟକ, ବିଜୟ କୁମାର ସାହୁ, ଲଲାଟେନ୍ଦୁ ମହାନ୍ତି, ଅଟଳବିହାରୀ ନାୟକ, ଡ. ମନମୋହନ ମିଶ୍ର, ସନ୍ତୋଷ କୁମାର ହୋତା ଓ ଜିଲା ଲୋକସମ୍ପର୍କ ଅଧିକାରୀ ଗୋଲଖ ଚନ୍ଦ୍ର ବେହେରା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଶେଷରେ ସୌମ୍ୟଶ୍ରୀ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

### ୧୬୦ ସ୍କୁଲର ଉନ୍ନତୀକରଣ ପାଇଁ ଅନୁଦାନ

ବନ୍ତ, ୮।୮ (ଡି.ଏନ.ଏ.)

ବନ୍ତ ବ୍ଲକର ୧୬୦ଟି ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଉନ୍ନତୀକରଣ ପାଇଁ ଆର୍ଥିକ ଅନୁଦାନ ଯୋଗାଇ ଦିଆଯାଇଛି। ସର୍ବଶିକ୍ଷା ଅଭିଯାନ ପକ୍ଷରୁ ପ୍ରଦତ୍ତ ଏହି ଅନୁଦାନରେ ସମ୍ପୃକ୍ତ ବିଦ୍ୟାଳୟରେ ପାନୀୟଜଳ ବ୍ୟବସ୍ଥା, ରୋଷେଇଶାଳା, ଶୌଚାଳୟ ଓ ଅଗ୍ନିନିର୍ବାପକ ବ୍ୟବସ୍ଥା ଆଦି କରାଯିବ। କେତେକ ବିଦ୍ୟାଳୟକୁ ୨୫ ଓ ଅନ୍ୟ କେତେକ ବିଦ୍ୟାଳୟକୁ ୫୦ ହଜାର ଲେଖାଏ ଯୋଗାଇ ଦିଆଯାଇଥିବା ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାଯାଇଛି।

## ଜାତୀୟ କୃମିନାଶ ଦିବସ ପାଳିତ

ଭଣ୍ଡାରିପୋଖରୀ, ୮।୮ (ଡି.ଏନ.ଏ.)

ଭଣ୍ଡାରିପୋଖରୀ ବ୍ଲକର ବିଭିନ୍ନ ସ୍ଥାନରେ ଗୁରୁବାର ଜାତୀୟ କୃମିନାଶକ ଦିବସ ପାଳିତ ହୋଇଯାଇଛି। ଶାରଦା ବିଦ୍ୟାମନ୍ଦିରରେ ଆୟୋଜିତ କାର୍ଯ୍ୟକ୍ରମରେ ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଚିକିତ୍ସାଧିକାରୀ କମଳାକାନ୍ତ ସ୍ୱାଇଁ ଯୋଗଦେଇ ବାହାରେ ମଳତ୍ୟାଗ କରିବା ଓ ଖାଲିପାଦରେ ରହିବା ଦ୍ୱାରା କୃମି ବୃଦ୍ଧି ପାଇଥାଏ ବୋଲି ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନିତାରାଣୀ ରାଉତ, ମନୋରଞ୍ଜନ ରାଉତ ଯୋଗ ଦେଇଥିଲେ। ବିଦ୍ୟାମନ୍ଦିର ଗୁରୁମା ସୁସ୍ମିତା ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ୫୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କୁ କୃମିନାଶକ ବଟିକା ଖୁଆଯାଇଥିଲା। ସେହିପରି ଆଖୁଆପଦା ସରକାରୀ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ପୁରୁଷୋତ୍ତମ ଧଳଙ୍କ ସଭାପତିତ୍ୱ ଏବଂ ବଳଦେବଜୀଉ ସରକାରୀ ଉଚ୍ଚ ବିଦ୍ୟାଳୟ ମଞ୍ଜୁରିଠାରେ ପ୍ରଧାନଶିକ୍ଷକ ରବୀନ୍ଦ୍ର କୁମାର ମହାରଣାଙ୍କ ତତ୍ତ୍ୱାବଧାନରେ କୃମିନାଶକ ଦିବସ ପାଳନ କରାଯାଇଥିଲା।

## ବ୍ଲକ କଳା ସଂସ୍କୃତି ସଂଘର ବୈଠକ


ବୈଠକରେ ଯୋଗ ଦେଇଥିବା କଳାକାର।

ବାସୁଦେବପୁର, ୮।୮ (ଡି.ଏନ.ଏ.)

ବାସୁଦେବପୁର ବ୍ଲକ କାର୍ଯ୍ୟାଳୟ ପରିସରରେ ଚିନ୍ତାମଣି ସଭାଗୃହରେ ଗୁରୁବାର ବ୍ଲକ କଳା ସଂସ୍କୃତି ସଂଘର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଡିଓ ତଥା ସଂଘର ସଭାପତି ବୀରକିଶୋର ପାଣିଗ୍ରାହୀ ଏଥିରେ ପୌରୋହିତ୍ୟ କରିଥିଲେ। ସମ୍ପାଦକ ତଥା ସମ୍ପ୍ରସାରଣ ଅଧିକାରୀ ଜମାଦାର ମୁଣ୍ଡା, ସଭ୍ୟ ସିଡିପିଓ ଜାନକୀ ଦାସ, ସାମାଜିକ ସୁରକ୍ଷା ଅଧିକାରୀ ସୁବାସ ଚନ୍ଦ୍ର ନାୟକ ପ୍ରମୁଖ ଯୋଗଦେଇ କଳାକାରମାନଙ୍କୁ ଦିଗ୍‌ଦର୍ଶନ ଦେଇଥିଲେ। ସର୍ବସମ୍ମତି କ୍ରମେ ସଂଘର ଉପସଭାପତି ଭାବେ ବରିଷ୍ଠ ପାଲାଗାୟକ ସନାତନ ପୁରୀଙ୍କୁ ମନୋନୀତ କରାଯିବା ପରେ ଉପସ୍ଥିତ ସଦସ୍ୟମାନେ ତାଙ୍କୁ ସ୍ୱାଗତ କରିଥିଲେ। ଏଥିସହିତ ଏକ ୧୦ ଜଣିଆ କମିଟି ମଧ ଗଠନ କରାଯାଇଛି। ବୈଠକରେ କଳାକାରମାନଙ୍କ ସମସ୍ୟା ଓ ସୁବିଧା ଅସୁବିଧା ସମ୍ପର୍କରେ ଆଲୋଚନା ହୋଇଥିଲା।

## ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମର ସମୀକ୍ଷା


ବିଧାୟକ ସଞ୍ଜୀବ ମଲ୍ଲିକଙ୍କୁ ସ୍କୁଲ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଉଛି।

ଭଦ୍ରକ ଅଫିସ, ୮।୮

ଭଦ୍ରକ ଜିଲା ସ୍କୁଲଠାରେ ପୁରାତନ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀଶିକ୍ଷକଙ୍କ ଏକ ମିଳିତ ବୈଠକ ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ଏଥିରେ ଯୋଗଦେଇ ବିଦ୍ୟାଳୟରେ ଚାଲିଥିବା ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମର ଅଗ୍ରଗତି ନେଇ ସମୀକ୍ଷା କରିଥିଲେ। ପ୍ରଧାନଶିକ୍ଷକ ଜଗବନ୍ଧୁ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପୂର୍ବତନ ଛାତ୍ର ତଥା ବରିଷ୍ଠ ଆଇନଜୀବୀ ପର୍ଶୁରାମ ଦ୍ୱିବେଦୀ, ଚରମ୍ପା ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ସୌରେଶ ଚନ୍ଦ୍ର ମହାନ୍ତି, ଆଇନଜୀବୀ, ସମାଜସେବୀ ଅତିସ ବେହେରା, ଡା. ପ୍ରଭାସ ମହାନ୍ତି ଓ ଆଇନଜୀବୀ ଗୋଲକ ଦାସ ପ୍ରମୁଖ ଯୋଗ ଦେଇଥିଲେ। ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମ ଦ୍ୱାରା ସଂଗୃହୀତ ପାଣ୍ଠି ଓ ଏହା ବାବଦରେ ସରକାର ପ୍ରଦାନ କରିଥିବା ଦୁଇଗୁଣ ପ୍ରୋତ୍ସାହନ ରାଶିର ସୁବିନିଯୋଗ ଉପରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ପ୍ରଧାନଶିକ୍ଷକ ବିଦ୍ୟାଳୟର ପୂର୍ବତନ ଛାତ୍ର ତଥା ବିଧାୟକ ମଲ୍ଲିକଙ୍କୁ ସମ୍ବର୍ଦ୍ଧନା ଦେଇଥିଲେ। ଏଥିସହ ବିଦ୍ୟାଳୟର ବିଭିନ୍ନ ଅଭାବ ଅସୁବିଧା ସମ୍ପର୍କରେ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ବିଧାୟକ ତାଙ୍କ ଅଭିଭାଷଣରେ ଆଗାମୀ ଦିନରେ ବିଦ୍ୟାଳୟର ସମସ୍ତ ଅସୁବିଧା ଦୂର କରିବା ସହ ଏହାକୁ ରାଜ୍ୟର ଅନ୍ୟତମ ଶ୍ରେଷ୍ଠ ବିଦ୍ୟାଳୟ ରୂପେ ଗଢ଼ି ତୋଳିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏଥିପାଇଁ ସେ ସମସ୍ତ ପୂର୍ବତନ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହଯୋଗ ଲୋଡ଼ିଥିଲେ। ବିଦ୍ୟାଳୟ ପରିଚାଳନା କମିଟି, ପରିଚାଳନା ଓ ବିକାଶ କମିଟିର ସଭ୍ୟ ଶେଖ୍ ମଜିବୁର ରହେମାନ୍, ଗବର ଖାଁ, ଗୁଖ୍ରାନ୍ ଖାଁ, ଛାତ୍ରୀ ସ୍ୱାଗତିକା ଦାସ ଏବଂ ଶିକ୍ଷୟିତ୍ରୀ ଶିକ୍ଷକ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଶିକ୍ଷକ ଅଶୋକ କୁମାର ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।

### ହେଲ୍‌ମେଟ ଚେକିଂ, ଜରିମାନା ଆଦାୟ

ବନ୍ତ, ୮।୮ (ଡି.ଏନ.ଏ.)

ବନ୍ତ ଥାନା ପକ୍ଷରୁ ଭଦ୍ରକ-ଆନନ୍ଦପୁର ରାଜ୍ୟ ରାଜପଥର କାଶୀପୁର ଛକଠାରେ ହେଲ୍‌ମେଟ ଚେକିଂ କରାଯାଇ ୧୭ଶହ ଟଙ୍କା ଜରିମାନା ଆଦାୟ କରାଯାଇଛି। ଆଇଆଇସି ଗଣେଶ୍ୱର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଏଏସ୍‌ଆଇ ପ୍ରଦୀପ୍ତ ମହାରଣା, କନଷ୍ଟେବଳ ନୀଳମଣି ରାଉତ, ଲକ୍ଷ୍ମଣ ରାଉତ, ଅଭିମନ୍ୟୁ ମଲ୍ଲିକ ଓ ମାନସୀ ଜେନା ସାମିଲ ଥିଲେ।

## ସ୍ଥିତାବସ୍ଥା ବଜାୟ ରଖିବାକୁ କୋର୍ଟଙ୍କ ନିର୍ଦ୍ଦେଶ

ତିହିଡ଼ି, ୮।୮ (ଡି.ଏନ.ଏ.)

**ବିବାଦୀୟ ଜାଗାରେ ଘର ନିର୍ମାଣ**

ଭଦ୍ରକ ଜିଲା ତିହିଡ଼ି ଥାନା ଅନ୍ତର୍ଗତ ବାରୋ ପଞ୍ଚାୟତ ଦହପାଣିଆ ଗ୍ରାମର ଜଣେ ବ୍ୟକ୍ତି ବିବାଦୀୟ ଜାଗାରେ ଗୃହ ନିର୍ମାଣ କରୁଥିବା ଅଭିଯୋଗ ହୋଇଛି। ଗ୍ରାମର ଅବନୀ କୁମାର ଜେନା ଏ ନେଇ ଭଦ୍ରକ ସିଭିଲ ଜଜ୍ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। କୋର୍ଟ ପକ୍ଷରୁ ସ୍ଥିତାବସ୍ଥା ବଜାୟ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଦହପାଣିଆ ମୌଜାର ଏକ ବିବାଦୀୟ ଜାଗାରେ ବିଜୟ ବାରିକ ନାମକ ବ୍ୟକ୍ତି ଗୃହ ନିର୍ମାଣ କରୁଥିଲେ। ଏହାକୁ ନେଇ ଅବନୀ ବିଜୟଙ୍କ ସମେତ ୮ଜଣଙ୍କୁ ପକ୍ଷଭୁକ୍ତ କରି କୋର୍ଟରେ ଏକ ମକଦ୍ଦମା(ନଂ. ୧୨/୧୮) ରୁଜୁ କରିଥିଲେ।

## ଜିଲାପାଳଙ୍କ ଅଫିସ୍ ସମ୍ମୁଖରେ ବାମପନ୍ଥୀ ଦଳର ବିକ୍ଷୋଭ

ଭଦ୍ରକ ଅଫିସ, ୮।୮


ବିକ୍ଷୋଭରେ ସାମିଲ ଥିବା ବାମପନ୍ଥୀ ନେତାମାନେ।

ବାମପନ୍ଥୀ ଦଳର କର୍ମକର୍ତ୍ତା ଓ ସମର୍ଥକମାନେ ଗୁରୁବାର ଭଦ୍ରକ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଜମ୍ମୁ କଶ୍ମୀରକୁ ଦିଆଯାଇଥିବା ସ୍ୱତନ୍ତ୍ର ସାମ୍ବିଧାନିକ କ୍ଷମତା ଧାରା ୩୭୦ ଓ ୩୫(ଏ)କୁ ଉଠାଇ ନେବା, ଦେଶର ଏକତା, ସମ୍ବିଧାନ ଓ ସଂଘୀୟ ବ୍ୟବସ୍ଥା ଉପରେ କେନ୍ଦ୍ର ସରକାରଙ୍କ କୁଠାରଘାତ ବୋଲି କହି ନିନ୍ଦା କରାଯାଇଥିଲା। ସେଠାରେ ୧୪୪ ଧାରା ଲାଗୁ କରି ରାଜନୀତିଜ୍ଞ, ରାଜନେତାମାନଙ୍କୁ ଗୃହବନ୍ଦୀ କରିବା ଅତ୍ୟନ୍ତ ନିନ୍ଦନୀୟ। ଏହାକୁ ବିରୋଧ କରି ସିପିଆଇ, ସିପିଆଇଏମ୍, ସିପିଆଇ(ଏମଏଲ୍) ଭଦ୍ରକ ଜିଲା କମିଟି ପକ୍ଷରୁ ବନ୍ତ ଛକରୁ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ଏହାପରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା।

ଏହି ପରିପ୍ରେକ୍ଷୀରେ ସେଠାରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଜମ୍ମୁ କଶ୍ମୀର ରାଜ୍ୟକୁ ଭାଙ୍ଗି ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ବିଭକ୍ତ କରିବା ଭାରତୀୟ ସମ୍ବିଧାନ ଓ ଗଣତନ୍ତ୍ର ପ୍ରତି ବିଶ୍ୱାସଘାତକତା ବୋଲି ବକ୍ତାମାନେ କହିଥିଲେ। କଶ୍ମୀରରେ ୫୦ ହଜାରରୁ ଊର୍ଦ୍ଧ୍ୱ ସୈନିକ ମୁତୟନ କରାଯାଇ ଜମ୍ମୁ କଶ୍ମୀରବାସୀଙ୍କ ମଧ୍ୟରେ ଭୟ ଓ ଅସ୍ଥିରତା ସୃଷ୍ଟି କରି ଦେଶର ଏକତା ପ୍ରତି ବିପଦ ସୃଷ୍ଟି କରାଯାଇଛି କହି ନିନ୍ଦା କରିଥିଲେ। ସିପିଆଇଏମ୍ ଜିଲା ସମ୍ପାଦକ ଦିବ୍ୟସିଂହ ନାୟକ, ବରିଷ୍ଠ ନେତା ଚନ୍ଦ୍ରଶେଖର ନାୟକ, ପ୍ରଫୁଲ୍ଲ ପାଢ଼ୀ, ରାଧା ଦାସ, ପ୍ରଭାସ ମହାପାତ୍ର, ସିପିଆଇ(ଏମ୍‌ଏଲ୍)ର ଜିଲା ସମ୍ପାଦକ ସମର ବଳ, ଛାତ୍ରନେତା ପ୍ରତାପ ନାୟକ, ଜୟନ୍ତୀ ବିଶ୍ୱାଳ, ପୂର୍ଣ୍ଣଚନ୍ଦ୍ର ଦାସ, ଲକ୍ଷ୍ମୀପ୍ରିୟା ଦାସ, ସିପିଆଇର ଜିଲା ନେତା ପୂର୍ଣ୍ଣଚନ୍ଦ୍ର ମହାନ୍ତି, ଫକୀର ଚରଣ ବିଶ୍ୱାଳ, ପରମେଶ୍ୱର ବାରିକଙ୍କ ସହିତ ଆଇନଜୀବୀ ଗିରିଧାରୀ ନାଥ, ବୈଲୋଚନ ଯେନା, ପ୍ରତାପ ସେଠୀ ପ୍ରମୁଖ ବିକ୍ଷୋଭରେ ସାମିଲ ଥିଲେ। ବିକ୍ଷୋଭ ଶୋଭାଯାତ୍ରାରେ ବହୁ ବାମପନ୍ଥୀ କର୍ମୀ ଯୋଗ ଦେଇଥିଲେ।

# ସବୁ ଯୋଜନାର ହିତାଧିକାରୀ ତାଲିକା ପ୍ରକାଶ କରାଯାଉ: ଭାଜପା

ଭୁବନେଶ୍ୱର,୮।୮(ବ୍ୟୁରୋ)

ଗତ ନିର୍ବାଚନରେ ଲୋକଙ୍କୁ ପ୍ରଭାବିତ କରିବା ପାଇଁ ରାଜ୍ୟ ସରକାର କାଳିଆ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ, ବିଜୁ ପକ୍କାଘର, ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନାରେ ଅନେକ ଅଯୋଗ୍ୟ ହିତାଧିକାରୀଙ୍କୁ ସାମିଲ କରିଥିଲେ। ଏ ବିଷୟରେ ଭାଜପା ପକ୍ଷରୁ ବହୁବାର ପ୍ରଶ୍ନ ଉଠାଯାଇଛି। ଏବେ ରାଜ୍ୟ ସରକାର କାଳିଆ ଯୋଜନାରୁ ଅଯୋଗ୍ୟ ହିତାଧିକାରୀଙ୍କୁ ବାଦ ଦେବା ପାଇଁ ପଦକ୍ଷେପ ନେଉଛନ୍ତି। ମାତ୍ର ସ୍ୱଚ୍ଛତା କେବଳ କାଳିଆ ଯୋଜନା ପାଇଁ ଲାଗୁ ହେବ ନା ଅନ୍ୟ ଯୋଜନାରେ ସାମିଲ ଥିବା ଅଯୋଗ୍ୟ ହିତାଧିକାରୀ ବାଦ୍ ପଡିବେ, ସେନେଇ ଭାଜପା ଉପସଭାପତି ସମୀର ମହାନ୍ତି ପ୍ରଶ୍ନ କରିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟ ଠାରେ ଗୁରୁବାର ଖବରଦାତା ସମ୍ମିଳନୀରେ ସମୀର କହିଛନ୍ତି ଯେ, କାଳିଆ ଯୋଜନାରେ ଚାଷୀଙ୍କୁ ବାର୍ଷିକ ୧୦ ହଜାର ଟଙ୍କା ଅର୍ଥ ବ୍ୟବସ୍ଥା କରି ବିଜେଡି ଭୋଟ କିଣିବାର ଯୋଜନା ରଖିଥିଲା। ଏଥିରେ ଚାଷୀ ଓ ଅଣଚାଷୀ, ଦଳୀୟ କର୍ମୀମାନଙ୍କୁ ସେମାନେ ସାମିଲ କରିଥିଲେ। ବର୍ତ୍ତମାନ କାଳିଆ ତାଲିକାରେ ବହୁ ଅଯୋଗ୍ୟ ହିତାଧିକାରୀ ପଶିଯାଇଥିବା ସରକାର ଅଭିଯୋଗ କରିଛନ୍ତି। ଅନ୍ୟ ଯୋଜନାରେ ମଧ ବହୁ ଅଯୋଗ୍ୟ ଲୋକ ଫାଇଦା ନେଇଛନ୍ତି। ବିଜୁ ପକ୍କାଘର ଯୋଜନାରେ ବହୁ ଅଯୋଗ୍ୟ ହିତାଧିକାରୀଙ୍କୁ କେବଳ ରାଜନୈତିକ ବିଚାରରେ ଦିଆଯାଇଛି। ଏହି କାରଣରୁ ବିଜୁ ପକ୍କାଘର ସମ୍ପର୍କରେ ଅତ୍ୟନ୍ତ ମିଥ୍ୟା ତଥ୍ୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦେଇଛନ୍ତି। ଏବେ ମୁଖା ଖୋଲିଯିବା ପରେ ପିଏମ୍ ଆବାସ ଯୋଜନା ପାଇଁ ସରକାର ଅର୍ଥ ମାଗୁଛନ୍ତି। କାଳିଆ ଭଳି ସରକାର ବିଜୁ ପକ୍କାଘର ଯୋଜନାରୁ ଅଯୋଗ୍ୟ ହିତାଧିକାରୀଙ୍କୁ ବାଦ୍ ଦେବେ କି ବୋଲି ସେ ପ୍ରଶ୍ନ କରିଛନ୍ତି। ସେହିପରି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ୭୦ ଲକ୍ଷ ପରିବାର ଅନ୍ତର୍ଭୁକ୍ତ ହେବେ ବୋଲି ସରକାର ଘୋଷଣା କରିଥିଲେ। ଯୋଜନା ଅନୁସାରେ ପ୍ରତିବର୍ଷ ପରିବାର ପିଛା ୫ ଲକ୍ଷ ସ୍ୱାସ୍ଥ୍ୟ କଭରେଜ୍ ପାଇବେ। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ କାର୍ଡ ପାଇଥିବା ହିତାଧିକାରୀଙ୍କ ତାଲିକା ସାର୍ବଜନୀନ ହେବା ଜରୁରୀ। ଜାତୀୟ ଖାଦ୍ୟ ନିରାପତ୍ତା ଯୋଜନା ଥିବା ସତ୍ତ୍ୱେ ନିର୍ବାଚନକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନା ଆରମ୍ଭ କଲେ। ପ୍ରଥମେ ୨୫ ଲକ୍ଷ ଗରିବଙ୍କୁ ଏହି ଯୋଜନାରେ ସାମିଲ କରାଯିବ ବୋଲି ଘୋଷଣା କରାଯାଇଥିଲା। ପରେ ଏହାକୁ ୪୦ ଲକ୍ଷକୁ ବଢାଇ ଦିଆଗଲା। କିନ୍ତୁ ଏପର୍ଯ୍ୟନ୍ତ ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନାରେ ଯେଉଁମାନଙ୍କୁ ନବୀନ ସରକାର ଟଙ୍କିକିଆ ଚାଉଳ ଯୋଗାଇ ଦେଉଛନ୍ତି ବୋଲି ଦାବି କରୁଛନ୍ତି, ସେମାନଙ୍କର ତାଲିକା ନାହିଁ। ବାତ୍ୟା ଫନୀ ବେଳେ ବହୁ ଲୋକଙ୍କ ପାଖରେ ରାଶନ କାର୍ଡ ନ ଥିବା ଜଣାପଡିଯାଇଛି। ଯେଉଁମାନେ କାର୍ଡ ପାଇଛନ୍ତି ସେମାନଙ୍କ ତାଲିକା ପ୍ରକାଶ ପାଇଲେ ଅଯୋଗ୍ୟ ହିତାଧିକାରୀ ବାହାରି ଆସିବେ। ଜାତୀୟ ଖାଦ୍ୟ ନିରାପତ୍ତା ଆଇନ ଅନ୍ତର୍ଭୁକ୍ତ ପରିବାର ବାହାରେ ନବୀନ ସରକାର ଆଉ କେଉଁ ପରିବାରକୁ ଟଙ୍କିକିଆ ଚାଉଳ ଦେଉଛନ୍ତି, ଏଥିରେ ଥିଲାବାଲା ଅଛନ୍ତି କି ନାହିଁ, ତାହା ତାଲିକା ପ୍ରକାଶ ପାଇବା ପରେ ହିଁ ଜଣାପଡିବ ବୋଲି ସମୀର କରିଛନ୍ତି।

## ଚାଷ ଜମିରେ ପାଣି ମଡ଼ାଇବା କାଳ ହେଲା
# ବିଦ୍ୟୁତ୍ ଆଘାତରେ ବାପ, ପୁଅ ମୃତ

**ନୂଆଗାଁ, ୮।୮ (ଡି.ଏନ.ଏ.):** ସୁନ୍ଦରଗଡ଼ ଜିଲା ନୂଆଗାଁ ବ୍ଲକ ବିଶ୍ରା ଥାନା ଅନ୍ତର୍ଗତ ଗାର୍ଦା ଗ୍ରାମରେ ଗୁରୁବାର ଦୁଃଖଦ ଘଟଣା ଘଟିଛି। ପାଣି ମଡ଼ାଇବାବେଳେ ଉକ୍ତ ଗ୍ରାମର ଫଗୁଆ ସାହୁ (୬୨), ତାଙ୍କ ପୁଅ ପ୍ରକାଶ (୨୫)ଙ୍କ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟିଛି। ନୂଆଗାଁ ଅଞ୍ଚଳରେ ବର୍ଷା ଅଭାବରୁ ଚାଷ କାର୍ଯ୍ୟ ହୋଇପାରୁନାହିଁ। ନିଜ ଚାଷ ଜମିରେ ରୁଆ କାର୍ଯ୍ୟ ପାଇଁ ଫଗୁଆ ପାଣି ମଡାଇବାକୁ ଯାଇଥିଲେ। ଅପରାହ୍ନ ୨ଟାବେଳେ ମୋଟର ଯୋଗେ କୂଅରୁ ପାଣି କାଢିବାକୁ ଉଦ୍ୟମ କରିଥିଲେ। ବିଦ୍ୟୁତ୍ ସଂଯୋଗ ପରେ ମୋଟର ପାଖକୁ ଯାଇ ଷ୍ଟାଟର୍‌କୁ ଦାବିଥିଲେ। ସେଥିରେ ବିଦ୍ୟୁତ୍ ଲିକ୍ ହୋଇ ଫଗୁଆଙ୍କ ଦେହରେ ଲାଗିବାରୁ ସେ ସେଥିରେ ଲାଖି ଯାଇଥିଲେ। ଏହା ଦେଖି ପାଖରେ ଥିବା ତାଙ୍କ ପୁଅ ପ୍ରକାଶ ଦୌଡି ଯାଇ ବାପାଙ୍କୁ ଉଦ୍ଧାର ପାଇଁ ଚେଷ୍ଟା କରିଥିଲେ। ହେଲେ ସେ ମଧ ବିଦ୍ୟୁତ୍ ଆଘାତ ପାଇ ନିକଟସ୍ଥ କୂଅ ଭିତରେ ପଡିଯାଇଥିଲେ। ଏହା ଦେଖି ସେଠାରେ ଥିବା ପ୍ରକାଶଙ୍କ ମାଆ ଉର୍ମିଳା ପାଟିକରି ଲୋକଙ୍କୁ ଡାକିଥିଲେ। ଲୋକେ ଦୌଡି ଆସି ବାପ ଓ ପୁଅଙ୍କୁ ଉଦ୍ଧାର କରି ବିଶ୍ରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଡାକ୍ତର ସେଠାରେ ଉଭୟଙ୍କୁ ମୃତ ଘୋଷଣା କରିଥିଲେ।

# '୨୦୩୦ ସୁଦ୍ଧା ବାର୍ଷିକ ୧୦୦ ମିଲିୟନ ଟନ୍ ଇସ୍ପାତ ଉତ୍ପାଦନ ଲକ୍ଷ୍ୟ'

**ଭୁବନେଶ୍ୱର,୮।୮(ବ୍ୟୁରୋ):** ଓଡ଼ିଶାରେ ୨୦୩୦ ସୁଦ୍ଧା ବାର୍ଷିକ ୧୦୦ ମିଲିୟନ୍ ଟନ୍ ଇସ୍ପାତ୍ ଉତ୍ପାଦନ ହୋଇପାରିବ। ସେଥିସକାଶେ ପ୍ରମୁଖ ଇସ୍ପାତ୍ ଉତ୍ପାଦନକାରୀ ସଂସ୍ଥାର ମୁଖ୍ୟମାନଙ୍କ ସହିତ ଆପୋସ ଜରିଆରେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି।

ଶିଳ୍ପମନ୍ତ୍ରୀ ଦିବ୍ୟ ଶଙ୍କର ମିଶ୍ର କହିଛନ୍ତି ଯେ, ରାଜ୍ୟରେ ଇସ୍ପାତ ଉତ୍ପାଦନ ବୃଦ୍ଧି ନିମନ୍ତେ ସମସ୍ତ ଉତ୍ପାଦନକାରୀ ସଂସ୍ଥାକୁ ଅନୁକୂଳ ପରିବେଶ ଯୋଗାଇ ଦିଆଯିବ। ଡାଉନ୍‌ଷ୍ଟ୍ରିମ୍ ଶିଳ୍ପଗୁଡ଼ିକୁ ୫୦% ମୂଲ୍ୟଯୁକ୍ତ କରି ପ୍ରାଥମିକ ଇସ୍ପାତ୍ ଉତ୍ପାଦନକାରୀ ଭାବରେ ପ୍ରତିଷ୍ଠିତ କରିବାକୁ ସରକାର ୨୦୩୦ ସୁଦ୍ଧା ଏକ ସୁଦୂରପ୍ରସାରୀ ଭିଜନ ପ୍ରସ୍ତୁତ କରିଛନ୍ତି। ରାଜ୍ୟର ବିଭିନ୍ନ ଅଞ୍ଚଳରେ ଅନ୍ତର୍ଭୁକ୍ତି, ଅଭିବୃଦ୍ଧି ଓ ଚିରସ୍ଥାୟୀ ବିକାଶ ପାଇଁ ଏହି ଇସ୍ପାତ ଶିଳ୍ପଗୁଡ଼ିକ ସେମାନଙ୍କର କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ ପାଣ୍ଠିରୁ କାର୍ଯ୍ୟକ୍ରମ କରିବା ଦିଗରେ ବିଭାଗ ପକ୍ଷରୁ ଗୁରୁତ୍ୱ ଦିଆଯାଇଛି। ସେହିପରି ଶିଳ୍ପ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୀବ ଚୋପ୍ରା ବୈଠକରେ ଶିଳ୍ପ ସଂସ୍ଥାଗୁଡ଼ିକୁ ସରକାରଙ୍କ ପକ୍ଷରୁ ଉପଲବ୍ଧ ହେଉଥିବା ସୁବିଧା ସୁଯୋଗଗୁଡ଼ିକ ବିନିଯୋଗ କରିବାକୁ ପରାମର୍ଶ ଦେଇଥିଲେ।


## COLLECTORATE, GANJAM, CHATRAPUR
**(Civil Supplies Section)**

**No. 4998 /(Proc)** **Dt.08.08.2019**

**TENDER CALL NOTICE**

Sealed tenders are invited for printing of application forms, posters, leaflets, flex & installation of hoarding for IEC campaign on Farmers Registration at different locations at District level, Block level & G.P. level of Ganjam District. The details in this regard are available in the Office of the Civil Supplies Officer, Ganjam, Chatrapur from 09.08.2019 to 13.08.2019.

**Sd./- CSO-cum-D.M., OSCSC Ltd., Ganjam, Chatrapur**

ପତ୍ର ସଂଖ୍ୟା: ୨୦୨୬ **ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଅନୁଗୋଳ** ତା୩୧।୦୭।୨୦୧୯

ଏତଦ୍ୱାରା ଅନୁଗୋଳ ପଞ୍ଚାୟତ ସମିତିର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ଓଡ଼ିଶା ସରକାରଙ୍କ ପତ୍ରସଂଖ୍ୟା OSSAT-20/2019 161/OS ତା22.06.2019 ଦ୍ୱାରା ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (MGNREGS) ଓ ଜାତୀୟ ସାମାଜିକ ସହାୟତା ଯୋଜନା (NSAP) ର 2018-19 ଆର୍ଥିକ ବର୍ଷର (୦୧।୦୪।୨୦୧୮ରୁ ୩୧।୦୩।୨୦୧୯) ସାମାଜିକ ସମୀକ୍ଷା ପାଇଁ ଗ୍ରାମସଭା ନିମ୍ନ କାର୍ଯ୍ୟସୂଚୀ ମତେ ପୁନଃ ନିର୍ଦ୍ଧାରଣ କରାଗଲା।

| କ୍ରମିକ ସଂଖ୍ୟା | ଗ୍ରାମ ପଞ୍ଚାୟତର ନାମ | NSAP ସାମାଜିକ ସମୀକ୍ଷା ବ୍ୟବଧାନ ଓ ନଥିପତ୍ର ତଦାରଖ ଓ କାର୍ଯ୍ୟ ପରିଦର୍ଶନ | MGNREGS ସାମାଜିକ ସମୀକ୍ଷା ବ୍ୟବଧାନ ଓ ନଥିପତ୍ର ତଦାରଖ ଓ କାର୍ଯ୍ୟ ପରିଦର୍ଶନ | ଗ୍ରାମ ପଞ୍ଚାୟତ ସ୍ତରର ଜନଶୁଣାଣି ବା ସାମାଜିକ ସମୀକ୍ଷା ନିର୍ଦ୍ଧାରିତ ତାରିଖ | ଉପସ୍ଥିତ କର୍ମଚାରୀ |
|---|---|---|---|---|---|
| ୧ | ବଲଙ୍ଗ, ଅନ୍ତୁଳିଆ, ଶଙ୍ଖପୁର, ବାରଗୌଣିଆ, ମଣିକଯୋଡ଼ି, ଧୋକୁଟା, ଇଙ୍କରବନ୍ଧ, ସସୁଡ଼ା | ୧୪।୦୮।୨୦୧୯ରୁ ୧୮।୦୮।୨୦୧୯ | ୧୯।୦୮।୨୦୧୯ରୁ ୩୦।୦୮।୨୦୧୯ | ୩୦।୦୮।୨୦୧୯ | ବ୍ଲକ ସାମାଜିକ ସମୀକ୍ଷକ, VRP, ସମ୍ପୃକ୍ତ JE/PEO/ GRS/ ନୋଡାଲ ଅଫିସର |
| ୨ | ଜଗନ୍ନାଥପୁର, ପୋକତୁଙ୍ଗା, ଗଡ଼ତରାଶ, ରନ୍ତଲେଇ, ମାଟିଆସାହି, ବସଲା, କୁମୁରିସିଙ୍ଗା, କାଙ୍ଗୁଲା, ବେନ୍ତପୁର | ୦୪।୦୯।୨୦୧୯ରୁ ୦୭।୦୯।୨୦୧୯ | ୦୮।୦୯।୨୦୧୯ରୁ ୧୮।୦୯।୨୦୧୯ | ୧୮।୦୯।୨୦୧୯ | ବ୍ଲକ ସାମାଜିକ ସମୀକ୍ଷକ, VRP, ସମ୍ପୃକ୍ତ JE/PEO/ GRS/ ନୋଡାଲ ଅଫିସର |
| ୩ | ପୁରୁଣାକୋଟ, କୋଠଭୂଇଁ, ନନ୍ଦପୁର, ବଡ଼କନ୍ତକୁଳ, ନୂଆମୌଜା, ବଡ଼କେରା, ବେଡ଼ାଶାସନ, ବାଲୁଅକଟା, ଛେଳିଆପଡ଼ା | ୧୯।୦୯।୨୦୧୯ରୁ ୨୨।୦୯।୨୦୧୯ | ୨୩।୦୯।୨୦୧୯ରୁ ୧୦।୧୦।୨୦୧୯ | ୧୦।୧୦।୨୦୧୯ | ବ୍ଲକ ସାମାଜିକ ସମୀକ୍ଷକ, VRP, ସମ୍ପୃକ୍ତ JE/PEO/ GRS/ ନୋଡାଲ ଅଫିସର |
| ୪ | ଟିକରପଡ଼ା, ଟାଇଁସି, ଖଣ୍ଡା, ତଳଗଡ଼, ଅଙ୍ଗାରବନ୍ଧ, ସରଧାପୁର, ବନ୍ତଳା, ବଲାସିଙ୍ଗା, ଖଲାରୀ | ୧୧।୧୦।୨୦୧୯ରୁ ୧୪।୧୦।୨୦୧୯ | ୧୫।୧୦।୨୦୧୯ରୁ ୨୫।୧୦।୨୦୧୯ | ୨୫।୧୦।୨୦୧୯ | ବ୍ଲକ ସାମାଜିକ ସମୀକ୍ଷକ, VRP, ସମ୍ପୃକ୍ତ JE/PEO/ GRS/ ନୋଡାଲ ଅଫିସର |

ସ୍ୱା./- ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଅନୁଗୋଳ

## OFFICE OF THE MUNICIPAL COUNCIL, SUNABEDA
**E-PROCUREMENT NOTICE**

**No. 5128** **Date: 02.08.19**

**No.105-C:- Bid-Identification No. M.C-SBD-02/2019-20**

| | | |
|---|---|---|
| Total No. of Works | : | 17 Nos. |
| Tender Value | : | Rs. 2,00,000/- to Rs. 28,56,400/- |
| Bid Security | : | Rs. 2000/- to Rs. 28,600/- |
| Available Period | : | Dt. 08.08.2019 at 11.00 AM to 19.08.2019 at 5.00 PM |
| Tender Opening date | : | 22.08.2019 at 11.00 AM |
| Bidders are requested to participate in advance with their Class-II and Class-III DSC before the closing date. | | |
| Further details please visit | : | https://www.tendersorissa.gov.in. |

**Sd./- Executive Officer**
**Sunabeda Municipality**

13076/11/0003/1920

## Central University of Orissa
**(Established under the Central Universities Act, 2009)**
**Sunabeda, Dist.: Koraput, Odisha, PIN.: 763 004**
**Phone: 06852-288235/238 Fax: 06852-288225**

**Ref.:CUO/Admn./AMC-Security/70** **Dt.05/08/2019**

**NOTICE INVITING TENDER**

Sealed quotations are invited from the registered and experienced security agencies for providing security, watch and ward services at Central University of Orissa, Koraput. The sealed quotations are to be submitted on or before **Dt.26.08.2019** by **15.00 Hrs**. as per the prescribed terms and conditions.

For further details please log on to University website: **www.cuo.ac.in.**

**Sd./- Registrar**

## Government of Odisha
## Board of Revenue, Odisha, Cuttack
**(Rajaswa Bhawan, Chandini Chowk, Cuttack-2**
**email : igrodisha2012@yahoo.com)**
**(Registration Wing)**
**No.XXXIII-13/2018/3579 /Regn. Dated : 08.08.2019**

**SEALED TENDER CALL NOTICE**

Sealed Quotation / Tenders are invited in plain paper for disposal of the Govt. Vehicle bearing Registration No. K-8485 (Ambassador Diesel Car) of this office. The tender paper should be sent by Registered Post or put in the sealed tender box kept in the office latest by 2.00 P.M. on 30.08.2019.

Intending tenderers may inspect the Vehicle during office hours on any working day in the office premises of Board of Revenue, Odisha, Cuttack. The interested parties may see the detailed Tender / Quotation Notice in this regard already published in the IGR's website **http.//www.igrodisha.gov.in.** The Tender / Quotation should reach the Under Secretary (Regn.) of this office on or before 30.08.2019 by 2.00 P.M.

The Authority reserves the right to cancel the quotation or any part without assigning any reason thereof.

**By orders of I.G.R., Odisha, Cuttack**
**Sd./- Under Secretary (Regn.)**

## Government of Odisha, e- Procurement Notice
**INVITATION FOR BIDS (IFB)**

Bid Identification No. S.E.Dkl.(R&B) 03/2019-20 Email Id-sedklpwd@gmail.com

Letter No /Dt. 99-B

The Superintending Engineer, Dhenkanal (R&B) Circle, Dhenkanal on behalf of Governor of Odisha invites Percentage Rate bids in double cover system to be received in ONLINE MODE from eligible contractors for construction of Road works as detailed in the table below:

1. Name of the work : Road works
2. No of works : 03 (Three) Nos
3. Estimated Cost : **Rs.3,37,79,532/- to Rs.3,95,33,491/-**
4. Cost of tender paper : Rs 10,000.00
5. Class of contractor : "A" & "Special" Class
6. Period of Completion of work : 7 (Seven) to 9 (Nine) Calendar months
7. Date and time of availability of bid Document in the website : From Dt.14.08.2019 to 16.00 hours of Dt.28.08.2019
8. Date of opening of bid : Dt.29.08.2019 at 11.30 hours

The bidders have to participate in ONLINE biding only further details can be seen from the e-Procurement Portal: www.tendersodisha.gov.in. Any addendum / corrigendum / cancellation of tender can also be seen in the said website.

Sd/-
Superintending Engineer
Dhenkanal(R&B) Circle,Dhenkanal

34132/11/0004/1920

## ZILLA SWASTHYA SAMITI, RAYAGADA
**No. 4580 / Estt. Gaz. dated Rayagada the 5 August 2019**

**Hiring of Specialized doctors in different discipline under corpus fund**

**No.198-E:-** Applications are invited from the interested specialists/Super specialists in different discipline as maintained below to attend DHH Rayagada weekly once. The daily remuneration will be negotiated on personal meet. The application with detail Bio-data along with supporting documents should reach the undersigned by **20.08.2019** by Regd Post/ Speed Post only by superscribing on the top of the envelope **"Application for providing Specialist service under corpus fund.** The applicants are requested to quote their approximate remuneration for one day in a week and specify in which day they can spare their services.

1. MS/DNB in the discipline of Orthopaedics
2. MD/DA in the discipline Anesthesia
3. Specialist/ Super specialist/ Diploma in the discipline Skin & VD
4. Specialist/ Super specialist/ Diploma in the discipline Psychiatrist.

**Sd./- Chief District Medical & Public Health Officer, Rayagada**

10035/11/0007/1920

## ODISHA HYDRO POWER CORPORATION LIMITED
OHPC
**BALIMELA HYDRO ELECTRIC PROJECT, POST: BALIMELA, DIST: MALKANGIRI (ODISHA), PIN: 764051,**
**Phones: 06861-232581(O)/ 232641 (R),**
**Fax: 06861-232541, E mail: unit.head_balimela@yahoo.com,**
**CIN No: U40101OR1995SGC003963**

**1st Corrigendum to Tender Call Notice No.BHEP: 18/2019-20 Dated 19.07.2019**

**No.CAD-281:-** Sub: Design, Supply, Installation, Testing & Commissioning of Bus-Bar Protection Scheme & Breaker Failure Protection Relay (LBB) of BHEP, Balimela including Supply of Spares.

The last date of this office Tender Call Notice No. 18/2019-20 Dated 19.07.2019 for Design, Supply, Installation, Testing & Commissioning of Bus-Bar Protection Scheme & Breaker Failure Protection Relay (LBB) of BHEP, Balimela including Supply of Spares is extended as follows.

Last date of sell of tender paper : Upto 13.00 hrs. of 22.08.2019.
Last date of receipt of tender : Upto 16.00 hrs. of 22.08.2019.
Date of opening of tender paper : 16.30 hrs. of 22.08.2019.

All other terms and conditions of the above original TCN remains unaltered.

**Sd./- CHIEF GENERAL MANAGER (EL)**
**BHEP, BALIMELA**

04019/11/0029/1920

## ପଞ୍ଚାୟତ ସମିତି କାର୍ଯ୍ୟାଳୟ, ପଦ୍ମପୁର, ରାୟଗଡ଼ା

**ବିଜ୍ଞାପନ ସଂଖ୍ୟା: ୧୦୨୬** ତା୨୯।୦୭।୨୦୧୯

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ୨୦୧୮-୧୯ ବର୍ଷର ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାର ସମସ୍ତ ଉନ୍ନୟମୂଳକ କାର୍ଯ୍ୟର ସାମାଜିକ ସମୀକ୍ଷା ପ୍ରତ୍ୟେକ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ କରାଯିବ। ଏହି ଗ୍ରାମସଭା ମାଧ୍ୟମରେ ନିମ୍ନସୂଚୀ ମତେ ସମ୍ପାଦନ କରିବା ପାଇଁ ସ୍ଥିର ହୋଇଛି। ଏଥିନିମନ୍ତେ ସମସ୍ତ ଗ୍ରାମପଞ୍ଚାୟତର ସରପଞ୍ଚମାନଙ୍କୁ ନୋଟିସ୍, ଡେଙ୍ଗୁରା, ଡାକବାଜି ଯନ୍ତ୍ର ମାଧ୍ୟମରେ ବହୁଳ ପ୍ରଚାର କରିବା ପାଇଁ ପରାମର୍ଶ ଦିଆଗଲା। ଏଥିରେ ସମସ୍ତ ଅଣକୁଶଳୀ ଶ୍ରମିକମାନେ ନିଜ ନିଜର ଜବ୍‌କାର୍ଡ ସାଥିରେ ଧରି ନିମ୍ନ କାର୍ଯ୍ୟସୂଚୀ ମତେ ପଞ୍ଚାୟତରେ ଉପସ୍ଥିତ ରହି ସାମାଜିକ ସମୀକ୍ଷାରେ ଭାଗନେବେ। ପଞ୍ଚାୟତରେ କରାଯାଇଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ମଷ୍ଟର ରୋଲ, କାର୍ଯ୍ୟର ଗୁଣବତ୍ତା ଇତ୍ୟାଦି ବିଷୟରେ ଆଲୋଚନା ହେବ।

**ଗ୍ରାମସଭାର ଆଲୋଚ୍ୟ ବିଷୟ:-** ୧. ମଷ୍ଟର ରୋଲ କ୍ରମିକ ସଂଖ୍ୟା ଓ ପ୍ରୋଗ୍ରାମ ଅଧିକାରୀଙ୍କ ଦ୍ୱାରା ଦିଆଯାଇଥିବା କ୍ରମିକ ସଂଖ୍ୟା ସହ ସମାନ କି ନାହିଁ। ୨. ମଷ୍ଟର ରୋଲରେ ଦର୍ଶିତ ଜବ୍‌କାର୍ଡ ନମ୍ବରଟି ଅଣକୁଶଳୀ ବା କୁଶଳୀ ଶ୍ରମିକର କି ନୁହେଁ। ୩. ମଷ୍ଟର ରୋଲରେ ପ୍ରଦର୍ଶିତ କାର୍ଯ୍ୟ ଦିବସ ଅନୁଯାୟୀ ମାପ ହେଉଥିବା କାର୍ଯ୍ୟର ପରିମାଣ ଓ ପ୍ରାପ୍ତ ଠିକ୍ କି ନାହିଁ। ୪. ମଷ୍ଟର ରୋଲ୍‌ରେ ଦର୍ଶାଯାଇଥିବା ବିବରଣୀ ଜବ୍‌କାର୍ଡ ଗୁଡ଼ିକରେ ମଷ୍ଟର ରୋଲ ମୁତାବକ ଦରଜ କରାହୋଇଛି କି ନାହିଁ। ୫. ମଷ୍ଟର ରୋଲ ଅନୁଯାୟୀ ମାପ ବହିର ପରିମାଣ ସହ ସାମଞ୍ଜସ୍ୟ ଅଛି କି ନାହିଁ। ୬. ମଷ୍ଟର ରୋଲ ଅନୁଯାୟୀ ଅଣକୁଶଳୀ ଶ୍ରମିକମାନଙ୍କର ନାମ ଠିକ୍ ଅଛି କି ନାହିଁ।

| କ୍ର. ନଂ. | ଗ୍ରାମ ପଞ୍ଚାୟତର ନାମ | ସାମାଜିକ ସମୀକ୍ଷା ଆରମ୍ଭ ତାରିଖ | ସାମାଜିକ ସମୀକ୍ଷା ଶେଷ ତାରିଖ | ସାମାଜିକ ସମୀକ୍ଷା ଗ୍ରାମସଭା ତାରିଖ ଓ ସମୟ | ବ୍ଲକ୍ ସ୍ତରୀୟ ଜନ ଶୁଣାଣି ଦିବସ | ଗ୍ରାମସଭା ଦିନ ଉପସ୍ଥିତ ରହିବା ପାଇଁ ଦାୟିତ୍ୱରେ ଥିବା ଅଧିକାରୀ |
|---|---|---|---|---|---|---|
| ୧ | ନାଇରା | ୧୩।୦୮।୧୯ | ୧୬।୦୮।୧୯ | ୩୦।୦୮।୧୯ | ୨୭।୦୯।୨୦୧୯ | ପ୍ରଭାକର ମଲ୍ଲିକ, M.I. |
| ୨ | ଡେରିଗାଁ | ୧୩।୦୮।୧୯ | ୧୬।୦୮।୧୯ | ୩୦।୦୮।୧୯ | | ରମେଶ ପ୍ରସାଦ ମହପାତ୍ର, G.P.E.O. |
| ୩ | ଗୁଡ଼ିଆବନ୍ଧ | ୧୩।୦୮।୧୯ | ୧୬।୦୮।୧୯ | ୩୦।୦୮।୧୯ | | ପୂର୍ଣ୍ଣଚନ୍ଦ୍ର ସାହୁ, A.E.E. |
| ୪ | ଇନ୍ଦୁପୁର | ୧୩।୦୮।୧୯ | ୧୬।୦୮।୧୯ | ୩୦।୦୮।୧୯ | | ବିଶିକେଶନ ଲିମା, A.P.O. |
| ୫ | ପଦ୍ମପୁର | ୧୩।୦୮।୧୯ | ୧୬।୦୮।୧୯ | ୩୦।୦୮।୧୯ | | ଅସୀମା ରାଓ, W.E.O. |
| ୬ | ଖିଲାପଦର | ୦୪।୦୯।୧୯ | ୦୭।୦୯।୧୯ | ୨୧।୦୯।୧୯ | | ପ୍ରଭାକର ମଲ୍ଲିକ, M.I. |
| ୭ | ଜାଢ଼ିଲି | ୦୪।୦୯।୧୯ | ୦୭।୦୯।୧୯ | ୨୧।୦୯।୧୯ | | ପୂର୍ଣ୍ଣଚନ୍ଦ୍ର ସାହୁ, A.E.E. |
| ୮ | ଆଖୁସିଙ୍ଗି | ୦୪।୦୯।୧୯ | ୦୭।୦୯।୧୯ | ୨୧।୦୯।୧୯ | | ବିଶିକେଶନ ଲିମା, A.P.O. |
| ୯ | ଡେମ୍ବାଗୁଡ଼ା | ୦୪।୦୯।୧୯ | ୦୭।୦୯।୧୯ | ୨୧।୦୯।୧୯ | | ରମେଶ ପ୍ରସାଦ ମହାପାତ୍ର, G.P.E.O. |
| ୧୦ | ଲିକିଟିପଦର | ୨୪।୦୯।୧୯ | ୨୭।୦୯।୧୯ | ୧୪।୧୦।୧୯ | | ରମେଶ ପ୍ରସାଦ ମହାପାତ୍ର, G.P.E.O. |
| ୧୧ | ନୂଆଗଡ଼ | ୨୪।୦୯।୧୯ | ୨୭।୦୯।୧୯ | ୧୪।୧୦।୧୯ | | ପୂର୍ଣ୍ଣଚନ୍ଦ୍ର ସାହୁ, A.E.E. |
| ୧୨ | ଗୁଲୁଗୁଡ଼ା | ୨୪।୦୯।୧୯ | ୨୭।୦୯।୧୯ | ୧୪।୧୦।୧୯ | | ବିଶିକେଶନ ଲିମା, A.P.O. |
| ୧୩ | ଖମାପଦର | ୨୪।୦୯।୧୯ | ୨୭।୦୯।୧୯ | ୧୪।୧୦।୧୯ | | ପ୍ରଭାକର ମଲ୍ଲିକ M.I. |

**Sd./- Block Development Officer, Padmapur Block, Dist- Rayagada**

## OFFICE OF THE MUNICIPAL COUNCIL, TITILAGARH
**No.1393** **Dtd: 07.08.19**

QUOTATION CALL NOTICE

Sealed quotations in letter pad are invited from the intending Registered firms / suppliers / Dealers / Manufactures having valid GSTN / PAN / TIN / SRIN and Income Tax clearance certificate for supply of Excavator with Backhoe Loader Machine of (CAT / L&T / JCB / HUNDAI / VOLVO / MAHINDRA and TATA) Company make & AUTO TIPPER of any Branded company make for official use of Titilagarh Municipality. The details of these articles can be obtained from Titilagarh Municipality Office on any working day between 10.30 A.M. to 1.30 P.M. The quotationers should enclose earnest money of Rs.10,000/- (Rupees Ten Thousand) only in shape of Cash / Bank Darft / Bankers Cheque in favour of Executive Officer, Titilagarh Municipality along with the quotation which will be refunded to the quotationers whose quotations are not accepted. The quotations should reach the undersigned by 20.08.2019 up to 1.30 P.M. at the latest and the quotations shall be opened on the same day at 4.00 P.M. The quotationers or their authorized representatives may remain present at the time of opening of the tender. The authority reserves the right to reject any or all quotations without assigning any reason thereof. The quotations received incomplete or after the scheduled date and time shall be summarily rejected. Enclosed all detail Specification with the Quotation.

FORMAT

**Name of the Firm :**
**(With full particular)**

| Sl. No. | Item | Make / Model | Specification | Unit Price (in. Rs.) | Remarks |
|---|---|---|---|---|---|
| | | | | | |
| | | | | | |

**Sd./- Executive Officer**
**Titilagarh Municipality**

See Career Appointment on every Wednesday & Saturday

Classified Display on Every Tuesday and Friday

## GOVERNMENT POLYTECHNIC, BOUDH
**AT: NUAPALI, PO: KHUNTIAPADA, VIA: BAGHIAPADA, DIST.: BOUDH, PIN: 762026**

**QUOTATION CALL NOTICE**

Adv. No. 415/2019-20

Sealed quotations are invited from Publishers/ Distributors / Stockists/ Authorized Suppliers for supply of Library Books for Civil, Electrical and Mechanical Engineering students of Government Polytechnic, Boudh. The interested firms may submit their quotation superscribing in the envelop "Quotation for Library Books" to the undersigned on or before 10th September, 2019 by 3.00 PM through Speed Post / Registered Post or by hand and the same will be opened at 4.00PM on the same day. The Firms are to quote average discount in percentage (%) to be offered on the total value of the books to be supplied. Quotations received beyond the stipulated date and time shall not be considered. The books likely to be procured can be downloaded from the institute website www.govtpolyboudh.org and to be filled in properly for submission of quotation.

The undersigned reserves the right to reject any or all quotation without assigning any reason thereof.

*Sd./- Principal,*
*Government Polytechnic, Boudh*

## OFFICE OF THE NOTIFIED AREA COUNCIL, KHARIAR ROAD
Phone: 7328882121, e-mail: nackhrd@rediffmail.com

**RE-QUOTATION CALL NOTICE**

No. 2660/ Date: 07.08.2019

Sealed quotations are invited from intending reputed Agency/Firm/Stockist/Suppliers for supply of following Safety Equipments for use of sanitation workers of Khariar Road NAC. The rate will be valid for one year and procurement will be made in phase manner during the year from time to time as per requirement. All quotations in the followings tender format accompanied with self attested photo copy of PAN/GST registration certificate should be sent through Speed post/Registered post so as to reach on or before 24.08.19 by 3.30 PM and will be opened on the same day at 4.00 PM in presence of the quotationers & their authorized representatives. Quotation received after stipulated date & time shall summarily be rejected. The quotationers are required to deposit Rs.2,000/- (Two Thousand) towards Tender Paper cost & EMD Rs.10,000/- (TenThousand) in shape of D.D./Bankers Cheque drawn in favour of Executive Officer, N.A.C., Khariar Road along with the quotation. At the time of opening of quotations, the samples of each category items should be presented otherwise the quotation will not be accepted.

| Sl. No. | Name of Items | Approximate Qnty. | Unit | Rate including GST |
|---|---|---|---|---|
| 1 | Safety Jacket with NAC logo | 70 | No | |
| 2 | Gumboot (Light weight) 6, 7, 8, 9, 10 | 60 | Pair | |
| 3 | Cloth mask for Sanitation workers | 100 | No | |
| 4 | Safety helmets for sanitation workers (ISI Mark) | 60 | No | |
| 5 | Rubber Hand Gloves | 100 | Pair | |

Authority reserves the right to accept or cancel any or all the quotations without assigning any reason thereof. For further details the undersigned may be contacted during office hours and negotiate with any or all the party.

*Sd./- Executive Officer, NAC, Khariar Road*

## OFFICE OF THE MUNICIPAL COUNCIL, PARADEEP
**DIST:- JAGATSINGHPUR, ODISHA. 754142**

No. 5926 / **EXPRESS OF INTEREST** Date: 06.08.2019

The Executive Officer on behalf of Municipal Council, Paradeep invites sealed cover Express of Interest (EOI) in Two Bid system {Part-I: General & Technical Bid and Part-II: Financial Bid in conformity with Detailed Tender Call Notice (DTCN) from the intending vaild Firms/ Contractor/ NGO/ Hotel owner having credibility and experience in Operation and Maintenance of Hotel/ Yatri Nibas for the following indicated below.

2.

| Sl. No. | Description | Qty. | Bid Document | EMD Cost |
|---|---|---|---|---|
| 1 | 2 | 3 | 4 | 5 |
| 1 | Lease of "BIJU SMRUTI YATRINIWAS" near Pantha Nivas, Paradeep | 1 No. | Rs. 10,000.00 | Rs. 50,000.00 |

3. DTCN alongwith specification, terms & conditions can be obtained/ downloaded from district website www.Jagatsinghpur.nic.in and Municipality website: www.paradeepmunicipality.org.in in between dt.08.08.2019, 10.00 hours to dt.17.08.2019, 17.00 hours on payment of Bid Document cost mentioned in column 4 (not refundable) above in the shape of DD/ Banker cheque drawn on any Nationalized Bank in favour of Executive Officer, Paradeep Municipality payable at Paradeep.
4. In addition bid must be accompanied by EMD amount mentioned in column 5 in shape of DD/ Bankers cheque drawn on any Nationalized Bank in favour of Executive Officer, Paradeep Municipality payable at Paradeep. Express of Interest (EOI) without payment of EMD shall not be accepted in any case and will be rejected summarily.
5. Paper cost shall be paid as per the same method noted above for DTCN downloaded online. Quotation without payment of paper cost shall not be accepted in any case and will be rejected summarily.
6. Duly filled Part-I: General & Technical Bid and Part-II: Financial Bid along with Bid Document cost and EMD should reach the undersigned's office by on or before 1.00 PM on dt.19.08.2019 latest. Bid Document received after the said date and time will be rejected outright.
7. The Technical bid will be opened on dt.19.08.2019 at 1.30 PM and Financial bid will be opened on dt.21.08.2019 at 11.00 AM in presence of the bidders or their authorized representatives.
8. The upset price of Biju Smruti Yatriniwas is Rs. 2,81,000.00 (Rupees:- Two lakhs eighty one thousand) only per month as assessed by R&B Division, Jagatsinghpur.
9. All other condition will be made after successful of bidding with the committee of this ULB.
10. The authority reserves the right to accept or cancel any or all quotations without assigning any reason thereof.

*Sd./- Executive Officer, Paradeep Municipality*

## OFFICE OF THE COLLECTOR, ANGUL
**FORM NO. - III**
**(See Rule 5 C of OGLS Amendment Rules, 1998)**
**PROCLAMATION**
**(Misc. Conversion Case No. 16/2018)**

**No.: 1615/Rev.** **Dt.03.08.2019**

It is hereby informed to the General Public that Smt. Sulochana Agrawalla, W/o. Roshanlal Agrawalla, Dinesh Kumar Agrawalla, Sanjaya Kumar Agrawalla, Ajaya Kumar Agrawalla, Puspa Agrawalla, Sabita Agrawalla all are S/D/O. Roshanlal Agrawalla,Caste: Baisya of Village: Angul Town, Dist.- Angul have applied for conversion of the following lease hold land to free hold in their favour.

Any body having any objection to such conversion may file objection petition within a period of 15 days from the date of publication of this proclamation to the undersigned.

No objection petition will be entertained after expiry of the stipulated period.

**Land Schedule**

| Mouza | Khata No. | Plot No. | Area in Acre | Kisam |
|---|---|---|---|---|
| Angul Town | 432/1369 | 1423/1930 | 0.10 | Ghara |
| **TOTAL** | | | 0.10 | |

By order of the Collector
**Sd./- Dy. Collector, Revenue**
**Collectorate, Angul**



ନିର୍ମଳ କୁମାର ମିଶ୍ର



# ରଣଜୀ ବିଗୁଲ

ଦେଶର ସର୍ବବୃହତ୍ ଘରୋଇ ଟୁର୍ନାମେଣ୍ଟ ରଣଜୀ ଟ୍ରଫିର ଆଗାମୀ ୨୦୧୯-୨୦ ସେସନ ଡିସେମ୍ବର ୯ ତାରିଖରୁ ଆରମ୍ଭ ହୋଇ ମାର୍ଚ୍ଚ ୧୩ ତାରିଖରେ ଶେଷ ହେବା କାର୍ଯ୍ୟକ୍ରମ ରହିଛି। ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିବାକୁ ଥିବା ୩୭ଟି ଦଳକୁ ୪ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି। ରାଉଣ୍ଡ ରବିନ୍ ଓ ପରେ ନକ୍‌ଆଉଟ୍ ପଦ୍ଧତିରେ ଖେଳାଯିବାକୁ ଥିବା ଏହି ଟୁର୍ନାମେଣ୍ଟରେ ମୋଟ୍ ୧୬୦ଟି ମ୍ୟାଚ୍ ଖେଳାଯିବ। ବିଦର୍ଭ ଗତ ସଂସ୍କରଣରେ ସୌରାଷ୍ଟ୍ରକୁ ହରାଇ ଟାଇଟଲ ହାସଲ କରିଥିଲା...

ଆମ ଦେଶର କ୍ରିକେଟର ସର୍ବୋଚ୍ଚ ସଂସ୍ଥା ବିସିସିଆଇ। ବିଶ୍ୱର ସବୁଠାରୁ ବିତ୍ତଶାଳୀ କ୍ରିକେଟ ବୋର୍ଡ। କ୍ରିକେଟର ତୃଣମୂଳସ୍ତରରୁ ବିକାଶ କରିବା ସହ ରାଜ୍ୟ ଆସୋସିଏଶନ୍‌ଗୁଡିକ ସହିତ ସମନ୍ୱୟ ରକ୍ଷା କରିଥାଏ। ଏଥିସହିତ ଘରୋଇ କ୍ରିକେଟର କାର୍ଯ୍ୟସୂଚୀ ଏବଂ ଆଇସିସି ଦ୍ୱାରା ପ୍ରଣୟନ ସମସ୍ତ ନୀତି ଓ ନିୟମଗୁଡିକୁ କାର୍ଯ୍ୟକାରୀ କରାଇବାରେ ସହାୟକ ହେବା ଏହାର ହେଉଛି ମୁଖ୍ୟ ଦାୟିତ୍ୱ। ଚୟନ କମିଟି ଗଠନ ସହିତ ଦେଶ ପାଇଁ ପ୍ରତିନିଧିତ୍ୱ କରିବା ଲାଗି ଉପଯୁକ୍ତ ଖେଳାଳି ଚୟନ ବିଭିନ୍ନ ଟୁର୍ନାମେଣ୍ଟ ମାଧ୍ୟମରୁ କରିଥାଏ। ଏପରି କି କେଉଁ ରାଜ୍ୟର କେଉଁ ଭେନ୍ୟୁରେ ଅନ୍ତର୍ଜାତୀୟ ମ୍ୟାଚଗୁଡିକ ଅନୁଷ୍ଠିତ ହେବ ତାହାର ତାଲିକା ପ୍ରସ୍ତୁତ କରିଥାଏ। ଆମ ଦେଶର ପ୍ରିମିୟର ପ୍ରଥମ ଶ୍ରେଣୀ କ୍ରିକେଟ ହେଉଛି ରଣଜୀ ଟ୍ରଫି। ଏହାର ୮୬ତମ ସଂସ୍କରଣ ୨୦୧୯-୨୦ ବିସିସିଆଇ ଦ୍ୱାରା ଘୋଷଣା କରାଯାଇଛି। ଚଳିତ ସଂସ୍କରଣରେ ମୋଟ ୩୭ଟି ଦଳ ଅଂଶ ଗ୍ରହଣ କରୁଥିବା ବେଳେ ୧୬୦ଟି ମ୍ୟାଚ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ୮୫ତମ ସଂସ୍କରଣରେ ୩୭ଟି ଟିମ୍ ଭାଗ ନେଇଥିବା ବେଳେ ମୋଟ ୧୫୩ଟି ମ୍ୟାଚ ବିଭିନ୍ନ ରାଜ୍ୟ ଆସୋସିଏଶନ୍ ଗ୍ରାଉଣ୍ଡଗୁଡିକରେ ଖେଳାଯାଇଥିଲା। ଭାଗ ନେଉଥିବା ଦଳଗୁଡିକ ପୂର୍ବବର୍ଷ ପରି ଏଥର ମଧ୍ୟ ୪ଟି ଗ୍ରୁପରେ ବିଭକ୍ତ କରାଯାଇଛି। ଗତବର୍ଷର ପ୍ରଦର୍ଶନ ଦୃଷ୍ଟିରୁ ଦଳଗୁଡିକୁ ଗ୍ରୁପ-ଏ, ଗ୍ରୁପ୍-ବି, ଗ୍ରୁପ୍-ସି ଏବଂ ପ୍ଲେଟ ଗ୍ରୁପରେ ବିଭକ୍ତ କରାଯାଇଛି। ଏ, ବି ଓ ପ୍ଲେଟ୍ ଗ୍ରୁପ୍‌ରେ ୯ଟି ଲେଖାଏ ଦଳ ସ୍ଥାନ ପାଇଛନ୍ତି। ତେବେ ସି' ଗ୍ରୁପ୍‌ରେ ୧୦ଟି ଦଳ ସ୍ଥାନ ପାଇଛନ୍ତି। ଗ୍ରୁପ୍-ଏ' ଓ ଗ୍ରୁପ-ବି ରୁ ୫ଟି ଟିମ୍, ଗ୍ରୁପ-ସି'ର ଶ୍ରେଷ୍ଠ ୨ଟି ଦଳ ଏବଂ ପ୍ଲେଟ ଗ୍ରୁପର ଶ୍ରେଷ୍ଠ ଦଳ କ୍ୱାର୍ଟର ଫାଇନାଲକୁ ଉନ୍ନୀତ ହେବେ ବୋଲି ବିସିସିଆଇର ଟେକ୍‌ନିକାଲ କମିଟି ସୂଚନା ଦେଇଛି।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଚଳିତ କ୍ରିକେଟ ଋତୁରେ ବିସିସିଆଇ ଦ୍ୱାରା ଉଭୟ ପୁରୁଷ ଏବଂ ମହିଳା ବିଭାଗର ବିଭିନ୍ନ ବୟସ ବର୍ଗରେ ମୋଟ ୨୦୩୬ଟି ମ୍ୟାଚ ଖେଳାଯିବ, ଯାହାକି ଏକ ରେକର୍ଡ ଅଟେ। ଏହି ରଣଜୀ ଟ୍ରଫି ମ୍ୟାଚଗୁଡିକ ମଲଟି ଡେଜ ଅର୍ଥାତ୍ ଏକାଧିକ ଦିନ ଧରି ଖେଳାଯାଇଥାଏ। ବିଭିନ୍ନ ରାଜ୍ୟ ଏବଂ ରାଜ୍ୟ ବାହାରେ ଖେଳାଯିବ। କ୍ୱାର୍ଟର ଫାଇନାଲ, ସେମିଫାଇନାଲ ଏବଂ ଫାଇନାଲ୍ ମ୍ୟାଚ ନ୍ୟୁଟ୍ରାଲ ଭେନ୍ୟୁରେ ଖେଳାଯିବା ସହିତ ସମସ୍ତ ମ୍ୟାଚ ରାଉଣ୍ଡ ରବିନ ଏବଂ ନକ୍‌ଆଉଟ୍ ଭିତ୍ତିରେ ଖେଳାଯିବ। ଏହି ରଣଜୀ ଟ୍ରଫି ଚଳିତ ବର୍ଷ ଡିସେମ୍ବର ମାସ ୯ ତାରିଖରୁ ଆରମ୍ଭ ହୋଇ ୨୦୨୦ ମାର୍ଚ୍ଚ ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ।

ଗ୍ରୁପ-ଏ'ରେ ସ୍ଥାନ ପାଇଥିବା ଦଳଗୁଡିକ ହେଲେ ବରୋଦା, ଗୁଜରାଟ, କର୍ଣ୍ଣାଟକ, ମୁମ୍ବାଇ, ରେଲୱେ, ରାଜସ୍ଥାନ, ସୌରାଷ୍ଟ୍ର, ଉତ୍ତର ପ୍ରଦେଶ ଏବଂ ବିଦର୍ଭ। ସେହିପରି ଗ୍ରୁପ-ବି'ରେ ସ୍ଥାନ ପାଇଥିବା ଦଳଗୁଡିକ ହେଲେ ଆନ୍ଧ୍ରପ୍ରଦେଶ, ବେଙ୍ଗଲ, ଦିଲ୍ଲୀ, ହିମାଚଳ ପ୍ରଦେଶ, ହାଇଦ୍ରାବାଦ, କେରଳ, ମଧ୍ୟପ୍ରଦେଶ, ପଞ୍ଜାବ ଏବଂ ତାମିଲନାଡୁ। ଗ୍ରୁପ-ସି'ରେ ସ୍ଥାନ ପାଇଥିବା ଦଳଗୁଡିକ ହେଲେ ଆସାମ, ଛତିଶଗଡ, ହରିୟାଣା, ଜମ୍ମୁ-କଶ୍ମୀର, ଝାଡଖଣ୍ଡ, ମହାରାଷ୍ଟ୍ର, ଓଡ଼ିଶା, ସର୍ଭିସେସ୍, ତ୍ରିପୁରା, ଉତ୍ତରାଖଣ୍ଡ। ସେହିପରି ପ୍ଲେଟ ଗ୍ରୁପରେ ସ୍ଥାନ ପାଇଥିବା ଦଳଗୁଡିକ ହେଲେ ଅରୁଣାଚଳ ପ୍ରଦେଶ, ବିହାର, ଗୋଆ, ମଣିପୁର, ମେଘାଳୟ, ମିଜୋରାମ, ନାଗାଲାଣ୍ଡ, ପୁଡୁଚେରୀ ଏବଂ ସିକ୍କିମ୍। ଗ୍ରୁପ-ଏ' ଏବଂ ସି' ରେ ୯ଟି ଦଳ ସ୍ଥାନ ପାଇଥିବା ବେଳେ ପ୍ଲେଟ ଗ୍ରୁପରେ ୧୦ଟି ଦଳ ସ୍ଥାନ ପାଇଛନ୍ତି। ଗ୍ରୁପ ପର୍ଯ୍ୟାୟରେ ପ୍ରତ୍ୟେକ ଦଳ ୮ଟି ଲେଖାଏଁ ମ୍ୟାଚ ଖେଳିବେ। ଗତ ୮୫ତମ ସଂସ୍କରଣରେ ବିଦର୍ଭ ଏବଂ ସୌରାଷ୍ଟ୍ର ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିବା ବେଳେ ବିଦର୍ଭ ଦଳ ସୌରାଷ୍ଟ୍ରକୁ ଫାଇନାଲରେ ୭୮ ରନ୍‌ରେ ପରାସ୍ତ କରିଥିଲା। ଫଳସ୍ୱରୂପ ବିଦର୍ଭ ଦଳ ୨ୟ ଥର ପାଇଁ ରଣଜୀ ଚାମ୍ପିୟନ ହୋଇଥିଲା। ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି ରୂପେ ମିଲିନ୍ଦ କୁମାର ୧୩୩୧ ରନ୍ କରିବା ସହିତ ଆଶୁତୋଷ ଅମନ ସର୍ବାଧିକ ୬୮ଟି ଉଇକେଟ ନେଇଥିଲେ।

ଦେଶର ଏହି ସର୍ବୋଚ୍ଚ ଘରୋଇ ଟୁର୍ନାମେଣ୍ଟକୁ ଅଧିକ ଆକର୍ଷଣୀୟ ଏବଂ ବିବାଦମୁକ୍ତ କରିବା ସହିତ ଅମ୍ପାୟରମାନଙ୍କ ମଧ୍ୟରୁ ଚାପ କମାଇବା ପାଇଁ ବିସିସିଆଇ ପ୍ରଥମ ଥର ପାଇଁ ଡିଆରଏସ୍ ପଦ୍ଧତି ଅବଲମ୍ବନ କରିବ। ମାତ୍ର ଏଥିରେ ହକ୍ ଆଇ ଏବଂ ଅଲଟ୍ରା ଏଡଜ୍ ସିଷ୍ଟମର ବ୍ୟବସ୍ଥା ରହିବ ନାହିଁ। ଆସନ୍ତା ମାସରୁ ଦୁଲିପ ଟ୍ରଫି ମଧ୍ୟ ଆରମ୍ଭ ହେବ। ଦୁଲିପ ଟ୍ରଫିର ୪ଟି ମ୍ୟାଚ ଅଗଷ୍ଟ ମାସ ୧୭ ତାରିଖରୁ ଆରମ୍ଭ ହୋଇ ସେପ୍ଟେମ୍ବର ୮ ତାରିଖ ପର୍ଯ୍ୟନ୍ତ ଖେଳାଯିବ। ବିଜୟ ହଜାରେ ଟ୍ରଫିର ୧୬୦ଟି ଏକଦିବସୀୟ ମ୍ୟାଚ ସେପ୍ଟେମ୍ବର ୨୪ତାରିଖରୁ ଆରମ୍ଭ ହୋଇ ୧୦ ଅକ୍ଟୋବର ପର୍ଯ୍ୟନ୍ତ ଚାଲିବ। ସିକେ ନାଇଡୁ ଟ୍ରଫି, ଭିନୁ ମଙ୍କଡ ଟ୍ରଫି, କୁଚ ବିହାର ଟ୍ରଫି, ବିଜୟ ମର୍ଚ୍ଚାଣ୍ଟ ଟ୍ରଫି ଏବଂ ଭିଜି ଟ୍ରଫି ଅକ୍ଟୋବର ମାସରୁ ଆରମ୍ଭ ହେବାକୁ ଥିବା ବେଳେ ଅକ୍ଟୋବର ମାସରୁ ମଧ୍ୟ ସିନିୟର ମହିଳା ଟୁର୍ନାମେଣ୍ଟ ଟି-୨୦ ଲିଗ୍ ଆରମ୍ଭ ହେବ।

ଆଗକୁ ବିସିସିଆଇ କର୍ମକର୍ତ୍ତା ନିର୍ବାଚନ ଆୟୋଜନ ହେବାର କାର୍ଯ୍ୟକ୍ରମ ରହିଛି। କ୍ରିକେଟକୁ ଅଧିକ ଶୃଙ୍ଖଳିତ କରିବା ପାଇଁ ବର୍ତ୍ତମାନର କାମଚଳା କାର୍ଯ୍ୟକାରୀ ସଭାପତି ସିକେ ଖାନ୍ନା, ବିନୋଦ ରାୟ, ସିଲେକଶନ୍ କମିଟିର ଅଧ୍ୟକ୍ଷ ଏମକେଏସ୍ ପ୍ରସାଦ ଏବଂ ଚଳିତ କ୍ୟାଲେଣ୍ଡର ବର୍ଷ ପାଇଁ ଟିମ୍ ଇଣ୍ଡିଆର ଫିକ୍ସଚର କମିଟିର କର୍ମକର୍ତ୍ତା ଅନ୍ତର୍ଜାତୀୟ କ୍ୟାଲେଣ୍ଡର ପ୍ରକାଶ କରିଛନ୍ତି। ଫଳସ୍ୱରୂପ ସମସ୍ତ ରାଜ୍ୟ ଆସୋସିଏଶନ୍‌ଗୁଡିକ ବେଶ ଚଳଚଞ୍ଚଳ ହୋଇଉଠିଛି।

## ଘରୋଇ କାର୍ଯ୍ୟସୂଚୀ

| ଟୁର୍ନାମେଣ୍ଟ | ତାରିଖ | ମ୍ୟାଚ ସଂଖ୍ୟା |
|---|---|---|
| ଦୁଲିପ ଟ୍ରଫି | ୧୭.୦୮.୧୯ ରୁ ୦୮.୦୯.୧୯ | ୪ଟି ମ୍ୟାଚ |
| ବିଜୟ ହଜାରେ ଟ୍ରଫି (ଏକଦିବସୀୟ) | ୨୪.୦୯.୧୯ ରୁ ୧୦.୧୦.୧୯ | ୧୬୦ଟି ମ୍ୟାଚ |
| ଦେଓଧର ଟ୍ରଫି (ଏକଦିବସୀୟ) | ୩୧.୧୦.୧୯ ରୁ ୦୪.୧୧.୧୯ | ୪ଟି ମ୍ୟାଚ |
| ସୟଦ ମୁସ୍ତାକ ଅଲ୍ଲୀ (ଟି-୨୦) | ୦୮.୧୧.୧୯ ରୁ ୦୧.୧୨.୧୯ | ୧୪୨ଟି ମ୍ୟାଚ |
| ରଣଜୀ ଟ୍ରଫି | ୦୯.୧୨.୧୯ ରୁ ୧୩.୦୩.୨୦ | ୧୬୦ଟି ମ୍ୟାଚ |
| ଇରାନୀ ଟ୍ରଫି | ୧୮.୦୩.୨୦ ରୁ ୨୨.୦୩.୨୦ | ୧ଟି ମ୍ୟାଚ |

# ଓସିଏ ପାଇଁ ଚ୍ୟାଲେଞ୍ଜ

ଦିନକୁ ଦିନ ଓସିଏ (ଓଡ଼ିଶା କ୍ରିକେଟ୍ ଆସୋସିଏଶନ୍)ର ସଙ୍କଟ ବଢ଼ିବାରେ ଲାଗିଛି। ସମସ୍ୟା ପରେ ସମସ୍ୟା ଯୋଗୁଁ ପ୍ରକୃତ ଲକ୍ଷ୍ୟଠାରୁ ଦୂରେଇ ଯିବାକୁ ବାଧ୍ୟ ହେଉଛି ଏହି ଆସୋସିଏଶନ। ଲୋଧା କମିଟିର କଟକଣା ଯୋଗୁଁ ଘୋର ଆର୍ଥିକ ସମସ୍ୟା ଦେଇ ଗତିକରିବା ସହିତ ତୃଣମୂଳସ୍ତରରୁ କ୍ରିକେଟର ବିକାଶ ପାଇଁ କାର୍ଯ୍ୟ କରୁଥିବା ଓସିଏ ପାଇଁ ବିଭିନ୍ନ ବର୍ଗର ଟୁର୍ନାମେଣ୍ଟ ଆୟୋଜନ କରିବାରେ ସମସ୍ୟା ଦେଖାଦେଇଛି। ଆଗକୁ ବିସିସିଆଇର ନିର୍ବାଚନ ପ୍ରକ୍ରିୟା ରହିଥିବା ବେଳେ ଏଥି ମଧ୍ୟରେ ରାଜ୍ୟ ଆସୋସିଏଶନ୍‌ଗୁଡିକ ସେମାନଙ୍କ ନିର୍ବାଚନ ସାରିବା ପାଇଁ ନିର୍ଦ୍ଦେଶନାମା ରହିଛି। ଫଳସ୍ୱରୂପ ଓସିଏ ପାଇଁ ସମସ୍ୟା ବଢ଼ିବା ସାଙ୍ଗକୁ କିପରି ନିର୍ବାଚନ ପ୍ରକ୍ରିୟା ସଫଳତାର ସହିତ ସମ୍ପାଦିତ ହେବ ସେଥିପାଇଁ ବିଭିନ୍ନ ଗୋଷ୍ଠୀ ତରଫରୁ ତତ୍ପରତା ପ୍ରକାଶ ପାଇଛି। ଲୋଧା କମିଟି କାର୍ଯ୍ୟକାରୀ ହେବାଠାରୁ ଓସିଏକୁ ବାର୍ଷିକ ଅନୁଦାନ ମୋଟା ମୋଟି ରୂପେ ବନ୍ଦ ହୋଇଯାଇଛି, ଯାହାଫଳରେ ଏହାର ଅନୁବନ୍ଧିତ ସଦସ୍ୟମାନେ ମଧ୍ୟ ଅନୁଦାନ ପାଇପାରୁ ନାହାନ୍ତି। କ୍ରିକେଟ ପରିଚାଳନା କ୍ଷେତ୍ରରେ ଓସିଏ ପାଇଁ ବ୍ୟାପକ ସମସ୍ୟା ସୃଷ୍ଟି ହେବା ସହିତ ବିଭିନ୍ନ ବର୍ଗର ଆନ୍ତଃଜିଲା ପ୍ରତିଯୋଗିତା ଏକପ୍ରକାର ବନ୍ଦ ହୋଇ ଯାଇଛି କହିଲେ ମଧ୍ୟ ଠିକ୍ ହେବ। ୨୦୧୬ ମସିହାରୁ ଏପରି ଅବ୍ୟବସ୍ଥା ଲାଗି ରହିଥିଲେ ମଧ୍ୟ ଉପଯୁକ୍ତ ଖେଳାଳି ଚୟନରେ ସମସ୍ୟା ସୃଷ୍ଟି ହୋଇଛି। ରାଜ୍ୟର କେତେଗୁଡିଏ ହାତଗଣତି ସୁନାମଧନ୍ୟ କ୍ଲବଗୁଡିକ ଦ୍ୱାରା ଆୟୋଜିତ ହେଉଥିବା କ୍ଲବ ଟୁର୍ନାମେଣ୍ଟଗୁଡିକ ଯୁବ କ୍ରିକେଟରମାନେ ସେମାନଙ୍କର ଅଭ୍ୟାସ ଅବ୍ୟାହତ ରଖିଛନ୍ତି କହିଲେ ଅତ୍ୟୁକ୍ତି ହେବ ନାହିଁ। ରାଜ୍ୟରୁ ସମସ୍ତ ଅନୁବନ୍ଧିତ କ୍ଲବଗୁଡିକ ଓସିଏ ଦ୍ୱାରା କୌଣସି ଅନୁଦାନ ନ ପାଇଲେ ମଧ୍ୟ ରାଜ୍ୟର ସୁନାମ ଦୃଷ୍ଟିରୁ ବିଭିନ୍ନ ବର୍ଗର ଟୁର୍ନାମେଣ୍ଟ ଆୟୋଜନ କରିବା ଖେଳାଳିମାନଙ୍କ ପାଇଁ ଯଥେଷ୍ଟ ହେଉନାହିଁ। ରାଜ୍ୟର କେତେଗୁଡିଏ ହାତ ଗଣତି ଟର୍ଫ ଉଇକେଟ ଏବଂ ଖେଳାଳିମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ଡ୍ରେସିଂ ରୁମ୍ ରହିଥିବା ବେଳେ ବିଗତ ଫନୀ ମହାବାତ୍ୟାରେ ସେଗୁଡିକର ବ୍ୟାପକ କ୍ଷୟକ୍ଷତି ହୋଇଥିଲେ ମଧ୍ୟ ତା'ର ରକ୍ଷଣାବେକ୍ଷଣ ତଥା ପୁନରୁଦ୍ଧାର ହୋଇପାରି ନାହିଁ। ଓସିଏ ବାରମ୍ବାର ବିସିସିଆଇ (ବୋର୍ଡ ଅଫ୍ କଣ୍ଟ୍ରୋଲ ଫର କ୍ରିକେଟ ଅଫ୍ ଇଣ୍ଡିଆ)କୁ ପତ୍ର ମାଧ୍ୟମରେ ଲେଖି ଜଣାଇଥିଲେ ମଧ୍ୟ ସେଗୁଡିକର ରକ୍ଷଣାବେକ୍ଷଣ ପାଇଁ ଅନୁଦାନ ନ ମିଳିବା ଦୁର୍ଭାଗ୍ୟଜନକ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଘରୋଇ ଟୁର୍ନାମେଣ୍ଟ କଳାହାଣ୍ଡି କପ୍ ଏବଂ ଅନ୍ୟାନ୍ୟ ବର୍ଗର ଟୁର୍ନାମେଣ୍ଟ ପାଇଁ କଟକରେ ଥିବା ୧୦ଟି ଗ୍ରାଉଣ୍ଡ ଗୁଡିକର ଟର୍ଫ ଉଇକେଟ୍ ଓ ଡ୍ରେସିଂ ରୁମ୍‌ଗୁଡିକ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ବିସିସିଆଇ ତରଫରୁ ଚଳିତ କ୍ରିକେଟ ସିଜିନ୍ ପାଇଁ ବିଭିନ୍ନ ଟୁର୍ନାମେଣ୍ଟ ଗୁଡିକର ଘୋଷଣା ହୋଇଛି। ପୁଣି ବିଗତ ୩ବର୍ଷ ଧରି ଜିଲାସ୍ତରୀୟ ଟୁର୍ନାମେଣ୍ଟ ବନ୍ଦ ହେବା ପରେ ବିଭିନ୍ନ ବର୍ଗ ପାଇଁ ପ୍ରତି ଜିଲାରୁ ୪ଜଣ ଲେଖାଏ ଖେଳାଳି ମନୋନୟନ କରି ତାଲିକା ପଠାଇବା ଏବଂ ସେଥିମଧ୍ୟରୁ ଟ୍ରାଏଲ୍‌ସ ମ୍ୟାଚ ମାଧ୍ୟମରେ ରାଜ୍ୟର ବିଭିନ୍ନ ବର୍ଗ ପାଇଁ ଖେଳାଳି ଚୟନ କରିବା ସିଲେକ୍ଟରମାନଙ୍କ ପାଇଁ ସମସ୍ୟା ସୃଷ୍ଟି କରିଛି। ବିଗତ ବାତ୍ୟା ଫନୀରେ ଫ୍ଲଡ ଲାଇଟ୍ ପୋଲ ଏବଂ ଲାଇଟ୍ ଏବଂ ଗ୍ୟାଲେରିଗୁଡିକର ଛାତ ନଷ୍ଟ ହୋଇଛି। ଖୁସିର କଥା ଯେ ଓସିଏର ବାରମ୍ବାର ଅନୁରୋଧ ପରେ ଭାରତର ପୂର୍ବତନ ଅଧିନାୟକ କପିଲ ଦେବଙ୍କ ନେତୃତ୍ୱରେ ଏକ କମିଟି ବାରବାଟୀ ଆସି କ୍ଷୟକ୍ଷତି ଆକଳନ କରିଛନ୍ତି। ଓସିଏ ନିର୍ବାଚନକୁ ନେଇ ଆରମ୍ଭ ହୋଇଥିବା ଛକାପଞ୍ଝା ବର୍ତ୍ତମାନ ଓଡ଼ିଶା କ୍ରିକେଟ ପାଇଁ ସମସ୍ୟା ସୃଷ୍ଟି ହୋଇଛି। ଏଥି ମଧ୍ୟରେ ବିଭିନ୍ନ ବର୍ଗରେ ରାଜ୍ୟ କ୍ରିକେଟର ପ୍ରଦର୍ଶନ ଆଖିଦୃଶିଆ ନ ହେବା ଫଳରେ ସମାଲୋଚକ ମାନେ ରାଜ୍ୟ କ୍ରିକେଟ ପରିଚାଳକମାନଙ୍କୁ ସିଧା ସଳଖ ଦୋଷାରୋପ କରୁଛନ୍ତି। ଦେଖିବାକୁ ଗଲେ ବିଭିନ୍ନ ବର୍ଗରେ ରାଜ୍ୟ କ୍ରିକେଟର ପ୍ରଦର୍ଶନ ଗତ କିଛି ବର୍ଷ ଧରି ନିରୁତ୍ସାହଜନକ ରହିଛି। ପ୍ରଦର୍ଶନରେ ସ୍ଥିରତା ନ ରହିବା ଫଳରେ ସମସ୍ୟା ମଧ୍ୟରେ ରାଜ୍ୟ କ୍ରିକେଟ ଚୟନକର୍ତ୍ତା ଏବଂ ଓସିଏର କର୍ମକର୍ତ୍ତାମାନେ ରହିଛନ୍ତି। ବିସିସିଆଇର ଘରୋଇ ଟୁର୍ନାମେଣ୍ଟରେ ରାଜ୍ୟ ଯେତେ ଭଲ ପ୍ରଦର୍ଶନ କରିବ ତାହା ଆମ ପାଇଁ ଗୌରବ ଆଣିବା ସହିତ ଦେଶ ପାଇଁ ପ୍ରତିଷ୍ଠିତ ଖେଳାଳି ସୃଷ୍ଟି କରିବ। ଏହାର ଅର୍ଥ ନୁହେଁ ଓସିଏ ଏଥିପାଇଁ କୌଣସି ପଦକ୍ଷେପ ନେଉନାହିଁ। ରାଜ୍ୟର ବିଭିନ୍ନ ବର୍ଗର ଟୁର୍ନାମେଣ୍ଟଗୁଡିକରେ ଭଲ ପ୍ରଦର୍ଶନ କରି ସିଲେକ୍ଟରମାନଙ୍କ ଦୃଷ୍ଟି ଆକର୍ଷଣ କରୁଥିବା ଯୁବ ଖେଳାଳିମାନଙ୍କୁ ସୁଯୋଗ ଦେଲେ ମଧ୍ୟ ସେମାନଙ୍କର ପ୍ରଦର୍ଶନରେ ସ୍ଥିରତା ରହୁନାହିଁ, ଯାହାକି ସମସ୍ୟାକୁ ଦ୍ୱିଗୁଣିତ କରିଛି। ବିଭିନ୍ନ ନାମକରା କ୍ଲବଗୁଡିକ ଖେଳାଳି ସୃଷ୍ଟି କରିବାର ଆନ୍ତୁଡିଶାଳ ରୂପେ କାର୍ଯ୍ୟ କରି ଆସୁଛନ୍ତି। ଓଡ଼ିଶା କ୍ରିକେଟକୁ ଏହି କ୍ଲବ୍‌ଗୁଡିକର ଦାନ ଅତୁଳନୀୟ। କ୍ରିକେଟର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଓସିଏ ଅନୁବନ୍ଧିତ ସମସ୍ତ ଜିଲା, କ୍ଲବ, ସ୍କୁଲ ଏବଂ କଲେଜମାନଙ୍କୁ ବିସିସିଆଇ ଅନୁଦାନ ନ ଦେବା ଫଳରେ ସେମାନେ ବିସିସିଆଇକୁ ପତ୍ର ଲେଖିବା ବାସ୍ତବିକ ଓଡ଼ିଶା କ୍ରିକେଟରେ ଦୟନୀୟ ଅବସ୍ଥାକୁ ପଦାରେ ପକାଇଛି। ଆଗକୁ ରଣଜୀ ସିଜନ୍ ଆସୁଥିବାରୁ ଯୁବ କ୍ରିକେଟରମାନଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି ହୋଇଛି। ଆନ୍ତଃଜିଲା ଜୁନିୟର ଏବଂ ସିନିୟର କ୍ରିକେଟ ମ୍ୟାଚଗୁଡିକ ଆୟୋଜନ ହେବା ଆବଶ୍ୟକ। ନଚେତ୍ ପ୍ରତିଭାବାନ ଯୁବ ଖେଳାଳିମାନେ ହତୋତ୍ସାହିତ ହେବେ ଓ ଦଳଚୟନ ନେଇ ସିଲେକ୍ଟରମାନେ ଚାପରେ ରହିବେ। ନିର୍ବାଚନକୁ ନେଇ ଶୀତଳଯୁଦ୍ଧ ଚାଲିଥିବା ବେଳେ ପୂର୍ବତନ ନିର୍ବାଚନ ଅଧିକାରୀମାନେ ନିଜର ଅକ୍ଷମତା ପ୍ରକାଶ କରିବା ସହିତ ପଡୋଶୀ ରାଜ୍ୟରୁ ନିର୍ବାଚନ ଅଧିକାରୀ ଆସିବା ଏବଂ ନିର୍ବାଚନ ପରିଚାଳନା କରିବାକୁ କେତେକ ସଙ୍ଗଠନ ସ୍ୱାଗତ କରିବା ସହିତ ଅନେକ ନାପସନ୍ଦ ମଧ୍ୟ କରିଛନ୍ତି। ତେବେ ଯଦି ଠିକ୍ ସମୟରେ ଏବଂ ସଠିକ୍ ରୂପରେ ନିର୍ବାଚନ ପ୍ରକ୍ରିୟା ଶେଷ ନ ହୁଏ ତେବେ ଆସନ୍ତା ଭାରତ-ୱେଷ୍ଟଇଣ୍ଡିଜ ମ୍ୟାଚ ପରିଚାଳନାରେ ସମସ୍ୟା ସୃଷ୍ଟି ହେବ।

ଓଡ଼ିଶା କ୍ରିକେଟ ପାଇଁ ସମସ୍ତଙ୍କର ଅବଦାନ ଅବିସ୍ମରଣୀୟ। ଓଡ଼ିଶା କ୍ରିକେଟକୁ ଆଗେଇ ନେବା ସହିତ ଓଡ଼ିଶା ହକ୍ ପାଇଁ ସମସ୍ତେ ଏକ ମନରେ କାମ କଲେ କ୍ରିକେଟ ଆଗକୁ ଯିବା ସହିତ ଓଡ଼ିଶାକୁ ଏକାଧିକ ଅନ୍ତର୍ଜାତୀୟ ମ୍ୟାଚ ମିଳିବ। ଓଡ଼ିଶାରେ ଅନେକ ଯୁବ ପ୍ରତିଭାବାନ ଖେଳାଳି ବିଭିନ୍ନ ବର୍ଗରେ ରହିଥିଲେ ମଧ୍ୟ ଓଡ଼ିଶା କ୍ରମାଗତ ଭାବେ ଖରାପ ପ୍ରଦର୍ଶନ କରିବା ସମସ୍ତଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ଅଧିକ ଅନ୍ତର୍ଜାତୀୟ ମ୍ୟାଚ ପାଇବା ପାଇଁ ବିସିସିଆଇ ନିକଟରେ ଦାବି କରିବା ସହିତ ଆଇପିଏଲ୍‌ରେ ଓଡ଼ିଶା ଖେଳାଳିମାନଙ୍କୁ ଅଗ୍ରାଧିକାର ଦେବା ଏବଂ ବିଗତ ବର୍ଷମାନଙ୍କ ପରି ଆଇପିଏଲର ଭେନ୍ୟୁ ରୂପେ ନେବା ପାଇଁ ଫ୍ରାଞ୍ଚାଇଜ୍‌ମାନଙ୍କ ଉପରେ ଚାପ ପକାଇବା ଆବଶ୍ୟକ। ଓଡ଼ିଶାର ଗର୍ବ ଏବଂ ଗୌରବ ବାରବାଟୀ ଷ୍ଟାଡିୟମକୁ ଏକ ଅନ୍ତର୍ଜାତୀୟସ୍ତରର ଷ୍ଟାଡିୟମ୍‌ରେ ରୂପାନ୍ତର କରି ଅତ୍ୟାଧୁନିକ ଜ୍ଞାନ କୌଶଳ ମାଧ୍ୟମରେ ଏହାକୁ ଏକ ସରସ ଓ ସୁନ୍ଦର ଷ୍ଟାଡିୟମରେ ପରିଣତ କରିବା ଆମ ସମସ୍ତଙ୍କର ଲକ୍ଷ୍ୟ ହେବା ଆବଶ୍ୟକ।

OCA
Orissa Cricket Association

# ଭାରତୀୟ କ୍ରିକେଟରେ ଆଉ ଦୁଇ ଭାଇ

ବିଶ୍ୱ କ୍ରିକେଟରେ ଦୁଇ ଭାଇ ଗୋଟିଏ ଦେଶ ପାଇଁ ଏକାଠି ମ୍ୟାଚ୍ ଖେଳିବା ନୂଆ କଥା ନୁହଁ। ଏହାର ବହୁ ଉଦାହରଣ ରହିଛି। ତେବେ ଭାରତ ପାଇଁ ଦୁଇ ଭାଇ ସାଥି ହୋଇ ଖେଳିବାର ଉଦାହରଣ କମ୍ ରହିଛି। ଅମରନାଥ, ପଠାନ, ପାଣ୍ଡ୍ୟା ବ୍ରଦର୍ସଙ୍କ ପରେ ଆଉ ଦୁଇ ଭାଇ ଭାରତ ପାଇଁ ଏକାଠି ହୋଇ ମ୍ୟାଚ୍ ଖେଳିଛନ୍ତି। ସେମାନେ ହେଲେ ଦୀପକ ଓ ରାହୁଲ ଚହର...



ୱେଷ୍ଟଇଣ୍ଡିଜ ବିପକ୍ଷ ତୃତୀୟ ତଥା ଅନ୍ତିମ ଟି୨୦ ମ୍ୟାଚରେ ଭାରତ ବିଜୟୀ ହୋଇଛି। ସ୍ଥାନୀୟ ପ୍ରୋଭିଡେନ୍ସ ଷ୍ଟାଡିୟମରେ ଖେଳାଯାଇଥିବା ମ୍ୟାଚରେ ଅନ୍ତର୍ଜାତୀୟ ପଦାର୍ପଣ କରିଥିଲେ ୨୦ ବର୍ଷୀୟ ଲେଗ୍ ସ୍ପିନର ରାହୁଲ ଚହର। ଏହି ମ୍ୟାଚରେ ରାହୁଲଙ୍କ ସମ୍ପର୍କୀୟ ଭାଇ ଦୀପକ ଚହର ମଧ୍ୟ ଖେଳୁଥିଲେ। ପ୍ରଥମ ଥର ପାଇଁ ଏହି ଦୁଇ ଭାଇ ଅନ୍ତର୍ଜାତୀୟ ମ୍ୟାଚରେ ଏକାସଙ୍ଗେ ଖେଳିବାକୁ ସୁଯୋଗ ପାଇଥିଲେ। ପୂର୍ବରୁ ୩ ଭାଇ ଏକାଠି ଭାରତୀୟ ଦଳ ପକ୍ଷରୁ ଅନ୍ତର୍ଜାତୀୟ ସ୍ତରରେ ପ୍ରତିନିଧିତ୍ୱ କରିସାରିଛନ୍ତି।

**ଲାଲା ଏବଂ ମହିନ୍ଦର ଅମରନାଥ**

ପୂର୍ବତନ କ୍ରିକେଟର ଲାଲା ଅମରନାଥଙ୍କ ପରେ ତାଙ୍କର ଦୁଇ ପୁଅ ମହିନ୍ଦର ଅମରନାଥ ଓ ସୁରିନ୍ଦର ଅମରନାଥ ଭାରତୀୟ କ୍ରିକେଟରେ ଏକାଠି ଖେଳିଥିଲେ। ବାମହାତୀ ବ୍ୟାଟ୍ସମ୍ୟାନ ସୁରିନ୍ଦର ଅମରନାଥ ଘରୋଇ କ୍ରିକେଟରେ ବେଶ ଭଲ ପ୍ରଦର୍ଶନ କରିଥିଲେ ମାତ୍ର ଅନ୍ତର୍ଜାତୀୟ କ୍ରିକେଟରେ ବେଶି ସମୟ ତିଷ୍ଠି ପାରି ନ ଥିଲେ। ଭାରତ ପକ୍ଷରୁ ସେ ୧୦ଟି ଟେଷ୍ଟ ଖେଳିଥିଲେ। ମହେନ୍ଦ୍ର ଅମରନାଥ ତାଙ୍କ ସମୟର ଜଣେ ଦକ୍ଷ ଖେଳାଳି ଭାବେ ପରିଚିତ। ୧୯୮୩ ବିଶ୍ୱକପ୍ ବିଜୟରେ ତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା।

**ଇର୍ଫାନ ଓ ୟୁସୁଫ ପଠାନ**

ଇର୍ଫାନ ପଠାନ ଓ ୟୁସୁଫ ପଠାନ ଅନ୍ତର୍ଜାତୀୟ କ୍ରିକେଟରେ ଏକାଠି ଖେଳିଛନ୍ତି। ଦ୍ରୁତ ବୋଲର ଇର୍ଫାନ ପଠାନ ଏକଦା ଭାରତୀୟ ବୋଲିଂ ବିଭାଗର ମେରୁଦଣ୍ଡ ରହିଥିଲେ। ୟୁସୁଫ ଜଣେ ଅଲରାଉଣ୍ଡର ଥିଲେ। ପଠାନ ଭ୍ରାତା ୨୦୦୭ ଟି୨୦ ବିଶ୍ୱକପ୍ ଚାମ୍ପିୟନ ଦଳର ସଦସ୍ୟ ଥିଲେ।

**ହାର୍ଦ୍ଦିକ ଓ କ୍ରୁନାଲ ପାଣ୍ଡ୍ୟା**

ଆଇପିଏଲରେ ମୁମ୍ବାଇ ଇଣ୍ଡିଆନ୍ସ ପକ୍ଷରୁ ଏକାଠି ଖେଳୁଥିବା ହାର୍ଦ୍ଦିକ ଏବଂ କ୍ରୁନାଲ ପାଣ୍ଡ୍ୟା ଅନ୍ତର୍ଜାତୀୟ ମ୍ୟାଚରେ ମଧ୍ୟ ଏକାଠି ଖେଳିଛନ୍ତି। ହାର୍ଦ୍ଦିକ ଭାରତୀୟ ଦଳର ନିୟମିତ ସଦସ୍ୟ ହୋଇଥିବାବେଳେ କ୍ରୁନାଲ ଟି-୨୦ରେ ଭାରତୀୟ ଦଳରେ ସ୍ଥାନ ପାଉଥିବାର ଦେଖାଯାଇଛି।

| Dollar | Sensex | Nifty | Gold | Silver |
|---|---|---|---|---|
| 70.69 (20) | 37,327.36 (636.86) | 11,032.45 (176.95) | 38,470.00 (₹550) | 44,300.00 (₹630) |

## ସଂକ୍ଷେପରେ

### ସେନ୍‌ସେକ୍ସ ବୃଦ୍ଧି: ନିବେଶକ ମାଲାମାଲ

ମୁମ୍ବାଇ ୮-୮: କେନ୍ଦ୍ର ସରକାର ଫରେନ ପୋର୍ଟଫୋଲିଓ ଇନ୍‌ଭେଷ୍ଟର୍ସ(ଏଫ୍‌ପିଆଇ)ଙ୍କ ନିବେଶ ଉପରେ ବୃଦ୍ଧି କରିଥିବା ସରଚାର୍ଜକୁ ପ୍ରତ୍ୟାହାର କରିନେବେ ବୋଲି ବିଚାର କରୁଥିବା ସୂଚନା ମିଳିବା ପରେ ଗୁରୁବାର ଷ୍ଟକ୍ ମାର୍କେଟରେ ଉଭୟ ସେନ୍‌ସେକ୍ସ ଓ ନିଫ୍ଟିରେ ବୃଦ୍ଧି ଘଟିଥିଲା। ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜରେ ସେନ୍‌ସେକ୍ସ ୬୩୬.୮୬ ପଏଣ୍ଟ ବୃଦ୍ଧି ସହ ୩୭,୩୨୭.୩୬ରେ ବନ୍ଦ ହୋଇଥିବା ବେଳେ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜରେ ନିଫ୍ଟି ୧୭୬.୯୫ ପଏଣ୍ଟ ବୃଦ୍ଧି ପାଇ ୧୧,୦୩୨.୪୫ରେ ବନ୍ଦ ହୋଇଛି। ଫଳରେ ନିବେଶକ ମାଲାମାଲ୍ ହୋଇଛନ୍ତି। ସେମାନଙ୍କୁ ଗୋଟିଏ ଦିନରେ ପ୍ରାୟ ୧.୯୩ ଲକ୍ଷ କୋଟି ଟଙ୍କା ଲାଭ ହୋଇଛି। ସରଚାର୍ଜକୁ ନେଇ ଉଦ୍‌ବିଗ୍ନ ଏଫ୍‌ପିଆଇ ଷ୍ଟକ ବଜାରରୁ ନିଜର ନିବେଶ ପ୍ରତ୍ୟାହାର ଆରମ୍ଭ କରିବାରୁ ଅଗଷ୍ଟ ୭ ସୁଦ୍ଧା ବିଏସ୍‌ଇରେ ତାଲିକାଭୁକ୍ତ କମ୍ପାନୀଙ୍କ ମାର୍କେଟ କ୍ୟାପିଟାଲ ୧୫୧.୩୫ ଲକ୍ଷ କୋଟିରୁ ୧୩୮.୮୨ ଲକ୍ଷ କୋଟି ଟଙ୍କାକୁ ହ୍ରାସ ପାଇସାରିଛି।

### ଏଫ୍‌ପିଆଇଙ୍କ ସରଚାର୍ଜ ପ୍ରତ୍ୟାହାର ବିଚାର

ନୂଆଦିଲ୍ଲୀ,୮-୮: ବଜେଟରେ ସରଚାର୍ଜ ଘୋଷଣା ପରେ ବିଦେଶୀ ନିବେଶକ(ଏଫ୍‌ପିଆଇ) ଦେଶରୁ ନିଜର ନିବେଶ ପ୍ରତ୍ୟାହାର କରିବା ଆରମ୍ଭ କରିଛନ୍ତି। ଭାରତୀୟ ଷ୍ଟକ୍ ବଜାର ପାଇଁ ଏହା ଶୁଭସଙ୍କେତ ହୋଇ ନଥିବାରୁ ଏଫ୍‌ପିଆଇଙ୍କ ଉପରୁ ସରଚାର୍ଜ ପ୍ରତ୍ୟାହାର ପାଇଁ ଦାବି ହୋଇ ଆସୁଥିଲା। ଏହାକୁ ଦୃଷ୍ଟିରେ ରଖି ଅର୍ଥ ମନ୍ତ୍ରଣାଳୟ ସରଚାର୍ଜ ପ୍ରତ୍ୟାହାର କରିବାକୁ ବିଚାର କରୁଛନ୍ତି। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ସରକାର ବଜେଟରେ ଘୋଷିତ ସୁପର ରିଚ୍ ବା ଅତିଧନୀଙ୍କ ଉପରେ ସରଚାର୍ଜ ଆଦାୟକୁ ଜାରି ରଖିବାକୁ ଚାହୁଁଛନ୍ତି। ତେବେ ଏକ ବିଜ୍ଞପ୍ତି ଅଥବା ଅଧାଦେଶ ଜରିଆରେ ଏଫ୍‌ପିଆଇଙ୍କ ଉପରେ ଲାଗୁ ହେଉଥିବା ସରଚାର୍ଜକୁ ପ୍ରତ୍ୟାହାର କରିନେବେ। ଅଧାଦେଶ ଅଣାଗଲା ପରେ ଏଥିପାଇଁ ପାର୍ଲାମେଣ୍ଟର ଅନୁମୋଦନ ନେବାକୁ ହେବ। ତେଣୁ ଏକ ସ୍ୱତନ୍ତ୍ର ବିଲ୍ ଆଣିବାକୁ ହେବ। ଏହାକୁ ନେଇ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ଓ ଅର୍ଥ ମନ୍ତ୍ରଣାଳୟ ମଧ୍ୟରେ ଆଲୋଚନା ଚାଲିଛି। ବଜେଟରେ ଘୋଷିତ ବିବାଦୀୟ ଟିକସକୁ ନେଇ ଏବେ ଅର୍ଥ ମନ୍ତ୍ରଣାଳୟ ଚାପଗ୍ରସ୍ତ ହୋଇଛି। ଗତ ମାସରେ ବଜେଟ ଘୋଷଣା କରି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ବାର୍ଷିକ ୨ କୋଟି ଟଙ୍କା ଆୟ କରୁଥିବା ଧନୀଙ୍କ ଠାରୁ ସରଚାର୍ଜ ଆଦାୟ କରିବାକୁ ପ୍ରସ୍ତାବ ଦେଇଥିଲେ। ସେହିପରି ଏଫ୍‌ପିଆଇଙ୍କ ଉପରେ ମଧ୍ୟ ଅନୁରୂପ ସରଚାର୍ଜ ଲାଗୁ ହେବ ବୋଲି ସେ କହିଥିଲେ। ନିବେଶକଙ୍କୁ ମନାଇବା ଉଦ୍ଦେଶ୍ୟରେ ବଜେଟ ପ୍ରସ୍ତାବରେ ସଂଶୋଧନ ଘୋଷଣା ଖୁବଶୀଘ୍ର କରାଯିବ ବୋଲି ଜଣାପଡିଛି। ଏଫ୍‌ପିଆଇଙ୍କ ଠାରୁ ସରଚାର୍ଜ ପ୍ରତ୍ୟାହାର କରାଗଲେ ସରକାର ବାର୍ଷିକ ୪୦୦ କୋଟି ଟଙ୍କାର ଟିକସ ହରାଇବେ ବୋଲି ଆକଳନ କରାଯାଇଛି।

### ଦୈନିକ ରେକର୍ଡ ଭାଙ୍ଗୁଛି ସୁନା ଦର

ନୂଆଦିଲ୍ଲୀ,୮-୮: ସୁନା ଦର ଦୈନିକ ରେକର୍ଡ ପରେ ରେକର୍ଡ ଭାଙ୍ଗି ଚାଲିଛି। ସେହିପରି ରୁପା ମଧ ମହଙ୍ଗା ହେବାରେ ଲାଗିଛି। ଦିଲ୍ଲୀ ସର୍ରାଫା ବଜାରରେ ଗୁରୁବାର ସୁନା ମୂଲ୍ୟ ପ୍ରତି ୧୦ ଗ୍ରାମ ୫୫୦ ଟଙ୍କା ବୃଦ୍ଧି ପାଇ ୩୮,୪୭୦ ଟଙ୍କାରେ ପହଞ୍ଚି ଏକ ନୂଆ ରେକର୍ଡ କରିଛି। ରୁପା ଦର ମଧ ପଛେଇ ଯାଇନାହିଁ। ଏହା କେଜି ପ୍ରତି ୬୩୦ ଟଙ୍କା ବୃଦ୍ଧି ପାଇ ପ୍ରଥମଥର ୪୪ ହଜାର ସ୍ତର ଟପି ୪୪,୩୦୦ ଟଙ୍କାରେ କାରବାର ବନ୍ଦ ହୋଇଛି। ଉଦ୍ୟୋଗ ଜଗତ ଏବଂ ମୁଦ୍ରା ନିର୍ମାତାଙ୍କ ମଧ୍ୟରେ ଚାହିଦା ବୃଦ୍ଧି କାରଣରୁ ରୁପା ଦର ଆକାଶଛୁଆଁ ହୋଇଛି। ବିଶେଷଜ୍ଞଙ୍କ କହିବାନୁଯାୟୀ, ଘରୋଇ ଅର୍ଥନୀତିକୁ ମାନ୍ଦାବସ୍ଥା ଗ୍ରାସ କରିବାକୁ ଯାଉଥିବା ବେଳେ ଆମେରିକା-ଚାଇନା ମଧ୍ୟରେ ଟ୍ରେଡ୍ ୱାର୍ ବଢ଼ିବା କାରଣରୁ ଏବେ ନିବେଶକମାନେ ସୁନା ଓ ରୁପାକୁ ନିଜର ସୁରକ୍ଷିତ ନିବେଶ ଭାବେ ମନେ କରୁଛନ୍ତି। ଏହି କାରଣରୁ ଗତ କିଛିଦିନ ହେବ ଉଭୟ ସୁନା ଓ ରୁପା ମୂଲ୍ୟ ଊର୍ଦ୍ଧ୍ୱମୁଖୀ ହୋଇଚାଲିଛି। ଇତିମଧ୍ୟରେ କାରବାର ବନ୍ଦ ବେଳକୁ ବିଶ୍ୱ ବଜାରରେ ସୁନା ଦର ପ୍ରତି ଆଉନ୍ସ ୧୪୯୭.୪୦ ଡଲାର ଥିଲା ବେଳେ ରୁପା ଦର ୧୭.୧୬ ଡଲାର ରହିଥିଲା। ଅଲ୍ ଇଣ୍ଡିଆ ସର୍ରାଫା ଆସୋସିଏଶନ ତଥ୍ୟ ଅନୁଯାୟୀ ଗୁରୁବାର ୯୯.୯ ପ୍ରତିଶତ ଏବଂ ୯୯.୫% ସୁନା ଦର ୫୫୦ ଟଙ୍କା ବଢ଼ି ଯଥାକ୍ରମେ ୩୮,୪୭୦ ଟଙ୍କା ଏବଂ ୩୮,୩୦୦ ଟଙ୍କା ରହିଛି। ବୁଧବାର ସୁନା ଦର ୧୧୧୩ ଟଙ୍କା ବଢ଼ିଥିଲା।



“ଟପରୱେୟାର ଇଣ୍ଡିଆ ପୁଞ୍ଜିନିବେଶ ମାଧ୍ୟମରେ ନିଜର ବ୍ରାଣ୍ଡ ନିର୍ମାଣରେ ବ୍ରତୀ ହୋଇଛି। ଆସନ୍ତା ୩-୪ ବର୍ଷରେ କମ୍ପାନୀର ବ୍ୟବସାୟ ଦୁଇଗୁଣା କରିବା ଆଶା ରହିଛି।
-ଦୀପକ ଛାବ୍ରା, ଟପରୱେୟାର ଇଣ୍ଡିଆ ଏମ୍‌ଡି



“ତିନିବର୍ଷ ପୂର୍ବେ ଲାଇଫଷ୍ଟାଇଲ ଇଣ୍ଟରନ୍ୟାଶନାଲ ଏହାର ଅନ୍‌ଲାଇନ ଯାତ୍ରା ଆରମ୍ଭ କରିଥିଲା। କମ୍ପାନୀ ଫ୍ଲିପ୍‌କାର୍ଟ ସହ ଚୁକ୍ତି ସ୍ୱାକ୍ଷର କରିଛି।
-ବସନ୍ତ କୁମାର, ଲାଇଫଷ୍ଟାଇଲ ଇଣ୍ଟରନ୍ୟାଶନାଲ ଏମ୍‌ଡି

■ ବଢ଼ିଚାଲିଛି ମାନ୍ଦାବସ୍ଥା ପ୍ରଭାବ

# ଅଟୋ ଶିଳ୍ପକୁ ବଞ୍ଚାଇପାରିବ ୧୦% ଜିଏସ୍‌ଟି ହ୍ରାସ

■ ଜୁଲାଇରେ କାର୍ ବିକ୍ରି ୩୦% କମିଛି
■ ପ୍ରାୟ ସାଢ଼େ ୩ ଲକ୍ଷ କର୍ମଚାରୀ ଛଟେଇ ହେଲେଣି
■ ଆଦାୟ ହେଉଛି ୨୮% ଜିଏସ୍‌ଟି

ନୂଆଦିଲ୍ଲୀ,୮-୮

ଅଟୋ ସେକ୍ଟରରେ ମାନ୍ଦାବସ୍ଥା ମାଡି ଆସିଛି। ଗତ କିଛିମାସ ହେବ ଏହି ସେକ୍ଟରର ଅବସ୍ଥା ସଙ୍ଗିନ ହୋଇଛି। କାର୍, ଦୁଇଚକିଆ ଯାନ ସମେତ ସମସ୍ତ ପ୍ରକାର ଗାଡି ବିକ୍ରି କ୍ରମାଗତ କମିବାରେ ଲାଗିଛି। ଗତ ଏକବର୍ଷ ହେବ ଏହି ଧାରା ଜାରି ରହିଛି। ଜୁଲାଇରେ କାର୍ ବିକ୍ରି ପ୍ରାୟ ୩୦ ପ୍ରତିଶତ ହ୍ରାସ ପାଇଛି। ଏହି କାରଣରୁ କର୍ମଚାରୀ ଛଟେଇ ଆରମ୍ଭ ହୋଇଯାଇଛି। ଅଟୋ ନିର୍ମାତା ସଂଘର ଆକଳନ ଅନୁଯାୟୀ, ଆଜି ସୁଦ୍ଧା ଏହି ସେକ୍ଟରରେ ପ୍ରାୟ ସାଢ଼େ ୩ ଲକ୍ଷ କର୍ମଚାରୀଙ୍କୁ ନିଯୁକ୍ତି ହରାଇବାକୁ ପଡିଛି। ତେବେ ଅଟୋମୋବାଇଲ ସେକ୍ଟରରେ ଚାହିଦା ବଢ଼ାଇବାକୁ ହେଲେ ୧୦ ପ୍ରତିଶତ ଜିଏସ୍‌ଟି ହ୍ରାସ କରିବାକୁ ଦାବି ଜୋରଦାର ହୋଇଛି। ଅଟୋ କମ୍ପାନୀଗୁଡ଼ିକ ଜିଏସ୍‌ଟି ହାରକୁ ୨୮ରୁ ୧୮ ପ୍ରତିଶତକୁ କମାଇବାକୁ ଦାବି କରିଛନ୍ତି। ଏଥିସହିତ ଅଧିକ ଡେପ୍ରିସିଏଶନ ଲାଭ ଓ ଅନୁକୂଳ ସ୍କ୍ରାପେଜ ପଲିସି ଆଣିବାକୁ ସରକାରଙ୍କ ନିକଟରେ କୁହାଯାଇଛି।

ଅଟୋମୋବାଇଲ ସେକ୍ଟରରେ ଦେଖାଦେଇଥିବା ଅସୁବିଧା ସମ୍ପର୍କରେ ଜାଣିବା ଲାଗି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଏକ ବୈଠକ ଡକାଇଥିଲେ। ବୈଠକରେ ଉପସ୍ଥିତ ଶୀର୍ଷ କମ୍ପାନୀ ମୁଖ୍ୟମାନେ ସହାୟତା ପ୍ୟାକେଜ ମାଗିଛନ୍ତି। ଅଟୋ ସେକ୍ଟରରେ ୨୮% ଜିଏସ୍‌ଟି ସହ ସେଗ୍‌ମେଣ୍ଟ ହିସାବରେ ସେସ୍ ଆଦାୟ ହେବା କାରଣରୁ ଟିକସ ପରିମାଣ ବଢ଼ିଯାଉଛି। ବିକ୍ରି ବଢ଼ାଇବା ଲାଗି ଉଦ୍ୟୋଗକୁ ଅଧିକ ପୁଞ୍ଜି ଉପଲବ୍ଧତା ହେବା ଜରୁରୀ ବୋଲି ମତପ୍ରକାଶ ପାଇଛି। ତେବେ ଅଟୋ ସେକ୍ଟରରେ କାହିଁକି ମାନ୍ଦାବସ୍ଥା ମାଡି ଆସିଛି, ସେସମ୍ପର୍କରେ ତର୍ଜମା କରାଯାଉ।



ଅଟୋ ଶିଳ୍ପ ପ୍ରତିନିଧିଙ୍କ ସହ ଆଲୋଚନା କରୁଛନ୍ତି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍

### ବିକ୍ରି ହ୍ରାସ ପାଇବାର କାରଣ

ଦେଶର ଅର୍ଥନୀତି ଧିମା ହେବା, ନଗଦ ସଙ୍କଟ କାରଣରୁ ଋଣ ପାଇବା ଏବେ ଅସମ୍ଭବ ହେଲାଣି। ଗ୍ରାମାଞ୍ଚଳରେ ଚାହିଦା କମିବା ଏବଂ ପୁରୁଣା ଗାଡ଼ିର ସଂଗଠିତ ବଜାର ବିକାଶ ହେବା ନୂଆ ଗାଡ଼ି ବିକ୍ରି କମିବାର ମୁଖ୍ୟ କାରଣ ବୋଲି ଧରାଯାଉଛି।

### ଋଣ ମିଳିବାରେ ଅସୁବିଧା

ଇନ୍‌ଫ୍ରାଷ୍ଟ୍ରକ୍‌ଚର ଲିଜିଂ ଓ ଫାଇନାନ୍ସିଆଲ ସର୍ଭିସେସ୍(ଆଇଏଲ୍‌ଆଣ୍ଡଏଫ୍‌ଏସ୍)ରେ ଦେଖାଦେଇଥିବା ସଙ୍କଟ କାରଣରୁ ଅଣ ବ୍ୟାଙ୍କିଙ୍ଗ ଆର୍ଥିକ ସଂସ୍ଥାଗୁଡ଼ିକରେ ନଗଦ ସଙ୍କଟ ଦେଖାଦେଇଛି। ଏହି କାରଣରୁ ଏବେ ଅଟୋ ଋଣ ମିଳିବା କଷ୍ଟକର ହୋଇଛି। ଅର୍ଥନୀତି ଧିମା ହୋଇଯିବା କାରଣରୁ ବେତନ ନ ବଢ଼ିବା ଯୋଗୁ ଲୋକଙ୍କ ନିକଟରେ ଗାଡ଼ି କିଣିବା ଲାଗି ପର୍ଯ୍ୟାପ୍ତ ଅର୍ଥର ଅଭାବ ରହିଛି। ଫଳରେ ଲୋକେ ଗାଡ଼ି କିଣିବା ଯୋଜନାକୁ ଟାଳିବାରେ ଲାଗିଛନ୍ତି।

### ଆଗକୁ କ’ଣ ହେବ

ଆଗାମୀ ଦିନରେ ଅଟୋ ସେକ୍ଟର ପାଇଁ ସୁଖବର ନାହିଁ। ମୌସୁମୀ ବର୍ଷାରେ ସୁଧାର, ଗ୍ରାମୀଣ ଅର୍ଥନୀତି ଦୃଢ଼ ହେବା, ପାର୍ବଣ ଋତୁର ଚାହିଦା ଆଦି ଉପରେ ଅଟୋ ସେକ୍ଟର ପ୍ରଦର୍ଶନ ନିର୍ଭର କରିବ। ଏହାବ୍ୟତୀତ ଜିଏସ୍‌ଟିରେ ସଂଶୋଧନ, ଏନ୍‌ବିଏଫ୍‌ସି ସଙ୍କଟର ସମାଧାନ ଉପରେ ଅଟୋ ସେକ୍ଟର ପୁନରୁଦ୍ଧାର ନିର୍ଭର କରିବ।

### ଦ୍ୱନ୍ଦ୍ୱରେ ଗ୍ରାହକ

ଆସନ୍ତାବର୍ଷ ଜୁନ୍‌ରୁ ଦେଶରେ ବିଏସ୍-୬ ମାନଦଣ୍ଡର ଗାଡ଼ି ଚାଲିବ। ଫଳରେ ଦେଶରୁ ଧୀରେ ଧୀରେ ବିଏସ୍-୪ ଗାଡ଼ିକୁ ପ୍ରତ୍ୟାହାର କରାଯିବ। ଏହାଦ୍ୱାରା ତୈଳ ଇନ୍ଧନଯୁକ୍ତ ଗାଡ଼ି ଦ୍ୱାରା ହେଉଥିବା ବାୟୁ ପ୍ରଦୂଷଣକୁ ଅନେକାଂଶରେ କମାଇହେବ। ଅନ୍ୟପକ୍ଷରେ କେନ୍ଦ୍ର ସରକାର ଏବେ ଇଲେକ୍ଟ୍ରିକ ଗାଡି ବିକ୍ରିକୁ ପ୍ରୋତ୍ସାହନ ଦେବା ଆରମ୍ଭ କରିଛନ୍ତି। ଇ-ଯାନ କ୍ରୟରେ ଆୟକରରେ ଦେଢ଼ ଲକ୍ଷ ଟଙ୍କା ଛାଡ଼ ସହ ଜିଏସ୍‌ଟି ୧୨ରୁ ୫%କୁ ହ୍ରାସ କରାଯାଇଛି। ସେହିପରି ବ୍ୟାଟେରି ଉପରେ ଜିଏସ୍‌ଟି ୫%କୁ ହ୍ରାସ କରାଯାଇଛି। କେଉଁ ଗାଡି କିଣିଲେ ଉଚିତ୍ ହେବ ସେ ନେଇ ଏବେ ଗ୍ରାହକ ଦ୍ୱନ୍ଦ୍ୱରେ ପଡିଯାଇଛନ୍ତି। ଏହି କାରଣରୁ ସେମାନେ ଗାଡ଼ି କିଣିବାଠାରୁ ଦୂରେଇ ଯାଇଛନ୍ତି। ଗାଡ଼ି ବିକ୍ରି ହ୍ରାସ ପାଇବା ଏହା ଅନ୍ୟତମ ମୁଖ୍ୟ କାରଣ ହୋଇଛି।

### ସବୁ ସେଗ୍‌ମେଣ୍ଟରେ ଯାନ ବିକ୍ରି ହ୍ରାସ

କେବଳ ଯେ କାର୍ ବିକ୍ରି କମିଛି ତାହା ନୁହେଁ ଅଟୋ ସେକ୍ଟରର ସମସ୍ତ ସେଗମେଣ୍ଟରେ ଏହି ଦୁରବସ୍ଥା ଦେଖାଯାଉଛି। ମିଡିଆ ରିପୋର୍ଟ ଅନୁଯାୟୀ, ଜୁନ, ୨୦୧୯ରେ ଶେଷ ହୋଇଥିବା ତ୍ରୈମାସରେ ଯାତ୍ରୀ ବାହନ ବିକ୍ରି ୧୮.୪% ହ୍ରାସ ପାଇଛି। ସେହିପରି କମର୍ସିଆଲ ଗାଡ଼ି ସେଗମେଣ୍ଟରେ ୧୬.୬%, ଦୁଇଚକିଆ ଯାନରେ ୧୧.୭% ବିକ୍ରି ହ୍ରାସ ଦେଖାଯାଇଛି। ସେହିପରି ପାସେଞ୍ଜର ଯାନ ବିକ୍ରି ଜୁନ୍‌ରେ ୧୮ ବର୍ଷର ସର୍ବନିମ୍ନ ସ୍ତରରେ ପହଞ୍ଚିଛି। ଗ୍ରାମୀଣ ଅର୍ଥନୀତିର ସଙ୍କେତ ଦେଉଥିବା ଟ୍ରାକ୍ଟର ଉଦ୍ୟୋଗରେ ମଧ୍ୟ ମାନ୍ଦାବସ୍ଥାର ପ୍ରଭାବ ଦେଖାଦେଇଛି। ମାର୍ଚ୍ଚ ୨୦୧୯ରେ ଶେଷ ହୋଇଥିବା ଆର୍ଥିକ ବର୍ଷରେ ଟ୍ରାକ୍ଟର ଉଦ୍ୟୋଗ କ୍ରମାଗତ ୩ ବର୍ଷ ଧରି ୨ ଅଙ୍କ ବୃଦ୍ଧି ହାର ହାସଲ କରିଥିଲା। ତେବେ ଏହାପର ଠାରୁ ହ୍ରାସ ପାଇବା ଧାରା ଆରମ୍ଭ ହୋଇଛି। ପରିସ୍ଥିତି ଏପରି ହେଲାଣି ଯେ, ଜୁନ୍‌ରେ ବିକ୍ରି ହାର ସର୍ବାଧିକ ୩୨ ପ୍ରତିଶତକୁ ଖସି ଆସିଛି। ମୌସୁମୀର ଅନିୟମିତତା କାରଣରୁ ଚଳିତ ବର୍ଷ ଖରିଫ ବୁଣା କମିଛି। ଏହି କାରଣରୁ ଟ୍ରାକ୍ଟର ବିକ୍ରି କମିଛି। ସରକାର ଏକ୍ସେଲ ଲୋଡ୍ ମାନଦଣ୍ଡରେ ପରିବର୍ତ୍ତନ କରିବାରୁ କମର୍ସିଆଲ ଗାଡି ବିକ୍ରି ହ୍ରାସ ପାଇଛି। ସୋସାଇଟି ଅଫ୍ ଇଣ୍ଡିଆନ ଅଟୋମୋବାଇଲ ମାନୁଫାକ୍ଚରର୍ସ(ସିଆମ୍) ଅନୁସାରେ ଏପ୍ରିଲ-ଜୁନ, ୨୦୧୯ରେ କମର୍ସିଆଲ ଗାଡି ସେଗ୍‌ମେଣ୍ଟରେ ବିକ୍ରି ୯.୫୩% ହ୍ରାସ ପାଇଛି।




## ୩ ଲକ୍ଷ କୋଟିର ରାଷ୍ଟ୍ରାୟତ୍ତ ସମ୍ପତ୍ତି ବିକ୍ରି ଯୋଜନା

ନୂଆଦିଲ୍ଲୀ,୮-୮

କେନ୍ଦ୍ର ସରକାର ବ୍ୟବହାରରେ ଆସୁ ନ ଥିବା ପ୍ରାୟ ୩ ଲକ୍ଷ କୋଟି ଟଙ୍କାର ରାଷ୍ଟ୍ରାୟତ୍ତ ସମ୍ପତ୍ତି ବିକ୍ରି କରିବାକୁ ପ୍ରସ୍ତୁତି ଚଳାଇଛନ୍ତି। ଟ୍ରାନ୍ସମିଶନ ଲାଇନ, ଟେଲିକମ ଟାୱାର, ଗ୍ୟାସ୍ ପାଇପଲାଇନ, ଏୟାରପୋର୍ଟ ଆଦିର ସମ୍ପତ୍ତି ବିକ୍ରି କରାଯିବ। ବିଭିନ୍ନ ମନ୍ତ୍ରଣାଳୟ ସହ ଆଲୋଚନା କରିବା ପରେ ନୀତି ଆୟୋଗ ପକ୍ଷରୁ ବିକ୍ରି ହେବାକୁ ଥିବା ସମ୍ପତ୍ତିର ଏକ ତାଲିକା ପ୍ରସ୍ତୁତ କରାଯାଇଛି। ପାୱାର ଗ୍ରିଡ୍‌ର ଟ୍ରାନ୍ସମିଶନ ଲାଇନ, ବିଏସ୍‌ଏନ୍‌ଏଲ୍ ଓ ଏମ୍‌ଟିଏନଏଲ୍‌ର ଟାୱାର, ଗେଲ୍ ଇଣ୍ଡିଆର ଗ୍ୟାସ୍ ପାଇପଲାଇନ, କେତେକ ସହରରେ ଥିବା ବିମାନ ବନ୍ଦର ଏବଂ ରାଷ୍ଟ୍ରାୟତ୍ତ ଉଦ୍ୟୋଗର ପଡି ରହିଥିବା ମୂଲ୍ୟବାନ ଜମିକୁ ବିକ୍ରି ତାଲିକାରେ ରଖାଯାଇଛି। ପାୱାର ଗ୍ରୀଡ୍‌ର ୧.୪୫ ଲକ୍ଷ ସର୍କିଟ କିମି ଲାଇନ, ଗେଲ୍ ଇଣ୍ଡିଆର ୧୧,୫୦୦ କିମି ଗ୍ୟାସ୍ ପାଇପଲାଇନ, ବିଏସ୍‌ଏନଏଲ ଓ ଏମଟିଏନ୍‌ଏଲର ୭୦ ହଜାର ଟାୱାର ବିକ୍ରି ହେବ। ଏହାଛଡ଼ା ନ୍ୟାଶନାଲ ଟେକ୍ସଟାଇଲ କର୍ପୋରେଶନ, ହିନ୍ଦୁସ୍ଥାନ ଆଣ୍ଟିବାୟୋଟିକ୍ସ, ଏନ୍‌ଟିପିସିର ଜମି ବିକ୍ରି କରାଯିବ। କେନ୍ଦ୍ର ସରକାର ଚଳିତ ଆର୍ଥିକ ବର୍ଷ ପାଇଁ ସରକାରୀ ସମ୍ପତ୍ତି ବିକ୍ରି କରି ୧.୦୫ ଲକ୍ଷ କୋଟି ଟଙ୍କା ଆଦାୟ ଲକ୍ଷ୍ୟ ରହିଛି। ରାଷ୍ଟ୍ରାୟତ୍ତ ଉଦ୍ୟୋଗରେ ସରକାରଙ୍କ ଅଂଶଧନକୁ ୫୧%ରୁ ହ୍ରାସ କରିବାକୁ ସରକାର ରାଜି ଥିବା ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ବଜେଟ ଘୋଷଣା ବେଳେ କହିଥିଲେ।

## ଶିଳ୍ପ ଜଗତ ଚାହୁଁଛି ଲକ୍ଷେ କୋଟିର ପ୍ୟାକେଜ

■ ଅର୍ଥମନ୍ତ୍ରୀଙ୍କୁ ଭେଟିଲେ ଶିଳ୍ପ କ୍ୟାପଟେନ୍
■ ଅଭିବୃଦ୍ଧି ଧାରା ପାଇଁ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା
■ ଶିଳ୍ପର ବିକାଶ ନେଇ ନିର୍ମଳାଙ୍କ ପ୍ରତିଶ୍ରୁତି

ନୂଆଦିଲ୍ଲୀ,୮-୮

ଦେଶରେ ଅର୍ଥନୀତିରେ ମାନ୍ଦାବସ୍ଥା ଯୋଗୁ ବିଭିନ୍ନ ଶିଳ୍ପ କ୍ଷେତ୍ର ପ୍ରଭାବିତ ହୋଇଛି। ନିବେଶ ଧାରାକୁ ପ୍ରୋତ୍ସାହିତ କଲେ ଏହା ଔଦ୍ୟୋଗିକ ଅଭିବୃଦ୍ଧି ସହ ଅର୍ଥନୈତିକ ଧାରାକୁ ତ୍ୱରାନ୍ୱିତ କରିବ ବୋଲି ଦେଶର ଶିଳ୍ପ ଜଗତ ଆଶା ପ୍ରକଟ କରିଛି। ବିକାଶ ଧାରାକୁ ପୁନର୍ଜୀବିତ କରିବା ଲାଗି ସରକାର ୧ ଲକ୍ଷ କୋଟି ଟଙ୍କାର ଏକ ପ୍ୟାକେଜ ଆଣନ୍ତୁ ବୋଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନଙ୍କୁ ଭେଟି ଶିଳ୍ପ ଜଗତ ଏଭଳି ଦାବି କରିଛି। ଅଭିବୃଦ୍ଧି ଫେରାଇ ଆଣିବାକୁ ସରକାର ପ୍ରତିଶ୍ରୁତି ଦେଇଥିବା ଶିଳ୍ପ ଜଗତ ପକ୍ଷରୁ ସୂଚନା ରହିଛି। କେଉଁ ଭଳି ପଦକ୍ଷେପ ନେଲେ ଅଭିବୃଦ୍ଧି ଧାରା ଫେରିବ ସେ ଉପରେ ଅର୍ଥମନ୍ତ୍ରୀଙ୍କ ସହ ଆଲୋଚନା ହୋଇଥିବା ଆସୋଚାମ ସଭାପତି ବି.କେ. ଗୋଏଙ୍କା କହିଛନ୍ତି। ଶିଳ୍ପ ଏବଂ ଅର୍ଥନୈତିକ ଅଭିବୃଦ୍ଧିକୁ ନଜରରେ ରଖି ସରକାର ତ୍ୱରିତ ପଦକ୍ଷେପ ନେବେ ବୋଲି ଆଶା ରହିଥିବା ଜେଏସ୍‌ଡବ୍ଲ୍ୟୁ ଗ୍ରୁପ ଅଧ୍ୟକ୍ଷ ସଜ୍ଜନ ଜିନ୍ଦଲ କହିଛନ୍ତି। ଅର୍ଥମନ୍ତ୍ରୀଙ୍କଠାରୁ ପ୍ରତିଶ୍ରୁତି ପାଇଛୁ। ଅଟୋମୋବାଇଲ, ଏନ୍‌ବିଏଫ୍‌ସି ଏବଂ ଷ୍ଟିଲ ଭଳି ଅନ୍ୟ କ୍ଷେତ୍ରଗୁଡିକ ଲାଗି ପଦକ୍ଷେପ ଗ୍ରହଣ କରାଯିବା ନେଇ ବେଶ୍ ଆଶାବାଦୀ ଥିବା ଜିନ୍ଦଲ କହିଛନ୍ତି।

ବ୍ୟାଙ୍କଗୁଡିକ ଶିଳ୍ପ କ୍ଷେତ୍ରକୁ ଠିକ୍ ଭାବେ ଋଣ ପ୍ରଦାନ କରୁ ନ ଥିବା ପ୍ରସଙ୍ଗ ବୈଠକରେ ସ୍ଥାନିତ ହୋଇଥିଲା। ବ୍ୟାଙ୍କଗୁଡିକ ଋଣ ପ୍ରଦାନ ଲାଗି ଇଚ୍ଛା ପ୍ରକଟ କରୁ ନ ଥିବା ପିରାମଲ ଇଣ୍ଡଷ୍ଟ୍ରିଜର ଅଧ୍ୟକ୍ଷ ଅଜୟ ପିରାମଲ କହିଛନ୍ତି। ସେହିଭଳି ଏନ୍‌ବିଏଫ୍‌ସି କ୍ଷେତ୍ର ପ୍ରଭାବିତ ହେବା ଯୋଗୁ ଏହା ଏମ୍‌ଏସ୍‌ଏମ୍‌ଇ, ଗୃହ ଋଣ, ଅଟୋ ଭଳି କ୍ଷେତ୍ରକୁ ପ୍ରଭାବିତ କରିଥିବା ସେ କହିଛନ୍ତି। ଏହାବାଦ ଅଟୋ ଉଦ୍ୟୋଗର ମାନ୍ଦାବସ୍ଥା ବର୍ତ୍ତମାନ ଇସ୍ପାତ ଶିଳ୍ପ ଉପରେ ପ୍ରଭାବ ପକାଉଥିବାରୁ ଶିଳ୍ପ ଜଗତକୁ ଏକ ପୁନରୁଦ୍ଧାର ପ୍ୟାକେଜ ଲୋଡାଥିବା ଟାଟା ଷ୍ଟିଲ ଏମ୍‌ଡି ତଥା ସିଆଇଆଇ ଉପସଭାପତି ଟି.ଭି. ନରେନ୍ଦ୍ରନ କହିଛନ୍ତି। ବ୍ୟାଙ୍କଗୁଡିକ ଗ୍ରାହକଙ୍କୁ ଠିକ୍ ଭାବେ ରେପୋ ହାର ହ୍ରାସର ଫାଇଦା ଦେଉନାହାନ୍ତି। ଏହା ଚିନ୍ତାର ବିଷୟ ବୋଲି ଫିକି ସଭାପତି ସନ୍ଦିପ ସୋମାନି କହିଛନ୍ତି। ଏହାକୁ ବ୍ୟାଙ୍କଗୁଡିକ ଧ୍ୟାନ ଦେଲେ ଏହା ଶିଳ୍ପ ଲାଗି ଲାଭକାରୀ ସାବ୍ୟସ୍ତ ହେବ ବୋଲି ସେ ମତ ରଖିଛନ୍ତି। ଅର୍ଥନୀତିର ଅନ୍ୟ ଦିଗ ଉପରେ ବୈଠକରେ ଆଲୋଚନା ହୋଇଥିଲା।

## ମହଙ୍ଗା ହେବ ରେଳଯାତ୍ରା | ଇ-ଟିକେଟିଂରେ ଆଦାୟ ହେବ ସର୍ଭିସ ଚାର୍ଜ

ନୂଆଦିଲ୍ଲୀ,୮-୮

ଭାରତୀୟ ରେଳବାଇ ଅନ୍‌ଲାଇନ ରିଜର୍ଭେଶନ ବ୍ୟବସ୍ଥା ଇ-ଟିକେଟିଂ ଉପରେ ପୁନର୍ବାର ସର୍ଭିସ ଚାର୍ଜ ଆଦାୟ କରିବାକୁ ଯାଉଛନ୍ତି। ଫଳରେ ଆଗାମୀ ଦିନରେ ରେଳଯାତ୍ରା ମହଙ୍ଗା ହେବାକୁ ଯାଉଛି। ଅଗଷ୍ଟ ୩ରେ ମନ୍ତ୍ରଣାଳୟ ପକ୍ଷରୁ ଏକ ପତ୍ର ଜାରି କରାଯାଇଛି। ଏଥିରେ ମାର୍କେଟିଂ ଓ ବିକ୍ରି ସେବା ଉପରେ ସର୍ଭିସ ଚାର୍ଜ ଆଦାୟ କରିବାକୁ




ନିଷ୍ପତ୍ତି ନିଆଯାଇଥିବା କୁହାଯାଇଛି। ଡିଜିଟାଲ ନେଣଦେଣକୁ ପ୍ରୋତ୍ସାହିତ କରିବାକୁ ଯାଇ ସରକାର ପୂର୍ବରୁ ଇ-ଟିକେଟିଂ ଉପରେ ସର୍ଭିସ ଚାର୍ଜକୁ ପ୍ରତ୍ୟାହାର କରିନେଇଥିଲେ। ଏବେ ନିଷ୍ପତ୍ତିର ପୁନର୍ବିଚାର କରାଯାଇଛି। ସ୍ଲିପର କ୍ଲାସ୍‌ରେ ପୂର୍ବରୁ ୨୦ ଟଙ୍କା ଏବଂ ଏସି ବଗିର ସିଟ୍ ପାଇଁ ୪୦ ଟଙ୍କା ଦେବାକୁ ପଡୁଥିଲା। ବିମୁଦ୍ରୀକରଣ ପୂର୍ବରୁ ଅର୍ଥାତ୍ ନଭେମ୍ବର ୨୦୧୬ ପର୍ଯ୍ୟନ୍ତ ଇ-ଟିକେଟ ଉପରେ ସର୍ଭିସ ଚାର୍ଜ ଆଦାୟ କରାଯାଉଥିଲା। ଆଇଆର୍‌ସିଟିସି ସର୍ଭିସ ଚାର୍ଜ ଜରିଆରେ ଏକତ୍ରିତ ହେଉଥିବା ଅର୍ଥକୁ ଇ-ଟିକେଟିଂ ସିଷ୍ଟମ ଲାଗି ଖର୍ଚ୍ଚ କରୁଥିଲା। ରେଳ ମନ୍ତ୍ରଣାଳୟ ସର୍ଭିସ ଚାର୍ଜ ନ ଆଦାୟ କରିବାକୁ ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ପରାମର୍ଶ ଦିଆଯାଇଥିଲା ଏବଂ ଖର୍ଚ୍ଚ ଭରଣା କରାଯିବ ବୋଲି ସେତେବେଳେ ପ୍ରତିଶ୍ରୁତି ଦିଆଯାଇଥିଲା। ପ୍ରାରମ୍ଭରେ ଦିଆଯାଇଥିବା ପ୍ରତିଶ୍ରୁତି ମୁତାବକ ସର୍ଭିସ ଚାର୍ଜ ଅସୁଲ ନ କରିବା ବ୍ୟବସ୍ଥା ୨୦୧୭ ଜୁନ୍ ପର୍ଯ୍ୟନ୍ତ କରାଯାଇଥିଲା। ପରେ ଏହାର ସମୟସୀମାକୁ ଅନେକ ଥର ବୃଦ୍ଧି କରାଯାଇଛି। ଅଦ୍ୟାବଧି ପୁରୁଣା ବ୍ୟବସ୍ଥାକୁ ଆରମ୍ଭ କରାଯାଇ ନାହିଁ। ଇତିମଧ୍ୟରେ ସର୍ଭିସ ଚାର୍ଜ ଆଦାୟ ନ ହେବାରୁ ଆଇଆର୍‌ସିଟିସିର ଆୟ କମିଲା। ଯାହାର ପ୍ରଭାବ ରେଳ ମନ୍ତ୍ରଣାଳୟର ଆୟ ଉପରେ ପଡିଲା। ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଆଇଆରସିଟିସିକୁ ୮୮ କୋଟି ଟଙ୍କା ପ୍ରଦାନ କରାଯାଇଥିଲେ ସୁଦ୍ଧା ଏହା ପର୍ଯ୍ୟାପ୍ତ ନ ଥିଲା। କ୍ରମାଗତ କ୍ଷତି ସହି ଚାଲିଥିବା ରେଳୱେ ପକ୍ଷରୁ ବୋର୍ଡର ଯୁଗ୍ମ ନିର୍ଦ୍ଦେଶକ ଟ୍ରାଫିକ କମର୍ସିଆଲ(ଜେନେରାଲ) ବି.ଏସ୍. କିରଣ ଅର୍ଥ ମନ୍ତ୍ରଣାଳୟକୁ ପତ୍ର ଲେଖି ପୁନର୍ବାର ସର୍ଭିସ ଚାର୍ଜ ଆଦାୟ କରାଯିବ ବୋଲି ଦର୍ଶାଇଛନ୍ତି।

### ଟ୍ରେନ ଯାତ୍ରା ବେଳେ ଶପିଂ ମଜା

ଭାରତୀୟ ରେଲୱେ ପକ୍ଷରୁ ଟ୍ରେନ ଯାତ୍ରା ବେଳେ ଶପିଂ ମଜା ଉଠାଇବାର ବ୍ୟବସ୍ଥା କରିଛି। ବର୍ତ୍ତମାନ ଏହି ବ୍ୟବସ୍ଥା ପଶ୍ଚିମାଞ୍ଚଳ ରେଳବାଇର ଅହମ୍ମଦାବାଦ୍ ଡିଭିଜନ ଅଧୀନରେ ଅହମ୍ମଦାବାଦ୍-ମୁମ୍ବାଇ ସେଣ୍ଟ୍ରାଲ-ଅହମ୍ମଦାବାଦ୍ କର୍ଣ୍ଣାବତୀ ଏକ୍ସପ୍ରେସ୍ ଓ ଅହମ୍ମଦାବାଦ୍-ମୁମ୍ବାଇ ସେଣ୍ଟ୍ରାଲ-ଅହମ୍ମଦାବାଦ୍ ଡବଲ ଡେକର ଏକ୍ସପ୍ରେସରେ ଆରମ୍ଭ କରାଯାଇଛି। ଗୁରୁବାରଠାରୁ ଏହି ନୂଆ ସୁବିଧା ଯାତ୍ରୀଙ୍କୁ ଯୋଗାଇ ଦିଆଯାଉଛି। ଉଭୟ ମାର୍ଗରେ ଯାତ୍ରୀ ଡିଜିଟାଲ ପେମେଣ୍ଟ ବ୍ୟବସ୍ଥା ଜରିଆରେ କସ୍‌ମେଟିକ୍ସ, ଏଫ୍‌ଏମ୍‌ସିଜି ଓ ହେଲ୍‌ଥକେୟାର ସାମଗ୍ରୀ କିଣିପାରିବେ। ଯାତ୍ରୀମାନେ ଯାତ୍ରା ବେଳେ ଘରକରଣା, ଓରାଲ କେୟାର, ସ୍କିନ୍ କେୟାର, ହେଲ୍‌ଥ କେୟାର,କସ୍‌ମେଟିକ୍ସ, ସ୍ୱାସ୍ଥ୍ୟ ସମ୍ପର୍କିତ, ପେପର ସାମଗ୍ରୀ,କନ୍‌ଫେକ୍ସନାରି, ଷ୍ଟେଶନାରି ସାମଗ୍ରୀ ଆଦି କିଣିପାରିବେ ବୋଲି ରେଲୱେ ସୂତ୍ରରୁ ପ୍ରକାଶ।

## ୧୧ରୁ ଓଡ଼ିଶା ଏମ୍‌ଏସ୍‌ଏମ୍‌ଇ ମିଟ୍

ଭୁବନେଶ୍ୱର, ୮-୮(ବ୍ୟୁରୋ)

ଓଡ଼ିଶା ଆସୋସିଏସନ ଅଫ୍ ସ୍ମଲ ଆଣ୍ଡ ମିଡିୟମ ଏଣ୍ଟରପ୍ରାଇଜେସ (ଓସ୍‌ମେ) ପକ୍ଷରୁ ଏହାର ପ୍ରତିଷ୍ଠା ଦିବସ ଅବସରରେ ଚଳିତ ମାସ ୧୧ ଏବଂ ୧୨ରେ ସ୍ଥାନୀୟ ଇଡକଲ ଅଡିଟୋରିଅମଠାରେ ଏମ୍‌ଏମ୍‌ଏମ୍‌ଇ ମିଟ୍ ଅନୁଷ୍ଠିତ ହେବ। ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେବେ। କେନ୍ଦ୍ର ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ ପ୍ରତାପ ଷଡଙ୍ଗୀ, ରାଜ୍ୟ ଏମ୍‌ଏସ୍‌ଏମ୍‌ଇ ବିଭାଗୀୟ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର, ଏମ୍‌ଏସ୍‌ଏମ୍‌ଇ ସଚିବ ଅରୁଣ ପଣ୍ଡା, ଶିଳ୍ପ ବିଭାଗ ପ୍ରମୁଖ ସଚିବ ସଞ୍ଜୀବ ଚୋପ୍ରା, କମିଶନର ସଞ୍ଜୟ ସିଂ, ନାଲ୍‌କୋ ଅଧ୍ୟକ୍ଷ ତପନ କୁମାର ଚାନ୍ଦ ପ୍ରମୁଖ ଅତିଥି ଭାବେ ଯୋଗଦେବେ। ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ଖବରଦାତା କାର୍ଯ୍ୟକ୍ରମରେ ଓସମେ ମହାସଚିବ ସାତ୍ତ୍ୱିକ ସ୍ୱାଇଁ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, କାର୍ଯ୍ୟକ୍ରମରେ ଶିଳ୍ପୋଦ୍ୟୋଗୀ, ଷ୍ଟାର୍ଟଅପ, ଇନୋଭେଟର୍ସ, ଷ୍ଟାଣ୍ଡଅପ୍ସ, ଫୁଡ ପ୍ରୋସେସର୍ସ ଏବଂ ରପ୍ତାନିକାରୀଙ୍କ ପ୍ରାୟ ୨୦୦୦ ପ୍ରତିନିଧି ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଏମ୍‌ଏସ୍‌ଏମ୍‌ଇ ସହ ଜଡ଼ିତ ବିଭିନ୍ନ ପ୍ରସଙ୍ଗଗୁଡିକ ଉପରେ ସେମିନାର ଅନୁଷ୍ଠିତ ହେବ। ରାଜ୍ୟ ଏମ୍‌ଏସ୍‌ଏମ୍‌ଇ ଶିଳ୍ପକୁ ଉଲ୍ଲେଖନୀୟ ଯୋଗଦାନ ରଖୁଥିବା ବ୍ୟକ୍ତି ବିଶେଷଙ୍କୁ ଏଥିରେ ଓଡ଼ିଶା ଏମ୍‌ଏସ୍‌ଏମ୍‌ଇ ଆୱାର୍ଡ ପ୍ରଦାନ କରାଯିବ। କାର୍ଯ୍ୟକ୍ରମ ଅବସରରେ ଓସ୍‌ମେ ଅଧ୍ୟକ୍ଷ ଗୌରୀ ଶଙ୍କର ଦାସ ଏବଂ ଆଦିକନ୍ଦ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

**ଯୋଗ ଦେବେ ୨ ହଜାର ଶିଳ୍ପୋଦ୍ୟୋଗୀ**



ଟରଣ୍ଟୋ ଓପନ ଟେନିସରେ ବେଲଜିୟମର ଏଲିସି ମର୍ଟେନଙ୍କୁ ପରାସ୍ତ କରିବା ପରେ ମୁଁ ଆଘାତଜନିତ ସମସ୍ୟାରୁ ମୁକ୍ତ ବୋଲି ମନେ କରୁଛି ।
–ସେରେନା ୱିଲିୟମ୍ସ, ବିଶିଷ୍ଟ ମହିଳା ଟେନିସ ଖେଳାଳି



ଭାରତର ପୂର୍ବତନ ଚୟନକର୍ତ୍ତା ବିଜୟ ମର୍ଚ୍ଚାଣ୍ଟ ଏଭଳି ଜଣେ ଖେଳାଳି ଥିଲେ ଯିଏକି ଇଂଲଣ୍ଡ କଣ୍ଡିଶନ ସହ ଶୀଘ୍ର ଖାପ ଖୁଆଇ ନେଉଥିଲେ ।
–ମାଇକ୍ ଗ୍ୟାଟିଂ, ପୂର୍ବତନ ଇଂଲଣ୍ଡ କ୍ରିକେଟ ଅଧିନାୟକ



## ସଂକ୍ଷେପରେ

### ଆକରମ୍ୟାନଙ୍କ ନାମରେ ଟି୨୦ ବିଶ୍ୱ ରେକର୍ଡ

ଲଣ୍ଡନ, ୮।୮ (ଏଏଫ୍‌ପି)- ଦକ୍ଷିଣ ଆଫ୍ରିକା ସ୍ପିନର କଲିନ୍ ଆକରମ୍ୟାନ ଟି୨୦ କ୍ରିକେଟ୍‌ର ଶ୍ରେଷ୍ଠ ବୋଲିଂ ଫିଗର୍ ହାସଲ କରିବାର ସୌଭାଗ୍ୟ ଲାଭ କରିଛନ୍ତି। ଏଠାରେ ଚାଲିଥିବା ଟି୨୦ ବ୍ଲାଷ୍ଟର ଏକ ମ୍ୟାଚ୍‌ରେ ସେ ୧୮ ରନ୍ ବିନିମୟରେ ୭ ଉଇକେଟ୍ ଅକ୍ତିଆର କରି ବିଶ୍ୱ ରେକର୍ଡକୁ ନିଜ ନାମରେ ପ୍ରତିଷ୍ଠା କରିଛନ୍ତି। ୨୮ ବର୍ଷୀୟ କଲିନ୍ ଲିସେଷ୍ଟରଶାୟର ଅଧିନାୟକ ରହିଥିବାବେଳେ ୱର୍କଶାୟର ବିପକ୍ଷରେ ଏହି ମାରାତ୍ମକ ସ୍ପେଲ ବୋଲିଂ କରିଥିଲେ। ଟସ୍ ଜିତି ଲିସେଷ୍ଟରଶାୟର ଅଧିନାୟକ କଲିନ୍ ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ହ୍ୟାରୀ ସ୍ୱିଣ୍ଡେଲ୍ସ (୬୩) ଓ ଉଇକେଟ୍‌କିପର ଲୁଇସ୍ ହିଲ୍ (୫୮)ଙ୍କ ଅର୍ଦ୍ଧଶତକ ବଳରେ ଲିସେଷ୍ଟରଶାୟର ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ୍ ହରାଇ ୧୮୯ ରନ୍ କରିଥିଲା। ଜବାବରେ ୱର୍କଶାୟର ୧୭.୪ ଓଭରରେ ୧୩୪ ରନରେ ସୀମିତ ରହିଥିଲା। ଦଳ ଏକଦା ୧୩ ଓଭରରେ ୧୧୪ ରନ କରି ଦୃଢ଼ସ୍ଥିତିରେ ରହିଥିଲେ ମଧ୍ୟ ଆକରମ୍ୟାନଙ୍କ ଅଫ୍‌ସ୍ପିନକୁ ବୁଝି ନ ପାରି ୨୦ ରନରେ ବଳକା ୮ ଉଇକେଟ୍ ହରାଇଥିଲା। ମ୍ୟାଚ୍ ବିଜୟୀ ବୋଲିଂ ଲାଗି ଆକରମ୍ୟାନଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ପୂର୍ବରୁ ଟି୨୦ କ୍ରିକେଟ୍‌ରେ ଶ୍ରେଷ୍ଠ ବୋଲିଂ ଫିଗର ମାଲେସିଆର ଅରୁଲ ସୁପ୍ରିଆଙ୍କ ନାମରେ ରହିଥିଲା। ୨୦୧୧ରେ ସେ ସମରସେଟ୍ ପକ୍ଷରୁ ଖେଳି ଗ୍ଲାମରଗନ୍ ବିପକ୍ଷରେ ୫ ରନରେ ୬ ଉଇକେଟ୍ ଅକ୍ତିଆର କରିଥିଲେ। ଉଲ୍ଲେଖଯୋଗ୍ୟ, ପ୍ରଥମଶ୍ରେଣୀ କ୍ରିକେଟ୍‌ରେ ଶ୍ରେଷ୍ଠ ବୋଲିଂ ଫିଗର୍ ଇଂଲଣ୍ଡର ହେର୍ଡଲୀ ଭରିଟ୍‌ଙ୍କ ନାମରେ ରହିଛି।

### ଭାରତୀୟ ମହିଳା ବିଶ୍ୱ ବକ୍ସିଂ ଚାମ୍ପିୟନଶିପ୍ ଦଳ ଘୋଷିତ

ନୂଆଦିଲ୍ଲୀ,୮।୮(ପି.ଟି.)- ଦୀର୍ଘ ୧୦ ବର୍ଷ ଧରି ଅନ୍ତର୍ଜାତୀୟ ବକ୍ସିଂରେ ସକ୍ରିୟ ରହିବା ପରେ ଭେଟେରାନ ଏଲ. ସରିତା ଦେବୀ (୬୦ କେଜି) ମହିଳା ବିଶ୍ୱ ଚାମ୍ପିୟନଶିପ୍‌ରେ ପଦାର୍ପଣ କରିବାକୁ ଯାଉଛନ୍ତି। ଏହି ଗୁରୁତ୍ୱପୂର୍ଣ୍ଣ ଇଭେଣ୍ଟ ଲାଗି ୬ ଥର ବିଶ୍ୱ ଚାମ୍ପିୟନ ଏମ୍.ସି. ମେରୀକମ୍ (୫୧ କେଜି)ଙ୍କ ନେତୃତ୍ୱରେ ଗୁରୁବାର ୧୦ ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି। ଚାମ୍ପିୟନ ବକ୍ସର ମେରୀକମ୍‌ଙ୍କୁ ବିନା ଟ୍ରାଏଲରେ ଦଳରେ ନିଆଯାଇଛି। କାର୍ଯ୍ୟସୂଚୀ ଅନୁଯାୟୀ, ପୂର୍ବତନ ଅଲିମ୍ପିକ୍ସ ବ୍ରୋଞ୍ଜ ପଦକ ବିଜେତାଙ୍କୁ ଟ୍ରାଏଲ ମ୍ୟାଚ୍ ଖେଳିବାର ଥିଲା। ଏହାକୁ ପୂର୍ବତନ ଜୁନିୟର ଚାମ୍ପିୟନ ନିଖାତ ଜରିନ ବିରୋଧ କରିଥିଲେ। ମେରୀକମ୍‌ଙ୍କ ବ୍ୟତୀତ ଦଳରେ ସ୍ଥାନ ପାଇଥିବା ବିଶ୍ୱ ଚାମ୍ପିୟନ ବ୍ରୋଞ୍ଜ ପଦକ ବିଜେତା ଲଭଲିନା ବର୍ଗୋହେନ (୬୯ କେଜି) ମଧ୍ୟ କୌଣସି ଟ୍ରାଏଲର ସମ୍ମୁଖୀନ ହୋଇନାହାନ୍ତି।ଭାରତୀୟ ମହିଳା ଦଳ: ମଞ୍ଜୁ ରାଣୀ (୪୮ କେଜି), ଏମ୍.ସି. ମେରୀକମ୍ (୫୧ କେଜି), ଜାମୁନ ବରୋ (୫୪ କେଜି), ନୀରଜ (୫୭ କେଜି), ସରିତା ଦେବୀ (୬୦ କେଜି), ମଞ୍ଜୁ ବମ୍ବାରିୟା (୬୪ କେଜି), ଲଭଲିନା ବର୍ଗୋହେନ (୬୯ କେଜି), ସାୱିଟି ବୁରା (୭୫ କେଜି), ନନ୍ଦିନୀ (୮୧ କେଜି) ଓ କବିତା ଚହଲ (୮୧ କେଜିରୁ ଅଧିକ)।

# ସଙ୍କଟରେ ଭଲିବଲ ଖେଳାଳିଙ୍କ କ୍ୟାରିୟର

## ସାଇ ହଷ୍ଟେଲରୁ ଭଲିବଲ ବାଦ୍ ଘଟଣା

■ ବିହାର କିଶାନଗଞ୍ଜ କେନ୍ଦ୍ର ଯିବେ କିଛି ଅନ୍ତେବାସୀ

■ ଗୁରୁବାର ରାତି ପରେ ରହିବା ମନା

କଟକ ଅଫିସ,୮।୮

କଟକ ସାଇ ହଷ୍ଟେଲରୁ ଭଲିଭଲ ଖେଳକୁ ବାଦ ଦିଆଯିବା ନିଷ୍ପତ୍ତି ପରେ ଖେଳାଳିମାନଙ୍କ କ୍ୟାରିୟର ଏବେ ସଙ୍କଟରେ ପଡ଼ିଯାଇଛି। କିଛି ଖେଳାଳି ଖେଳ ଛାଡ଼ିବା ନେଇ ନିଷ୍ପତ୍ତି ନେଇଥିବା ମଧ୍ୟ ଜଣାପଡ଼ିଛି। ପାଠପଢ଼ା ଜାରି ରଖିବା ସହ ଭଲିବଲ କ୍ରୀଡ଼ାରେ ଭବିଷ୍ୟତ ଗଢ଼ିବାକୁ ଲକ୍ଷ୍ୟ ରଖିଥିବା ବେଳେ ହଠାତ୍ ରାଜ୍ୟର ଏହି କେନ୍ଦ୍ରରୁ ଯାଇ ରାଜ୍ୟ ବାହାରେ ଅବସ୍ଥାପିତ ହେବା ନିର୍ଦ୍ଦେଶକୁ ଗ୍ରହଣ କରିପାରିନାହାନ୍ତି କେତେକ ଭଲିବଲ ଖେଳାଳି। ଏଣୁ ଖୁବଶୀଘ୍ର ଏମାନେ ନିଜ ଘରକୁ ଫେରିଯିବେ ବୋଲି ହଷ୍ଟେଲର ଜଣେ ଅଧିକାରୀ କହିଛନ୍ତି। ଅନ୍ୟପକ୍ଷରେ ବୁଧବାର ରାତିରେ ଜଣ ଜଣ କରି ଅନ୍ତେବାସୀ ସାଇ କେନ୍ଦ୍ରର ନିର୍ଦ୍ଦେଶକୁ ନେଇ ନିଜ ମତ ରଖିଛନ୍ତି। କେଉଁ ହଷ୍ଟେଲକୁ ସ୍ଥାନାନ୍ତରିତ ହେବେ ସେ ନେଇ ଚିଠିରେ ଉଲ୍ଲେଖ କରିଛନ୍ତି। ଝାଡ଼ଖଣ୍ଡର ହଜାରିବାଗସ୍ଥିତ ସାଇ ଖେଲୋ ଇଣ୍ଡିଆ କେନ୍ଦ୍ର ତୁଳନାରେ ବିହାରର କିଶନଗଞ୍ଜ ସାଇ କେନ୍ଦ୍ରକୁ ଯିବା ପାଇଁ ଅଧିକାଂଶ ଖେଳାଳି ରାଜି ହୋଇଥିବା ଜଣାପଡ଼ିଛି। ଏହି ଅନ୍ତେବାସୀମାନଙ୍କ ପାଇଁ ଗୁରୁବାର ହେଉଛି ସାଇ ହଷ୍ଟେଲରେ ରହଣିର ଶେଷ ଦିନ।

ସୂଚନାଥାଉ କି, ଗତ କିଛି ମାସ ପୂର୍ବେ ନୂଆଦିଲ୍ଲୀଠାରେ ଭାରତୀୟ କ୍ରୀଡ଼ା ପ୍ରାଧିକରଣ(ସାଇ) ପକ୍ଷରୁ ଅନୁଷ୍ଠିତ ବୈଠକରେ ଦେଶର ସମସ୍ତ ସାଇ ହଷ୍ଟେଲଗୁଡ଼ିକୁ ନୂତନ ଢଙ୍ଗରେ କାର୍ଯ୍ୟକାରୀ କରିବା ନେଇ ନିଷ୍ପତ୍ତି ହୋଇଥିଲା। ବୈଠକରେ କୁହାଯାଇଥିଲା ଯେ, ପ୍ରତ୍ୟେକ ରାଜ୍ୟର ସାଇ ହଷ୍ଟେଲରେ ୨ରୁ ୩ଟି କ୍ରୀଡ଼ାକୁ ରଖାଯିବ। କେଉଁ କ୍ରୀଡ଼ାକୁ ବାଦ ଦିଆଯିବ ସେ ନେଇ ମତାମତ ମଧ୍ୟ ନିଆଯାଇଥିଲା। କଟକ ସାଇ ହଷ୍ଟେଲରେ ମୋଟ ୪ଟି କ୍ରୀଡ଼ା





ରହିଥିଲା। ଏଗୁଡ଼ିକ ହେଲା ଆଥଲେଟିକ୍ସ, ବାସ୍କେଟବଲ, ଫୁଟବଲ ଓ ଭଲିଭଲ। ଅନ୍ୟ ତିନି କ୍ରୀଡ଼ାକୁ ସୁରକ୍ଷିତ ରଖାଯାଇ ଭଲିବଲ କ୍ରୀଡ଼ାକୁ ବାଦ ଦିଆଯାଇଛି। ଗତ ୩ବର୍ଷ ତଳେ ଭଲିବଲ ସାଇ ହଷ୍ଟେଲ ସହ ଯୋଡ଼ି ହୋଇଥିଲା। ମୋଟ ୧୦୧ଜଣ ଅନ୍ତେବାସୀ ରହଣି ବ୍ୟବସ୍ଥା ଥିବା କଟକ ସାଇ ହଷ୍ଟେଲରେ ଭଲିବଲର ୧୨ଜଣ ବାଳକ ଖେଳାଳି ରହୁଥିଲେ। ପ୍ରାଧିକରଣର ରେସିଡେନ୍ସିଆଲ ନିୟମ ଅନୁଯାୟୀ ୧୦୧ଜଣ ଅବସ୍ଥାପିତ ହୋଇଛନ୍ତି, ଯେଉଁମାନେ ଏଠାରେ ରହିବା ସହ ଖେଳିବାର ସୁଯୋଗ ପାଉଛନ୍ତି। ପୂର୍ବରୁ କଟକ ସାଇ ହଷ୍ଟେଲରେ ନନ-ରେସିଡେନ୍ସିଆଲ ବ୍ୟବସ୍ଥା ମଧ୍ୟ ଥିଲା। ଯେଉଁ ନିୟମ ଅନୁଯାୟୀ, ଖେଳାଳିମାନେ ଘରେ ରହି ହଷ୍ଟେଲର ଦକ୍ଷ କୋଚ୍‌ଙ୍କ ପାଖରେ ପ୍ରଶିକ୍ଷଣ ନେଇପାରୁଥିଲେ। କିଛି ବର୍ଷ ହେବ ଏଠାରୁ ନନ୍-ରେସିଡେନ୍ସିଆଲ ବ୍ୟବସ୍ଥାକୁ ଉଠାଇ ଦିଆଯାଇଛି। ଭଲିବଲକୁ ବାଦ ଦେବା ପାଇଁ ନିର୍ଦ୍ଦେଶ କରାଯିବା ପରେ ମଧ୍ୟ ୧୦୧ଜଣ ଖେଳାଳି ରହିବେ ବୋଲି ସ୍ପଷ୍ଟ କରାଯାଇଛି। ହେଲେ ନିୟମରେ ପରିବର୍ତ୍ତନ ଆସିଛି। ବାଳିକା ଓ ବାଳକ ଖେଳାଳି ସମାନ ସଂଖ୍ୟାରେ ରଖିବାକୁ ପ୍ରାଧିକରଣ ନିର୍ଦ୍ଦେଶ ଦେଇଛି।

### ଏକାଡେମୀ ହିଁ ଭରସା

ଏବେ ଓଡ଼ିଶାର ସିନିୟର ଭଲିବଲ ଖେଳାଳିମାନଙ୍କ ନିମନ୍ତେ ଏକାଡେମୀ ହିଁ ଭରସା। ସାଇ ହଷ୍ଟେଲ ଛାଡ଼ିବା ପରେ ସିନିୟର ଖେଳାଳିମାନଙ୍କ କ୍ୟାରିୟର ଅସ୍ପଷ୍ଟ ହେବାରେ ଲାଗିଛି। ଏଣୁ ଖେଳ ସହ ଜଡ଼ିତ ରହିବାକୁ ହେଲେ ରାଜ୍ୟର ବିଭିନ୍ନ ସ୍ଥାନରେ ଥିବା ଭଲିବଲ ଏକାଡେମୀରେ ଭର୍ତ୍ତି ହେବାକୁ ପଡ଼ିବ। କଟକରେ ଭଲିବଲର କୌଣସି ଏକାଡେମୀ ନ ଥିବା ବେଳେ ଭୁବନେଶ୍ୱର ଓ ଅନ୍ୟ ଜିଲାଗୁଡ଼ିକରେ କିଛିମାତ୍ରାରେ ରହିଛି। ଏତଦବ୍ୟତୀତ ଭୁବନେଶ୍ୱର, ବ୍ରହ୍ମପୁର, କୋରାପୁଟ, ମାଲକାନଗିରି, ବାଲେଶ୍ୱର ସ୍ପୋର୍ଟ୍ସ ହଷ୍ଟେଲରେ ଭଲିବଲ ଖେଳ ସାମିଲ ଥିବା ବେଳେ ଏଠାରେ ଜୁନିୟର ଖେଳାଳିମାନେ କେବଳ ରହିବା ନିୟମ ରହିଛି। ସ୍କୁଲରେ ପାଠପଢୁଥିବା ଭଲିବଲ ଖେଳାଳି କେବଳ ସ୍ପୋର୍ଟ୍ସ ହଷ୍ଟେଲରେ ରହିବା ବ୍ୟବସ୍ଥା ରହିଛି। ଏଣୁ ଭଲିବଲ ଖେଳାଳିଙ୍କଠାରେ ସିନିୟର ବର୍ଗର ମୋହର ଲାଗିଲା ପରେ କେଉଁଠାରେ ରହି ପ୍ରଶିକ୍ଷଣ ନେବେ ତାହା ଚିନ୍ତାର ବିଷୟ ପାଲଟିବ।

### ସରକାରଙ୍କ ଦୃଷ୍ଟି ନ ପଡ଼ିଲେ ଭଲିବଲ ଲୋପ ପାଇବ

ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଏବେ ରାଜ୍ୟ ଭଲିବଲ ସଂଘ ଚେଷ୍ଟା କରିଛି। ସଂଘ ସମ୍ପାଦକ ଗଗନେନ୍ଦୁ ଦାସ ରାଜ୍ୟ କ୍ରୀଡ଼ା ବିଭାଗକୁ ଏ ନେଇ ଚିଠି ଲେଖିଛନ୍ତି। ତେବେ ସରକାରୀ ସ୍ତରରେ ପ୍ରଚେଷ୍ଟା କରା ନ ଗଲେ ଭଲିବଲ କ୍ରୀଡ଼ା ଲୋପ ପାଇବା ଭଳି ପରିସ୍ଥିତି ଉପୁଜିବ ବୋଲି କ୍ରୀଡ଼ାବିତମାନେ କହିଛନ୍ତି। କିଟ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତଙ୍କୁ ରାଜ୍ୟ ସଂଘ ପକ୍ଷରୁ ନିବେଦନ କରାଯାଇ ସାଇ ହଷ୍ଟେଲର ଭଲିବଲ ଖେଳାଳିଙ୍କୁ କିଟ୍‌ର ଭଲିବଲ ଏକାଡେମୀରେ ରଖାଯିବାକୁ ଉଦ୍ୟମ ହେଉଛି। ରାଜ୍ୟରେ ଭଲିବଲ କ୍ରୀଡ଼ାର ସେଣ୍ଟର ଅଫ ଏକ୍ସିଲେନ୍ସି ଗଠନ କରାଯାଇ ଏହି ଅଲିମ୍ପିକ ଖେଳକୁ ବଞ୍ଚାଇ ରଖିବାକୁ ଚେଷ୍ଟା କରାଯାଉ ବୋଲି ମତ ପ୍ରକାଶ ପାଇଛି।

#### ଓଓଏର ଚେଷ୍ଟା ଅବ୍ୟାହତ ରହିବ



କଟକ ସାଇ କେନ୍ଦ୍ରଠାରୁ ଟଙ୍କାଟିଏ ଭଡ଼ା ଗ୍ରହଣ କରୁନାହିଁ ଓଡ଼ିଶା ଅଲିମ୍ପିକ ଆସୋସିଏଶନ (ଓଓଏ)। ପୂର୍ବତନ ସମ୍ପାଦକ ଆଶୀର୍ବାଦ ବେହେରାଙ୍କ ପ୍ରଚେଷ୍ଟାରେ ୨୦୧୩ ଅଗଷ୍ଟ ୮ରେ ଏକ ଚୁକ୍ତିନାମା ସ୍ୱାକ୍ଷର ହୋଇଥିଲା। କଟକର ଏହି କେନ୍ଦ୍ରରୁ ଅନେକ ଖେଳାଳି ଭବିଷ୍ୟତ ତିଆରି କରିଛନ୍ତି। ଭଲିବଲ ଖେଳକୁ ଏଠାରୁ ନ ଉଠାଇବା ପାଇଁ ଓଓଏ ସମସ୍ତ ପ୍ରଚେଷ୍ଟା କରିବ।
– ଅଭିଜିତ ପାଲ, ସମ୍ପାଦକ(ଇନ ଚାର୍ଜ), ଓଓଏ



କେନ୍ଦ୍ରରୁ ଭଲିବଲ ଖେଳ ଉଠାଗଲେ କଟକ ମଧ୍ୟ ଶ୍ରୀହୀନ ହେବ।
– ଗଗନେନ୍ଦୁ ଦାସ, ସମ୍ପାଦକ, ଓଡ଼ିଶା ଭଲିବଲ ଆସୋସିଏଶନ

#### ରାଜ୍ୟ ସରକାର ଦୃଷ୍ଟି ଦିଅନ୍ତୁ

ଓଡ଼ିଶାରେ ଭଲିବଲ ଖେଳର ବିକାଶ ହେଉଛି। ଏହି ସମୟରେ ଏଭଳି ପଦକ୍ଷେପ ଦୁଃଖଦାୟକ। ଖେଳାଳିମାନେ ମାନସିକ ଭାବେ ଭାଙ୍ଗି ପଡ଼ିବେ। ସମସ୍ତ କ୍ଷେତ୍ରରୁ ପ୍ରତିବାଦର ସ୍ୱର ଉଠିଲାଣି। ଏବେ ରାଜ୍ୟ ସରକାର ଏ ଦିଗରେ ଦୃଷ୍ଟି ଦିଅନ୍ତୁ। ଭଲିବଲ ଖେଳାଳିଙ୍କ ଭବିଷ୍ୟତ କଥା ଚିନ୍ତା କରାଯାଉ। ସାଇ କୋଚ୍

#### ଘଡ଼ିସନ୍ଧି ମୁହୂର୍ତ୍ତ



ଭଲିବଲ ଖେଳର ବିକାଶରେ ଏହା ବାଧା ଉପୁଜାଇବା ନିଶ୍ଚିତ। ଜୁନିୟର ବର୍ଗର ଖେଳାଳିମାନେ ଭଲ ପ୍ରଦର୍ଶନ କରି ସାଇ ହଷ୍ଟେଲରେ ରହିବାର ଇଚ୍ଛା ରଖିଥାନ୍ତି। ସାଇ ହଷ୍ଟେଲରେ ଯେଉଁଭଳି ଭାବେ ପ୍ରଶିକ୍ଷଣ ମିଳେ ତାହା ବାହାରେ ମିଳେ ନାହିଁ। ଏଣୁ ରାଜ୍ୟ ଭଲିବଲ କ୍ରୀଡ଼ା ନିମନ୍ତେ ଏହା ଏକ ଘଡ଼ିସନ୍ଧି ମୁହୂର୍ତ୍ତ।
– ଆଶୁତୋଷ ପାତ୍ର, ଭଲିବଲ କୋଚ୍

# ଖବର ଦେବାକୁ ଡରୁଛି ଓସିଏ

## ବିସିସିଆଇ ମିଡିଆ ଅଧିସ୍ୱୀକୃତି ପ୍ରଦାନକୁ ପଛାଉଛି

କଟକ ଅଫିସ,୮।୮

ଖବର ଦେବାକୁ ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ଡରୁଛି। ବୟସ ଜାଲିଆତିଠାରୁ ଆରମ୍ଭ କରି ବାରମ୍ବାର ବେନିୟମ ଓ ଦୁର୍ନୀତିର ଅଭିଯୋଗ ଯୋଗୁ ଏହାର ଅଧିକାରୀମାନେ ବୋଧହୁଏ ଖବରଦାତାଙ୍କଠାରୁ ଦୂରତା ବଜାୟ ରଖୁଛନ୍ତି। ଲୁଚାଛପାରେ ସମସ୍ତ କାର୍ଯ୍ୟ ଆଗେଇ ନେଉଛନ୍ତି, ଫଳରେ ଖେଳାଳି ଓ ଖେଳର ସ୍ୱାର୍ଥ ପଛରେ ପଡ଼ିଯାଉଛି। ରାଜ୍ୟ ଦଳ ଗଠନ କରାଯିବା ନେଇ କୌଣସି ଘୋଷଣାନାମା ନ କରି ଦଳ ଚୟନ ପ୍ରକ୍ରିୟା ଆରମ୍ଭ ହୋଇସାରିଲାଣି। ଏହି ସମୟରେ ଏକ ବଡ଼ ଅଭିଯୋଗ ଉଠିଛି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ)ର ଆଗାମୀ ଘରୋଇ ଟୁର୍ନାମେଣ୍ଟଗୁଡ଼ିକରେ ଖବର ସଂଗ୍ରହ କରିବା କ୍ଷେତ୍ରରୁ କ୍ରୀଡ଼ା ଖବରଦାତାମାନଙ୍କୁ ବଞ୍ଚିତ ରଖିବାକୁ ଓସିଏ ଚେଷ୍ଟା କରିଛି ବୋଲି କୁହାଯାଉଛି। ଗୁରୁବାର ବିସିସିଆଇର ମିଡ଼ିଆ ଅଧିସ୍ୱୀକୃତି ନିମନ୍ତେ ଫର୍ମ ପୂରଣ କରିବାର ଅନ୍ତିମ ତାରିଖ ଥିଲା। ଏ ନେଇ ଓସିଏ ପାଖରେ ବହୁ ପୂର୍ବରୁ ସୂଚନା ଥିଲେ ମଧ୍ୟ କ୍ରୀଡ଼ା ଖବରଦାତାମାନଙ୍କୁ ଦିଆଯାଇ ନ ଥିଲା। ଏଥିପାଇଁ ରାଜ୍ୟର ଅନେକ ଗଣମାଧ୍ୟମ ପକ୍ଷରୁ ଅସନ୍ତୋଷ ପ୍ରକାଶ କରାଯାଇଛି। ଓସିଏର ଅଧିକାରୀଙ୍କ ସହ ଯୋଗାଯୋଗ କରିବାରୁ ବ୍ୟସ୍ତ ବହୁଳ ସମୟ ଭିତରେ ସୂଚନା ଦିଆଯାଇ ପାରିନାହିଁ ବୋଲି ମତ ଦେଇଛନ୍ତି। ଓସିଏ କାର୍ଯ୍ୟକାରୀ କମିଟି ଅଧକ୍ଷ ଧୀରେନ ପଲାଇଙ୍କୁ ପଚାରିବାରୁ ସେ କହିଥିଲେ ଯେ, ବିସିସିଆଇର ମିଡିଆ କମିଟି ସହ ଆଲୋଚନା ହୋଇଛି। ଆଗାମୀ ସପ୍ତାହରେ ୩ ଦିନ ଅତିରିକ୍ତ ସମୟ ମିଡିଆ ଅଧିସ୍ୱୀକୃତି ନିମନ୍ତେ ପ୍ରଦାନ କରାଯିବ।

# ବାସନ୍ଦ ସତ୍ତ୍ୱେ ତ୍ରି-ରାଷ୍ଟ୍ରୀୟ ଖେଳିବ ଜିମ୍ବାୱେ

ଢାକା, ୮।୮ (ଏଏଫ୍‌ପି)

ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି)ର ବାସନ୍ଦ ସତ୍ତ୍ୱେ ଆଫ୍ରିକୀୟ ଦେଶ ଜିମ୍ବାୱେକୁ ନେଇ ତ୍ରି-ରାଷ୍ଟ୍ରୀୟ ଟି୨୦ ସିରିଜ ଆୟୋଜନ କରିବ ବାଂଲାଦେଶ କ୍ରିକେଟ୍ ବୋର୍ଡ (ବିସିବି)। ଆସନ୍ତା ସେପ୍ଟେମ୍ବର ୧୩ରୁ ୨୪ ତାରିଖ ପର୍ଯ୍ୟନ୍ତ ଖେଳାଯିବାକୁ ଥିବା ଏହି ତ୍ରି-ରାଷ୍ଟ୍ରୀୟ ଟି୨୦ ସିରିଜରେ ୩ୟ ଦଳ ଭାବେ ଆଫଗାନିସ୍ତାନ ଅଂଶଗ୍ରହଣ କରିବ ବୋଲି ବିସିବିର ଜଣେ ଅଧିକାରୀ ଗୁରୁବାର ପ୍ରକାଶ କରିଛନ୍ତି। ସରକାରଙ୍କ ହସ୍ତକ୍ଷେପରୁ କ୍ରିକେଟ୍‌କୁ ଦୂରେଇ ରଖିବାରେ ଜିମ୍ବାୱେ ବିଫଳ ହେବାପରେ କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ଆଇସିସି ଏହି ଆଫ୍ରିକୀୟ ରାଷ୍ଟ୍ରକୁ ବାସନ୍ଦ କରିଥିଲା। ଆଇସିସିର ଏହି ନିଷ୍ପତ୍ତି ଫଳରେ ଜିମ୍ବାୱେ ବହୁରାଷ୍ଟ୍ରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ନେଇ ସନ୍ଦେହ ପ୍ରକାଶ ପାଇଥିଲା। 'ଆମକୁ ଅଫିସିଆଲଙ୍କ ଦ୍ୱାରା ଜଣାଇ ଦିଆଯାଇଥିଲା କି ଜିମ୍ବାୱେ ଦ୍ୱିପାକ୍ଷିକ ସିରିଜ ଖେଳିବାରେ କୌଣସି ଅସୁବିଧା ନାହିଁ। କିନ୍ତୁ ଆଇସିସି ଇଭେଣ୍ଟରୁ ଏହି ରାଷ୍ଟ୍ରକୁ ବାସନ୍ଦ କରାଯାଇଛି। ଏହି କାରଣରୁ ଆମେ ତ୍ରି-ରାଷ୍ଟ୍ରୀୟ ସିରିଜରେ ଜିମ୍ବାୱେକୁ ସାମିଲ କରିଛୁ' ବୋଲି ବିସିବି ମୁଖପାତ୍ର ଜଲାଲ୍ ୟୁନୁସ କହିଛନ୍ତି। ସେପ୍ଟେମ୍ବରରେ ବାଂଲାଦେଶ ମୁଖ୍ୟତଃ ଆଫଗାନିସ୍ତାନ ବିପକ୍ଷରେ ଦ୍ୱିପାକ୍ଷିକ ସିରିଜ ଖେଳିବାର କାର୍ଯ୍ୟସୂଚୀ ରହିଥିଲା। କିନ୍ତୁ ଜିମ୍ବାୱେ ବୋର୍ଡ ଅନୁରୋଧ ପରେ ଏହାକୁ ସାମିଲ କରାଯାଇ ତ୍ରି-ରାଷ୍ଟ୍ରୀୟ ସିରିଜରେ ରୂପାନ୍ତରିତ କରାଗଲା ବୋଲି ଏହି ଅଧିକାରୀ ଜଣକ କହିଛନ୍ତି। ସେପ୍ଟେମ୍ବର ୫ରୁ ୯ ତାରିଖ ପର୍ଯ୍ୟନ୍ତ ଘରୋଇ ବାଂଲାଦେଶ ବିପକ୍ଷରେ ଚିଟ୍ଟାଗଙ୍ଗରେ ଆଫଗାନିସ୍ତାନ ଏକ ଟେଷ୍ଟ ମ୍ୟାଚ୍ ଖେଳିବ। ବାଂଲାଦେଶ ବିପକ୍ଷରେ ଆଫଗାନିସ୍ତାନର ଏହା ପ୍ରଥମ ଟେଷ୍ଟ ମ୍ୟାଚ୍ ହେବ। ଏହାପରେ ତ୍ରି-ରାଷ୍ଟ୍ରୀୟ ସିରିଜ ଆରମ୍ଭ ହେବ।

### ତ୍ରି-ରାଷ୍ଟ୍ରୀୟ ସିରିଜ କାର୍ଯ୍ୟସୂଚୀ

| ତାରିଖ | ମ୍ୟାଚ୍ | ସ୍ଥାନ |
|---|---|---|
| ସେପ୍ଟେମ୍ବର ୧୩ | ବାଂଲାଦେଶ ବନାମ ଜିମ୍ବାୱେ | ଢାକା |
| ସେପ୍ଟେମ୍ବର ୧୪ | ଆଫଗାନିସ୍ତାନ ବନାମ ଜିମ୍ବାୱେ | ଢାକା |
| ସେପ୍ଟେମ୍ବର ୧୫ | ବାଂଲାଦେଶ ବନାମ ଆଫଗାନିସ୍ତାନ | ଢାକା |
| ସେପ୍ଟେମ୍ବର ୧୮ | ବାଂଲାଦେଶ ବନାମ ଜିମ୍ବାୱେ | ଚିଟ୍ଟାଗଙ୍ଗ୍ |
| ସେପ୍ଟେମ୍ବର ୨୦ | ଆଫଗାନିସ୍ତାନ ବନାମ ଜିମ୍ବାୱେ | ଚିଟ୍ଟାଗଙ୍ଗ୍ |
| ସେପ୍ଟେମ୍ବର ୨୧ | ବାଂଲାଦେଶ ବନାମ ଆଫାଗାନିସ୍ତାନ | ଚିଟ୍ଟାଗଙ୍ଗ |
| ସେପ୍ଟେମ୍ବର ୨୪ | ଫାଇନାଲ | ଢାକା |

# ଅମ୍‌ଲାଙ୍କ ସନ୍ନ୍ୟାସ

ଜୋହାନ୍ସବର୍ଗ,୮।୮

ଦକ୍ଷିଣ ଆଫ୍ରିକା ଦଳର ଓପନିଂ ବ୍ୟାଟ୍ସମ୍ୟାନ ହାସିମ ଅମ୍‌ଲା ଅନ୍ତର୍ଜାତୀୟ କ୍ରିକେଟର ସମସ୍ତ ଫର୍ମାଟରୁ ଗୁରୁବାର ଅବସର ଘୋଷଣା କରିଛନ୍ତି। ଏଥିସହ ତାଙ୍କ ୧୫ ବର୍ଷର ଲମ୍ବା କ୍ୟାରିୟର ଶେଷ ହୋଇଛି। ପ୍ରଥମତଃ ମୋତେ ଦକ୍ଷିଣ ଆଫ୍ରିକା ଦଳ ପକ୍ଷରୁ ଖେଳିବାକୁ ସୁଯୋଗ ଦେଇଥିବାରୁ ଧନ୍ୟବାଦ। ମୋ କ୍ୟାରିୟରରେ ମୁଁ ବହୁତ କିଛି ଶିକ୍ଷା କରିବା ସହ ନୂଆ ବନ୍ଧୁ ପାଇଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ ଦଳୀୟ ସଦସ୍ୟଙ୍କ ସହ ଭଲ ପାଇବା ବାଣ୍ଟିଛି ବୋଲି ଅମ୍‌ଲା ଅବସର ଘୋଷଣା ଅବସରରେ କହିଛନ୍ତି। ସବୁ ଫର୍ମାଟକୁ ମିଶାଇ ସେ ମୋଟ ୩୪୯ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳି ୧୮,୬୭୨ ରନ୍ କରିଛନ୍ତି। ଏଥିରେ ୫୫ ଶତକ ଓ ୮୮ ଅର୍ଦ୍ଧଶତକ ରହିଛି। ସେ ଦେଶର ଏକମାତ୍ର କ୍ରିକେଟର ଭାବେ ଟେଷ୍ଟ ଫର୍ମାଟରେ ଟ୍ରିପଲ ଶତକ ଲଗାଇଛନ୍ତି। ଏହାବାଦ୍ ଦିନିକିଆ କ୍ରିକେଟରେ ୨୦୦୦, ୩୦୦୦, ୪୦୦୦, ୫୦୦୦, ୬୦୦୦ ଓ ୭୦୦୦ ରନ୍ କରିବାରେ ଦ୍ରୁତତମ କ୍ରିକେଟର ହେବାର ରେକର୍ଡ ତାଙ୍କ ନାମରେ ରହିଛି। ଏକଦା ଦିନିକିଆରେ ଅଯୋଗ୍ୟ ବିବେଚିତ ହେଉଥିବା ବ୍ୟାଟ୍ସମ୍ୟାନ ୪୯.୪୭ ଆଭରେଜରେ ୮୧୧୩ ରନ୍ କରି କ୍ୟାରିୟର ଶେଷ କରିଛନ୍ତି।

■ ୟୁନିଲାଇଟ କପ୍ ଆନ୍ତଃ ସ୍କୁଲ ଫୁଟ୍‌ବଲ

# ଡିଏଭି ପୋଖରିପୁଟ, ସାଇ ଇଣ୍ଟରନ୍ୟାଶନାଲ ବିଜୟୀ

ଭୁବନେଶ୍ୱର, ୮।୮(କ୍ରୀଡ଼ା ପ୍ରତିନିଧି)

ୟୁନିଟ-୬ ଆଥଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ୬ ନମ୍ବର ହାଇସ୍କୁଲ ପଡ଼ିଆରେ ଚାଲିଥିବା ୟୁନିଲାଇଟ କପ୍ ଆନ୍ତଃସ୍କୁଲ ଫୁଟବଲ ଟୁର୍ନାମେଣ୍ଟରେ ଗୁରୁବାର ୨ଟି ମ୍ୟାଚ ଅନୁଷ୍ଠିତ ହୋଇଛି। ଏଥିରେ ଡିଏଭି ପୋଖରିପୁଟ ଓ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ ବିଜୟ ହାସଲ କରିଛନ୍ତି। ପ୍ରଥମ ମ୍ୟାଚରେ ଡିଏଭି ପୋଖରିପୁଟ ୨-୧ ଗୋଲରେ ଫ୍ୟୁଚର ଭୁବନେଶ୍ୱର ସ୍କୁଲକୁ ପରାସ୍ତ କରିଛି। ସଂଘର୍ଷପୂର୍ଣ୍ଣଭାବେ ଶେଷ ହୋଇଥିବା ଏହି ମ୍ୟାଚର ୧୧ତମ ମିନିଟରେ ଫ୍ୟୁଚର ସ୍କୁଲର ବିକାଶ ଘୁଟା ଗୋଲ ଦେଇ ଦଳକୁ ଅଗ୍ରଣୀ କରାଇଥିଲେ। ୧୮ତମ ମିନିଟରେ ପୋଖରିପୁଟ ଦଳର ସୌମିତ ପଟ୍ଟନାୟକ ୪୦ ଗଜ ଦୂରରୁ ଏକ ଦର୍ଶନୀୟ ଗୋଲ ଦେଇ ମ୍ୟାଚକୁ





ସାଗର ପ୍ରଧାନ ଅତିଥିଙ୍କଠାରୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ଗ୍ରହଣ କରୁଛନ୍ତି।

ସମାନ ସ୍ତରକୁ ନେଇ ଆସିଥିଲେ। ଦ୍ୱିତୀୟାର୍ଦ୍ଧର ୧୬ତମ ମିନିଟରେ ଆଶ୍ରୟ ଦାସଙ୍କ ପେନାଲ୍ଟି ଗୋଲ ବଳରେ ଡିଏଭି ପୋଖରିପୁଟ ବିଜୟ ହାସଲ କରିଥିଲା। ଦ୍ୱିତୀୟ ମ୍ୟାଚରେ ସାଇ ଇଣ୍ଟରନ୍ୟାଶନାଲ ୬-୦ ଗୋଲରେ ଜାଭିୟର ଖଣ୍ଡଗିରିକୁ ପରାସ୍ତ କରିଥିଲା। ସମ୍ପୂର୍ଣ୍ଣ ଏକପାଖିଆଭାବେ ଶେଷ ହୋଇଥିବା ମ୍ୟାଚରେ ବିଜୟୀ ଦଳ ପକ୍ଷରୁ ସାଗର ପ୍ରଧାନ ୨ଟି ଏବଂ ଅର୍ଚ୍ଚିତ ବାନ୍ଦୋ, ରୋନିତ ବେହୁରା, ସିଦ୍ଧାର୍ଥ ମାନୋଟ ଓ ପ୍ରିୟାଂଶ ତ୍ରିପାଠୀ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ଆୟୋଜକ ଆସୋସିଏଶନର ଉପସଭାପତି ନବରଞ୍ଜନ ପଟ୍ଟନାୟକ ଏବଂ ଟାଇମ୍ସ ଗୁରୁକୁଳ ସ୍କୁଲର ଅଧକ୍ଷା ଭାରତୀ ନାୟକ ଅତିଥିଭାବେ ଯୋଗଦେଇ ଯଥାକ୍ରମେ ସୌମିତ ପଟ୍ଟନାୟକ ଏବଂ ସାଗର ପ୍ରଧାନଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଟି. ମୋହନ ରାଓ, ଅମିତ ନାୟକ, କୀର୍ତ୍ତିରଞ୍ଜନ ସ୍ୱାଇଁ, ଦେବଜ୍ୟୋତି ସିଂ, ଚନ୍ଦ୍ରକାନ୍ତ ବାରିକ, ଦୁର୍ଗା ଆଚାର୍ଯ୍ୟ ଓ ଶ୍ରୀକାନ୍ତ ପଣ୍ଡା ମ୍ୟାଚ ପରିଚାଳନା କରିଥିଲେ।





ଗୁୟାନାଠାରେ ଗୁରୁବାର ଭାରତ-ୱେଷ୍ଟଇଣ୍ଡିଜ ପ୍ରଥମ ଦିନିକିଆ କ୍ରିକେଟ ମ୍ୟାଚ୍ ବର୍ଷା ଯୋଗୁ ବାଧାପ୍ରାପ୍ତ ହୋଇଛି।



“ ଅଲିମ୍ପିକ ଟେଷ୍ଟ ଇଭେଣ୍ଟରେ ଭଲ ପ୍ରଦର୍ଶନ ଆଗକୁ ଟୋକିଓ ୨୦୨୦ କ୍ୱାଲିଫାୟର୍ସ ପାଇଁ ଆମ ଦଳର ଆତ୍ମବିଶ୍ୱାସ ବୃଦ୍ଧିରେ ସହାୟକ ହେବ ।

–ମନଦୀପ ସିଂ, ଭାରତୀୟ ହକି ଦଳର ଉପ ଅଧିନାୟକ



“ ପାକିସ୍ତାନ କ୍ରିକେଟ ବୋର୍ଡ ସେଣ୍ଟ୍ରାଲ କଣ୍ଟ୍ରାକ୍ଟରେ ସ୍ଥାନ ପାଇଥିବା ଖେଳାଳି ଭଲ ପ୍ରଦର୍ଶନ କରିବେ ବୋଲି ଆମର ଆଶା ଓ ଭରସା ରହିଛି ।

–ୱାସିମ ଖାଁ, ପିସିବି ପରିଚାଳନା ନିର୍ଦ୍ଦେଶକ

## ସଂକ୍ଷେପରେ

### ରାଇଜିଂ ଷ୍ଟୁଡେଣ୍ଟ ବିଜୟୀ

କଟକ ଅଫିସ,୮।୮: କଟକରେ ଚାଲିଥିବା ଫାଓ ପ୍ରଥମ ଡିଭିଜନ ଲିଗରେ ଗୁରୁବାର ଅନୁଷ୍ଠିତ ମ୍ୟାଚ୍‌ରେ ରାଇଜିଂ ଷ୍ଟୁଡେଣ୍ଟ କ୍ଲବ ୩-୧ ଗୋଲରେ ୟଙ୍ଗ ଉତ୍କଳ କ୍ଲବକୁ ପରାସ୍ତ କରିଛି। ରାଇଜିଂ ଷ୍ଟୁଡେଣ୍ଟ ପକ୍ଷରୁ ଜନସନ କିରୋ ୧୬ତମ ମିନିଟରେ, ଅରବିନ୍ଦ ଲାକ୍ରା ୫୦ତମ ମିନିଟରେ, ଏଡୱିନ ତିର୍କୀ ୬୧ ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ୟଙ୍ଗ ଉତ୍କଳ କ୍ଲବ ପକ୍ଷରୁ ଦୀପକ ବିଶ୍ୱାଳ ୭୦ତମ ମିନିଟରେ ଏକମାତ୍ର ଗୋଲ ଦେଇଛନ୍ତି।

### ବିସିସିଆଇ ସିଇଓ କ୍ରୀଡ଼ାମନ୍ତ୍ରୀଙ୍କୁ ଭେଟିବେ

ନୂଆଦିଲ୍ଲୀ,୮।୮(ପି.ଟି.)- ଦକ୍ଷିଣ ଆଫ୍ରିକା ଏ' ଓ ମହିଳା ଦଳର ଭାରତ ଗସ୍ତ ନେଇ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟର ଅନୁମୋଦନ ଲୋଡିଛି। ଏଥିପାଇଁ ବିସିସିଆଇ ମୁଖ୍ୟ କାର୍ଯ୍ୟନିର୍ବାହୀ ରାହୁଲ ଜୋହରୀ କ୍ରୀଡ଼ାମନ୍ତ୍ରୀଙ୍କୁ ଭେଟିବେ। ଜାତୀୟ ନିଶା ନିବାରଣ ସଂସ୍ଥା (ନାଡ଼ା)ର ଡୋପିଂ ନିୟମର ପରିସରଭୁକ୍ତ ହେବାକୁ ବିସିସିଆଇ ଉପରେ ଚାପ ପ୍ରୟୋଗ ହେଉଥିବାରୁ ଏହି ଗସ୍ତ ନେଇ ଅଚଳାବସ୍ଥା ସୃଷ୍ଟି ହୋଇଛି। ଫଳରେ ଜୋହରୀ କ୍ରୀଡ଼ାମନ୍ତ୍ରୀଙ୍କୁ ଭେଟିବେ ବୋଲି କୁହାଯାଇଛି। ଏଥିପାଇଁ ମନ୍ତ୍ରୀଙ୍କ ସହ ସାକ୍ଷାତ ପାଇଁ ଜୋହରୀ କ୍ରୀଡ଼ା ସଚିବ ରାଧେଶ୍ୟାମ ଝୁଲାନିୟାଙ୍କଠାରୁ ସାହାଯ୍ୟ ଲୋଡିଛନ୍ତି ଓ ଆପଏଣ୍ଟମେଣ୍ଟ ମାଗିଛନ୍ତି। ଏହି ଦୁଇଟି ସିରିଜ ପାଇଁ ମନ୍ତ୍ରଣାଳୟ ଏପର୍ଯ୍ୟନ୍ତ କ୍ଲିୟରାନ୍ସ ବା ଅନୁମତି ଦେଇନାହିଁ। ଏହି ଦୁଇଟି ସିରିଜ ଅଗଷ୍ଟ ଓ ସେପ୍ଟେମ୍ବରରେ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ଏହି ସିରିଜ୍ ପାଇଁ ସରକାରଙ୍କ ଅନୁମତି ନିହାତି ଆବଶ୍ୟକ ହୋଇଥାଏ। ନିୟମ ଅନୁସାରେ କୌଣସି ଦେଶ ଭାରତ ଗସ୍ତରେ ଆସିଲେ ବିସିସିଆଇ କାର୍ଯ୍ୟସୂଚୀ ନେଇ କ୍ରୀଡ଼ା ମନ୍ତ୍ରଣାଳୟକୁ ଅବଗତ କରାଇଥାଏ ଓ ଅନୁମୋଦନ ମଧ ହାସଲ କରିଥାଏ। ଏହା ଦ୍ୱାରା ଭ୍ରମଣକାରୀ ଦଳର ଭିଜା ହାସଲ ପ୍ରକ୍ରିୟା ସହଜ ହୋଇଥାଏ। ୩୦ରୁ ୪୫ ଦିନ ମଧ ଅନୁମୋଦନ ପତ୍ର ମିଳିଥାଏ। କିନ୍ତୁ ଏବେ ଦରଖାସ୍ତ ମାର୍ଚ୍ଚରେ ପଠାଇବା ସତ୍ତ୍ୱେ କ୍ରୀଡ଼ା ମନ୍ତ୍ରଣାଳୟ ଏହି ଦୁଇ ଗସ୍ତକୁ ଅନୁମୋଦନ ଦେଇନାହିଁ। ବିସିସିଆଇକୁ ସମ୍ପୂର୍ଣ୍ଣ ଭାବେ ନାଡ଼ା ପରିସରଭୁକ୍ତ କରିବାକୁ ବାଧ କରାଯାଉଛି। ତେବେ ବିସିସିଆଇ ନାଡ଼ା ପରିସର ଭୁକ୍ତ ହେବା ପାଇଁ କୁଣ୍ଠାବୋଧ କରୁଛି। ଫଳରେ ମନ୍ତ୍ରଣାଳୟ ଓ ବିସିସିଆଇ ମଧରେ ଏକପ୍ରକାର ଶୀତଳ ଯୁଦ୍ଧ ଚାଲିଛି। ପୁଣି ଯୁବ ଓପନର ପୃଥ୍ୱୀ ଶ ଡୋପ୍ ଟେଷ୍ଟରେ ବିଫଳ ହେବା ପରେ ପରିସ୍ଥିତି ଭିନ୍ନ ମୋଡ ନେଇଥିଲା ଓ ମନ୍ତ୍ରଣାଳୟର ଡୋପିଂ ଆଭିମୁଖ୍ୟକୁ ସମାଲୋଚନା କରିଥିଲା। ତେବେ କ୍ରୀଡ଼ାମନ୍ତ୍ରୀଙ୍କ ସହ ଜୋହରୀ ସାକ୍ଷାତ କରିବା ପରେ ସମାଧାନର ବାଟ ଫିଟିବ ବୋଲି ଆଶା କରାଯାଉଛି।



କଟକରେ ଚାଲିଥିବା ପ୍ରଥମ ଡିଭିଜନ ଫୁଟ୍‌ବଲ ଲିଗରେ ଗୁରୁବାର ରାଇଜିଂ ଷ୍ଟୁଡେଣ୍ଟ ଓ ୟଙ୍ଗ ଉତ୍କଳ କ୍ଲବ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

# ଭାରତୀୟ ଆର୍ଚେରୀ ଆସୋସିଏଶନ ସସ୍‌ପେଣ୍ଡ

କୋଲକାତା, ୮।୮ (ପି.ଟି.)

ବିଶ୍ୱ ଆର୍ଚେରି (ଡବ୍ଲ୍ୟୁଆଇ) ଗୁରୁବାର ଭାରତୀୟ ଆର୍ଚେରି ଆସୋସିଏଶନ (ଏଏଆଇ)କୁ ସସ୍‌ପେଣ୍ଡ କରିଛି। ଏଏଆଇରେ ଦୁଇ ପରସ୍ପର ବିରୋଧୀ ଗୋଷ୍ଠୀ ସମାନ୍ତରାଳ ନିର୍ବାଚନ କରିବା ଦ୍ୱାରା ବିଶ୍ୱ ଆର୍ଚେରିର ଗାଇଡ୍‌ଲାଇନ୍ ଭଙ୍ଗହୋଇଛି। ନିଷ୍ପତ୍ତି ସୋମବାରଠାରୁ କାର୍ଯ୍ୟକାରୀ ହେବ। କିନ୍ତୁ ଭାରତୀୟ ତୀରନ୍ଦାଜମାନଙ୍କୁ ଅଗଷ୍ଟ ୧୯ରୁ ୨୫ ତାରିଖ ପର୍ଯ୍ୟନ୍ତ ମାଡ୍ରିଡଠାରେ ହେବାକୁଥିବା ୱାର୍ଲ୍ଡ ଆର୍ଚେରି ୟୁଥ୍ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ ପାଇଁ ଅନୁମତି ଦିଆଯାଇଛି। ୱାର୍ଲ୍ଡ ଆର୍ଚେରି ସାଧାରଣ ସମ୍ପାଦକ ଟମ୍ ଡିଲେନ୍ କହିଛନ୍ତି, ଭାରତୀୟ ଆର୍ଚେରୀ ଆସୋସିଏଶନକୁ ସସ୍‌ପେଣ୍ଡ କରିବା ଲାଗି ଜୁନ୍‌ରେ ସ୍ଥିର କରାଯାଇଥିଲା କିନ୍ତୁ କାର୍ଯ୍ୟକାରୀ କରାଯାଇ ନ ଥିଲା। ଜୁଲାଇ ଶେଷ ସୁଦ୍ଧା ବିବାଦର ସମାଧାନ ପାଇଁ କୁହାଯାଇଥିଲା ମାତ୍ର ମାମଲା କୋର୍ଟରେ ବିଚାରାଧୀନ ଥିବାରୁ ଏଏଆଇ ଅଧିକ ଦିନ ସମୟ ଲୋଡିଥିଲା। ମାତ୍ର ତାହା ପ୍ରତ୍ୟାଖ୍ୟାତ ହୋଇଥିଲା। କୌତୂହଳର କଥା ଏହିକିଯେ, କୋର୍ଟ ମାମଲାର ଶୁଣାଣି କରିବାକୁ ଥିବା ବେଳେ ଏହାର ଦିନକ ପୂର୍ବରୁ ଡବ୍ଲ୍ୟୁଆଇ ସସ୍‌ପେଣ୍ଡ କରିଛି। ସୂଚନାଯୋଗ୍ୟ, ନଭେମ୍ବରରେ ବ୍ୟାଙ୍କକ୍‌ଠାରେ ଏସିଆନ ଚାମ୍ପିୟନଶିପ୍ ଏବଂ ଏସିଆନ ପାରା ଚାମ୍ପିୟନଶିପ ହେବ। ଏଥିରେ ଅଲିମ୍ପିକ କୋଟାର ବ୍ୟବସ୍ଥା ରହିଛି। ଭାରତର ଇତିମଧ୍ୟରେ ୩ ଜଣ ପୁରୁଷ ତୀରନ୍ଦାଜ ଆସନ୍ତା ଅଲିମ୍ପିକ ପାଇଁ କୋଟା ହାସଲ କରିସାରିଛନ୍ତି। କିନ୍ତୁ ଏପର୍ଯ୍ୟନ୍ତ ଜଣେ ମହିଳା କୋଟା ହାସଲ କରିପାରି ନାହାନ୍ତି। ଅନ୍ୟପକ୍ଷରେ ଇନ୍‌ଡୋର ଆର୍ଚେରି ୱାର୍ଲ୍ଡ ସିରିଜରେ ବ୍ୟକ୍ତିଗତ ଆଥଲେଟ୍‌ମାନେ ଅଂଶଗ୍ରହଣ କରିପାରିବେ କି ନା ତାହା ୱାର୍ଲ୍ଡ ଆର୍ଚେରି ସ୍ଥିର କରିବ। ଇନ୍‌ଡୋର ଆର୍ଚେରି ୱାର୍ଲ୍ଡ ସିରିଜ ଅନ୍ତର୍ଗତ ଟୁର୍ନାମେଣ୍ଟଗୁଡ଼ିକ ନଭେମ୍ବରରୁ ଫେବୃୟାରୀ ମଧ୍ୟରେ ହେବ। ଏଥିରେ ଜାତୀୟ ଦଳ ବ୍ୟତୀତ ତୀରନ୍ଦାଜମାନେ ବ୍ୟକ୍ତିଗତ ଭାବେ ଭାଗ ନେଇପାରିବେ। ମାତ୍ର ତୀରନ୍ଦାଜ ଜଣକ ଜାତୀୟ ମହାସଂଘର ଜଣେ ସଦସ୍ୟ ହୋଇଥିବା ଆବଶ୍ୟକ। ସୂଚନାଯୋଗ୍ୟ, ଜୁନ୍ ୯ରେ ଏକ ସଙ୍ଗରେ ନୂଆଦିଲ୍ଲୀ ଏବଂ ଚଣ୍ଡିଗଡ଼ରେ ପୃଥକ୍ ପୃଥକ୍ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏଥିରେ କେନ୍ଦ୍ରମନ୍ତ୍ରୀ ଅର୍ଜୁନ ମୁଣ୍ଡା ଏବଂ ଅବସରପ୍ରାପ୍ତ ଆଇଏଏସ୍ ଅଫିସର ବିଭିପି ରାଓ ଏଏଆଇର ସଭାପତି ଭାବେ ଦୁଇ ଜଣ ନିର୍ବାଚିତ ହୋଇଥିଲେ। ମୁଣ୍ଡାଙ୍କ ପଛରେ ୨୦ ରାଜ୍ୟ ଆସୋସିଏଶନର ସମର୍ଥନ ଥିବାବେଳେ ରାଓଙ୍କୁ ଅନ୍ୟ ୧୦ଟି ରାଜ୍ୟ ଆସୋସିଏଶନ ନିର୍ବାଚିତ କରିଛନ୍ତି।

## ଚୟନ କମିଟିରେ ମେରୀକମ୍, ବାଇଚୁଙ୍ଗ୍

ନୂଆଦିଲ୍ଲୀ, ୮।୮ (ପି.ଟି.)

ଚଳିତ ବର୍ଷ ଜାତୀୟ କ୍ରୀଡ଼ା ପୁରସ୍କାର ଚୟନ ଲାଗି ଗୋଟିଏ ମାତ୍ର କମିଟି ଗଠନ କରାଯାଇଛି। ଯେଉଁଥିରେ ୬ଥର ବିଶ୍ୱ ଟାଇଟଲ ବିଜୟିନୀ ଷ୍ଟାର୍ ବକ୍ସର ଏମ୍.ସି. ମେରୀକମ୍ ଓ ଭାରତୀୟ ଫୁଟ୍‌ବଲ ଦଳର ପୂର୍ବତନ ଅଧିନାୟକ ବାଇଚୁଙ୍ଗ୍ ଭୁଟିଆ ସ୍ଥାନ ପାଇଛନ୍ତି। ହକି କିମ୍ବଦନ୍ତୀ ମେଜର ଧ୍ୟାନଚାନ୍ଦଙ୍କ ଜନ୍ମତିଥି ତଥା ଜାତୀୟ କ୍ରୀଡ଼ା ଦିବସ ଭାବେ ପରିଚିତ ଅଗଷ୍ଟ ୨୯ରେ ଏହି ସମ୍ମାନଜନକ ପୁରସ୍କାର ପ୍ରଦାନ କରାଯିବ। ଏହି ୧୨ ଜଣିଆ କମିଟିରେ ସୁପ୍ରିମ କୋର୍ଟର ଅବସରପ୍ରାପ୍ତ ଜଜ୍ ଜଷ୍ଟିସ ମୁକୁନ୍ଦକାମ ଶର୍ମା ଅଧକ୍ଷ ରହିଥିବାବେଳେ କେନ୍ଦ୍ର କ୍ରୀଡ଼ା ସଚିବ ରାଧେଶ୍ୟାମ ଝୁଲଣିୟା, ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ)ର ଡିଜି ସନ୍ଦୀପ ପ୍ରଧାନ, ଟାର୍ଗେଟ୍ ଅଲିମ୍ପିକ ପୋଡିୟମ ସ୍କିମ (ଟପ୍ସ) ସିଇଓ କମାଣ୍ଡର ରାଜେଶ ରାଜଗୋପାଳନ, ମେରୀକମ୍, ଭୁଟିଆ, ଭାରତୀୟ ମହିଳା କ୍ରିକେଟ୍ ଦଳର ପୂର୍ବତନ ଅଧିନାୟିକା ଅଞ୍ଜୁମ ଚୋପ୍ରା, ଜଣାଶୁଣା ଲଙ୍ଗ୍ ଜମ୍ପର ଅଞ୍ଜୁ ବବି ଜର୍ଜ ଓ ଜାତୀୟ ଟେବୁଲ ଟେନିସ କୋଚ୍ କମଲେଶ ମେହେଟ୍ଟା ରହିଛନ୍ତି। ଏହାବାଦ୍ ଗଣମାଧ୍ୟମ ଜଗତର ଦୁଇଜଣ ଚର୍ଚ୍ଚିତ ଚେହେରା ଟାଇମ୍ସ ଗ୍ରୁପ୍ (ଡିଜିଟାଲ)ର ମୁଖ୍ୟ ସମ୍ପାଦକ ରାଜେଶ କଲରା ଓ ପ୍ରସିଦ୍ଧ କ୍ରୀଡ଼ା ଭାଷ୍ୟକାର ଚାରୁ ଶର୍ମା ଏହି କମିଟିରେ ସ୍ଥାନ ପାଇଛନ୍ତି।

### ପାକିସ୍ତାନ ବିପକ୍ଷ ଡେଭିସ୍ କପ୍ ମ୍ୟାଚ୍

## ନିରପେକ୍ଷ ଭେନ୍ୟୁ ପାଇଁ ଏଆଇଟିଏ ଅନୁରୋଧ କରିବ

ନୂଆଦିଲ୍ଲୀ,୮।୮(ପି.ଟି.)

ଜମ୍ମୁ- କଶ୍ମୀରରେ ଧାରା ୩୭୦ର ଉଚ୍ଛେଦ ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ରାଜନୈତିକ ଓ କୂଟନୈତିକ ସମ୍ପର୍କରେ ତିକ୍ତତା ଦେଖାଦେଇଛି। ଫଳରେ ପାକିସ୍ତାନ ରାଜଧାନୀ ଇସ୍‌ଲାମାବାଦ୍‌ରେ ଆସନ୍ତା ମାସରେ ଆୟୋଜନ ହେବାକୁ ଥିବା ପାକିସ୍ତାନ ବିପକ୍ଷ ଡେଭିସ୍ କପ୍ ମ୍ୟାଚ୍ ନେଇ ଭାରତ ଚିନ୍ତା ପ୍ରକଟ କରିଛି। ପାକିସ୍ତାନରେ ନ ଖେଳି ଭାରତ ଏହି ଟାଇ କୌଣସି ନିରପେକ୍ଷ ଭେନ୍ୟୁରେ ଖେଳିବାକୁ ଚାହୁଁଛି। ଏ ନେଇ ଅଲ୍ ଇଣ୍ଡିଆ ଟେନିସ୍ ଆସୋସିଏଶନ୍ (ଏଆଇଟିଏ) ଅନ୍ତର୍ଜାତୀୟ ଟେନିସ୍ ଫେଡେରେଶନ (ଆଇଟିଏଫ୍)କୁ ସମସ୍ୟା ଜଣାଇବା ସହ ନିରପେକ୍ଷ ଭେନ୍ୟୁ ପାଇଁ ଅନୁରୋଧ କରିବ ବୋଲି କହିଛି। ପାକିସ୍ତାନ ଟେନିସ ଫେଡେରେଶନ ମଧ୍ୟ ଆଇଟିଏଫ୍ ଯେଉଁ ନିଷ୍ପତ୍ତି ନେବ ତାହାକୁ ଗ୍ରହଣ କରିବ ବୋଲି କହିଛି। ଦୁଇଦିନିଆ ଡେଭିସ୍ କପ୍ ଟାଇ ଇସ୍‌ଲାମାବାଦ୍‌ରେ ସେପ୍ଟେମ୍ବର ୧୪ ତାରିଖରୁ ଆରମ୍ଭ ହେବା କାର୍ଯ୍ୟକ୍ରମ ରହିଛି। ଦୁଇ ଦେଶ ମଧ୍ୟରେ ଯୁଦ୍ଧମୂଳକ ପରିସ୍ଥିତି ସୃଷ୍ଟି ହୋଇଥିବାରୁ ପାକିସ୍ତାନରେ ଭାରତୀୟ ଖେଳାଳିଙ୍କ ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ବୋଲି ଏଆଇଟିଏ ସାଧାରଣ ସମ୍ପାଦକ ହିରନ୍ମୟ ଚାଟାର୍ଜୀ କହିଛନ୍ତି। ଡେଭିସ୍ କପ୍ ଟାଇ ଏବେ ପ୍ରଭାବିତ ହେବାର ଆଶଙ୍କା ରହିଛି। ତେବେ ବର୍ତ୍ତମାନ କିଛି କହିବା ଠିକ୍ ନୁହଁ। ଦିନେ ଦୁଇଦିନ ମଧ୍ୟରେ ଏ ନେଇ ସ୍ଥିତି ସ୍ପଷ୍ଟ ହେବ ବୋଲି ଚାଟାର୍ଜୀ ଆଶା ପ୍ରକାଶ କରିଛନ୍ତି। ଏହାପରେ ଯାଇ ଆମେ ଆଇଟିଏଫ୍‌କୁ ଅବଗତ କରାଇବୁ ଓ ଆବଶ୍ୟକ ହେଲେ ନିରପେକ୍ଷ ଭେନ୍ୟୁ ନେଇ ଅନୁରୋଧ କରିବୁ ବୋଲି ସେ କହିଛନ୍ତି।

ପାକିସ୍ତାନ ଭିଜା ନ ଦେଲେ ଆମେ ସେଠାକୁ କିପରି ଯିବୁ ବୋଲି ସେ ପ୍ରଶ୍ନ କରିଛନ୍ତି। ଯଦି ବି ଭିଜା ମିଳେ ତାହେଲେ ପାକିସ୍ତାନର ଅବଶ୍ରକୀୟ ସୁରକ୍ଷା ମିଳିବା ନେଇ ମଧ ଆଶଙ୍କା ରହିଛି। ତେଣେ ଏଆଇଟିଏ ସମ୍ମୁଖରେ ଏକାଧିକ ସମସ୍ୟା ରହିଛି ବୋଲି ସେ କହିଛନ୍ତି। ସେପଟେ ଏଭଳି ପରିସ୍ଥିତିରେ ଆଇଟିଏଫ୍ ଯାହା ନିର୍ଦ୍ଦେଶ ଦେବ ଆମେ ତାହା ପାଳନ କରିବୁ ବୋଲି ପାକିସ୍ତାନ ଟେନିସ ଫେଡେରେଶନ (ପିଟିଏଫ୍) ଅଧକ୍ଷ ସଲିମ ସୈଫୁଲ୍ଲା ଖାଁ କହିଛନ୍ତି। ଇସଲାମାବାଦ୍‌ରେ ଭାରତୀୟ ଖେଳାଳିଙ୍କୁ ଆମେ ସୁରକ୍ଷା ଦେଇପାରିବୁ। ବିଜୟ କିମ୍ବା ପରାଜୟ ବଡ଼ କଥା ନୁହଁ। କିନ୍ତୁ ସୁରକ୍ଷା ତଥା ନିରାପତ୍ତା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ତେବେ ଏବେଠାରୁ ଏ ନେଇ କିଛି କହିବା ଠିକ୍ ହେବ ନାହିଁ। ବର୍ତ୍ତମାନ ମ୍ୟାଚ୍‌କୁ ସ୍ଥାନାନ୍ତର କରିବାର କୌଣସି ଆବଶ୍ୟକତା ନାହିଁ ବୋଲି ସେ କହିଛନ୍ତି। ଉଲ୍ଲେଖଥାଉ କି, ୧୯୬୪ ପରଠାରୁ କୌଣସ ଭାରତୀୟ ଡେଭିସ୍ କପ୍ ଦଳ ପାକିସ୍ତାନ ଗସ୍ତ କରିନାହିଁ। ପୁଣି ୨୦୦୮ରେ ମୁମ୍ବାଇ ଆକ୍ରମଣ ପରେ ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ କ୍ରିକେଟ ସମ୍ପର୍କ ସ୍ଥାଣୁ ପ୍ରାୟ ହୋଇଛି।

## ଗୋଥାମ୍‌ଙ୍କ ହ୍ୟାଟ୍ରିକ: ୱେଷ୍ଟଇଣ୍ଡିଜ-ଏ ୧୯୪ରେ ସୀମିତ

**୩ୟ ଅନ୍‌ଅଫିସିଆଲ୍ ଟେଷ୍ଟ**

ତରୌବା (ତ୍ରିନିଦାଦ ଆଣ୍ଡ ଟବାଗୋ), ୮।୮ (ପି.ଟି.)

ଅଫ୍-ସ୍ପିନର କ୍ରିଷ୍ଣାପ୍ପା ଗୋଥାମଙ୍କ ହ୍ୟାଟ୍ରିକ ଉଇକେଟ୍ ସଫଳତା ବଳରେ ଭାରତ-ଏ ଏଠାରେ ଚାଲିଥିବା ଅନ୍ତିମ ତଥା ୩ୟ ଅନ୍‌ଅଫିସିଆଲ ଟେଷ୍ଟ ମ୍ୟାଚ୍‌ରେ ଘରୋଇ ୱେଷ୍ଟଇଣ୍ଡିଜ-ଏ'କୁ ପ୍ରଥମ ଇନିଂସରେ ୧୯୪ ରନରେ ସୀମିତ ରଖି ଦେଇଛି। ଜବାବରେ ୭ ରନରେ ଅଗ୍ରଣୀ ହାସଲ କରିଥିବା ଭାରତ-ଏ ୨ୟ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ଦ୍ୱିତୀୟ ଇନିଂସରେ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୩ ଉଇକେଟ୍ ହରାଇ ୨୩ ରନ ସଂଗ୍ରହ କରିଛି। ଦୁଇ ଓପନର୍ ପ୍ରିୟଙ୍କ ପଞ୍ଚାଲ (୩) ଓ ଅଭିମନ୍ୟୁ ଈଶ୍ୱରନ (୬)ଙ୍କ ସମେତ ନିର୍ଭରଯୋଗ୍ୟ ମୟଙ୍କ ଅଗ୍ରୱାଲ (୫) ଆଉଟ୍ ହୋଇଯାଇଥିବାବେଳେ ଶୁବମନ ଗିଲ୍ ୫ ଓ ଶାହବାଜ ନଦୀମ ୨ ରନ କରି କ୍ରିଜ୍‌ରେ ଅପରାଜିତ ରହିଛନ୍ତି। ଆଉ ୭ ଉଇକେଟ୍ ସୁରକ୍ଷିତ ରହିଥିବାବେଳେ ଭାରତ-ଏ ଏବେ ମୋଟ୍ ଉପରେ ୩୦ ରନରେ ଅଗ୍ରଣୀ ଲାଭ କରିଛି। ପୂର୍ବରୁ ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ହନୁମା ବିହାରୀଙ୍କ ଦଳ ପ୍ରଥମ ଇନିଂସରେ ୨୦୧ ରନ୍ କରି ଅଲ୍‌ଆଉଟ୍ ହୋଇଥିଲା।

ସ୍ଥାନୀୟ ବ୍ରାଏନ ଲାରା ଷ୍ଟାଡିୟମରେ ଚାଲିଥିବା ଏହି ମ୍ୟାଚ୍‌ର ପ୍ରଥମ ଦିବସ ସୁଦ୍ଧା ଗୋଟିଏ ଉଇକେଟ୍ ହରାଇ ୨୩ ରନ କରିଥିବା ୱେଷ୍ଟଇଣ୍ଡିଜ-ଏ ବୁଧବାର ଓପନର୍ ଜେରେମି ସୋଲୋଜାନୋ (୬୯) ଓ ସୁନୀଲ ଆମ୍ବ୍ରିସ (୪୩)ଙ୍କ ଉପଯୋଗୀ ବ୍ୟାଟିଂ ବଳରେ ୧୯୪ ରନ କରିବାକୁ ସକ୍ଷମ ହୋଇଥିଲା। ଭାରତ ପକ୍ଷରୁ ଗୋଥାମ ସର୍ବାଧିକ ୬ ଓ ଉମେଶ ଯାଦବଙ୍କୁ ୨ଟି ଉଇକେଟ୍ ମିଳିଥିଲା। ୱେଷ୍ଟଇଣ୍ଡିଜ-ଏ'ର ୭୩ତମ ଓଭରର ୨ୟ, ୩ୟ ଓ ୪ର୍ଥ ବଲ୍‌ରେ ଯଥାକ୍ରମେ ରେମନ୍ ରିଲିଫ୍ (୫), ଚେମର ହୋଲ୍ଡର (୦) ଓ ମିଗୁଏଲ୍ସ କୁମିନ୍ସ (୦)ଙ୍କୁ ଆଉଟ୍ କରି ଗୋଥାମ ହ୍ୟାଟ୍ରିକ ପୂରଣ କରିଥିଲେ।



କ୍ରିଷ୍ଣାପ୍ପା ଗୋଥାମ

# ପୁମା ସହ ଦୂତୀଙ୍କ ଚୁକ୍ତି

ନୂଆଦିଲ୍ଲୀ,୮।୮(ପି.ଟି.)

ଦେଶର ଦ୍ରୁତତମ ମହିଳା ଧାବିକା ତଥା ସ୍ପ୍ରିଣ୍ଟ କୁଇନ୍ ଦୂତୀ ଚାନ୍ଦ ଗ୍ଲୋବାଲ ସ୍ପୋର୍ଟ୍ସ କମ୍ପାନୀ ପୁମା ସହ ଚୁକ୍ତି କରିଛନ୍ତି। ଗୁରୁବାର ଏ ନେଇ ପୁମା ତରଫରୁ ଘୋଷଣା କରାଯାଇଛି। ପ୍ରଥମଥର ପାଇଁ ଦୂତୀ ଏଭଳି ବିଶ୍ୱସ୍ତରୀୟ ବ୍ରାଣ୍ଡ ସହ ଚୁକ୍ତିରେ ସ୍ୱାକ୍ଷର କରିଛନ୍ତି। ଏଥିସହିତ ସ୍ପ୍ରିଣ୍ଟ କିମ୍ବଦନ୍ତୀ ଉସେନ ବୋଲ୍ଟଙ୍କ ସମେତ ସେ ବିଶ୍ୱସ୍ତରୀୟ ପୁମା ଆଥଲେଟ୍ ତାଲିକାରେ ଯୋଗଦେଇଛନ୍ତି। ଜାତୀୟ ରେକର୍ଡ ହାସଲ କରିଥିବା ୨୩ ବର୍ଷୀୟା ଦୂତୀ ଏବେ ପୁମାର ଜିନିଷ ବ୍ୟବହାର କରି ତାଙ୍କ ପ୍ରଦର୍ଶନକୁ ଆହୁରି ଉନ୍ନତି କରିପାରିବେ।

ଗତମାସରେ ସେ ପ୍ରଥମ ଭାରତୀୟ ମହିଳା ଆଥଲେଟ୍ ଭାବେ ଟ୍ରାକ୍ ଆଣ୍ଡ ଫିଲ୍ଡରେ ବିଶ୍ୱ ୟୁନିଭର୍ସିଟି ଗେମ୍ସରେ ସ୍ୱର୍ଣ୍ଣ ପଦକ ହାସଲକରି ଇତିହାସ ସୃଷ୍ଟି କରିଥିଲେ। ସେ ଇଟାଲୀର ନାପୋଲିରେ ଅନୁଷ୍ଠିତ ଏହି ଗେମ୍ସରେ ମହିଳାର ୧୦୦ମିଟର ଦୌଡରେ ସ୍ୱର୍ଣ୍ଣିମ ସଫଳତା ହାସଲ କରିଥିଲେ। ସେ ୧୧.୩୨ ସେକେଣ୍ଡ ସମୟ ନେଇ ଏହି ସଫଳତା ହାସଲ କରିଥିଲେ। ଅବଶ୍ୟ ପୂର୍ବରୁ ସେ ୧୧.୨୬ ସେକେଣ୍ଡ ନେଇ ଜାତୀୟ ରେକର୍ଡ ହାସଲ କରିଥିଲେ।

ପ୍ରଥମଥର ପାଇଁ ସେ କୌଣସି ବିଶ୍ୱସ୍ତରୀୟ କମ୍ପାନୀ ତଥା ବ୍ରାଣ୍ଡ ସହ ଚୁକ୍ତି କରିଛନ୍ତି। ଏହି କମ୍ପାନୀ ପୂର୍ବରୁ ଉସେନ ବୋଲ୍ଟଙ୍କ ଭଳି କିମ୍ବଦନ୍ତୀ ଆଥଲେଟ୍‌ଙ୍କ ସହ କାର୍ଯ୍ୟ କରିଛି। ଏଥିପାଇଁ ବହୁତ ଖୁସି ବୋଲି ଦୂତୀ କହିଛନ୍ତି। କ୍ରୀଡ଼ାରେ ପୁମା ବିଶ୍ୱବ୍ୟାପୀ ଆଥଲେଟ୍‌ଙ୍କୁ ପ୍ରୋତ୍ସାହିତ କରିଆସୁଛି। ଭାରତରେ ମୋ ଭଳି ଖେଳାଳିଙ୍କୁ ଭରସା କରିଥିବାରୁ ପୁମା ନିକଟରେ କୃତଜ୍ଞ। ପୁମା ସହ ଜଡିତ ହେବା ଦ୍ୱାରା ବେଶ୍ ଉତ୍ସାହିତ ଅଛି ବୋଲି ସେ କହିଛନ୍ତି। ଦୂତୀ ଜଣେ ବିଶ୍ୱସ୍ତରୀୟ ଖେଳାଳି ଓ ସେ ଭାରତୀୟ କ୍ରୀଡ଼ାରେ ନୂଆ ଇତିହାସ ସୃଷ୍ଟି କରିଛନ୍ତି। ତେଣୁ ତାଙ୍କ ସହ ଚୁକ୍ତି କରି ଆମେ ବେଶ୍ ଖୁସି ବୋଲି ପୁମା ଇଣ୍ଡିଆ ମ୍ୟାନେଜିଂ ଡାଇରେକ୍ଟର ଅଭିଷେକ ଗାଙ୍ଗୁଲି କହିଛନ୍ତି। ଦୂତୀଙ୍କ ଯୋଗୁ ଦେଶର ଟ୍ରାକ୍ ଆଣ୍ଡ ଫିଲ୍ଡ ନୂଆ ରୂପ ନେବ। ଦୂତୀ ଜଡିତ ହେବା ଆମ ପାଇଁ ଏକ ସୌଭାଗ୍ୟ ବୋଲି ସେ କହିଛନ୍ତି।



ଦୁତୀ ଚାନ୍ଦ

## ଭିଜା ଲାଗି ସାହାଯ୍ୟ ଲୋଡିଲେ

ବିଶ୍ୱ ଆଥଲେଟିକ୍ସ ଚାମ୍ପିୟନଶିପ୍ ଯୋଗ୍ୟତା ହାସଲ ପାଇଁ ସ୍ପ୍ରିଣ୍ଟ କୁଇନ୍ ଦୂତୀ ଚାନ୍ଦ ୟୁରୋପରେ କେତୋଟି ରେସ୍‌ରେ ଭାଗ ନେବା ପାଇଁ ଇଚ୍ଛା ପ୍ରକାଶ କରିଛନ୍ତି। ତେବେ ଏଥିପାଇଁ ଭିଜା ପାଇବାରେ ସମସ୍ୟା ଉପୁଜିଛି। ଫଳରେ ସେ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କରଙ୍କ ସାହାଯ୍ୟ ଲୋଡିଛନ୍ତି। ଅଗଷ୍ଟ ୧୩ରେ ଆୟର୍ଲାଣ୍ଡ ଓ ୧୯ରେ ଜର୍ମାନୀରେ ଇଣ୍ଟରନ୍ୟାଶନାଲ ଆସୋସିଏଶନ ଅଫ୍ ଆଥଲେଟିକ୍ସ ଫେଡେରେଶନ (ଆଇଏଏଏଫ) ଅନୁମୋଦିତ ରେସ୍‌ଗୁଡିକରେ ସେ ଭାଗନେବେ। ତେବେ ତାଙ୍କୁ ଏପର୍ଯ୍ୟନ୍ତ ଭିଜା ମିଳିନାହିଁ।

କୌଣସି କାରଣରୁ ଭିଜା ମିଳିପାରିନାହିଁ ବୋଲି ଦୂତୀ ଟୁଇଟ୍ କରି ଜଣାଇଛନ୍ତି। ଗତ ସପ୍ତାହରେ ଦୂତୀ ଭିଜା ପାଇଁ ଆବେଦନ କରିଥିଲେ ଓ ଶୁକ୍ରବାର ଗସ୍ତ ଆରମ୍ଭ କରିବାର ଯୋଜନା ରଖିଥିଲେ। ବିଶ୍ୱ ଚାମ୍ପିୟନଶିପ୍ ଯୋଗ୍ୟତା ହାସଲ ପାଇଁ ସେ ଏହି ଦୁଇଟି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଚାହୁଁଥିଲେ। ତେବେ ସେ ଏଥିପାଇଁ ପାଣ୍ଠି ସଂଗ୍ରହ କରିପାରି ନ ଥିଲେ। ଶେଷରେ ଭୁବନେଶ୍ୱରର କିଟ୍ ବିଶ୍ୱବିଦ୍ୟାଳୟ ତରଫରୁ ତାଙ୍କୁ ସହଯୋଗ କରାଯାଇଥିଲା ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାଯାଇଛି। ଦୂତୀ ଏବେ କିଟ୍‌ରେ ପାଠ ପଢୁଛନ୍ତି। ଆଗାମୀ କିଛି ଦିନରେ ତାଙ୍କୁ ଭିଜା ମିଳିବ ବୋଲି ଆଶା କରାଯାଉଛି। ଉଲ୍ଲେଖଥାଉ କି, ବିଶ୍ୱ ଚାମ୍ପିୟନଶିପ୍ କ୍ୱାଲିଫାଇଙ୍ଗ୍ ଟାଇମିଙ୍ଗ ହେଉଛି ୧୧.୨୪ ସେକେଣ୍ଡ। ସେହିପରି ୨୦୨୦ ଅଲିମ୍ପିକ୍ସ ଗେମ୍ସ ପାଇଁ କଟ-ଅଫ୍ ୧୧.୧୫ ରହିଛି। ତେବେ ଦୂତୀ ଗତ ଏପ୍ରିଲ୍‌ରେ ଦୋହାରେ ଅନୁଷ୍ଠିତ ହୋଇଥିବା ଏସିଆନ ଚାମ୍ପିୟନଶିପ୍‌ରେ ସେ ୧୧.୨୬ ସେକେଣ୍ଡ ନେଇ ବ୍ୟକ୍ତିଗତ ଭାବେ ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ। ଏବେ ଏଥିରେ ଉନ୍ନତି ଆଣି ସେ ବିଶ୍ୱ ଚାମ୍ପିୟନଶିପ ଓ ଅଲିମ୍ପିକ୍ସ ଯୋଗ୍ୟତା ହାସଲ ଲକ୍ଷ୍ୟରେ ରହିଛନ୍ତି।

ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ମହେଶ୍ୱର ବେହେରା
ସିମେଣ୍ଟ ସେଣ୍ଟର ପ୍ରତିଷ୍ଠାତା ଏବଂ ସିମେଣ୍ଟ ଦୁନିଆର ବାଦ୍‌ଶାହା
(କଲ୍ୟାଣପୁର, ମାହାଙ୍ଗା, କଟକ)
ଆବିର୍ଭାବ: ୧୨।୦୫।୧୯୬୪
ତିରୋଧାନ: ୩୦।୦୮।୨୦୧୯
ଆପଣ ଛାଡ଼ି ଯାଇଥିବା ସ୍ଥାନ ଅପୂରଣୀୟ। ଆପଣଙ୍କ ଆମାୟିକ ବ୍ୟବହାର, ଶ୍ରଦ୍ଧା, ସ୍ନେହ, ତ୍ୟାଗ ଓ ପରୋପକାର ସବୁଦିନ ଆମପାଇଁ ପ୍ରେରଣାର ଉତ୍ସ ହେଉ। ଆପଣଙ୍କର ଆଦର୍ଶ ଓ ଆଶୀର୍ବାଦ ଆମ ଚଲାପଥକୁ ଆଲୋକିତ କରୁଥାଉ। ଆପଣଙ୍କର ଅମର ଆତ୍ମା ଚିର ଶାନ୍ତି ଓ ସଦ୍‌ଗତି ଲାଭ କରୁ ଏତିକି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ:
ସ୍ତ୍ରୀ: ପାର୍ବତୀ, ପୁତ୍ର: ସାଗର, କୁଜୁ, ଭାଇ: ଅଶୋକ, ଭାଇବୋହୂ: ଭାରତୀ, ଝିଅ, କ୍ୱାଇଁ, ବେହେରା ପରିବାରବର୍ଗ ଓ ସିମେଣ୍ଟ ସେଣ୍ଟର ପରିବାରବର୍ଗ।
ଧ-୧୩୮୨୮

ପ୍ରଥମ ଶ୍ରାଦ୍ଧବାର୍ଷିକ



√ଦେବବାଳା ସାହାଣୀ
ଅବସରପ୍ରାପ୍ତ ଶିକ୍ଷୟତ୍ରୀ
ପଞ୍ଚନାୟକପଡା, ସମ୍ବଲପୁର
ଆବିର୍ଭାବ-୦୬.୦୨.୧୯୪୬
ତିରୋଧାନ-୧୯.୦୮.୨୦୧୮
ସ୍ୱର୍ଗତ ଆତ୍ମାର ସଦଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ :
ସାମୀ-ପ୍ରୀତି ରଞ୍ଜନ ଦାସ ଓ ପରିବାରବର୍ଗ (ହାଟବଜାର ଜଟଣୀ)
ଧ-୧୩୮୨୭

ଦ୍ୱାଦଶ ଶ୍ରାଦ୍ଧବାର୍ଷିକୀ



√ନିକୁଞ୍ଜ ବିହାରୀ ପାଇକରାୟ
ଶିଶୁପାଳଗଡ, ଭୁବନେଶ୍ୱର
ଭକ୍ତିପୁତ ଶ୍ରଦ୍ଧାଞ୍ଜଳି
ବନ୍ଧୁ ଓ ପରିବାରବର୍ଗ
ଧ-୬୬୯୩୮

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ବାଲେଶ୍ୱର, ଶୁକ୍ରବାର, ଅଗଷ୍ଟ ୯/୨୦୧୯ Balasore, Friday, August 9/2019

■ ବାରିପଦା ବିଦ୍ୟୁତ୍ ଡିଭିଜନ: ଜାଲ୍ ଚେକ୍‌ରେ ଟାର୍ଗେଟ ପୂରଣ ଘଟଣା

# ୩ ଅଧିକାରୀ ନିଲମ୍ବିତ

ବାରିପଦା ଅଫିସ,୮।୮

ମୟୂରଭଞ୍ଜ ଜିଲା ବାରିପଦା ବିଦ୍ୟୁତ୍ ଡିଭିଜନରେ ବିଲ୍ ଆଦାୟ ଟାର୍ଗେଟ ପୂରଣ ପାଇଁ ଜାଲ୍ ଚେକ୍ ଦେଇ ବିଭାଗକୁ ଠକିଥିବା ୩ ଅଧିକାରୀଙ୍କୁ ବୁଧବାର

**ଧରିତ୍ରୀ ପ୍ରଭାବ**

କାର୍ଯ୍ୟରୁ ନିଲମ୍ବନ କରାଯାଇଛି। ଏ ନେଇ କେବଳ 'ଧରିତ୍ରୀ'ରେ ଗତ ଜୁଲାଇ ୧୮ ଓ ୨୩ ତାରିଖରେ ଏକ ରିପୋର୍ଟ ପ୍ରକାଶ ପାଇଥିଲା। ଏହା ପରେ ବିଭାଗ ପକ୍ଷରୁ ତଦନ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଇଥିଲା। ବିଭାଗର ଚିଫ୍ ଭିଜିଲାନ୍ସ ଅଫିସର ଏବଂ ଏଜିଏମ (ଏଫ) ଏହାର ତଦନ୍ତ କରୁଥିଲେ। ଏହି ଘଟଣାରେ ସମ୍ପୃକ୍ତି ଥିବା ପ୍ରମାଣ ମିଳିବା ପରେ ନେସ୍କୋ ୟୁଟିଲିଟିର ଏଚ୍‌ଆର୍ ମୁଖ୍ୟ ସଂପୃକ୍ତ ୩ ଅଧିକାରୀଙ୍କୁ କାର୍ଯ୍ୟରୁ ନିଲମ୍ବନ କରିଥିବା ବିଭାଗ ପକ୍ଷରୁ ସୂଚନା ମିଳିଛି। ଚିଠି ନଂ. ୩୯୦ରେ ବାରିପଦା ଡିଭିଜନର ତତ୍କାଳୀନ ନିର୍ବାହୀ ଯନ୍ତ୍ରୀ ସିଦ୍ଧାର୍ଥ ଶଙ୍କର ରାୟ ଓ ଚିଠି ନଂ. ୩୯୪ ରେ କୁଲିଅଣା ସେକ୍ସନରେ କାର୍ଯ୍ୟରତ କନିଷ୍ଠ ଯନ୍ତ୍ରୀ ସୂର୍ଯ୍ୟକାନ୍ତ ସାହୁଙ୍କୁ ନିଲମ୍ବନ କରାଯାଇଛି। ସେହିପରି କାର୍ଯ୍ୟରେ ଅବହେଳା କରିଥିବା ଦର୍ଶାଇ ବାରିପଦା ଡିଭିଜନ କାର୍ଯ୍ୟାଳୟର ଆସିଷ୍ଟାଣ୍ଟ ଫାଇନାନ୍ସ ମ୍ୟାନେଜର ଅର୍ଣ୍ଣବ ରଞ୍ଜନ ଜେନାଙ୍କୁ ଚିଠି ନଂ. ୩୯୮ରେ ନିଲମ୍ବନ କରାଯାଇଛି।


CONFIDENTIAL

NESCO UTILITY
Head Office: Januganj, Balasore 756019
HUMAN RESOURCE DEPARTMENT

No. AO/NESCO Utility/HR/14/488/ 390 Date: 07/08/2019

OFFICE ORDER

In pursuance of Clause 47 (1) (a) of NESCO Officers Service Regulations, Sri Sidhartha Shankar Roy, Manager (Elect), Head Office, NESCO Utility, Balasore is hereby placed under suspension from his duties with immediate effect until further orders, pending drawal of disciplinary proceeding for the alleged irregularities committed by him during his incumbency as Manager (Elect), BED, Baripada for cheating the management by accepting forged cheques and issuance of money receipts against those cheques to achieve the revenue target illegally for unlawful gain.

His headquarter is fixed at Electrical Circle, Balasore. He shall not leave the Headquarter without the prior permission of Circle Head.

He is entitled to draw subsistence allowance & other allowances as admissible under NESCO Officers Service Regulations, subject to furnishing a certificate to the Circle Head every month to the effect that he is not engaged in any other employment, business, profession or vocation during the period of suspension.

This is issued with the approval of Competent Authority.

By Order,
HR Head, NESCO Utility

Memo No. 391 / Dated 07/08/2019
To Sri Sidhartha Shankar Roy, Manager (Elect.), Head Office, NESCO Utility, Balasore for information. Please acknowledge the receipt of the order.

HR Head, NESCO Utility
PTO

ବିଭାଗ ପକ୍ଷରୁ ଦିଆଯାଇଥିବା ନିଲମ୍ବନ ଚିଠି।

ବିଦ୍ୟୁତ ବିଲ୍ ଆଦାୟ ଟାର୍ଗେଟ ପୂରଣ ଲାଗି ବାରିପଦା ଡିଭିଜନର କେତେକ ଅଧିକାରୀ ଜାଲ୍ ଚେକ୍ ଦେଇ ବିଭାଗରେ ପ୍ରଶଂସା ସାଉଁଟୁଥିଲେ। କେବଳ କାଗଜପତ୍ରରେ ବିଭାଗର ଟାର୍ଗେଟ ପୂରଣ ହେଉଥିବା ବେଳେ ବିତ୍ତୀୟ ବ୍ୟବସ୍ଥାରେ ବକେୟା ଗଡୁଥିଲା। ବିଭାଗ ଏହି କାରସାଦି ଜାଣିଥିଲେ ସୁଦ୍ଧା କିଛି ବରିଷ୍ଠ ଅଧିକାରୀଙ୍କ ଚାପ ଯୋଗୁ ତଦନ୍ତ ବାଟବଣା ହୋଇଯାଇଥିଲା। ଉଲ୍ଲେଖଯୋଗ୍ୟ ଯେ, ନେସ୍କୋ ଦ୍ୱାରା ପ୍ରତି ମାସ ତଥା ବାର୍ଷିକ ବିଦ୍ୟୁତ ବିଲ୍ ଆଦାୟ ପାଇଁ ଟାର୍ଗେଟ ଦିଆଯାଏ। ଏହି ଟାର୍ଗେଟ ପୂରଣ କଲେ ବିଭାଗୀୟ ଅଧିକାରୀମାନଙ୍କୁ ବିଭାଗ ଦ୍ୱାରା ସମ୍ମାନିତ କରାଯାଇଥାଏ। ଏହି ଅନୁଯାୟୀ ବାରିପଦା ବିଦ୍ୟୁତ୍ ଡିଭିଜନରେ ନିର୍ବାହୀ ଯନ୍ତ୍ରୀ କାର୍ଯ୍ୟ କରୁଥିବା ସିଦ୍ଧାର୍ଥ ଶଙ୍କର ରାୟ ପ୍ରତି ଥର ବିଦ୍ୟୁତ୍ ବିଲ୍ ଆଦାୟ ଟାର୍ଗେଟ ପୂରଣ କରିଥିଲେ। ସେତେବେଳେ ବାରିପଦା ଟାଉନ ସବ ଡିଭିଜନର ଭଞ୍ଜପୁର ସେକ୍ସନରେ କାର୍ଯ୍ୟ କରୁଥିବା କନିଷ୍ଠ ଯନ୍ତ୍ରୀ ସୂର୍ଯ୍ୟକାନ୍ତ ସାହୁ ଏହି କାର୍ଯ୍ୟରେ ତାଙ୍କୁ ସହଯୋଗ କରୁଥିଲେ। ଯନ୍ତ୍ରୀ ସାହୁ ତାଙ୍କ ସମ୍ପର୍କୀୟମାନଙ୍କ ନାମରେ ଥିବା ଚେକ୍‌ଗୁଡିକ ବିଭାଗକୁ ଦେଇଥିଲେ। ନିର୍ବାହୀ ଯନ୍ତ୍ରୀ ରାୟ ଓ କନିଷ୍ଠ ଯନ୍ତ୍ରୀ ସାହୁ ବିଶେଷ କରି ୨୦୧୭ ଜୁନରୁ ୨୦୧୯ ମାର୍ଚ୍ଚ ମଧ୍ୟରେ ଏଭଳି ଜାଲ୍ ଚେକ୍ ଦେଇଥିବା ଜଣାପଡିଥିଲା। ତେବେ କାଗଜପତ୍ରରେ ବିଦ୍ୟୁତ୍ ବିଲ୍ ଆଦାୟ ଟାର୍ଗେଟ ପୂରଣ ହୋଇଥିବା ଜଣାପଡୁଥିବା ବେଳେ ବିଭାଗର ବିତ୍ତ ବ୍ୟବସ୍ଥା ବିଭାଗରେ କିନ୍ତୁ ବକେୟା ପଡ଼ି ରହୁଥିଲା। ଏଥିନେଇ ବିଭାଗର ସନ୍ଦେହ ହେବାରୁ ତଦନ୍ତ ଆରମ୍ଭ କରାଯାଇଥିଲା। ତଦନ୍ତ ବେଳେ ଜାଲ୍ ଚେକ୍ ଦେଇ ଟାର୍ଗେଟ ପୂରଣ କରାଯାଇଥିବା ଜଣାପଡିଥିଲା। ଏହିଭଳି ଭାବେ ପ୍ରାୟ ୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଜାଲ୍ ଚେକ୍ ଉକ୍ତ ଅଧିକାରୀମାନେ ବିଭାଗକୁ ଦେଇଥିବା ଜଣାପଡିଥିଲା। ବିଭାଗ ପକ୍ଷରୁ ତଦନ୍ତ ସହ ଅଡିଟ କରାଯିବା ପାଇଁ ପଦକ୍ଷେପ ନିଆଯାଇଥିଲା। ପରେ ବାରିପଦା ଡିଭିଜନରେ ନିର୍ବାହୀ ଯନ୍ତ୍ରୀ ଭାବେ କାର୍ଯ୍ୟ କରୁଥିବା ରାୟଙ୍କୁ ଗତ ଜୁଲାଇ ମାସରେ ବାଲେଶ୍ୱର ସ୍ଥିତ କର୍ପୋରେଟ ଅଫିସକୁ ବଦଳି କରାଯାଇଥିଲା। ଅନ୍ୟପକ୍ଷରେ ଏହି ଜାଲ୍ ଚେକ୍ ଦେଇ ବିଭାଗର ଟାର୍ଗେଟ ପୂରଣ କରିବା ପରେ ଏହି ବାବଦକୁ କମିଶନ ଟଙ୍କା ମଧ୍ୟ କିଛି କର୍ମଚାରୀ ପାଇଛନ୍ତି। ଏ ଦିଗରେ ତଦନ୍ତ କରି ଏହି ଟଙ୍କା ଆଦାୟ କରିବା ଦିଗରେ ବିଭାଗ ଅଧିକ ତଦନ୍ତ ଜାରି ରଖିଛି।

## ସଂକ୍ଷେପରେ

### ୬ ଶିଶୁ ଶ୍ରମିକ ଉଦ୍ଧାର

ବାଲିଆପାଳ, ୮।୮(ସ୍ୱ.ପ୍ର.): ବାଲିଆପାଳ ବ୍ଲକ ବାଲିଆପାଳ ବଜାର ଏବଂ କାଳିପଦା ଅଞ୍ଚଳରେ ଚାଇଲ୍ଡଲାଇନ ଏବଂ ଶ୍ରମ ବିଭାଗ ପକ୍ଷରୁ ଗୁରୁବାର ମିଳିତ ଭାବେ ବିଭିନ୍ନ ଦୋକାନ ଉପରେ ଚଢ଼ାଉ କରାଯାଇ ୬ଜଣ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି। ଜିଲା ଶ୍ରମ ଅଧିକାରୀ କୁବେର ବେହେରାଙ୍କ ନିର୍ଦ୍ଦେଶକ୍ରମେ ଚାଇଲ୍ଡଲାଇନ୍ ମୁଖ୍ୟ ପ୍ରଶାନ୍ତ ରାଉତଙ୍କ ନେତୃତ୍ୱରେ ବାଲିଆପାଳ ଚାଇଲ୍ଡଲାଇନ ସବ୍‌ସେଣ୍ଟର ଟିମ୍ ମେମ୍ବର କ୍ରିଷ୍ଣାରାଣୀ ଅନଡିଆ, କୁନିମଣି ଭୟାଁ, ଉତ୍ତମ କୁମାର ନାୟକ, ବାଲେଶ୍ୱର ଲେବର ଇନ୍ସପେକ୍ଟର ଦିଲୀପ ହାଁସଦା, ଏନସିଏଲପିର ମୁଖ୍ୟ ତନ୍ମୟ କୁମାର ବିଶ୍ୱାଳ, ଶୁଭେନ୍ଦୁ ଦାସମହାପାତ୍ର, ଏଏସ୍‌ଆଇ ଅଭିମନ୍ୟୁ ସାହୁ ପ୍ରମୁଖଙ୍କୁ ନେଇ ଗଠିତ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲେ। ସେମାନେ ବାଲିଆପାଳ ବ୍ଲକ ଛକରେ ଥିବା କାଳିକା ମିଠା ଦୋକାନ ଏବଂ କାଳିପଦା ବଜାରରେ ଥିବା ଗୋପାଳ ଦାସ ମିଷ୍ଟାନ୍ନ ଭଣ୍ଡାର ଉପରେ ଚଢ଼ାଉ କରି ପଶ୍ଚିମବଙ୍ଗ ଏବଂ ବାଲେଶ୍ୱର ଜିଲାର ବିଭିନ୍ନ ଅଞ୍ଚଳର ୬ଜଣ ଶିଶୁ ଶ୍ରମିକଙ୍କୁ କାମ କରୁଥିବା ବେଳେ ଉଦ୍ଧାର କରିଥିଲେ। ସେଥିମଧ୍ୟରୁ ପଶ୍ଚିମଖ୍ୱାଡ଼ ଗ୍ରାମର ଜଣେ, ବାଲେଶ୍ୱର ଭୀମପୁରା ଅଞ୍ଚଳର ଦୁଇଜଣ ହୋଇଥିବା ବେଳେ ପଶ୍ଚିମବଙ୍ଗର ହାୱଡ଼ା ଅଞ୍ଚଳର ୩ଜଣ ବୋଲି ଜଣାପଡ଼ିଛି। ପରେ ସେମାନଙ୍କୁ ବାଲେଶ୍ୱର ଜିଲା ଶିଶୁମଙ୍ଗଳ କମିଟି ଅଧକ୍ଷ ଭାଗୀରଥି ବାରିକ, ସଦସ୍ୟ ପଦ୍ମଲୋଚନ ଦତ୍ତ ଓ ଗୌରୀମଣୀ ଉପାଧ୍ୟାୟଙ୍କ ଉପସ୍ଥିତିରେ କମିଟିକୁ ହସ୍ତାନ୍ତର କରାଗଲା। ଜିଲା ଶ୍ରମ ବିଭାଗ ପକ୍ଷରୁ ଦୋକାନ ମାଲିକଙ୍କୁ ନୋଟିସ କରାଯିବ ବୋଲି ଶ୍ରମ ଅଧିକାରୀ ସୂଚନା ଦେଇଛନ୍ତି।

### କୂଅରେ ଖସି ଜଣେ ମୃତ




ସଜନାଗଡ଼, ୮।୮(ଡି.ଏନ.ଏ.): ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ସଜନାଗଡ଼ ଗ୍ରାମପଞ୍ଚାୟତରେ ଏକ ଅଭାବନୀୟ ଘଟଣା ଘଟିଛି। ସଜନାଗଡ଼ ବଜାରମୁଣ୍ଡରେ ୧୯ନଂ. ରାଜ୍ୟ ରାଜପଥ ପାର୍ଶ୍ୱରେ ପରଭାସିଆ ଖାଲପାଲିଆ (୨୩) ଗୁରୁବାର ଶୌଚ କରି ନିଜ ଘର କୂଅ ପାଖକୁ ଗାଧୋଇବା ପାଇଁ ଯାଇଥିଲେ। ଉକ୍ତ କୂଅର ଚାନ୍ଦିନୀ ନ ଥିବାରୁ ପରଭାସିଆ ଅସାବଧାନତା ଯୋଗୁ ଖସି ପଡ଼ିଥିଲେ। ପରିବାର ଲୋକ ଖସି ପଡ଼ିଥିବା ଦେଖି ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ ବିଭାଗ ପହଞ୍ଚି ପରଭାସିଆଙ୍କୁ କୂଅରୁ ଉଦ୍ଧାର କରି ନୀଳଗିରି ମେଡ଼ିକାଲକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ନୀଳଗିରି ଥାନାରେ ଅପମୃତ୍ୟୁ ମାମଲା (ନଂ. ୪୦/୧୯) ରୁଜୁ କରାଯାଇ ଶବ ବ୍ୟବଚ୍ଛେଦ ପାଇଁ ପଠାଯାଇଛି।

### ନାବାଳିକା ଗର୍ଭବତୀ ଘଟଣା
### ଗିରଫ ହେଲେ ଅଭିଯୁକ୍ତ ଯୁବକ

ତିହିଡ଼ି, ୮।୮ (ଡି.ଏନ.ଏ.): ଭଦ୍ରକ ଜିଲା ତିହିଡ଼ି ଥାନା କୁବେରା ଅଞ୍ଚଳର ଜଣେ ନାବାଳିକା ବଳାତ୍କାରର ଶିକାର ପରେ ଗର୍ଭବତୀ ହେବା ଘଟଣାରେ ଅଭିଯୁକ୍ତ ଯୁବକଙ୍କୁ ଗୁରୁବାର ସନ୍ଧ୍ୟାରେ ପୋଲିସ ଗିରଫ କରିଛି। ସେ ହେଲେ ତୁଳସୀପୁର ଗ୍ରାମର ବ୍ରଜକିଶୋର ବିଶ୍ୱାଳ। ପୋଲିସ ତାଙ୍କୁ ଆନ୍ଧ୍ରପ୍ରଦେଶରୁ ଗିରଫ କରିଥିବା ବେଳେ ତିହିଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତରୀମାଇନା କରାଯାଇଛି। ଶୁକ୍ରବାର ତାଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ ସୂଚନା ଦେଇଛି। ଉଲ୍ଲେଖନୀୟ ଯେ, ପୀଡ଼ିତା ନାବାଳିକା ତାଙ୍କୁ ବଳାତ୍କାର କରାଯାଇଥିବା ନେଇ ତିହିଡ଼ି ଥାନାରେ ଅଭିଯୋଗ କରିବା ପରେ ଗତ ଜୁନ୍ ୨୭ ତାରିଖରେ ପୋଲିସ ଏକ ମାମଲା(ନଂ.୨୮୬/୧୯) ରୁଜୁ କରିଥିଲା। ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିବାରେ ବିଫଳ ହୋଇଥିଲା। ଏହାମଧ୍ୟରେ ନାବାଳିକା ଜଣଙ୍କ ଗର୍ଭବତୀ ହୋଇଥିବା ଜଣାପଡ଼ିଥିଲା। ଅଭିଯୁକ୍ତଙ୍କ ପକ୍ଷରୁ ନାବାଳିକାଙ୍କ ପରିବାର ଲୋକଙ୍କୁ ବିଭିନ୍ନ ସମୟରେ ଧମକ ଦିଆଯାଇଥିଲା। ଏପରିକି ଜୀବନରୁ ମାରିଦେବାକୁ ଧମକ ଦିଆଯାଉଥିବା ଅଭିଯୋଗ କରି ନାବାଳିକାଙ୍କ ସମେତ ତାଙ୍କ ପରିବାର ଲୋକେ ଗତ ୪ ତାରିଖରେ ଭଦ୍ରକ ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ।

## ଅନ୍ଧାର ରାତିରେ ଚାଳିଆରୁ ଉଦ୍ଧାର ହେଲା ନବଜାତକ

ସଜନାଗଡ଼, ୮।୮(ଡି.ଏନ.ଏ.)

**ଅଲୋଡ଼ା ଶିଶୁକନ୍ୟା**

ଶିଶୁ କନ୍ୟା ପ୍ରତି ଘୃଣା ଭାବ ପୋଷଣ ନ କରିବା ପାଇଁ ବିଭିନ୍ନ ପ୍ରକାର ସଚେତନତା କାର୍ଯ୍ୟକ୍ରମ କରାଯାଉଥିଲେ ମଧ୍ୟ ତାହା ସମ୍ପୂର୍ଣ୍ଣ ସଫଳ ହୋଇପାରିନି। ଏବେ ବି ଶିଶୁକନ୍ୟାକୁ ଅଲୋଡା ଭାବି ଅତି ନିର୍ଦ୍ଦୟ ଭାବେ ରାସ୍ତାକଡରେ ଛାଡି ଚାଲିଯିବାକୁ ପଛାଉନାହାନ୍ତି। ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ଅଧିନ ମହିଷାପଟା ଗ୍ରାମପଞ୍ଚାୟତ ଶାଳବଣି ଗ୍ରାମରେ। ବୁଧବାର ବିଳମ୍ବିତ ରାତିରେ କେହି ଅତି ନିର୍ଦ୍ଦୟ ଭାବେ ଅନ୍ଧାର ରାତିର ସୁଯୋଗ ନେଇ ଏକ ସଦ୍ୟଜାତ ଶିଶୁ କନ୍ୟାକୁ ଶାଳବଣି ଗ୍ରାମ ଛକ ନିକଟସ୍ଥ ଦୋକାନଘର ଚାଳିଆରେ ଛାଡ଼ି ପଳାଇଯାଇଥିଲେ। କନ୍ୟାର କାନ୍ଦ ଶୁଣି ସ୍ଥାନୀୟ ଅଞ୍ଚଳର ଆରତୀ ସିଂ ନାମ୍ନୀ ମହିଳା ଘଟଣାସ୍ଥଳକୁ ଆସି ଶିଶୁକନ୍ୟାକୁ ଉଦ୍ଧାର କରିଥିଲେ। ଉକ୍ତ ଶିଶୁକନ୍ୟା ଜୀବିତ ଥିବା ଜାଣିବା ପରେ ଆରତୀ ରାତିରେ ଗ୍ରାମବାସୀଙ୍କୁ ଜଣାଇଥିଲେ। ଗ୍ରାମବାସୀ ଚାଇଲ୍ଡ ଲାଇନ୍ ସଦସ୍ୟଙ୍କୁ ଫୋନ୍ କରିଥିଲେ ହେଁ ଯୋଗାଯୋଗ ହୋଇପାରି ନ ଥିଲା। ଶିଶୁକନ୍ୟା ଆରତୀଙ୍କ ପାଖରେ ଥିଲେ। ଆଶାକର୍ମୀ ଭାରତୀ ସିଂଙ୍କ ସହଯୋଗରେ ଶିଶୁକୁ ଗୁରୁବାର ଆମ୍ବୁଲାନ୍ସ ଯୋଗେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ସୂଚନା ମିଳିଛି।


ଦକ୍ଷିଣ-ପୂର୍ବ ରେଳପଥର ମହାପ୍ରବନ୍ଧକ ଅନ୍ୟ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

## ବଲାଣିରୁ ଚାଲିବ ଟାଟା-ବଡ଼ବିଲ ପାସେଞ୍ଜର

### ପରିଦର୍ଶନ କଲେ ଦକ୍ଷିଣ-ପୂର୍ବ ରେଳପଥର ମହାପ୍ରବନ୍ଧକ

କେନ୍ଦୁଝର , ୮।୮ (ସ୍ୱ.ପ୍ର)

ଅନେକ ବର୍ଷ ପରେ ବଲାଣି ବାସୀଙ୍କର ସ୍ୱପ୍ନ ସାକାର ହେବାକୁ ଯାଉଛି। ଟାଟା- ବଡବିଲ ପାସେଞ୍ଜର ଟ୍ରେନ୍ ଅଳ୍ପ କିଛି ମାସ ମଧ୍ୟରେ ବଲାଣିରୁ ଖାଦାନ ଷ୍ଟେଶନରୁ ଚାଲିବା ନେଇ ପ୍ରକ୍ରିୟା ଆରମ୍ଭ ହୋଇଛି। ଗୁରୁବାର ଦକ୍ଷିଣ-ପୂର୍ବ ରେଳ ପଥର ମହାପ୍ରବନ୍ଧକ ଲଳିତ ଚନ୍ଦ୍ର ତ୍ରିବେଦୀ ବଲାଣି ଖାଦାନ ପରିଦର୍ଶନରେ ଆସିଥିବା ବଲାଣି ବିକାଶ ପରିଷଦର ପ୍ରତିନିଧି ଦଳଙ୍କୁ ଏହି ସୂଚନା ଦେଇଛନ୍ତି। ତ୍ରିବେଦୀ ନୂତନ ଭାବେ ଦକ୍ଷିଣ- ପୂର୍ବ ରେଳପଥର ମହାପ୍ରବନ୍ଧକ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ବଲାଣି ଖାଦାନ ଷ୍ଟେଶନକୁ ଏହା ହେଉଛି ତାଙ୍କର ପ୍ରଥମ ପରିଦର୍ଶନ। ପରିଦର୍ଶନ ସମୟରେ ଦକ୍ଷିଣ- ପୂର୍ବ ରେଳ ପଥର ଚକ୍ରଧରପୁର ଡିଭିଜନର ଡିଆରଏମ ଛତ୍ରପାଲ ସିଂହଙ୍କ ସହ ଦକ୍ଷିଣ-ପୂର୍ବ ରେଳ ପଥର ଅନେକ ଉଚ୍ଚପଦାଧିକାରୀ ଉପସ୍ଥିତିରେ ଏକ ସ୍ୱତନ୍ତ୍ର ଟ୍ରେନ୍ ଯୋଗେ ବଲାଣି ଖାଦାନ ଷ୍ଟେଶନରେ ଓହ୍ଲାଇଥିଲେ। ପରେ ପ୍ରବନ୍ଧକ କାର୍ତ୍ତିକ ନାୟକ ଓ ପରିଦର୍ଶନକାରୀ ଦଳଙ୍କୁ ସ୍ୱାଗତ କରିଥିଲେ। ପରେ ବଲାଣି ଖଣିର ମହାପ୍ରବନ୍ଧକ ଅରୁଣ କୁମାର ମିଶ୍ର ବଲାଣି ଖଣିର ଲୋଡିଂ ପ୍ଲାଣ୍ଟ ପରିଦର୍ଶନ କରାଇଥିଲେ। ଏହା ପରେ ବଲାଣି ବିକାଶ ପରିଷଦର ଆବାହକ ଶୁବାଶିଷ ନନ୍ଦ, ସଭାପତି ଲମ୍ବୋଦର ପଲେଇ, ସମ୍ପାଦକ ଶିବାଶିଷ ନନ୍ଦ ଏବଂ କମଳଲୋଚନ ମହାନ୍ତି ପ୍ରମୁଖ ତ୍ରିବେଦୀଙ୍କ ସହ ଟାଟା-ବଡବିଲ ପାସେଞ୍ଜର ଟ୍ରେନ୍‌କୁ ବଲାଣି ପର୍ଯ୍ୟନ୍ତ ସମ୍ପ୍ରସାରଣକୁ ନେଇ ଆଲୋଚନା କରିବା ସହିତ ଦାବି ଉପସ୍ଥାପିତ କରିଥିଲେ। ତେବେ ଦକ୍ଷିଣ- ପୂର୍ବ ରେଳ ପଥ ପକ୍ଷରୁ ଟାଟା-ବଡବିଲ ପାସେଞ୍ଜର ଟ୍ରେନକୁ ଚଳାଚଳ ନେଇ ପ୍ରକ୍ରିୟା ଆରମ୍ଭ ହୋଇଯାଇଥିବା ନେଇ ସୂଚନା ଦେବା ସହିତ କିଛି ମାସରେ ଷ୍ଟେଶନ ନିମନ୍ତେ ପ୍ରକ୍ରିୟା ଆରମ୍ଭ କରାଯିବ ବୋଲି ପ୍ରକାଶ କରିଥିଲେ।

## ରାସ୍ତା ପାର ହୋଇ ନ ପାରି ଏପଟସେପଟ ଦନ୍ତା

କେନ୍ଦୁଝର, ୮।୮(ସ୍ୱ.ପ୍ର.)

ହରିଚନ୍ଦନପୁର ବ୍ଲକ କୁଆଝରଣ ଘାଟି ରାସ୍ତା ନିକଟରେ ଏକ ଦନ୍ତାହାତୀ ଏଣେତେଣେ ବୁଲୁଥିବାରୁ ଯାତାୟାତ କରୁଥିବା ଲୋକଙ୍କ ମଧ୍ୟରେ ଭୟ ଦେଖାଦେଇଛି। ନରଣପୁର- ହରିଚନ୍ଦନପୁର ପୁର ଦେଇ ଡୁବୁରୀକୁ ଯାଇଥିବା ଏହି ରାସ୍ତାରେ ବହୁ ସଂଖ୍ୟାରେ ଗାଡି ଯାତାୟତ କରିଥାନ୍ତି। ହାତୀକୁ ଦେଖି ରାସ୍ତାରେ ଅନେକ ଯାତ୍ରୀ ଦୀର୍ଘ ସମୟ ଧରି ଅଟକି ରହିଥିଲେ। ଅନେକ ହାତୀକୁ ଦୂରରୁ ଦେଖି ଖୁସି ହେଉଥିଲେ ହେଁ ହାତୀଟି ରାସ୍ତା ପାର ହୋଇ ନ ପାରି ଏଭଳି ଏପଟସେପଟ ହେଉଥିଲା। ପୂର୍ବରୁ ଉକ୍ତ ଘାଟି ରାସ୍ତା ଅଣଓସାରିଆ ଥିଲା ଏବଂ ଘଞ୍ଚ ଜଙ୍ଗଲ ପରିବେଷ୍ଟିତ ଥିଲା। ତେବେ ରାସ୍ତା ପ୍ରଶସ୍ତିକରଣ ପାଇଁ ଘାଟି କଟାଯିବା ସହ ବ୍ୟାପକ ଜଙ୍ଗଲ ନଷ୍ଟ ହୋଇଯିବାରୁ ହାତୀ ମାନଙ୍କ ଯାତାୟାତ ପଥ ନଷ୍ଟ ହୋଇଯାଇଛି। ଉକ୍ତ ଘାଟି ଜଙ୍ଗଲ ଓ ପାହାଡ ରାସ୍ତା ନିର୍ମାଣ ଜଙ୍ଗଲରୁ କ୍ଷତିଗ୍ରସ୍ତ ହୋଇଥିବା ବେଳେ ହାତୀ ମାନେ ରାସ୍ତା ପାର ହୋଇ ଅନ୍ୟ ଜଙ୍ଗଲ ଓ ପାହାଡକୁ ଯାତାୟାତ କରିପାରୁନାହାନ୍ତି। ଫଳରେ ହାତୀ ମାନେ ବ୍ୟତିବ୍ୟସ୍ତ ହୋଇ ଏଣେ ତେଣେ ବୁଲୁଛନ୍ତି। ବନ ବିଭାଗ ପକ୍ଷରୁ କୌଣସି ଅଘଟଣ ପାଇଁ ସତର୍କତା ନଜର ରଖିଥିବା ଜଣାପଡିଛି। ଏହି ଘାଟିରେ ବହୁ ସଂଖ୍ୟାରେ ଗାଡିଚଳାଚଳ କରୁଥିବା ବେଳେ ଅଙ୍କାବଙ୍କା ରାସ୍ତା ଥିବାରୁ ଗାଡି ହାବୁଡରେ ପଡିଯିବା ଆଶଙ୍କା ଥିବାରୁ ଏନେଇ ବନ ବିଭାଗ ପକ୍ଷରୁ ପଦକ୍ଷେପ ନେବା ପାଇଁ ଦାବି ହେଉଛି।


ଘାଟିରେ ଦନ୍ତା ହାତୀ।

## ଗୋଟିଏ ରାତିରେ ସିରିଜ୍ ଚୋରି

ବନ୍ତ, ୮।୮ (ସ୍ୱ.ପ୍ର.): ଭଦ୍ରକ ଜିଲା ବନ୍ତ ବ୍ଲକ ଆଗରପଡ଼ା ଥାନା ଅଧୀନ କଳାପାହାଡ଼ ଛକ ଓ ବନ୍ତ ଥାନା ଅଡାଳପଙ୍କ ବଜାରରେ ଥିବା ଦୋକାନରୁ ବୁଧବାର ରାତିରେ ସିରିଜ୍ ଚୋରି ହୋଇଛି। କଳାପାହାଡ଼ ଛକରେ ଥିବା ୨ଟି ଦୋକାନରୁ ଚୋରି ହୋଇଥିବା ଗୁରୁବାର ଥାନାରେ ଅଭିଯୋଗ କରାଯାଇଛି। ସେହି ଗ୍ରାମର ନିଲୁ ରଞ୍ଜନ ରାଉତଙ୍କ ପାନ ଓ ଷ୍ଟେସନେରି ଦୋକାନ ତାଲା ଭାଙ୍ଗି ନଗଦ ୨୦ହଜାରରୁ ଊର୍ଦ୍ଧ୍ୱ ଟଙ୍କା ସହ ସାମଗ୍ରୀ ଚୋରି ହୋଇଥିବା ସେ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଗୁରୁବାର ସକାଳେ ତାଙ୍କ ଦୋକାନ କବାଟ ଖୋଲାଥିବା ଖବର ପାଇ ସେ ଆସି ତାଲା ଭଙ୍ଗାଯାଇଥିବା ଦେଖିଥିଲେ। ଅଭିଯୋଗ ପାଇ ପୋଲିସ ଘଟଣାର ତଦନ୍ତ ଜାରି ରଖିଥିବା ବେଳେ ମାମଲା ରୁଜୁ ହୋଇ ନ ଥିବା ଜଣାଯାଇଛି। ସେହି ଛକରେ ଦିଲୀପ ମଲ୍ଲିକଙ୍କ ତେଜରାତି ଦୋକାନ ତାଲା ଭାଙ୍ଗି ଚୋରି ହୋଇଛି। ସେହିପରି ଏହି ଛକରୁ ମାତ୍ର ୨ କି.ମି. ଦୂର ବନ୍ତ ଥାନା ଅନ୍ତର୍ଗତ ଅଡାଳପଙ୍କ ବଜାରରେ କେତେକ ଦୋକାନରୁ ସେହି ରାତିରେ ଚୋରି ହୋଇଥିବା ସୂଚନା ମିଳିଛି।

## ଅଭିଯୁକ୍ତଙ୍କୁ ୩ ଦିନ ରିମାଣ୍ଡରେ ଆଣିଲା ପୋଲିସ

### ଦୋକାନରୁ ୮୩ ଲକ୍ଷ ଗାଏବ ଘଟଣା

ତିହିଡ଼ି, ୮।୮ (ଡି.ଏନ.ଏ.)

ଭଦ୍ରକ ଜିଲା ତିହିଡ଼ି ବଜାରରେ ଥିବା ଚେତନ ଟ୍ରେଡର୍ସ ନାମକ ଏକ ଦୋକାନରୁ ୮୩ ଲକ୍ଷ ଟଙ୍କା ଗାଏବ ଘଟଣାରେ ଗିରଫ ଅଭିଯୁକ୍ତ ପ୍ରିୟରଞ୍ଜନ ବିଶ୍ୱାଳଙ୍କୁ ପୋଲିସ ୩ ଦିନ ପାଇଁ ରିମାଣ୍ଡରେ ଆଣିଛି। ଏଥିସହ ପୋଲିସ ତାଙ୍କ ଘରେ ଚଢ଼ାଉ କରି ଦୋକାନର ଜାଲିଆତି ସମ୍ପର୍କିତ ବହୁ ବ୍ୟାଙ୍କ କାଗଜପତ୍ର, ଇଲୋକ୍ଟ୍ରୋନିକ୍ସ ସାମଗ୍ରୀ, ଜମି ଓ ସୁନାରୂପା କ୍ରୟ ସମ୍ବନ୍ଧୀୟ କାଗଜପତ୍ର ଜବତ କରିଛି। ଅପରପକ୍ଷେ ଅନ୍ୟତମ ଅଭିଯୁକ୍ତ ସମ୍ପର୍କରେ ପୋଲିସ ପ୍ରିୟରଞ୍ଜନଙ୍କଠାରୁ ବୟାନ ରେକର୍ଡ କରିଛି। ପ୍ରକାଶ ଯେ, ଉକ୍ତ ଦୋକାନ ମାଲିକ ବିବେକାନନ୍ଦ ନାୟକ ଗତ ମାସ ୨୮ ତାରିଖରେ ତିହିଡ଼ି ଥାନାରେ ଏ ସମ୍ପର୍କରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା(ନଂ.୩୩୨/୧୯)ରୁଜୁ କରି ତଦନ୍ତ ଚଳାଇଥିଲା। ଗତ ସୋମବାର ପୋଲିସ ଦୋକାନର କର୍ମଚାରୀ ଦୋଳସାହି ଗ୍ରାମର ପ୍ରିୟରଞ୍ଜନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ମଙ୍ଗଳବାର ପୋଲିସ ପ୍ରିୟରଞ୍ଜନଙ୍କୁ ଅଧିକ ପଚରାଉଚରା କରିବା ପାଇଁ ରିମାଣ୍ଡରେ ଆଣିଛି। ମଙ୍ଗଳବାର ଅପରାହ୍ନରେ ଚାନ୍ଦବାଲି ଏସ୍‌ଡିପିଓ ଉମାଶଙ୍କର ବେହେରା ତାଙ୍କୁ ଜେରା କରିଥିବା ଜଣାଯାଇଛି।

## ନୟନଯୋରୀରେ ପଡ଼ି ଯୁବକଙ୍କ ମୃତ୍ୟୁ

ଭଣ୍ଡାରିପୋଖରୀ, ୮।୮ (ଡି.ଏନ.ଏ.) – ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ରହଣିଆ ଗ୍ରାମର ଦିବ୍ୟାଙ୍ଗ ଯୁବକ ବ୍ରଜକିଶୋର ବେହେରା(୩୪) ଗୁରୁବାର ନୟନଯୋରୀରେ ପଡ଼ି ପ୍ରାଣ ହରାଇଛନ୍ତି। ସେ ସକାଳୁ ଚାଷଜମିକୁ ଯାଇଥିଲେ। ମଧ୍ୟାହ୍ନରେ ଘରକୁ ଫେରିବା ବାଟରେ ନୟନଯୋରୀ ଅତିକ୍ରମ କରୁଥିବା ବେଳେ ପଡ଼ିଯାଇଥିବା ସନ୍ଦେହ କରାଯାଉଛି। ତାଙ୍କର ଫେରିବା ବିଳମ୍ବ ହେବାରୁ ପରିବାର ଲୋକ ଖୋଜାଖୋଜି କରି ନୟନଯୋରୀରେ ମୃତଦେହ ଭାସୁଥିବା ଦେଖିଥିଲେ।

■ ନାବାଳକଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣା

## ନିରପେକ୍ଷ ତଦନ୍ତ ଦାବି କଲେ କେନ୍ଦ୍ରମନ୍ତ୍ରୀ

ବାଲିଆପାଳ, ୮।୮(ଡି.ଏନ.ଏ.)

ବାଲେଶ୍ୱର ଜିଲା ବାଲିଆପାଳ ଇଡକୋଛକ ସ୍ଥିତ ରାଜଧାନୀ ଢାବାରେ ନାବାଳକଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣାରେ ସମ୍ପୃକ୍ତ ଢାବା ମାଲିକ ସାବୁଦ୍ଦିନ ଶାହାଙ୍କୁ ପୋଲିସ ଗିରଫ ନ କରିବା ବିଡମ୍ବନା। ଏହି ଘଟଣାରେ ସମ୍ପୃକ୍ତ ନ ଥିବା ନିରୀହ ଲୋକଙ୍କୁ ପୋଲିସ ଗିରଫ କରି ଜେଲ ହାଜତକୁ ପଠାଇବା ଅନ୍ୟାୟ। ଏଚ୍‌ଆରପିସି ତଦନ୍ତ ପାଇଁ ଯଥେଷ୍ଟ ନହେଁ। ଘଟଣାର ନିରପେକ୍ଷ ତଦନ୍ତ ସିବିଆଇ ଭଳି ସଂସ୍ଥା କଲେ ସମସ୍ତ ସତ୍ୟତା ଲୋକଲୋଚନକୁ ଆସିପାରିବ ବୋଲି କେନ୍ଦ୍ର କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ, ମତ୍ସ୍ୟ, ଗୋପାଳନ ବିଭାଗ ମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ଗୁରୁବାର ସନ୍ଧ୍ୟାରେ ବାଲିଆପାଳ ପୂର୍ତ୍ତବିଭାଗ ଡାକବଙ୍ଗଳାଠାରେ ଆୟୋଜିତ ଦଳୀୟ କର୍ମୀ ସମାବେଶ ଓ ନାଗରିକ ସମ୍ବର୍ଦ୍ଧନା ସଭାରେ ମତବ୍ୟକ୍ତ କରିଛନ୍ତି। ବରିଷ୍ଠ ଭାଜପା ନେତା ତଥା ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପୂର୍ବତନ ବିଧାୟକ ଜୟନାରାୟଣ ମହାନ୍ତି, ଜିଲା ମହିଳା ମୋର୍ଚ୍ଚା ପ୍ରଭାରୀ ସିପ୍ରା ବାଜପେୟୀ, ଦଳର ଉପସଭାପତି ପର୍ଶୁରାମ ବେହେରା, ବରିଷ୍ଠ ନେତା ଅରବିନ୍ଦ ବେହେରା, ବିକାଶ ଗିରି, ମହେଶ୍ୱର ଜେନା, ସତ୍ୟାନନ୍ଦ ମହାନ୍ତି, ଶିବଶଙ୍କର ପ୍ରଧାନ, ସୁବଳଚନ୍ଦ୍ର ଦାସ, ସତ୍ୟଜିତ ମିଶ୍ର, ନନି ଗୋପାଳ ଦାସ, ରବୀନ୍ଦ୍ର ଜୈନ, ଉମାକାନ୍ତ ମହାପାତ୍ର, ଖଗେନ୍ଦ୍ର ନାୟକ ଓ ନାରାୟଣ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ବିଭିନ୍ନ ସଙ୍ଗଠନ ପକ୍ଷରୁ ମନ୍ତ୍ରୀ ଷଡଙ୍ଗୀକୁ ନାଗରିକ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ପୂର୍ବତନ ମନ୍ତ୍ରୀ ସୁଷମା ସ୍ୱରାଜଙ୍କ ବିୟୋଗରେ ୧ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ସଭାରେ ପୂର୍ବତନ ବିଧାୟକ ଜୟନାରାୟଣ ମହାନ୍ତି ବାଲିଆପାଳରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତିକୁ ସୁଧାରିବା ପାଇଁ ମନ୍ତ୍ରୀଙ୍କର ଦୃଷ୍ଟି ଆର୍କଷଣ କରିଥିଲେ। ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି ମଧ୍ୟ ବସ୍ତା ନିର୍ବାଚନ ମଣ୍ଡଳୀର ସମସ୍ତ ସମସ୍ୟା କେନ୍ଦ୍ରମନ୍ତ୍ରୀଙ୍କ ଦୃଷ୍ଟି ଆର୍କଷଣ କରିଥିଲେ। ସବୁ ସମସ୍ୟାର ସମାଧାନ ଓ ଆଇନଶୃଙ୍ଖଳା ପରିସ୍ଥିତିକୁ ସମୀକ୍ଷା କରିବା ପାଇଁ ଦଳ ସ୍ତରରେ ଏକ କମିଟି ଗଠନ କରାଯାଇ ପଦକ୍ଷେପ ନିଆଯିବ ବୋଲି କେନ୍ଦ୍ରମନ୍ତ୍ରୀ ଷଡଙ୍ଗୀ ପ୍ରକାଶ କରିଥିଲେ। ଏଥିପାଇଁ ନିରନ୍ତର ଉଦ୍ୟମ ଜାରି ରହିବ ବୋଲି ସେ କହିଛନ୍ତି।



କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ ଉଦ୍‌ବୋଧନ ଦେଉଛନ୍ତି।






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ଘର ସମ୍ମୁଖରୁ ଟ୍ରାକ୍ଟର ଚୋରି

ପାଟଣା,୮।୮(ସ୍ୱ.ପ୍ର.)-ପାଟଣା ବ୍ଲକ କେନ୍ଦେଇପଶି ପଞ୍ଚାୟତ କେନ୍ଦେଇପଶି ଗ୍ରାମ ବାଲିସାହିର ଅନୁସୟା ନାଏକଙ୍କ ଘର ସମ୍ମୁଖରୁ ରବିବାର ରାତିରେ ଏକ ମହିନ୍ଦ୍ରା ଟ୍ରାକ୍ଟର ଚୋରି ହୋଇଥିବାର ତୁରୁମୁଙ୍ଗା ଥାନାରେ ଗୁରବାର ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ ଏକ ନାଲି ରଙ୍ଗର ଟ୍ରାକ୍ଟରକୁ ଗତ ରବିବାର ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ଚୋରି କରି ନେଇଛନ୍ତି।ଏଥିନେଇ ତୁରୁମୁଙ୍ଗା ଥାନାରେ ଏ ଏସ ଆଇ ଗୁରୁପ୍ରସାଦ ଦେଓ ଏକ ମାମଲା (ନଂ.୭୮/୧୯) ରୁଜୁ କରି ତଦନ୍ତ ଜାରି ରଖିଛନ୍ତି।

### ଢେଙ୍କିକୋଟ ଲ୍ୟାମ୍ପସ୍‌କୁ ଜିଲା ସହକାରୀ ଉପନିବନ୍ଧକଙ୍କ ପରିଦର୍ଶନ

ଢେଙ୍କିକୋଟ, ୮।୮(ଡି.ଏନ.ଏ.)-କେନ୍ଦୁଝର ଜିଲା ଢେଙ୍କିକୋଟ ଲ୍ୟାମ୍ପକୁ ଗୁରୁବାର ଅପରାହ୍ନରେ ଜିଲାରେ ନବ ନିଯୁକ୍ତ ସହକାରୀ ଉପ ନିବନ୍ଧକ ପ୍ରମୋଦ କୁମାର ବରିହା ଅଚାନକ ପରିଦର୍ଶନରେ ଆସିଥିଲେ। କାର୍ଯ୍ୟାଳୟର ମୁଖ୍ୟ ଏମଡି ଅକ୍ଷୟ କୁମାର ମହାନ୍ତ, କୋଷାଧକ୍ଷ କୃଷ୍ଣ ଚନ୍ଦ୍ର ଦଣ୍ଡପାଟ, କମ୍ପ୍ୟୁଟର ଆସିଷ୍ଟାଣ୍ଟଙ୍କ ସମସ୍ତ କାର୍ଯ୍ୟଶୈଳୀ ସେ ପରଖିଥିଲେ। ଏଥିସହ ଲ୍ୟାମ୍ପରେ ଜରୁରୀ କାଗଜପତ୍ରର ଯାଞ୍ଚ କରିଥିଲେ। ଲ୍ୟାମ୍ପରେ ଡାଇରେକ୍ଟର ସୁରେନ୍ଦ୍ର ଜେନା ଉପନିବନ୍ଧକଙ୍କ ସହ ଏହି ଲ୍ୟାମ୍ପ ଅଧୀନରେ ଥିବା ୧୫ରୁ ଉର୍ଦ୍ଧ୍ୱ ଚାଷୀଙ୍କ ନିର୍ଭରଶୀଳ ସମ୍ପର୍କରେ ଦର୍ଶାଇଥିଲେ।

### ମଧ୍ୟାହ୍ନଭୋଜନ ଚାଉଳ ଚୋରି ଅଭିଯୋଗ



ରେମୁଣା, ୮।୮(ଡି.ଏନ.ଏ.): ବିଦ୍ୟାଳୟରେ ଦିଆଯାଉଥିବା ମଧ୍ୟାହ୍ନଭୋଜନ ପାଇଁ ଯୋଗାଇ ଦିଆଯାଉଥିବା ୫୦ କିଲୋ ଚାଉଳ ବ୍ୟାଗ୍‌ରୁ ୫ରୁ ୧୦ କିଲୋ ପର୍ଯ୍ୟନ୍ତ ଯୋଗାଣକାରୀ ସଂସ୍ଥା ଦ୍ୱାରା ହେରଫେର ହେଉଥିବା ବିଭିନ୍ନ ସମୟରେ ଅଭିଯୋଗ ହୋଇଆସୁଥିଲା। ଗୁରୁବାର ବାଲେଶ୍ୱର ଜିଲା ରେମୁଣା ଥାନା ମନ୍ଦାରପୁର ସେବାଶ୍ରମର ମଧ୍ୟାହ୍ନଭୋଜନ ଚୋରି ହେଉଥିବା ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସୋଫିଆ ଗାନ୍ଧୀ ରେମୁଣା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସେବାଶ୍ରମକୁ ମଧ୍ୟାହ୍ନଭୋଜନ ପାଇଁ ଆସୁଥିବା ପ୍ରତ୍ୟେକ ଚାଉଳ ବ୍ୟାଗ୍‌ରେ ୬ରୁ ୭ କେଜି କମ୍ ଥିବାର ଦେଖି ବିଦ୍ୟାଳୟର ଶିକ୍ଷକମାନେ ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀଙ୍କୁ ଜଣାଇଥିଲେ। ଉକ୍ତ ସମ୍ପର୍କରେ ଚାଉଳ ନେଇ ଆସିଥିବା ଯୁବକଙ୍କୁ ପଚାରିବାରୁ ସେ ସନ୍ତୋଷଜନକ ଉତ୍ତର ଦେଇ ନ ଥିଲେ। ଏନେଇ ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଆଇନର ଆଶ୍ରୟ ନେଇଥିବା ଜଣାପଡ଼ିଛି। ଘଟଣା ସମ୍ପର୍କରେ ଜଣାପଡ଼ିବା ପରେ ସ୍ଥାନୀୟ ଅଭିଭାବକମାନେ ସେବାଶ୍ରମରେ ପହଞ୍ଚି ପ୍ରଧାନଶିକ୍ଷୟିତ୍ରୀଙ୍କୁ ସହଯୋଗ କରିଥିଲେ। ଏନେଇ ବାରମ୍ବାର ଅଭିଯୋଗ ପରେ ମଧ ଜିଲା ଯୋଗାଣ ଓ ଶିକ୍ଷା ବିଭାଗ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାରୁ ବିଦ୍ୟାଳୟର ଶିକ୍ଷୟିତ୍ରୀ ଓ ଶିକ୍ଷକ ନାହିଁ ନ ଥିବା ହଇରାଣ ହେଉଛନ୍ତି।

# ପରିତ୍ୟକ୍ତ ଭାବେ ପଡ଼ିରହିଛି ପୂର୍ତ୍ତ ବିଭାଗ ଡାକବଙ୍ଗଳା

■ରକ୍ଷଣାବେକ୍ଷଣ ଅଭାବ
■ପ୍ରଶାସନର ଦୃଷ୍ଟି ନାହିଁ

ହାଟଡ଼ିହୀ, ୮।୮(ଡି.ଏନ.ଏ.)- ସରକାର ଡାକବଙ୍ଗଳା ଗୁଡ଼ିକୁ ପୁନରୁଦ୍ଧାର କରାଯାଇ ସରକାରୀ ଅଧିକାରୀ ରାତ୍ରି ଯାପନ କରି ସେ ଅଞ୍ଚଳର ସମସ୍ୟା ପ୍ରତି ଧ୍ୟାନ ଦେବାକୁ ପ୍ରୟାସ କରୁଥିବା ବେଳେ କେନ୍ଦୁଝର ଜିଲା ହାଟଡିହୀ ବ୍ଲକର ପୂର୍ତ୍ତବିଭାଗ ଅଧୀନରେ ଥିବା ଡାକବଙ୍ଗଳାଟି ପରିତ୍ୟକ୍ତ ହୋଇପଡ଼ିରହିଛି। ତା'ସହିତ ତାହାର ଜମିକୁ ଜବରଦଖଲ କରିନେଇଯିବାକୁ ଉଦ୍ୟମ ମଧ କରାଯାଉଛି। ଉକ୍ତ ଅଧୀନରେ ବହୁ ଜମି ମଧ ରହିଛି। ବିଭାଗ ଅଧିକାରୀଙ୍କର ଉକ୍ତ ଡାକ ବଙ୍ଗଳା ପ୍ରତି ରକ୍ଷଣାବେକ୍ଷଣା ପ୍ରତି ଦୃଷ୍ଟି ପଡୁନଥିବାରୁ ଏହାର ପାଚେରି ଗୁଡ଼ିକ ଭାଙ୍ଗି ଯାଇଛି। ଭିତରେ ଥିବା ଜମିରେ ଗଛ ଓ ଘାସ ଉଠି ତାର ପରିବେଶକୁ ନଷ୍ଟ କରୁଛି । ବିଭାଗ ପକ୍ଷରୁ ଚାରିପଟ ପାଚେରି ନିର୍ମାଣ ସମ୍ପୂର୍ଣ୍ଣ ନ କରି ଏକ ଗେଟ ନିର୍ମାଣ କରାଯାଇଛି । କିନ୍ତୁ ଡାକବଙ୍ଗଳା ଗୃହର ମରାମତି କରାଗଲାନାହିଁ। ଏହା ଭାଙ୍ଗିରୁଜି ଗଲାଣି। ଯଦି ଏହି ସ୍ଥାନରେ ନୂତନ ଡାକବଙ୍ଗଳା ଗୃହ ନିର୍ମାଣ କରାଯିବା ସହିତ ସରକାରୀ ଅଧିକାରୀ କିମ୍ବା ନିର୍ବାଚିତ ମନ୍ତ୍ରୀ ଓ ପଦାଧିକାରୀ ରାତ୍ରି ଯାପନ କରନ୍ତେ। ତେବେ ଏହି ଞ୍ଚଳର ସମସ୍ୟା ସମ୍ପର୍କରେ ବୁଝିଲେ ଏହି ଅଞ୍ଚଳଟି ଦ୍ରୁତ ଉନ୍ନତି ହେବା ସହିତ ସାଧାରଣ ଜୀବନ ଯାପନ ଶୈଳୀରେ ପରିବର୍ତ୍ତନ ଘଟିପାରନ୍ତା ବୋଲି କୁହାଯାଉଛି । ଜିଲାପାଳ ଏ ଦିଗରେ ଦୃଷ୍ଟି ଦେଇ ଏକ ନୂତନ ଡାକବଙ୍ଗଳା ନିର୍ମାଣ କରିଲେ ଏହି ଅଞ୍ଚଳରେ ସୌନ୍ଦର୍ଯ୍ୟକରଣ ବୃଦ୍ଧି ପାଇବା ସହିତ ପୂର୍ତ୍ତ ବିଭାଗର ଆୟ ବୃଦ୍ଧି ହୋଇପାରନ୍ତା ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି।



ମରୈଗାଁରେ ଥିବା ପରିତ୍ୟକ୍ତ ଡାକବଙ୍ଗଳା।


କାର୍ଯ୍ୟକ୍ରମରେ ଉପସ୍ଥିତ ମାହୁରୀ ସମ୍ପ୍ରଦାୟର ମହିଳା ।

## ମହିଳାଙ୍କ ଶ୍ରାବଣ ମିଳନ ସମାରୋହ

ଚମ୍ପୁଆ,୮।୮ (ଡି.ଏନ.ଏ.)- ଚମ୍ପୁଆ ସଦର ମହକୁମାରେ ମାହୁରୀ ସମ୍ପ୍ରଦାୟର ମହିଳା ମାନଙ୍କ ଦ୍ୱାରା ଶ୍ରାବଣ ମିଳନ ସମାରୋହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରାୟ ୪୦ରୁ ଉର୍ଦ୍ଧ୍ୱ ମହିଳାମାନେ ଯୋଗଦେଇ ପରସ୍ପର ମଧ୍ୟରେ ଶ୍ରାବଣ ମିଳନର ଶୁଭେଚ୍ଛା ବାଣ୍ଟିଥିଲେ। ଏହି ପରିପ୍ରେକ୍ଷୀରେ ମହିଳା ମାନଙ୍କ ମଧ୍ୟରେ ର୍ୟାମ୍ପ ସୋ ଅନୁଷ୍ଠିତ ହେବା ସହିତ କୌତୁକ ଖେଳ ପ୍ରତିଯୋଗିତା, ନାଚ ଆଦି ପ୍ରତିଯୋଗିତାମାନ ଆୟୋଜନ କରାଯାଇଥିଲା। ଏହି ଶ୍ରାବଣ ମିଳନ ସମାରୋହରେ ଶ୍ରାବଣ ରାଣୀ ଭାବେ ବନିତା ରାମଙ୍କୁ ସ୍ନେହା ରାମ ବିଜୟ ମୁକୁଟ ପିନ୍ଧାଇ ସମ୍ମାନିତ କରିଥିଲେ।

## ସ୍କୁଲ କାନ୍ଥରେ ହେବ ମହାପୁରୁଷଙ୍କ ଚିତ୍ର
### ଛାତ୍ରୀଛାତ୍ର ହେବେ ସଚେତନ

ଯୋଡ଼ା, ୮।୮(ଡି.ଏନ.ଏ.)- ସଦୃଶ୍ୟ କାନ୍ଥକୁ ଦେଖି ଛାତ୍ରୀଛାତ୍ରଙ୍କ ମଧ୍ୟରେ ମାନସିକ ଓ ବୈଦ୍ଧିକ ଶିକ୍ଷାର ବିକାଶ ନିମନ୍ତେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଚମ୍ପୁଆ ଏବଂ ଓଡିଶା ଖଣି ବିଭାଗର ସହଭାଗିତାରେ ଯୋଡା ପୌରପାଳିକା ସମ୍ମିଳନୀ କକ୍ଷରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କେନ୍ଦୁଝର ଜିଲାପାଳ ଆଶିଷ ଠାକରେ୍, ସମ୍ମାନିତ ଅତିଥି ଭାବେ ଚମ୍ପୁଆ ଉପଜିଲାପାଳ ପାରୁଲ ପଟାଓ୍ୱାରୀ ଏବଂ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଡା ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସୂର୍ଯ୍ୟମଣି ପାଙ୍ଗଯୋଶୀ, ଓଏମସି ର ସିଇଓ ସିଏସଆର ମୁଖ୍ୟ ଅମ୍ବର କୁମାର କର, ଓଏମସିର ରିଜିଓନାଲ ମ୍ୟାନେଜର ଶ୍ୟାମସୁନ୍ଦର ବାରିକ୍ ଯୋଗ ଦେଇ ଛାତ୍ରୀଛାତ୍ରଙ୍କ ଶିକ୍ଷାର ମାନବୃଦ୍ଧି ନିମନ୍ତେ ଏହା ଏକ ସ୍ୱାଗତ ଯୋଗ୍ୟ ପଦକ୍ଷେପ ବୋଲି ମତବ୍ୟକ୍ତ କରିଥିଲେ । ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଅଧୀନ ଚମ୍ପୁଆ ଉପଖଣ୍ଡରେ ଥିବା ୨୫ ଟି ବିଦ୍ୟାଳୟରେ ଖୁବ୍ ଶୀଘ୍ର ବିଭିନ୍ନ ସଦୃଶ୍ୟ ଚିତ୍ର ଅଙ୍କନ ହେବ । ଏହାଦ୍ୱାରା ପାଠ ପଢିବାକୁ ଆସୁଥିବା ଛାତ୍ରୀଛାତ୍ରଙ୍କ ମନରେ ଆଗ୍ରହ ସୃଷ୍ଟି ହେବ । ପରିବେଶ ସୁନ୍ଦର ରହିବା ସହ ଆକର୍ଷଣୀୟ ମଧ ହୋଇପାରିବ ବୋଲି ଜିଲାପାଳ ମତବ୍ୟକ୍ତ କରିଥିଲେ । ଏହା ସହ ଚମ୍ପୁଆ ଉପଜିଲାପାଳ ତଥା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ପାରୁଲ୍ ପଟ୍ଟାଓରୀଙ୍କୁ ଏହି ମହତ ଉଦ୍ଦେଶ୍ୟକୁ କାର୍ଯ୍ୟକାରୀ କରିଥିବାରୁ ଜିଲାପାଳ ଠାକରେ୍ ତାଙ୍କୁ ସାଧୁବାଦ ଜଣାଇଥିଲେ। ଏହି ଅବସରରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ ଓଡିଶା ଖଣି ବିଭାଗର ସହଭାଗିତାରେ ପ୍ରସ୍ତୁତ ହୋଇଥିବା ଡକ୍ୟୁମେଂଟାରୀ ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା । ଓସ୍କାର କର୍ମକର୍ତ୍ତା ଦୁର୍ଗା ନାୟକ ମାନସିଂ, ଦୁର୍ଗା ପ୍ରସାଦ ନାୟକ ପ୍ରମୁଖ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ମହିଳାଙ୍କ ନିଖୋଜ ନେଇ ଚର୍ଚ୍ଚା

ହାଟଡ଼ିହୀ, ୮।୮ (ଡି.ଏନ.ଏ.): କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ନନ୍ଦିପଦା ଥାନା ଅଣା ଗ୍ରାମର ଜଣେ ମହିଳାଙ୍କ ନିଖୋଜ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି। ସମ୍ପୃକ୍ତ ମହିଳାଙ୍କ ଘର ପଛପଟୁ ଏକ ପ୍ରକାର ଦୁର୍ଗନ୍ଧ ହେଉଥିବାରୁ ଲୋକେ ସନ୍ଦେହ କରି ପୋଲିସକୁ ଜଣାଇଥିଲେ। ନନ୍ଦିପଦା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ ଆରମ୍ଭ କରିଛି। ଅନ୍ୟ ପକ୍ଷରେ ମହିଳାଙ୍କ ସ୍ୱାମୀ ଫେରାର ଥିବାରୁ ପୋଲିସ ତାଙ୍କ ଶ୍ୱଶୁରଙ୍କୁ ଥାନାକୁ ଆଣି ପଚରା ଉଚରା ଚଳାଇଛି।

ଖବରରୁ ଜଣାଯାଇଛି ଯେ ସମ୍ପୃକ୍ତ ମହିଳା ଓ ତାଙ୍କ ସ୍ୱାମୀ ଏକ ଯାତ୍ରା ପାର୍ଟିରେ କାମ କରୁଥିବାବେଳେ ପ୍ରେମ ବିବାହ କରିଥିଲେ। ବିବାହ ପରେ ଏମାନେ ନିଜ ପରିବାର ଠାରୁ ଅଲଗା ହୋଇ ଗାଁ ନିକଟରେ ଘର କରି ରହିଆସୁଥିଲେ। ସେମାନଙ୍କର ୫ ବର୍ଷର ଏକ ପୁତ୍ର ସନ୍ତାନ ଅଛି । ତେବେ କିଛି ଦିନ ହେଲା ଉଭୟଙ୍କର କିଛି ପତ୍ତା ନ ଥିବା ବେଳେ ଘର ପଛ ପଟରୁ ଦୁର୍ଗନ୍ଧ ହେବା ଲୋକଙ୍କୁ ସନ୍ଦେହରେ ପକାଇଛି। ଖବର ଲେଖା ହେବା ପର୍ଯ୍ୟନ୍ତ ଘଟଣା ସମ୍ପର୍କରେ ସ୍ପଷ୍ଟ ଜଣାପଡ଼ିନାହିଁ। ଏନେଇ ଆନନ୍ଦପୁର ଡିଏସପି ବିଦ୍ୟୁତ ଚନ୍ଦ୍ର ପଣ୍ଡା କହିଛନ୍ତି ଏ ସମ୍ପର୍କରେ ନିକଟସ୍ଥ ଥାନାରେ ଅଭିଯୋଗ ହୋଇନି । ତଥାପି ଘଟଣା ସମ୍ପର୍କରେ ସ୍ଥାନୀୟ ପୋଲିସକୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଛି।

## ମାଟି କାନ୍ଥ ପଡ଼ି ମହିଳା ମୃତ

କେନ୍ଦୁଝର, ୮।୮ (ସ୍ୱ.ପ୍ର./ଡି.ଏନ.ଏ.) ଲଗାଣ ବର୍ଷା ଯୋଗୁଁ ସଦର ବ୍ଲକ ଅନ୍ତର୍ଗତ ହର୍ଷପୁର ଗ୍ରାମର ମନ୍ଦିର ନିକଟରେ ରହୁଥିବା ପଦ୍ମ ନାଏକ ନାମ୍ନୀ ଜଣେ ଆଦିବାସୀ ମହିଳାଙ୍କ ଉପରେ ଘରର ଏକ ମାଟି ପିଲାର ଭୁଶୁଡ଼ି ପଡିବାରୁ ତାଙ୍କର ମୃତ୍ୟୁ ଘଟିଛି । ବୁଧବାର ସନ୍ଧ୍ୟାରେ ଘରକୁ ପାଣି ଧରି ଆସୁଥିବା ବେଳେ ହଠାତ ବର୍ଷାରେ ଧୋଇଯାଇଥିବା ପିଲାର ଖସି ପଡିଥିଲା। ଫଳରେ ସେ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ତୁରନ୍ତ ଜିଲା ମୁଖ୍ୟଡାକ୍ତରଖାନାକୁ ନିଆଯାଇଥିଲା । ସେଠାରେ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡିଥିଲା। ଗୁରୁବାର ପୋଲିସ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଗରିବ ପରିବାର ହୋଇଥିବାରୁ ତୁରନ୍ତ ତାଙ୍କ ପରିବାରକୁ ସହାୟତା ଦେବାକୁ ସ୍ଥାନୀୟ ସାମାଜିକ କର୍ମୀ ଜୟନ୍ତୁଲ ଆବେଦେନ କରିଛନ୍ତି।

# ବର୍ଷାରେ ଜୀବନଜୀବିକା

କେନ୍ଦୁଝର, ୮।୮(ସ୍ୱ.ପ୍ର.)- କେନ୍ଦୁଝରରେ ଲଗାଣ ବର୍ଷାରେ ରାସ୍ତାଘାଟ, ହାଟବଜାର ଆଦିରେ ବିଭିନ୍ନ ରକମର ଛତୁ ଓ ଚୁନା ମାଛ ଅନେକ ସ୍ଥାନରେ ମିଳୁଛି। ଏହି ପାହାଡି ଇଲାକାରେ ଏହି ସମୟରେ ବିଭିନ୍ନ ପ୍ରକାରର ଛତୁ ଫୁଟିଥାଏ। କେତେକ ଜଙ୍ଗଲରୁ ଛତୁକୁ ସଂଗ୍ରହ କରି ନିଜେ ଖାଇବା ସହ ବଜାରରେ ବିକି ପରିବାର ଚଳାଇଥାନ୍ତି। ସେହିପରି ବର୍ଷା ଲାଗି ନଦୀନାଳରେ ଛୋଟବଡ ମାଛ ଉଠିଥାନ୍ତି। ଏହି ମାଛକୁ ଧରି ମଧ ଅନେକ ଲୋକେ ଗୁଜୁରାଣ କରିଥାନ୍ତି। ଏମିତି ଏହି ଆଦିବାସୀ ଲୋକଙ୍କ ତେଲ ଲୁଣ ସଂସାର ଚଳେ। ଏହି ମାଛ ଖାଇବାକୁ ବେଶ ସୁଆଦିଆ ଏବଂ ସତେଜ ହୋଇଥାଏ। ସେଥିଲାଗି ଏନଏଚ ୨୦ର ବଡପଶି କଡରେ ଜଙ୍ଗଲରୁ ସଂଗ୍ରହ କରିଥିବା ଛତୁ ଧରି ଲୋକ ମାନେ ବସି ବିକ୍ରି କରୁଥିବା ବେଳେ ଯାତାୟାତ କରୁଥିବା ଲୋକ ମାନେ ଓହ୍ଲାଇ କିଣି ନେଇଥାନ୍ତି। ସେହିପରି ଗୋପାଳପୁର ନିକଟରେ କାଣିଝରୀ ନଦୀ ଓ ଡ୍ୟାମ ନିକଟରୁ ଚୁନା ମାଛ ଧରି ରାସ୍ତା କଡ଼ରେ ଗ୍ରାହକଙ୍କୁ ଅପେକ୍ଷା କରିଥାନ୍ତି।


ବର୍ଷାରେ ରାସ୍ତା କଡରେ ବସି ଛତୁ ଓ ଚୁନା ମାଛ ବିକ୍ରି କରୁଛନ୍ତି।

## ସୋର ଷ୍ଟେଶନରେ ଅଧିକ ଟ୍ରେନ୍ ରହଣି ଦାବି

ସୋର, ୮।୮(ଡି.ଏନ.ଏ.) ଭାଜପାର ବରିଷ୍ଠ ନେତା ରାକେଶ କୁମାର ମଲ୍ଲିକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଗତ ମାସ ୨୫ ତାରିଖରେ ଦିଲ୍ଲୀରେ କେନ୍ଦ୍ର ପେଟ୍ରୋଲିୟମ୍ ଓ ଇସ୍ପାତ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଭେଟି ସୋର ଷ୍ଟେଶନରେ ଅଧିକ ଦ୍ରୁତଗାମୀ ଟ୍ରେନ୍ ରହଣି ପାଇଁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ମନ୍ତ୍ରୀ ଏହି ଦାବିପତ୍ର ଗ୍ରହଣ କରି ଆଲୋଚନା ପରେ ରେଳମନ୍ତ୍ରୀ ପୀୟୁଷ ଗୋଏଲଙ୍କୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଚିଠି ଲେଖିଥିବା ନେଇ ଲିଖିତ ଭାବେ ଜଣାଇଛନ୍ତି। ସୋରରେ ଟ୍ରେନ୍ ନଂ. ୧୨୮୧୫/ ୧୨୮୧୬ ନନ୍ଦନକାନନ ଏକ୍ସପ୍ରେସ୍, ୨୨୮୯୦ ପୁରୀ ଦୀଘା ଓ ୨୨୮୨୫ ସାଲିମାର ଏକ୍ସପ୍ରେସ୍ ସହ ବାହାନଗା ଷ୍ଟେଶନରେ ଭୁବନେଶ୍ୱର - ବାରିପଦା ସୁପରଫାଷ୍ଟ ଏକ୍ସପ୍ରେସ୍ ରହଣି ଦାବି କରାଯାଇଥିଲା।

# ଜାତୀୟ କୃମିନାଶ ଦିବସ ପାଳିତ

ପାଟଣା,୮।୮(ସ୍ୱ.ପ୍ର.)- କେନ୍ଦୁଝର ଜିଲା ପାଟଣା ବ୍ଲକ ମୁଖ୍ୟାଳୟ ସ୍ଥିତ ପାଟଣା ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟରେ ଗୁରୁବାର ଜାତୀୟ କୃମି ନାଶକ ଦିବସ ପାଳିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ପାଟଣା ବ୍ଲକରେ ଅଧ୍ୟକ୍ଷା ଲକ୍ଷ୍ମୀ ପ୍ରିୟା ବେହେରା, ପାଟଣା ଗୋଷ୍ଠୀ ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଅମାତ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ନରୋତ୍ତମ ସାହୁ, ଡ . ଶୁଭେନ୍ଦୁ ସାଗର କୁମାର ନାୟକ , ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ସରୋଜିନୀ ସେଠୀ , ବ୍ଲକ କାର୍ଯ୍ୟକ୍ରମ ପରିଚାଳକ ଦୀପକ କୁମାର ନାଏକ, ସିଆରସିସି ପ୍ରମୋଦ କୁମାର ମହାନ୍ତ, ଶିକ୍ଷକ କ୍ଷେତ୍ର ମୋହନ ନାଏକ, କମଳାକାନ୍ତ ପତି ଓ ପାର୍ଥସାରଥୀ ବେଜ ପ୍ରମୁଖ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପାଟଣା ବ୍ଲକ ରେ ମୋଟ ୨୮ହଜାର ୪୨୩ ଛାତ୍ରୀଛାତ୍ରଙ୍କୁ ଏହି କୃମିନାଶକ ଔଷଧ ସେବନ କରାଇବାର ଧାର୍ଯ୍ୟ ରହିଛି। ଏଥିରେ ୧ରୁ ୧୯ ବର୍ଷ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କୁ କୃମୀ ନାଶକ ଔଷଧ ଦେବା ବ୍ୟବସ୍ଥା କରାଯାଇଛି । ପ୍ରଥମ ଦିନ ବାଦ ପଡିଥିବା ଛାତ୍ରୀଛାତ୍ର ଙ୍କୁ ଅଗଷ୍ଟ ୧୬ ତାରିଖରେ ଦିତୀୟ ପର୍ଯ୍ୟାୟରେ ଏହି ଔଷଧ ପ୍ରଦାନ କରାଯିବ।

# ଥାନାରେ ଶାନ୍ତି କମିଟି ବୈଠକ

ଖଇରା, ୮।୮(ଡି.ଏନ.ଏ.) ବାଲେଶ୍ୱର ଜିଲା ଅଧୀନ ଖଇରା ଥାନା ପରିସରରେ ମୁସଲିମ ସମ୍ପ୍ରଦାୟର ନେତୃବୃନ୍ଦ ଓ ଲୋକପ୍ରତିନିଧିଙ୍କୁ ନେଇ ଏକ ଶାନ୍ତି କମିଟି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଖଇରା ଥାନା ଆଇଆଇସି ଲୋପାମୁଦ୍ରା ନାୟକ ଏଥିରେ ପୌରୋହିତ୍ୟ କରିଥିଲେ। ସୋମବାର ପାଳିତ ହେବାକୁ ଥିବା ଇଦ୍-ଉଲ-ଜୁହା କିଭଳି ଶାନ୍ତିପୂର୍ଣ୍ଣ ଓ ସୌହାର୍ଦ୍ଦ୍ୟ ବାତାବରଣ ମଧ୍ୟରେ ଅନୁଷ୍ଠିତ ହେବ ସେଥିପାଇଁ ଥାନା ଅଧିକାରିଣୀ ସମସ୍ତ ବସ୍ତି ମୁଖିଆମାନଙ୍କର ସହଯୋଗ ଲୋଡିଥିଲେ। ମାନସିକ ପୂରଣ ପାଇଁ ଯଦି କେଉଁଠି କେମିତି ପଶୁବଳି ଦିଆଯାଉଥାଏ ତେବେ ଅନ୍ୟର ଭାବନାକୁ କ୍ଷତି ନ ପହଞ୍ଚାଇ ଯେଭଳି ଭାବେ କରିହେବ ସେଥିପ୍ରତି ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ମୁସ୍ତଫାବାଦର ରମଜାନ ଖାଁ, କ୍ଷିରିପଦାର ନୁରଦ୍ଦିନ ସାହା, ତେନ୍ତୁଳିଆପଡାର ସାବିର ଖାଁ, ଡଗରପଡାର ସିରାଜୌଦ୍ଦିନ ଖାଁ, କ୍ଷିରପଦା-୨ର ଶେଖ ସଲିମ ପ୍ରମୁଖ ନିଜ ବକ୍ତବ୍ୟରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ଭାବେ ପର୍ବ ପାଳନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ମାଖନପୁର ସରପଞ୍ଚ ସୁଦର୍ଶନ ସିଂ, ଡଗରପଡାରୁ ଆସିଥିବା ରତ୍ନାକର ଦଳେଇ ପ୍ରମୁଖ ହିନ୍ଦୁ ମୁସଲିମ ମଧ୍ୟରେ ଭାଇଚାରା ଯେଭଳି ପର୍ବ ପାଳନ ହୋଇପାରିବ ସେଥିପାଇଁ ପ୍ରତିଶ୍ରୁତି ଦେଇଥିଲେ। ପୋଲିସ ଏସ୍‌ଆଇ ସୁଜାତା ମଲ୍ଲିକ ଓ ଏଏସ୍‌ଆଇ ପ୍ରଦୀପ ମହାନ୍ତି ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।


ଖଇରା ଥାନା ଅଧିକାରୀଙ୍କ ସହ ବୈଠକରେ ବସ୍ତି ସର୍ଦ୍ଦାର।


ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.
ODISHA POWER TRANSMISSION CORPORATION LIMITED
(A Government of Odisha Undertaking)
OFFICE OF THE DEPUTY GENERAL MANAGER (ELECTRICAL), EHT (CONSTRUCTION) DIVISION, BALASORE, At: 220/132/33 KV Grid Substation, Januganj, Balasore-756019, Ph. No. 06782-244099 (Off.), Email: ehtc.div.bls@optcl.co.in, CIN: U40102OR2004SGC007553

**TENDER CALL NOTICE NO. 10/2019-20**

Sealed tenders are invited from the registered Travel Agencies / Vehicle Owners having valid PAN Card, GST Registration Certificate for engagement of One No. Diesel run commercially registered hired vehicle (9 seated Non-A/C Bolero) on monthly basis with daily hiring rate for EHT (Construction) Sub-Division, Balasore. Cost of tender paper (Non-refundable): Rs. 2,000/- + 12% GST= Rs. 2,240/- and EMD: Rs. 5,000/-. Sale of tender documents is from dated 09.08.2019 to dated 26.08.2019 (during office hours). Last date of submission of tender is date 27.08.2019 upto 1.00 PM. Date of opening of tender is date 27.08.2019 at 3.00 PM. For details visit our website www.optcl.co.in.
Corrigendum if any will be published in the website only.
*Sd/- Deputy General Manager (Elect.), EHT (Constn.) Division, Balasore*



ପୂର୍ବ ତଟ ରେଳପଥ
**ଅଲ୍ ଇଣ୍ଡିଆ ପେନ୍‌ସନ୍ ଅଦାଲତ-2019**

ପୂର୍ବ ତଟ ରେଳପଥ ଏକକାଳୀନ ଭାବେ ଖୋର୍ଦ୍ଧାରୋଡ୍, ୱାଲ୍ଟିୟର, ସମ୍ବଲପୁର, ମଞ୍ଚେଶ୍ୱର କାରଖାନା, ନିର୍ମାଣ ସଂଗଠନ ଏବଂ ଭୁବନେଶ୍ୱର ସ୍ଥିତ ପୂର୍ବ ତଟ ରେଳପଥର ଜୋନାଲ ମୁଖ୍ୟାଳୟ ଠାରେ ଏକ ପେନ୍‌ସନ୍ ଅଦାଲତ-2019 ପରିଚାଳନା କରିବ।
ଅବସରପ୍ରାପ୍ତ ରେଳ କର୍ମଚାରୀ/ପ୍ରତିପାଳ୍ୟ, ଅବସରପ୍ରାପ୍ତ/ମୃତ୍ୟୁବରଣ କରିଥିବା ରେଳ କର୍ମଚାରୀଙ୍କ ଉପରେ ନିର୍ଭରଶୀଳ ବ୍ୟକ୍ତିବିଶେଷ, ଯେଉଁମାନଙ୍କର ପେନ୍‌ସନ୍/ସେଟଲମେଣ୍ଟ ପାଉଣା (settlement dues)/ଚିକିତ୍ସା ଭତ୍ତା ଇତ୍ୟାଦି ସମ୍ପର୍କିତ ଅଭିଯୋଗମାନ ରହିଛି, ସେମାନେ ନିମ୍ନଲିଖିତ ନିର୍ଦ୍ଧାରିତ ପ୍ରୋଫର୍ମା ଅନୁଯାୟୀ ବିସ୍ତୃତ ବିବରଣୀ ସହିତ ସଂପୃକ୍ତ ରେଳ ପ୍ରାଧିକାରୀମାନଙ୍କୁ ସମ୍ବୋଧନ କରି ଅଭିଯୋଗ ସମ୍ବଳିତ ଲଫାପାର ଶୀର୍ଷରେ ବିଧିବଦ୍ଧ ରୂପେ **"ଅଲ୍ ଇଣ୍ଡିଆ ପେନ୍‌ସନ୍ ଅଦାଲତ -2019"** ଉଲ୍ଲେଖ କରି **16 ଅଗଷ୍ଟ 2019** ସୁଦ୍ଧା କିମ୍ବା ତା' ପୂର୍ବରୁ ଆବେଦନ କରିବା ଉଚିତ୍।

| କ୍ରମ ସଂ. | ମଣ୍ଡଳ / କାର୍ଯ୍ୟାଳୟ | କାହା ନିକଟରେ ଆବେଦନ କରାଯିବ |
|---|---|---|
| 1. | ଖୋର୍ଦ୍ଧା ରୋଡ୍ | ବରିଷ୍ଠ ମଣ୍ଡଳ କାର୍ମିକ ଅଧିକାରୀ, ପୂର୍ବ ତଟ ରେଳପଥ, ସା/ପୋଷ୍ଟ : ଜଟଣୀ, ଜିଲ୍ଲା : ଖୋର୍ଦ୍ଧା, ଓଡ଼ିଶା-752050 ଇମେଲ୍ ଠିକଣା : srdpo@kur.railnet.gov.in, dpoofficekur@gmail.com, ଫ୍ୟାକ୍ସ ନଂ : 0674-2491198 |
| 2. | ୱାଲ୍ଟିୟର | ବରିଷ୍ଠ ମଣ୍ଡଳ କାର୍ମିକ ଅଧିକାରୀ, ପୂର୍ବ ତଟ ରେଳପଥ, ଦୋଣ୍ଡାପାରଥୀ, ବିଶାଖାପାଟଣା, ଅନ୍ଧ୍ରପ୍ରଦେଶ-530016 ଇମେଲ୍ ଠିକଣା : srdpowat@rediffmail.com, ଫ୍ୟାକ୍ସ ନଂ : 0891-2549992 |
| 3. | ସମ୍ବଲପୁର | ବରିଷ୍ଠ ମଣ୍ଡଳ କାର୍ମିକ ଅଧିକାରୀ, ପୂର୍ବ ତଟ ରେଳପଥ, ପୋଷ୍ଟ : ମୋଦିପଡ଼ା, ସମ୍ବଲପୁର, ଓଡ଼ିଶା-768002 ଇମେଲ୍ ଠିକଣା : dpo_sbp@sbp.railnet.gov.in, dposbp06@gmail.com, ଫ୍ୟାକ୍ସ ନଂ : 0663-2402501 |
| 4. | ରେଳ ଡ଼ବା ମରାମତି କାରଖାନା/ମଞ୍ଚେଶ୍ୱର | କାରଖାନା କାର୍ମିକ ଅଧିକାରୀ, ପୂର୍ବ ତଟ ରେଳପଥ, ରେଳ ଡ଼ବା ମରାମତି କାରଖାନା, ମଞ୍ଚେଶ୍ୱର, ଭୁବନେଶ୍ୱର-751017 ଇମେଲ୍ ଠିକଣା : cwmmcsw@gmail.com, wpomcs@gmail.com, ଫ୍ୟାକ୍ସ ନଂ : 0674-2748702 |
| 5. | ନିର୍ମାଣ ସଂଗଠନ | ଉପ ମୁଖ୍ୟ କାର୍ମିକ ଅଧିକାରୀ (ନିର୍ମାଣ), ପୂର୍ବ ତଟ ରେଳପଥ, ତୃତୀୟ ମହଲା, ଉତ୍ତର ବ୍ଲକ୍, ରେଳ ସଦନ, ଭୁବନେଶ୍ୱର-751017 ଇମେଲ୍ ଠିକଣା : dcpoconbbs@gmail.com, ଫ୍ୟାକ୍ସ ନଂ : 0674-2300437 |
| 6. | ମୁଖ୍ୟାଳୟ / ଭୁବନେଶ୍ୱର | ଉପ ମୁଖ୍ୟ କାର୍ମିକ ଅଧିକାରୀ (IR&W), ପୂର୍ବ ତଟ ରେଳପଥ, ଦ୍ୱିତୀୟ ମହଲା, ଦକ୍ଷିଣ ବ୍ଲକ୍, ରେଳ ସଦନ, ଭୁବନେଶ୍ୱର-751017 ଇମେଲ୍ ଠିକଣା : dycpoirecor@gmail.com, ଫ୍ୟାକ୍ସ ନଂ : 0674-2300031 |

ସେହିମାନଙ୍କୁ ଅନୁରୋଧ କରାଯାଉଅଛି, ଯେଉଁମାନଙ୍କର କୌଣସି ବହୁ ଦିନ ଧରି ପଡ଼ି ରହିଥିବା ପେନ୍‌ସନ୍/ସେଟଲମେଣ୍ଟ ପାଉଣା (settlement dues)/ ଚିକିତ୍ସା ଭତ୍ତା ଇତ୍ୟାଦି ସମ୍ପର୍କିତ କୌଣସି ଦେୟ ବାକି ଅଛି, ସେ କ୍ଷେତ୍ରରେ ସେମାନେ ସେହି ସଂପୃକ୍ତ କାର୍ମିକ ଅଧିକାରୀମାନଙ୍କ ନିକଟକୁ ସେମାନଙ୍କ ଅଭିଯୋଗଗୁଡ଼ିକୁ ପଠାନ୍ତୁ, ଯାହାଙ୍କ ଅଧିନରେ ସେମାନେ ଅନ୍ତିମ ପର୍ଯ୍ୟାୟରେ କାର୍ଯ୍ୟ ସମ୍ପାଦନ କରିଥିଲେ।

**ଅଲ୍ ଇଣ୍ଡିଆ ପେନ୍‌ସନ୍ ଅଦାଲତ - ୨୦୧୯ ନିମନ୍ତେ ଆବେଦନ ପ୍ରୋଫର୍ମା**
1. ଅବସରପ୍ରାପ୍ତ/ମୃତ୍ୟୁବରଣ କରିଥିବା ରେଳ କର୍ମଚାରୀଙ୍କ ନାମ :
2. ପିତା / ସ୍ୱାମୀଙ୍କ ନାମ :
3. ଅନ୍ତିମ ପର୍ଯ୍ୟାୟରେ କାର୍ଯ୍ୟ କରିଥିବା ଷ୍ଟେସନ ଏବଂ କାର୍ଯ୍ୟାଳୟ :
4. ଅନ୍ତିମ ପର୍ଯ୍ୟାୟରେ ଅବସ୍ଥାପିତ ପଦବୀର ନାମ ଏବଂ ଗ୍ରେଡ୍ ପେ :
5. ଅବସର / ମୃତ୍ୟୁ / ସ୍ୱଚ୍ଛିକ ସେବାନିବୃତ୍ତି/ ପ୍ରାୟୋଗିକ ତ୍ୟାଗପତ୍ର ତାରିଖ :
6. ପି.ପି.ଓ. (P.P.O.) ସଂଖ୍ୟା କିମ୍ବା ପେନ୍‌ସନ୍ ମଞ୍ଜୁରୀ ନ ହେବା ସ୍ଥଳେ ପି.ଏଫ୍. (P.F.) ଆକାଉଣ୍ଟ ନମ୍ବର, ଷ୍ଟାଫ/ଟିକେଟ ନମ୍ବର :
7. ଅଭିଯୋଗ (ସଂପୂର୍ଣ୍ଣ ବିବରଣୀ ପ୍ରଦାନ କରାଯିବା ଆବଶ୍ୟକ)। ଯଦି ଏ ସମ୍ବନ୍ଧରେ ରେଳବାଇ ତରଫରୁ କୌଣସି ପୂର୍ବ ପ୍ରସଙ୍ଗ ଥାଏ, ତେବେ ତାହା ଉଲ୍ଲେଖ କରନ୍ତୁ :
8. ଆବେଦନକାରୀଙ୍କ ନାମ, ଠିକଣା ଏବଂ ଟେଲିଫୋନ୍ ନମ୍ବର :
9. ଆବେଦନକାରୀଙ୍କ ସ୍ୱାକ୍ଷର :

ଦ୍ରଷ୍ଟବ୍ୟ : ଅନୁକମ୍ପାମୂଳକ ନିଯୁକ୍ତି, ରେଳୱେ କ୍ୱାର୍ଟର ଧାରଣ, ଦଣ୍ଡନୀୟ / କ୍ଷତିପୂର୍ତ୍ତି ଭଡ଼ା ଆଦାୟ, ଓଟି (OT), ଟିଏ (TA) ଇତ୍ୟାଦି ଭଳି ମାମଲାଗୁଡ଼ିକ ପେନ୍‌ସନ୍ ଅଦାଲତ ପରିସରଭୁକ୍ତ ହେବ ନାହିଁ।
PR-284/K/19-20 ପ୍ରମୁଖ ମୁଖ୍ୟ କାର୍ମିକ ଅଧିକାରୀ, ଭୁବନେଶ୍ୱର



THE ODISHA MINING CORPORATION LIMITED
OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES

**WALK-IN-INTERVIEW** CAD-282

The Odisha Mining Corporation Ltd., a Gold Category State PSU having annual turnover of Rs.4052 Crore during FY 2018-19 intends to fill up the following posts through direct recruitment by the **Walk-in-Interview** mode/process.

| Sl. No | Name of the post | No. of vacant posts | Scale of Pay | Qualification | Age as on 31.07.2019 |
|---|---|---|---|---|---|
| 1 | Foreman (Min.) | 25 | Pay Level- 9 (Rs.35400-112400/-) | Diploma in Mining with Foreman Competency Certificate issued by DGMS. | Not below 18 years and above 32 years. |
| 2 | Mining Mate-III | 42 | Pay Level- 5 (Rs.21700-69100/-) (one extra increment at the time of entry) | HSC with Mining Mate Certificate of Competency issued by DGMS as per MMR, 1961 | Not below 18 years and above 32 years |
| 3 | Surveyor | 11 | Pay Level- 9 (Rs.35400-112400/-) | Diploma in Mines Survey from a AICTE recognized Institute with Survey Certificate of Competency in Mining Survey from DGMS. | Not below 18 years and above 32 years |

DATE & PLACE OF WALK-IN-INTERVIEW

| POST | DATE & TIME | VENUE OF INTERVIEW |
|---|---|---|
| Foreman(Min.) | 20.08.2019 at 8:00 AM<br>21.08.2019 at 8:00 AM | OMC Colony of Regional Office, OMC Ltd. At/Po-Barbil, Dist- Keonjhar |
| Surveyor | 21.08.2019 at 8:00 AM | |
| Mining Mate- III | 22.08.2019 at 8:00 AM | |

- Interested candidates fulfilling the eligibility criteria for respective posts may attend the walk-in-interview as per the above schedule.
- For details please visit OMC website: www.omcltd.in.

30005/11/0039/1920 GENERAL MANAGER (P&A)

## ସଂକ୍ଷେପରେ

### ସାପ କାମୁଡ଼ାରେ ନାବାଳିକା ମୃତ

ଯୋଡ଼ା,୮।୮(ଡି.ଏନ.ଏ.)-କେନ୍ଦୁଝର ଜିଲା ବାମେବାରୀ ଥାନା ଅନ୍ତର୍ଗତ ଜମୁନାପଶି ଗ୍ରାମରେ ବୁଧବାର ବିଳମ୍ବିତ ରାତିରେ ଜଣେ ନାବାଳିକାଙ୍କୁ ଏକ ବିଷଧର ସାପ କାମୁଡି ଦେବାରୁ ତାଙ୍କର ମୃତ୍ୟୁ ଘଟିଛି। ସୂଚନାଯୋଗ୍ୟ ଯେ, ଉକ୍ତ ଗ୍ରାମର ନାବାଳିକା ମକର ମୁଣ୍ଡା(୧୫) ଘରେ ଶୋଇଥିବା ବେଳେ ତାଙ୍କୁ ଏକ ସାପ କାମୁଡି ଦେଇଥିଲା। ପରିବାର ଲୋକେ ଉଦ୍ଧାର କରି ଚିକିତ୍ସା ପାଇଁ କେନ୍ଦୁଝର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ ହେଁ ଗୁରୁବାର ରାତି ୮ଟାରେ ତାଙ୍କର ମୃତ୍ୟୁ ଘଟିଥିବା ବାମେବାରୀ ଥାନା ପକ୍ଷରୁ ସୂଚନା ମିଳିଛି।

### ବୃଦ୍ଧାଙ୍କୁ ମିଳୁନି ଭତ୍ତା

ହାଟଡିହୀ, ୮।୮(ଡି.ଏନ୍.ଏ.)-କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ସୋସୋ ପଞ୍ଚାୟତ କାନପୁର ଗ୍ରାମର ବିଧବା ବୃଦ୍ଧା ଅନାଦି ଚରଣ ବେହେରାଙ୍କ ପତ୍ନୀ ମାଳତୀ(୮୦)ଙ୍କୁ ଅଦ୍ୟାବଧି ଭତ୍ତା ମିଳିପାରିନି। ଏହି ବୃଦ୍ଧା ଜଣଙ୍କ ଦୀର୍ଘ ଦିନ ହେବ ପଞ୍ଚାୟତ ଠାରୁ ଆରମ୍ଭ କରି ବ୍ଲକ ପର୍ଯ୍ୟନ୍ତ ଭତ୍ତା ପାଇଁ ଧାଇଁ ନିରାଶ ହୋଇଛନ୍ତି। ସେ ଅତି ଦୟନୀୟ ଭାବେ ଜୀବନ ଯାପନ କରୁଛନ୍ତି। ଠିକ୍ ଭାବେ ଭତ୍ତା ହିତାଧିକାରୀଙ୍କୁ ଚିହ୍ନଟ କରାଯାଉ ନ ଥିବାରୁ ତାଙ୍କୁ ଭତ୍ତା ମିଳୁନି ବୋଲି ସେ କହିଛନ୍ତି। ସେହିପରି ସୋସୋ ଗ୍ରାମର ବିଧବା ବୃଦ୍ଧା ରଙ୍ଗ ଜେନା(୭୦), ରେବତୀ ଦେହୁରୀ(୬୮) ଓ ବୃଦ୍ଧା ଉମାମଣି ବେହେରା(୬୬)ଙ୍କୁ ଭତ୍ତା ମିଳିପାରିନି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ବିଧବା ବୃଦ୍ଧାଙ୍କୁ ଭତ୍ତା ପ୍ରଦାନ ଦିଗରେ ପଦକ୍ଷେପ ନେବା ପାଇଁ ଦାବି ହେଉଛି।

### ୭ ମାସ ହେବ ମିଳିନାହିଁ ବିଏସଏନଏଲ କର୍ମଚାରୀଙ୍କୁ ଦରମା

ଯୋଡ଼ା, ୮।୮(ଡି.ଏନ.ଏ.)-ଯୋଡା ବିଏସଏନଏଲ୍ ଟେଲିଫୋନ ଉପଖଣ୍ଡରେ କାର୍ଯ୍ୟରତଥିବା ଠିକା କର୍ମଚାରୀମାନେ ଦୀର୍ଘ ୮ ମାସ ହେବ ଦରମା ପାଇ ନ ଥିବା ଅଭିଯୋଗ କରିଛନ୍ତି। କର୍ମଚାରୀମାନେ ତାଙ୍କ ଅଭିଯୋଗରେ କହିଛନ୍ତି ଯେ, ଏକ ଠିକା ସଂସ୍ଥାରେ ସେମାନେ କାର୍ଯ୍ୟ କରନ୍ତି କିନ୍ତୁ ଠିକା ସଂସ୍ଥା ପକ୍ଷରୁ ଗତ ଜାନୁୟାରୀ ମାସରୁ ଜୁଲାଇ ମାସ ପର୍ଯ୍ୟନ୍ତ ଦରମା ଦିଆଯାଇନାହିଁ । ଠିକାଦାରଙ୍କୁ ଏ ସମ୍ପର୍କରେ ଜଣାଇଲେ ଟେଲିଫୋନ୍ ସଂସ୍ଥା ବିଏସଏନଏଲ ତାଙ୍କୁ ୭ମାସର ବିଲ୍ ମଞ୍ଜୁର କରିନାହିଁ। ବିଲ୍ ମଞ୍ଜୁର ହେଲେ ଦରମା ଦିଆଯିବ ବୋଲି ଠିକାଦାର କହୁଥିବା ଉକ୍ତ କର୍ମଚାରୀ ମାନେ ପ୍ରକାଶ କରିଛନ୍ତି। ଦୀର୍ଘ ୭ମାସ ହେବ ଦରମା ମିଳି ନ ଥିବାରୁ କର୍ମଚାରୀ ମାନେ ନିଜ ପରିବାରର ଗୁଜରାଣ ମେଣ୍ଟାଇବା କଷ୍ଟସାଧ ହୋଇପଡିଛି। ଠିକା କର୍ମଚାରୀ ମାନଙ୍କୁ ଯଥାଶୀଘ୍ର ଦରମା ପ୍ରଦାନ କରା ନଗଲେ ଆଗାମୀ ଦିନରେ କାର୍ଯ୍ୟବନ୍ଦ ଆନ୍ଦୋଳନ କରି ଧାରଣା ଦେବେ ବୋଲି ସେମାନେ କହିଛନ୍ତି। ଏ ସମ୍ପର୍କରେ ଯୋଡା ଏସଡିଓ ବିଶ୍ୱରଞ୍ଜନ ସାହୁ ଙ୍କ ସହିତ ଫୋନ ମାଧ୍ୟମରେ ଯୋଗାଯୋଗ କରାଯାଇଥିଲେ ହେଁ ତାଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

### କେନ୍ଦୁଝର ଯାନ୍ତ୍ରିକ ବିଦ୍ୟାଳୟ, ଫାର୍ମାସୀ କଲେଜରେ ଶୋକସଭା

କେନ୍ଦୁଝର, ୮।୮(ଡି.ଏନ୍.ଏ.)-କେନ୍ଦୁଝର ସଦର ବ୍ଲକ ଡିମ୍ବୋସ୍ଥିତ କେନ୍ଦୁଝର ଯାନ୍ତ୍ରିକ ବିଦ୍ୟାଳୟ ଓ ଫାର୍ମାସୀ କଲେଜରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉଭୟ ଶିକ୍ଷାନୁଷ୍ଠାନର ଅଧକ୍ଷ, ଅଧାପକ, ଅଧାପିକା ଓ ଛାତ୍ରୀଛାତ୍ରମାନେ ଯୋଗଦାନ କରିଥିଲେ। ହୃଦରୋଗ କାରଣରୁ ପୂର୍ବତନ ବୈଦେଶିକ ମନ୍ତ୍ରୀ ସୁଷମା ସ୍ୱରାଜଙ୍କ ଦେହାନ୍ତ ଆମ ସମସ୍ତଙ୍କ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ଅଧକ୍ଷ ଇଂ ମୃତ୍ୟୁଞ୍ଜୟ ନାୟକ ପ୍ରକାଶ କରିଥିଲେ। ସ୍ୱର୍ଗତ ବୈଦେଶିକ ମନ୍ତ୍ରୀ ସୁଷମା ସ୍ୱରାଜଙ୍କ ଆତ୍ମାର ସଦ୍‌ଗତି ପାଇଁ ଦୁଇମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା।

### ଜାତୀୟ ରାଜପଥରେ ଖାଲ ମରାମତି

କେନ୍ଦୁଝର, ୮।୮ (ସ୍ୱ.ପ୍ର.)-କେନ୍ଦୁଝର ସହର ଦେଇ ଯାଇଥିବା ଜାତୀୟ ରାଜପଥ ୪୯ ରେ ମସଜିଦ ନିକଟରେ ଥିବା ଖାଲକୁ ଗୁରୁବାର ପୋତାଯାଇଛି । ତେବେ ବର୍ଷା ଦିନ ଥିବାରୁ ଖାଲଟିକୁ କାମଚଳା ପୋତାଯାଇ ଯାତାୟାତ ଉପଯୋଗୀ କରାଯାଇଛି । ଏନେଇ ଧରିତ୍ରୀରେ ଫଟୋ ସହିତ ଖବର ଗୁରୁବାର ପ୍ରକାଶ ପାଇବା

**ଧରିତ୍ରୀ ପ୍ରଭାବ**

ପରେ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା । ସ୍ଥାନୀୟ ଲୋକେ ଏହି ଖାଲରୁ ଗାଡି ଚାଳକଙ୍କ ସୁରକ୍ଷା ପାଇଁ ବଡ ବଡ ପଥର ରଖି ଦେଇଥିଲେ। ଏହି ଖାଲରେ ପଡି ବହୁ ଗାଡିଚାଳକ ଦୁର୍ଘଟଣା ଗ୍ରସ୍ତ ହେବା ସହ ଟ୍ରାଫିକ ସମସ୍ୟା ସୃଷ୍ଟି କରୁଥିଲା। ତେବେ ବର୍ଷା ପରେ ଏହାର ସ୍ଥାୟୀ ଭାବରେ ମରାମତି କରିବାକୁ ଧରଣୀ ଚେତନା ମଞ୍ଚ ପକ୍ଷରୁ ମନସୁର ଆଲାମ ଦାବି କରିଛନ୍ତି।

# ପୋଲ ଉପରେ ୩ଫୁଟ ବର୍ଷା ପାଣି

ତେଲକୋଇ, ୮।୮(ଡି.ଏନ.ଏ.)



ନାଳରେ ପାଣି ଯୋଗୁଁ ଦମକଳ ବାହିନୀ ପିଲାଙ୍କୁ ଦଉଡି ସାହାଯ୍ୟରେ ପାର କରୁଛନ୍ତି ।

- ବର୍ଷା ଦିନରେ ସ୍ଥିତି ବେହାଲ
- ବିଦ୍ୟାଳୟକୁ ଯିବା ଆସିବା ବାଧାପ୍ରାପ୍ତ
- ଛାତ୍ରାବାସ ଥିଲେ ମଧ କାମରେ ଆସୁନି
- ରଶି ଟାଣି ଛାତ୍ରୀଛାତ୍ରଙ୍କୁ ଉଦ୍ଧାର କରାଗଲା

ତେଲକୋଇ ବ୍ଲକ ଅଧୀନରେ ଥିବା ଓରିଆ ପଞ୍ଚାୟତ ପିଟାନାଳିରେ ରହିଛି ଆଦର୍ଶ ବିଦ୍ୟାଳୟ। ଲଗାଣ ବର୍ଷା ହେଲେ ଘାଟିରୁ ପାଣି ଯାକ ଏହି ନାଳ ମଧ୍ୟକୁ ଆସିଥାଏ। ଏହା ଉପରେ ପାଣି ଚାଲେ। ଲୋକଙ୍କ ସହ ଛାତ୍ରୀଛାତ୍ର ଯାତାୟାତରେ ବହୁ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି। ପ୍ରଶାସନ ଜାଣିଥିଲେ ମଧ ଏପର୍ଯ୍ୟନ୍ତ ଏହାର କୌଣସି ସ୍ଥାୟୀ ସମାଧାନ କରାଯାଇ ନାହିଁ। ସରକାର ପିଲାମାନଙ୍କ ଭବିଷ୍ୟତ ଲାଗି ବିଭିନ୍ନ ପ୍ରକାର ଯୋଜନା କରୁଥିଲେ ମଧ ଏହି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ସବୁ ଯୋଜନା ଫେଲ ମାରିଛି। ଛାତ୍ରାବାସ ଥିଲେ ମଧ ବିଭିନ୍ନ ସମସ୍ୟା ଲାଗି ଏପର୍ଯ୍ୟନ୍ତ କାମରେ ଆସୁନାହିଁ। ପିଲାମାନେ ବିପଦର ସହିତ ଏହି ନାଳକୁ ପାରି ହୋଇ ସ୍କୁଲକୁ ଯାଇଥାନ୍ତି। ଏଥିରେ ତାଙ୍କର ଜୀବନ ପ୍ରତି ମଧ ବିପଦ ରହିଛି।

ବୁଧବାର ରାତିରୁ ଲଗାଣ ବର୍ଷ ଯୋଗୁ ପିଟାନାଳି ନାଳ ଉପରେ ପାଣି ଯୋଗୁଁ ଛାତ୍ରୀଛାତ୍ର ବିଦ୍ୟାଳୟରୁ ଆସିବା ଓ ବିଦ୍ୟାଳୟକୁ ଯିବା ବାଧାପ୍ରାପ୍ତ ହୋଇଛି । ବୁଧବାର ଅପରାହ୍ନ ୪ଟାରେ ଉକ୍ତ ନାଳ ଉପରେ ୩ଫୁଟ ପାଣି ଚାଲିବା ଯୋଗୁଁ ଛାତ୍ରଛାତ୍ରୀ ସ୍କୁଲରୁ ଫେରିବା କଷ୍ଟକର ହୋଇପଡିଥିଲା । ଖବର ପାଇ ଦମକଳ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ଛାତ୍ରୀଛାତ୍ରଙ୍କୁ ରଶି ସାହାଯ୍ୟରେ ନାଳ ପାର କରିଥିଲେ । ତେବେ ପିଟାନାଳି ଗ୍ରାମରୁ ଶହେ ମିଟର ଦୂରରେ ରହିଛି ଆଦର୍ଶ ବିଦ୍ୟାଳୟ । ମଝିରେ ନାଳ ଉପରେ ଏକ ତଳୁଆ ପୋଲ କରାଯାଇଛି । ବର୍ଷା ହେଲେ ପୋଲ ଉପରେ ୩ଫୁଟ ପାଣି ସହିତ ଏହା ଖରସ୍ରୋତା ଯୋଗୁଁ ଛାତ୍ରଛାତ୍ରୀଙ୍କ ଯାତାୟାତରେ ଗୁରୁତର ବାଧା ଉପୁଜିଛି। ୬ଷ୍ଠ ଶ୍ରେଣୀ ଠାରୁ ୧୦ଶ୍ରେଣୀ ପର୍ଯ୍ୟନ୍ତ ୩୨୦ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରନ୍ତି । ଏଥି ପାଇଁ ଛାତ୍ରମାନଙ୍କ ପଇଁ ଶହେ ୧୦ଶଯ୍ୟା ବିଶଷ୍ଟ ହଷ୍ଟେଲ ଗୃହ ନିର୍ମାଣ ହୋଇଥିଲେ ହେଁ ବିଦ୍ୟୁତ ସଂଯୋଗ ଓ ପାନୀୟଜଳ ଯୋଗାଣ ପାଇଁ ଅଦ୍ୟାବଧି ଛାତ୍ରାବାସ ଖୋଲାଯାଇ ପାରିନାହିଁ। ଏଥିପାଇଁ ଛାତ୍ରୀଛାତ୍ରମାନେ ତେଲକୋଇ ଅଞ୍ଚଳର ବିଭିନ୍ନ ଗ୍ରାମରେ ଘରଭଡା ନେଇ ଦୈନିକ ଭଡା ଗାଡିରେ ସ୍କୁଲକୁ ଆସିଥାନ୍ତି । ଏବେ ପିଟାନାଳି ନାଳ ସ୍କୁଲକୁ ଯିବା ଲାଗି ପ୍ରତିବନ୍ଧକ ହୋଇଛି। ଏସମ୍ପର୍କରେ ଆଦର୍ଶ ବିଦ୍ୟାଳୟର ପ୍ରିନ୍ସିପାଲ ପାର୍ଥସୁନ୍ଦର ମହାକୁଡ଼ଙ୍କୁ ପଚାରିବାରୁ ପିଟାନାଳି ପୋଲ ଉଚ୍ଚ ନ ହେଲେ ଛାତ୍ରୀଛାତ୍ରଙ୍କ ଯାତାୟାତରେ ବାଧା ନିଶ୍ଚିତ ହେବ। ଛାତ୍ରାବାସ କରୁଥିବା ବିଭାଗୀୟ ଅବହେଳା ଯୋଗୁଁ ଛାତ୍ରାବାସ ଖୋଲାଯାଇ ପାରି ନାହିଁ । ଏନେଇ ଜିଲା ପ୍ରଶାସନକୁ ଅବଗତ କରାଯାଇଛି ବୋଲି ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

■ନାତିଙ୍କ ମାଡ଼ରେ ଗୁରୁତର ହୋଇଥିଲେ

# ଚିକିତ୍ସାଧୀନ ଅବସ୍ଥାରେ ଜେଜେ ମୃତ

ଚମ୍ପୁଆ, ୮।୮ (ଡି.ଏନ.ଏ)

କେନ୍ଦୁଝର ଜିଲା ଚମ୍ପୁଆ ଥାନା ଅନ୍ତର୍ଗତ ବ୍ରହ୍ମପୁର କରଞ୍ଜିଆ ଗ୍ରାମରେ ଜୁଲାଇ ୨୦ ତାରିଖରେ ଏକ ଅଭାବନୀୟ ଘଟଣା ଘଟିଥିଲା। ସାମାନ୍ୟ ବଚସାରୁ ନାତି ମାଡରେ ଜେଜେ ମା' ଜେଜେ ଗୁରୁତର ହୋଇ ଚିକିତ୍ସିତ ହେଉଥିଲେ। ଗତ ବୁଧବାର ଚିକିତ୍ସାଧୀନ ଅବସ୍ଥାରେ ଜେଜେଙ୍କର ମୃତ୍ୟୁ ହୋଇଯାଇଛି। ବ୍ରହ୍ମପୁର ଗ୍ରାମର ବିଜୟ ମୁଣ୍ଡା ନିଜ ଜେଜେ ରାଜ ମୁଣ୍ଡା (୭୫),ଜେଜେ ମା' ଟୁରି ମୁଣ୍ଡା(୭୦)ଙ୍କ ସହିତ କୌଣସି କାରଣରୁ ବଚସା ଆରମ୍ଭ ହୋଇଥିଲା। ଏଥିରେ ନାତି ଉତକ୍ଷିପ୍ତ ହୋଇ ଏକ ଶାବଳରେ ଜେଜେ ଓ ଜେଜେମା'ଙ୍କ ମୁଣ୍ଡକୁ ବାଡେଇ ଫେରାର ହୋଇଯାଇଥିଲେ। ଗୁରୁତର ଅବସ୍ଥାରେ ଉଭୟଙ୍କୁ ପ୍ରଥମେ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟ ଓ ପରେ ଜିଲା ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା ବୁଧବାର ରାଜଙ୍କ ମୃତ୍ୟୁ ହୋଇଯିବାରୁ ଚମ୍ପୁଆ ପୋଲିସ ଘଟଣାସ୍ଥଳରୁ ମୃତଦେହ ଜବତ କରିବା ସହିତ ଏକ ହତ୍ୟା ମାମଲା ରୁଜୁ କରି ନାତିଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି।

# ଲଗାଣବର୍ଷାରେ ସହରର ବିଭିନ୍ନ ସ୍ଥାନରେ ପଶିଲା ପାଣି

କେନ୍ଦୁଝର, ୮।୮(ଡି.ଏନ୍.ଏ.)

ଲଗାଣ ବର୍ଷାରେ ସମଗ୍ର କେନ୍ଦୁଝର ସହର ଜଳରେ ଉବୁଟୁବୁ ହୋଇଛି। ସହରର ପ୍ରମୁଖ ତଥା ସମ୍ବେଦନଶୀଳ ଅଞ୍ଚଳମାନଙ୍କରେ ଆଣ୍ଠୁଏ ଉଚ୍ଚର ପାଣି ଚାଲୁଥିବାବେଳେ ସାଧାରଣ ଲୋକଙ୍କର ଦୁର୍ଦ୍ଦଶା ବଢିବାରେ ଲାଗିଛି। କେନ୍ଦୁଝର ସହରର ପାର୍କଲାଇନ, ମଣ୍ଡୁଆ, ମାଗୁରଗାଡିଆ, ଗାୟତ୍ରୀ ମନ୍ଦିର ନିକଟ, ସ୍ୱଞ୍ଚ କଲୋନୀ, ବଳଦେବଜୀଉ କଲୋନୀ, ବିବେକାନନ୍ଦ କଲୋନୀ, ବ୍ୟାଙ୍କ କଲୋନୀ ଏବଂ କାଶିପୁରର ବିଭିନ୍ନ ଅଞ୍ଚଳରେ ପାଣି ଜମି ରହିଥିବା ଖବର ମିଳିଛି। କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ରକ୍ତଭଣ୍ଡାର ରାସ୍ତା ସମେତ ଅନ୍ୟ ଅଞ୍ଚଳରେ ମଧ ପାଣି ଜମି ରହିଥିବା ଦେଖାଯାଇଛି। ପାଣି ଜମିବା ଫଳରେ ରୋଗୀ, ଓ ଅନ୍ୟ ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଲଗାଣବର୍ଷା କାରଣରୁ କେନ୍ଦୁଝର ସହରର ବିଭିନ୍ନ ଅଞ୍ଚଳରେ ପାଣି ଜମା ହୋଇ ଏକ ଅଭାବନୀୟ ପରିସ୍ଥିତି ସୃଷ୍ଟି କରିଛି। କେନ୍ଦୁଝର ସହରରେ ପ୍ରାକୃତିକ ଉପାୟରେ ଜଳସ୍ରୋତ ଯାଉଥିବା ସ୍ଥାନମାନଙ୍କରେ ଗୃହ ନିର୍ମାଣ ଓ ପାଚେରୀ ତିଆରି କରିବା ଯୋଗୁଁ ଏପରି ଅବସ୍ଥା ସୃଷ୍ଟି ହେଉଥିବା ସାଧାରଣରେ ଅଭିଯୋଗ ହେଉଛି।

# ଭାଲୁ ଓ ବାର୍‌ହା କାମୁଡାରେ ୩ ଗୁରୁତର

ତେଲକୋଇ/ଆନନ୍ଦପୁର, ୮।୮ (ଡି.ଏନ.ଏ./ସ୍ୱ.ପ୍ର.)

ତେଲକୋଇ ବନାଞ୍ଚଳ ଅଧୀନର ଖୁଣ୍ଟାପଡା ପଞ୍ଚାୟତର ନାଠିଗୋଡା ସାହି ଓ ମନ୍ଦିର ସାହିରେ ଭାଲୁ ଓ ବାରହା ଆକ୍ରମଣରେ ୨ଜଣ ଗୁରୁତର ହୋଇ ତେଲକୋଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ଘଟଣା ଅନୁଯାୟୀ ଗୁରୁବାର ସକାଳୁ ନାଠିଗୋଡା ସାହିର ଅଖିଳ ମୁଖି(୫୦) ଶୌଚ ପାଇଁ ଯାଇଥିବା ବେଳେ ୩ଟି ଭାଲୁ ଆକ୍ରମଣ କରିଥିଲେ। ତେବେ ପାଟି ତୁଣ୍ଡ ହେବାରୁ ଭାଲୁ ଜଙ୍ଗଲକୁ ପଳାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ପରିବାର ଲୋକେ ତେଲକୋଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ଉକ୍ତ ପଞ୍ଚାୟତ ଅଧୀନ ମନ୍ଦିର ସାହିରେ ଜମିକୁ ହଳ କରିବାକୁ ଯାଇଥିବା ଯାମୁଦା ହେସା(୩୦)ଙ୍କୁ ୩ଟି ବାର୍‌ହା ଆକ୍ରମଣ କରିବାରୁ ତାଙ୍କୁ ମଧ ଗୁରୁତର ଅବସ୍ଥାରେ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି । ଉଭୟ ଗୁରୁତର ଥିବା ଯୋଗୁଁ ଚିକିତ୍ସାଧିକାରୀ ଅନୁଗୋଳ ଜିଲା ପାଲଲହଡା ଉପଖଣ୍ଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ତେଲକୋଇ ମୁଖ୍ୟାଳୟରୁ କାଞ୍ଜିପାଣି ଘାଟିରେ ଗଛ ପଡିଯିବା ଯୋଗୁ କେନ୍ଦୁଝର ମୁଖ୍ୟାଳୟକୁ ସଂଯୋଗ ବିଚ୍ଛିନ୍ନ ହୋଇଥିବା ଯୋଗୁ ଗୁରୁତରଙ୍କୁ ପାଲଲହଡା ଚିକିତ୍ସା କେନ୍ଦ୍ରକୁ ପଠାଯାଇଛି। ଗୁରୁତର ରୋଗୀଙ୍କ ଚିକିତ୍ସା ଖର୍ଚ୍ଚ ବନବିଭାଗ ବହନ କରିଥିବା ବେଳେ ସଚେତନତା ପାଇଁ ମାଇକ ଯୋଗେ ଜଙ୍ଗଲ ଅଞ୍ଚଳକୁ ନ ଯିବା ପାଇଁ ସାଧାରଣ ଲୋକ ମାନଙ୍କୁ ନିବେଦନ କରିଛନ୍ତି।

ସେହିପରି ଆନନ୍ଦପୁର ବନ୍ୟପ୍ରାଣୀ ବନଖଣ୍ଡ ଅଧୀନ ହଦଗଡ ହସ୍ତୀ ଅଭୟାରଣ୍ୟ ପାର୍ଶ୍ୱବର୍ତ୍ତୀ ସୁନ୍ଦରାପାଳ ଗ୍ରାମର ରାମ ମାଝୀ(୬୫) ନିକଟସ୍ଥ ଜଙ୍ଗଲକୁ କାଠ ଆଣିବାକୁ ଯାଇଥିବାବେଳେ ଭାଲୁ ଆକ୍ରମଣର ଶିକାର ହୋଇଥିଲେ। ରାମ କାଠ ଆଣି ଫେରୁଥିବାବେଳେ ଏକ ଭାଲୁ ତାଙ୍କ ଉପରକୁ ଅତର୍କିତ ଆକ୍ରମଣ କରିବା ଫଳରେ ତାଙ୍କ ମୁଣ୍ଡ, ଛାତିରେ ଗଭୀର ଆଘାତ ଲାଗିଛି। ରାମ କୌଶଳ କ୍ରମରେ ଭାଲୁ କବଳରୁ ବର୍ତ୍ତି ଯାଇଥିବାବେଳେ ତାଙ୍କୁ ଆହତ ଅବସ୍ଥାରେ ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି।

# ସରକାରୀ ଯାନ୍ତ୍ରିକ କଲେଜରେ ଛାତ୍ର ଅଶାନ୍ତି

କେନ୍ଦୁଝର, ୮।୮(ଡି.ଏନ୍.ଏ./ସ୍ୱ.ପ୍ର.)–

କେନ୍ଦୁଝର ସହର ଉପକଣ୍ଠ ଜାମୁନାଳିଆସ୍ଥିତ ସରକାରୀ ଯାନ୍ତ୍ରିକ ମହାବିଦ୍ୟାଳୟରେ ଛାତ୍ର ଅଶାନ୍ତି ଲାଗି ରହିଥିବା ବେଳେ ଛାତ୍ରୀଛାତ୍ରମାନେ ୧୧ଦଫା ଦାବି ନେଇ ବୁଧବାର ଗେଟରେ ତାଲା ପକାଇ ଆନ୍ଦୋଳନ କରିଥିଲେ। ମିଳିଥିବା ଖବର ଅନୁସାରେ, ଏହି ମହାବିଦ୍ୟାଳୟ ଓ ଏଠାକାର ହଷ୍ଟେଲଗୁଡିକରେ ଅନେକ ସମସ୍ୟା ଲାଗି ରହିଛି। ସମସ୍ୟାର ସମାଧାନ କ୍ଷେତ୍ରରେ ଛାତ୍ରୀଛାତ୍ରମାନେ କଲେଜ ପ୍ରଶାସନ ଓ ଜିଲା ପ୍ରଶାସନଙ୍କୁ ବାରମ୍ବାର ଜଣାଇଲେ ମଧ କୌଣସି ସୁଫଳ ମିଳିନାହିଁ। ଫଳରେ ବୁଧବାର ଛାତ୍ର ଅଶାନ୍ତି ପରିଲକ୍ଷିତ ହୋଇଥିଲା। ବୁଧବାର ମହାବିଦ୍ୟାଳୟରେ ନୂତନ ନାମଲେଖା ପ୍ରକ୍ରିୟା ହେବାକୁ ଥିବାରୁ ଛାତ୍ରୀଛାତ୍ରଙ୍କ ଆନ୍ଦୋଳନ କାରଣରୁ ଏହି ସମସ୍ୟା ସୃଷ୍ଟି ହୋଇଥିଲା। ଖବରପାଇ କେନ୍ଦୁଝର ଟାଉନ ପୋଲିସ ଓ କଲେଜ ପ୍ରଶାସନ ଆନ୍ଦୋଳନସ୍ଥଳରେ ପହଞ୍ଚି ଛାତ୍ରୀଛାତ୍ରଙ୍କୁ ବୁଝାଶୁଝା କରିବା ପରେ ଏହି ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

■ଟ୍ରାନ୍ସଫର୍ମର ଅଚଳ

# ୧୫ ଦିନ ହେଲା ଅନ୍ଧକାରରେ ଗ୍ରାମବାସୀ

ଯୋଡ଼ା, ୮।୮(ଡି.ଏନ.ଏ.)–

କେନ୍ଦୁଝର ଜିଲା ଯୋଡା ବ୍ଲକ ଜଲହରି ଗ୍ରାମପଞ୍ଚାୟତର ଜଲହରିଠାରେ ଟ୍ରାନ୍ସଫର୍ମର ଖରାପ ଯୋଗୁ ୧୫ ଦିନ ଧରି ଅନ୍ଧକାରରେ ରହୁଥିବା ଗାଁ ଲୋକେ ଅଭିଯୋଗ କରିଛନ୍ତି। ଏନେଇ ଗ୍ରାମବାସୀମାନେ ବିଦ୍ୟୁତ ବିଭାଗର କର୍ତ୍ତୃପକ୍ଷଙ୍କୁ ଲିଖିତ ଭାବେ ଜଣାଇଥିବା ପ୍ରକାଶ କରିଛନ୍ତି। ସେମାନେ ତାଙ୍କ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି ଯେ, ଜଲହରି, ପାତ୍ର ସାହି, ମୁଣ୍ଡା ବସ୍ତିରେ ଦୀର୍ଘ ୧୫ ଦିନ ହେଲା ବିଦ୍ୟୁତ୍ ଟ୍ରାନ୍ସଫର୍ମର ଖରାପ ହୋଇଯାଇଛି। ଏଥିଯୋଗୁ ଗାଁ ଲୋକେ ଅନ୍ଧକାରରେ ରହି ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସ୍କୁଲ

**ବିଦ୍ୟୁତ ବିଭାଗ ନୀରବ**

ପିଲାମାନଙ୍କର ପାଠପଢାରେ ବାଧା ସୃଷ୍ଟି ହେଉଛି। ଏହା ସହିତ ଜଙ୍ଗଲ ନିକଟବର୍ତ୍ତୀ ଗ୍ରାମ ହୋଇଥିବାରୁ ବିଭିନ୍ନ ସମୟରେ ହାତୀ ଭୟ ରହୁଛି। ଯାହାର ପରିଣାମ ସ୍ୱରୂପ ସନ୍ଧ୍ୟା ହେଲେ ଲୋକେ ଭୟରେ ଘରୁ ବାହାରୁ ନାହାନ୍ତି। ଏହା ସହିତ ବିଦ୍ୟୁତ ସଂଯୋଗ ନ ଥିବାରୁ ମୋଟର ପମ୍ପ ନ ଚାଲିବାରୁ ଲୋକମାନେ ପାନୀୟ ଜଳ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏନେଇ ଗ୍ରାମବାସୀ ଲିଖିତ ଭାବେ ଯୋଡା ବିଦ୍ୟୁତ ବିଭାଗର ଏସଡିଓଙ୍କୁ ଜଣାଇଥିଲେ ହେଁ , କୌଣସି ନିର୍ଭର ପ୍ରତିଶ୍ରୁତି ନ ପାଇବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିବା ଗ୍ରାମର ନାଏବ ସରପଞ୍ଚ ସଞ୍ଜୟ କୁମାର ପାତ୍ର , ଗୋପାଳ ପାତ୍ର, ବଳରାମ ପାତ୍ର, ନରେଶ ଦାସ, ବାସୁଦେବ ଦାସ, ଭଦ୍ର ମୁଣ୍ଡା, ସୁଶିଲ ମୁଣ୍ଡା ପ୍ରମୁଖ ପ୍ରକାଶ କରିଛନ୍ତି। ସ୍ଥାନୀୟ ଲୋକେ ବିଦ୍ୟୁତ ବିଲ ପୈଠ କରିବାରେ ଅବହେଳା ନ କରୁଥିଲେ ବିଦ୍ୟୁତ ଟ୍ରାନ୍ସଫର୍ମର ଦୀର୍ଘଦିନ ଅଚଳ ହେବା ସତ୍ତ୍ୱେ ମଧ କାହିଁକି ଏହାର ମରାମତି କରାଯାଉନାହିଁ ବୋଲି ସେମାନେ ଅଭିଯୋଗ କରିଛନ୍ତି। ଏନେଇ ଗ୍ରାମବାସୀ ଝୁରୁଡିସ୍ଥିତ ବିଦ୍ୟୁତ କାର୍ଯ୍ୟାଳୟ ମାଧ୍ୟମରେ ଯୋଡ଼ା ଏସଡିଓଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଖୁବ୍‌ଶୀଘ୍ର ଅଚଳ ଟ୍ରାନଫର୍ମର ମରାମତି କରି ଗ୍ରାମରେ ବିଦ୍ୟୁତ ସଂଯୋଗ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଫଟୋରେ ଖବର



କେନ୍ଦୁଝର ବଜାରରେ ଜଣେ ବ୍ୟକ୍ତି ପୋଡା ମକାର ମଜା ନେଉଛନ୍ତି। (ଫଟୋ: ନରେଶ ପଟ୍ଟନାୟକ)

# ଡ୍ରେନ ସଫା ପରେ ଉଠିଲାନି ମାଟି

## କଷ୍ଟ ଭୋଗୁଛନ୍ତି ଧଳାଡିହ ୱାର୍ଡବାସୀ

ଚମ୍ପୁଆ, ୮।୮(ଡି.ଏନ.ଏ.)–

ଚମ୍ପୁଆ ଏନଏସି ଗଠନ ପରେ ସହରକୁ ସବୁଜ ସୁନ୍ଦର ଲକ୍ଷ୍ୟ ନେଇ ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟ ହାତକୁ ନିଆଯାଇଛି। ରାସ୍ତାଘାଟ, ପାନୀୟ ଜଳ,ଡ୍ରେନଜ ବ୍ୟବସ୍ଥା ଓ ଆଲୋକ ବ୍ୟବସ୍ଥାକୁ ପ୍ରାଥମିକତା ଦିଆଯାଉଛି। ଏକ ସ୍ୱାସ୍ଥ୍ୟକର ପରିବେଶ ଏବଂ ମାଲେରିଆ, ଡେଙ୍ଗୁ ଆଦିକୁ ପ୍ରତିହିତ କରିବା ପାଇଁ ୱାର୍ଡ ସଫେଇ ଓ ଡ୍ରେନେଜ ବ୍ୟବସ୍ଥାକୁ ଗୁରୁତ୍ୱ ଦିଆଯାଇ ଡ୍ରେନ ନିର୍ମାଣ ଏବଂ ପୁରୁଣା ଡ୍ରେନ ସଫେଇ କରାଯାଇଥିଲା। ହେଲେ ଧଳାଡିହ ଗ୍ରାମର ମୁଖ୍ୟ ରାସ୍ତାରେ ବର୍ଷାଦିନ ପୂର୍ବରୁ ପୁରୁଣା ଡ୍ରେନ ଉଦ୍ଧାର କରାଯାଇ ପୋତି ହୋଇପଡିଥିବା ମାଟି ଉଠାଇ ରାସ୍ତା ଉପରେ ରଖାଯାଇଥିଲା। ଡ୍ରେନ ଉଦ୍ଧାର କାର୍ଯ୍ୟ ଶେଷହେଲେ ଏକାଥରେ ମାଟି ଉଠାଯିବ କୁହାଯାଇଥିଲେ ମଧ ଆଜି ପର୍ଯ୍ୟନ୍ତ ତାହା ଉଠାଯାଇ ପାରିଲାନାହିଁ। ଏହି ରାସ୍ତାରେ ପ୍ରତ୍ୟେକ ଦିନ ୭ ଓ ୮ନଂ ୱାର୍ଡବାସୀ ଯାତାୟାତ କରୁଥିବା ବେଳେ କୁନି କୁନି ଛାତ୍ରୀଛାତ୍ର ମାନେ କାଦୁଅ ମଧ୍ୟରେ ପଶି ଆଶିବାକୁ ପଡୁଛି। ବର୍ଷାହେଲେ ଯାତାୟାତ ଦୁର୍ବିଶହ ହାଇପଡୁଥିଲେ ମଧ ଏନଏସି ବିଭାଗ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବାରୁ ୱାର୍ଡବାସୀଙ୍କୁ ଦୁଃଖ ଭୋଗିବାକୁ ପଡୁଛି। ପୂର୍ବରୁ ଏନେଇ ବିଭାଗକୁ ବାରମ୍ବାର ଅବଗତ କରାଯାଇଥିଲେ ମଧ ଆଜି ପର୍ଯ୍ୟନ୍ତ ତାହା କାର୍ଯ୍ୟକାରୀ କରାଯାଇ ପାରିଲା ନାହିଁ। ପୁରୁଣା ଡ୍ରେନର ପୁନଃ ଉଦ୍ଧାର ଓ ଆବଶ୍ୟକ ସ୍ଥାନରେ ନୂତନ ଡ୍ରେନ ବ୍ୟବସ୍ଥା କରାଯାଉ ନ ଥିବାରୁ ଏଭଳି ପରିସ୍ଥିତି ଦେଖା ଦେଇଛି। ଅସରାଏ ବର୍ଷାରେ ରାସ୍ତା ଉପରେ କୃତ୍ରିମ ବନ୍ୟା ସୃଷ୍ଟି ହେଉଥିବା ବେଳେ ତୁରନ୍ତ ଏହାର ପ୍ରତିକାର କରାଯିବାକୁ ଦାବି ହେଉଛି।

# ରାସ୍ତାରେ ପୁଣି ପଡୁଛି ପିଲେଟ

ଯୋଡ଼ା, ୮।୮(ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡା ସହର ଦେଇ ଯାଇଥିବା ରାଜ୍ୟ ରାଜପଥ ନଂ ୨ ମୁଖ୍ୟ ରାସ୍ତାରେ ଟ୍ରକ, ଡମ୍ପର ଦ୍ୱାରା ପରିବହନ ହେଉଥିବା ଲୁହାପଥର ଗୋଲି ପିଲେଟ୍ ରାସ୍ତାରେ ପଡୁଥିବାରୁ ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା

- ପ୍ରଶାସନ ନିର୍ଦ୍ଦେଶକୁ ବେଖାତିର
- ପ୍ରତିଦିନ ଟ୍ରକ, ଡମ୍ପରରେ ହେଉଛି ପରିବହନ
- ଅଞ୍ଚଳବାସୀ ହଇରାଣ

ଅଭିଯୋଗ ହୋଇଛି। ପୂର୍ବରୁ ଏପରି ଅଭିଯୋଗ ହୋଇଥିଲା। ଜିଲା ପ୍ରଶାସନ ତରଫରୁ କଡ଼ା ନିୟମ ମଧ ଗ୍ରହଣ କରାଯାଉଥିଲା। କିନ୍ତୁ ଏହି ନିୟମକୁ ଧୀରେ ଧୀରେ ସମସ୍ତେ ଅବମାନନା କରୁଥିବା ଦେଖାଦେଇଛି। ଯୋଡା ସହର ମଧ ଦେଇ




ଯୋଡା ଇଣ୍ଡସଇଣ୍ଡ ବ୍ୟାଙ୍କ ସମ୍ମୁଖରେ ପଡିଥିବା ପିଲେଟ୍।

ଯାଇଥିବା ଏହି ରାଜପଥର ବାଂଶପାଣି ଓଭରବ୍ରିଜ୍, ମଙ୍ଗଳାମନ୍ଦିର ଛକ ଓ ମହାବୀର ଛକ, ଧରଣୀଧର ଛକ,ଷ୍ଟେଟ୍ ବ୍ୟାଙ୍କ ଛକ, ଠାରେ ବିପୁଳ ପରିମାଣରେ ଏହି ଲୁହାପଥର ଗୋଲି(ପିଲେଟ୍) ଟ୍ରକରୁ ଖସି ପଡିଥିବାରୁ ଦୁଇ ଚକିଆ ଯାନ, ସାଇକେଲ୍ ଆରୋହୀ ଏପରିକି ପଥଚାରୀମାନେ ମଧ ଯାତାୟାତରେ ହଇରାଣ ହେଉଛନ୍ତି।

ଏକାଧିକ ଦୁଇ ଚକିଆ ଗାଡି ଉକ୍ତ ପିଲେଟ୍‌ରେ ଖସଡା ଖାଇ ଦୁର୍ଘଟଣାଗ୍ରସ୍ତ ହେଉଥିବା ଖବର ରହିଛି । ପିଲେଟ୍ ଗୁଡିକୁ ସଂପୃକ୍ତ କମ୍ପାନୀ ପକ୍ଷରୁ ଝାଡୁ ମରାଯାଇ ରାସ୍ତା କଡରେ ଜମା କରି ରଖାଯାଉଥିବାରୁ ଅସୁବିଧା ହେଉଛି। ଅତୀତରେ ସହରରେ ଏହି ପିଲେଟ୍ ପଡିବା ଘଟଣାକୁ କେନ୍ଦ୍ର କରି ବିଭିନ୍ନ ସମୟରେ ରାସ୍ତା ରୋକୋ , ଜନଆନ୍ଦୋଳନ ହୋଇଥିଲା। ପ୍ରଶାସନ ପକ୍ଷରୁ ଏନେଇ କଡା ନିୟମ ଜାରି କରାଯାଇଥିଲା । ଚମ୍ପୁଆ ଉପଜିଲାପାଳ ପାରୁଲ୍ ପଟାୱାରୀ ସମ୍ପୃକ୍ତ ପରିବହନ ଠିକା ସଂସ୍ଥା ମାନଙ୍କ ଉପରେ କଟକଣା ଜାରି କରିଥିଲେ । ପରିବହନ ବେଳେ ଘୋଡଣି ଲଗାଇବା ଏବଂ ଟ୍ରକରୁ ଯେପରି ପିଲେଟ୍ ଗୋଲି ନଖସିବ ସେଥିପାଇଁ ଆବଶ୍ୟକ ବ୍ୟବସ୍ଥା ଗ୍ରହଣ କରି ପରିବହନ କରିବା ପାଇଁ ନିର୍ଦ୍ଦେଶ କରାଯାଇଥିଲା। ହେଲେ ବର୍ତ୍ତମାନ ଏହା ପ୍ରଶାସନର ନଜର ଆଢୁଆଳରେ ରହୁଥିବାରୁ ପରିବହନ ଠିକା ସଂସ୍ଥା ମାନେ ବେପରୁଆ ଭାବେ ପିଲେଟ୍ ପରିବହନ କରୁଛନ୍ତି। ଯାହା ଫଳରେ ସାଧାରଣ ଲୋକେ ହଇରାଣ ହେଉଛନ୍ତି। ତେଣେ କିଛି ପିଲେଟ ପରିବହନକାରୀ ସଂସ୍ଥା ଅଞ୍ଚଳର କେତେକ ଗୁଣ୍ଡା ଶ୍ରେଣୀୟ ଲୋକଙ୍କୁ ନିଯୁକ୍ତି ଦେଇ ସାଧାରଣ ଲୋକଙ୍କର ପ୍ରତିବାଦର ସ୍ୱରକୁ ଧମକ ଦେଇ ଦମନ କରୁଥିବା ଅଭିଯୋଗ ହୋଇଛି। ଏସମ୍ପର୍କରେ ଯୋଡାର ବରିଷ୍ଠ ନାଗରିକ ସୋମନାଥ ମହାନ୍ତି ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ, ପିଲେଟ୍ ଗୁଡିକ ବୃତ୍ତାକାର ହୋଇଥିବାରୁ ଗୋଡ ଖସିଯାଇ ବହୁ ଲୋକ ଆହତ ହେଉଛନ୍ତି। ପ୍ରଶାସନ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବା ପାଇଁ ଯୋଡା ଅଞ୍ଚଳବାସୀ ଦାବି କରିଛନ୍ତି।